# ଧରିତ୍ରୀ DHARITRI

ଧରିତ୍ରୀ 50 Years

ଭୁବନେଶ୍ୱର, ରବିବାର, ଜୁନ୍ ୯/୨୦୨୪ (୨୦ ପୃଷ୍ଠା+ଛୁଟିଦିନ) | Bhubaneswar, Sunday, June 9/2024 | Page 20 | ₹ 7.00

୫୦ଶ ଭାଗ ୧୯୫ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 50 ISSUE 195 | ମୂଲ୍ୟ₹୭/-




## ଅଭିନେତ୍ରୀ ହେବାକୁ ଚାହୁଁ ନ ଥିଲେ ସୋନମ

ବଲିଉଡ୍ ଅଭିନେତ୍ରୀ ସୋନମ କପୁର ପୂର୍ବରୁ ବହୁତ ମୋଟା ଥିବାରୁ ଅଭିନେତ୍ରୀ ହେବାରୁ ଚାହୁଁ ନ ଥିଲେ ବୋଲି ଶନିବାର ଏକ ସାକ୍ଷାତ୍‌କାରରେ କହିଛନ୍ତି।

୦୮

୨୦

## ସ୍ୱିଟେକ୍‌ଙ୍କୁ ଫ୍ରେଞ୍ଚ ଓପନ ଟାଇଟଲ

ଫ୍ରେଞ୍ଚ ଓପନ ଗ୍ରାଣ୍ଡସ୍ଲାମ ଟେନିସ ମହିଳା ସିଙ୍ଗଲ୍ସ ଟାଇଟଲ ହାସଲ କରିଛନ୍ତି ପୋଲାଣ୍ଡର ଇଗା ସ୍ୱିଟେକ୍।



## ଏନ୍‌ଇଇଟି ରେଜଲ୍ଟ ବିଭ୍ରାଟ: କମିଟି ଗଢ଼ିଲା କେନ୍ଦ୍ର

ନୂଆଦିଲ୍ଲୀ,୮।୬(ପି.ଟି.)

ଏନ୍‌ଇଇଟି-ୟୁଜି ମେଡିକାଲ ପ୍ରବେଶିକା ପରୀକ୍ଷାରେ କେତେଜଣ ଛାତ୍ରୀଛାତ୍ରଙ୍କୁ ଅଧିକ ମାର୍କ ଦିଆଯିବାକୁ ନେଇ ବିବାଦ ସୃଷ୍ଟି ହୋଇଥିବାବେଳେ ଏହାର ସମୀକ୍ଷା ପାଇଁ ଶିକ୍ଷା ମନ୍ତ୍ରଣାଳୟ ୪ ଜଣିଆ କମିଟି ଗଠନ କରିଛି। ଏହି କମିଟି ୧,୫୦୦ରୁ ଊର୍ଦ୍ଧ୍ୱ ପରୀକ୍ଷାର୍ଥୀଙ୍କୁ ଦିଆଯାଇଥିବା ଗ୍ରେସ୍ ମାର୍କର ସମୀକ୍ଷା କରିବ ବୋଲି ପରୀକ୍ଷା ପରିଚାଳନାକାରୀ ସଂସ୍ଥା ନ୍ୟାଶନାଲ ଟେଷ୍ଟିଂ ଏଜେନ୍ସି (ଏନ୍‌ଟିଏ) ଶନିବାର କହିଛି। ୟୁପିଏସ୍‌ସିର ପୂର୍ବତନ ଚେୟାରମ୍ୟାନ୍‌ଙ୍କ ଅଧ୍ୟକ୍ଷତାରେ ଗଠିତ କମିଟି ଉକ୍ତ ପରୀକ୍ଷାର୍ଥୀଙ୍କ ଗ୍ରେସ୍ ମାର୍କର ସମୀକ୍ଷା କରି ସପ୍ତାହେ ମଧ୍ୟରେ ସୁପାରିସ ଦାଖଲ କରିବ। ସେହି ଅନୁଯାୟୀ ଉକ୍ତ ପରୀକ୍ଷାର୍ଥୀମାନଙ୍କ ଫଳାଫଳରେ ସଂଶୋଧନ କରାଯିବ ବୋଲି ଏନ୍‌ଟିଏ ମହାନିର୍ଦ୍ଦେଶକ ସୁବୋଧ କୁମାର ସିଂ ଏକ ଖବରଦାତା ସମ୍ମିଳନୀରେ କହିଛନ୍ତି। ଗ୍ରେସ୍ ମାର୍କ ପରୀକ୍ଷାର ଯୋଗ୍ୟତା ମାନଦଣ୍ଡକୁ ପ୍ରଭାବିତ କରିନାହିଁ। ପ୍ରଭାବିତ ପରୀକ୍ଷାର୍ଥୀଙ୍କ ରେଜଲ୍ଟ ସମୀକ୍ଷା ଦ୍ୱାରା ନାମଲେଖା ପ୍ରକ୍ରିୟା ପ୍ରଭାବିତ ହେବ ନାହିଁ ବୋଲି ସୁବୋଧ କହିଛନ୍ତି। ଏନ୍‌ସିଇଆର୍‌ଟି ପାଠ୍ୟପୁସ୍ତକରେ ପରିବର୍ତ୍ତନ ଏବଂ ପରୀକ୍ଷା କେନ୍ଦ୍ରରେ ପିଲାମାନେ ହରାଇଥିବା ସମୟ ପାଇଁ ଗ୍ରେସ୍ ମାର୍କ ଦିଆଯାଇଥିଲା, ଯାହା ସେମାନଙ୍କ ନମ୍ବର ବଢ଼ିବାର ଅନ୍ୟତମ କାରଣ ବୋଲି ଏନ୍‌ଟିଏ କହିଛି।

୬ଟି ପରୀକ୍ଷା କେନ୍ଦ୍ରରେ ପିଲାମାନଙ୍କ ସମୟ ନଷ୍ଟ ହୋଇଥିବାରୁ ସେମାନଙ୍କୁ ଗ୍ରେସ୍ ମାର୍କ ଦିଆଯାଇଥିଲା। ଫଳରେ ଅନ୍ୟ ପରୀକ୍ଷାର୍ଥୀ କ୍ଷତିଗ୍ରସ୍ତ ହେଲେ ବୋଲି କୁହାଯାଉଛି। ଉକ୍ତ ପରୀକ୍ଷାକେନ୍ଦ୍ରଗୁଡ଼ିକ ମେଘାଳୟ, ହରିୟାଣାର ବାହାଦୁରଗଡ଼, ଛତିଶଗଡ଼ର ଦାନ୍ତେୱାଡ଼ା ଓ ବାଲୋଧ, ଗୁଜରାଟର ସୁରଟ ଏବଂ ଚଣ୍ଡିଗଡ଼ରେ ରହିଛି। ଚଳିତ ବର୍ଷ ୨୪ ଲକ୍ଷରୁ ଊର୍ଦ୍ଧ୍ୱ ପିଲା ଏନ୍‌ଇଇଟି ପରୀକ୍ଷା ଦେଇଥିଲେ। ଗତ ୪ ତାରିଖରେ ଲୋକ ସଭା ନିର୍ବାଚନ ଫଳାଫଳ ଘୋଷଣା ଦିନ ଏନ୍‌ଇଇଟି ପରୀକ୍ଷା ଫଳ ପ୍ରକାଶ କରାଯିବାକୁ ନେଇ ପ୍ରଶ୍ନ ଉଠିଛି। ଏହି ପରୀକ୍ଷାରେ ୬୭ ଜଣ ପିଲା ୭୨୦ରୁ ୭୨୦ ନମ୍ବର ରଖି ପ୍ରଥମ ର୍ୟାଙ୍କ୍ ହାସଲ କରିଥିଲେ। ସେମାନଙ୍କ ମଧ୍ୟରେ ହରିୟାଣାର ଗୋଟିଏ ସେଣ୍ଟରର ୬ ଜଣ ରହିଛନ୍ତି। ଏତେ ସଂଖ୍ୟାରେ ପିଲା ୧୦୦ ପ୍ରତିଶତ ନମ୍ବର ରଖିବାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହେବା ସହ ମାର୍କିଂ ବ୍ୟବସ୍ଥାରେ ଅନିୟମିତତା ଅଭିଯୋଗ ହୋଇଛି।


ଆଜିର ସମ୍ପାଦକୀୟ

ମେଣ୍ଟ ସରକାର


# ଆଜି ଶପଥ, ସ୍ଥାୟିତ୍ୱ ନେଇ ପ୍ରଶ୍ନ

ନୂଆଦିଲ୍ଲୀ,୮।୬

ଭାରତୀୟ ଜନତା ପାର୍ଟି (ଭାଜପା) ନେତୃତ୍ୱାଧୀନ ଜାତୀୟ ଗଣତାନ୍ତ୍ରିକ ମେଣ୍ଟ (ଏନ୍‌ଡିଏ) ନେତା ନରେନ୍ଦ୍ର ମୋଦି ରବିବାର ସନ୍ଧ୍ୟା ୭ଟା ୧୫ରେ ଲଗାତର ତୃତୀୟ ଥର ପାଇଁ ପ୍ରଧାନମନ୍ତ୍ରୀ ରୂପେ ଶପଥ ନେବାକୁ ଯାଉଛନ୍ତି। ଏଥିଲାଗି ରାଷ୍ଟ୍ରପତି ଭବନରେ ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ଶପଥ ଗ୍ରହଣ ଉତ୍ସବରେ ଯୋଗଦେବା ପାଇଁ ମାଳଦ୍ୱୀପ, ଶ୍ରୀଲଙ୍କା, ବାଂଲାଦେଶ, ନେପାଳ, ଭୁଟାନ, ମରିସସ୍ ଓ ସିଚେଲ୍ସର ରାଷ୍ଟ୍ରମୁଖ୍ୟମାନଙ୍କୁ ନିମନ୍ତ୍ରଣ କରାଯାଇଛି। କିନ୍ତୁ ଦେଶ ଭିତରେ ବିରୋଧୀ ଦଳଗୁଡ଼ିକର ନେତାଙ୍କୁ ନିମନ୍ତ୍ରଣ କରାଯିବା ପରମ୍ପରାକୁ ଅଣଦେଖା କରାଯାଇ ସେମାନଙ୍କୁ ଡକାଯାଇନାହିଁ। ବିଦେଶୀ ନେତାଙ୍କୁ ନିମନ୍ତ୍ରଣ କରି ଇଣ୍ଡିଆନ୍ ନ୍ୟାଶନାଲ ଡେଭେଲପ୍‌ମେଣ୍ଟାଲ ଇନ୍‌କ୍ଲୁସିଭ୍ ଆଲାଏନ୍ସ (ଇଣ୍ଡିଆ) ନେତାଙ୍କୁ ନ ଡାକିବା ଦୁର୍ଭାଗ୍ୟଜନକ ବୋଲି କଂଗ୍ରେସ ସମାଲୋଚନା କରିଛି। ମୋଦି ତାଙ୍କ କ୍ଷମତା ରାଜନୀତିର ୨୨ ବର୍ଷର କ୍ୟାରିୟର ଭିତରେ ପ୍ରଥମ ଥର ପାଇଁ ବିନା ସଂଖ୍ୟାଗରିଷ୍ଠତାରେ ସରକାର ଚଳାଇବାକୁ ଯାଉଛନ୍ତି। ମେଣ୍ଟ ସରକାର ଚଳାଇବା ନେଇ ତାଙ୍କର କୌଣସି ପୂର୍ବ ଅଭିଜ୍ଞତା ନାହିଁ। ଏଭଳି ସ୍ଥିତିରେ ଏନ୍. ଚନ୍ଦ୍ରାବାବୁ ନାଇଡୁଙ୍କ ତେଲୁଗୁ ଦେଶମ୍ ପାର୍ଟି



ନରେନ୍ଦ୍ର ମୋଦି

(ଟିଡିପି), ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାରଙ୍କ ସଂଯୁକ୍ତ ଜନତା ଦଳ (ଜେଡିୟୁ) ଏବଂ ଅନ୍ୟ ସହଯୋଗୀ ଦଳଗୁଡ଼ିକ ଉପରେ ମୋଦିଙ୍କୁ ସବୁବେଳେ ନିର୍ଭର କରିବାକୁ ପଡ଼ିବ। ତେଣୁ ମୋଦି ୩.୦ ସରକାରର ସ୍ଥାୟିତ୍ୱ ଉପରେ ପ୍ରଶ୍ନ ଉଠିଲାଣି।

ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ମୋଦିଙ୍କୁ ଅଭିନନ୍ଦନ ଜଣାଇବାକୁ ମନା କରିଦେଇଛନ୍ତି। ତୃଣମୂଳ କଂଗ୍ରେସ (ଟିଏମ୍‌ସି) ସୁପ୍ରିମୋ ମମତା କହିଛନ୍ତି, ସଂଖ୍ୟାଗରିଷ୍ଠତା ପାଇ ନ ଥିବା ଏକ ଅସାମ୍ବିଧାନିକ ଓ ବେଆଇନ ଦଳକୁ ସେ ଶୁଭେଚ୍ଛା ଜଣାଇପାରିବେ ନାହିଁ। ଇଣ୍ଡିଆ ବ୍ଲକ୍ ସରକାର ଗଠନ ପାଇଁ ଦାବି ଜଣାଇନାହିଁ। କିନ୍ତୁ ଆଗାମୀ ଦିନରେ ଜଣାଇପାରେ। କିଛି ସମୟ ଅପେକ୍ଷା କରାଯାଉ। କିଛି ଦିନ ଭିତରେ ଇଣ୍ଡିଆ ବ୍ଲକ୍ ସରକାର ଗଢ଼ିବ। ଲୋକ ସଭା ନିର୍ବାଚନରେ ମୋଦି ଦୁଇ-ତୃତୀୟାଂଶ ସଂଖ୍ୟାଗରିଷ୍ଠତା ପାଇବେ ବୋଲି ଆଶା କରିଥିଲେ। କିନ୍ତୁ ସରକାର ଗଢ଼ିବା ପାଇଁ ଆବଶ୍ୟକ ମ୍ୟାଜିକ୍ ନମ୍ବର ୨୭୨ ଛୁଇଁପାରିଲେ ନାହିଁ। ତାଙ୍କ ଦଳକୁ ମାତ୍ର ୨୪୦ ଆସନ ମିଳିଛି, ଯାହାକି କୁହୁକ ସଂଖ୍ୟାଠାରୁ ୩୨ କମ୍। ଦୁଇ-ତୃତୀୟାଂଶ ସଂଖ୍ୟାଗରିଷ୍ଠତା ବିନା ଏକ ଦୁର୍ବଳ ଓ ଅସ୍ଥିର ସରକାର କିପରି ସମ୍ବିଧାନ ସଂଶୋଧନ କରି ବିଲ୍‌ଗୁଡ଼ିକୁ ପାସ୍ କରାଇବ ବୋଲି ମମତା ପ୍ରଶ୍ନ କରିଛନ୍ତି। ସେହିପରି ଜମ୍ମୁ-କଶ୍ମୀରର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ନ୍ୟାଶନାଲ କନ୍‌ଫରେନ୍ସ (ଏନ୍‌ସି) ମୁଖ୍ୟ ଫାରୁକ୍ ଅବ୍‌ଦୁଲ୍ଲା କହିଛନ୍ତି, ଏହି ସରକାରର କୌଣସି ସ୍ଥାୟିତ୍ୱ ନାହିଁ। ଆଗକୁ କ'ଣ ହେଉଛି ଦେଖାଯାଉ। ଛତିଶଗଡ଼ର ପୂର୍ବତନ ମୁଖ୍ୟମନ୍ତ୍ରୀ ଭୂପେଶ ବଘେଲ କହିଛନ୍ତି, ଏହି ସରକାର ବର୍ଷେ ତିଷ୍ଠିବ ନାହିଁ। ଦେଶରେ ୬ ମାସରୁ ବର୍ଷକ ଭିତରେ ମଧ୍ୟବର୍ତ୍ତିକାଳୀନ ନିର୍ବାଚନ ହେବ ବୋଲି ସେ ଭବିଷ୍ୟବାଣୀ କରିଛନ୍ତି। ଏଥିପାଇଁ କଂଗ୍ରେସ ନେତା ଓ କର୍ମୀ ପ୍ରସ୍ତୁତ ହୋଇ ରୁହନ୍ତୁ ବୋଲି ବଘେଲ ପରାମର୍ଶ ଦେଇଛନ୍ତି।

ଇତିମଧ୍ୟରେ ପାକିସ୍ତାନ ମଧ୍ୟ ମୋଦିଙ୍କୁ ଅଭିନନ୍ଦନ ଜଣାଇବାକୁ ମନା କରିଦେଇଛି। ପାକିସ୍ତାନ ବହିର୍ବ୍ୟାପାର ☞ପୃଷ୍ଠା-୪

### ଇଣ୍ଡିଆ ମେଣ୍ଟ ନେତାଙ୍କୁ ଡାକିଲେନାହିଁ

ନରେନ୍ଦ୍ର ମୋଦି ରବିବାର ସନ୍ଧ୍ୟାରେ ରାଷ୍ଟ୍ରପତି ଭବନରେ ତୃତୀୟ ଥର ପାଇଁ ପ୍ରଧାନମନ୍ତ୍ରୀ ଭାବେ ଶପଥ ନେବେ। ଶପଥ ଗ୍ରହଣ ଉତ୍ସବକୁ ଅନେକ ଅନ୍ତର୍ଜାତୀୟ ନେତା ଏବଂ ଦେଶର ବହୁ ମାନ୍ୟଗଣ୍ୟ ବ୍ୟକ୍ତିମାନଙ୍କୁ ନିମନ୍ତ୍ରଣ କରାଯାଇଛି। କିନ୍ତୁ ବିରୋଧୀ 'ଇଣ୍ଡିଆ' ମେଣ୍ଟର ନେତାମାନଙ୍କୁ ଏଥିରେ ସାମିଲ ହେବାକୁ ଡକାଯାଇନାହିଁ। ଏହାକୁ ନେଇ କଂଗ୍ରେସ ସାଧାରଣ ସମ୍ପାଦକ ଜୟରାମ ରମେଶ ଅସନ୍ତୋଷ ପ୍ରକାଶ କରିଛନ୍ତି। ସେ କହିଛନ୍ତି, ବିଦେଶୀ ଅତିଥିମାନଙ୍କୁ ଶପଥ ଗ୍ରହଣ ଉତ୍ସବକୁ ଡକାଯାଇଛି। ଆମକୁ ନିମନ୍ତ୍ରଣ କରାଗଲେ ସାମିଲ ହେବା ନେଇ ଚିନ୍ତା କରିବୁ ବୋଲି ସେ କହିଛନ୍ତି।




ନନ୍ଦିନୀ ଶତପଥୀଙ୍କ ୯୩ତମ ଜୟନ୍ତୀ

ଅବସରରେ ଧରିତ୍ରୀ ପରିବାରର ବିନମ୍ର ପ୍ରଣତି

ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ

ତାରିଖ : ୦୯ | ୦୬ | ୨୦୨୪, ସକାଳ ୮ ଘଟିକା

ସ୍ଥାନ : ନନ୍ଦିନୀ ଶତପଥୀ ଛକ, ରାଜଭବନ ନିକଟସ୍ଥ ଏଲ୍‌ଆଇସି ଅଫିସ ସାମ୍ନା







କେନ୍ଦୁଝର ଜିଲା ଚମ୍ପୁଆ ରେଞ୍ଜ ରେଙ୍ଗାଲଗୁଡ଼ା ଗ୍ରାମ ନିକଟ ଏକ ଜଳାଶୟରେ ହାତୀପଲ ଜଳକ୍ରୀଡ଼ା କରୁଛନ୍ତି। (ଫଟୋ- ନରେଶ ଚନ୍ଦ୍ର ପଟ୍ଟନାୟକ)

## ପାଣ୍ଡିଆନ ଖେଳିଲେ ପୁତୁରା କାର୍ଡ

ଭୁବନେଶ୍ୱର,୮।୬(ଅନିଲ ଦାସ)

ବିଜେଡିର ପରାଜୟ ପରେ ଦଳ ଭିତରେ ଅସନ୍ତୋଷ ତେଜିବାରେ ଲାଗିଛି। ବରିଷ୍ଠ ନେତାମାନେ ଏ



ଅରୁଣ ପଟ୍ଟନାୟକ

ପର୍ଯ୍ୟନ୍ତ ପାଟି ଫିଟାଇ ନ ଥିବା ବେଳେ ଏହି ନିର୍ବାଚନରେ ମୁଖ୍ୟ ଭୂମିକା ନେଇଥିବା କାର୍ତ୍ତିକ ପାଣ୍ଡିଆନଙ୍କୁ ଦଳର ମଧ୍ୟମ ବର୍ଗ ନେତା ଓ ତଳ ସ୍ତରର କର୍ମୀମାନେ ପ୍ରବଳ ବିରୋଧ କରିବା ଆରମ୍ଭ କରିଛନ୍ତି। ଦଳର ଯୁବ ଓ ଛାତ୍ର କର୍ମୀମାନେ ଏହି ପରାଜୟ ପାଇଁ ପାଣ୍ଡିଆନଙ୍କୁ ଦାୟୀ କରି ଶଙ୍ଖ ଭବନରେ ପୂରାଇ ନ ଦେବାକୁ ଚେତାବନୀ ଦେଇଛନ୍ତି। ଏପରି କି ପାଣ୍ଡିଆନଙ୍କ ପାଇଁ ଖବରଦାତା ସମ୍ମିଳନୀ ନ କରିବାକୁ ଦଳର ମୁଖପାତ୍ରମାନଙ୍କୁ ମଧ୍ୟ ସତର୍କ କରାଇଛନ୍ତି। କେବଳ ତଳସ୍ତର କର୍ମୀ ନୁହନ୍ତି ଆଗାମୀ ଦିନରେ ଉପର ସ୍ତରର ନେତାମାନେ ବିରୋଧ କରିବେ ବୋଲି ରାଜନୀତି ବିଶାରଦ ମତ ଦେଲେଣି।

ଦଳରୁ ବିରୋଧ ହେବା ଜାଣି ଶନିବାର ବିଜେଡି ସଭାପତି ନବୀନ ପଟ୍ଟନାୟକ ☞ପୃଷ୍ଠା-୪

# ରାହୁଲ ହେବେ ବିରୋଧୀ ଦଳ ନେତା

ନୂଆଦିଲ୍ଲୀ,୮।୬

କଂଗ୍ରେସ କାର୍ଯ୍ୟକାରୀ କମିଟି (ସିଡବ୍ଲ୍ୟୁସି)ର ବୈଠକ ଶନିବାର ବସି ଦଳର ନେତା ରାହୁଲ ଗାନ୍ଧୀଙ୍କୁ ଅଷ୍ଟାଦଶ ଲୋକ ସଭାର ବିରୋଧୀ ଦଳ ନେତା ଚୟନ ନିମନ୍ତେ ଏକ ପ୍ରସ୍ତାବ ସର୍ବସମ୍ମତିକ୍ରମେ ଗୃହୀତ ହୋଇଯାଇଛି। ରାହୁଲ ଏହା ଉପରେ ବିଚାର କରି ତୁରନ୍ତ ନିଷ୍ପତ୍ତି ନେବେ ବୋଲି କହିଥିବା ଖବରଦାତା ସମ୍ମିଳନୀରେ ସାଧାରଣ ସମ୍ପାଦକ କେ.ସି. ବେଣୁଗୋପାଳ ସୂଚନା ଦେଇଛନ୍ତି। ସିଡବ୍ଲ୍ୟୁସି ପ୍ରସ୍ତାବରେ ଲୋକ ସଭା ନିର୍ବାଚନ ପ୍ରଚାରରେ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ, ସୋନିଆ ଗାନ୍ଧୀ, ରାହୁଲ ଗାନ୍ଧୀ ଓ ପ୍ରିୟଙ୍କା ଗାନ୍ଧୀ ଭଦ୍ରାଙ୍କ ଭୂମିକାକୁ ପ୍ରଶଂସା କରାଯାଇଥିଲା। ଭାରତ ଯୋଡ଼ୋ ଯାତ୍ରା ଏବଂ ନ୍ୟାୟ ଯାତ୍ରା ଜରିଆରେ ରାହୁଲ ଦେଶବାସୀଙ୍କ ସହ



ରାହୁଲ ଗାନ୍ଧୀ

ଯୋଡ଼ି ହୋଇଥିବାବେଳେ ନିର୍ବାଚନ ପ୍ରଚାର ବେଳେ ସେ ଶତାଧିକ ରାଲି ଓ ରୋଡ୍‌ଶୋ' କରିଥିଲେ, ଯାହା ଲକ୍ଷାଧିକ କଂଗ୍ରେସ କର୍ମୀ ଓ କୋଟି କୋଟି ଭୋଟରଙ୍କ ମଧ୍ୟରେ ଆଶା ଓ ଆସ୍ଥା ଆଣିଥିଲା ବୋଲି ପ୍ରସ୍ତାବରେ କୁହାଯାଇଛି। ପ୍ରସ୍ତାବରେ କଂଗ୍ରେସର ପଞ୍ଚ ନ୍ୟାୟ ବା ୫ ଗ୍ୟାରେଣ୍ଟି କାର୍ଯ୍ୟକ୍ରମକୁ ମଧ୍ୟ ପ୍ରଶଂସା କରାଯାଇଛି।

ସିଡବ୍ଲ୍ୟୁସି ବୈଠକରେ ଲୋକ ସଭା ନିର୍ବାଚନରେ କଂଗ୍ରେସର ପ୍ରଦର୍ଶନକୁ ଉଚ୍ଚ ପ୍ରଶଂସା କରାଯାଇଛି। ନିର୍ବାଚନ ଫଳାଫଳ ପ୍ରଧାନମନ୍ତ୍ରୀଙ୍କର କେବଳ ଏକ ରାଜନୈତିକ କ୍ଷତି ନୁହେଁ, ବରଂ ବ୍ୟକ୍ତିଗତ ଏବଂ ନୈତିକ ପରାଜୟ ବୋଲି ସିଡବ୍ଲ୍ୟୁସି କହିଛି। କାରଣ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନିଜ ନାମରେ ହିଁ ଭୋଟ ମାଗିଥିଲେ। ଦେଶବାସୀ ଗତ ୧୦ ବର୍ଷର ଶାସନକୁ ପ୍ରତ୍ୟାଖ୍ୟାନ କରିଛନ୍ତି। ଫଳାଫଳ ବିଭାଜନକାରୀ ଏବଂ ଘୃଣା ରାଜନୀତିକୁ ପ୍ରତ୍ୟାଖ୍ୟାନ ପାଇଁ ଜନାଦେଶ ବୋଲି କଂଗ୍ରେସ ଅଧ୍ୟକ୍ଷ ଖାର୍ଗେ ବୈଠକରେ କହିଛନ୍ତି। ଇଣ୍ଡିଆ ବ୍ଲକ୍ ଉଭୟ ପାର୍ଲାମେଣ୍ଟ ଭିତରେ ଏବଂ ବାହାରେ ଏକାଠି କାର୍ଯ୍ୟ ଜାରି ରଖିବାକୁ ହେବ ବୋଲି ସେ ପରାମର୍ଶ ଦେଇଛନ୍ତି।

### ସୋନିଆ କଂଗ୍ରେସ ସଂସଦୀୟ ଦଳ ନେତ୍ରୀ



ସୋନିଆ ଗାନ୍ଧୀ

ପୂର୍ବତନ କଂଗ୍ରେସ ଅଧ୍ୟକ୍ଷା ସୋନିଆ ଗାନ୍ଧୀଙ୍କୁ ଶନିବାର ସର୍ବସମ୍ମତିକ୍ରମେ କଂଗ୍ରେସ ସଂସଦୀୟ ଦଳ ଅଧ୍ୟକ୍ଷା ଭାବେ ପୁନଃ ନିର୍ବାଚିତ କରାଯାଇଛି। ଦଳୀୟ ଏମ୍‌ପିମାନଙ୍କ ଏକ ବୈଠକରେ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ ସୋନିଆଙ୍କୁ ସଂସଦୀୟ ଦଳ ଅଧ୍ୟକ୍ଷ ପଦ ପାଇଁ ପ୍ରସ୍ତାବ ଦେଇଥିଲେ। ଏହାକୁ ଗୌରବ ଗୋଗୋଇ, କେ. ସୁଧାକରନ ଏବଂ ତାରିକ୍ ଅନ୍‌ୱର ସମର୍ଥନ ଜଣାଇଥିଲେ। ୭୭ ବର୍ଷୀୟ ସୋନିଆ ଗତ ଫେବୃଆରୀରେ ରାଜ୍ୟ ସଭାକୁ ନିର୍ବାଚିତ ହୋଇଥିଲେ। କଂଗ୍ରେସ ଏମ୍‌ପିମାନଙ୍କ ବୈଠକ ପୂର୍ବରୁ କଂଗ୍ରେସ କାର୍ଯ୍ୟକାରୀ କମିଟି (ସିଡବ୍ଲ୍ୟୁସି) ବୈଠକ ଅନୁଷ୍ଠିତ ହୋଇ ରାହୁଲ ଗାନ୍ଧୀଙ୍କୁ ଲୋକ ସଭାରେ ବିରୋଧୀ ଦଳ ନେତା କରିବା ପାଇଁ ପ୍ରସ୍ତାବ ଗୃହୀତ ହୋଇଥିଲା। ରାହୁଲ ଏହା ଉପରେ ତୁରନ୍ତ ନିଷ୍ପତ୍ତି ନେବେ ବୋଲି ଜଣାଇଛନ୍ତି। ଲୋକ ସଭା ନିର୍ବାଚନ ଫଳାଫଳ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ରାଜନୈତିକ ଓ ନୈତିକ ପରାଜୟ। ସେ ନେତୃତ୍ୱ ନେବାର ନୈତିକ ଅଧିକାର ହରାଇଥିବା ସୋନିଆ ସିପିପି ଅଧ୍ୟକ୍ଷ ନିର୍ବାଚିତ ହେବା ପରେ କହିଛନ୍ତି।

## ଓଡ଼ିଶା ଛୁଇଁଲା ମୌସୁମୀ

ଭୁବନେଶ୍ୱର, ୮।୬ (ଅସମାପିକା ସାହୁ)

ଗରମ, ଗୁଳୁଗୁଳିରେ ରାଜ୍ୟବାସୀ ଛଟପଟ ହେଉଥିବାବେଳେ ନିର୍ଦ୍ଧାରିତ ସମୟର ୪ଦିନ ପୂର୍ବରୁ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ଓଡ଼ିଶା ଛୁଇଁଛି। ଏହା ଶନିବାର ମାଲକାନଗିରି ଜିଲାରେ ପ୍ରବେଶ କରିଛି। ଜିଲାର ଅଧିକାଂଶ ଅଞ୍ଚଳରେ ମୌସୁମୀ ସକ୍ରିୟ ରହିଥିବା ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ସୂଚନା ଦେଇଛି। ତେବେ ମୌସୁମୀ ପ୍ରଭାବରେ ବର୍ଷା ଆରମ୍ଭ ହୋଇଛି। ଶୁକ୍ରବାର ରାତିଠାରୁ ମାଲକାନଗିରିର ବିଭିନ୍ନ ଅଞ୍ଚଳରେ ବର୍ଷା ଲାଗି ରହିଛି। ପର୍ଯ୍ୟାୟକ୍ରମେ ରାଜ୍ୟର ଅନ୍ୟ ଅଞ୍ଚଳରେ ମୌସୁମୀ ସକ୍ରିୟ ହେବ ବୋଲି ଆଞ୍ଚଳିକ ପାଣିପାଗ କେନ୍ଦ୍ର କହିଛି।

ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ସାଧାରଣତଃ ଜୁନ୍ ୧ ବେଳକୁ କେରଳ ଛୁଇଁଥାଏ। ଏହାର ୧୦-୧୨ ଦିନ ପରେ ଅର୍ଥାତ ଜୁନ୍ ଦ୍ୱିତୀୟ ସପ୍ତାହ କିମ୍ବା ୧୨/୧୩ ତାରିଖରେ ମୌସୁମୀ ଓଡ଼ିଶାରେ ପହଞ୍ଚିଥାଏ। କିନ୍ତୁ ଏଥର ଦୁଇଦିନ ଆଗରୁ ଗତ ୩୦ ତାରିଖରେ ମୌସୁମୀ କେରଳ ଉପକୂଳ ଛୁଇଁଥିଲା। ପରେ ଏହା ସମଗ୍ର ଦକ୍ଷିଣ ଆରବ ସାଗର, କେନ୍ଦ୍ରୀୟ ଆରବ ସାଗରର କିଛି ଅଂଶ, ଲାକ୍ଷାଦ୍ୱୀପ, କେରଳ ଉପକୂଳ ତଥା ଦକ୍ଷିଣ ଆଭ୍ୟନ୍ତରୀଣ କର୍ନାଟକ, ତାମିଲନାଡୁ ଏବଂ ବଙ୍ଗୋପସାଗରର କିଛି ଅଂଶ ଉପରେ ଅଗ୍ରଗତି କରିଥିଲା। କେରଳ ଛୁଇଁବାର ୮ ଦିନ ପରେ ମୌସୁମୀ ଓଡ଼ିଶା ପ୍ରବେଶ କରିଛି। ଏହା ପର୍ଯ୍ୟାୟକ୍ରମେ ରାଜ୍ୟର ଅନ୍ୟ ଅଞ୍ଚଳରେ ପ୍ରବେଶ କରିବ। ଫଳରେ ରାଜ୍ୟବାସୀ ତାତିରୁ ମୁକ୍ତି ପାଇବେ। ଗତ କିଛିଦିନ ହେବ ପ୍ରବଳ ଗରମରେ ଲୋକେ କଲବଲ ହେଉଛନ୍ତି। ଏପରିସ୍ଥିତିରେ ମୌସୁମୀ ଓଡ଼ିଶା ପ୍ରବେଶ କରିବା ଖବର ସମସ୍ତଙ୍କୁ ଆଶ୍ୱସ୍ତି ଦେଇଛି। ବିଶେଷକରି ଏଥର ରଜରେ ବର୍ଷା ସମ୍ଭାବନା ଥିବାରୁ ସମସ୍ତେ ଆନନ୍ଦର ସହ ଏହାକୁ ଧୁମ୍‌ଧାମ୍‌ରେ ପାଳନ କରିବା ପାଇଁ ଯୋଜନା ଆରମ୍ଭ କରିଦେଇଥିବା ଜଣାପଡିଛି। ସେପଟେ ଓଡ଼ିଶା ☞ପୃଷ୍ଠା-୪

# ଅନନ୍ୟା ନନ୍ଦିନୀ



ନନ୍ଦିନୀ ଶତପଥୀ, କେବଳ ଓଡ଼ିଶା ନୁହେଁ ଭାରତୀୟ ରାଜନୀତିର ଜଣେ ଅପ୍ରତିଦ୍ୱନ୍ଦ୍ୱୀ ଜନନାୟିକା। ଯାହାଙ୍କ ଅବଦାନରେ ଉଭୟ ରାଜନୀତି ଏବଂ ସାହିତ୍ୟ ବିଭିନ୍ନ ଭାବେ ପରିପୁଷ୍ଟ। ଓଡ଼ିଶାର ଏକମାତ୍ର ମହିଳା ମୁଖ୍ୟମନ୍ତ୍ରୀ ନନ୍ଦିନୀଙ୍କର ସ୍ୱପ୍ନ ଥିଲା ରାଜ୍ୟର ସାମଗ୍ରିକ ବିକାଶ। ସ୍ୱପ୍ନକୁ ବାସ୍ତବ ରୂପ ଦେବା ଲାଗି ସେ ଚଳାଇଥିଲେ ଆପ୍ରାଣ ଉଦ୍ୟମ, ଯାହାର ସୁଫଳ ଆଜି ପାଉଛନ୍ତି ରାଜ୍ୟବାସୀ। ରାଜନୀତି ଭଳି ଓଡ଼ିଆ ଭାଷାରେ ଭାରତୀୟ ସାହିତ୍ୟକୁ ସେ କରିଯାଇଛନ୍ତି ସମୃଦ୍ଧ। ଓଡ଼ିଆ ସାହିତ୍ୟକୁ ଉଲ୍ଲେଖନୀୟ ଅବଦାନ ପାଇଁ ‘ଓଡ଼ିଶା ସାହିତ୍ୟ ଏକାଡେମୀ’, ‘କେନ୍ଦ୍ର ସାହିତ୍ୟ ଏକାଡେମୀ’ ଓ ‘ସାହିତ୍ୟ ଭାରତୀ’ ସମ୍ମାନରେ ସେ ସମ୍ମାନିତା।



ବିଶିଷ୍ଟ ବଲିଉଡ୍ ଅଭିନେତା ସଞ୍ଜୀବ କୁମାରଙ୍କ ସହ ନନ୍ଦିନୀ।



ସଙ୍ଗୀତ ସୁଧାକର ବାଳକୃଷ୍ଣ ଦାଶଙ୍କ ସହ



ଲଦାଖର ସ୍ଥାନୀୟ ମହିଳାଙ୍କ ସହ





ରାଜ୍ୟ ଭବିଷ୍ୟନିଧି ଭବନ ଉଦ୍‌ଘାଟନ ଅବସରରେ

## ରାଜ୍ୟ ଖବର

# ଆଶିଷ ସିଂ ସୁସ୍ଥ, କାର୍ଯ୍ୟାନୁଷ୍ଠାନ ସୁପାରିସ

ଭୁବନେଶ୍ୱର,୮।୬(ଅନିଲ ଦାସ)

୨୦୧୦ ବ୍ୟାଚ୍ ଆଇପିଏସ୍ ଅଫିସର ଆଶିଷ କୁମାର ସିଂ ଶାରୀରିକ ଓ ମାନସିକ ଭାବେ ସୁସ୍ଥ ଅଛନ୍ତି। ତାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ପାଇଁ ଗଠିତ ଭୁବନେଶ୍ୱର ଏମ୍ସର ଏକ ସ୍ୱତନ୍ତ୍ର ମେଡିକାଲ ବୋର୍ଡ ଭାରତର ନିର୍ବାଚନ କମିଶନଙ୍କୁ ଏଭଳି ରିପୋର୍ଟ ଦେଇଛନ୍ତି। ନିଜ ସ୍ୱାସ୍ଥ୍ୟକୁ ନେଇ ଭୁଲ ତଥ୍ୟ ଦେଇଥିବାରୁ ଆଶିଷ ସିଂଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ରାଜ୍ୟ ମୁଖ୍ୟ ଶାସନ ସଚିବଙ୍କୁ ନିର୍ବାଚନ କମିଶନ ସୁପାରିସ କରିଛନ୍ତି।

ନିର୍ବାଚନ କମିଶନଙ୍କ ସଚିବ ରାକେଶ କୁମାର ମୁଖ୍ୟ ଶାସନ ସଚିବଙ୍କୁ ଲେଖିଥିବା ଚିଠିରେ ଉଲ୍ଲେଖ କରିଛନ୍ତି ଯେ ଆଇପିଏସ୍ ଅଫିସର ଆଶିଷ ସିଂ ଉଭୟ ଶାରୀରିକ ଓ ମାନସିକ ସ୍ତରରେ ସୁସ୍ଥ ଅଛନ୍ତି। ଭୁବନେଶ୍ୱର ଏମ୍ସର ସ୍ୱତନ୍ତ୍ର ମେଡିକାଲ ବୋର୍ଡ ଏନେଇ ରିପୋର୍ଟ ଦେଇଛନ୍ତି। ଆଶିଷଙ୍କ ବିରୋଧରେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ପାଇଁ ମୁଖ୍ୟ ଶାସନ ସଚିବଙ୍କ ନିକଟକୁ ମେଡିକାଲ ବୋର୍ଡର ରିପୋର୍ଟକୁ ପଠାଇବା ପାଇଁ କୁହାଯାଇଛି।

### ଡି.ଏସ୍. କୁଟେଙ୍କ ଉପରୁ ନିଲମ୍ବନ ହଟିଲା



ଡି.ଏସ୍. କୁଟେ



ଆଶିଷ କୁମାର ସିଂ

ଅନ୍ୟପକ୍ଷରେ ୧୯୯୭ ବ୍ୟାଚ୍ ଆଇପିଏସ୍ ଅଫିସର ଡି.ଏସ୍. କୁଟେଙ୍କ ନିଲମ୍ବନକୁ ନିର୍ବାଚନ କମିଶନ ସର୍ତ୍ତମୂଳକ ଭାବେ ହଟାଇ ଦେଇଛନ୍ତି। ତେବେ ତାଙ୍କ ବିରୋଧରେ ନିର୍ବାଚନ କମିଶନ ପୂର୍ବରୁ ଦେଇଥିବା ନିର୍ଦ୍ଦେଶ ଅନୁସାରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଜାରି ରଖିବାକୁ ସର୍ତ୍ତ ରଖିଛନ୍ତି।

କୁଟେଙ୍କ ବିରୋଧରେ ବିଭାଗୀୟ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ପ୍ରକ୍ରିୟା ଯଦି ଆରମ୍ଭ ହୋଇଥାଏ, ତାହା କେବଳ ନିର୍ବାଚନ କମିଶନଙ୍କ ଅନୁମୋଦନରେ କରାଯିବ ବୋଲି ନିର୍ଦ୍ଦେଶ ଦିଆଯାଇଛି। ଏଥିସହିତ ମୁଖ୍ୟ ଶାସନ ସଚିବଙ୍କ ନିକଟରେ ରିପୋର୍ଟ କରିବାକୁ କୁଟେଙ୍କୁ କୁହାଯାଇଛି। ମୁଖ୍ୟ ଶାସନ ସଚିବ ତାଙ୍କୁ ଯେଉଁଠି ଉଚିତ ମଣିବେ ସେଠି ନିଯୁକ୍ତି ଦେଇପାରିବେ ବୋଲି ଚିଠିରେ ଉଲ୍ଲେଖ କରାଯାଇଛି।

ଉଲ୍ଲେଖଯୋଗ୍ୟ ଯେ ମେ’ ୨୮ ତାରିଖରେ କୁଟେଙ୍କୁ ଚାକିରିରୁ ନିଲମ୍ବନ କରାଯାଇଥିଲା। କୁଟେଙ୍କୁ ନୂଆଦିଲ୍ଲୀସ୍ଥିତ ଓଡ଼ିଶା ସରକାରଙ୍କ ମୁଖ୍ୟ ଆବାସିକ କମିଶନରଙ୍କ କାର୍ଯ୍ୟାଳୟରେ ହାଜର ହେବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଏଥିସହିତ କୁଟେଙ୍କ ବିରୋଧରେ ଥିବା ଚିଠା ଚାର୍ଜଶିଟ୍‌କୁ ରାଜ୍ୟ ମୁଖ୍ୟ ଶାସନ ସଚିବଙ୍କୁ ଦେବା ପାଇଁ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଡି.ଏସ୍. କୁଟେଙ୍କ ବିରୋଧରେ ଚାକିରି ସର୍ତ୍ତାବଳୀ ଅନୁସାରେ ଆବଶ୍ୟକ ଚାର୍ଜଶିଟ୍ ମେ’ ୩୦ତାରିଖ ସୁଦ୍ଧା ପ୍ରସ୍ତୁତ କରିବାକୁ ମଧ୍ୟ ମୁଖ୍ୟ ଶାସନ ସଚିବଙ୍କୁ ନିର୍ଦ୍ଦେଶ ଜାରି ହୋଇଥିଲା।

ଏଥିସହିତ ୨୦୧୦ ବ୍ୟାଚ୍ ଆଇପିଏସ୍ ଅଫିସର ଆଶିଷ କୁମାର ସିଂଙ୍କ ସ୍ୱାସ୍ଥ୍ୟାବସ୍ଥା ଏମ୍ସର ଏକ ସ୍ୱତନ୍ତ୍ର ଡାକ୍ତରୀ ଟିମ୍ ଦ୍ୱାରା ଯାଞ୍ଚ କରିବାକୁ ଭାରତର ନିର୍ବାଚନ କମିଶନ ନିର୍ଦ୍ଦେଶ ଦେଇଥିଲେ। ଆଶିଷ ମେ’ ୪ ତାରିଖରୁ ସ୍ୱାସ୍ଥ୍ୟ ଖରାପ ଥିବା ଦର୍ଶାଇ ଛୁଟିରେ ଥିଲେ। ସେ ନିର୍ବାଚନ କାର୍ଯ୍ୟରେ ସମ୍ପୃକ୍ତ ଥିବା ନେଇ କ୍ଷେତ୍ରସ୍ତରରୁ ବାରମ୍ବାର ଖବର ଆସୁଥିବାରୁ ତାଙ୍କ ସ୍ୱାସ୍ଥ୍ୟ ଯାଞ୍ଚ ପାଇଁ କମିଶନ ନିର୍ଦ୍ଦେଶ ଦେଇଥିଲେ।

# ୧୦ରେ ନୂଆ ସରକାର ଶପଥ ଗ୍ରହଣ

### ତଦାରଖ ପାଇଁ ଭୁବନେଶ୍ୱରରେ ଭାଜପାର ୨ ବରିଷ୍ଠ ନେତା

ଭୁବନେଶ୍ୱର,୮।୬(ଅନିଲ ଦାସ)

ଆସନ୍ତା ୧୦ ତାରିଖ ଅପରାହ୍ନରେ ଭାଜପା ସରକାର ଶପଥ ଗ୍ରହଣ ସମାରୋହ ଅନୁଷ୍ଠିତ ହେବ ବୋଲି ଦିଲ୍ଲୀରୁ ଫେରିବା ପରେ ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ କହିଛନ୍ତି । ରାଜ୍ୟର ମୁଖ୍ୟମନ୍ତ୍ରୀ କିଏ ହେବେ ଏବଂ କେଉଁମାନଙ୍କୁ ମନ୍ତ୍ରିମଣ୍ଡଳରେ ସ୍ଥାନ ମିଳିବ, ସେନେଇ ରାଜ୍ୟରେ ଚର୍ଚ୍ଚା ଚାଲିଛି। ମନମୋହନ କହିଛନ୍ତି, ଆଉ ୨ ଦିନ ଧୈର୍ଯ୍ୟ ଧରନ୍ତୁ, ଦଳର ସଂସଦୀୟ କମିଟି ନିଷ୍ପତ୍ତି ନେବ।

ଅନ୍ୟପକ୍ଷରେ ୧୦ ତାରିଖରେ ପୂର୍ବାହ୍ନରେ ଭାଜପାର ନବନିର୍ବାଚିତ ବିଧାୟକ ଦଳ ବୈଠକ ହେବ। ଏଥିରେ କେନ୍ଦ୍ରୀୟ ପର୍ଯ୍ୟବେକ୍ଷକମାନେ ନୂଆ ମୁଖ୍ୟମନ୍ତ୍ରୀଙ୍କ ନାମ ଶୁଣାଇବା ପରେ ବିଧିବଦ୍ଧ ଭାବେ ଘୋଷଣା କରାଯିବ।

### ସୋମବାର ପୂର୍ବାହ୍ନରେ ମୁଖ୍ୟମନ୍ତ୍ରୀ ନାଁ ଘୋଷଣା

ଶପଥ ଗ୍ରହଣ ସମାରୋହ ପାଇଁ ବିପୁଳ ଜନସମାଗମକୁ ଦୃଷ୍ଟିରେ ରଖି ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି। ଭୁବନେଶ୍ୱର ଜନତା ମୈଦାନରେ ଏସ୍‌ପିଜି ଟିମ୍ ସମେତ ଜଣେ ଡିଆଇଜି ର୍‍ୟାଙ୍କର ଅଧିକାରୀ ସୁରକ୍ଷା ବ୍ୟବସ୍ଥା ଯାଞ୍ଚ କରିଛନ୍ତି। ଖୋର୍ଦ୍ଧା ଜିଲାପାଳ, ଗୋଇନ୍ଦା ନିର୍ଦ୍ଦେଶକ, ପୋଲିସ କମିଶନର ଓ ଭୁବନେଶ୍ୱର ଡିସିପି ଉପସ୍ଥିତି ରହି ସୁରକ୍ଷା ବ୍ୟବସ୍ଥାର ତଦାରଖ କରୁଛନ୍ତି। ବିମାନବନ୍ଦର, ଭାଜପା କାର୍ଯ୍ୟାଳୟ, ଭିଭିଆଇପି ରହଣିସ୍ଥଳ ଓ ଶପଥ ଗ୍ରହଣସ୍ଥଳ ପର୍ଯ୍ୟନ୍ତ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି। ଏହାସହ ଟ୍ରାଫିକ୍ ଓ ପାର୍କିଂ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯିବ। ଏହି ଶପଥ ଗ୍ରହଣ କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସମେତ ଭାଜପା ଶାସିତ ରାଜ୍ୟର ମୁଖ୍ୟମନ୍ତ୍ରୀ, କେନ୍ଦ୍ରମନ୍ତ୍ରୀ ଓ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଏଥିସହ ମୁଖ୍ୟମନ୍ତ୍ରୀଙ୍କ ଶପଥ ଗ୍ରହଣ କାର୍ଯ୍ୟକ୍ରମ ତଦାରଖ ପାଇଁ ଶନିବାର ଭୁବନେଶ୍ୱରରେ ଭାଜପା ରାଜ୍ୟ କାର୍ଯ୍ୟାଳୟରେ ମଧ୍ୟପ୍ରଦେଶର ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ବିଶ୍ୱାସ କୈଳାସ ସାରଙ୍ଗ ଏବଂ ମଧ୍ୟପ୍ରଦେଶ ଭାଜପାର ପୂର୍ବତନ ସଂଗଠନ ମନ୍ତ୍ରୀ ଆଶୁତୋଷ ତିୱାରୀ ପହଞ୍ଚିଛନ୍ତି। ଏହି ଦୁଇ ନେତା ଭୁବନେଶ୍ୱରରେ ରହି କାର୍ଯ୍ୟକ୍ରମ ପରିଚାଳନା କରିବେ।

# କଲରାପତରିଆ ଆକ୍ରମଣ: ଫରେଷ୍ଟରଙ୍କ ସମେତ ୬ ଆହତ

### ୫ ଘଣ୍ଟା ପରେ ଧରାପଡ଼ିଲା ବାଘ

ଖଇରା, ୮।୬(ଉତ୍କଳବନ୍ଧୁ ପଣ୍ଡା)

ବାଲେଶ୍ୱର ଜିଲା ଖଇରା ଥାନା ନୟାଖଣ୍ଡି ପଞ୍ଚାୟତ ଅଧୀନ ଗଡଗ୍ରାମକୁ ଶନିବାର ସକାଳେ ପଶିଆସିଥିବା ଏକ କଲରାପତରିଆ ବାଘ ଆକ୍ରମଣରେ ଜଣେ ଫରେଷ୍ଟରଙ୍କ ସମେତ ୬ଜଣ ଆହତ ହୋଇଛନ୍ତି। କୁପାରୀରେ କାର୍ଯ୍ୟରତ ଫରେଷ୍ଟର କିଶୋର ଭୂୟାଁ ଖଇରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସାଧୀନ ଥିବା ବେଳେ ଅନ୍ୟମାନଙ୍କୁ ଖଇରାରେ ପ୍ରାଥମିକ ଚିକିତ୍ସା ପରେ ଭଦ୍ରକ ସ୍ଥାନାନ୍ତର କରାଯାଇଛି। ଆହତମାନେ ହେଲେ ଗଡ ଗ୍ରାମର ସତ୍ୟଭାମା ନାୟକ(୫୦), ରାଧାନାଥ ନାୟକ(୨୦), ଟଙ୍କଧର କେଶରୀ(୫୦), ନିରଞ୍ଜନ ମୁଖୀ(୪୫) ଓ ଅର୍ଜୁନପୁର ଗ୍ରାମର ପ୍ରଫୁଲ୍ଲ ଦାସ। ଦୀର୍ଘ ୫ଘଣ୍ଟା ପରିଶ୍ରମ ପରେ ବନବିଭାଗ ନିଶ୍ଚେତକ ଦେଇ ବାଘକୁ କାବୁ କରିବାରେ ସକ୍ଷମ ହୋଇଥିଲା। ବାଘକୁ ଶିମିଳିପାଳରେ ଛାଡି ଦିଆଯିବ ବୋଲି ବନବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।



ଅପରାହ୍ନରେ ସତ୍ୟଭାମା ନିଜ ସ୍ୱାମୀ ଗଣନାଥ ଓ ପୁଅ ରାଧାନାଥଙ୍କ ସହ ବାଡିରେ କାମ କରୁଥିବା ବେଳେ ବାଘଟି ହଠାତ୍ ଏକା ବୁଦାମୂଳରୁ ବାହାରି ସତ୍ୟଭାମାଙ୍କୁ ଆକ୍ରମଣ କରି ଖଣ୍ଡିଆଖାବରା କରିଥିଲା। ତାଙ୍କ ଚିତ୍କାର ଶୁଣି ଗଣନାଥ ଓ ରାଧାନାଥ ଜୋରରେ ଚିତ୍କାର କରିବାରୁ ବାଘଟି ପୁଣି ଲୁଚିଯାଇଥିଲା। ବନବିଭାଗକୁ ଖବର ଦିଆଯିବା ପରେ ଏସିଏଫ ଦିଗନ୍ତ ସବନଚାନ୍ଦ ଓ ସୋର ରେଞ୍ଜର ମନୋରଞ୍ଜନ ନାଇକଙ୍କ ନେତୃତ୍ୱରେ ଏକ ଟିମ୍ ଗ୍ରାମରେ ପହଞ୍ଚ ବାଘକୁ ଖୋଜାଖୋଜି କରିଥିଲେ। ଏହି ସମୟରେ ଗ୍ରାମବାସୀଙ୍କ ପାଟିଶୁଣି ପୁନର୍ବାର ବାଘ ଇତସ୍ତତ ହୋଇ ଦୌଡିବାକୁ ଲାଗିଥିଲା। ପ୍ରଥମେ ରାଧାକାନ୍ତ, ପରେ ସେଠାରେ ଉପସ୍ଥିତ ଥିବା ଗ୍ରାମବାସୀ ଟଙ୍କରଧର, ନିରଞ୍ଜନ ଓ ପ୍ରଫୁଲ୍ଲଙ୍କୁ ଆକ୍ରମଣ କରି ଗୁରୁତର କରିଥିଲା। ସେହିଭଳି ବାଘକୁ ଘଉଡାଇବାକୁ ଉଦ୍ୟମ କରୁଥିବା ବେଳେ ଫରେଷ୍ଟର କିଶୋର ଭୂୟାଁ ଆହତ ହୋଇଥିଲେ। ଗ୍ରାମବାସୀଙ୍କ ହୋହାଲ୍ଲା ଶୁଣି ବାଘଟି ମୁକୁନ୍ଦ ସେଠଙ୍କ ଗୁହାଳ ଘରେ ପଶିଯାଇଥିଲା। ସନ୍ଧ୍ୟାରୁ ବାରିପଦା ବନଖଣ୍ଡ ବିଭାଗରୁ ସ୍ୱତନ୍ତ୍ର ଟିମ୍ ଗ୍ରାମରେ ପହଞ୍ଚି ବାଘ ଧରିବା ପାଇଁ ପ୍ରୟାସ ଜାରି ରଖିଥିଲେ। ଶାରୀଶୁଆ ପାହାଡରେ ବାରମ୍ବାର ୱାଗନ ବ୍ଲାଷ୍ଟିଂ ଯୋଗୁ ବନ୍ୟପ୍ରାଣୀ ବହୁ ସମୟରେ ପାହାଡ ଆଖପାଖ ଗ୍ରାମକୁ ପଶି ଆସି ଧନଜୀବନ ହାନି କରୁଛନ୍ତି। କିଛିଦିନ ତଳେ ଶରଖିଆ ଓ ଅଘାପଦା ଗ୍ରାମକୁ ପଶିଆସିଥିବା ହରିଣ ଉଦ୍ଧାର କରାଯାଇ ଜଙ୍ଗଲରେ ଛଡାଯାଇଥିବା ବେଳେ ସଇଁ ଗ୍ରାମରୁ ଏକ ହରିଣ ମୃତ ଅବସ୍ଥାରେ ଉଦ୍ଧାର କରାଯାଇଥିଲା।

# ୨ବର୍ଷରେ ସରିବ ଜାତୀୟ ଅଭିଲେଖାଗାର ଡିଜିଟାଇଜେଶନ





ଭୁବନେଶ୍ୱର,୮।୬(ଶର୍ମିଷ୍ଠା ପାଣିଗ୍ରାହୀ)

ରାଜଧାନୀ ଭୁବନେଶ୍ୱରରେ ରାଜ୍ୟ ଅଭିଲେଖାଗାର ସହିତ ଜାତୀୟ ଅଭିଲେଖାଗାରର ଏକ ଆଞ୍ଚଳିକ ଶାଖା ରହିଛି। ମାତ୍ର ଏହି ଜାତୀୟ ଅଭିଲେଖାଗାର ସମ୍ପର୍କରେ ବହୁ ଲୋକ ଜାଣିନାହାନ୍ତି। ଏପରିକି ଦେଶରେ ମଧ୍ୟ ଅଭିଲେଖାଗାରଗୁଡ଼ିକର ବିଭିନ୍ନ ବିକାଶମୂଳକ କାମ ଅନ୍ୟ କ୍ଷେତ୍ର ତୁଳନାରେ ଟିକେ ପଛୁଆ ରହିଥିବା ଲକ୍ଷ୍ୟ କରାଯାଉଛି। ସଂରକ୍ଷଣ, ଅନୁସନ୍ଧାନ, ଗବେଷଣା, ଡିଜିଟାଲାଇଜେଶନ କ୍ଷେତ୍ରରେ କାମ ସବୁ ଏବେ ଆରମ୍ଭ ହେଉଛି। ସାରା ଦେଶରେ ଜାତୀୟ ଅଭିଲେଖାଗାରର ୪ଟି ଶାଖା ରହିଛି। ପୂର୍ବାଞ୍ଚଳ କ୍ଷେତ୍ରରେ ୧୨ଟି ରାଜ୍ୟକୁ ନେଇ ଭୁବନେଶ୍ୱର ଶାଖା କାର୍ଯ୍ୟ କରୁଛି, ଯେଉଁଠି ୧୧ତମ ଶତାବ୍ଦୀଠାରୁ ଆରମ୍ଭ କରି ବିଭିନ୍ନ ତଥ୍ୟ ରହିଛି। ଅନେକ ତାଳପତ୍ର ପୋଥିକୁ ସଂରକ୍ଷିତ କରି ସେଠାରେ ରଖାଯାଇଛି। କେବଳ ଓଡ଼ିଶା ନୁହେଁ, ଅନ୍ୟ ରାଜ୍ୟ ସମ୍ପର୍କିତ ତଥ୍ୟ ମଧ୍ୟ ଏହି ଅଭିଲେଖାଗାର ପ୍ରଦାନ କରେ। ଗତ ଏପ୍ରିଲରୁ ଏହି ଅଭିଲେଖାଗାରରେ ଡିଜିଟାଇଜେନ। ୨ବର୍ଷ ମଧ୍ୟରେ ଏହା ସରିବ। ୧ଲକ୍ଷ ପବ୍ଲିକ ରେକର୍ଡ, ୨୩୦୦ ବେସରକାରୀ କାଗଜପତ୍ର, ୨୦୦ କାଗଜ ପାଣ୍ଡୁଲିପି, ୪୫୦ ତାଳପତ୍ର ପୋଥିର ଡିଜିଟାଇଜେଶନ କାମ ଆଗେଇ ଚାଲିଛି। ପେଟେଣ୍ଟ ଡିଜାଇନ୍ସ, ପ୍ରତ୍ନତତ୍ତ୍ୱ ବିଭାଗ, ଡାକ ବିଭାଗ, ଖଣି ବିଭାଗ, ପାଣିପାଗ ବିଭାଗର ଦସ୍ତାବିଜ ସହ ଓଡ଼ିଶାର ସ୍ୱାଧୀନତା ସଂଗ୍ରାମୀ ଓ ଗୁରୁତ୍ୱପୂର୍ଣ୍ଣ ବ୍ୟକ୍ତିବିଶେଷ ଯଥା ରମା ଦେବୀ, ମାଳତୀ ଚୌଧୁରୀ, ମନମୋହନ ଚୌଧୁରୀ, ସୁରେନ୍ଦ୍ର ଦ୍ୱିବେଦୀ, ଅନ୍ନପୂର୍ଣ୍ଣା ମହାରଣା, ସୁରତ ଅଲି, ମାୟାଧର ମାନସିଂହ ପ୍ରମୁଖଙ୍କ ଦସ୍ତାବିଜ ସଂରକ୍ଷିତ ହୋଇରହିଛି। ପ୍ରାରମ୍ଭିକ ପର୍ଯ୍ୟାୟରେ ଏସବୁ ଦସ୍ତାବିଜ୍‌ର ଡିଜିଟାଇଜେଶନ ପ୍ରକ୍ରିୟା ଚାଲିଥିବା ସୂଚନା ଦିଆଯାଇଛି।

### ଆଜି ଅନ୍ତର୍ଜାତୀୟ ଅଭିଲେଖାଗାର ଦିବସ

ଏ ନେଇ ଅଭିଲେଖାଗାରର ସହକାରୀ ନିର୍ଦ୍ଦେଶକ ଡ. ସତ୍ୟନାରାୟଣ ମିଶ୍ର କହିଛନ୍ତି, ଅଭିଲେଖାଗାର ମୁଖ୍ୟ କାର୍ଯ୍ୟ ନେଇ ଅନେକେ ଏତେଟା ସଚେତନ ନୁହନ୍ତି। ଅଭିଲେଖାଗାରକୁ ନେଇ କିଭଳି ସଚେତନତା ସୃଷ୍ଟି ସହ ଅଧିକରୁ ଅଧିକ ଆକ୍ଟିଭିଟି ହେବ ସେଥିପାଇଁ ଆମେ ଏବେ ଧ୍ୟାନ ଦେଉଛୁ। ସେଥିପାଇଁ ୨ମାସ ହେବ ଏକ ମାସିକ ଆଲୋଚନାଚକ୍ରର ଆୟୋଜନ କରାଯାଉଛି। ଓଡ଼ିଶା ତଥା ବାହାରର ସ୍କଲାରମାନେ ଆସି ଏଠାରେ ଗବେଷଣା କରୁଛନ୍ତି। ଐତିହାସିକ ତଥ୍ୟ, ଦସ୍ତାବିଜ ସଂରକ୍ଷଣ ସହ ଡିଜିଟାଇଜେଶନ ଦିଗରେ ଏବେ ଅଧିକ ଫୋକସ୍ ଦେଉଛୁ। ଖୁବ୍‌ଶୀଘ୍ର ଘରେ କିମ୍ବା ବାହାରେ ରହୁଥିବା ସ୍କଲାରମାନେ ସହଜରେ ତଥ୍ୟ ପାଇପାରିବେ ବୋଲି ସେ କହିଛନ୍ତି।


Retirement
Better to plan, than to forget.
Plan for your retirement with SIP in Mutual Funds
To know more about Mutual Funds, contact your Mutual Fund Distributor or Investment Advisor today!
Visit mutualfundssahihai.com | Follow us on:
MUTUAL FUNDS
Sahi Hai
Mutual Fund investments are subject to market risks, read all scheme related documents carefully.

**ଆଜିର ମନ୍ତବ୍ୟ**
"ନିର୍ବାଚନ ଫଳାଫଳ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ରାଜନୈତିକ ଓ ନୈତିକ ପରାଜୟ। ସେ ନେତୃତ୍ୱ ନେବାର ନୈତିକ ଅଧିକାର ହରାଇଛନ୍ତି। –ସୋନିଆ ଗାନ୍ଧୀ, କଂଗ୍ରେସ ନେତ୍ରୀ

# ଆଜି କ'ଣ କେଉଁଠି

## ଭୁବନେଶ୍ୱର
- ଧରିତ୍ରୀ ପରିବାର ପକ୍ଷରୁ ପୂର୍ବତନ ମୁଖ୍ୟମନ୍ତ୍ରୀ ନନ୍ଦିନୀ ଶତପଥୀଙ୍କ ୯୩ତମ ଜୟନ୍ତୀ ଅବସରରେ ତାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ, ସ୍ଥାନ: ରାଜଭବନ ନିକଟ ଏଲ୍‌ଆଇସି ଅଫିସ ଛକସ୍ଥିତ ପ୍ରତିମୂର୍ତ୍ତିସ୍ଥଳ, ସମୟ: ସକାଳ ୮ଟା।
- ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ପୂର୍ବତନ ମୁଖ୍ୟମନ୍ତ୍ରୀ ନନ୍ଦିନୀ ଶତପଥୀଙ୍କ ୯୩ତମ ଜୟନ୍ତୀ, ସ୍ଥାନ: ରାଜଭବନ ଛକସ୍ଥିତ ପ୍ରତିମୂର୍ତ୍ତିସ୍ଥଳ, ସମୟ: ସକାଳ ୮ଟା।
- ଉତ୍କଳ ସମ୍ମିଳନୀ ପକ୍ଷରୁ ଓଡ଼ିଶାର ପ୍ରଥମ ମହିଳା ମୁଖ୍ୟମନ୍ତ୍ରୀ ନନ୍ଦିନୀ ଶତପଥୀଙ୍କ ଜୟନ୍ତୀ ଅବସରରେ ମାଲ୍ୟାର୍ପଣ କାର୍ଯ୍ୟକ୍ରମ, ସ୍ଥାନ: ନନ୍ଦିନୀ ଶତପଥୀ ଛକ, ରାଜ ଭବନ ପଛ ଏଲ୍‌ଆଇସି ଅଫିସ ପାଖ, ସମୟ: ସକାଳ ୮ଟା ୩୦।
- ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଶହୀଦ୍ ବୀର୍ସା ମୁଣ୍ଡାଙ୍କ ୧୨୪ତମ ପୂଣ୍ୟତିଥି, ସ୍ଥାନ: ମୈତ୍ରୀବିହାରସ୍ଥିତ ପ୍ରତିମୂର୍ତ୍ତିସ୍ଥଳ, ସମୟ: ସକାଳ ୮ଟା ୩୦।
- ଭୁବନେଶ୍ୱର ଫିଲ୍ମ ଫେଷ୍ଟିଭାଲ, ସ୍ଥାନ: ସୂଚନା ଭବନ, ସମୟ: ସକାଳ ୯ଟା ୪୫।
- ଆନ୍ତର୍ଜାତିକ ଅଭିଲେଖାଗାର ଦିବସ ଅବସରରେ ଆଲୋଚନାଚକ୍ର, ସ୍ଥାନ: ଜାତୀୟ ଅଭିଲେଖାଗାର, ରେକର୍ଡ ସେଣ୍ଟର, ସମ୍ମିଳନୀ କକ୍ଷ, ମଧୁସୂଦନ ନଗର, ସମୟ: ପୂର୍ବାହ୍ନ ୧୦ଟା।
- ୱଣ୍ଡର ଫେଷ୍ଟ ରଜ ପସରା, ସ୍ଥାନ: ହୋଟେଲ ପ୍ରେସିଡେନ୍ସି, ନୟାପଲ୍ଲୀ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଆନ୍ତର୍ଜାତିକ ଅଭିଲେଖାଗାର ଦିବସ, ସ୍ଥାନ: ଓଡ଼ିଶା ରାଜ୍ୟ ଅଭିଲେଖାଗାର ପରିସର, ସମୟ: ପୂର୍ବାହ୍ନ ୧୧ଟା।
- ଡ. ଦେବବ୍ରତ ଦାଶଙ୍କ ଗଳ୍ପ ସଂକଳନ 'ରାଧାନାନୀ'ର ଲୋକାର୍ପଣ ଉତ୍ସବ, ସ୍ଥାନ: ଭାରତୀୟ ବିଦ୍ୟା ଭବନ, ସମୟ: ସନ୍ଧ୍ୟା ୬ଟା।
- ସୋମନାଥ ଯାତ୍ରା କମିଟି ପକ୍ଷରୁ ଯାତ୍ରା ମହୋତ୍ସବ, ସ୍ଥାନ–ଢାଉଆ, ସମୟ: ରାତ୍ର ୯ଟା।

## କଟକ
- ଶ୍ରୀ କୁମାର ଭାଇଙ୍କ ୩୧ତମ ବାର୍ଷିକ ଶ୍ରଦ୍ଧାଞ୍ଜଳି ଉତ୍ସବ ଓ ସର୍ବଧର୍ମ ସମନ୍ୱୟ ଦିବସ ସଭା, ସ୍ଥାନ: ବିଡାନାସୀସ୍ଥିତ ଶୋଭନୀୟ ଶିକ୍ଷାଶ୍ରମ ପରିସର, ସମୟ: ସନ୍ଧ୍ୟା ୬ଟା।
- ଦି ୟୁନିଭର୍ସ ପକ୍ଷରୁ ଆମେ ଓ ଆମ ପରିବେଶ ଶୀର୍ଷକ ଆଲୋଚନାସଭା, ସ୍ଥାନ: ଦି ୟୁନିଭର୍ସ ସମ୍ମିଳନୀ କକ୍ଷ, ମୈତ୍ରୀସରଣୀ, ସମୟ: ସନ୍ଧ୍ୟା ୬ଟା ୩୦।
- କବି ଗୋପାଳ ଦାଶଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ସମାରୋହ, ସ୍ଥାନ: କଟକ ବାଖରାବାଦସ୍ଥିତ ଗାନ୍ଧୀ ଭବନ, ସମୟ: ସନ୍ଧ୍ୟା ୬ଟା ୩୦।

## ପୁରୀ
- ହାପିନେସ ଫାଉଣ୍ଡେଶନ ପକ୍ଷରୁ ରକ୍ତଦାନ ଶିବିର, ସ୍ଥାନ: ଗୋପବନ୍ଧୁ ଆୟୁର୍ବେଦ କଲେଜ ସମ୍ମିଳନୀ କକ୍ଷ, ପୁରୀ, ସମୟ: ସକାଳ ୮ଟା
- ଜାତୀୟସ୍ତରୀୟ କଳା ପ୍ରଦର୍ଶନୀ, ସ୍ଥାନ: ରିଜିଓନାଲ ଆର୍ଟ ଗ୍ୟାଲେରୀ ସଂସ୍କୃତି ଭବନ, ପୁରୀ, ସମୟ: ପୂର୍ବାହ୍ନ ୧୦ଟା।
- ଶ୍ରୀକ୍ଷେତ୍ର ରଜ ମହୋତ୍ସବ କମିଟି ପକ୍ଷରୁ ବୈଠକ, ସ୍ଥାନ: ବୁଢ଼ୀମା କଲ୍ୟାଣ ମଣ୍ଡପ, ପୁରୀ, ସମୟ: ଅପରାହ୍ନ ୧ଟା।
- ସିନିୟର୍ ଜାତୀୟ ହାମରବଲ ପ୍ରତିଯୋଗିତାର ଉଦ୍‌ଘାଟନୀ ଉତ୍ସବ, ସ୍ଥାନ: ଶ୍ରୀଜଗନ୍ନାଥ ଷ୍ଟାଡ଼ିୟମ, ପୁରୀ, ସମୟ: ଅପରାହ୍ନ ୪ଟା।
- ଲିଙ୍ଗରାଜ କଳା ନିକେତନର ବାର୍ଷିକ ଉତ୍ସବ, ସ୍ଥାନ: ପୁରୀ ପୌରସଦନ, ସମୟ: ସନ୍ଧ୍ୟା ୬ଟା।

## ଖୋର୍ଦ୍ଧା
- ଅନ୍ତର୍ଜାତୀୟ ଆଦିବାସୀ ଯୁବ ସାଂସ୍କୃତିକ ମହୋତ୍ସବ, ସ୍ଥାନ: ପଲଟଣ ପଡ଼ିଆ, ବାଣପୁର, ସମୟ: ସନ୍ଧ୍ୟା ୭ଟା।

## ବାଲେଶ୍ୱର
- ନୃତ୍ୟ ସଙ୍ଗୀତ କଳାମନ୍ଦିର ସମ୍ବର୍ଦ୍ଧନା ଉତ୍ସବ, ସ୍ଥାନ: ଟାଉନ ହଲ୍, ବାଲେଶ୍ୱର, ସମୟ: ସନ୍ଧ୍ୟା ୭ଟା।

## ଭଦ୍ରକ
- ୯୩ତମ ନନ୍ଦିନୀ ଜୟନ୍ତୀ ପାଳନ, ସ୍ଥାନ: ଧରିତ୍ରୀ ଅଫିସ, ଭଦ୍ରକ, ସମୟ: ସକାଳ ୯ଟା।
- ପୂର୍ବତନ ମୁଖ୍ୟମନ୍ତ୍ରୀ ନନ୍ଦିନୀ ଶତପଥୀଙ୍କ ଜୟନ୍ତୀ ସମାରୋହ, ସ୍ଥାନ: ନୂଆବଜାର ଭାଗବତ କଲ୍ୟାଣ ମଣ୍ଡପ, ଭଦ୍ରକ, ସମୟ: ଅପରାହ୍ନ ୪ଟା ୩୦।
- ଦେବେନ୍ଦ୍ର ନାୟକଙ୍କ ଶ୍ରଦ୍ଧାଞ୍ଜଳି ସଭା, ସ୍ଥାନ: ଅର୍ଜ୍ଜୁନବିନ୍ଧା, ତିହିଡ଼ି, ସମୟ: ଅପରାହ୍ନ ୫ଟା।

## କେନ୍ଦୁଝର
- ଅଷ୍ଟମପ୍ରହର ନାମ ସଙ୍କୀର୍ତ୍ତନ, ସ୍ଥାନ: ଜଳକଲଙ୍ଗ, ହାଟଡିହୀ, ସମୟ: ସକାଳ ୫ ଟା।
- ଅଷ୍ଟମପ୍ରହର ନାମ ସଙ୍କୀର୍ତ୍ତନ ଏବଂ ନଗର ପରିକ୍ରମା, ସ୍ଥାନ: କପୁଣ୍ଡି, ହାଟଡ଼ିହୀ, ସମୟ: ଅପରାହ୍ନ ୪ ଟା।
- ୩୭ତମ ରାଜ୍ୟ ହ୍ୟାଣ୍ଡବଲ ଚାମ୍ପିୟନଶିପ ଉଦ୍‌ଯାପନୀ ଉତ୍ସବ, ସ୍ଥାନ: କେନ୍ଦୁଝର ହ୍ୟାଣ୍ଡବଲ ଷ୍ଟାଡିୟମ, ସମୟ: ସନ୍ଧ୍ୟା ୭ଟା।
- ୧୯୯୭ ବ୍ୟାଚ୍ ବାଣିଜ୍ୟ ବିଭାଗ ଛାତ୍ରଙ୍କ ବନ୍ଧୁମିଳନ, ସ୍ଥାନ: ବଡବିଲ, କେନ୍ଦୁଝର, ସମୟ: ସନ୍ଧ୍ୟା ୭ ଟା।

## ମୟୂରଭଞ୍ଜ
- ଓଆର୍‌ଏସ୍ କର୍ନର, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର, ବାରିପଦା, ସମୟ: ସକାଳ ୯ଟା।
- 'ଆମେ ୮୦' ପକ୍ଷରୁ ଜଳସେବା, ସ୍ଥାନ: ପିଡବ୍ଲୁଡି ଅଫିସ୍ ସମ୍ମୁଖ, ବାରିପଦା, ସମୟ: ପୂର୍ବାହ୍ନ ୧୦ଟା।

## ବ୍ରହ୍ମପୁର
- ରକ୍ତଦାନ ଶିବିର, ସ୍ଥାନ: ସିଦ୍ଧାର୍ଥ ନଗର, ସମୟ: ପୂର୍ବାହ୍ନ ୧୦ଟା।

## ଗଞ୍ଜାମ
- ସ୍ୱାମୀ ବିବେକାନନ୍ଦ ସେବା ସଂଘ ପକ୍ଷରୁ ରକ୍ତଦାନ ଶିବିର, ସ୍ଥାନ: ଆଙ୍କୁଶପୁର ଆୟୁର୍ବେଦିକ କଲେଜ ପରିସର, ସମୟ: ସକାଳ ୭ଟା ୫୦।
- ନନ୍ଦିନୀ ଶତପଥୀ ଜୟନ୍ତୀ ସଭା, ସ୍ଥାନ: ଭଞ୍ଜନଗର ସୋମନାଥ ସରକାରୀ ଅଭ୍ୟାସ ମୌଳିକ ଉଚ୍ଚ ବିଦ୍ୟାଳୟ, ସମୟ: ସକାଳ ୮ଟା।
- ହନୁମାନ ବିଗ୍ରହଙ୍କ ପ୍ରାଣପ୍ରତିଷ୍ଠା, ସ୍ଥାନ: ଖଲ୍ଲିକୋଟ ସିଙ୍ଗଡ଼ାପଲ୍ଲୀ, ସମୟ: ସକାଳ ୮ଟା।
- ଭେଜିପୁଟ ଯାତ୍ରା ଉଦ୍‌ଯାପନ, ସ୍ଥାନ: ଭଞ୍ଜନଗର, ସମୟ: ସନ୍ଧ୍ୟା ୭ଟା।

## କନ୍ଧମାଳ
- ରାମଚରିତ ମାନସ ପାରାୟଣ, ପ୍ରବଚନ ଦ୍ୱିତୀୟ ଦିନ, ସ୍ଥାନ: ନୂଆଗାଁ ମାନସ ପଡିଆ, ସମୟ: ସକାଳ ୭ଟା, ସନ୍ଧ୍ୟା ୭ଟା।
- ମା' ନାରାୟଣୀଙ୍କ ଯାତ୍ରା ଉପଲକ୍ଷେ ମେଲୋଡି କାର୍ଯ୍ୟକ୍ରମ, ସ୍ଥାନ: ଫୁଲବାଣୀ କରୋନେସନ ପଡିଆ, ସମୟ ସନ୍ଧ୍ୟା ୭ଟା।
- ମା' ନାରାୟଣୀଙ୍କ ସାହି ପରିକ୍ରମା, ସ୍ଥାନ: ଫୁଲବାଣୀ ଡେଲି ମାର୍କେଟରୁ ଗୁଣ୍ଡିଚା ମାର୍କେଟ, ସମୟ–ସନ୍ଧ୍ୟା ୭ଟା।
- ଅପେରା ପରିବେଷଣ, ସ୍ଥାନ: କନ୍ଧମାଳ ଷ୍ଟାଡିୟମ, ସମୟ: ରାତି ୧୧ଟା।

## ଢେଙ୍କାନାଳ
- ନନ୍ଦନୀ ଶତପଥୀଙ୍କ ଜୟନ୍ତୀ ପାଳନ, ସ୍ଥାନ: ଆମ ପ୍ରତିଭା ଆମ ସମ୍ମାନ କାର୍ଯ୍ୟାଳୟ, ସମୟ: ସକାଳ ୬ଟା ୪୫।
- ନନ୍ଦିନୀ ଶତପଥୀଙ୍କ ଜୟନ୍ତୀ, ସ୍ଥାନ: ନନ୍ଦିନୀଦେବୀ ମୂକ ବଧିର ବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।

## ଜଗତ୍‌ସିଂହପୁର
- ଓଡ଼ିଶାର ପ୍ରଥମ ମହିଳା ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ନନ୍ଦିନୀ ଶତପଥୀଙ୍କ ୯୩ତମ ଜୟନ୍ତୀ, ସ୍ଥାନ: ପୁରୁଣାଗଡ଼ସ୍ଥିତ ପ୍ରଫୁଲ୍ଲ ପାଠାଗାର ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ମୁକ୍ତମଞ୍ଚ କଳା ସମ୍ପନ୍ନ ଉଦ୍‌ଯାପନୀ କାର୍ଯ୍ୟକ୍ରମ, ସ୍ଥାନ: ଜୟଦେବ ଭବନ, ବଡ଼ପଡ଼ିଆ, ପାରାଦୀପ, ସମୟ: ରାତି ୮ଟା।

## କେନ୍ଦ୍ରାପଡ଼ା
- ଶୀତଳଷଷ୍ଠୀ ଉପଲକ୍ଷେ ଗୀତାଯଜ୍ଞ, ସ୍ଥାନ: ଗର୍ତ୍ତେଶ୍ୱର ମହାଦେବ ପୀଠ, ରାଜନଗର, ସମୟ: ସକାଳ ୫ଟା।
- କେନ୍ଦ୍ରାପଡ଼ା ସାଇକେଲ କ୍ଲବ ପକ୍ଷରୁ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ପୁରୁଣା ବସ୍‌ଷ୍ଟାଣ୍ଡ, ସମୟ: ସକାଳ ୬ଟା।
- ନିର୍ବାଚିତ କେନ୍ଦ୍ରାପଡ଼ା ବିଧାୟକଙ୍କ ଧନ୍ୟବାଦ ପଦଯାତ୍ରା, ସ୍ଥାନ: ତିନିମୁହାଣୀ, କେନ୍ଦ୍ରାପଡ଼ା ସହର, ସମୟ: ଅପରାହ୍ନ ୪ଟା।
- ଶୀତଳଷଷ୍ଠୀ ଉପଲକ୍ଷେ ଗୀତାଯଜ୍ଞ, ସ୍ଥାନ: ଅମ୍ୱରେଶ୍ୱର ମହାଦେବ ପୀଠ, ଗୋପ, କେନ୍ଦ୍ରାପଡ଼ା ସହର, ସମୟ: ଅପରାହ୍ନ ୫ଟା।

## ଯାଜପୁର
- ବାର୍ଷିକ ଏନ୍‌ସିସି ପ୍ରଶିକ୍ଷଣ ଶିବିର, ସ୍ଥାନ: ବାବା ଭୈରବାନନ୍ଦ ସ୍ୱୟଂଶାସିତ କଲେଜ ପରିସର, ସମୟ: ପୂର୍ବାହ୍ନ ୯ଟା।
- ଅଖିଳ ଚକ୍ର ପକ୍ଷରୁ ପୂଜ୍ୟ କୁମାରଙ୍କ ପୂଣ୍ୟତିଥି ଅବସରରେ ସ୍ମୃତି ସଭା, ସ୍ଥାନ: ବିଞ୍ଝାରପୁର ଅରେଇ ନିକଟ ଗୁହାଳି ପୂର୍ଣ୍ୟାଶ୍ରମ, ସମୟ: ଅପରାହ୍ନ ୪ଟା।

## ନୟାଗଡ଼
- ବିଶ୍ୱଶାନ୍ତି ମହାଯଜ୍ଞ, ସ୍ଥାନ: ଖଣ୍ଡପଡ଼ା ବ୍ଲକ ବେଣାଗାଡିଆ ସୁଭଦ୍ରାଙ୍କ ଦାରୁ ସ୍ଥଳ, ସମୟ: ସକାଳ ସାଢ଼େ ୭ଟା।।
- ସଙ୍କୁଳସ୍ତରୀୟ ଆଚାର୍ଯ୍ୟା କର୍ମଶାଳାର ତୃତୀୟ ଦିବସ, ସ୍ଥାନ: ନୟାଗଡ଼ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ସମୟ: ସକାଳ ସାଢେ ୮ଟା।
- ଶିବ ବିବାହର ପର୍ବ ଅବସରରେ ଶିତଳ ଷଷ୍ଠୀ ଯାତ୍ରା ପାଇଁ ମଙ୍ଗନ ପର୍ବ, ସ୍ଥାନ: ଶରଣକୁଳ ଲଡୁବାବା ମନ୍ଦିର, ସମୟ: ସନ୍ଧ୍ୟା ୬ଟା।

## ନବରଙ୍ଗପୁର
- ସିଦ୍ଧି ବିନାୟକ ମନ୍ଦିର, ସ୍ୱାମୀ ଆୟାପ୍ପା, କାର୍ତ୍ତିକେଶ୍ୱର ମନ୍ଦିର ପୁନଃ ସ୍ୱରଚନା ଓ ନବନିର୍ମିତ କଲ୍ୟାଣ ମଣ୍ଡପ ପ୍ରତିଷ୍ଠା ମୋହତ୍ସବ ତୃତୀୟ ଦିବସ, ସ୍ଥାନ: ନବରଙ୍ଗପୁର ରାଜୁ ସାହି, ସମୟ: ସକାଳ ୬ଟା ୩୦।

## ସମ୍ବଲପୁର
- ସାଓଲିନ କୁଙ୍ଗ୍ ଉସୁ ଆସୋସିଏଶନ ଆୟୋଜିତ ମାଗଣା ପ୍ରଶିକ୍ଷଣ ଶିବିର, ସ୍ଥାନ : ଜିଲା ଜୁଡୋ ହଲ, ସମୟ : ସକାଳ ୭ଟା ।
- ଜିଲା କ୍ରୀଡା ସଂଘ ଆୟୋଜିତ ଜିଲାସ୍ତରୀୟ ନକ୍‌ଆଉଟ କ୍ରିକେଟ ଟୁର୍ଣ୍ଣାମେଣ୍ଟ, ସ୍ଥାନ : ବୀରସୁରେନ୍ଦ୍ର ସାଏ ଷ୍ଟାଡିୟମ, ସମୟ : ସକାଳ ୭ଟା।
- ସାକ୍ଷୀଗୋପିନାଥ ଆଗମନ କାର୍ଯ୍ୟକ୍ରମ, ସ୍ଥାନ : ନନ୍ଦପଡା, ସମୟ: ରାତି ୭ଟା।
- କିନ୍ନର ଫେସନ ଶୋ, ସ୍ଥାନ : ବଡବଜାର, ସମୟ ରାତି ୮ଟା।
- ଲୋକନାଥ ବାବାଙ୍କ ହନୁମାନ ନିଉତା, ସ୍ଥାନ : ଖାଡୁଆପଡା , ସମୟ : ରାତି ୭ଟା।
- ଜାଗେଶ୍ୱର ବାବାଙ୍କ ହନୁମାନ ନିଉତା, ସ୍ଥାନ : ମୁଦିପଡା, ସମୟ : ରାତି ୭ଟା।
- ସୋମନାଥ ବାବାଙ୍କ ହନୁମାନ ନିଉତା, ସ୍ଥାନ : ବାଲିବନ୍ଧା, ସମୟ: ରାତି ୭ଟା।
- ଶିତଲେଶ୍ୱର ବାବାଙ୍କ ହନୁମାନ ନିଉତା, ସ୍ଥାନ : ବଡବଜାର, ସମୟ : ରାତି ୮ଟା।
- ଗୁପ୍ତେଶ୍ୱର ବାବାଙ୍କ ହନୁମାନ ନିଉତା, ସ୍ଥାନ : ଠାକୁରପଡା, ସମୟ : ରାତି ୮ଟା।
- ବୁଢ଼ାରଜା ମହାଦେବଙ୍କ ହନୁମାନ ନିଉତା, ସ୍ଥାନ : ବୁଢ଼ାରଜା, ସମୟ : ରାତି ୮ଟା।

## ବଲାଙ୍ଗୀର
- ଗ୍ରୀଷ୍ମକାଳୀନ ଖୋଖୋ ତାଲିମ ଶିବିର, ସ୍ଥାନ: ଟାଉନ ବାଳିକ ଉଚ୍ଚ ବିଦ୍ୟାଳୟ ପଡିଆ, ବଲାଙ୍ଗୀର, ସମୟ: ସକାଳ ୬ଟା।
- ଶୀତଳଷଷ୍ଠୀ ଯାତ୍ରାରେ ଶ୍ରୀ ଶ୍ରୀ ସିଦ୍ଧେଶ୍ୱର ବାବାଙ୍କ ବିବାହ ଉତ୍ସବ ପାଇଁ ମାଟିପକା, ଦେବ ଗଣସନ, ସ୍ଥାନ: ଲାଲଟିକ୍ରା, ବଲାଙ୍ଗୀର, ସମୟ: ସକାଳ ୬ଟା ୪୭ ମିନିଟରୁ ୯ଟା ୧୧ ମିନଟ।

## ସୁବର୍ଣ୍ଣପୁର
- ନୀଳକଣ୍ଠେଶ୍ୱର ବାବାଙ୍କ ଶୀତଳଷଷ୍ଠୀ ଉତ୍ସବ ପାଇଁ ଦେବ ନିମନ୍ତ୍ରଣ, ସ୍ଥାନ: ତରଭା ସହରର ସମସ୍ତ ମନ୍ଦିର, ସମୟ: ସକାଳ ୮ଟା।
- ସୁବର୍ଣ୍ଣପୁର ଶୀତଳଷଷ୍ଠୀ ଯାତ୍ରାରେ ଅଳଙ୍କାର ଧାରଣ ଓ ବର ନିମନ୍ତ୍ରଣ, ସ୍ଥାନ: ସୋନପୁର ରାମକୃଷ୍ଣ ନଗର ସ୍ଥିତ କନ୍ୟା ମାତାପିତାଙ୍କ ବାସଭବନ, ସମୟ: ସକାଳ ୯ଟା।

## ରାଉରକେଲା
- ପରିବେଶ ସୁରକ୍ଷା ସଚେତନତା ଶିବିର, ସ୍ଥାନ: କଳ୍ପତରୁ ଆଶ୍ରମ, ବାସନ୍ତୀ କଲୋନୀ, ସମୟ: ସକାଳ ୮ଟା ୩୦।
- ଶିବବିବାହକୁ ନେଇ ଆଖଣ୍ଡଳମଣି ପୀଠରେ ପ୍ରସ୍ତୁତି ବୈଠକ, ସ୍ଥାନ: ଓରାମପଡା ଶିବ ମନ୍ଦିର, ସମୟ: ସନ୍ଧ୍ୟା ୬ଟା ୩୦।

## ସୁନ୍ଦରଗଡ଼
- ସାଥୀ ବନମାଳୀ ଧୂପାଳ ଚାରିଟେବୁଲ ଟ୍ରଷ୍ଟ ଦ୍ୱାରା ସଙ୍ଗଠିତ ମାଗଣା ମେଗା ସ୍ୱାସ୍ଥ୍ୟ ଶିବିର, ସ୍ଥାନ: ପଦମପୁର ୟୁଜି ହାଇସ୍କୁଲ, ପଦମପୁର, କୁଆଁରମୁଣ୍ଡା, ସମୟ: ସକାଳ ୮ଟା।

## ବରଗଡ଼
- ଶୀତଳଷଷ୍ଠୀ ଯାତ୍ରା (ଶିବପାର୍ବତୀ, ନଟରାଜ ଶିବଙ୍କ ସ୍ନାନ), ସ୍ଥାନ: ବରପାଲି, ସମୟ: ସକାଳ ୬ଟା।
- ସ୍ୱପ୍ନେଶ୍ୱର ବାବାଙ୍କ ଶୀତଳଷଷ୍ଠୀ ଉତ୍ସବ (ଗଣ୍ଡୁଲିପିଟା, ପିନ୍ଧାଣୀ), ସ୍ଥାନ: ସ୍ୱପ୍ନେଶ୍ୱର ଶିବ ମନ୍ଦିର, କଣ୍ଟାପଡ଼ା, ପଦ୍ମପୁର, ସମୟ: ସକାଳ ୯ଟା।
- ଶୀତଳଷଷ୍ଠୀ ଯାତ୍ରା ମହୋତ୍ସବ (ଶ୍ରୀ ହନୁମାନ ଜୀଉଙ୍କ ଦ୍ୱାରା ବିଷ୍ଣୁ ମନ୍ଦିରମାନଙ୍କୁ ଟାଟ ନିମନ୍ତ୍ରଣ), ସ୍ଥାନ: ବରଗଡ଼, ସମୟ: ଅପରାହ୍ନ ୪ଟା ୩୦ ମିନିଟ୍।
- ଚାଷୀ ସଙ୍ଗଠନ ପକ୍ଷରୁ ଧାନ କିଣାବିକା ସମୀକ୍ଷା ବୈଠକ, ସ୍ଥାନ: ଶିବ ମନ୍ଦିର, ଭେଡ଼େନ, ସମୟ: ଅପରାହ୍ନ ୫ଟା।
- ଶୀତଳଷଷ୍ଠୀ ମହୋତ୍ସବ ତାରକାସୁର ଦରବାର, ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ବଡ଼ବନ୍ଧ ପଡ଼ା, ପଦ୍ମପୁର, ସମୟ: ରାତି ୮ଟା।

## କଳାହାଣ୍ଡି
- ଶ୍ରୀ ଶ୍ରୀ ବାଲୁଙ୍କେଶ୍ୱରଙ୍କ ଶୀତଳ ଷଷ୍ଠୀ ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: ଭବାନୀପାଟଣା, ପୁରୁଣାପଡା, ସମୟ: ଅପରାହ୍ନ ୫ଟା।

## ନୂଆପଡ଼ା
- ଭାଗବତ ମହାପାରାୟଣ, ସ୍ଥାନ: ବୋଡେନ ବ୍ଲକ କେରାପଦର ଗାଁ, ସମୟ: ସକାଳ ୬ଟା ଓ ସନ୍ଧ୍ୟା ୭ଟା।
- ପତୋରା ଯୋଗେଶ୍ୱର ବାବାଙ୍କ ପ୍ରତିମୂର୍ତ୍ତି ସ୍ଥାନାନ୍ତର, ସ୍ଥାନ: ନୂଆପଡ଼ା ବାଲୁଙ୍କେଶ୍ୱର ମନ୍ଦିର, ସମୟ: ଅପରାହ୍ନ ୫ଟା।
- ଯୋଗେଶ୍ୱର ବାବାଙ୍କ ହଳଦୀ ଲାଗି, ସ୍ଥାନ: ନୂଆପଡ଼ା ବାଲୁଙ୍କେଶ୍ୱର ମନ୍ଦିର, ସମୟ: ସନ୍ଧ୍ୟା ୭ଟା।
- ଯୋଗବେଦାନ୍ତ ସେବା ସମିତି ପକ୍ଷରୁ ଛାତ୍ରୀମାନଙ୍କୁ ନେଇ ବିଦ୍ୟାର୍ଥୀ ଉଜ୍ଜ୍ୱଳ ଭବିଷ୍ୟ ନିର୍ମାଣ ଶିବିର, ସ୍ଥାନ: କୋମନା ବ୍ଲକ ବିଲେଇଅଞ୍ଜର ଗାଁ ସହଭାଗୀ ବିକାଶ ଭବନ, ସମୟ: ସକାଳ ୭ଟା ଓ ସନ୍ଧ୍ୟା ୬ଟା।

## ବୌଦ୍ଧ
- ରାମଗଡ଼ରେ ପାର୍ବତୀ ମନ୍ଦିର ପ୍ରତିଷ୍ଠା ନେଇ ପ୍ରସ୍ତୁତି ବୈଠକ, ସ୍ଥାନ: ରାମଗଡ, ହରଭଙ୍ଗା ବ୍ଲକ, ସମୟ: ସକାଳ ୯ଟା।

## ଦେବଗଡ଼
- ସାଇ ମନ୍ଦିର କମିଟି ପକ୍ଷରୁ ନଗରକୀର୍ତ୍ତନ ପରିକ୍ରମା, ସ୍ଥାନ: ଦେବଗଡ ସହର, ସମୟ: ଭୋର ୪ଟା।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆରତୀ, ସ୍ଥାନ: ମଠସାହି, କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।

## ଝାରସୁଗୁଡ଼ା
- ଗ୍ରାମ ଦେବୀ ପୂଜନ, ସ୍ଥାନ: ସହରସ୍ଥିତ ବୁରୋମାଲ ଗ୍ରାମ, ସମୟ: ସକାଳ ୭ଟା ୩୦ ମିନିଟ୍।
- ଶ୍ରୀମଦ୍‌ଭାଗବତ କଥାମୃତ ଦ୍ୱିତୀୟ ସନ୍ଧ୍ୟା, ସ୍ଥାନ: ସହରସ୍ଥିତ ତ୍ରିବେଣୀ ଧର୍ମଶାଳା, ସମୟ: ସନ୍ଧ୍ୟା ୬ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email–pkmahapatro@gmail.com

**ମେଷ**
ଭାଗ୍ୟସ୍ଥାନକୁ ଚନ୍ଦ୍ରଙ୍କ ଦୃଷ୍ଟିଜନିତ ଆନୁଷ୍ଠାନିକ କାମ, ଯାତ୍ରା, ବାଣିଜ୍ୟ, ବ୍ୟବସାୟରେ ଉନ୍ନତି କରିବେ। ମୁଖ୍ୟ ଭାବରେ ଏକାଧିକ ଗ୍ରହ ଯୋଗୁ ସାଧାରଣ କଥାରେ ମତାନ୍ତରର ଆଶଙ୍କା ରହିଛି। ଦିନ ଭିତରେ ବନ୍ଧୁମିଳନରୁ, ନୂତନ ପୋଷାକ ପରିଧାନ କିମ୍ବା କୌଣସି ମୂଲ୍ୟବାନ ଜିନିଷ କିଣିବା କାରଣରୁ ଖୁସି ରହିପାରନ୍ତି।

**ବୃଷ**
ରାଶିରେ ଚତୁର୍ଥାଧିପତି ଯୋଗୁ ବନ୍ଧୁମିଳନ ସାଙ୍ଗକୁ ସାହାଯ୍ୟ, ସହଯୋଗ ପ୍ରାପ୍ତ ହୋଇ କାର୍ଯ୍ୟ ହାସଲ କରିବେ। ମଙ୍ଗଳଙ୍କ ପ୍ରଭାବରୁ କ୍ରୋଧ ତଥା କଠୋର ବାକ୍ୟ ବିନିମୟ ପରିସ୍ଥିତିକୁ ବିଗାଡ଼ିଦେବ। ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଆବଶ୍ୟକ ସମୟରେ ନପାଇ ବିଚଳିତ ହେବେ। ବନ୍ଧୁଙ୍କ ସହାୟତାରେ ପାରିବାରିକ ସମସ୍ୟାର ସମାଧାନ ଘଟିବ।

**ମିଥୁନ**
ଧନାଧିପ ଚନ୍ଦ୍ର ସ୍ୱରାଶିସ୍ଥ ଯୋଗୁ ଅର୍ଥ କାରବାର, ଜମି ବିକ୍ରି, ବକେୟା ପ୍ରାପ୍ତି ଯୋଗ ରହିଛି। ଦ୍ୱାଦଶସ୍ଥ ବୁଧ ହେତୁ ଘର ଲୋକ କିମ୍ବା ସମ୍ପର୍କୀୟଙ୍କଠାରୁ ସାହାଯ୍ୟ ଆଶା ନିରର୍ଥକ ହୋଇପାରେ। କର୍ମାରମ୍ଭ ସହ ବ୍ୟବସାୟ, କଳା, ସାହିତ୍ୟରେ ସମସ୍ୟା ସମାଧାନ ହେବ। ଅସୁସ୍ଥ ଥିବା ପରିଜନଙ୍କ ସ୍ୱାସ୍ଥ୍ୟରେ ଉନ୍ନତି ଘଟିବାରୁ ଖୁସି ରହିବେ।

**କର୍କଟ**
ଭାଗ୍ୟାଧିପ ବୃହସ୍ପତି ପାପଗ୍ରହ କବଳିତ କାରଣରୁ ନୈରାଶ୍ୟଜନକ ସ୍ଥିତି ପରିଲକ୍ଷିତ ହୋଇପାରେ। ସ୍ୱାସ୍ଥ୍ୟ ସମସ୍ୟା ନିୟନ୍ତ୍ରଣାଧୀନ ରହିବା କାରଣରୁ ଆଶ୍ୱସ୍ତି ଅନୁଭବ କରିବେ। ପରିବାରରେ କଳହ ସୃଷ୍ଟି ହେବାର ଆଶଙ୍କା ରହିଛି। ଆଜିର ପ୍ରତ୍ୟୁଷ ଯାତ୍ରାରେ ସଫଳତା ପାଇବେ ଏବଂ ବ୍ୟବସାୟିକ ସ୍ଥିତି ପ୍ରାୟତଃ ଭଲ ରହିବ।

**ସିଂହ**
କର୍ମକ୍ଷେତ୍ରରେ ବୁଧାଦିତ୍ୟ ଯୋଗ ହେତୁ ସାମାଜିକ ସମ୍ମାନ, ଲୋକ ସମ୍ପର୍କ ବୃଦ୍ଧି, ବିଶିଷ୍ଟ ବ୍ୟକ୍ତିଙ୍କ ସାନ୍ନିଧ୍ୟ ସହ ସମ୍ବର୍ଦ୍ଧିତ ହୋଇପାରନ୍ତି। ପାରିବାରିକ ସୁଖ, ବନ୍ଧୁଙ୍କ ଆଦର କର୍ମକ୍ଷେତ୍ରରେ ଉତ୍ସାହ ବୃଦ୍ଧି କରିବ। କେତେକ କ୍ଷେତ୍ରରେ ଈର୍ଷାପରାୟଣ ଆତ୍ମୀୟଙ୍କ ଦ୍ୱାରା ଉପେକ୍ଷିତ ହୋଇ ମନଦୁଃଖ କରିପାରନ୍ତି।

**କନ୍ୟା**
ପାରିବାରିକ ସୌଖ୍ୟ, ଶିକ୍ଷାରେ ସଫଳତା, ସନ୍ତାନଙ୍କ କୃତିତ୍ୱ, ରଚନାତ୍ମକ କାର୍ଯ୍ୟରୁ ସମ୍ମାନଲାଭର ସୂଚନା ରହିଛି। ସାହିତ୍ୟ, ପ୍ରବଚନ, ସଙ୍ଗୀତ ସମାରୋହ ପ୍ରତି ଆକର୍ଷିତ ହୋଇପାରନ୍ତି। ପ୍ରଶାସନିକ ସ୍ତରରେ କିମ୍ବା ସଭାସମିତିରେ ଅନ୍ୟ ଦ୍ୱାରା ପ୍ରଭାବିତ ହୋଇ ହଠାତ୍ ମତ ବଦଳାଇବା ଠିକ୍ ହେବନାହିଁ।

**ତୁଳା**
ଅନେକ ଆଶା, ଅସୁମାରି କଳ୍ପନା, ବନ୍ଧୁଙ୍କ ବାକ୍‌ବିଳାସ, ଦେହ ଓ ମନରେ ନୂତନ ଶିହରଣ ସୃଷ୍ଟି କରିବ। ଆର୍ଥିକ ଉନ୍ନତି ସହ ନୂତନ ବନ୍ଧୁ ସମ୍ପର୍କ ସ୍ଥାପନ ହେବ। ଯାତ୍ରା ସମୟରେ ଅସାବଧାନତାବଶତଃ ଦ୍ରବ୍ୟ ନଷ୍ଟ ହୋଇପାରେ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ ପରିବହନ, ଆନୁଷ୍ଠାନିକ କାମ ସକାଶେ ଦିନଟି ବହୁତ ଭଲ ରହିବ।

**ବିଛା**
ଅନୁରାଧା ନକ୍ଷତ୍ରର ନୂଆ କଳ୍ପନା ମନରେ ବସା ବାନ୍ଧିବ। ପାରିବାରିକ ଦିଗଟି ଅଶାନ୍ତ ରହିପାରେ। ଅଯାଚିତ ଭାବରେ ବନ୍ଧୁଙ୍କ ସାହାଯ୍ୟ ଓ ସହଯୋଗ ପାଇ ସ୍ଥଗିତ କାମକୁ ତ୍ୱରାନ୍ୱିତ କରିବାର ସୂଚନା ରହିଛି। ଯାତ୍ରା, ବାଣିଜ୍ୟ, ବ୍ୟବସାୟ, ଆଇନ ଅଦାଲତରୁ ସୁଫଳ ପାଇବେ ଓ ବିବାଦୀୟ ଘଟଣାରେ ବିଜୟୀ ହେବେ।

**ଧନୁ**
ପ୍ରତ୍ୟେକ କାମରେ ପ୍ରତିବନ୍ଧକ ସହ କାର୍ଯ୍ୟରେ ବିଳମ୍ବ ମନକୁ ନିରୁତ୍ସାହିତ କରିପାରେ। କୌଣସି କାମ ସହଜ ଓ ସୁବିଧାରେ ନହେବା କାରଣରୁ ମନ ବିଚଳିତ ରହିବ। ଖର୍ଚ୍ଚ ବୃଦ୍ଧି ଓ ପିଲାଙ୍କ କୌଣସି ବ୍ୟତିକ୍ରମ ଦୁଶ୍ଚିନ୍ତାର କାରଣ ହୋଇପାରେ। ବନ୍ଧୁଙ୍କ ଜରିଆରେ ସକାଳୁ ସକାଳୁ ଶୁଭ ଖବର ପାଇବେ ଓ ଦୂରସ୍ଥାନକୁ ଯାତ୍ରା କରିବାକୁ ବାଧ୍ୟ ହେବେ।

**ମକର**
ଯେମିତି ଭାବୁଛନ୍ତି ଆଜି ଦିନଟିରେ ସେମିତି ହେବାରେ ଅସୁବିଧା ରହିବ ନାହିଁ। ବନ୍ଧୁମିଳନ, ମିତ୍ରଙ୍କ ସାନ୍ନିଧ୍ୟ, କାମରେ ଉତ୍ସାହ ଏବଂ ଅର୍ଥ ସମ୍ମାନର ସହ ଦିନଟି ଅତିବାହିତ ହେବ। ବ୍ୟସ୍ତ ବିବ୍ରତ ନ ହୋଇ କୌଶଳ ପ୍ରୟୋଗ କଲେ କାମ ହାସଲ ହେବ। ଶିଳ୍ପ, ବ୍ୟବସାୟ ଓ ରାଜନୈତିକ ଦୃଷ୍ଟିକୋଣରୁ ଦିନଟି ବହୁତ ଭଲରେ କଟିବ।

**କୁମ୍ଭ**
କର୍ମକ୍ଷେତ୍ରରେ ଶ୍ରଦ୍ଧା, ଭକ୍ତି ଓ ସମ୍ମାନ ଲାଭ କରି ଦୁଃଖ, ସମସ୍ୟାକୁ ଭୁଲିଯିବେ। ଦ୍ୱନ୍ଦ୍ୱରେ ପଡ଼ି କେତେକ କ୍ଷେତ୍ରରେ ବନ୍ଧୁମାନଙ୍କ ପରାମର୍ଶକୁ ଗ୍ରହଣ କରିବାରେ ପଛେଇ ରହିପାରନ୍ତି। ପରିବାରରେ ସମାଲୋଚନାର ପାତ୍ର ହୋଇପାରନ୍ତି। ପୂର୍ବର ପରିସ୍ଥିତି ସାମୟିକ ବଦଳିଯିବା କାରଣରୁ ବ୍ୟବସାୟିକ ସ୍ଥିତି ସୁଦୃଢ଼ ରହିବ।

**ମୀନ**
ପାରିବାରିକ କ୍ଷେତ୍ରରେ ସ୍ୱାର୍ଥ ତ୍ୟାଗ ପ୍ରିୟଜନଙ୍କ ପ୍ରଶଂସାର କାରଣ ହେବ। ଶନିଙ୍କ ସ୍ଥିତି ବ୍ୟବସାୟ, ପରିବହନକୁ ଧିମେଇ ରଖିବ। କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହଯୋଗପୂର୍ଣ୍ଣ କାର୍ଯ୍ୟକଳାପ ସମସ୍ୟାକୁ ସମାଧାନ କରିବାରେ ସହାୟକ ହେବ। ଉତ୍ତରଭାଦ୍ରପଦ୍ ନକ୍ଷତ୍ର ପାଇଁ ପରିସ୍ଥିତିର ବିଡ଼ମ୍ବନା କାରଣରୁ ଆକସ୍ମିକ ଭାବରେ ହାତମୁଠାରୁ ସୁଯୋଗ ଖସିଯାଇପାରେ।

ଆଜି ଜୁନ୍ ୯ ତାରିଖ, ବିର୍ସା ମୁଣ୍ଡା ଶହୀଦ ଦିବସ, ଜ୍ୟେଷ୍ଠ ଶୁକ୍ଳ ତୃତୀୟାଯୁକ୍ତ ଚତୁର୍ଥୀ ରବିବାର, ଶିବ ବିବାହ ଟାଟ ନିମନ୍ତ୍ରଣ, ରାଶିନକ୍ଷତ୍ର–ପୁନର୍ବସୁ/ମିଥୁନ, ଦିବା ଘ.୦୨।୦୮ ଗତେ, କର୍କଟ ଚନ୍ଦ୍ର ତୃତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ସକାଳ ଘ.୦୬।୫୬ ଗତେ ଘ.୦୯।୩୪ ମଧ୍ୟେ, ଘ.୦୧।୨୪ ଗତେ ଘ.୦୨।୫୦ ମଧ୍ୟେ ଶୁଦ୍ଧ ଶୁଭବେଳା। ଅପରାହ୍ନ ଘ.୦୪।୪୨ ଗତେ ଘ.୦୬।୨୧ ମଧ୍ୟେ ରାହୁକାଳ।

# ଗଞ୍ଜାମ ପାଇଁ ଅଭିଶପ୍ତ ବାଚସ୍ପତି ପଦ

ବ୍ରହ୍ମପୁର,୮।୬(ନରସିଂହ ସାହୁ)
ଗଞ୍ଜାମ ଜିଲାର ରାଜନେତାଙ୍କ ପାଇଁ ବିଧାନସଭା ବାଚସ୍ପତି ଓ ରାଜ୍ୟ ଅର୍ଥମନ୍ତ୍ରୀ ପଦ ଅଭିଶପ୍ତ ହୋଇଥିବା କେତେକ ନଜିର ଅଛି। ଅତୀତରେ ଯେଉଁମାନେ ଉପରୋକ୍ତ ପଦ ପାଇଥିଲେ ସେମାନଙ୍କ ପରବର୍ତ୍ତୀ ରାଜନୀତି ଓଲଟପାଲଟ ହୋଇଯାଇଛି। ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ପରେ ଗଞ୍ଜାମର ନେତା ଲାଲ ମୋହନ ପଟ୍ଟନାୟକ ୧୯୪୬ରୁ ୧୯୫୨ ପର୍ଯ୍ୟନ୍ତ ବିଧାନସଭା ବାଚସ୍ପତି ହୋଇଥିଲେ। ପରେ ସେ ରାଜନୀତିରୁ ଅଦୃଶ୍ୟ ହୋଇଯାଇଥିଲେ। ଓଡ଼ିଶା ହାଇକୋର୍ଟର ପ୍ରାକ୍ତନ ମୁଖ୍ୟ ବିଚାରପତି ଲିଙ୍ଗରାଜ ପାଣିଗ୍ରାହୀ ଅବସର ନେବା ପରେ ରାଜନୀତିରେ ପ୍ରବେଶ କରି ପ୍ରଥମେ ୧୯୫୭ ନିର୍ବାଚନରେ ବ୍ରହ୍ମପୁର ବିଧାନସଭା ଆସନରୁ କଂଗ୍ରେସକୁ ନିର୍ବାଚିତ ହୋଇ କ୍ୟାବିନେଟ ମନ୍ତ୍ରୀ ପଦ ପାଇଥିଲେ। ୧୯୬୧ ନିର୍ବାଚନରେ ସେ କୋଦଳାରୁ ନିର୍ବାଚିତ ହୋଇ ବାଚସ୍ପତି ପଦ ପାଇଥିଲେ। ପରେ ରାଜନୀତିରୁ ବିଦାୟ ନେଲେ ଓ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ପ୍ରଥମ କୁଳପତି ହୋଇଥିଲେ।

୧୯୮୦ ନିର୍ବାଚନରେ ଭଞ୍ଜନଗରରୁ ନିର୍ବାଚିତ କଂଗ୍ରେସ ବିଧାୟକ ସୋମନାଥ ରଥ ବିଧାନସଭା ବାଚସ୍ପତି ହୋଇଥିଲେ। ମାତ୍ର ଅଢ଼େଇ ବର୍ଷ ପରେ ସେ ପଦ ଛାଡ଼ିଥିଲେ। ୧୯୮୫ ନିର୍ବାଚନରେ ଚିକିଟିରୁ ନିର୍ବାଚିତ ଚିନ୍ତାମଣି ଦ୍ୟାନ ସାମନ୍ତରା ପ୍ରଥମେ ଉପବାଚସ୍ପତି ଓ ପରେ ୧୯୯୫ରେ ସେହି ଆସନରୁ ଜିତି ପ୍ରଥମେ ଉପବାଚସ୍ପତି ଓ ପରେ ବାଚସ୍ପତି ହେଲେ। ଏହା ପରେ ୨୦୦୦, ୨୦୦୪ ଓ ୨୦୦୯ ନିର୍ବାଚନ ଲଢ଼ି ଲଗାତର ପରାସ୍ତ ହୋଇଥିଲେ। ପରିଶେଷରେ ସେ ରାଜନୀତିରୁ ଦୂରେଇଛନ୍ତି। ୨୦୧୯ ନିର୍ବାଚନରେ ଦିଗପହଣ୍ଡିରୁ ବିଜେଡି ବିଧାୟକ ହୋଇ ସୂର୍ଯ୍ୟ ନାରାୟଣ ପାତ୍ର ଗଞ୍ଜାମ ଜିଲାରୁ ୫ମ ନେତା ଭାବେ ବିଧାନସଭାର ବାଚସ୍ପତି ପଦ ପାଇଥିଲେ। ଅସୁସ୍ଥତା ଯୋଗୁ ସେ ପଦରୁ ଇସ୍ତଫା ଦେବାରୁ ଭଞ୍ଜନଗରରୁ ୬ ଥର ବିଧାୟକ ହୋଇଥିବା ବିକ୍ରମ କେଶରୀ ଆରୁଖ ମନ୍ତ୍ରୀ ପଦ ଛାଡ଼ି ଜିଲାରୁ ଷଷ୍ଠ ବାଚସ୍ପତି ହୋଇଥିଲେ। ପରେ ସେ ଇସ୍ତଫା ଦେଇ ପୁଣି ମନ୍ତ୍ରୀ ହୋଇଥିଲେ। ତାଙ୍କୁ ଗୁରୁତ୍ୱପୂର୍ଣ୍ଣ ଅର୍ଥ ବିଭାଗ ଦିଆଯାଇଥିଲା। ୨୦୨୪ ନିର୍ବାଚନରେ ଆରୁଖ ସପ୍ତମ ଥର ପାଇଁ ତାଙ୍କ ପାରମ୍ପରିକ ଆସନ ଭଞ୍ଜନଗରରୁ ଲଢ଼ିଥିଲେ। ଭାଜପା ହାୱାରେ ସେ ୧୬ ହଜାରରୁ ଅଧିକ ଭୋଟରେ ପରାସ୍ତ ହୋଇଛନ୍ତି। ତାଙ୍କ ଆଗାମୀ ରାଜନୀତି କ'ଣ ହେବ ସେ ନେଇ ବିଭିନ୍ନ ମହଲ ଚର୍ଚ୍ଚା କରୁଛନ୍ତି।

ସେହିପରି ଗଞ୍ଜାମର ନେତା ବିନାୟକ ଆଚାର୍ଯ୍ୟ ନନ୍ଦିନୀ ଶତପଥୀଙ୍କ ଦ୍ୱିତୀୟ ସରକାରରେ ଅର୍ଥମନ୍ତ୍ରୀ ହୋଇଥିଲେ। ପରେ ସେ ସ୍ୱଳ୍ପକାଳ ମୁଖ୍ୟମନ୍ତ୍ରୀ ହେଲେ। ତେବେ ପରବର୍ତ୍ତୀ ପର୍ଯ୍ୟାୟରେ ସେ ମଧ୍ୟ ରାଜନୀତିରୁ ଶେଷ ହୋଇ ଯାଇଥିଲେ। ୧୯୯୦ ନିର୍ବାଚନରେ କୋଦଳାରୁ ନିର୍ବାଚିତ ଜନତା ଦଳ ବିଧାୟକ ରାମକୃଷ୍ଣ ପଟ୍ଟନାୟକ ବିଜୁ ପଟ୍ଟନାୟକଙ୍କ ସରକାରରେ ଅର୍ଥମନ୍ତ୍ରୀ ହେବା ପରେ ମାତ୍ର ଦୁଇ ବର୍ଷ ପରେ ସେହି ବିଭାଗରୁ ତଡ଼ା ଖାଇଥିଲେ। ୨୦୦୦ ନିର୍ବାଚନରେ କୋଦଳାରୁ ନିର୍ବାଚିତ ବିଜେଡି ବିଧାୟକ ରାମକୃଷ୍ଣ ନବୀନ ପଟ୍ଟନାୟକଙ୍କ ପ୍ରଥମ ପାଳି ସରକାରରେ ପୁଣି ଅର୍ଥମନ୍ତ୍ରୀ ହୋଇଥିଲେ। ଦୁଇ ବର୍ଷରେ ପଦ ବଦଳିଲା ଓ ସେ ଦଳରୁ ବିତାଡ଼ିତ ହୋଇଥିଲେ। ସେବେଠାରୁ ତାଙ୍କ ରାଜନୀତି ମଧ୍ୟ ଓଲଟ ପାଲଟ ହୋଇଯାଇଥିଲା। ତେଣୁ ଗଞ୍ଜାମ ଜିଲା ପାଇଁ ବାଚସ୍ପତି ଓ ଅର୍ଥମନ୍ତ୍ରୀ ପଦ ଅଭିଶପ୍ତ ପାଲଟିଥିବା ଚର୍ଚ୍ଚା ହେଉଛି।

**ପ୍ରଥମ ପୃଷ୍ଠାରୁ...**

## ଆଜି ଶପଥ, ...

ମନ୍ତ୍ରଣାଳୟ ମୁଖପାତ୍ର ମମତାଜ୍ ଜହରା କହିଛନ୍ତି, ମୋଦି ସରକାର ଗଠନ କରିନାହାନ୍ତି। ଭାରତରେ ସରକାର ଗଠନ ପ୍ରକ୍ରିୟା ଚାଲିଛି। କିଛି ନ ହେଉଣୁ କିପରି ଅଭିନନ୍ଦନ ଜଣାଇବୁ। ଉଲ୍ଲେଖଯୋଗ୍ୟ, ସଦ୍ୟ ସମାପ୍ତ ଲୋକ ସଭା ନିର୍ବାଚନରେ ଭାଜପା ଏକାକୀ ୨୪୦ ଆସନ ଜିତିଥିବାବେଳେ ଏନ୍‌ଡିଏକୁ ୨୯୩ ଆସନ ମିଳିଛି। ନୂଆ ଏନ୍‌ଡିଏ ସରକାରରେ ଭାଜପା ସହ ସହଯୋଗୀ ଦଳଗୁଡ଼ିକୁ ଅଧିକ ମନ୍ତ୍ରୀପଦ ମିଳିବ ବୋଲି କୁହାଯାଉଛି। ଶୁକ୍ରବାର ଏନ୍‌ଡିଏ ସଂସଦୀୟ ଦଳ ବୈଠକ ବସି ମୋଦିଙ୍କୁ ଆନୁଷ୍ଠାନିକ ଭାବେ ନେତା ନିର୍ବାଚିତ କରାଯାଇଥିଲା। ଏହାପରେ ସେ ରାଷ୍ଟ୍ରପତି ଭବନ ଯାଇ ସରକାର ଗଠନ ନିମନ୍ତେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ନିକଟରେ ଦାବି ଜଣାଇଥିଲେ। ରାଷ୍ଟ୍ରପତି ତାଙ୍କୁ ଭାବୀ ପ୍ରଧାନମନ୍ତ୍ରୀ ନିଯୁକ୍ତ କରିବା ସହ ରବିବାର ଶପଥ ଗ୍ରହଣ ପାଇଁ ଆମନ୍ତ୍ରଣ କରିଥିଲେ। ରବିବାର ସନ୍ଧ୍ୟା ୭ଟା ୧୫ ମିନିଟ୍‌ରେ ରାଷ୍ଟ୍ରପତି ଭବନରେ ଶପଥ ଗ୍ରହଣ ଉତ୍ସବ ଆରମ୍ଭ ହେବାକୁ ଯାଉଛି। ବାଂଲାଦେଶ ପ୍ରଧାନମନ୍ତ୍ରୀ ଶେଖ୍ ହାସିନା, ମାଳଦ୍ୱୀପ ରାଷ୍ଟ୍ରପତି ମହମ୍ମଦ ମୁଇଜୁଙ୍କ ସମେତ ୭ ପଡ଼ୋଶୀ ଦେଶ ତଥା ଭାରତ ମହାସାଗର ଅଞ୍ଚଳର ନେତାମାନେ ଶପଥ ଗ୍ରହଣ ଉତ୍ସବରେ ଯୋଗଦେବେ। ତେବେ ଚାଇନା ଏବଂ ପାକିସ୍ତାନ ନେତାଙ୍କୁ ଉତ୍ସବକୁ ନିମନ୍ତ୍ରଣ କରାଯାଇ ନାହିଁ। ଇତିମଧ୍ୟରେ ହାସିନା ଏବଂ ସିସେଲ୍ସ ଉପରାଷ୍ଟ୍ରପତି ଅହମଦ ଆଫିଫ୍ ଦିଲ୍ଲୀରେ ପହଞ୍ଚି ସାରିଛନ୍ତି। ବାହାର ନେତାଙ୍କ ସମେତ ଦେଶର ଶାସକ ଦଳର ବହୁ ନେତା ଭାଜପା ଶାସିତ ରାଜ୍ୟର ମୁଖ୍ୟମନ୍ତ୍ରୀ ଓ ମାନ୍ୟଗଣ୍ୟ ବ୍ୟକ୍ତିମାନେ ଉତ୍ସବରେ ଉପସ୍ଥିତ ରହିବେ। ତେବେ କଂଗ୍ରେସ ଓ ଇଣ୍ଡିଆ ବ୍ଲକ୍‌ର ନେତାମାନଙ୍କୁ ଶପଥ ଗ୍ରହଣ ଉତ୍ସବରେ ଯୋଗଦେବା ଲାଗି ଏପର୍ଯ୍ୟନ୍ତ ନିମନ୍ତ୍ରଣ ମିଳିନାହିଁ। କଂଗ୍ରେସ ନେତାମାନେ ନିମନ୍ତ୍ରଣ ପାଇଲେ ଉତ୍ସବରେ ଯୋଗଦେବା ନେଇ ବିଚାର କରିବେ ବୋଲି ଦଳର ସାଧାରଣ ସମ୍ପାଦକ ଜୟରାମ ରମେଶ କହିଛନ୍ତି। ମୋଦିଙ୍କ ଶପଥ ଗ୍ରହଣ ଉତ୍ସବ ପାଇଁ ଦିଲ୍ଲୀରେ ବହୁସ୍ତରୀୟ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ସୁରକ୍ଷାରେ ଅର୍ଦ୍ଧସାମରିକ ବାହିନୀ, ଏନ୍‌ଏସ୍‌ଜି, ଡ୍ରୋନ୍ ଏବଂ ସ୍ନାଇପରଙ୍କୁ ନିୟୋଜିତ କରାଯିବା ସହ ଅତିଥିମାନଙ୍କୁ ଉତ୍ସବସ୍ଥଳକୁ ଆଣିବା ଲାଗି ସ୍ୱତନ୍ତ୍ର ରୁଟ୍ ଓ ସୁରକ୍ଷା ବ୍ୟବସ୍ଥା ହୋଇଛି।

## ପାଣ୍ଡିଆନ ଖେଳିଲେ ...

ପ୍ରଥମ ଥର ପାଇଁ ଖୋଲାଖୋଲି ଭାବେ ପାଣ୍ଡିଆନଙ୍କ ସପକ୍ଷରେ ଏକ ଜାତୀୟ ଗଣମାଧ୍ୟମରେ ମତ ରଖି ଏହି ଅସନ୍ତୋଷକୁ ଚପାଇବାକୁ ଉଦ୍ୟମ କରିଛନ୍ତି। ଗଣମାଧ୍ୟମକୁ ସେ କହିଛନ୍ତି ଯେ ପରାଜୟ ପରେ ପାଣ୍ଡିଆନଙ୍କୁ ସମାଲୋଚନା କରିବା ଦୁର୍ଭାଗ୍ୟଜନକ। ପାଣ୍ଡିଆନ ଜଣେ ଅଫିସର ଭାବେ ବହୁତ ଭଲ କାମ କରିଛନ୍ତି। ଅବସର ପରେ ସେ ବିଜେଡିରେ ଯୋଗ ଦେଇଛନ୍ତି । ସେ କୌଣସି ପଦ ପଦବୀରେ ନାହାନ୍ତି। ନିର୍ବାଚନ ଲଢ଼ିନାହାନ୍ତି। ସେ ଜଣେ ନିଷ୍ଠାବାନ୍ ଓ ସଚ୍ଚୋଟ ବ୍ୟକ୍ତି। ପାଣ୍ଡିଆନ ସ୍ୱାସ୍ଥ୍ୟ, ଶିକ୍ଷା,କ୍ରୀଡ଼ା ଓ ମନ୍ଦିର ରୂପାନ୍ତରଣରେ ବହୁତ ଭଲ କାର୍ଯ୍ୟ କରିଛନ୍ତି । ବାତ୍ୟା ଓ କୋଭିଡ୍ କାଳରେ ମଧ୍ୟ ସେ ବହୁତ ଭଲ କାମ କରିଛନ୍ତି। ଏଥିପାଇଁ ସେ ମନେରହିବେ ବୋଲି ନବୀନ କହିଛନ୍ତି। ପାଣ୍ଡିଆନ ତାଙ୍କର ଉତ୍ତରାଧିକାରୀ ନୁହନ୍ତି ବୋଲି ନବୀନ ପୁନର୍ବାର ଦୋହରାଇଛନ୍ତି। ତାଙ୍କର ଉତ୍ତରାଧିକାରୀ କିଏ ହେବେ ତାହା ଓଡ଼ିଶାବାସୀ ନିଷ୍ପତ୍ତି ନେବେ ବୋଲି ସେ କହିଛନ୍ତି। ଅନ୍ୟପକ୍ଷରେ ଦଳ ଭିତରେ ହେଉଥିବା ଅସନ୍ତୋଷକୁ ଚପାଇବା ପାଇଁ ପାଣ୍ଡିଆନ ନୂଆଦିଲ୍ଲୀରୁ ନବୀନଙ୍କ ପୁତୁରା ଅରୁଣ ପଟ୍ଟନାୟକଙ୍କୁ ଭୁବନେଶ୍ୱର ଆଣି ନବୀନ ନିବାସରେ ପହଞ୍ଚାଇଛନ୍ତି। ଦଳରେ ଦେଖାଦେଇଥିବା ଅସନ୍ତୋଷକୁ ଦବାଇବା ପାଇଁ ଅରୁଣଙ୍କୁ ଉତ୍ତରାଧିକାରୀ ଭାବେ ଦର୍ଶାଇବାକୁ ନବୀନ ଉଦ୍ୟମ କରୁଥିବା କୁହାଯାଉଛି। ପାଣ୍ଡିଆନଙ୍କ ଏହି ପଦକ୍ଷେପକୁ ଦଳର ଗୋଟିଏ ଗୋଷ୍ଠୀ ସହଯୋଗ କରୁଥିବା ଚର୍ଚ୍ଚା ହେଉଛି। ନବାଗତ ପୁତୁରାଙ୍କୁ ନବୀନ ଦଳର ମଙ୍ଗ ଧରାଇ ଉତ୍ତରାଧିକାରୀ କରିବା ନିଷ୍ପତ୍ତିକୁ ଆଗାମୀ ଦିନରେ ବରିଷ୍ଠ ନେତାମାନେ ମଧ୍ୟ ବିରୋଧ କରିବେ ବୋଲି ରାଜନୈତିକ ବିଶାରଦ ମତ ଦେଇଛନ୍ତି।

## ଓଡ଼ିଶା ଛୁଇଁଲା ...

କୃଷି ପ୍ରଧାନ ରାଜ୍ୟ ହୋଇଥିବାରୁ ମୌସୁମୀ ଖବର ଚାଷୀମାନଙ୍କୁ ବି ଆଶ୍ୱସ୍ତ କରିଛି। ଅପରପକ୍ଷେ ମୌସୁମୀ ସକ୍ରିୟ ଥିବା ଅଞ୍ଚଳରେ ବର୍ଷା ସମ୍ଭାବନା ରହିଥିବାବେଳେ ଅନ୍ୟ ଅଞ୍ଚଳରେ କିନ୍ତୁ ପ୍ରବଳ ଗରମ ଜାରି ରହିବ। ଆସନ୍ତା ୧୨ ତାରିଖ ପର୍ଯ୍ୟନ୍ତ କିଛି ଜିଲାକୁ ହିଟ୍‌ୱେଭ୍ ପାଇଁ ସତର୍କ ସୂଚନା ଜାରି କରାଯାଇଛି। ବଲାଙ୍ଗୀର, ନୂଆପଡ଼ା, ସୋନପୁର, ବରଗଡ଼, ବଲାଙ୍ଗୀର, ସମ୍ବଲପୁର, ଝାରସୁଗୁଡ଼ା ଆଦି ଜିଲାର କିଛି ସ୍ଥାନରେ ଗ୍ରୀଷ୍ମ ପ୍ରବାହ ନେଇ ୟେଲୋ ୱାର୍ନିଂ ଜାରି କରାଯାଇଛି। ଏଥିସହିତ ଏହି ୪ଦିନ ବିଭିନ୍ନ ଜିଲାକୁ ଗୁଳୁଗୁଳି ପାଇଁ ମଧ୍ୟ ୟେଲୋ ୱାର୍ନିଂ ଜାରି କରାଯାଇଛି। ରବିବାର ବରଗଡ଼, ନୂଆପଡ଼ା ଓ ବଲାଙ୍ଗୀର ଜିଲାକୁ ହିଟ୍‌ୱେଭ୍ ନେଇ ସତର୍କ କରାଯାଇଥିବା ବେଳେ କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, ମାଲକାନଗିରି, କୋରାପୁଟ ଓ ରାୟଗଡ଼ା ଜିଲାର କିଛି ସ୍ଥାନକୁ ଝଡ଼ତୋଫାନ ନେଇ ୟେଲୋ ୱାର୍ନିଂ ଜାରି କରାଯାଇଛି। ଏସବୁ ଜିଲାରେ ଘଣ୍ଟାପ୍ରତି ୩୦–୪୦ କିମି ବେଗରେ ବହିବାର ସମ୍ଭାବନା ରହିଛି ବୋଲି ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି।




# କାର୍ଯ୍ୟରତ ଅବସରପ୍ରାପ୍ତ କର୍ମଚାରୀଙ୍କ ତାଲିକା ମାଗିଲା ଗୃହ ବିଭାଗ

ଭୁବନେଶ୍ୱର,୮।୬ (ଅନିଲ ଦାସ)

ସରକାରଙ୍କ ବିଭିନ୍ନ ବିଭାଗରେ ଦୀର୍ଘ ସମୟ ଧରି ଅବସରପ୍ରାପ୍ତ କର୍ମଚାରୀମାନେ ଆଣ୍ଠା ଜମାଇ ରହିଥିଲେ। ନୂଆ ସରକାର ଆସିବା ପୂର୍ବରୁ ସେହି ସେମାନଙ୍କ ମନରେ ଛନକା ପଶିଛି। କେଉଁ ବିଭାଗରେ କେତେ ଅବସରପ୍ରାପ୍ତ କର୍ମଚାରୀ ଅଛନ୍ତି, ସେ ସମ୍ପର୍କିତ ସବିଶେଷ ତଥ୍ୟ ସଫ୍ଟ କିମ୍ବା ହାର୍ଡ କପି ମାଧ୍ୟମରେ ଦେବାକୁ ଶନିବାର ଗୃହ ବିଭାଗ ସମସ୍ତ ବିଭାଗକୁ ଚିଠି ଲେଖିଛି। କେଉଁ ବିଭାଗ ବା ସରକାରୀ ଉଦ୍ୟୋଗର ମୁଖ୍ୟ କିଏ, ତାଙ୍କ ନାମ, ପଦବୀ, ନିଯୁକ୍ତି ତାରିଖ ଓ ଦରମା ସମ୍ପର୍କରେ ଜଣାଇବାକୁ ଏଥିରେ ଉଲ୍ଲେଖ କରାଯାଇଛି। ସୂଚନାଯୋଗ୍ୟ, ରାଜ୍ୟ ସରକାରଙ୍କ ବିଭିନ୍ନ କାର୍ଯ୍ୟାଳୟରେ ଅବସରପ୍ରାପ୍ତ କର୍ମଚାରୀଙ୍କୁ ପୁନଃ ନିଯୁକ୍ତି ଦିଆଯାଇଥିଲା।

# କୋଇଲା ବୋଝେଇ ଟ୍ରେନ୍‌ରେ ନିଆଁ

ସୋର, ୮।୬(ଜନ୍ମେଜୟ ମିଶ୍ର)

ତାଳଚେରରୁ ଝାଡ଼ଖଣ୍ଡ ଅଭିମୁଖେ ଯାଉଥିବା ଏକ କୋଇଲା ବୋଝେଇ ଟ୍ରେନର ୫ଟି ବଗିରେ ଶନିବାର ସନ୍ଧ୍ୟାରେ ନିଆଁ ଲାଗିଯାଇଥିଲା। ବାଲେଶ୍ୱର ଜିଲା ସିମୁଳିଆ ବ୍ଲକ ମାର୍କୋଣା ଷ୍ଟେଶନରେ ଗାର୍ଡ ଦେଖି ସୋର ଷ୍ଟେଶନ ମାଷ୍ଟରଙ୍କୁ ଜଣାଇଥିଲେ। ଟ୍ରେନ ସୋର ଷ୍ଟେଶନରେ ପହଞ୍ଚିବା ପରେ ଅଟକାଯାଇ ସୋର ଅଗ୍ନିଶମ ବିଭାଗକୁ ଖବର ଦିଆଯାଇଥିଲା। ଅଗ୍ନିଶମ ବିଭାଗର ଦୁଇଟି ଦମକଳ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ନିଆଁ ଆୟତ୍ତ ହେବା ପରେ ଟ୍ରେନ ଗନ୍ତବ୍ୟସ୍ଥଳକୁ ଯାଇଥିବା ଜଣାପଡିଛି।

# ଡାକ୍ତର ଅମ୍ଲାନଙ୍କୁ ପରିବାର ଲୋକଙ୍କୁ ହସ୍ତାନ୍ତରକଲା ପୋଲିସ

## ନିଖୋଜ ପରେ କର୍ଣାଟକରୁ ହୋଇଥିଲେ ଉଦ୍ଧାର

ମାଲକାନଗିରି,୮।୬(ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା କାଳିମେଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ କାର୍ଯ୍ୟରତ ଡାକ୍ତର ଅମ୍ଲାନ କୁମାର ଭୋଇ ନିଖୋଜ ମାମଲାର ଶନିବାର ଅନ୍ତ ଘଟିଛି। ନିଖୋଜ ଡାକ୍ତରଙ୍କୁ ସୁରକ୍ଷିତ ଉଦ୍ଧାର ପରେ ପରିବାର ଲୋକଙ୍କୁ ମାଲକାନଗିରି ପୋଲିସ ହସ୍ତାନ୍ତର କରିଛି। ନିଖୋଜ ଡାକ୍ତରଙ୍କୁ କେହି ଅପହରଣ କରି ନ ଥିଲେ ବରଂ ସେ ନିଜର ବ୍ୟକ୍ତିଗତ ସମସ୍ୟା ଯୋଗୁ କାଳିମେଳାରୁ କାହାକୁ କିଛି ନ କହି ଫେରାର ହୋଇଯାଇଥିବା ନେଇ ସ୍ପଷ୍ଟ ହୋଇଥିବା ଏସ୍‌ପି ନୀତେଶ ୱାଧ୍‌ୱାନି ସୂଚନା ଦେଇଛନ୍ତି।

ପ୍ରକାଶ ଯେ, ଗତ ୨ ତାରିଖରେ କାଳିମେଳାର ଡାକ୍ତର ରାକେଶ ସାହୁ କାଳିମେଳା ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ ଯେ, ଡାକ୍ତର ଅମ୍ଲାନ କୁମାର ଭୋଇ କାଳିମେଳା ସ୍ଥିତ ତାଙ୍କ ସରକାରୀ ବାସଭାବନରୁ କେଉଁଆଡ଼େ ନିଖୋଜ ହୋଇଯାଇଛନ୍ତି। ସିପିଆଇ ମାଓବାଦୀଙ୍କ ନାମରେ ଓଡ଼ିଆ ଭାଷାରେ ଏକ ପୋଷ୍ଟର ତାଙ୍କ ଘର ସମ୍ମୁଖରେ ଲଗାଯାଇଛି। ଅଭିଯୋଗ ପରେ ମାଲକାନଗିରି ପୋଲିସ ଘଟଣାର ଅନୁସନ୍ଧାନ ବେଳେ ଏହି ଅପହରଣର ସମସ୍ତ ଅନୁଧ୍ୟାନ କରାଯାଇଥିଲା। ଏନେଇ ବାହାର ରାଜ୍ୟ ତଥା ଓଡ଼ିଶାର ସମସ୍ତ ଜିଲାକୁ ଡାକ୍ତର ଭୋଇଙ୍କ ନିଖୋଜ ନେଇ ସୂଚନା ଦେଇଥିଲା ପୋଲିସ। ତେବେ ଗତ ୫ତାରିଖ ପୂର୍ବାହ୍ନ ପ୍ରାୟ ୧୦ଟାରେ କର୍ନାଟକର ହରୋହଲି ବସ୍‌ଷ୍ଟାଣ୍ଡ ନିକଟରୁ ପୋଲିସ ଉଦ୍ଧାରକରି ମାଲକାନଗିରି ପୋଲିସକୁ ସୂଚନା ଦେଇଥିଲା। ଡାକ୍ତର ଭୋଇ ସୁରକ୍ଷିତ ଥିବା ଜାଣିବା ପରେ ମାଲକାନଗିରି ପୋଲିସର ଏକ ଟିମ୍ ତାଙ୍କୁ ସେଠାରୁ ଫେରାଇ ଆଣିଥିଲେ। ୭ ତାରିଖରେ ମାଲକାନଗିରିରେ ପହଞ୍ଚିବା ପରେ ଡାକ୍ତର ଭୋଇଙ୍କୁ ପୋଲିସ ପଚରାଉଚରା କରିଥିଲା। ତାଙ୍କ ନିଖୋଜ ଘଟଣାରେ କାହାର ସମ୍ପୃକ୍ତି ନାହିଁ। ସେ ନିଜର ବ୍ୟକ୍ତିଗତ ସମସ୍ୟା ହେତୁ କାଳିମେଳାରୁ କାହାକୁ କିଛି ନ କହି ନିଜେ ପଳାଇଯାଇଥିଲେ। ସମସ୍ତ ବିଷୟ ଅନୁଧ୍ୟାନକଲା ପରେ ଡାକ୍ତର ଭୋଇଙ୍କୁ ପୋଲିସ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିବା ମାଲକାନଗିରି ଏସ୍‌ପି ୱାଧ୍‌ୱାନି ସୂଚନା ଦେଇଛନ୍ତି।


ପରିବାର ଲୋକଙ୍କ ସହ ଅମ୍ଲାନ।

# ଆଲୋକରେ ପୁଣି ଝଲସିଲା ଶ୍ରୀମନ୍ଦିର

ପୁରୀ,୮।୬(ଅଜିତ୍ ମହାନ୍ତି)

ପୁରୀ ଶ୍ରୀମନ୍ଦିର ଶନିବାର ସନ୍ଧ୍ୟାରୁ ଆଲୋକରେ ପୁଣି ଝଲସିଛି। ଶ୍ରୀମନ୍ଦିର ଆଲୋକରେ ଝଲସିବାପରେ ଭକ୍ତ ଏବଂ ସେବାୟତଙ୍କ ମହଲରେ ଖୁସି ଦେଖିବାକୁ ମିଳିଛି। ଗତ ୩ଦିନ ହେବ ଶ୍ରୀମନ୍ଦିର ଚତୁଃପାର୍ଶ୍ୱରେ ଲାଗିଥିବା ଫୋକସ ଲାଇଟକୁ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ସମୟରେ ଲଗାଇଥିବା ସଂସ୍ଥା ହଠାତ୍ କାଢ଼ି ନେଇଥିଲା। ଫଳରେ ରାତିରେ ଶ୍ରୀମନ୍ଦିରର ସୌନ୍ଦର୍ଯ୍ୟ ବାଧାପ୍ରାପ୍ତ ହୋଇଥିଲା। ଏହାକୁ ନେଇ ଭକ୍ତ ଓ ସେବାୟତ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିଲା। ଘଟଣାକୁ ନେଇ ପ୍ରଶାସନକୁ ମଧ୍ୟ ସମାଲୋଚିତ ହେବାକୁ ପଡ଼ିଥିଲା। ପରେ ଘଟଣାର ତଦନ୍ତ ନିମନ୍ତେ ମୁଖ୍ୟଶାସନ ସଚିବ ପ୍ରଦୀପ ଜେନା ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଜିଲାପାଳ ତ୍ୱରାନ୍ୱିତ ପଦକ୍ଷେପ ନେବା ସହ ଲାଇଟ କାଢ଼ିଥିବା ସମ୍ପୃକ୍ତ ସଂସ୍ଥାର ୪ଜଣଙ୍କୁ ପୋଲିସ ଅଟକ ରଖାଯାଇ ପଚରାଉଚରା କରିଛି। ସେହିପରି ଭୁବନେଶ୍ୱରର ଏକ ଠିକା ସଂସ୍ଥାକୁ ଆଲୋକୀକରଣ ନିମନ୍ତେ ନିର୍ଦ୍ଦେଶ ଦିଆଯିବାପରେ ସମ୍ପୃକ୍ତ ସଂସ୍ଥା ଶ୍ରୀମନ୍ଦିର ସିଂହଦ୍ୱାର ସମ୍ମୁଖରେ ଲାଇଟ ଲଗାଇଛି। ଫଳରେ ଶ୍ରୀମନ୍ଦିର ପୁନଃ ଆଲୋକୀକରଣ ହୋଇଛି।

ଅପରପକ୍ଷରେ ଶନିବାର ମୁଖ୍ୟ ଶାସନ ସଚିବ ପ୍ରଦୀପ ଜେନା ପୁରୀ ଆସି ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଲାଇଟ୍ ପ୍ରତ୍ୟାହାର ଘଟଣା ଓ ମହାପ୍ରଭୁଙ୍କ ସ୍ନାନ ଯାତ୍ରା ନେଇ ଶ୍ରୀମନ୍ଦିର ପ୍ରଶାସନ ସହ ଆଲୋଚନା କରିଛନ୍ତି। ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ବୈଠକରେ ମୁଖ୍ୟଶାସନ ସଚିବଙ୍କ ସମେତ, ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢୀ, ଜିଲାପାଳ ସ୍ୱାଇଁ, ଏସ୍‌ପି ପିନାକ ମିଶ୍ର, ସେବାୟତ ପ୍ରତିନିଧି ଏବଂ ଶ୍ରୀମନ୍ଦିର ପ୍ରଶାସନର ଅଧିକାରୀମାନେ ଉପସ୍ଥିତ ଥିଲେ। ଆସନ୍ତା ସ୍ନାନଯାତ୍ରା କିପରି ଶାନ୍ତିଶୃଙ୍ଖଳା ସହ ଅନୁଷ୍ଠିତ ହେବ ଓ ଶ୍ରୀ ମନ୍ଦିର ଆଲୋକୀକରଣ ଉପରେ ବୈଠକରେ ବିଶେଷ ଆଲୋଚନା ହୋଇଥିଲା। ବୈଠକ ପରେ ମୁଖ୍ୟଶାସନ ସଚିବ ଜେନା ଶ୍ରୀମନ୍ଦିର ଯାଇ ମହାପ୍ରଭୁଙ୍କ ଦର୍ଶନ କରି ଆଶିଷ ଲାଭ କରିଥିଲେ। ଅପରପକ୍ଷରେ ଶ୍ରୀମନ୍ଦିର ଆଲୋକୀକରଣ ଲାଇଟ୍‌କୁ କଢ଼ାଯିବାପରେ ଶ୍ରୀମନ୍ଦିର ଠିକ୍ ଭାବରେ ଦୃଶ୍ୟମାନ ହେଉ ନ ଥିଲା। ଏପରି ଘଟଣାକୁ ନେଇ ସାଧାରଣରେ ଉଦ୍‌ବେଗ ପ୍ରକାଶ ପାଇଥିଲା। ଏନେଇ ଜିଲାପାଳ ସ୍ୱାଇଁ କହିଛନ୍ତି, ଶ୍ରୀମନ୍ଦିର ଆଲୋକୀକରଣ ଲାଇଟ୍ କଢ଼ାଯିବା ଘଟଣାରେ ପ୍ରାଥମିକ ତଦନ୍ତରୁ ଇଭେଣ୍ଟ ନିମନ୍ତେ ଉକ୍ତ ଲାଇଟକୁ ଠିକା ସଂସ୍ଥା ଲଗାଇଥିଲା ଏବଂ ସେ ତାକୁ କାଢ଼ି ଦେଇଛି। ତେବେ ସମ୍ପୃକ୍ତ ଠିକାସଂସ୍ଥା କାହାକୁ ନ ଜଣାଇ ଲାଇଟ୍ କାଢ଼ି ନେବା ଅନୁଚିତ। ଶୁକ୍ରବାର ରାତିରେ ଲାଇଟ କାଢୁଥିବା ସମୟରେ ଉକ୍ତ ଠିକା ସଂସ୍ଥାର ୪ଜଣ ବ୍ୟକ୍ତିଙ୍କୁ ଅଟକ ରଖାଯାଇଛି। ଏନେଇ ସମ୍ପୃକ୍ତ ସଂସ୍ଥାକୁ ଡକାଯାଇଛି। କେଉଁ ପରିସ୍ଥିତିରେ ଓ କାହା ଅନୁମତିରେ ଲାଇଟ୍ କାଢ଼ିଛନ୍ତି ସେ ନେଇ ତଦନ୍ତ ଜାରି ରହିଛି। ଅପରପକ୍ଷରେ ଜିଲା ପ୍ରଶାସନ ପକ୍ଷରୁ ଲାଇଟ ଲଗାଯିବା ନେଇ ବ୍ୟବସ୍ଥା କରାଯାଇଛି। ଭକ୍ତ ଓ ଶ୍ରଦ୍ଧାଳୁଙ୍କ ଆସ୍ଥା ସହ ଜଡ଼ିତ ଥିବାରୁ ଆଗାମୀ ଦିନରେ ସ୍ଥାୟୀ ଭାବେ ଆଲୋକୀକରଣ କିପରି କରାଯିବ ସେଦିଗରେ ବ୍ୟବସ୍ଥା କରାଯିବ ବୋଲି ଜିଲାପାଳ ସ୍ୱାଇଁ କହିଛନ୍ତି। ପ୍ରଶାସନ ପକ୍ଷରୁ ନିର୍ଦ୍ଦେଶ ମିଳିବା ପରେ ଭୁବନେଶ୍ୱରର ଏକ ଠିକା ସଂସ୍ଥା ଆଲୋକୀକରଣ କାର୍ଯ୍ୟ କରିଛି। ପ୍ରଥମ ପର୍ଯ୍ୟାୟରେ ଶ୍ରୀମନ୍ଦିର ସିଂହଦ୍ୱାର ପାର୍ଶ୍ୱରେ ଲାଇଟ୍ ଲଗାଯାଇଛି। ଶ୍ରୀମନ୍ଦିର ସିଂହଦ୍ୱାର ପାର୍ଶ୍ୱ ରାଧାବଲ୍ଲଭ ମଠ ଏବଂ ମଙ୍ଗୁ ମଠ ନିକଟରେ ଫୋକସ୍ ଲାଇଟଗୁଡ଼ିକୁ ଲଗାଯାଇଛି। ପ୍ରାୟ ୪୦ରୁ ୫୦ ଗୋଟି ଲାଇଟ ଲଗାଯାଇଛି। ଆଗକୁ ଯଦି ପ୍ରଶାସନ ପକ୍ଷରୁ ଶ୍ରୀମନ୍ଦିର ଚାରିପାଖରେ ଲାଇଟ ଲଗାଇବାକୁ ନିର୍ଦ୍ଦେଶ ଆସିବ ତେବେ ଶ୍ରୀମନ୍ଦିର ଚତୁଃପାର୍ଶ୍ୱରେ ଆଲୋକୀକରଣ କରାଯିବ ବୋଲି ଲାଇଟ ଲଗାଉଥିବା ସଂସ୍ଥା ପକ୍ଷରୁ କୁହାଯାଇଛି।


ଆଲୋକୀକରଣ ପରେ ବଡ଼ଦାଣ୍ଡ ଝଲସୁଛି।

# ପ୍ରେମିକାଙ୍କ ଗଳା କାଟି ଆତ୍ମହତ୍ୟା କଲେ ପ୍ରେମିକ

ଦେବଗଡ଼,୮।୬(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ପୌରାଞ୍ଚଳ ୨ ନମ୍ବର ୱାର୍ଡର ଗୁରୁସାହିରେ କଟର୍ ସହାୟତାରେ ପ୍ରେମିକାଙ୍କ ଗଳାକାଟି ହତ୍ୟା ଉଦ୍ୟମ କରିବା ପରେ ପ୍ରେମିକ ଆତ୍ମହତ୍ୟା କରିଥିବା ଜଣାପଡିଛି। ଶନିବାର ସନ୍ଧ୍ୟା ପ୍ରାୟ ୬ଟାରେ ଗୁରୁସାହିର ରୀତା କାରିଗର ଓରଫ ଜହ୍ନା (୨୮) ନିଜର ୩ ବର୍ଷର ଝିଆରୀ (ସାନ ଭଉଣୀ ଝିଅ) ସହିତ ଗୁରୁସାହି ଛକ ଦେଇ ଏନ୍‌ଏଚ୍ ଷ୍ଟୋର ଆଡକୁ ଯାଉଥିଲେ। ଏହି ସମୟରେ ଜଣେ ଯୁବକ ପଛପଟୁ ଧାଇଁ ଆସି ଏକ କଟର ସାହାଯ୍ୟରେ ଜହ୍ନଙ୍କ ଗଳା କାଟିବା ସହ ହତ୍ୟା ଉଦ୍ୟମ କରିଥିଲେ। ଜହ୍ନ ତଳେ ପଡିଯିବା ପରେ ଯୁବକ କଟରରେ ନିଜର ଗଳାକାଟି ଆତ୍ମହତ୍ୟା ଉଦ୍ୟମ କରି ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ଉଭୟଙ୍କୁ ରକ୍ତାକ୍ତ ଅବସ୍ଥାରେ ଉଦ୍ଧାର କରି ଚିକିତ୍ସା ପାଇଁ ପୃଥକ ଭାବେ ଦେବଗଡ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ଯୁବକଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଜହ୍ନଙ୍କ ଅସ୍ତ୍ରୋପଚାର କରାଯାଇଥିବା ଜଣାପଡିଛି। ମୃତ ଯୁବକ ଗଞ୍ଜାମ ଜିଲା ଭୁଷୁଣ୍ଡା ଗ୍ରାମର ସୀମାଞ୍ଚଳ ସାସମଲ (୩୪) ବୋଲି ଜଣାପଡିଛି। ଦେବଗଡ ଅଦର୍ଶଥାନା ପୋଲିସ ମାମଲା ରୁଜୁକରିଛି।

# କେନ୍ଦୁଝରରେ ୧୬୮ ହାତୀ

କେନ୍ଦୁଝର,୮।୬(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲାର ବିଭିନ୍ନ ଜଙ୍ଗଲରେ ୧୬୮ ହାତୀ ଅଛନ୍ତି। କେନ୍ଦୁଝର ବନଖଣ୍ଡରେ ୧୩୫ ହାତୀ ରହିଥିବା ବେଳେ କେନ୍ଦୁଝର ବନ୍ୟପ୍ରାଣୀ ବନଖଣ୍ଡ, ଆନନ୍ଦପୁର ଅଞ୍ଚଳରେ ୩୩ ହାତୀ ବିଚରଣ କରୁଛନ୍ତି। ହାତୀ ଗଣନାରୁ ଏହି ସୂଚନା ମିଳିଥିବାବେଳେ ପୂର୍ବଭଳି ଜିଲାରେ ଘଞ୍ଚ ଜଙ୍ଗଲ ନ ଥିବାରୁ ହାତୀଙ୍କ ଚଳପ୍ରଚଳ କମିଛି। ଖାଦ୍ୟ ଅଭାବରୁ ହାତୀ ଜନବସତି ମୁହାଁ ହୋଇ ମଣିଷ ସହ ମୁହାଁମୁହିଁ ପରିସ୍ଥିତି ଉପୁଜୁଛି ବୋଲି ପରିବେଶବିତ୍‌ମାନେ ମତବ୍ୟକ୍ତ କରିଛନ୍ତି। ରାଉରକେଲା ସର୍କଲରେ ୪୩୧ ହାତୀ ଥିବାବେଳେ ସେଥିରୁ କେନ୍ଦୁଝର ବନଖଣ୍ଡରେ ୧୩୫ ହାତୀ ଅଛନ୍ତି। କେନ୍ଦୁଝର ବନଖଣ୍ଡ ଜଙ୍ଗଲରେ ମାଈହାତୀ ସଂଖ୍ୟା ଅଧିକ ରହିଛି। ୪୩ ବୟସ୍କ ମାଈ ହାତୀ ରହିଥିବାବେଳେ ୧୩ ବୟସ୍କ ଦନ୍ତା, ୧୫ ମଧ୍ୟମ ବୟସ୍କ ଦନ୍ତା ଏବଂ ମଖନା ହାତୀ ସଂଖ୍ୟା ୨ ରହିଛି। ମଧ୍ୟମ ବୟସ୍କ ମାଈ ହାତୀଙ୍କ ସଂଖ୍ୟା ୧୫, ଅଳ୍ପ ବୟସ୍କ ହାତୀ ସଂଖ୍ୟା ୧୯, ଛୁଆହାତୀ ସଂଖ୍ୟା ୨୮ ରହିଛି। ସେହିପରି ବାରିପଦା ସର୍କଲରେ ସମୁଦାୟ ୩୧୧ଟି ହାତୀ ରହିଥିବାବେଳେ କେନ୍ଦୁଝର ବନ୍ୟପ୍ରାଣୀ ବନଖଣ୍ଡରେ ୩୩ ହାତୀ ରହିଛନ୍ତି। ସେଥିରେ ୧୧ ବୟସ୍କ ମାଈ ହାତୀ ରହିଥିବାବେଳେ ୧୦ ବୟସ୍କ ଦନ୍ତା, ମଧ୍ୟମ ବୟସ୍କ ମାଈ ହାତୀ ସଂଖ୍ୟା ୨, ଅଳ୍ପ ବୟସ୍କ ହାତୀଙ୍କ ସଂଖ୍ୟା ୪ ଓ ଛୁଆହାତୀଙ୍କ ସଂଖ୍ୟା ୬।


କେନ୍ଦୁଝର ଜିଲା ଚମ୍ପୁଆ ରେଞ୍ଜ୍‌ର ରେଙ୍ଗାଲଗୁଡ଼ା ଗ୍ରାମ ନିକଟରେ ହାତୀପଲ ବିଶ୍ରାମ କରୁଛନ୍ତି।

## ଜଙ୍ଗଲର ଘନତ୍ୱ କମିଛି

ଅବିଭକ୍ତ କେନ୍ଦୁଝର ଜିଲାର ଘଞ୍ଚ ଜଙ୍ଗଲ ହାତୀଙ୍କ ସୁରକ୍ଷିତ ଆବାସସ୍ଥଳୀ ଭାବରେ ପରିଗଣିତ ହେଉଥିଲା। ୨୦ବର୍ଷ ମଧ୍ୟରେ ଖଣିଖାଦାନ, ଶିଳ୍ପ, ଡ୍ୟାମ୍, ରାସ୍ତାଘାଟ, ଜଙ୍ଗଲ ଜବରଦଖଲ ଆଦି ଯୋଗୁ ଜଙ୍ଗଲ ପରିସୀମା ସଙ୍କୁଚିତ ହେବାକୁ ଲାଗିଛି। ଘନତ୍ୱ ବହୁ ପରିମାଣରେ ହ୍ରାସ ପାଇଥିବାରୁ ହାତୀଙ୍କ ଆବାସ ସ୍ଥଳୀ ଧ୍ୱସ୍ତ ହୋଇଯାଇଛି। ଫଳରେ ହାତୀ ଚଲାପଥଗୁଡ଼ିକ ବହୁ ମାତ୍ରାରେ କ୍ଷତିଗ୍ରସ୍ତ ହୋଇଛି। ଏଥିସହ ଜଙ୍ଗଲରେ ପୂର୍ବପରି ଖାଦ୍ୟ ଅଭାବରୁ ହାତୀ ଜନବସତି ମୁହାଁ ହେଉଛନ୍ତି। ମଣିଷ ଓ ହାତୀ ମଧ୍ୟରେ ତିକ୍ତତା ଦେଖିବାକୁ ମିଳୁଛି। ଅବସରପ୍ରାପ୍ତ ଅଧ୍ୟକ୍ଷ ଡ. ବିପିନ ବିହାରୀ ମହାପାତ୍ର କହିଛନ୍ତି, ହାତୀଙ୍କ ସୁରକ୍ଷିତ ବିଚରଣ ପାଇଁ ଜଙ୍ଗଲ ଓ ପରିବେଶର ସୁରକ୍ଷା ଜରୁରୀ। ଏହାଦ୍ୱାରା ବର୍ତ୍ତମାନର ଜଳବାୟୁ ପରିବର୍ତ୍ତନର ସମସ୍ୟା ମଧ୍ୟ ଦୂରହୋଇପାରିବ। ଏଣୁ ଏଥିପ୍ରତି ସରକାର ସ୍ୱତନ୍ତ୍ର ମାଷ୍ଟର ପ୍ଲାନ୍ ପ୍ରସ୍ତୁତ କରିବା ଜରୁରୀ। କେନ୍ଦୁଝର ଡିଏଫ୍‌ଓ ଏଚ୍.ଡି. ଧନରାଜ କହିଛନ୍ତି, ହାତୀଙ୍କ ସୁରକ୍ଷା ଓ ବିଭିନ୍ନ ସମସ୍ୟା ସମାଧାନ କରିବା ପାଇଁ ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଇଛି। ହାତୀସ୍କ୍ୱାଡ୍ ମୁତୟନକରି ସେମାନଙ୍କ ଗତିବିଧିକୁ ନଜର ରଖାଯାଉଛି। କେନ୍ଦୁଝର ବନ୍ୟପ୍ରାଣୀ ଡିଭିଜନ ଆନନ୍ଦପୁରର ଡିଏଫ୍‌ଓ ଅଭୟ କୁମାର ଦଳେଇ କହିଛନ୍ତି, ହାତୀଙ୍କ ସୁରକ୍ଷା ପାଇଁ ବିଶେଷକରି ହଦଗଡ଼ ହସ୍ତୀ ଅଭୟାରଣ୍ୟ ଓ ଅନ୍ୟାନ୍ୟ ଅଞ୍ଚଳରେ ପାଟ୍ରୋଲିଂ କଡ଼ାକଡ଼ି କରାଯାଉଛି। ସେମାନଙ୍କ ପାଇଁ ଖାଦ୍ୟ ଓ ଜଳ ବ୍ୟବସ୍ଥାକୁ ମଧ୍ୟ ସୁଦୃଢ଼ କରାଯାଇଛି।

## ରାଜସ୍ୱ ପାଇଁ ସୁରକ୍ଷାକୁ ଜଳାଞ୍ଜଳି

ଏକଦା ହାତୀ ସୁରକ୍ଷା ପାଇଁ କେନ୍ଦୁଝର, ଅନୁଗୋଳ, ଢେଙ୍କାନାଳ, ସୁନ୍ଦରଗଡ଼ ଜିଲାର ପ୍ରାୟ ୧୦ ହଜାର ହେକ୍ଟର ଅଞ୍ଚଳକୁ ହାତୀ ଚଳପ୍ରଚଳ ଅଞ୍ଚଳ କରିବାକୁ ପ୍ରସ୍ତାବ ହୋଇଥିଲା। ଏ ନେଇ ଉକ୍ତ ଜିଲାଗୁଡ଼ିକରେ ଆଲୋଚନା, ବୈଠକ ବସିଥିଲା। ଏଥିସହ ହାତୀଙ୍କ ସୁରକ୍ଷା ପାଇଁ ସରକାରୀସ୍ତରରେ ମଧ୍ୟ ଉଦ୍ୟମ ହୋଇଥିଲା। କିନ୍ତୁ ଏହାଦ୍ୱାରା ଖଣି ଖାଦାନ ଓ ଅନ୍ୟ ବିକାଶମୂଳକ କାର୍ଯ୍ୟ ବାଧାପ୍ରାପ୍ତ ହେବା ସମ୍ଭାବନା ଦେଖାଯାଇଥିଲା। ଏଣୁ ପରେ ପ୍ରସ୍ତାବକୁ ସ୍ଥଗିତ କରିଦିଆଗଲା। ଏବେ ବି ହାତୀଙ୍କ ସୁରକ୍ଷା ପାଇଁ ଅନେକ କୋଟି ଟଙ୍କା ଖର୍ଚ୍ଚ ହେଉଛି। ମାତ୍ର ପ୍ରକୃତରେ ସେମାନଙ୍କ ସୁରକ୍ଷା ହୋଇପାରୁ ନାହିଁ। ଫଳରେ ସ୍ୱାଭାବିକ ଓ ଅସ୍ୱାଭାବିକ ଭାବେ ବହୁ ହାତୀଙ୍କ ଜୀବନ ଚାଲିଯାଉଛି। ବିଦ୍ୟୁତ୍ ଆଘାତ, ଟ୍ରେନ୍ ଓ ବସ୍ ଦୁର୍ଘଟଣା, ସମ୍ପତ୍ତି ଓ ଲୋକଙ୍କ ଜୀବନ ପାଇଁ କିମ୍ବା ଦାନ୍ତ ଲାଗି ଶିକାର, ରୋଗ ସଂକ୍ରମଣ ଆଦିରେ ବହୁହାତୀଙ୍କ ମୃତ୍ୟୁ ଘଟୁଥିବାରୁ ଏହାକୁ ନେଇ ପରିବେଶବିତ୍ ଉଦ୍‌ବେଗ ପ୍ରକାଶ କରୁଛନ୍ତି।

# ବ୍ରାହ୍ମଣୀରେ ବୁଡ଼ି ୨ ଛାତ୍ର ମୃତ

ରାଉରକେଲା,୮।୬(ଦିନେଶ ମିଶ୍ର)

ବ୍ରାହ୍ମଣୀତରଙ୍ଗ ଥାନା ଅନ୍ତର୍ଗତ ବେଦବ୍ୟାସ ନିକଟ ବ୍ରାହ୍ମଣୀ ନଦୀରେ ଶନିବାର ୬ ଛାତ୍ରୀଛାତ୍ର ଗାଧୋଉଥିବାବେଳେ ବୁଡ଼ିଯାଇ ୨ ଜଣଙ୍କ ମୃତ୍ୟୁ ଘଟିଛି। ଅନ୍ୟ ଜଣେ ଗୁରୁତର ହୋଇଛନ୍ତି। ମୃତ ୨ ଛାତ୍ର ହେଲେ ପୁରୀ ଜିଲା ପିପିଲି ଅଞ୍ଚଳର ସମିରନ୍ ସୁକୁମାର ନାୟକ(୨୩) ମ ବାଲେଶ୍ୱର ଜିଲା ଜଳେଶ୍ୱର ବ୍ଲକ ରାଇବଣିଆ ଥାନା ଅନ୍ତର୍ଗତ ଖୁଆଡ଼ ଗ୍ରାମର ଚନ୍ଦନ ସାହୁଙ୍କ ପୁଅ ରଜତ ସାହୁ (୨୧)। ଗୁରୁତର ହୋଇଥିବା ଛାତ୍ରୀ ଅଭିଲିପ୍ସା ପ୍ରଧାନ। ସମସ୍ତ ଛାତ୍ରୀଛାତ୍ର ସମ୍ବଲପୁର ୟୁନିଭର୍ସିଟି ଇନ୍‌ଷ୍ଟିଚ୍ୟୁଶନ ଅଫ୍ ଇନ୍‌ଫରମେଶନ ଟେକ୍ନୋଲୋଜି ଇଞ୍ଜିନିୟରିଂର ଦ୍ୱିତୀୟ ବର୍ଷରେ ପାଠ ପଢ଼ନ୍ତି।

ସମିରନ୍, ରଜତ, ଅଭିଲିପ୍ସାଙ୍କ ସହ ବିଷ୍ଣୁ ଦେବୀ, ତପନ କୁମାର ପାତ୍ର ଓ ସମ୍ବିଧାନ ସାହୁ ରାଉରକେଲା ଏନ୍‌ଆଇଟିକୁ ଗ୍ରୀଷ୍ମକାଳୀନ ଇର୍ଣ୍ଟର୍ନଶିପ୍ କରିବାକୁ ଆସିଥିଲେ। ଏନ୍‌ଆଇଟି ପରିସର ହଷ୍ଟେଲରେ ରହୁଥିଲେ। ଏହି ୬ ଜଣ ପୂର୍ବାହ୍ନ ୧୦ଟା ୩୦ରେ ବେଦବ୍ୟାସ ପୀଠ ବୁଲିବାକୁ ଯାଇଥିଲେ। ମନ୍ଦିର ଓ ଗୁମ୍ଫା ବୁଲାବୁଲି ସାରି ସମସ୍ତେ ବ୍ରାହ୍ମଣୀ ନଦୀକୁ ଗାଧୋଇବାକୁ ଯାଇଥିବାବେଳେ ସମିରନ୍ ଓ ରଜତ ଜଳସ୍ରୋତରେ ଭାସିଯାଇଥିଲେ। ଏହା ଦେଖି ଅଭିଲିପ୍ସା ସେମାନଙ୍କୁ ବଞ୍ଚାଇବାକୁ ଉଦ୍ୟମକରି ଭାସିଯାଇଥିଲେ। ସାଙ୍ଗରେ ଥିବା ଅନ୍ୟ ୩ ଜଣ ସ୍ଥାନୀୟ ଲୋକଙ୍କୁ ଡାକିଥିଲେ। ଲୋକେ ଅଭିଲିପ୍ସାଙ୍କୁ ନଦୀଜଳରୁ ଉଦ୍ଧାରକରି ନେଇଥିଲେ। ମାତ୍ର ରଜତ ଓ ସମିରନ୍ କେଉଁଆଡ଼େ ଭାସିଯାଇଥିଲେ। ପରେ ସ୍ଥାନୀୟ ଲୋକମାନେ ପୋଲିସ ଓ ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ପୋଲିସ ଓ ଅଗ୍ନିଶମ କର୍ମଚାରୀ ବହୁ ଖୋଜାଖୋଜି କରିବା ପରେ ରଜତ ଓ ସମିରନ୍‌ଙ୍କୁ ଉଦ୍ଧାର କରି ରାଉରକେଲା ସରକାରୀ ଡାକ୍ତରଖାନା(ଆର୍‌ଜିଏଚ୍)ରେ ଚିକିତ୍ସା ଲାଗି ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ଉଭୟଙ୍କୁ ମୃତ ଘୋଷଣା କରିଥିଲେ। ଅନ୍ୟପକ୍ଷେ ଆର୍‌ଜିଏଚ୍‌ରେ ଭର୍ତ୍ତି ହୋଇଥିବା ଅଭିଲିପ୍ସାଙ୍କ ସ୍ୱାସ୍ଥ୍ୟ ଅବସ୍ଥାରେ ଉନ୍ନତି ଆସିଥିବା ଡାକ୍ତରଖାନା ସୂତ୍ରରୁ ଜଣାପଡ଼ିଛି। ଏନେଇ ବ୍ରାହ୍ମଣୀତରଙ୍ଗ ଥାନାରେ କୌଣସି ଲିଖିତ ଅଭିଯୋଗ ହୋଇନାହିଁ। ମୃତକଙ୍କ ପରିବାର ଲୋକେ ରାଉରକେଲାରେ ପହଞ୍ଚିବା ପରେ ପୋଲିସ ଅଭିଯୋଗ ଆଧାରରେ ଘଟଣାର ତଦନ୍ତକରି ମୃତଦେହ ହସ୍ତାନ୍ତର କରିବ ବୋଲି ଥାନା ସବ୍‌ଇନ୍ସପେକ୍ଟର ଉଦୟ ସାହୁ ସୂଚନା ଦେଇଛନ୍ତି। ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକ ଘଟଣାସ୍ଥଳରେ ପହଞ୍ଚି ଗଭୀର ଶୋକ ପ୍ରକାଶ କରିଛନ୍ତି। ସେ ଆର୍‌ଜିଏଚ୍ ଯାଇ ଚିକିତ୍ସାଧୀନ ଛାତ୍ରୀଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରିବୁଝିଛନ୍ତି। ବ୍ରାହ୍ମଣୀ ଓ କୋଏଲ ନଦୀରେ ବିଭିନ୍ନ ସମୟରେ ଘଟୁଥିବା ଦୁର୍ଘଟଣାକୁ ଏଡ଼ାଇବା ପାଇଁ ଉକ୍ତ ସ୍ଥାନଗୁଡ଼ିକରେ ସଚେତନତା ଫଳକ ଲଗାଇବାକୁ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିବେ ବୋଲି ସାରଦା କହିଛନ୍ତି।


ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକ ଆର୍‌ଜିଏଚ୍ ଯାଇ ଚିକିତ୍ସାଧୀନ ଛାତ୍ରୀଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝୁଛନ୍ତି।

ଯେ ପର୍ଯ୍ୟନ୍ତ ତୁମେ ନିଜକୁ ଠିକ୍ ଉପଦେଶଟିଏ ଦେଇ ନ ପାରିଛ– ସେ ପର୍ଯ୍ୟନ୍ତ ତୁମେ ତାହା ଅନ୍ୟଙ୍କୁ ଦେଇପାରିବ ନାହିଁ। ଯେଉଁ ଉପଦେଶଟି ତୁମେ ନିଜେ ପାଳି ନାହିଁ– ତାକୁ ତୁମେ ଅନ୍ୟଙ୍କୁ ପାଳିବା ପାଇଁ କହିପାରିବ ନାହିଁ। –ଶ୍ରୀମା



# ମେଣ୍ଟ ସରକାର



ଆକାର ପଟେଲ

ଶପଥ ଗ୍ରହଣ ପୂର୍ବରୁ ପ୍ରଧାନମନ୍ତ୍ରୀ ସେଣ୍ଟ୍ରାଲ ହଲ୍‌ରେ ଏନ୍‌ଡିଏ ସହଯୋଗୀଙ୍କ ସହ କଥା ହୋଇଥିଲେ। ତାଙ୍କର ବାର୍ତ୍ତା ଥିଲା, ସେ ଆଉ ଦଶବର୍ଷ ପ୍ରଧାନମନ୍ତ୍ରୀ ରହିବେ। ସହଯୋଗୀ ଦଳକୁ ଖବର ପ୍ରତି ଧ୍ୟାନ ନ ଦେବାକୁ କହିବା ଥିଲା ତାଙ୍କ ବାର୍ତ୍ତାର ମୁଖ୍ୟାଂଶ। ସେ କହିଥିଲେ, ଏବେଠାରୁ ସେମାନଙ୍କ ସରକାର ବିଷୟରେ କିଛି ରିପୋର୍ଟ କରାଯିବ। କିନ୍ତୁ ସହଯୋଗୀମାନେ ଏହି ରିପୋର୍ଟକୁ ଏଡ଼ାଇଯିବା ଦରକାର ଏବଂ ଯାଞ୍ଚ ନ କରି କିଛି ବି ବିଶ୍ୱାସ କରିବା ଅନୁଚିତ। ଏଭଳି କହିବାର କାରଣ ହେଲା, ବିଷୟଗୁଡ଼ିକ ଉପରେ ଏପରି ଭାବେ ରିପୋର୍ଟିଂ ଆରମ୍ଭ ହେବ, ଯାହା ଗତ ଦଶନ୍ଧିରେ କେବେ ହୋଇ ନ ଥିଲା। କହିବାକୁ ଗଲେ ଆମେ ଏକ ସମ୍ପୂର୍ଣ୍ଣ ଗୁପ୍ତଯୁଗରୁ ବାହାରି ଆସିଛୁ। ବିମୁଦ୍ରୀକରଣ ହେଉଛି ବୋଲି ମୋଦିଙ୍କ ନିଜ କ୍ୟାବିନେଟ୍ ମନ୍ତ୍ରୀମାନେ ଜାଣି ନ ଥିଲେ। ଆମେ ଏହା ଜାଣୁ, କାରଣ ବିମୁଦ୍ରୀକରଣକୁ ଅନୁମତି ଦେବା ପାଇଁ ମୋଦିଙ୍କ ଭାଷଣର କିଛି ଘଣ୍ଟା ପୂର୍ବରୁ କ୍ୟାବିନେଟ୍ ବୈଠକ ଡକାଯାଇଥିଲା। ହେଲେ ସେହି ବୈଠକକୁ ମନ୍ତ୍ରୀମାନଙ୍କୁ ଫୋନ୍ ନ ନେବା ଲାଗି କୁହାଯାଇଥିଲା। ଏହି ଖବର ବାହାରକୁ ପ୍ରସାରଣ ନ ହେବା ପାଇଁ ଏଭଳି କଟକଣା କରାଯାଇଥିଲା। ୨୦୨୦ରେ ଦେଶବ୍ୟାପୀ ଲକ୍‌ଡାଉନ ସମୟରେ ମଧ୍ୟ ସମାନ ପରିସ୍ଥିତି ଉପୁଜିଥିଲା, ଯାହା ସମ୍ପୂର୍ଣ୍ଣ ଅପ୍ରତ୍ୟାଶିତ ଥିଲା। ଏବେ ଏହି ପ୍ରକାର ଘଟଣା ଆଉ ଘଟିବ ନାହିଁ। କାରଣ ମିଳିତ ସହଯୋଗୀଙ୍କୁ ନେଇ ଏକ କ୍ୟାବିନେଟ୍ ପୁନର୍ବାର ଫେରିଛି। ଜଣଙ୍କ ନେତୃତ୍ୱରେ ରହିଥିବା ସାମୂହିକ କ୍ୟାବିନେଟ୍ ଯୁଗ ଶେଷହୋଇଛି। ଏହା ଭଲ କଥା। ଗଣତନ୍ତ୍ରରେ ଗଣମାଧ୍ୟମର ବିଚାର ବା ଅନୁଧ୍ୟାନର ଏକ କାରଣ ଅଛି। ଗୋଟିଏ ଦିଗ ହେଉଛି, ଏକ ସ୍ୱାଧୀନ ଗଣମାଧ୍ୟମ ବିନା ଭୟରେ କ୍ଷମତାରେ ଥିବା ଲୋକଙ୍କ ବିଷୟରେ ମତ ଦେଇପାରିବ। ଅନ୍ୟଟି ହେଉଛି, ଯାହା ଗୁପ୍ତରେ କୁହାଯାଏ କିମ୍ବା ଆଦୌ କୁହାଯାଇପାରେନାହିଁ, ଲାଭ ପାଇବା ପାଇଁ ସରକାର ଭିତରର ଲୋକମାନେ ଏହାକୁ ସମର୍ଥନ କରିଥାନ୍ତି। ସମସ୍ତ ଗଣତାନ୍ତ୍ରିକ ରାଷ୍ଟ୍ରରେ ଏହା ସାଧାରଣ କଥା। ଏକଛତ୍ରବାଦ ଶାସନରେ ଅସାମାନ୍ୟ ଘଟଣାଗୁଡ଼ିକ ସମ୍ପର୍କରେ କୌଣସି ଅନୁଧ୍ୟାନ କରାଯାଏ ନାହିଁ। ସେଠାରେ ସର୍ବେକ୍ଷଣ ବା ଯାଞ୍ଚ ହେବାର ଭୟ ଅଛି ଏବଂ କଥା କହି ଦଣ୍ଡିତ ହେବାର ଆଶଙ୍କା ରହିଛି। ତେଣୁ ଅନ୍ତତଃପକ୍ଷେ ଗଣମାଧ୍ୟମର ଏକ ପରିବର୍ତ୍ତନ ଆସୁ ଓ ପ୍ରଧାନମନ୍ତ୍ରୀ ଏହାକୁ ସ୍ୱୀକୃତି ଦିଅନ୍ତୁ ବୋଲି ଆମେ ଆଶା କରିବା ଉଚିତ୍। ତାଙ୍କ ସହଯୋଗୀମାନେ ମିଡିଆକୁ ଶୁଣିବେନି ବୋଲି ଯାହା ସେ ଭାବୁଛନ୍ତି ତାହା ହେବନାହିଁ। କାରଣ ଯେଉଁ ଘଟଣା ସେମାନଙ୍କ ପାଇଁ ଚିନ୍ତାଜନକ ତାହାକୁ ସେମାନେ ନିଶ୍ଚିତ ଶୁଣିବେ।

ନରସିଂହ ରାଓଙ୍କ ସରକାରର ପତନ ପରେ ମେଣ୍ଟ ସରକାରର ଧାରା ଆରମ୍ଭ ହୋଇଥିଲା। ଏବେ ମୋଦିଙ୍କ ପାଇଁ ଏଭଳି ସରକାର ସୁବିଧାଜନକ, ଅର୍ଥାତ୍ ତାଙ୍କ ପାଖରେ ୨୪୦ ସାଂସଦ ଅଛନ୍ତି। ତାଙ୍କ ପୂର୍ବରୁ ଏନ୍‌ଡିଏ ନେତା ଅଟଳ ବିହାରୀ ବାଜପେୟୀଙ୍କ ପାଖରେ ଶେଷ ପାଳିରେ ୧୮୦ ସାଂସଦ ଥିଲେ। ନିର୍ଦ୍ଦିଷ୍ଟ ଭାବେ ମେଣ୍ଟ ଅଧିକ ବିପଦରେ ଥିଲା ଓ ତାହା ଖବର ପାଲଟୁଥିଲା। ଫେବୃଆରୀ ୧୯୯୯ରେ ଏକ ରୋଚକ ଖବର ସାମ୍ନାକୁ ଆସିଥିଲା, ଯେଉଁଥିରେ ଏଡିଏମ୍‌କେ ନେତା ତଥା ଏନ୍‌ଡିଏ ସହଯୋଗୀ ଜୟଲଳିଥାଙ୍କୁ ଶାନ୍ତ କରିବା ପାଇଁ ବାଜପେୟୀ ପ୍ରତିରକ୍ଷା ମନ୍ତ୍ରୀ ଜର୍ଜ ଫର୍ନାଣ୍ଡିଜ୍‌ଙ୍କୁ ପଠାଇଥିବା ବିଷୟ ଦର୍ଶାଯାଇଥିଲା। ଫର୍ନାଣ୍ଡିଜ୍ ଭାଜପା ନେତା ପ୍ରମୋଦ ମହାଜନଙ୍କ ସହ ଜୟଲଳିଥାଙ୍କ ଚେନ୍ନାଇସ୍ଥିତ ପୋସ ଗାର୍ଡେନ୍ ବାସଭବନକୁ ଯାଇଥିଲେ। କିନ୍ତୁ ଜୟଲଳିଥା ଦେଖା ନ ଦେଇ ଫର୍ନାଣ୍ଡିଜ୍‌ଙ୍କୁ ଇଣ୍ଟରକମ୍‌ରେ କଟୁବାକ୍ୟ ପ୍ରୟୋଗ କରିଥିଲେ। ନଭେମ୍ବର ୨୦୦୧ରେ ଆଉ ଏକ ଖବର ପ୍ରକାଶ ପାଇଥିଲା। ଏନ୍‌ଡିଏରେ ଯୋଗଦେବା ପରେ ତୃଣମୂଳ କଂଗ୍ରେସ(ଟିଏମ୍‌ସି) କିପରି ଏକ କ୍ୟାବିନେଟ ବୈଠକରେ ଯୋଗଦେଇ ନ ଥିଲା ସେହି ବିଷୟରେ ଏଥିରେ ଉଲ୍ଲେଖ କରାଯାଇଥିଲା। ଭାଜପା ଅଧ୍ୟକ୍ଷ ଜନ କୃଷ୍ଣମୂର୍ତ୍ତି କହିଥିଲେ, କିପରି ଜଣେ ତୁରନ୍ତ ମନ୍ତ୍ରୀ ହେବାକୁ ଆଶା କରିପାରିବ। ମନ୍ତ୍ରୀ ହେବାକୁ ଭାଜପାର ଅନେକ ସାଂସଦ ଅଛନ୍ତି ଏବଂ ସେମାନେ ଅନେକ ଦିନ ହେଲା ଅପେକ୍ଷାରେ ରହିଆସିଛନ୍ତି।

ଭାରତୀୟ ଗଣତନ୍ତ୍ରରେ ଏଭଳି ସବୁ ମେଣ୍ଟ ସରକାର ରହିଆସିଛି। ହେଲେ ଗତ ଦଶନ୍ଧି ଥିଲା ଦେବା ଏବଂ ନେବାର ରାଜନୀତି, ଯାହା ଏକ ବିଚ୍ୟୁତି। ବାଜପେୟୀ ଜଣେ ପ୍ରଗତିଶୀଳ ରାଜନେତା ଥିଲେ। ସେ ଅସନ୍ତୋଷ, କ୍ରୋଧ ଏବଂ ଅପମାନକୁ ଗ୍ରହଣ କରିବାକୁ ପ୍ରସ୍ତୁତ ଥିଲେ। ସେଥିପାଇଁ ତାଙ୍କ ପାଖରେ କମ୍ ସଂଖ୍ୟା ଥିଲେ ମଧ୍ୟ ସେ ମୋଦିଙ୍କଠାରୁ ଅଧିକ ସୁବିଧାରେ ଥିଲେ। ଏଣୁ ମୋଦିଙ୍କୁ ଆପୋଷ ବୁଝାମଣା କରିବା କୌଶଳ ଶିଖିବାକୁ ପଡ଼ିବ। ଅନୁମାନ କରାଯାଏ, ବାଜପେୟୀ ଯେଭଳି ସ୍ଥିତିରେ ରହିଥିଲେ, ହାତରେ ଅଧିକ ସିଟ୍ ଥିଲେ ମଧ୍ୟ ମୋଦି ସେପରି ସ୍ଥିତିରେ ରହିବେ ନାହିଁ। କିନ୍ତୁ ଗତ ଦଶନ୍ଧି ଅର୍ଥାତ୍ ୨୦୧୪ ରୁ ୨୦୨୪ ମଧ୍ୟରେ ଯାହା ଘଟିଛି, ତାହା ସମୟକ୍ରମେ ହେବନାହିଁ। ଯେତେବେଳେ ତାଙ୍କ କ୍ୟାବିନେଟ୍‌ର ମୁଖ୍ୟଙ୍କ ଉପରେ କିଛି ଲଦିବେ ସେ ବିଷୟରେ ଅନୁଧ୍ୟାନ କରାଯିବ। ଆମେ ନିଶ୍ଚିତ ହୋଇପାରିବା ଯେ, ଏ ସମ୍ପର୍କରେ ଖବର ପ୍ରକାଶ ପାଇବ ; କାରଣ ସହଯୋଗୀ ଦଳ କିମ୍ବା ଭାଜପା ଭିତରେ ଥିବା ଲୋକମାନେ ଜଣାଇବାକୁ ଚାହୁଁଛନ୍ତି। ଲୋକଙ୍କୁ ଖବରକୁ ଅଣଦେଖା କରିବା କହିଲେ ବି ତାହା କାମ କରିବ ନାହିଁ।

ଏକ ମେଣ୍ଟ ରାଜନୀତିରେ 'ସହଯୋଗୀ' ଶବ୍ଦ ଭ୍ରମାତ୍ମକ ମନେହୁଏ, କାରଣ ସହଯୋଗୀ ପରାମର୍ଶ ଦିଅନ୍ତି ଓ ସର୍ବଦା ଆପଣଙ୍କ ପାଇଁ ଏବଂ ଆପଣଙ୍କ ସହିତ ଥାଆନ୍ତି। ହେଲେ ଏହା ଭୁଲ୍। ସେମାନେ ସର୍ବଦା ନିଜ ପାଇଁ ଏବଂ ବେଳେବେଳେ ଆପଣଙ୍କ ସହ ରହନ୍ତି। ଆମଭଳି ମରଣଶୀଳ ମାନବ ବିଶ୍ୱର ଅପ୍ରୀତିକର ବାସ୍ତବତା ସହ ଜଡ଼ିତ ହେବାକୁ ପଡ଼ିବ। ତାହାକୁ ଅଣଦେଖା କରାଯାଇପାରିବ ନାହିଁ, କାରଣ ସେଗୁଡ଼ିକ ନିଶ୍ଚିତ ଭାବେ ସାମ୍ନାକୁ ଆସିବେ। ଯେଉଁମାନେ ଖବର ଲେଖନ୍ତି, ରିପୋର୍ଟ କରନ୍ତି ଏବଂ ପଢୁଛନ୍ତି, ସେମାନଙ୍କ ପାଇଁ ପାଞ୍ଚବର୍ଷ ଏକ ରୋଚକ, ଆକର୍ଷକ ଏବଂ ଅନେକ ସମୟରେ ମନୋରଞ୍ଜକ ହେବ।

Email:aakar.patel@gmail.com

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 5 | 9 | | | 1 | | | |
| | | | | | | | | 5 |
| | 7 | 6 | | | 9 | | 4 | |
| | 1 | 4 | 9 | | | | | |
| 3 | | | | | 7 | | | |
| | | | | 8 | 6 | 1 | | |
| | | | 3 | | | | 8 | |
| | | 1 | | | 4 | | 9 | 6 |
| 6 | | 5 | | | | 7 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 3 | 8 | 4 | 9 | 2 | 5 | 7 | 1 | 6 |
| 9 | 1 | 6 | 7 | 8 | 4 | 2 | 3 | 5 |
| 7 | 2 | 5 | 3 | 1 | 6 | 9 | 8 | 4 |
| 2 | 7 | 1 | 8 | 4 | 9 | 5 | 6 | 3 |
| 6 | 5 | 3 | 2 | 7 | 1 | 4 | 9 | 8 |
| 4 | 9 | 8 | 5 | 6 | 3 | 1 | 7 | 2 |
| 1 | 3 | 9 | 6 | 5 | 2 | 8 | 4 | 7 |
| 8 | 6 | 2 | 4 | 9 | 7 | 3 | 5 | 1 |
| 5 | 4 | 7 | 1 | 3 | 8 | 6 | 2 | 9 |

ଗତକାଲିର ଉତ୍ତର

# ନିର୍ଭୀକା ନନ୍ଦିନୀ



ଡ. ପ୍ରଫୁଲ୍ଲ କୁମାର ସାହୁ

ମାଟିର ସୁକନ୍ୟା ନନ୍ଦିନୀ ଶତପଥୀ। ନାରୀ ଅସ୍ମିତାର ଏକ ତେଜୋଦୀପ୍ତ ସ୍ୱର। ତାଙ୍କ ନିର୍ଭୀକତା, ସାହସିକତା ଓ ବେସାଲିସ୍‌ପଣକୁ ନେଇ ଗଢ଼ିଉଠିଛି ଅନେକ କଥା, କାହାଣୀ ଓ କିମ୍ବଦନ୍ତୀ। ୧୯୫୧ ମସିହା ଜୁଲାଇ ୧୯ ତାରିଖର ଘଟଣା। ଛାତ୍ରଛାତ୍ରୀଙ୍କ ମାସିକ ଦେୟ ବୃଦ୍ଧିକୁ ନେଇ ସାରା ରାଜ୍ୟରେ ଚାଲିଥାଏ ଆନ୍ଦୋଳନ। ରେଭେନ୍ସା କଲେଜ ଥିଲା ଆନ୍ଦୋଳନର କେନ୍ଦ୍ର, ଯେଉଁଠି ସେତେବେଳେ ଚାଲୁଥିଲା ଓଡ଼ିଶା ବିଧାନସଭା। ଆନ୍ଦୋଳନର ନେତୃତ୍ୱ ନେଉଥିଲେ ଏମ୍.ଏ. ଶ୍ରେଣୀର ଛାତ୍ରୀ ତଥା ଛାତ୍ର ସଂଘର ତତ୍କାଳୀନ ସମ୍ପାଦିକା ନନ୍ଦିନୀ ଶତପଥୀ। ସଂଘର ଦାବି ପ୍ରତି ସରକାର କର୍ଣ୍ଣପାତ ନ କରିବାରୁ କଲେଜ ଫାଟକ ଆଗରେ ଚାଲିଲା ବିକ୍ଷୋଭ ଓ ଧାରଣା। ମୁଖ୍ୟମନ୍ତ୍ରୀ ନବକୃଷ୍ଣ ଚୌଧୁରୀ ନିଜେ ଧାରଣା ସ୍ଥଳରେ ପହଞ୍ଚି ଯେତେ ବୁଝାଇଲେ ବି ନନ୍ଦିନୀଙ୍କର ସେହି ଗୋଟିଏ ଜିଦ୍, ଛାତ୍ର ସଂଘର ଦାବି ସରକାର ନ ମାନିବା ପର୍ଯ୍ୟନ୍ତ ହଟିବନି ଧାରଣା। ଶେଷରେ ଛାତ୍ର ସଂଘର ଦାବି ମାନିବାକୁ ବାଧ୍ୟ ହେଲେ ସରକାର।

ଲାଲ୍‌ବାହାଦୁର ଶାସ୍ତ୍ରୀଙ୍କ ମୃତ୍ୟୁ(୧୧।୧।୧୯୬୬) ପରେ ପ୍ରଧାନମନ୍ତ୍ରୀ ପଦକୁ ନେଇ ମୋରାରଜୀ ଦେଶାଇ ଓ ଇନ୍ଦିରା ଗାନ୍ଧୀଙ୍କ ମଧ୍ୟରେ ଚାଲିଲା ଛକାପଞ୍ଝା। ଏହାକୁ କେନ୍ଦ୍ରକରି ଜାତୀୟ କଂଗ୍ରେସରେ ଦୁଇଟି ଗୋଷ୍ଠୀର ଉଦ୍ଭବ ହେଲା, ଯା'ର ପ୍ରଭାବ ପଡ଼ିଥିଲା ଓଡ଼ିଶା ରାଜନୀତିରେ। ବିଜୁ ପଟ୍ଟନାୟକ ଓଡ଼ିଶାର ସାଂସଦମାନଙ୍କୁ ତାଙ୍କ ଦିଲ୍ଲୀସ୍ଥିତ ବାସଭବନକୁ ଡାକି ମୋରାରଜୀ ଦେଶାଇଙ୍କ ସପକ୍ଷରେ ଭୋଟ ଦେବା ପାଇଁ କହିଥିଲେ, ଯାହାକୁ ଅନ୍ୟମାନେ ମାନିନେଇଥିଲେ ବି ରୋକ୍‌ଠୋକ୍ ଭାବେ ମନାକରିଥିଲେ ନନ୍ଦିନୀ ଶତପଥୀ। ତାଙ୍କର ଉତ୍ତର ଥିଲା– ବିବେକର ଅନୁମୋଦନକ୍ରମେ ମୁଁ ଇନ୍ଦିରା ଗାନ୍ଧୀଙ୍କୁ ଭୋଟ ଦେବା ପାଇଁ ସ୍ଥିର କରିସାରିଛି ମାନେ ଏହା ସହ ଯୋଡ଼ି ହୋଇ ରହିଛି ମୋର ସ୍ୱାଭିମାନ।

ସତୁରି ଦଶକରେ ଆନ୍ଧ୍ରପ୍ରଦେଶର ଶ୍ରୀକାକୁଲମ୍ ଜିଲା ଓ ଓଡ଼ିଶାର କୋରାପୁଟ ଜିଲାରେ ବଢ଼ିଚାଲିଥାଏ ନକ୍ସଲଙ୍କ ପ୍ରାଦୁର୍ଭାବ। ଦୃଢ଼ ହସ୍ତରେ ନକ୍ସଲ ଦମନ ପାଇଁ ସବୁଆଡୁ ଉଠୁଥାଏ ଦାବି। ନନ୍ଦିନୀଦେବୀ ସେତେବେଳେ ଓଡ଼ିଶାର ମୁଖ୍ୟମନ୍ତ୍ରୀ। ଦୁର୍ବଳର ପକ୍ଷ ନେଇ ଲଢ଼ିବା ଥିଲା ତାଙ୍କ ରାଜନୀତିର ମୂଳମନ୍ତ୍ର। ସେ ଜାଣିଥିଲେ ନକ୍ସଲଙ୍କ ମଧ୍ୟରୁ ଅଧିକାଂଶ ନିରୀହ ଆଦିବାସୀ, ଯେଉଁମାନେ ଅକଥନୀୟ ଅତ୍ୟାଚାର ଶୋଷଣ ବିରୋଧରେ ବାଧ୍ୟ ହୋଇ ବାଛିନେଇଛନ୍ତି ଏମିତି ପନ୍ଥା। ତେଣୁ ସେ ଚାହିଁଲେ ସେମାନଙ୍କ ସହ ଆଲୋଚନା ପାଇଁ। ସେ ଜାଣିଥିଲେ ଆଲୋଚନା ପାଇଁ ସେମାନେ କେବେବି ଆସିବେନି ସରକାର ପ୍ରତି ଅନାସ୍ଥାଭାବ ଯୋଗୁ। ଏଭଳି ସ୍ଥିତିରେ ସେ ଏକୁଟିଆ ସେମାନଙ୍କ ପାଖକୁ ଯିବାପାଇଁ ଘୋଷଣା କଲେ। ବହୁ ଅଫିସର ନକ୍ସଲମାନଙ୍କୁ ନରରାକ୍ଷସ ସହିତ ତୁଳନା କରି ଭୟ ସୃଷ୍ଟି କରିବାକୁ ଚାହିଁଲେ ମୁଖ୍ୟମନ୍ତ୍ରୀଙ୍କ ମନରେ। ମାତ୍ର ଅଫିସରମାନଙ୍କୁ ସେ ରୋକ୍‌ଠୋକ୍ ଶୁଣେଇଦେଲେ– ସବୁବେଳେ ଯେଉଁ ମୃତ୍ୟୁ ଆମ ପାଖେ ପାଖେ ଜଗିରହିଛି, ତାକୁ ପୁଣି ଏତେ ଭୟ କାହିଁକି? ଶେଷରେ କାହାରି କଥା ନ ଶୁଣି ସେ ନକ୍ସଲ ଆଡ୍ଡାରେ ଏକା ଏକା ପ୍ରବେଶ କଲେ ନିର୍ଭୀକ ଭାବରେ। ସେମାନଙ୍କୁ ଜଙ୍ଗଲ ଭିତରେ ବସେଇ ଆରମ୍ଭ କଲେ ସଭା। ସମସ୍ତଙ୍କୁ ସମ୍ବୋଧନ କରି କହିଲେ, ତମମାନଙ୍କ ଶୋଷଣ କଷଣର କାରଣ ମୁଁ ଜାଣିଛି। କିନ୍ତୁ ତମେମାନେ ହିଂସାକୁ ସମାଧାନର ପନ୍ଥା ବୋଲି ଭାବି ଯାହା କିଛି କରୁଛ, ତାହା ସମ୍ପୂର୍ଣ୍ଣ ଭୁଲ୍। ହିଂସା କେବଳ ବିକାଶର ବାଧକ। ମଣିଷର ଶତ୍ରୁ। ତେଣୁ ହିଂସା ପରିବର୍ତ୍ତେ ତମେ ଆପଣେଇ ନିଅ ସମ୍ଭାବନାର ସୂତ୍ର। ତମକୁ ମୁଖ୍ୟ ସ୍ରୋତକୁ ଫେରାଇ ଆଣିବା ପାଇଁ ସରକାର ତମର ଦାବି ମାନିନେବାକୁ ପ୍ରସ୍ତୁତ। କୁହ, ତମ ପାଇଁ ପ୍ରଥମେ କ'ଣ କରିବା ଦରକାର। ଏକ ସ୍ୱରରେ ସେମାନେ କହିଲେ, ବେଠି ପ୍ରଥା ଉଚ୍ଛେଦ ଆମର ଦାବି। ତାଙ୍କ କଥାରେ ମୁଖ୍ୟମନ୍ତ୍ରୀ ଏକମତ ହେଲେ ଏବଂ ସେମାନଙ୍କ ବିକାଶ ପାଇଁ ପ୍ରସ୍ତୁତ କଲେ ଯୋଜନା। ସମାଜର ପ୍ରଭାବଶାଳୀ ବର୍ଗର ବିରୋଧ ସତ୍ତ୍ୱେ କାର୍ଯ୍ୟକାରୀ ହେଲା ଭୂସଂସ୍କାର ଓ ମହାଜନୀ ବ୍ୟବସ୍ଥା ଉଚ୍ଛେଦ ଆଇନ।



ଜୟନ୍ତୀ ଉପଲକ୍ଷେ

୧୯୭୩ ମସିହା କଥା। ସେତେବେଳେ ମୁଖ୍ୟମନ୍ତ୍ରୀ ଭାବରେ ନନ୍ଦିନୀଦେବୀଙ୍କର ପ୍ରଥମ ପାଳି। ଦିନେ ସଚିବାଳୟରେ ବସି ଫାଇଲ୍ ଦେଖୁଥିବା ବେଳେ ଭିତରକୁ ଆସିଲେ କେତେଜଣ ଜଙ୍ଗଲ ଅଧିକାରୀ। ସେମାନଙ୍କ ଭିତରୁ ସରୋଜ ଚୌଧୁରୀଙ୍କ ହାତରେ ଥିଲା ବିଲେଇ ପରି ଦିଶୁଥିବା ବାଘ ଛୁଆଟିଏ। ସେଇଟା କ'ଣ ବୋଲି ପଚାରିବାରୁ ସେ ମୁଖ୍ୟମନ୍ତ୍ରୀଙ୍କ ଟେବୁଲ ଉପରେ ବାଘ ଛୁଆଟିକୁ ରଖିଦେଇ କହିଲେ, ମାଡାମ୍ ବାଘଛୁଆ। ଖଇରୀ ନଦୀକୂଳରୁ ମିଳିଛି। କେବଳ ଆପଣଙ୍କୁ ଦେଖେଇବା ପାଇଁ ଆଣିଛୁ।

ନନ୍ଦିନୀଦେବୀ ହାତରେ ଧରି ତାକୁ ବହୁତ ଗେଲ କଲେ ଏବଂ ଆଉଁଶି ଦେଉ ଦେଉ କହିଲେ, ଖଇରୀ ନଦୀକୂଳରୁ ମିଳିଥିବାରୁ ତା'ର ନାମ ରଖାଯାଉ ଖଇରୀ। ତା'ପରେ ଖଇରୀ ରହିଲା ବାରିପଦାରେ, ଚୌଧୁରୀ ବାବୁଙ୍କ ତତ୍ତ୍ୱାବଧାନରେ। କେବେକେବେ ବିଲେଇ ପରି ଦିଶୁଥିବା ତା'ର ଚେହେରାଟା ଭାସିଉଠେ ନନ୍ଦିନୀଦେବୀଙ୍କ ସ୍ମୃତିପଟରେ। ଇତିମଧ୍ୟରେ ବିତିଗଲା ତିନିବର୍ଷ। ତାଙ୍କ ଦ୍ୱିତୀୟ ପାଳିର ଶାସନ। ଖଇରୀ ପାଲଟି ସାରିଛି ମହାବଳ ବାଘୁଣୀ। ତା' ସମ୍ପର୍କରେ ଗଣମାଧ୍ୟମରେ ଚର୍ଚ୍ଚା ବି ଅନେକ। ଖଇରୀକୁ ଭେଟିବା ପାଇଁ ନନ୍ଦିନୀଦେବୀଙ୍କର ଇଚ୍ଛା ଥିଲେ ବି ତାହା ଚାପି ହୋଇ ରହିଯାଏ ବ୍ୟସ୍ତତାର ବୋଝ ତଳେ।

ତାଙ୍କ ମନକଥା ବୋଧହୁଏ ଜାଣିପାରିଲେ ଚୌଧୁରୀ ବାବୁ। ଥରେ ସେ ଖଇରୀକୁ ସାଙ୍ଗରେ ଧରି ଭୁବନେଶ୍ୱରରେ ପହଞ୍ଚିଲେ ଏବଂ ଏହି ଖବର ପାଇବାମାତ୍ରେ ନନ୍ଦିନୀଦେବୀ ଖୁବ୍ ଉତ୍କଣ୍ଠାର ସହିତ ଆସିଲେ ଖଇରୀକୁ ଦେଖିବା ପାଇଁ। ତାକୁ ଗୋଟେ ଅଧା ଆବଦ୍ଧ ଘର ଭିତରେ ରଖାଯାଇଥାଏ ପିଞ୍ଜରାବଦ୍ଧ ଅବସ୍ଥାରେ। ନନ୍ଦିନୀଦେବୀ ଖଇରୀ ପାଖରେ କିଛି ସମୟ ଏକୁଟିଆ ବସିବା ପାଇଁ ଚାହିଁଲେ ଏବଂ ନିର୍ଦ୍ଦେଶ ଦେଲେ ପିଞ୍ଜରା ଫାଟକ ଖୋଲିଦେବା ପାଇଁ। ଏକଥା ଶୁଣି ହତବମ୍ଭ ହୋଇଗଲେ ସମସ୍ତେ। ଏହା କେମିତି ସମ୍ଭବ ? ସେଦିନ ବିଲେଇ ଭଳି ଦିଶୁଥିବା ଖଇରୀ ଯେ ଏବେ ମହାବଳ ବାଘୁଣୀ! କିନ୍ତୁ ତାଙ୍କୁ ଏକଥା ବୁଝେଇବ କିଏ ? ଯେତେ ଯାହା କହି ଭୟ ଦେଖେଇଲେ ବି ତାଙ୍କ ଜିଦ୍‌ରେ ସେ ଅଟଳ। ଶେଷରେ ମୁଖ୍ୟମନ୍ତ୍ରୀଙ୍କ ଅଗୋଚରରେ କେତେଜଣ ବନ୍ଧୁକଧାରୀ ସଜାଗ ହୋଇ ରହିବା ପରେ ଖୋଲାଗଲା ପଞ୍ଜୁରି ଫାଟକ। ଖଇରୀ ଫାଟକ ବାହାରକୁ ଆସି ଚାରିଆଡ଼େ ଆଖି ବୁଲେଇଲା। ବାଘୁଣୀ ଧୀରେ ଧୀରେ ଆଗକୁ ବଢ଼ିବା ଦେଖି ଥରିବାକୁ ଲାଗିଲା ଦୂରେଇ ଠିଆ ହୋଇଥିବା ଅଫିସରମାନଙ୍କ ଛାତି। ଟ୍ରିଗର ଉପରେ ଶକ୍ତ ହୋଇଉଠିଲା ବନ୍ଧୁକଧାରୀଙ୍କ ଆଙ୍ଗୁଠି। ଏତିକିବେଳେ ସବୁ ଉତ୍କଣ୍ଠା ଓ ଆଶଙ୍କାର ଅବସାନ ଆଣି ଖଇରୀ ଚୁପ୍‌ଚାପ ଶୋଇଗଲା ନନ୍ଦିନୀଙ୍କ ପାଦ ପାଖରେ। ସତେ ଯେମିତି ତା' ଆଗରେ ବାଟ ଓଗାଳି ଠିଆ ହୋଇଥିଲା ଗୋଟେ ମାତୃ ହୃଦୟର ବିଶାଳତା।

କଲିକତାର ଏକ ସମ୍ବାଦପତ୍ରରେ ଓଡ଼ିଆଙ୍କ ସମ୍ପର୍କରେ ପ୍ରକାଶ ପାଇଥିବା କିଛି ଅରୁଚିକର ମନ୍ତବ୍ୟକୁ ନେଇ ସେଠାରେ ଓଡ଼ିଆ ଓ ବଙ୍ଗାଳୀଙ୍କ ଭିତରେ ଚାଲିଲା କଥା କଟାକଟି। ତାହା କ୍ରମଶଃ ବଢ଼ିବାକୁ ଲାଗିଲା ଏବଂ ତା'ର ପ୍ରଭାବ ଦେଖିବାକୁ ମିଳିଲା ଓଡ଼ିଶାରେ। ପୁରୀରେ ବଙ୍ଗାଳୀଙ୍କ ଉପରେ ଆକ୍ରମଣ ଆଶଙ୍କା କରି ବିଶେଷତଃ ମହିଳାମାନଙ୍କ ସୁରକ୍ଷିତ ଯାତ୍ରା ପାଇଁ ପ୍ରଶାସନ ପକ୍ଷରୁ ସେମାନଙ୍କୁ ପଶ୍ଚିମବଙ୍ଗ ପଠେଇ ଦିଆଗଲା ଏକ ସ୍ୱତନ୍ତ୍ର ରେଳଗାଡ଼ିରେ। ମାତ୍ର ଖୋର୍ଦ୍ଧା ଷ୍ଟେଶନରେ କିଛି ଲୋକ ରେଳ ଭିତରେ ପଶି ମହିଳାମାନଙ୍କୁ ଆକ୍ରମଣ ଉଦ୍ୟମ କରିବାରୁ ପୋଲିସ ସେମାନଙ୍କୁ ବାଧାଦେବାରୁ ଓଲଟା ଆକ୍ରମଣ ହେଲା ପୋଲିସ ଉପରେ। ଘଟଣା ଏତେ ଉଗ୍ର ରୂପ ନେଲା ଯେ କିଛି ଲୋକ ଆହତ ହେବା ସହିତ ପୋଲିସ ଗୁଳିରେ ତିନି ଜଣ ମରି ଶୋଇଲେ ଘଟଣା ସ୍ଥଳରେ। ଏହି ଘଟଣାକୁ କେନ୍ଦ୍ର କରି ମୁଖ୍ୟମନ୍ତ୍ରୀଙ୍କ ଘର ଆଗରେ ଚାଲିଲା ବିକ୍ଷୋଭ ଓ ନାରାବାଜି। ବିନା ପୋଲିସ ସହାୟତାରେ ଘରୁ ବାହାରି ବିକ୍ଷୋଭକାରୀଙ୍କ ଭିତରକୁ ପଶିଆସିଲେ ନନ୍ଦିନୀଦେବୀ। ଲୋକେ ତାଙ୍କୁ ଘେରି ଯାଇ ପଚାରିଲେ, ଯେଉଁ ତିନିଜଣ ଲୋକ ମଲେ ସେଥିପାଇଁ ଦାୟୀ କିଏ ? ମୁଖ୍ୟମନ୍ତ୍ରୀଙ୍କ ଉତ୍ତର ଥିଲା– ଜଣେ ମହିଳାର ଇଜ୍ଜତ ରକ୍ଷା କରିବା ପାଇଁ ତିନିଜଣ କାହିଁକି, ତିନିଶହ ଲୋକଙ୍କୁ ମାରିଦେବା ପାଇଁ ଆଦେଶ ଦେବାରେ ମୋର ଆପତ୍ତି ନାହିଁ।

ଲୋକେ ପ୍ରଶ୍ନ କଲେ– ପଡ଼ୋଶୀ ରାଜ୍ୟରେ ଓଡ଼ିଆଙ୍କ ଉପରେ ହେଉଥିବା ଆକ୍ରମଣ ଆପଣ ସହୁଛନ୍ତି କେମିତି ? ତାଙ୍କର ଉତ୍ତର ଥିଲା– ତା'ର ଅର୍ଥ ନୁହେଁ ଯେ ପଡ଼ୋଶୀ ରାଜ୍ୟର ଶାସନ ବ୍ୟବସ୍ଥା ଯଦି ବିଗିଡ଼ିଯାଏ, ପ୍ରତିବାଦ ସ୍ୱରୂପ ଓଡ଼ିଶାର ଶାସନ ବ୍ୟବସ୍ଥାକୁ ବିପର୍ଯ୍ୟସ୍ତ କରିଦେବା। ଏହାପରେ ନୀରବ ହୋଇଗଲେ ବିକ୍ଷୋଭକାରୀ। ତାଙ୍କ ନିର୍ଭୀକତା ଓ ଲଢୁଆପଣକୁ ନେଇ ଏମିତି ଅନେକ ଘଟଣା ରହିଛି, ଯାହା ଫଳରେ କିଏ ତାଙ୍କୁ ବହ୍ନି କନ୍ୟା କହେ ତ କିଏ କହେ ଲୌହମାନବୀ।

ଅବସରପ୍ରାପ୍ତ ଅଧ୍ୟକ୍ଷ,
ବିଜୁ ପଟ୍ଟନାୟକ ନଗର, ଭଦ୍ରକ
ମୋ: ୬୩୭୧୬୪୨୪୬୪

# ନିଟ୍ ଫଳାଫଳ



ଡ. ମୌସୁମୀ ପରିଡ଼ା

ଏଇ କିଛିଦିନ ତଳେ ଆଚମ୍ବିତ କଲା ପରି ବହୁ ପ୍ରତୀକ୍ଷିତ ନିଟ୍‌ର ଫଳାଫଳ ପ୍ରକାଶିତ ହେଲା ପରେ ବିଧିବଦ୍ଧ ବ୍ୟବସ୍ଥା ଉପରେ ଅନେକ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏହାକୁ ପରିଚାଳନା କରୁଥିବା ଏନ୍‌ଟିଏ ଉପରେ ଲୋକମାନଙ୍କ ସନ୍ଦେହ ଘନୀଭୂତ ହେବାରେ ଲାଗିଛି। କିଛି ପ୍ରଶ୍ନ ଯାହାର ସନ୍ତୋଷଜନକ ଉତ୍ତର ନ ମିଳିପାରୁଥିବାରୁ ଏହି ପରୀକ୍ଷାଫଳକୁ ନେଇ ବର୍ତ୍ତମାନ ନାନା ପ୍ରକାରର ଆଲୋଚନା ତର୍ଜମା ଚାଲିଛି। ଚଳିତ ୨୦୨୪ରେ ପ୍ରାୟ ୨୪ ଲକ୍ଷ ୬ ହଜାର ୭୯ ଜଣ ପରୀକ୍ଷାର୍ଥୀଙ୍କ ଭିତରୁ ୨୩ ଲକ୍ଷ ୩୩ ହଜାର ୨୯୭ ପରୀକ୍ଷାର୍ଥୀ ୧ ଲକ୍ଷ ୬ ହଜାର ୩୩୩ (ଏମ୍‌ବିବିଏସ୍) ଓ ୨୬ ହଜାର ୯୪୯ (ବିଡିଏସ୍) ସହିତ ଅନ୍ୟାନ୍ୟ ସିଟ୍ ପାଇଁ ପରୀକ୍ଷା ଦେଇଥିବାବେଳେ ଏଥରର ପରୀକ୍ଷାଫଳ ପିଲାମାନଙ୍କ ସହିତ ଅଭିଭାବକମାନଙ୍କୁ ମଧ୍ୟ ଚକିତ କରିଦେଇଛି।

ପ୍ରକାଶଥାଉ କି, ମୋଟ୍ ୨୦୦ ପ୍ରଶ୍ନ ଭିତରୁ ୧୮୦ଟି ପ୍ରଶ୍ନର ଉତ୍ତର ପାଇଁ ପୂର୍ଣ୍ଣସଂଖ୍ୟା ହେଉଛି ୭୨୦ ; ତେଣୁ ପ୍ରତି ପ୍ରଶ୍ନ ପିଛା ଚାରି ମାର୍କ। ଆଶ୍ଚର୍ଯ୍ୟର ବିଷୟ ଯେ, ଏଥର ୬୭ ଜଣ ପିଲା ୭୨୦/୭୨୦ ରଖି ରେକର୍ଡ ସୃଷ୍ଟି କରିଛନ୍ତି! କେବଳ ଏତିକି ନୁହେଁ, ଏକାଧିକ ପ୍ରଶ୍ନଘେରରେ ଜନସାଧାରଣ ଓ ଅଭିଭାବକମାନେ। ପିଲାମାନଙ୍କ ଭବିଷ୍ୟତ ଏବେ ଅନିଶ୍ଚିତତା ଭିତରେ। ଡାକ୍ତରି ବୃତ୍ତିରେ ଭବିଷ୍ୟତ ଗଢ଼ିବାକୁ ଚାହୁଁଥିବା ପିଲାମାନେ କ୍ୟାରିୟରକୁ ନେଇ କେବଳ ସିରିୟସ୍ ନଥା'ନ୍ତି, ନିଜ ଜୀବନକାଳର ବହୁ ସମୟ ପଢ଼ିବାରେ ଅତିବାହିତ କରିଦିଅନ୍ତି। କାରଣ ଏହି ଲାଇନ୍‌ରେ ମେଧା ସହିତ ତ୍ୟାଗ, ସେବା ଓ ଉତ୍ସର୍ଗୀକୃତ ମନୋଭାବ ରହିଥାଏ। ତେଣୁ ଏହି ପରୀକ୍ଷା ପାଇଁ ପିଲାମାନଙ୍କ ଆବେଗପ୍ରବଣତା ଓ ବ୍ୟସ୍ତତା ଅଧିକ। ଅଳ୍ପବହୁତେ ଆମେ ଜାଣିଛେ ନିଟ୍ ଆଶାୟୀମାନେ ତିନି ଚାରି ଥର ଲେଖାଏ ପରୀକ୍ଷା ଦେବାର ଧୈର୍ଯ୍ୟ ବହନ କରନ୍ତି। ୬୦୦ରୁ ଊର୍ଦ୍ଧ୍ୱ ମାର୍କ ରଖି ବି ସରକାରୀ କଲେଜରେ ସିଟ୍ ପାଇବା ସହଜ ହେଉନାହିଁ।

ସୂଚନାନୁସାରେ, ଏଥର ବହୁସଂଖ୍ୟକ ପିଲା ସମାନ ମାର୍କ ରଖିଥିବାରୁ ସରକାରୀ କଲେଜରେ କଟ୍‌ଅଫ୍ ମାର୍କ ସାଧାରଣ ବର୍ଗର ପରୀକ୍ଷାର୍ଥୀ ପାଇଁ ପାଖାପାଖି ୬୫୦ ହେବ ବୋଲି ଆକଳନ କରାଯାଉଛି। ଅର୍ଥାତ୍ ୬୪୦–୬୪୯ ରଖିଥିବା ସାଧାରଣ ବର୍ଗର ପିଲାମାନେ ଡାକ୍ତରିପାଠ ପଢ଼ିବାରୁ ବଞ୍ଚିତ ହୋଇପାରନ୍ତି। ପୁଣି ଏକ ସନ୍ଦେହ ସୃଷ୍ଟି କରୁଛି ୭୧୯, ୭୧୮ ମାର୍କ, ଯାହା ନିୟମତଃ ଅସମ୍ଭବ। କାରଣ ଗୋଟେ ଉତ୍ତର ଭୁଲ୍ ହେଲେ ୫ ମାର୍କ କଟିଯାଇଥାଏ। କିନ୍ତୁ କିଛି ପିଲା ଏହି ମାର୍କ ରଖିଛନ୍ତି।




ସାଧାରଣରେ ଅସନ୍ତୋଷ ଦେଖାଦେବାରୁ ଏନ୍‌ଟିଏ ସଫେଇ ଦେଉଛି ଯେ ବିଳମ୍ବତା କାରଣରୁ ଓ ଅନ୍ୟ କିଛି ପ୍ରସଙ୍ଗକୁ ତର୍ଜମା କରି ପିଲାମାନଙ୍କୁ ଗ୍ରେସ୍ ମାର୍କ ଦିଆଯାଇଛି, ଯେଉଁ ଉତ୍ତର ସନ୍ତୋଷଜନକ ନୁହେଁ। ବିଳମ୍ବତା ଯଦି ଗ୍ରେସ୍ ଦେବାର ଏକ କାରଣ ହୁଏ, ତେବେ ୨୦୨୦ ଓ ୨୦୨୧ରେ କୋଭିଡ୍‌ଜନିତ ବିଳମ୍ବତା ପାଇଁ କାହିଁକି ଗ୍ରେସ୍ ଦିଆଗଲା ନାହିଁ ? ପୁଣି ଏକ ସନ୍ଦେହ ଗୋଟେ ପ୍ରଶ୍ନକୁ ନେଇ, ଯାହାର ଉତ୍ତର ପୁରୁଣା ଏନ୍‌ସିଇଆର୍‌ଟି ବହି ଅନୁଯାୟୀ, ଯାହା ନୂତନ ପାଠ୍ୟ ପ୍ରଣାଳୀ ଅନୁଯାୟୀ ଭିନ୍ନ ଥିବାରୁ ଦୁଇଟାଯାକ ଉତ୍ତର ଠିକ୍ ; ତେଣୁ ଦୁଇ ପ୍ରକାରର ଚୟନ ପାଇଁ ସମାନ ୪ ମାର୍କ ଦିଆଯିବା କଥା। କିନ୍ତୁ ମାତ୍ର ୪୦ ଜଣଙ୍କୁ ଗ୍ରେସ୍ ମାର୍କ କେଉଁ ଆଧାରରେ ସ୍ପଷ୍ଟ କରାଯିବା ଉଚିତ୍।

ନିଟ୍ ପରୀକ୍ଷାର ମାର୍କିଂ ବ୍ୟବସ୍ଥା ସ୍ପଷ୍ଟ ହେଉନାହିଁ। ପ୍ରତିବର୍ଷ ନୂଆ ନୂଆ କାରଣ ଦୃଷ୍ଟିକୁ ଆସୁଥିବାରୁ ଏହାକୁ ନେଇ ଭବିଷ୍ୟତ ଗଢ଼ିବା ଭରସାଯୋଗ୍ୟ ମନେହେଉନାହିଁ। ଏଥିପାଇଁ ବିରୋଧର ସ୍ୱର ତୀବ୍ର ହେଉଥିବାରୁ ଗ୍ରେସ୍ ମାର୍କର ବାହାନା ଦେଖାଇ ସଫେଇ ଦିଆଗଲେ ମଧ୍ୟ ସେସବୁ କପୋଳକଳ୍ପିତ ବୋଲି କୁହାଯାଉଛି। ପରୀକ୍ଷା ବ୍ୟବସ୍ଥା ଓ ମାର୍କିଂ ପ୍ରଣାଳୀ ସହିତ ଅବଗତ ଥିବା ତୃତୀୟ/ ଚତୁର୍ଥ ଥର ପାଇଁ ପରୀକ୍ଷା ଦେଉଥିବା ପରୀକ୍ଷାର୍ଥୀଙ୍କ ମାନସିକ ଅବସ୍ଥାକୁ ଲକ୍ଷ୍ୟ କଲେ ଜଣାପଡ଼ିବ ଏସବୁ ସନ୍ଦେହ ଅଯୌକ୍ତିକ ନୁହେଁ। ସେମାନେ ୩–୪ବର୍ଷ ନିଜ କ୍ୟାରିୟରରୁ ଦେବା ପରେ ବିଫଳତା ସାମ୍ନା କରୁଥିବା ମେଧାବୀମାନେ କରିବେ କ'ଣ ? ପୁଣି ସାମାଜିକ ଗଣମାଧ୍ୟମର ଏକ ସୂଚନା ଅନୁଯାୟୀ, ହରିୟାଣାସ୍ଥିତ ଫରିଦାବାଦର ନିର୍ଦ୍ଦିଷ୍ଟ ପରୀକ୍ଷା କେନ୍ଦ୍ରରେ ପରୀକ୍ଷା ଦେଇଥିବା ୮ ଜଣ ପରୀକ୍ଷାର୍ଥୀ ୭୨୦ ମାର୍କ ରଖିଛନ୍ତି! ଏଭଳି ସଂଯୋଗ ଭ୍ରୂକୁଞ୍ଚନ ସୃଷ୍ଟି କରୁନାହିଁ କି? ପିଲାଙ୍କ ମେଧା ବୃଦ୍ଧି ପାଉଛି ନା ଆଉ କିଛି କାରଣ ଯାହାପାଇଁ ଏତେ ସନ୍ଦେହ, ଅଭିଯୋଗ। କୋର୍ଟ କଚେରି, ଆରଟିଆଇ ପର୍ଯ୍ୟନ୍ତ କଥା ଗଲାଣି। ହୁଏତ ଆଗାମୀ ଭବିଷ୍ୟତରେ ବାସ୍ତବ ତଥ୍ୟ ପଦାକୁ ଆସିବ।

ପରୀକ୍ଷା ପୁନର୍ବାର କରାଇବାକୁ କେତେ ଜଣ କହିଲେଣି ତ ଆଉ କିଛି ସାମାଜିକ ଗଣମାଧ୍ୟମରେ ସେମାନଙ୍କୁ ସର୍ବସାଧାରଣରେ ମୌଖିକ ପ୍ରଶ୍ନ ଦ୍ୱାରା ପରୀକ୍ଷା ଦେବାକୁ ଚ୍ୟାଲେଞ୍ଜ କଲେଣି। ଏସବୁ କଥାକୁ ବାଦ୍ ଦେଇ ବିଚାର କରିବାକୁ ପଡ଼ିବ ଯେ, ପରିଚାଳନା ବ୍ୟବସ୍ଥାଟି କୋଉଠି ଅବହେଳା କରୁନାହିଁ ତ ଯାହା ପାଇଁ ଏତେ ଅସନ୍ତୋଷ ଦିନକୁ ଦିନ ଦାନା ବାନ୍ଧିବାରେ ଲାଗିଛି! ମାର୍କିଂ ପଦ୍ଧତିକୁ କାହିଁକି ପରୀକ୍ଷା ପରେ କ୍ଲିଅର୍ କରାଯାଉନାହିଁ। ଯେତେବେଳେ ପ୍ରଶ୍ନପତ୍ରରେ ତ୍ରୁଟି ପରିଲକ୍ଷିତ ହେଉଛି, ସେତିକିବେଳେ ସ୍ପଷ୍ଟୀକରଣ ଦିଆଯାଇ ପିଲାମାନଙ୍କୁ ଆଶ୍ୱସ୍ତ କରାଯାଇପାରନ୍ତା। ଏହା ବିଳମ୍ବରେ ଘଟୁଥିବାରୁ ସବୁରି ମନରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ତେଣୁ ବ୍ୟବସ୍ଥାକୁ ସ୍ୱଚ୍ଛ ରଖାଯିବା ସହିତ ପରୀକ୍ଷାର୍ଥୀମାନଙ୍କ ଭାବାବେଗକୁ ସମ୍ମାନ ଦେବା ଉଚିତ୍ ହେବ।

ମୋ: ୯୪୩୭୩୧୭୦୨୬

## ଏଇ ଭାରତରେ

ଦିବ୍ୟାଙ୍ଗ ହେଲେ ବି ଦକ୍ଷତାର ପରିଚୟ ଦେଇଛନ୍ତି ଅକୁଲ ବିଶ୍ୱାସ। ସେ ପଶ୍ଚିମବଙ୍ଗ ଦକ୍ଷିଣ ୨୪ ପ୍ରଗଣା ଜିଲାରେ ଝାରଖାଲି ସବୁଜ ବାହିନୀ ଗଠନ କରି ସୁନ୍ଦରବନର ହେନ୍ତାଳ ବନ ସଂରକ୍ଷଣ ପାଇଁ କାମ କରୁଛନ୍ତି। ଏହି ସଂଗଠନରେ ୨୩ଟି ଗାଁର ୨୦୦ରୁ ଅଧିକ ଗୃହିଣୀଙ୍କୁ ସାମିଲ କରିଛନ୍ତି। ଅକୁଲ ୨୦୦୫ରେ ପ୍ରଥମେ ବିଦ୍ୟାଧରି ନଦୀ ତଟରେ ମ୍ୟାନଗ୍ରୋଭ ଚାରାରୋପଣ ଆରମ୍ଭ କରିଥିଲେ। ତାହା ସେ ଏକୁଟିଆ କରୁଥିଲେ। ପରେ ସ୍ଥାନୀୟ ଲୋକେ ଅକୁଲଙ୍କ ସହ ସାମିଲ ହେବାରେ ଲାଗିଲେ। ମହିଳାମାନେ ପ୍ରତିଦିନ ମ୍ୟାନଗ୍ରୋଭ ମଞ୍ଜି ସଂଗ୍ରହ କରି ତାହାକୁ ନର୍ସରି ବ୍ୟାଗ୍‌ରେ ଲଗାଉଛନ୍ତି ଓ ଗଛ ହେବା ପରେ ସେମାନେ ଦିନକୁ ୨ ଘଣ୍ଟା ସମୟ ଦେଇ ପ୍ରାୟ ୨୦୦–୨୫୦ ଗଛ ଲଗାଉଛନ୍ତି। ଅକୁଲ ମ୍ୟାନଗ୍ରୋଭ ଜଙ୍ଗଲର ସୁରକ୍ଷାରେ ବିଭିନ୍ନ ପଞ୍ଚାୟତକୁ ସହଯୋଗ କରୁଛନ୍ତି। ସୁନ୍ଦରବନରେ ରହୁଥିବା ପରିବାରଗୁଡ଼ିକୁ ନିର୍ଦ୍ଦିଷ୍ଟ ପରିମାଣର ଜମି ଦେଇ ସେଠାରେ ଜଙ୍ଗଲ ସୃଷ୍ଟି କରିବା ଲାଗି ସେମାନଙ୍କୁ ପ୍ରୋତ୍ସାହିତ କରୁଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

୯ ଜୁନ୍ ୧୯୭୫

- ଶ୍ରୀହରିକୋଟା ମହାକାଶ ଗବେଷଣା କେନ୍ଦ୍ର ପାଇଁ ୫ମ ଯୋଜନା କାଳରେ ୩୮କୋଟି ୫୦ ଲକ୍ଷ ଟଙ୍କା ବ୍ୟୟ ଅଟକଳ।
- ବମ୍ବେ ସମୁଦ୍ର କୂଳରୁ ଅବକାରୀ କର୍ତ୍ତୃପକ୍ଷଙ୍କ ଦ୍ୱାରା ୭୫ ଲକ୍ଷ ଟଙ୍କା ମୂଲ୍ୟର ଚୋରାମାଲ୍ ଜବତ।
- ଦୁର୍ନୀତି ନିବାରଣ ଲାଗି ଉତ୍ତରପ୍ରଦେଶରେ ଲୋକାୟୁକ୍ତ ନିଯୁକ୍ତି ପାଇଁ ଅର୍ଡିନାନ୍ସ ଜାରି।

## ଚିରନ୍ତନୀ

ଦେହର ପ୍ରସାଧନ ରହେ ପଡ଼ି ଦେହେ ଖାଲି
ମନର ବାସନା ଗୋ
ସବୁ ଦାଗ ଯାଏ ଜାଳି!
ନିରାଶ କବି ଯଥା ଆକାଶରେ ଗାଏ ଗୀତ
ତେସନ ଜୀବନ ହିଁ
ମଉଳଇ ଆରେ ମିତ!

(ମରଣ ପାଳି)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ନିୟମ ମାନୁନାହାନ୍ତି ନେତା

ଏଥର ନିର୍ବାଚନ ୨୦୨୪ ପ୍ରାୟ ସବୁଠାରୁ ବେଶି ଲମ୍ବା ସମୟରେ ପୁଣି ଅସହ୍ୟ ଗରମ ଗୁଳୁଗୁଳିରେ ଅନୁଷ୍ଠିତ ହେଲା। ଯେଉଁ ସମୟରେ ଘରୁ ବାହାରିବା କଥା ନୁହେଁ ଓ ସରକାରୀ କଟକଣା ଲାଗିବା କଥା, ସେତିକିବେଳେ ନିର୍ବାଚନ ଲଢୁଥିବା ଜନପ୍ରତିନିଧିମାନେ ଲୋକଙ୍କୁ ଟ୍ରକ୍, ବସ୍, ଅଟୋ, ଟ୍ରେକରରେ ବୋହି ସଭାସ୍ଥଳକୁ ଆଣିଥିଲେ। ତାଡି ସହିତ ପୁଣି କାନଫଟା ଛାତିଥରା ଡିଜେରେ ନିର୍ବାଚନ ପ୍ରଚାର ଦୀର୍ଘଦିନ ସାଧାରଣ ଜନତାଙ୍କୁ କଳବଳ କରିଥିଲା। ଡିଜେ ଶବ୍ଦରେ କାନ୍ଥ, କବାଟ, ଝରକା ସବୁ ଥରିଯାଉଥିଲା। ଏମାନେ ପୁଣି ଜନପ୍ରତିନିଧି ହେଉଛନ୍ତି। ଯେଉଁମାନେ ଭୋଟ ପୂର୍ବରୁ ନିୟମ କାନୁନକୁ ମାନୁନାହାନ୍ତି, ସେମାନେ ଶକ୍ତିଶାଳୀ ପଦବୀ ପାଇଗଲା ପରେ ଧରାକୁ ସରା ମନେକରିବା ଥୟ।

**– ଡ. ରାଜୀବ ଷଡ଼ଙ୍ଗୀ, ସୂର୍ଯ୍ୟ ନିଳୟମ୍, କୁଣ୍ଡି, କୁମୁଡା, ଜୟପୁର, କଟକ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com
:miku11@yahoo.com (Use only for advertisements,commercial queries)

# ରାସ୍ତାରେ ଜଳିଗଲା ଆମ୍ବୁଲାନ୍ସ

ବାସୁଦେବପୁର,୮।୬ (ନାରାୟଣ ପ୍ରସାଦ ବାରିକ୍)



ବେତଡ଼ାଠାରେ ରାସ୍ତାରେ ଜଳୁଛି ଆମ୍ବୁଲାନ୍ସ।

ଭଦ୍ରକ ଜିଲା ବାସୁଦେବପୁର-ଜାମୁଝାଡ଼ି ରାସ୍ତାର ବେତଡ଼ା ବଜାର ନିକଟସ୍ଥ ପେଟ୍ରୋଲ ପମ୍ପଠାରୁ ଅନତି ଦୂରରେ ଶନିବାର ଅପରାହ୍ନରେ ଏକ ୧୦୮ ଆମ୍ବୁଲାନ୍ସ ଜଳିଯାଇଛି। ଗାଡ଼ିରେ ହଠାତ୍ ନିଆଁ ଲାଗିଯାଇ ରାସ୍ତା ମଝିରେ ହୁତୁହୁତୁ ହୋଇ ଜଳିଉଠିଥିଲା। ସେଥିରେ ଥିବା ରୋଗୀ ଓ ୩ଜଣ କର୍ମଚାରୀ ସୌଭାଗ୍ୟବଶତଃ ବର୍ତ୍ତି ଯାଇଛନ୍ତି।

ସୂଚନା ଅନୁଯାୟୀ, ବେତଡ଼ା ବଜାର ପେଟ୍ରୋଲ ପମ୍ପ ନିକଟରେ ଏକ ସଡ଼କ ଦୁର୍ଘଟଣାରେ ଗୁରୁତର ବ୍ୟକ୍ତିଙ୍କୁ ଡାକ୍ତରଖାନା ନେବାକୁ ଏହି ଆମ୍ବୁଲାନ୍ସ ବେତଡ଼ା ଡାକ୍ତରଖାନାରୁ ବାହାରି ସେଠାରେ ପହଞ୍ଚିଥିଲା। ଦୁର୍ଘଟଣାର ଶିକାର ହୋଇଥିବା ବ୍ୟକ୍ତିଙ୍କୁ ଚିକିତ୍ସା ପାଇଁ ଆମ୍ବୁଲାନ୍ସରେ ରଖାଯାଇ ଅକ୍ସିଜେନ ଦେବାକୁ କର୍ମଚାରୀ ଉଦ୍ୟମ କରୁଥିବା ବେଳେ ହଠାତ୍ ନିଆଁ ଲାଗିଯାଇଥିଲା। ୩ କର୍ମଚାରୀ ଚାଳକ ଅରଣ୍ଡୁଆ ଗ୍ରାମର ରଞ୍ଜନ କୁମାର ବାରିକ, ଆଟେଣ୍ଡାଣ୍ଟ ପରମାନନ୍ଦ ମଲିକ ଓ ଟେକ୍ନିସିଆନ ହରେକୃଷ୍ଣ ବେହେରା କୌଶଳକ୍ରମେ ରୋଗୀଙ୍କୁ ଆମ୍ବୁଲାନ୍ସରୁ ବାହାର କରିବା ସହ ସେମାନେ ସୁରକ୍ଷିତ ଭାବେ ବାହାରି ଆସିଥିଲେ। ଖବରପାଇ ବାସୁଦେବପୁର ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିବା ବେଳେ ଆମ୍ବୁଲାନ୍ସ ସମ୍ପୂର୍ଣ୍ଣ ଜଳିଯାଇଛି। ସ୍ଥାନୀୟ ଲୋକେ ଅନ୍ୟ ଏକ ଗାଡ଼ିରେ ଆହତ ବ୍ୟକ୍ତିଙ୍କୁ ଚିକିତ୍ସା ପାଇଁ ଡାକ୍ତରଖାନାକୁ ପଠାଇଥିଲେ। ତେବେ ଆମ୍ବୁଲାନ୍ସରେ କେଉଁ ପରିସ୍ଥିତିରେ ଅଗ୍ନିକାଣ୍ଡ ଘଟିଲା, ତାହା ଜଣାପଡ଼ିନାହିଁ।

# ମୋ ବସ୍‌କୁ ଧକ୍କାଦେଲା ଟ୍ରକ୍, ୧୬ ଆହତ

ଫୁଲନଖରା/କଟକ,୮।୬ (ସତ୍ୟରଞ୍ଜନ ଦାସମହାପାତ୍ର/ ଶିଳ୍ପା ପ୍ରିୟଦର୍ଶିନୀ)





କଟକ-ଭୁବନେଶ୍ୱର ଜାତୀୟ ରାଜପଥର ନୂଆଗଡ଼ ନିକଟରେ ଶନିବାର ଏକ ମୋ ବସ୍‌କୁ ପଛରୁ ମାଲ୍‌ବାହୀ ଟ୍ରକ୍ ଧକ୍କା ଦେଇଛି। ଫଳରେ ବସ୍‌ରେ ଥିବା ଯାତ୍ରୀମାନଙ୍କ ମଧ୍ୟରୁ ୧୬ ଜଣ ଆହତ ହୋଇଛନ୍ତି। ସେମାନେ ହେଲେ କଟକ ଜିଲା ସାଲେପୁର ଅଞ୍ଚଳର ରାଜେନ୍ଦ୍ର କୁମାର ସେଠୀ(୨୪), ସାଲେପୁର ତରୋଳର ଅମ୍ରିତା ବିଶ୍ୱାଳ(୨୨), ଜଗତପୁରର ଅଭିଲିପ୍ସା ଜେନା(୨୨), ପ୍ରୀତି କେଶରୀ(୧୩), ଜଗତ୍‌ସିଂହପୁର ଜିଲା କୁଜଙ୍ଗ ଅଞ୍ଚଳର ସୁକାନ୍ତ ଚୌଧୁରୀ(୪୮), କଟକ ଜିଲାର ଶିବରାମ ଶମ୍ଭୁ(୨୪), ଅନ୍ତର୍ଯ୍ୟାମୀ ସ୍ୱାଇଁ(୩୧), କାଜଲ କେଶରୀ(୧୪), ପାୟଲ କେଶରୀ(୧୩), ଶିବାନୀ କେଶରୀ(୨୦), ମୁକୁତା ବେହେରା(୬୦), କୈଳାସ ଚନ୍ଦ୍ର ରାଉତ(୭୨), ଦୀଶାନ ମହାନ୍ତି(୨୩), କନ୍ଧମାଳର ଚିନ୍ମୟ ବେହେରା(୨୩) ଓ ଢେଙ୍କାନାଳର ପ୍ରଦୀପ୍ତ ହୋତା(୪୫)। ଚିକିତ୍ସା ଲାଗି ସେମାନଙ୍କୁ ଏସ୍‌ସିବି ମେଡିକାଲରେ ଭର୍ତ୍ତି କରାଯାଇଥିଲା। ସେମାନଙ୍କ ମଧ୍ୟରୁ ୧୩ ଜଣଙ୍କୁ ଚିକିତ୍ସା କରାଯିବା ପରେ ଛାଡି ଦିଆଯାଇଛି।

ମିଳିଥିବା ସୂଚନା ଅନୁଯାୟୀ, ମୋ ବସ୍‌ଟି ୫୦ରୁ ଊର୍ଦ୍ଧ୍ୱ ଯାତ୍ରୀଙ୍କୁ ନେଇ ଭୁବନେଶ୍ୱରରୁ କଟକ ମହାନଦୀ ବିହାର ଅଭିମୁଖେ ଯାଉଥିଲା। ଅପରାହ୍ନ ପ୍ରାୟ ୪ଟାରେ ନୂଆଗଡ଼ଠାରେ ଯାତ୍ରୀଙ୍କୁ ଓହ୍ଲାଇବା ପାଇଁ ଅଟକି ଥିବାବେଳେ ପଛରୁ ଦ୍ରୁତଗତିରେ ଆସୁଥିବା ଟ୍ରକ୍ ମୋ ବସ୍‌କୁ ଧକ୍କା ଦେଇ କିଛିବାଟ ଘୋଷାରି ନେଇଥିଲା। ଫଳରେ ବସ୍‌ରେ ଥିବା ଯାତ୍ରୀମାନେ ଆହତ ହୋଇଥିଲେ। ଏହାପରେ ପ୍ରାୟ ୧ ଘଣ୍ଟା ଧରି ଗାଡ଼ି ଚଳାଚଳରେ ସମସ୍ୟା ହୋଇଥିଲା। ଖବରପାଇ କଟକ ସଦର ପୋଲିସ ଓ ଜାତୀୟ ରାଜପଥ ଟ୍ରାଫିକ ଥାନା ପୋଲିସ ପହଞ୍ଚି ଆହତମାନଙ୍କୁ ଆମ୍ବୁଲାନ୍ସରେ ଏସ୍‌ସିବି ମେଡିକାଲ ପଠାଇଥିଲା। ପରେ ସଦର ଥାନା ପୋଲିସ ଦୁର୍ଘଟଣାଗ୍ରସ୍ତ ଦୁଇଟି ଗାଡିକୁ ଜବତ କରି ତଦନ୍ତ ଚଳାଇଛି। ଏସ୍‌ସିବିରେ ସିଏମ୍‌ସି ମେୟର ସୁବାସ ସିଂ, ବିଜୟୀ ବାରବାଟୀ-କଟକ କଂଗ୍ରେସ ବିଧାୟକ ପ୍ରାର୍ଥୀ ସୋଫିଆ ଫିର୍ଦୋସ, ବିଜୟୀ ଚୌଦ୍ୱାର-କଟକ ବିଜେଡି ବିଧାୟକ ପ୍ରାର୍ଥୀ ସୌଭିକ୍ ବିଶ୍ୱାଳ, ବିଜୟୀ କଟକ ସଦର ଭାଜପା ବିଧାୟକ ପ୍ରାର୍ଥୀ ଇଂ. ପ୍ରକାଶ ସେଠୀ ପହଞ୍ଚି ଆହତଙ୍କ ସ୍ୱାସ୍ଥ୍ୟାବସ୍ଥା ବୁଝିବା ସହ ଡାକ୍ତରଙ୍କ ସହିତ ଚିକିତ୍ସା ସମ୍ପର୍କରେ ଆଲୋଚନା କରିଥିଲେ।

# ଭ୍ୟାନ୍-ବାଇକ୍ ମୁହାଁମୁହିଁ: ପିଇସୀପୁତୁରା ମୃତ

ବ୍ରଜରାଜନଗର,୮।୬(ବିଜୟ ବରାଡ଼)



ଦୁର୍ଘଟଣାସ୍ଥଳରେ ଉତ୍ତେଜନା ଦେଖାଦେଇଛି।

ଝାରସୁଗୁଡା ଜିଲା ବ୍ରଜରାଜନଗର ଥାନା ଗାନ୍ଧୀଛକ ଫାଣ୍ଡି ଅନ୍ତର୍ଗତ ଚନ୍ଦିନିମାଲ ଗ୍ରାମ ନିକଟରେ ଶନିବାର ସକାଳେ ଏକ ସଡ଼କ ଦୁର୍ଘଟଣା ଘଟିଛି। ଏହି ଦୁର୍ଘଟଣାରେ ଚାନ୍ଦିନିମାଲ ଗ୍ରାମର ପିଇସୀ କୈଳାସିନୀ ପ୍ରଧାନ (୩୬) ଓ ପୁତୁରା ସାହିଲ ପ୍ରଧାନ (୧୮)ଙ୍କ ମୃତ୍ୟୁ ଘଟିଛି। ସୂଚନା ଅନୁସାରେ ସକାଳ ପ୍ରାୟ ୮ଟାରେ ଏକ ବାଇକ୍ (ନଂ.ଓଆର୍୨୩ଏ-୯୭୭୦) ଯୋଗେ ଉଭୟ କୌଣସି ଏକ କାମରେ ବାହାରିଥିଲେ। ଘରଠାରୁ ୧ କି.ମି. ଦୂରରେ ବିପରିତ ଦିଗରୁ ଆସୁଥିବା ଏକ ଟାୟାର ବୋଝେଇ ପିକ୍‌ଅପ୍ ଭ୍ୟାନ୍ (ନଂ.ଓଡି୧୫ଆର୍-୫୬୫୦) ସହିତ ମୁହାଁମୁହିଁ ଧକ୍କା ହୋଇଥିଲା। ଘଟଣାସ୍ଥଳରେ ଉଭୟଙ୍କ ମୃତ୍ୟୁ ଘଟିଥିଲା। ଖବର ପାଇ ଲୋକେ ଏକତ୍ର ହୋଇ କ୍ଷତିପୂରଣ ଦାବିରେ ରାସ୍ତା ଅବରୋଧ କରିଥିଲେ। ସ୍ଥାନୀୟ ଏସ୍‌ଡିପିଓ ଚିନ୍ତାମଣି ପ୍ରଧାନ, ଥାନା ପ୍ରଭାରୀ ଧବଳେଶ୍ୱର ସାହୁ, ଫାଣ୍ଡି ଅଧିକାରୀ ମଦନ ନାୟକ ଏବଂ ମାଜିଷ୍ଟ୍ରେଟ ଦାୟିତ୍ୱରେ ଅତିରିକ୍ତ ତହସିଲଦାର କୈଶିକ ମେହେର ଘଟଣାସ୍ଥଳରେ ପହଞ୍ଚି ଗ୍ରାମବାସୀଙ୍କ ସହିତ ଆଲୋଚନା କରିଥିଲେ। ଜିଲା ପ୍ରଶାସନ ରେଡ୍‌କ୍ରସ ପାଣ୍ଠିରୁ ୪୦ ହଜାର ଟଙ୍କା, ଗାଡି ମାଲିକ ୧ ଲକ୍ଷ ୨୦ ହଜାର ଟଙ୍କା ପ୍ରଦାନ କରିଥିଲେ। ଅବଶିଷ୍ଟ ସହାୟତା ବୀମା କମ୍ପାନୀ ପକ୍ଷରୁ ପ୍ରଦାନ କରାଯିବ ବୋଲି ପ୍ରଶାସନ ପ୍ରତିଶ୍ରୁତି ଦେବା ପରେ ରାସ୍ତା ଅବରୋଧ ହଟିଥିଲା। ରାସ୍ତା ଅବରୋଧ ହଟିବା ସହିତ ମୃତଦେହ ପୋଲିସ ଉଠାଇ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

ଉଲ୍ଲେଖନୀୟ ଯେ, ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ ପାଖରେ ଏକ କମ୍ପାନୀ ଥିବାରୁ ସର୍ବଦା ଭାରୀଯାନ ପଞ୍ଚାୟତ ରାସ୍ତା ଦେଇ ଯାତାୟାତ କରୁଛି। ଭାରୀଯାନ ଜାତୀୟ ରାଜପଥରେ ନ ଯାଇ ପଞ୍ଚାୟତ ରାସ୍ତାରେ ଯାଉଥିବାରୁ ଏଭଳି ଦୁର୍ଘଟଣା ଘଟୁଛି। ଭାରୀଯାନ ଚଳାଚଳ ବନ୍ଦ କରିବାକୁ ପ୍ରଶାସନ ନିକଟରେ ସ୍ଥାନୀୟ ଲୋକେ ନିବେଦନ କରିଥିଲେ।

# ଏଏସ୍‌ଆଇଙ୍କୁ ନିଲମ୍ବନକଲେ ଏସ୍‌ପି

## ସୁବଳୟା ଥାନାରେ ଯୁବକଙ୍କୁ ନିଷ୍ଠୁର ମାଡ଼ ଘଟଣା



ସୋନପୁର/ ଅମରପାଲି, ୮।୬ (ମୃତ୍ୟୁଞ୍ଜୟ ଶତପଥୀ/ ପୀତାମ୍ବର ସାହୁ)

ଯୁବକଙ୍କୁ ଥାନାରେ ନିଷ୍ଠୁର ମାଡ଼ ମାରିବା ସୁବର୍ଣ୍ଣପୁର ଜିଲା ସୁବଳୟା ଥାନା ଏଏସ୍‌ଆଇ ସନ୍ତୋଷ ସିନ୍ଦିରିଆଙ୍କୁ ମହଙ୍ଗା ପଡିଛି। ଏହି ଘଟଣାରେ ଏସ୍‌ପି ଯଶପ୍ରତାପ ଶ୍ରୀମାଲ ସମ୍ପୃକ୍ତ ପୋଲିସ ଏଏସ୍‌ଆଇଙ୍କୁ ନିଲମ୍ବନ କରିଛନ୍ତି। ଟେଭାପଦର ଗାଁର ଜଗନ୍ନାଥଙ୍କୁ ସମ୍ପୃକ୍ତ ଏଏସ୍‌ଆଇ ମାଡ ମାରିଥିଲେ। ଅତ୍ୟଧିକ ମାଡ଼ ଯୋଗୁ ସେ ଗୁରୁତର ହୋଇ ଡାକ୍ତରଖାନାରେ ଚିକିତ୍ସିତ ହୋଇଥିଲେ। ସୂଚନା ଅନୁଯାୟୀ, ସୁବଳୟା ଥାନା ଟେଭାପଦର ଗାଁର ଜଗନ୍ନାଥ ୧ ବର୍ଷ ପୂର୍ବରୁ ନିଜ ଟ୍ରାକ୍ଟରର ଲଙ୍ଗଳ ବିକ୍ରି କରିଥିଲେ। ପରେ ସେହି ଗାଁର ମହେନ୍ଦ୍ର ମହାଲିକ ତାହାକୁ ନିଜର ବୋଲି ଦାବି କରିଥିଲେ। ତାଙ୍କ ଟ୍ରାକ୍ଟର ଲଙ୍ଗଳକୁ ଜଗନ୍ନାଥ ଚୋରି କରିଛନ୍ତି ବୋଲି ସେ ସୁବଳୟା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକ୍ରମେ ଏଏସ୍‌ଆଇ ସିନ୍ଦିରିଆ ଜଗନ୍ନାଥଙ୍କୁ ୩ ତାରିଖରେ ଥାନାକୁ ଆଣି ପଚରାଉଚରା କରିବା ସହ ମାଡ ମାରିଥିଲେ। ଥାନାରେ ତାଙ୍କୁ ଦୀର୍ଘ ୬୦ଘଣ୍ଟା ଅଟକ ରଖାଯାଇଥିବା ମଧ୍ୟ ଅଭିଯୋଗ ହୋଇଥିଲା। ଅତ୍ୟଧିକ ମାଡ଼ ଯୋଗୁ ଜଗନ୍ନାଥଙ୍କ ଶରୀରର ବିଭିନ୍ନ ଭାଗରେ ଆଘାତ ଲାଗିଥିବାବେଳେ ମଳଦ୍ୱାରରୁ ରକ୍ତସ୍ରାବ ହୋଇଥିଲା। ସେ ଗୁରୁତର ହୋଇ ପଡିଥିଲେ। ଉପରିସ୍ଥ ଅଧିକାରୀଙ୍କ ଚାପ ପରେ ଏଏସ୍‌ଆଇ ଜଗନ୍ନାଥଙ୍କୁ ଥାନାରୁ ଛାଡିଥିଲେ। ପରିବାରଲୋକେ ତାଙ୍କୁ ବୀରମହାରାଜପୁର ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ନିଆଯାଇଛି।

**Directorate of Tourism, Government of Jharkhand**

Jharkhand Tourism

MDI Building, 2nd floor, HEC Campus, Dhurwa, Ranchi - 04
Tele Fax : 0651-2331828
Email: dirjhar handtourism@gmail.com / jtdcltd@gmail.com

Ref. No.:- 547 / 2024 Date :- 07/06/2024

**SHORT TENDER NOTICE**

**Tender Notice RFP for the Selection of an Agency for Event Management, Designing, Execution and Management of Pilgrim Facilities in Shravani Mela 2024**

The Jharkhand Tourism Development Corporation Limited (JTDCL), Government of Jharkhand (GoJ) undertaking intends to invite RFP for the Selection of an Agency for Event Management, Designing, Execution and Management of Pilgrim Facilities in Shravani Mela 2024

The detailed RFP document can be downloaded from the website https://tourism.jharkhand.gov.in and submit their Applications. The Application Due date is on 22/06/2024 at 11:00 hours.

All subsequent notifications, changes and amendments will be posted only on the above website.

Sd/- **Director**

PR 325536 Tourism, Art Culture Sports And Youth Affairs (24-25)_D

## कार्यपालक अभियंता का कार्यालय, ग्रामीण विकास विशेष प्रमंडल, जमशेदपुर।

**Email ID-rdsdjamshedpur@gmail.com**

### ई0–निविदा आमंत्रण सूचना।

ई0–निविदा सूचना संख्या– **E-RDSD/JSR/13/2023-24/RE**

1. कार्य की विस्तृत विवरणी :

| क्र0 सं0 | कार्य का नाम | प्राक्कलित राशि (रू0) | अग्रधन की राशि (रू0) | परिमाण विपत्र का मूल्य (रू0) | कार्य पूर्ण करने की अवधि | निविदा Call सं0 |
|---|---|---|---|---|---|---|
| 1. | पूर्वी सिंहभूम जिला के पोटका प्रखण्ड अंतर्गत टांगराईन पंचायत के ग्राम कैरासाई एवं बाजारगोड़ा के बीच पुलिया निर्माण कार्य। | 2,73,27,800.00 | 5,47,000.00 | 10,000.00 | 18 माह | 6th Call |

1. वेबसाइट में निविदा प्रकाशन की तिथि – 27.06.2024
2. ई–निविदा प्राप्ति की तिथि एवं समय – दिनांक 27.06.2024 से दिनांक 04.07.2024 को अपराह्न 05:00 बजे तक।
3. ई–निविदा खोलने का स्थान – कार्यपालक अभियंता का कार्यालय, ग्रामीण विकास विशेश प्रमंडल, जमशेदपुर।
4. ई–निविदा खोलने की तिथि एवं समय – 06.07.2024 अपराह्न 02:00 बजे।
5. ई–निविदा आमंत्रित करने वाले पदाधिकारी का नाम एवं पता :– कार्यपालक अभियंता, ग्रामीण विकास विशेष प्रमंडल, जमशेदपुर।
6. ई–निविदा प्रकोष्ठ का दूरभाष सं0 – 7903003903
7. परिमाण विपत्र की राशि घट–बढ़ सकती है तदनुसार अग्रधन की राशि देय होगी।
8. निविदा शुल्क एवं अग्रधन की राशि केवल Online Mode द्वारा स्वीकार्य होगी।
9. निविदा शुल्क एवं अग्रधन की राशि का ई–भुगतान जिस खाता से किया जायेगा, उसी खाते में अग्रधन की राशि वापस होगी। अगर खाता को बंद कर दिया जाता है तो उसकी सारी जवाबदेही आपकी होगी।

विस्तृत जानकारी के लिए वेबसाईट www.jharkhandtenders.gov.in एवं कार्यालय की सूचना पट्ट पर देखा जा सकता है।

कार्यपालक अभियंता, ग्रामीण विकास विशेष प्रमंडल जमशेदपुर।

PR 325513 Rural Development(24-25)D

## कार्यपालक अभियंता का कार्यालय, ग्रामीण कार्य विभाग, कार्य प्रमंडल, सिमडेगा

**ई-पुनर्निविदा आमंत्रण सूचना 4th Call**

ई–पुनर्निविदा सूचना संख्या – 02/2024-25/R3/RWD/SIMDEGA दिनांक – 07-06-2024

1. कार्य की विस्तृत विवरणी : मुख्यमंत्री ग्राम सड़क सुदृढ़ीकरण योजना अन्तर्गत **(4515)**

| क्र० सं० | प्रखण्ड | आईडेन्टीफिकेशन संख्या/पैकेज संख्या | कार्य का नाम | प्राक्कलित राषि (लाख में) | अग्रधन की राषि | परिमाण विपत्र का मूल्य | कार्य समाप्ति की अवधि |
|---|---|---|---|---|---|---|---|
| 1. | सिमडेगा | RWD/SIMDEGA/R3/02/STPKG-02/2023-24 | 1. आर0ई0ओ0 पथ से कटासारू पथ का सुदृढ़ीकरण कार्य। (लं0– 8.500 कि0मी0)<br>2. L029 खुंटीटोला से मधुबन पथ का सुदृढ़ीकरण कार्य। (लं0– 2.240 कि0मी0)<br>3. दुंदुकाछर से सनसेवई पथ का सुदृढ़ीकरण कार्य। (लं0– 2.900 कि0मी0)<br>4. दुंदुकाछर से रिगरी पथ का सुदृढ़ीकरण कार्य। (लं0– 0.820 कि0मी0)<br>5. सिकरीयाटांड़ से चोगोटोली तक पथ का सुदृढ़ीकरण कार्य। (लं0– 2.080 कि0मी0)<br>6. बेरीटोली से नावाटोली पथ का सुदृढ़ीकरण कार्य। (लं0– 1.200 कि0मी0) | 1200.678 (बारह करोड़ सड़सठ हजार आठ सौ रू0) | 24,02,000 (चौबीस लाख दो हजार रू0) | 10,000 | 15 माह |

2. वेबसाइट में निविदा प्रकाशन की तिथि – 10-06-2024
3. ई–पुनर्निविदा प्राप्ति की अंतिम तिथि एवं समय – 01-07-2024 अपराह्न 5:00 बजे तक।
4. ई–पुनर्निविदा खोलने की तिथि एवं समय – 03-07-2024 पूर्वाह्न 11:30 बजे।
5. ई–पुनर्निविदा आमंत्रित करने वाले पदाधिकारी का पदनाम एवं पता – कार्यपालक अभियंता, ग्रामीण कार्य विभाग, कार्य प्रमंडल, सिमडेगा।
6. ई–निविदा प्रकोष्ठ का दूरभाष सं० – 06525-299956 एवं मोबाईल नम्बर 9973512046
7. निविदा शुल्क एवं अग्रधन की राशि विभागीय पत्रांक 3130 अनु0 दि0 09-10-2023 के निर्देशानुसार केवल Online Mode द्वारा स्वीकार्य होगी।
8. निविदा शुल्क एवं अग्रधन की राशि का ई–भुगतान जिस खाता से किया जायेगा, उसी खाते में अग्रधन की राशि वापस होगी। अगर खाता को बंद कर दिया जाता है तो उसकी सारी जवाबदेही निविदादाता की होगी।

विस्तृत जानकारी के लिये वेबसाईट www.jharkhandtenders.gov.in एवं कार्यालय की सूचना पट्ट पर देखा जा सकता है।

कार्यपालक अभियंता, ग्रामीण कार्य विभाग, कार्य प्रमंडल, सिमडेगा

PR 325550 Rural Work Department (24-25)_D

## UTKAL SANGEET MAHAVIDYALAYA

Sachivalaya Marg, Unit-IV, Bhubaneswar- 751001
Phone No.0674-2503956, E-Mail: principalusm@gmail.com
Website: www.usmbbsr.in

No.1357 Date: 07.06.2024

**ADVERTISEMENT FOR EMPANELMENT OF GUEST FACULTIES, 2024-25**

No.RR-05:- Applications are invited from the eligible candidates for empanelment of the Guest Faculties (Guest Lecturers & Guest Asst. Lecturers) 2024-25 in respect of the existing following vacant posts of Utkal Sangeet Mahavidyalaya, Bhubaneswar, functioning under the Odia Language, Literature & Culture Deptt., Govt. of Odisha.

**Guest Lecturer Posts**:- (1) Odissi Vocal-01, (2) Hindustani Vocal-01, (3) Chhow Dance-01, (4) Drama (Stage Craft)-01, (5) Drama (Direction)-01, (6) English-01, (7) M.I.L. (Odia)-01, (8) Sanskrit-01, (9) Political Science-01 and (10) Economics-01.

**Guest Asst. Lecturer Posts**:- (1) Odissi Vocal-01, (2) Odissi Pakhwaj-01 and (3) Tabla-03.

**Qualification**:-

**Guest Lecturer**:- Master's Degree (M.Mus./M.P.A./M.A.) in the relevant discipline / subject with secured of at least 55% of marks in the aggregate, from the recognised University / Educational Institution.

**Guest Asst. Lecturer**:- Bachelor's Degree (B.Mus./B.P.A.) in the relevant discipline / subject from the recognised University / Educational Institution.

Interested candidates are advised to see the notice from the Mahavidyalaya's Office Notice Board or may visit the Mahavidyalaya's Official Website i.e. www.usmbbsr.in for more details and shall submit by hand or send through speed post in the plain application along with requisite decuments latest by **Dt.18.06.2024 (4.30 P.M.)** positively to the Office of the Principal, Utkal Sangeet Mahavidyalaya, Lokaseva Marg, Unit-IV, Bhubaneswar-751001. The application received after due date shall not be taken into consideration.

The remuneration shall be paid to the Guest Faculties as per the approved rates in the Government in Odia Language, Literature & Culture Deptt., Odisha (Rs.500/- per class & Rs.400/- per class for Guest Lecturer and Guest Asst. Lecturer respectively with a maximum monthly consolidated remuneration of Rs.25,000/- & Rs.16,000/- per month respectively).

The undersigned has reserved rights to reject any or all applications without assigning any reason thereof. The selection of the Screening Committee is final.

Sd./- (Dr. Bijaya Kumar Jena)
Principal, Utkal Sangeet Mahavidyalaya, Bhubaneswar

OIPR-03011/11/0004/2425

## OFFICE OF THE PRINCIPAL GOVT. WOMEN'S COLLEGE, BHAWANIPATNA-766001

Email: gwc.bpt@gmail.com Website: gwcbhawanipatna.ac.in

Letter No. 738/ /GWC Dt. 06.06.2024

**A Walk in Interview for Guest Faculties (Academic Session 2024-25)**

No. N-14:- A walk-in-interview for Guest faculties in the following UG Honors subjects will be held in the Govt. Women's College, Bhawanipatna as per the date and time mentioned in the table. The candidates are required to come with necessary documents (Original and Xerox).

The engagement is purely temporary and can be terminated at any time without assigning any reason thereof. The candidates having Master Degree with 55% marks in concerned subject may appear the said interview. The remuneration will be paid as per the Govt. approved rate.

No TA/DA will be paid for attending the interview.

| Date | Time | Subjects |
|---|---|---|
| 21.07.2024 | 10.00 AM | EDUCATION, HISTORY, POL. SCIENCE, GEOGRAPHY, ODIA, ENGLISH |
| 22.07.2024 | 10.00 AM | ECONOMICS, HOME SCIENCE, SOCIOLOGY, ANTHROPOLOGY, SANSKRIT, PSYCHOLOGY |

Sd./- Principal,
Govt. Women's College, Bhawanipatna

OIPR-11035/11/0002/2425

## ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା ସରକାର

### ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟ, ଭୁବନେଶ୍ୱର

No.RR-

ସ୍ନାତକ ପ୍ରଦର୍ଶନ କଳା ପାଠ୍ୟକ୍ରମରେ ନାମଲେଖା ବିଜ୍ଞାପନ

**Student Academic Management System**

ଚଳିତ ୨୦୨୪-୨୫ ଶିକ୍ଷାବର୍ଷରେ, SAMS ମାଧ୍ୟମରେ ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟର ସ୍ନାତକ ପ୍ରଦର୍ଶନ କଳା (୦୪ ବର୍ଷ) ପାଠ୍ୟକ୍ରମରେ ନାମଲେଖା ନିମନ୍ତେ ବିସ୍ତୃତ ବିବରଣୀ ତଥା ନିର୍ଦ୍ଧାରିତ ତାରିଖ ନିମ୍ନରେ ଜଣାଇ ଦିଆଗଲା :-

| | | |
|---|---|---|
| ୧. | ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଅଧୀନସ୍ଥ ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟ,ଭୁବନେଶ୍ୱର ସ୍ନାତକ ପ୍ରଦର୍ଶନ କଳା (୦୪ ବର୍ଷ) ପାଠ୍ୟକ୍ରମରେ ନାମଲେଖା ନିମନ୍ତେ www.samsodisha.gov.in ୱେବ୍‌ସାଇଟ୍ ମାଧ୍ୟମରେ ଅନ୍‌ଲାଇନ୍ CAF ଉପଲବ୍ଧ ହେବାର ତାରିଖ। | ତା-୦୮/୦୬/୨୦୨୪ରିଖ (ସଂଧ୍ୟା ୬.୦୦ ଘଟିକା ପରେ) |
| ୨. | www.samsodisha.gov.in ୱେବ୍‌ସାଇଟ୍ ମାଧ୍ୟମରେ ଅନଲାଇନ୍ CAF ଆବେଦନ କରିବାର ଶେଷ ତାରିଖ। | ତା-୨୫/୦୬/୨୦୨୪ରିଖ (ରାତ୍ର ୧୧:୫୯ ପର୍ଯ୍ୟନ୍ତ) |
| ୩. | ନାମଲେଖା ନିମନ୍ତେ ଅନନ୍ତିମ ମେରିଟ୍ ତାଲିକା ପ୍ରକାଶନ ତଥା ଯୋଗ୍ୟ ବିବେଚିତ ଛାତ୍ରଛାତ୍ରୀଙ୍କ ପ୍ରବେଶିକା ପତ୍ର www.samsodisha.gov.in ୱେବ୍‌ସାଇଟ୍ ମାଧ୍ୟମରେ ଅନ୍‌ଲାଇନ୍ ଡ଼ାଉନଲୋର୍ଡ଼ ପାଇଁ ଉପଲବ୍ଧ ହେବାର ଆପାତତଃ ତାରିଖ। | ତା-୨୭/୦୬/୨୦୨୪ରିଖ (ଅପରାହ୍ନ ୦୨:୦୦ ଘଟିକା ପରେ) |
| ୪. | ନାମଲେଖା ପାଇଁ ଆପାତତଃ ଧାର୍ଯ୍ୟ ତାରିଖ। | ତା-୩୦/୦୬/୨୦୨୪ରିଖ |

ବିଶେଷ ଦ୍ରଷ୍ଟବ୍ୟ : -

ପରବର୍ତ୍ତୀ ସମୟରେ, ଅନ୍ୟ କୌଣସି BPA ଇ-ଆଡ଼ମିଶନ୍ ସମ୍ବନ୍ଧୀୟ କାର୍ଯ୍ୟକଳାପ ସମ୍ବନ୍ଧରେ ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟ ଦ୍ୱାରା SAMS ୱେବ୍‌ସାଇଟ୍ www.samsodisha.gov.in ମାଧ୍ୟମରେ ପ୍ରକାଶନ କରାଯିବ।

(କ)ଯେଉଁ ପ୍ରାର୍ଥୀ ଯୁକ୍ତ ଦୁଇ ବୋର୍ଡ଼ (ପ୍ରଦର୍ଶନ କଳା) (C.H.S.E. +2 Vocational Performing Arts) ପରୀକ୍ଷାରେ ଉତୀର୍ଣ୍ଣ ହୋଇଥିବେ ତଥା ପ୍ରାର୍ଥୀଙ୍କ ବୟସ ତା-୦୧/୦୭/୨୦୨୪ରିଖ ସୁଦ୍ଧା ସର୍ବୋଚ୍ଚ ୨୩ ବର୍ଷରୁ ଉର୍ଦ୍ଧ୍ୱ ହୋଇ ନ ଥିବ, ସେ ଅନ୍‌ଲାଇନ୍ ମାଧ୍ୟମରେ ସ୍ନାତକ ପ୍ରଦର୍ଶନ କଳା (୦୪ ବର୍ଷ) ପାଠ୍ୟକ୍ରମରେ ନାମଲେଖା ନିମନ୍ତେ CAF ଆବେଦନ କରିପାରିବେ।

(ଖ) ନିମ୍ନଲିଖିତ ୧୦ଗୋଟି ବିଷୟରେ ଚୟନ ନିମନ୍ତେ ଯୁକ୍ତ ଦୁଇ ବୋର୍ଡ଼ (ପ୍ରଦର୍ଶନ କଳା) (C.H.S.E. +2 Vocational Performing Arts)ପରୀକ୍ଷାରେ ପ୍ରାପ୍ତ କରିଥିବା ମୋଟ ମାର୍କ ଏବଂ ସଂରକ୍ଷଣ ବର୍ଗକୁ ଆଧାର କରି ମେରିଟ୍ ତାଲିକା ପ୍ରସ୍ତୁତ କରାଯିବ :-

ଓଡ଼ିଶୀ କଣ୍ଠ ସଙ୍ଗୀତ, ହିନ୍ଦୁସ୍ତାନୀ କଣ୍ଠ ସଙ୍ଗୀତ, ଓଡ଼ିଶୀ ନୃତ୍ୟ, ଛଉ ନୃତ୍ୟ, ଓଡ଼ଶୀ ପଖାଉଜ(ମର୍ଦ୍ଦଳ), ତବଲା, ବଂଶୀ, ସୀତାର, ବେହେଲା ଓ ନାଟକ ବିଭାଗ।

ସ୍ୱା/- ଅଧକ୍ଷ, ଉ.ସ.ମ.

ଅଧିକ ବିବରଣୀ ନିମନ୍ତେ ଦୟାକରି ଇ-ଆଡ଼ମିଶନ ହେଲ୍ପଲାଇନ୍ (ଟୋଲ୍ ଫ୍ରି ନମ୍ବର) ସହିତ ଯୋଗାଯୋଗ କରନ୍ତୁ - ୧୫୫୩୩୫/୧୮୦୦-୩୪୫-୬୭୭୦ କିମ୍ବା ଉତ୍କଳ ସଂଗୀତ ମହାବିଦ୍ୟାଳୟ, ଭୁବନେଶ୍ୱର(Help Desk)।

OIPR-03011/11/0006/2425

## कार्यपालक अभियंता का कार्यालय, पथ निर्माण विभाग,पथ प्रमण्डल,धनबाद

**अल्पकालीन ई–प्रोक्योरमेंट सूचना**

ई–निविदा (1st Call)

निविदा सूचना सं0–RCD /DHANBAD/913/2024-25

दिनांक : 06.06.2024

| | | |
|---|---|---|
| 1. | कार्य का नाम | धनबाद जिला अन्तर्गत गोविन्दपुर–गिरिडीह मेन रोड (बराकर पुल) प्रतापपुर, ठेठाटॉड मोड़ से सर्रा पी0डब्लू0डी0 पथ भाया चरक, जॉंताखुटी, बालिका विहार, भुसकी, नावाटॉड पथ भाया बालिका विहार से सर्रा पुल भाया फतेहपुर, ताकीपुर, बागजोबरा पथ (कुल लम्बाई–10.688 कि0मी0) का चौड़ीकरण एवं मजबूतीकरण/पुनर्निर्माण कार्य (वित्तीय वर्ष 2024–25)। |
| 2. | प्राक्कलित राशि (रू0) | रू0 45,15,87,719.00 |
| 3. | कार्य पूर्ण करने की अवधि | 18 (अठ्ठारह) माह |
| 4. | ई–निविदा प्राप्त करने की अंतिम तिथि एवं समय | 04.07.2024 के पूर्वाह्न 12.00 बजे तक |
| 5. | ई–निविदा का बेबसाईट पर प्रकाशन की तिथि एवं समय | 13.06.2024 के पूर्वाह्न 10.30 बजे से |
| 6. | प्री–बीड मिटिंग की तिथि एवं समय एवं स्थान | 27.06.2024 के 12.00 बजे दोपहर से मुख्य अभियंता (या0) का कार्यालय, पथ निर्माण विभाग, इंजीनियरिंग हॉस्टल नं0–02, धुर्वा, रॉंची। |
| 6. | ई–निविदा आमंत्रित करने वाले कार्यालय का नाम एवं पता | कार्यपालक अभियंता, पथ निर्माण विभाग, पथ प्रमण्डल, धनबाद। |
| 7. | ई–प्रोक्यूरमेन्ट अधिकारी का सम्पर्क नं0 | 0326–2313368 |
| 8. | ई–प्रोक्यूरमेन्ट सेल का सम्पर्क सहायता नम्बर | 0651–2401010 |

विस्तृत जानकारी http://jharkhandtenders.gov.in पर देखी जा सकती है।

कार्यपालक अभियंता, पथ निर्माण विभाग, पथ प्रमण्डल, धनबाद

PR 325524 Road(24-25).D

## ବ୍ୟାଙ୍କ ଅଫ୍ ଇଣ୍ଡିଆ — ଦଖଲ ନୋଟିସ୍

ବ୍ୟାଙ୍କ ଅଫ୍ ଇଣ୍ଡିଆ Bank of India BOI

ଆଞ୍ଚଳିକ କାର୍ଯ୍ୟାଳୟ: ଷ୍ଟାର ହାଉସ୍, ୧/୧ଡି, ଜୟଦେବ ବିହାର, ନୟାପଲ୍ଲୀ, ଭୁବନେଶ୍ୱର-୭୫୧୦୧୫

ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ-୨୦୦୨ର [ରୁଲ୍-୮(୧)]

ନିମ୍ନ ସ୍ୱାକ୍ଷରକାରୀ **ବ୍ୟାଙ୍କ ଅଫ୍ ଇଣ୍ଡିଆ, ତମାଣ୍ଡୋ ଶାଖାର କ୍ଷମତାପ୍ରାପ୍ତ ଅଧିକାରୀ**ଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ଏବଂ ଧାରା ୧୩(୧୨) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୩ ରେ ଦିଆଯାଇଥିବା କ୍ଷମତା ଅନୁଯାୟୀ ନିମ୍ନଲିଖିତ ଋଣଗ୍ରହୀତା/ସହ-ଋଣଗ୍ରହୀତା/ଆଇନଗତ ଉତ୍ତରାଧିକାରୀ/ଗ୍ୟାରେଣ୍ଟିଦାତାମାନଙ୍କୁ ଡ଼ିମାଣ୍ଡ ନୋଟିସ୍ ଜାରିକରି କଥିତ ନୋଟିସ୍ ମାଧ୍ୟମରେ ନୋଟିସ୍ ଦର୍ଶିତ ଅର୍ଥରାଶି ସହିତ ସେବାବଦ ସୁଧ ଓ ଖର୍ଚ୍ଚ କଥିତ ନୋଟିସ୍ ପ୍ରାପ୍ତି ତାରିଖ ଠାରୁ **୬୦ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା । ଋଣଗ୍ରହୀତା ଦେୟ ପଇଠ କରିବାରେ ବିଫଳ ହୋଇଥିବାରୁ, ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତା/ସହ-ଋଣଗ୍ରହୀତା/ଆଇନଗତ ଉତ୍ତରାଧିକାରୀ/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ, ନିମ୍ନ ସ୍ୱାକ୍ଷରକାରୀଙ୍କ ଦ୍ୱାରା ଉପର କଥିତ ଆଇନର ଧାରା ୧୩ର ଉପଧାରା(୪) ସହିତ କଥିତ ରୁଲ୍ସର ରୁଲ୍ ୮ ଅନୁଯାୟୀ ନିମ୍ନଲିଖିତ ସମ୍ପତ୍ତିକୁ **ଦଖଲ**କୁ ନିଆଯାଇଅଛି। ତେଣୁ ବିଶେଷକରି ଋଣଗ୍ରହୀତା/ସହ-ଋଣଗ୍ରହୀତା/ଆଇନଗତ ଉତ୍ତରାଧିକାରୀ/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ସତର୍କ କରାଇ ଦିଆଯାଉଅଛି ଯେ ନିମ୍ନଲିଖିତ ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଏହି ସମ୍ପତ୍ତି ଉପରେ କୌଣସି ପ୍ରକାର କାରବାର ପାଇଁ ନିମ୍ନରେ ଦର୍ଶାଯାଇଥିବା ଦେୟ ରାଶି ସହିତ ସେବାବଦ ସୁଧ ଓ ଖର୍ଚ୍ଚ ନିମନ୍ତେ **ବ୍ୟାଙ୍କ ଅଫ୍ ଇଣ୍ଡିଆ, ତମାଣ୍ଡୋ ଶାଖା** ନିକଟରେ ଉତ୍ତରଦାୟୀ ରହିବେ। **ସରଫେଶୀ ଆକ୍ଟ ଅନୁଯାୟୀ ଡିମାଣ୍ଡ ନୋଟିସ୍ ଜାରି କରିବା ପରେ ଯଦି କିଛି ଅର୍ଥ ପୈଠ କରାଯାଇଥାଏ ତେବେ ଆକାଉଣ୍ଟ ସମାଧାନ ସମୟରେ ପ୍ରଦାନ କରାଯିବାକୁ ଥିବା ଦେୟ ବିଷୟରେ ଜାଣିବା ପାଇଁ ସେହି ଅର୍ଥକୁ କଳନା କରାଯିବ। ଏତଦ୍‌ଦ୍ୱାରା ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା (୮) ଅନୁଯାୟୀ ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ।**

| ତମାଣ୍ଡୋ ଶାଖା/ଋଣଗ୍ରହୀତା/ସହ-ଋଣଗ୍ରହୀତା/ଆଇନଗତ ଉତ୍ତରାଧିକାରୀ/ଗ୍ୟାରେଣ୍ଟିଦାତାମାନଙ୍କ ନାମ ଏବଂ ଠିକଣା | ନୋଟିସ୍ ଅନୁଯାୟୀ ବକେୟା ପରିମାଣ | ଡିମାଣ୍ଡ ନୋଟିସ୍ ତାରିଖ/ଦଖଲ ତାରିଖ | ସ୍ଥାବର ସମ୍ପତ୍ତିର ବିବରଣୀ |
|---|---|---|---|
| ୧)(କ୍ୟାଶ କ୍ରେଡିଟ୍ ନିମନ୍ତେ) ଋଣଗ୍ରହୀତା: ମେସର୍ସ ମମତା ଭେରାଇଟି ଷ୍ଟୋର, ସ୍ୱତ୍ୱାଧିକାରୀ: ଶ୍ରୀ କୃପାସିନ୍ଧୁ ପ୍ରଧାନ, ପିତା: ସ୍ୱ କରୁଣାକର ପ୍ରଧାନ / ଗ୍ୟାରେଣ୍ଟିଦାତା: ସ୍ୱ କରୁଣାକର ପ୍ରଧାନ, ୨)(ଗୃହ ଋଣ ନିମନ୍ତେ)ଋଣଗ୍ରହୀତା: ଶ୍ରୀ କୃପାସିନ୍ଧୁ ପ୍ରଧାନ, ପିତା: ସ୍ୱ କରୁଣାକର ପ୍ରଧାନ / ସହ-ଋଣଗ୍ରହୀତା: ସ୍ୱ କରୁଣାକର ପ୍ରଧାନ, ସମସ୍ତଙ୍କ ଠିକଣା- ସା: ପ୍ଲଟ୍ ନଂ.: ଏଲ୍-୧୧୫୬, ଫେଜ୍-୨, ଡୁମୁଡୁମା ହାଉସିଂ ବୋର୍ଡ କଲୋନୀ, ଭୁବନେଶ୍ୱର-୭୫୧୦୧୯ / ଆଇନଗତ | ଟ.୧୩,୦୬,୨୪୨/- + ସେବାବଦ ସୁଧ ଏବଂ ଖର୍ଚ୍ଚ | ୩୦.୦୧.୨୦୨୪ / ୦୭.୦୬.୨୦୨୪ | ସ୍ୱ କରୁଣାକର ପ୍ରଧାନଙ୍କ ନାମରେ ଥିବା ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ହାଉସ୍ ନଂ.: ଏଲ୍-୧୧୫୬, ଖାତା ନଂ.: ୫୧୭, ପ୍ଲଟ୍ ନଂ.: ଏଲ୍‌ଆଇଜି-୧୧୧୦(ଅଂଶ), କ୍ଷେତ୍ର: ଏକର୦.୦୨୬ ଡିସିମିଲି ଯାହା ୧୧୨୫ ବର୍ଗଫୁଟ, କିସମ: ଘରବାରୀ, ମୌଜା: ଡୁମୁଡୁମା, ଥାନା: ଖଣ୍ଡଗିରି, ଏସ୍‌ଆରଓ: ଖଣ୍ଡଗିରି, ତହସିଲ: ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା, ଏହାର ଚାରିପାର୍ଶ୍ୱରେ ଉତ୍ତର: ୩୦ ଫୁଟିଆ ଚଉଡା ସିସି ରୋଡ, ଦକ୍ଷିଣ: ଏଲ୍-୧୧୫୭, ପୂର୍ବ: ୩୦ ଫୁଟିଆ ଚଉଡା ସିସି ରୋଡ, ପଶ୍ଚିମ: ଏଲ୍-୧୧୫୫ |

ଉତ୍ତରାଧିକାରୀମାନେ: ୧) ଶ୍ରୀ କୃପାସିନ୍ଧୁ ପ୍ରଧାନ (ଋଣଗ୍ରହୀତା ଏବଂ ମୃତକ କରୁଣାକର ପ୍ରଧାନଙ୍କ ଆଇନଗତ ଉତ୍ତରାଧିକାରୀ), ପିତା: ସ୍ୱ କରୁଣାକର ପ୍ରଧାନ, ୨) ଧାନି ପ୍ରଧାନ (ମୃତକ କରୁଣାକର ପ୍ରଧାନଙ୍କ ଆଇନଗତ ଉତ୍ତରାଧିକାରୀ), ସ୍ୱାମୀ: ସ୍ୱ କରୁଣାକର ପ୍ରଧାନ, ୩) ସୌଦାମିନୀ ପ୍ରଧାନ (ମୃତକ ଦିନବନ୍ଧୁ ପ୍ରଧାନଙ୍କ ଆଇନଗତ ଉତ୍ତରାଧିକାରୀ ଏବଂ ମୃତକ କରୁଣାକର ପ୍ରଧାନଙ୍କ ଆଇନଗତ ଉତ୍ତରାଧିକାରୀ), ସ୍ୱାମୀ: ସ୍ୱ ଦିନବନ୍ଧୁ ପ୍ରଧାନ, ୪) ସୌଦାମିନୀ ପ୍ରଧାନ (ମୃତକ କରୁଣାକର ପ୍ରଧାନଙ୍କ ଆଇନଗତ ଉତ୍ତରାଧିକାରୀ ଏବଂ ମୃତକ ଦିନବନ୍ଧୁ ପ୍ରଧାନଙ୍କ ନାବାଳକ ପୁତ୍ର ଶ୍ରୀ ସତ୍ୟଜିତ୍ ପ୍ରଧାନଙ୍କ ତରଫରୁ), ସ୍ୱାମୀ: ସ୍ୱ ଦିନବନ୍ଧୁ ପ୍ରଧାନ, ସମସ୍ତଙ୍କ ଠିକଣା- ସା: ପ୍ଲଟ୍ ନଂ.: ଏଲ୍-୧୧୫୬, ଫେଜ୍-୨, ଡୁମୁଡୁମା ହାଉସିଂ ବୋର୍ଡ କଲୋନୀ, ଭୁବନେଶ୍ୱର-୭୫୧୦୧୯, ୫) ଶ୍ରୀମତୀ ମମତା ପାତ୍ର (ମୃତକ କରୁଣାକର ପ୍ରଧାନଙ୍କ ଆଇନଗତ ଉତ୍ତରାଧିକାରୀ), ସ୍ୱାମୀ: ଗଦାଧର ପାତ୍ର, ସା/ପୋ: ଡୁମୁଡୁମା, ଭୁବନେଶ୍ୱର-୭୫୧୦୧୯

ସ୍ଥାନ : ଭୁବନେଶ୍ୱର, ତାରିଖ : ୦୯.୦୬.୨୦୨୪ — କ୍ଷମତାପ୍ରାପ୍ତ ଅଧିକାରୀ, ବ୍ୟାଙ୍କ ଅଫ୍ ଇଣ୍ଡିଆ

## ସଂକ୍ଷେପରେ

### ଗୋଚାଲାଣ ସନ୍ଦେହରେ ୨ ଟ୍ରକ୍ ଚାଳକଙ୍କୁ ପିଟି ହତ୍ୟା

**ରାୟପୁର, ୮।୬:** ଛତିଶଗଡ଼ର ରାୟପୁର ଜିଲାରେ ଗୋଚାଲାଣ ସନ୍ଦେହରେ ୨ ଜଣ ଟ୍ରକ ଚାଳକଙ୍କୁ ଶନିବାର ପିଟିପିଟି ହତ୍ୟା କରାଯାଇଛି। ଆକ୍ରମଣରେ ଗୁରୁତର ହୋଇଥିବା ଅନ୍ୟ ଜଣଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ୨ ମୃତକ ଚାନ୍ଦ ମିଆଁ ଓ ଗୁଡ୍ଡୁ ଖାନ୍ ହୋଇଥିବାବେଳେ ଆହତଙ୍କ ନାମ ସଦ୍ଦାମ କ୍ୟୁରେଶି। ସମସ୍ତେ ଉତ୍ତରପ୍ରଦେଶ ସାହାରନପୁର ଜିଲାର ବାସିନ୍ଦା । ଏହି ୩ ଯୁବକ ୨ଟି ଟ୍ରକ୍ ଯୋଗେ କେତେଗୁଡ଼ିଏ ମଇଁଷି ନେଇ ଛତିଶଗଡ଼ର ମହାସମୁନ୍ଦ ଜିଲାରୁ ବିକ୍ରି ଉଦ୍ଦେଶ୍ୟରେ ଓଡ଼ିଶା ଆଣୁଥିଲେ। ଚୋରାଚାଲାଣ ସନ୍ଦେହରେ ରାୟପୁରରେ ୧୦ରୁ ୧୫ ଗୋରକ୍ଷକ ସେମାନଙ୍କୁ ଆକ୍ରମଣ କରିଥିଲେ।

### ରାମୋଜୀ ରାଓଙ୍କ ପରଲୋକ



ହାଇଦ୍ରାବାଦ, ୮।୬

ଇନାଡୁ ଗ୍ରୁପ୍ ଓ ରାମୋଜୀ ଫିଲ୍ମ ସିଟିର ପ୍ରତିଷ୍ଠାତା ତଥା ଭାରତୀୟ ଗଣମାଧ୍ୟମ ଜଗତର ବାଦଶାହା ରାମୋଜୀ ରାଓଙ୍କ ୮୭ ବର୍ଷ ବୟସରେ ତେଲଙ୍ଗାନାର ହାଇଦ୍ରାବାଦଠାରେ ପରଲୋକ ଘଟିଛି। ଉଚ୍ଚ ରକ୍ତଚାପ ସମସ୍ୟା ଓ ଶ୍ୱାସ ନେବାରେ ଅସୁବିଧା ଯୋଗୁ ତାଙ୍କୁ ଗତ ୫ ତାରିଖରେ ହାଇଦ୍ରାବାଦର ଷ୍ଟାର ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ୧୯୩୬ ନଭେମ୍ବର ୧୬ରେ ଆନ୍ଧ୍ରପ୍ରଦେଶର କୃଷ୍ଣ ଜିଲାର ପେଡାପାରିପୁଡ଼ି ଗ୍ରାମର ଏକ କୃଷକ ପରିବାରରେ ରାମୋଜୀ ଜନ୍ମ ଗ୍ରହଣ କରିଥିଲେ। ୨୦୧୬ରେ ତାଙ୍କୁ ଭାରତ ସରକାର ପଦ୍ମ ବିଭୂଷଣ ସମ୍ମାନରେ ସମ୍ମାନିତ କରିଥିଲେ। ତାଙ୍କ ମୃତ୍ୟୁରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଓ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଶୋକ ପ୍ରକାଶ କରିଛନ୍ତି। ଚଳଚ୍ଚିତ୍ର ଏବଂ ଗଣମାଧ୍ୟମ ଜଗତ ପାଇଁ ରାମୋଜୀଙ୍କ ଅବଦାନକୁ ଦେଶ ସର୍ବଦା ମନେରଖିବ ବୋଲି ରାଷ୍ଟ୍ରପତି କହିଛନ୍ତି। ରାମୋଜୀଙ୍କର ଅନ୍ତିମ ସଂସ୍କାର ରବିବାର ସମ୍ପନ୍ନ ହେବାନେଇ ତେଲଙ୍ଗାନା ସରକାର ସୂଚନା ଦେଇଛନ୍ତି।




ରେଜଲ୍ଟ ବିଭ୍ରାଟ ପରେ ଏନ୍ଇଇଟି-ୟୁଜି ପରୀକ୍ଷା ପୁନର୍ବାର କରାଇବା ଦାବିରେ ବାରାଣସୀସ୍ଥିତ କାଶୀ ହିନ୍ଦୁ ୟୁନିଭର୍ସିଟି ବାହାରେ ଛାତ୍ରୀଛାତ୍ର ଶନିବାର ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

# ଏନ୍ଇଇଟି ବାତିଲ ଦାବି କଲା ମହାରାଷ୍ଟ୍ର

## ସୁପ୍ରିମକୋର୍ଟ ତତ୍ତ୍ୱାବଧାନରେ ତଦନ୍ତ ପାଇଁ ଏସ୍‌ପି, ଆପ୍‌ର ଦାବି

ମୁମ୍ବାଇ/ଲକ୍ଷ୍ନୌ/ନୂଆଦିଲ୍ଲୀ,୮।୬

ଡାକ୍ତରୀ ପାଠ୍ୟକ୍ରମରେ ନାମଲେଖା ପାଇଁ ଗତ ମାସରେ ହୋଇଥିବା ଏନ୍ଇଇଟି-ୟୁଜି ପରୀକ୍ଷା ଫଳାଫଳରେ ଛାତ୍ରୀଛାତ୍ରମାନଙ୍କ ପ୍ରତି ଅନ୍ୟାୟ ହୋଇଥିବା ଅଭିଯୋଗ କରି ମହାରାଷ୍ଟ୍ର ସରକାର ତୁରନ୍ତ ପରୀକ୍ଷା ବାତିଲ ଦାବି କରିଛନ୍ତି। ସେହିପରି ପରୀକ୍ଷାରେ ଅନିୟମିତତା ହୋଇଥିବା ଅଭିଯୋଗ କରି ସମାଜବାଦୀ ପାର୍ଟି(ଏସ୍‌ପି) ଏବଂ ଆମ୍ ଆଦ୍‌ମୀ ପାର୍ଟି (ଆପ୍) ଏହାର ତଦନ୍ତ ସୁପ୍ରିମକୋର୍ଟଙ୍କ ତତ୍ତ୍ୱାବଧାନରେ କରିବା ପାଇଁ ଦାବି କରିଛନ୍ତି।

ଗତ ମଙ୍ଗଳବାର ଲୋକ ସଭା ନିର୍ବାଚନ ଫଳ ପ୍ରକାଶ ପାଉଥିବାବେଳେ ସେହିଦିନ ଆଗୁଆ ଭାବେ ଏନ୍ଇଇଟି ପରୀକ୍ଷା ଫଳ ଘୋଷଣା କରାଯାଇଥିଲା। ୬୭ ଜଣ ପରୀକ୍ଷାର୍ଥୀ ସର୍ବଭାରତୀୟ ସ୍ତରରେ ପ୍ରଥମ ର୍‍ୟାଙ୍କ୍ ହାସଲ କରିଥିବାବେଳେ ସେଥିରୁ ୬ ଜଣ ହରିୟାଣାର ଝଜ୍ଜର ପରୀକ୍ଷା କେନ୍ଦ୍ରର ଥିଲେ। ଏହା ଦ୍ୱାରା ୨୪ ଲକ୍ଷରୁ ଊର୍ଦ୍ଧ୍ୱ ପରୀକ୍ଷାର୍ଥୀଙ୍କ ଭବିଷ୍ୟତ ପ୍ରଭାବିତ ହୋଇଥିବାରୁ ଅଦାଲତ ନିଜଆଡ୍ରୁ ଏହାକୁ ବିଚାର ପାଇଁ ଗ୍ରହଣ କରି ପୁଙ୍ଖାନୁପୁଙ୍ଖ ତଦନ୍ତ କରିବା ସହ ଅପରାଧୀଙ୍କୁ କଠୋର ଦଣ୍ଡ ବିଧାନ କରିବାକୁ ଏସ୍‌ପି ଅଧ୍ୟକ୍ଷ ଅଖିଳେଶ ଯାଦବ ଦାବି କରିଛନ୍ତି। ଭାଜପା ଶାସିତ ରାଜ୍ୟରେ ପରୀକ୍ଷାକୁ ବେଆଇନ ପ୍ରଶ୍ନପତ୍ର ଲିକ୍, ନକଲି ପ୍ରାର୍ଥୀଙ୍କ ଦ୍ୱାରା ପରୀକ୍ଷା କରାଇବା, ସେଣ୍ଟର ସ୍ଥାପନ କରିବା ଓ ଫଳାଫଳ ପରିଚାଳନା କରିବା ଏକ ବ୍ୟବସାୟରେ ପରିଣତ ହୋଇଥିବା ଅଖିଳେଶ କହିଛନ୍ତି। ଏନ୍ଇଇଟି-ୟୁଜି ପରୀକ୍ଷାରେ ଅନିୟମିତତା ଅଭିଯୋଗର ତଦନ୍ତ ସୁପ୍ରିମକୋର୍ଟଙ୍କ ତତ୍ତ୍ୱାବଧାନରେ ସ୍ୱତନ୍ତ୍ର ତଦନ୍ତକାରୀ ଟିମ୍ (ଏସ୍ଆଇଟି) ଦ୍ୱାରା କରାଯିବାକୁ ଆପ୍ ଶନିବାର ଦାବି କରିଛି। ଦେଶର ଯୁବବର୍ଗଙ୍କ ଭବିଷ୍ୟତକୁ ନେଇ ଏହା ଅତି ଗମ୍ଭୀର ପ୍ରସଙ୍ଗ ବୋଲି ଆପ୍ ନେତା ଜସ୍ମିନ୍ ଶାହ କହିଛନ୍ତି। ଭାଜପା ଶାସିତ ରାଜ୍ୟଗୁଡ଼ିକରେ ପରୀକ୍ଷା ପରିଚାଳନାରେ ବଡ଼ ଦୁର୍ନୀତି ଅଭିଯୋଗ ଆସୁଥିବା ସେ ଅଭିଯୋଗ କରିଛନ୍ତି।

୫୭୧ ସହରର ୪,୭୫୦ କେନ୍ଦ୍ରରେ ଏନ୍ଇଇଟି ପରୀକ୍ଷା ହୋଇଥିଲା। ଫଳାଫଳ ଏଭଳି ହୋଇଛି ଯେ ମହାରାଷ୍ଟ୍ରର କୌଣସି ଛାତ୍ରୀଛାତ୍ର ରାଜ୍ୟର ସରକାରୀ କିମ୍ବା ଘରୋଇ ମେଡିକାଲ କଲେଜରେ ଏମ୍‌ବିବିଏସ୍ ପାଠ୍ୟକ୍ରମରେ ନାଁ ଲେଖାଇପାରିବେ ନାହିଁ ବୋଲି ରାଜ୍ୟ ମେଡିକାଲ ଶିକ୍ଷାମନ୍ତ୍ରୀ ହାସନ ମୁଶ୍ରିଫ୍ କହିଛନ୍ତି। ରାଜ୍ୟର ଛାତ୍ରୀଛାତ୍ରଙ୍କ ପ୍ରତି ଅନ୍ୟାୟ ହୋଇଥିବାରୁ ପରୀକ୍ଷାକୁ ତୁରନ୍ତ ବାତିଲ କରାଯାଉ ବୋଲି ସେ ଦାବି କରିଛନ୍ତି।

# କେନ୍ଦ୍ର, ସେବି ରିପୋର୍ଟ ଦେବାକୁ ସୁପ୍ରିମକୋର୍ଟରେ ପିଟିଶନ

## ଭୋଟ ଫଳାଫଳ ଦିନ ଶେୟାର ବଜାର କ୍ରାସ୍

ନୂଆଦିଲ୍ଲୀ,୮।୬

ଲୋକ ସଭା ନିର୍ବାଚନ ଫଳାଫଳ ଗତ ମଙ୍ଗଳବାର ଆସିବା ଦିନ ଶେୟାର ବଜାର କ୍ରାସ୍ କରିଥିଲା। ଫଳରେ ନିବେଶକମାନେ ୩୧ ଲକ୍ଷ କୋଟି ଟଙ୍କା ହରାଇଥିଲେ। କେନ୍ଦ୍ର ସରକାର ଏବଂ ଭାରତର ପ୍ରତିଭୂତି ଓ ବିନିମୟ ବୋର୍ଡ (ସେବି) ଏହା ଉପରେ ସବିଶେଷ ରିପୋର୍ଟ ରଖିବା ଲାଗି ନିର୍ଦ୍ଦେଶ ଦେବାକୁ ସୁପ୍ରିମକୋର୍ଟରେ ଆବେଦନ ହୋଇଛି। ଆଇନଜୀବୀ ବିଶାଲ ତିୱାରୀ ଏହି ଆବେଦନ କରିଛନ୍ତି। ଭାରତୀୟ ନିବେଶକମାନଙ୍କ ସ୍ୱାର୍ଥର ସୁରକ୍ଷା ପାଇଁ ନିୟାମକ ଢାଞ୍ଚାକୁ ମଜଭୂତ କରିବା ନିମନ୍ତେ ବିଶେଷଜ୍ଞ କମିଟିର ସୁପାରିସକୁ ବିଚାରକୁ ନେବା ନିମନ୍ତେ ସୁପ୍ରିମକୋର୍ଟ ଗତ ଜାନୁଆରୀରେ କେନ୍ଦ୍ର ସରକାର ଓ ସେବିକୁ ନିର୍ଦ୍ଦେଶ ଦେଇଥିଲେ। ଆଦାନୀ-ହିଣ୍ଡେନବର୍ଗ ମାମଲାରେ ବିଶାଲଙ୍କ ରିଟ୍ ପିଟିଶନ ଉପରେ ଏହି ନିର୍ଦ୍ଦେଶ ଦିଆଯାଇଥିଲା। ସେହି ପରିପ୍ରେକ୍ଷୀରେ ବିଶାଲ ତାଙ୍କ ଆବେଦନରେ ଦର୍ଶାଇଛନ୍ତି ଯେ, କୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ ସେବି ଏହାର ତଦନ୍ତ ସମ୍ପୂର୍ଣ୍ଣ କରିଛି କି ନାହିଁ ଏବଂ କୌଣସି ରେକର୍ଡ ଅଦାଲତରେ ଦାଖଲ ହୋଇଥିବା ସ୍ପଷ୍ଟ ହୋଇନାହିଁ। ଆଦାନୀ-ହିଣ୍ଡେନ୍‌ବର୍ଗ ମାମଲାରେ ତଦନ୍ତ ରିପୋର୍ଟ ଦାଖଲ ଲାଗି ସେବିକୁ ନିର୍ଦ୍ଦେଶ ଦେବାକୁ ବିଶାଲ ସର୍ବୋଚ୍ଚ ଅଦାଲତଙ୍କୁ ନିବେଦନ କରିଛନ୍ତି। ଭୋଟଗଣତି ଦିନ ପୁଣିଥରେ ଶେୟାର ବଜାରରେ ବଡ଼ ବିପର୍ଯ୍ୟୟ ସୃଷ୍ଟି ହୋଇଥିବାରୁ ନିୟାମକ ବ୍ୟବସ୍ଥା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

# ନୀତୀଶଙ୍କୁ ପ୍ରଧାନମନ୍ତ୍ରୀ ପଦ ଯାଚିଥିଲା ଇଣ୍ଡିଆ ବ୍ଲକ୍

ନୂଆଦିଲ୍ଲୀ,୮।୬(ପି.ଟି.)



ଲୋକ ସଭା ନିର୍ବାଚନ ଫଳାଫଳ ଘୋଷଣା ହେବା ପରେ ବିହାର ମୁଖ୍ୟମନ୍ତ୍ରୀ ତଥା ଜେଡିୟୁ ଅଧ୍ୟକ୍ଷ ନୀତୀଶ କୁମାରଙ୍କୁ ବିରୋଧୀ ଇଣ୍ଡିଆ ବ୍ଲକ୍ ପ୍ରଧାନମନ୍ତ୍ରୀ ପଦ ଯାଚିଥିଲା। ଜେଡିୟୁ ନେତା କେ.ସି. ତ୍ୟାଗୀ ଏକ ନ୍ୟୁଜ୍‌ଚ୍ୟାନେଲକୁ ସାକ୍ଷାତ୍କାର ଦେବା ଅବସରରେ ଏହା କହିଥିଲେ। କେନ୍ଦ୍ରରେ ଏନ୍‌ଡିଏକୁ ତୃତୀୟ ଥର ସରକାର ଗଢ଼ିବାରୁ ରୋକିବା ପାଇଁ ଇଣ୍ଡିଆ ମେଣ୍ଟ ନୀତୀଶଙ୍କୁ ଫେରାଇଆଣିବା ନିମନ୍ତେ ଉଦ୍ୟମ ଚଳାଇଥିବା ଚର୍ଚ୍ଚା ହେଉଥିଲା। ତେବେ ଜେଡିୟୁ ବିରୋଧୀଙ୍କ ସବୁ ଅଫରକୁ ପ୍ରତ୍ୟାଖ୍ୟାନ କରିଛି। ଏନ୍‌ଡିଏ ବୈଠକରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ସମର୍ଥନ କରି ନୀତୀଶଙ୍କ ଭାଷଣ ସବୁ କଳ୍ପନାଜଳ୍ପନାର ଅବସାନ ଘଟାଇଥିବା ତ୍ୟାଗୀ କହିଥିଲେ। ଅନ୍ୟପକ୍ଷରେ ତ୍ୟାଗୀଙ୍କ ଏଭଳି ଦାବିକୁ ନୀତୀଶଙ୍କ ଘନିଷ୍ଠ ସହଯୋଗୀ ସଞ୍ଜୟ ଝା ଖଣ୍ଡନ କରିଛନ୍ତି। କୌଣସି ଦଳ ପ୍ରଧାନମନ୍ତ୍ରୀ ପଦ ଯାଚିବା ନେଇ ଜେଡିୟୁ ପାଖରେ କୌଣସି ସୂଚନା ନାହିଁ। ନୀତୀଶ ମଧ୍ୟ ଏହା ଜାଣି ନ ଥିବା ଝା କହିଛନ୍ତି।

# ପୋଲିସ ଆଉଟପୋଷ୍ଟ, ୭୦ ଘର ଜାଳିଦେଲେ

## ମଣିପୁରରେ ପୁଣି ହିଂସା

ଇମ୍ଫାଲ, ୮।୬

ମଣିପୁରରେ ପୁଣି ହିଂସାକାଣ୍ଡ ଘଟିଛି। ଜିରିବାମ ଜିଲାରେ କେତେଜଣ ଉଗ୍ରବାଦୀ ଗୋଟିଏ ପୋଲିସ ଆଉଟ୍‌ପୋଷ୍ଟ ସହ ଅନେକ ଘର ଜାଳିଦେଇଛନ୍ତି। ଶୁକ୍ରବାର ବିଳମ୍ବିତ ରାତ୍ରିରେ ଉଗ୍ରବାଦୀ ୩/୪ଟି ଡଙ୍ଗା ଯୋଗେ ଜିରିବାମ ଜିଲାର ବରାକ ନଦୀ କୂଳରେ ପହଞ୍ଚି ଚୋଟୋବେକ୍ରା ଅଞ୍ଚଳରେ ଥିବା ପୋଲିସ ଆଉଟ୍‌ପୋଷ୍ଟକୁ ନିଆଁ ଲଗାଇଦେଇଥିଲେ। ପରେ ସେମାନେ ଜିଲାର ଲମତାଇ ଖୁନୋ ଏବଂ ମଧୁପୁର ପୋଲିସ ଆଉଟ୍‌ପୋଷ୍ଟକୁ ଆକ୍ରମଣ କରିଥିଲେ। ଉଗ୍ରବାଦୀମାନେ ଜିଲାର ୭୦ରୁ ଅଧିକ ଘରେ ନିଆଁ ଲଗାଇଦେଇଥିବା ପୋଲିସ ସୂଚନା ଦେଇଛି। ସୂଚନାଯୋଗ୍ୟ, ମଣିପୁର ରାଜଧାନୀ ଇମ୍ଫାଲଠାରୁ ୨୨୦ କିଲୋମିଟର ଦୂରରେ ଅବସ୍ଥିତ ଜିରିବାମ ଜିଲା ଆସାମର ସୀମାକୁ ଲାଗିଛି। ଏହି ଜିଲା ଦେଇ ଜାତୀୟ ରାଜପଥ-୩୭ ଯାଉଥିବାବେଳେ ଏହାକୁ ଘେରି ରହିଥିବା ପାହାଡ଼ିଆ ଅଞ୍ଚଳରେ ଅନେକ କୁକି ସମୁଦାୟର ଗ୍ରାମ ରହିଛି।



ହିଂସାକାଣ୍ଡ ପରେ ଜିରିବାମ ଜିଲାରେ ଶନିବାର ସେନା ଯବାନମାନେ ପାଟ୍ରୋଲିଂ କରୁଛନ୍ତି।

# ୱାୟନାଡ୍ ଆସନ ଛାଡ଼ିପାରନ୍ତି ରାହୁଲ

ନୂଆଦିଲ୍ଲୀ,୮।୬

କଂଗ୍ରେସ ନେତା ରାହୁଲ ଗାନ୍ଧୀ ଉତ୍ତରପ୍ରଦେଶର ରାଏବରେଲି ଏବଂ କେରଳର ୱାୟନାଡ୍ ଆସନରୁ ଲୋକ ସଭାକୁ ନିର୍ବାଚିତ ହୋଇଥିବାବେଳେ ତାଙ୍କୁ ଗୋଟିଏ ଆସନ ଛାଡ଼ିବାକୁ ପଡ଼ିବ। ତେବେ ସେ କେଉଁ ଆସନ ରଖିବେ, ତାକୁ ନେଇ ଶନିବାର କଂଗ୍ରେସ କାର୍ଯ୍ୟକାରୀ କମିଟି (ସିଡବ୍ଲ୍ୟୁସି) ବୈଠକରେ ନେତାମାନଙ୍କ ମଧ୍ୟରେ ମତଭେଦ ଦେଖାଦେଇଥିଲା। ରାଏବରେଲି ଆସନ ରଖିବା ଗୁରୁତ୍ୱପୂର୍ଣ୍ଣ ବୋଲି ଉତ୍ତରପ୍ରଦେଶର ନେତାମାନେ କହିଛନ୍ତି। ତେଣୁ ରାହୁଲ ରାଏବରେଲିକୁ ରଖି ୱାୟନାଡ୍ ଆସନରୁ ଇସ୍ତଫା ଦେବା ଆଶା କରାଯାଉଛି ବୋଲି ଏକ ସୂତ୍ରରୁ ଜଣାଯାଇଛି। ଏନେଇ ଜୁନ୍ ୧୭ରେ ଚୂଡ଼ାନ୍ତ ନିଷ୍ପତ୍ତି ନିଆଯିବ।

# ହମାସ କବଳରୁ ୪ ବନ୍ଧକଙ୍କୁ ଉଦ୍ଧାର କଲା ଇସ୍ରାଏଲୀ ସେନା

ଜେରୁଜେଲମ୍, ୮।୬

ଗାଜାରେ ଇସ୍ରାଏଲୀ ସେନା ହମାସ କବଜାରେ ଥିବା ୪ ଜଣ ବନ୍ଧକଙ୍କୁ ଉଦ୍ଧାର କରିଛି। ଇସ୍ରାଏଲ ପ୍ରତିରକ୍ଷା ବାହିନୀ(ଆଇଡିଏଫ୍), ଇସ୍ରାଏଲ ସିକ୍ୟୁରିଟି ଅଥୋରିଟି(ଆଇଏସ୍‌ଏ) ଏବଂ ପୋଲିସ ପକ୍ଷରୁ ମିଳିତ ଅପରେଶନ କରାଯାଇ ମଧ୍ୟଗାଜାସ୍ଥିତ ନୁସିରାତ ଅଞ୍ଚଳର ୨ଟି ପୃଥକ୍ ସ୍ଥାନରୁ ଏହି ୪ ବନ୍ଧକଙ୍କୁ ଦୀର୍ଘ ୮ ମାସ ପରେ ଉଦ୍ଧାର କରାଯାଇଥିବା ଶନିବାର ଇସ୍ରାଏଲ ପକ୍ଷରୁ ସୂଚନା ଦିଆଯାଇଛି। ଉଦ୍ଧାର ହୋଇଥିବା ୪ ବନ୍ଧକ ହେଲେ ନୋଆ ଅରଗ୍‌ମାନି(୨୫), ଅଲମୋଗ ମୀର୍ ଜାନ୍ (୨୧), ଏଣ୍ଡ୍ରି କୋଜ୍‌ଲବ୍(୨୭) ଏବଂ ଶ୍ଲୋମି ଜିବ୍ (୪୦)। ଗତବର୍ଷ ଅକ୍ଟୋବର ୭ରେ ହମାସ ଆତଙ୍କବାଦୀମାନେ ଇସ୍ରାଏଲରେ ଅଚାନକ ଆକ୍ରମଣ କରି ନୋଭା ସଂଗୀତ ମହୋତ୍ସବରୁ ଏହି ୪ ଜଣଙ୍କୁ ଅପହରଣ କରି ଗାଜା ନେଇଯାଇଥିଲେ। ସେମାନଙ୍କୁ ଉଦ୍ଧାର ପାଇଁ ଇସ୍ରାଏଲ୍‌ର ଅପରେଶନ ବେଳେ ୨୧୦ ଜଣ ପାଲେଷ୍ଟିନୀୟ ନିହତ ହୋଇଥିବା ହମାସ୍ କହିଛି। ଅନ୍ୟ ବନ୍ଧକଙ୍କୁ ଖୁବ୍‌ଶୀଘ୍ର ଉଦ୍ଧାର କରାଯିବା ନେଇ ଆଇଡିଏଫ୍ ସୂଚନା ଦେଇଛି।



ନୋଆ ଅରଗ୍‌ମାନ | ମୀର୍ ଜାନ୍



ଏଣ୍ଡ୍ରି କୋଜ୍‌ଲବ୍ | ଶ୍ଲୋମି ଜିବ୍

# ମୋଦି ୩.୦ରେ ଟିଡିପିକୁ ୪, ଜେଡିୟୁକୁ ୨ ମନ୍ତ୍ରୀପଦ ମିଳିବ

ନୂଆଦିଲ୍ଲୀ,୮।୬

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନୂଆ କ୍ୟାବିନେଟରେ ଚନ୍ଦ୍ରାବାବୁ ନାଇଡୁଙ୍କ ଟିଡିପିକୁ ୪ ଏବଂ ନୀତୀଶ କୁମାରଙ୍କ ଜେଡିୟୁକୁ ୨ ମନ୍ତ୍ରୀପଦ ମିଳିବ ବୋଲି ଏକ ସୂତ୍ରରୁ ଜଣାପଡ଼ିଛି। ମନ୍ତ୍ରିମଣ୍ଡଳରେ ସ୍ଥାନ ପାଇବାକୁ ଥିବା ଟିଡିପିର ୪ ଏମ୍‌ପିଙ୍କ ମଧ୍ୟରୁ ୩ ଜଣ ହେଲେ ରାମମୋହନ ନାଇଡୁ, ହରୀଶ ବାଲଯୋଗୀ ଏବଂ ଡଗୁମାଲ୍ଲା ପ୍ରସାଦ। ସେହିପରି ଜେଡିୟୁ ଏହାର ୨ ବରିଷ୍ଠ ନେତା ଲଲନ ସିଂ ଏବଂ ରାମନାଥ ଠାକୁରଙ୍କ ନାଁ ପ୍ରସ୍ତାବ ଦେଇଥିବା ଜଣାପଡ଼ିଛି। ରାମନାଥ ହେଉଛନ୍ତି ଭାରତରତ୍ନ ପାଇଥିବା କର୍ପୂରୀ ଠାକୁରଙ୍କ ପୁଅ। ସେ ରାଜ୍ୟ ସଭା ସଦସ୍ୟ ରହିଛନ୍ତି। ସରକାର ଶପଥ ନେବା ପୂର୍ବରୁ ଜାତୀୟ ଗଣତାନ୍ତ୍ରିକ ମେଣ୍ଟ (ଏନ୍‌ଡିଏ)ର ଏକ ବୈଠକ ବସି କ୍ୟାବିନେଟ ବର୍ଥ ସମ୍ପର୍କରେ ନିଷ୍ପତ୍ତି ହୋଇଛି।

ଟିଡିପିରୁ ୧୬ ଜଣ ଏମ୍‌ପି ନିର୍ବାଚିତ ହୋଇଥିବାବେଳେ ଏହା ୪ ମନ୍ତ୍ରୀପଦ ଏବଂ ଲୋକ ସଭାର ବାଚସ୍ପତି ପଦ ମାଗିଥିଲା। ସେହିପରି ୧୨ ଆସନ ଜିତିଥିବା ଜେଡିୟୁ ୨ଟି ମନ୍ତ୍ରୀପଦ ମାଗିଥିବା ସୂତ୍ରରୁ ଜଣାପଡ଼ିଛି। ଭାଜପା ନିର୍ବାଚନରେ ୨୪୦ ଆସନ ଜିତିଥିବାବେଳେ ଆବଶ୍ୟକ ମ୍ୟାଜିକ୍ ନମ୍ବର ୨୭୨ରୁ ୩୨ କମ୍ ରହିଛି। ତେଣୁ ସରକାର ଗଠନରେ ଚନ୍ଦ୍ରାବାବୁ ଏବଂ ନୀତୀଶ କିଙ୍ଗ୍‌ମେକର ଭାବେ ଅବତୀର୍ଣ୍ଣ ହୋଇଛନ୍ତି। ସରକାରରେ ସହଯୋଗୀ ଦଳଗୁଡ଼ିକର ପ୍ରତିନିଧିତ୍ୱ ରହିବ। କେଉଁ ଦଳରୁ କେତେଜଣ ମନ୍ତ୍ରୀ ହେବେ ତାହା ଚୂଡ଼ାନ୍ତ କରିବା ନେଇ ଶନିବାର ବରିଷ୍ଠ ଭାଜପା ନେତା ଅମିତ୍ ଶାହା, ରାଜନାଥ ସିଂ, ଦଳ ଅଧ୍ୟକ୍ଷ ଜେ.ପି. ନଡ୍ଡା ସହଯୋଗୀ ଦଳର ନେତାମାନଙ୍କ ସହ ଆଲୋଚନା କରିଥିଲେ। ସ୍ୱରାଷ୍ଟ୍ର, ଅର୍ଥ, ପ୍ରତିରକ୍ଷା, ବହିର୍ବ୍ୟାପାର, ଶିକ୍ଷା, ସଂସ୍କୃତି ଭଳି ଓଜନଦାର ପୋର୍ଟଫୋଲିଓ ଭାଜପା ନିଜ ପାଖରେ ରଖିବାକୁ ଥିବାବେଳେ ୫ରୁ ୮ଟି କ୍ୟାବିନେଟ ପାହ୍ୟା ସହଯୋଗୀ ଦଳଙ୍କୁ ମିଳିବ ବୋଲି ଜଣାପଡ଼ିଛି। ଭାଜପାରୁ ଶାହା ଏବଂ ରାଜନାଥ ନୂଆ କ୍ୟାବିନେଟରେ ସ୍ଥାନ ପାଇବା ନିଶ୍ଚିତ କୁହାଯାଉଥିବାବେଳେ ଲୋକ ସଭାକୁ ନିର୍ବାଚିତ ହୋଇଥିବା ପୂର୍ବତନ ମୁଖ୍ୟମନ୍ତ୍ରୀ ଶିବରାଜ ସିଂ ଚୌହାନ, ବାସବରାଜ ବୋମାଇ, ମନୋହରଲାଲ୍ ଖଟ୍ଟାର ଏବଂ ସର୍ବାନନ୍ଦ ସୋନୋୱାଲଙ୍କୁ ଦୃଢ଼ ଦାବିଦାର ବିବେଚନା କରାଯାଉଛି। ସେହିପରି ଲୋକ ଜନଶକ୍ତି ପାର୍ଟି (ରାମବିଲାସ)ର ନେତା ଚିରାଗ ପାଶ୍ୱାନଙ୍କୁ ନୂଆ ସରକାରରେ ସ୍ଥାନ ମିଳିପାରେ। ସେହିପରି ମହାରାଷ୍ଟ୍ରରେ ଭାଜପାର ସହଯୋଗୀ ଥିବା ଏକନାଥ ଶିନ୍ଦେଙ୍କ ଶିବସେନା ଏବଂ ଅଜିତ ପାୱାରଙ୍କ ଏନ୍‌ସିପିକୁ ମଧ୍ୟ ନୂଆ ସରକାରରେ ପ୍ରତିନିଧିତ୍ୱ ମିଳିପାରେ ବୋଲି ଏକ ସୂତ୍ରରୁ ଜଣାପଡ଼ିଛି।

## ଫୁରସତ୍

# ବର୍ଷାପାଣିରେ ପହଁରୁଛନ୍ତି ଯୁବକ



ପୁଣେ

ମହାରାଷ୍ଟ୍ରର ପୁଣେ ସହରରେ ଶନିବାର ଲଗାଣ ବର୍ଷା ଲାଗିରହିଥିଲା। ଫଳରେ ସହରର ଅନେକ ଗଳିକନ୍ଦି ଓ ମୁଖ୍ୟ ରାସ୍ତାରେ ଜଳବନ୍ଦୀ ପରିସ୍ଥିତି ସୃଷ୍ଟି ହୋଇଥିଲା। ତେବେ ଏହି ଅବସରରେ ସୋସିଆଲ ମିଡିଆରେ ଏକ ଭିଡିଓ ଭାଇରାଲ ହେବାରେ ଲାଗିଛି। ଉର୍ମି ନାମକ ଜଣେ ଏକ୍ସ' ୟୁଜର୍ସ ଏହି ଭିଡିଓ ପୋଷ୍ଟ କରିଛନ୍ତି, ଯେଉଁଥିରେ ପୁଣେର ଏକ ରାସ୍ତା ଲଗାଣ ବର୍ଷା ଯୋଗୁ ଜଳାର୍ଣ୍ଣବ ହୋଇଯାଇଥିବାବେଳେ, ସେଠାରେ ଜଣେ ଯୁବକ ଏକ ଗଦି ସାହାଯ୍ୟରେ ଜଳ ମଧ୍ୟରେ ପହଁରି ଯାତାୟାତ କରୁଛନ୍ତି। ଏହି ୧୫ ସେକେଣ୍ଡର ଭିଡିଓରେ ଉକ୍ତ ଯୁବକ ଜଣକ ପୁଣେ ରାସ୍ତାରେ ମୌସୁମୀର ଆଗମନ ଯୋଗୁ ବଦଳିଥିବା ପାଗର ଭରପୂର ମଜା ଉଠାଉଥିବା ଦେଖିବାକୁ ମିଳିଛି। ସୂଚନାଯୋଗ୍ୟ, ମହାରାଷ୍ଟ୍ରରେ ଗୁରୁବାର ଦକ୍ଷିଣ-ପଶ୍ଚିମ ମୌସୁମୀ ପହଞ୍ଚିବା ପରେ ରାଜ୍ୟର ଜନସାଧାରଣଙ୍କୁ ତାତିରୁ ତ୍ରାହି ମିଳିଛି। ଖାସ୍‌କରି ଦକ୍ଷିଣ କୋଙ୍କଣ ଅଞ୍ଚଳର ସିନ୍ଧୁଦୁର୍ଗ ଜିଲା ଏବଂ ପଶ୍ଚିମ ମହାରାଷ୍ଟ୍ରର କୋହ୍ଲାପୁର ଜିଲାରେ ମୌସୁମୀ ପହଞ୍ଚିସାରିଥିବା ଭାରତୀୟ ପାଣିପାଗ ବିଭାଗ ବିଜ୍ଞାନୀ ସୁନୀଲ କାମ୍ବଳ ସୂଚନା ଦେଇଛନ୍ତି।

# ପୋକ ପରିପୂର୍ଣ୍ଣ ଥିବା ବର୍ଗର ଖାଉଥିବା ବ୍ୟକ୍ତି



ବେଜିଂ

ସମ୍ପ୍ରତି ସୋସିଆଲ ମିଡିଆରେ ଭାଇରାଲ ହେବା ପାଇଁ ଅଜବ ଉପାୟ ଅବଲମ୍ବନ କରିବା କିଛି ବ୍ୟକ୍ତିଙ୍କର ଅଭ୍ୟାସରେ ପରିଣତ ହୋଇଛି। ଜଣେ ଚାଇନିଜ୍ ବ୍ୟକ୍ତି ଭାଇରାଲ୍ ହେବା ପାଇଁ ପୋକ ଭର୍ତ୍ତି ଥିବା ଏକ ବର୍ଗରକୁ ଉପଭୋଗ କରି ଖାଉଥିବା ଦେଖିବାକୁ ମିଳିଛି। ତେବେ ଏହି ଭିଡିଓକୁ ଅନେକ ୟୁଜର୍ସ ପସନ୍ଦ କରି ନାହାନ୍ତି। ଅନେକ ୟୁଜର୍ସ ଏହିପରି ଖାଦ୍ୟର ସ୍ୱାଦକୁ ନେଇ ପ୍ରଶ୍ନ ଉଠାଇଛନ୍ତି।

# ଅଭିନେତ୍ରୀ ହେବାକୁ ଚାହୁଁ ନ ଥିଲେ ସୋନମ

ମୁମ୍ବାଇ

ବଲିଉଡ୍ ଅଭିନେତ୍ରୀ ସୋନମ କପୁର ରବିବାର ନିଜର ୩୯ ତମ ଜନ୍ମଦିବସ ପାଳନ କରିବାକୁ ଯାଉଛନ୍ତି। ଏହି ଅବସରରେ ସେ ଶନିବାର ଏକ ସାକ୍ଷାତ୍କାର ଦେଇ ପୂର୍ବରୁ ଅଭିନେତ୍ରୀ ହେବାକୁ ଚାହୁଁ ନ ଥିବା ପ୍ରକାଶ କରିଛନ୍ତି।

ସୋନମ ଆରମ୍ଭରୁ ଫିଲ୍ମ ପରିବାର ସହ ଜଡିତ ରହିଛନ୍ତି। ତାଙ୍କ ବାପା ଅନିଲ କପୁର ବଲିଉଡ୍‌ର ଜଣେ ଭେଟେରାନ ଅଭିନେତା ଭାବେ ଜଣାଶୁଣା। ତାଙ୍କର ପୂରା ପରିବାର ଚଳଚ୍ଚିତ୍ର ଜଗତ ସହ ଜଡ଼ିତ ରହିଛି। ଏହାସତ୍ତ୍ୱେ ମଧ୍ୟ ସୋନମ ପୂର୍ବରୁ ଅଭିନେତ୍ରୀ ହେବାକୁ ଚାହୁଁ ନ ଥିଲେ। ଏହା ପଛରେ ଏକ ବିଶେଷ କାରଣ ରହିଥିଲା। ବଲିଉଡ୍‌କୁ ଆସିବା ପୂର୍ବରୁ ସୋନମ ବହୁତ ମୋଟା ଥିଲେ। ସେତେବେଳେ ତାଙ୍କର ଓଜନ ୯୦ କିଲୋଗ୍ରାମ ପର୍ଯ୍ୟନ୍ତ ଥିବା ସୋନମ ଏହି ସାକ୍ଷାତ୍କାରରେ କହିଛନ୍ତି।

ବଲିଉଡ୍‌ରେ ଅଭିନୟ ଆରମ୍ଭ କରିବା ପୂର୍ବରୁ ସୋନମ ୨୦୦୫ରେ 'ବ୍ଲାକ' ଚଳଚ୍ଚିତ୍ରରେ ସଞ୍ଜୟ ଲୀଲା ଭଁସାଲୀଙ୍କୁ ସାହାଯ୍ୟ କରିଥିଲେ। ସେ ଏହି ଚଳଚ୍ଚିତ୍ରର ସହକାରୀ ନିର୍ଦ୍ଦେଶକ ଭାବେ କାର୍ଯ୍ୟ କରିଥିଲେ। ସେତେବେଳେ ଭଁସାଲୀ ସୋନମଙ୍କୁ ବଲିଉଡ୍‌ରେ କାମ କରିବାକୁ ପରାମର୍ଶ ଦେଇଥିଲେ। ତେବେ ଅତ୍ୟଧିକ ଓଜନ ହେତୁ ବଲିଉଡ୍‌ରେ କାମ କରିବାକୁ ଚାହୁଁ ନ ଥିଲେ ସୁଦ୍ଧା ସୋନମ ଭଁସାଲୀଙ୍କ ପରାମର୍ଶ ମାନି ନିଜ ଫିଟ୍‌ନେସ ଉପରେ ଗୁରୁତ୍ୱ ଦେବାରେ ଲାଗିପଡ଼ିଥିଲେ ଏବଂ ନିଜ ମୋଟାପଣକୁ କମ୍ କରିବାରେ ଲାଗି ପଡ଼ିଥିଲେ। ସେ 'ସାୱାରିଆ' ଚଳଚ୍ଚିତ୍ର ମାଧ୍ୟମରେ ଅଭିନେତ୍ରୀ ଭାବେ ବଲିଉଡ୍ ନିଜ ଡେବ୍ୟୁ ଆରମ୍ଭ କରିଥିଲେ।



## ସଂକ୍ଷେପରେ

### ଗସ୍ତରୁ ଫେରି ଅଭିଜ୍ଞତା ବଖାଣିଲେ ପରିମଳ କର୍ମଚାରୀ

ଭୁବନେଶ୍ୱର, ୮।୬ (ବନ୍ଦନା ସେଠୀ)

ଭୁବନେଶ୍ୱର ମହାନଗର ନିଗମାଞ୍ଚଳରେ ପରିମଳ ବ୍ୟବସ୍ଥାକୁ ଆହୁରି ସୁଦୃଢ଼ କରିବା ପାଇଁ ପ୍ରୟାସ ଜାରି ରଖିଛି ବିଏମ୍‌ସି। ଏହି କ୍ରମରେ ଅନ୍ୟ ରାଜ୍ୟର ଅର୍ବାନ ଲୋକାଲ ବଡି (ୟୁଏଲ୍‌ବି)ଗୁଡିକରେ କିଭଳି ଆବର୍ଜନା ସଂଗ୍ରହଠାରୁ ଆରମ୍ଭ କରି ପରିଚାଳନା ପର୍ଯ୍ୟନ୍ତ ସମସ୍ତ କାର୍ଯ୍ୟ ସୁଚାରୁରୂପେ କରାଯାଉଛି, ତାହାର ଅନୁଧ୍ୟାନ କରିବାକୁ ବିଏମ୍‌ସିର ପରିମଳ କର୍ମଚାରୀ, ସଫେଇ କର୍ମଚାରୀ, ଡେପୁଟି କମିଶନର, ଜୋନାଲ ଡେପୁଟି କମିଶନର, ବିଭିନ୍ନ ସଫେଇ ସଂସ୍ଥା, ଏନ୍‌ଜିଓ ପ୍ରମୁଖ ୨ଦିନିଆ ଗସ୍ତରେ ଯାଇଥିଲେ। ଛତିଶଗଡ଼ର ଅମ୍ବିକାପୁର, ମହାରାଷ୍ଟ୍ରର କରଡ ଏବଂ ଲୋନାଓ୍ୱଲା, ଇନ୍ଦୋର, ଚଣ୍ଡିଗଡ଼ ଆଦି ଗସ୍ତକରି ଫେରିବା ପରେ ଶନିବାର ବିଏମ୍‌ସି କାର୍ଯ୍ୟାଳୟରେ କମିଶନରଙ୍କ ଅଧ୍ୟକ୍ଷତାରେ ଏକ ସ୍ୱତନ୍ତ୍ର ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ସମ୍ପୃକ୍ତ କର୍ମଚାରୀ, ଅଧିକାରୀମାନେ ଗସ୍ତର ଅଭିଜ୍ଞତା ବଖାଣିଥିଲେ। ଏଥିସହ ବିଏମ୍‌ସି ଅଞ୍ଚଳରେ କିପରି ଏହାର ପ୍ରୟୋଗ ହୋଇପାରିବ ସେ ନେଇ ମତାମତ ରଖିଥିଲେ।

# ବୁଲାଗୋରୁମୁକ୍ତ ଭୁବନେଶ୍ୱର ମିଶନ ବାଟବଣା

## ପାଉଣା ନ ପାଇ କାମ ଛାଡ଼ିଲା ଠିକା ସଂସ୍ଥା

ଭୁବନେଶ୍ୱର, ୮।୬ (ବନ୍ଦନା ସେଠୀ)

ଭୁବନେଶ୍ୱର ମହାନଗର ନିଗମାଞ୍ଚଳରେ ଏବେ ଉତ୍ପାତ କରୁଛନ୍ତି ବୁଲାଗୋରୁ। ଦଳଦଳ ହୋଇ ରାସ୍ତା, କଲୋନି, ପଡ଼ିଆ, ହାଟକୁ କବ୍‌ଜା କରିବା ସହ ଏମାନଙ୍କ ପାଇଁ ଦୁର୍ଘଟଣା ଘଟୁଛି। ଚାରିଆଡ଼େ ଗୋରୁମଳ ପଡି ରହିବା ଯୋଗୁ ପରିବେଶ ଓ ସହରର ସୌନ୍ଦର୍ଯ୍ୟ ନଷ୍ଟ ହେଉଛି। ପାଉଣା ନ ପାଇ ୩ ଠିକା ସଂସ୍ଥା ବୁଲା ଗୋରୁ ଉଠାଇବା ବନ୍ଦ କରିଦେଇଥିବାରୁ ଏ ପରିସ୍ଥିତି ଦିନକୁ ଦିନ ଜଟିଳ ହେବାରେ ଲାଗିଛି। ଫଳରେ ସହରକୁ ବୁଲାଗୋରୁ ମୁକ୍ତ କରିବା ପାଇଁ ବିଏମ୍‌ସି ଯେଉଁ ମିଶନ ଆରମ୍ଭ କରିଥିଲା ତାହା ଏବେ ବାଟବଣା ହୋଇଯାଇଛି। ସହରରୁ ଗୋରୁ ଉଠାଇବା ପାଇଁ ବିଏମ୍‌ସି ବିଶାଲ୍, ଜେ.କେ. ଟ୍ରେଡର୍ସ ଏବଂ ଆର୍.କେ. ଟ୍ରେଡର୍ସ ନାମକ ୩ଟି ସଂସ୍ଥାକୁ ନିୟୋଜିତ କରାଯାଇଥିଲା। ପ୍ରତି ଗୋରୁ ପିଛା ଏଜେନ୍ସିକୁ ୨୨୮୬ଟଙ୍କା ଦେବାକୁ ପଡୁଥିଲା। ସେହିପରି ଗୋଶାଳାରେ ରକ୍ଷଣାବେକ୍ଷଣ ପାଇଁ ଦୈନିକ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ ହେଉଛି। ତେବେ ଦାୟିତ୍ୱରେ ଥିବା ବିଏମ୍‌ସି ଅଧିକାରୀଙ୍କ ବଦଳି ପରେ ନୂଆ ଅଧିକାରୀ ଏ ସଂକ୍ରାନ୍ତ ଫାଇଲ୍‌ରେ ହାତ ମାରୁନାହାନ୍ତି। ଫଳରେ ସଂସ୍ଥାକୁ ଠିକ୍ ଭାବେ ପାଉଣା ନ ମିଳିବାରୁ ସେମାନେ ଆଉ ଗୋରୁ ଉଠାଉନାହାନ୍ତି। ତେଣୁ ଅନ୍ୟ ଉପାୟ ନ ପାଇ ବିଏମ୍‌ସି ନିଜ କର୍ମଚାରୀଙ୍କୁ ଲଗାଇ ଗୋରୁ ଉଠାଉଛି। ମାତ୍ର ଯେତିକି ପରିମାଣର ଗୋରୁଙ୍କୁ ଉଠାଇବା କଥା ତାହା ହୋଇପାରୁନାହିଁ। ତେଣୁ ବୁଲାଗୋରୁ ସହରସାରା ଅବାଧରେ ବିଚରଣକରି ସମସ୍ୟା ସୃଷ୍ଟି କରୁଥିବାରୁ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଦେଖା ଦେଉଛି। ଜାନୁଆରୀ ୧୦ସୁଦ୍ଧା ଜାମୁକୋଲିସ୍ଥିତ କ୍ରିଷ୍ଣା ଗୋଶାଳା, ଜଟଣୀ ମ୍ୟୁନିସିପାଲିଟି ଗୋଶାଳାରେ ବୁଲାଗୋରୁଙ୍କ ସଂଖ୍ୟା ୨୮ଶହରେ ପହଞ୍ଚିଥିଲା। ଏଥିପାଇଁ ବିଏମ୍‌ସି ଦିନକୁ ୫ଲକ୍ଷ ୬୦ହଜାର ଟଙ୍କା ଖର୍ଚ୍ଚ କରୁଥିଲା। ଏବେ ସେହି ସଂଖ୍ୟା କେତେରେ ପହଞ୍ଚିଛି ତାହାର ହିସାବ ବିଭାଗୀୟ ଅଧିକାରୀଙ୍କ ପାଖରେ ନାହିଁ। ସେହିପରି ବିଏମ୍‌ସି ପକ୍ଷରୁ ଦୈନିକ ଗୋରୁଉଠା ଚାଲିଥିବା କୁହାଯାଉଥିବାବେଳେ ବାସ୍ତବରେ କେତେ ସଂଖ୍ୟକ ଗୋରୁ ଉଠାଯାଉଛି ଏବଂ ଏଥିପାଇଁ କେତେଜଣ କର୍ମଚାରୀ ନିୟୋଜିତ ଅଛନ୍ତି ସେ ଖବର ମଧ୍ୟ ଅଧିକାରୀ ରଖୁନାହାନ୍ତି। ପଚାରିଲେ ଆମେ ସବୁ ତଥ୍ୟ ପିଆର୍‌ଓ ସେକ୍ସନରେ ଦେଇ ଦେଇଛୁ, ସେଠାରୁ ନେଇ ଯାଆନ୍ତୁ ବୋଲି କହୁଛନ୍ତି। ମାତ୍ର ବିଏମ୍‌ସିର ପିଆର୍ ସେକ୍ସନରେ ତଥ୍ୟ ଉପଲବ୍ଧ ନ ଥିବାରୁ ଅଧିକାରୀଙ୍କ କାର୍ଯ୍ୟଧାରାକୁ ନେଇ ପ୍ରଶ୍ନ ଉଠୁଛି।





### ସ୍ୱପ୍ନ ପାଲଟିଛି 'କ୍ୟାଟେଲ ଥେରାପି'

ବୁଲାଗୋରୁଙ୍କ ପାଇଁ ଜାମୁକୋଲି ଗୋଶାଳା ପର୍ଯ୍ୟାପ୍ତ ହେଉ ନ ଥିବାରୁ ଏହା ନିକଟରେ ୨୨ଏକର ଜମିରେ ୫ହଜାର ଗୋରୁ ରହିବା ଭଳି ଆଉଏକ ବୃହତ୍ ଅତ୍ୟାଧୁନିକ ଗୋଶାଳା ନିର୍ମାଣ କରିବାକୁ ଯୋଜନା ରହିଥିଲା। ଏନେଇ ବିଏମ୍‌ସିର ଏକ ସ୍ୱତନ୍ତ୍ର ଟିମ୍ ୨୦୨୩ ଜୁନ୍ ମାସରେ ବେଙ୍ଗାଲୁରୁରେ ଥିବା ଶ୍ରୀଶ୍ରୀ ଗୋଶାଳା ବୁଲି ଦେଖିବା ସହ ଏହାର ମଡେଲକୁ ଅନୁକରଣ କରିଥିଲେ। ଗାଈ କିମ୍ବା ଷଣ୍ଢଙ୍କୁ କୁଣ୍ଢାଇ ଧରି ତାଙ୍କ ବେକରେ ଓହଳିବା ଦ୍ୱାରା ଉଚ୍ଚ ରକ୍ତଚାପ କମିଥାଏ। ତେଣୁ ବେଙ୍ଗାଲୁରୁ ଢାଞ୍ଚାରେ ଏଠାରେ କ୍ୟାଟେଲ ଥେରାପି ବ୍ୟବସ୍ଥାର ଯୋଜନା ଥିଲା। ପରିଦର୍ଶକମାନେ ଦିନେ ଦୁଇଦିନ ରହି କ୍ୟାଟେଲ ଥେରାପି ନେଇପାରିବେ। ଜୁନ୍ ଶେଷ ସୁଦ୍ଧା ଟେଣ୍ଡର କରାଯାଇ ୪ମାସ ମଧ୍ୟରେ ନିର୍ମାଣ କାର୍ଯ୍ୟ ସରିବା ନେଇ ଲକ୍ଷ୍ୟ ରଖାଯାଇଥିବା ତତ୍କାଳୀନ ବିଭାଗୀୟ ଡେପୁଟି କମିଶନର ସୂଚନା ଦେଇଥିଲେ। ମାତ୍ର ୧ବର୍ଷ ବିତିବାକୁ ବସିଥିଲେ ମଧ୍ୟ ଏ ଯାଏ ତାହାର ନିର୍ମାଣ କାର୍ଯ୍ୟ ସରିଲା ନାହିଁ। ଏହାବାଦ୍ ଗୋରୁ କୁଣ୍ଡରେ ପାଣି ସରିଲେ ଆପେ ଭର୍ତ୍ତିହେବା ପାଇଁ ସେନ୍ସର ଲଗାଯିବ। ଗୋବର ଆପେ ଯାଇ ବାୟୋଗ୍ୟାସ୍ ଚାମ୍ବରରେ ପଡିବା, ଗୋମୂତ୍ରରୁ ଔଷଧୀୟ ଉତ୍ପାଦ ପ୍ରସ୍ତୁତି ଆଦି ଯୋଜନା ଥିଲା। ଏବେ ଏସବୁ କେବଳ ବିଏମ୍‌ସିର ସ୍ୱପ୍ନ ଥିଲା ବୋଲି ଚର୍ଚ୍ଚା ହେଉଛି।

### ବିଏମ୍‌ସିର ଏସ୍‌ଓପି ଭେଲିକି

ଜାନୁଆରୀ ୧୫ ପରେ କୌଣସି ଗୋରୁ ଅର୍ଥାତ୍ ଗାଈ, ଷଣ୍ଢ, ମଇଁଷି ରାସ୍ତାରେ ବୁଲୁଥିଲେ ବିଏମ୍‌ସି ତାହାକୁ ସିଧା ଉଠାଇନେବ ବୋଲି ଚେତାବନୀ ଦିଆଯାଇଥିଲା। ଉଠାଇ ନିଆଯାଉଥିବା ଗୋରୁଙ୍କୁ ଆଉ ସେମାନଙ୍କୁ ମାଲିକଙ୍କୁ ଫେରାଯିବ ନାହିଁ। କେବଳ ଦୁହାଁଳିଆ ଗାଈଙ୍କ କ୍ଷେତ୍ରରେ ନିୟମକୁ କିଛିଟା କୋହଳ କରାଯାଇଥିଲା। ଯେଉଁମାନେ ସେମାନଙ୍କ ଦୁହାଁଳିଆ ଗାଈକୁ ନେବାକୁ ଚାହିଁବେ ସେମାନେ ବିଏମ୍‌ସି ଖର୍ଚ୍ଚ କରିଥିବା ଟଙ୍କାର ୨ଗୁଣା ସହ ଆବଶ୍ୟକ ପ୍ରମାଣପତ୍ର ପଇଠ କରିବା ପରେ ହିଁ ନେଇପାରିବେ ବୋଲି କୁହାଯାଇଥିଲା। ଏନେଇ ବିଏମ୍‌ସି ପକ୍ଷରୁ ଏସ୍‌ଓପି ଜାରି କରାଯାଇଥିଲା। ମାତ୍ର ଗୋରୁ ଉଠାଉଥିବା ସଂସ୍ଥା କାମ ଛାଡ଼ିଦେବା ପରେ ଏବେ ଏସବୁ କେବଳ ଭେଲିକି ବୋଲି ଲୋକେ କହୁଛନ୍ତି।

### ଅଭିମନ୍ୟୁଙ୍କ ରଚନାରେ ଭକ୍ତିଭାବ ପାଠକଙ୍କୁ ଆନନ୍ଦ ଦେଇଛି

ଭୁବନେଶ୍ୱର,୮।୬(ଶର୍ମିଷ୍ଠା ପାଣିଗ୍ରାହୀ)

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ବିଦଗ୍ଧ କବି ଅଭିମନ୍ୟୁ ସାମନ୍ତ ସିଂହାରଙ୍କ ୨୧୮ତମ ପୁଣ୍ୟତିଥି ଶନିବାର ଭୁବନେଶ୍ୱର ମଧୁସୂଦନ ନଗରସ୍ଥିତ ପ୍ରତିମୂର୍ତ୍ତିସ୍ଥଳୀରେ ଅନୁଷ୍ଠିତ ହୋଇଯାଇଛି। ପୂଜ୍ୟପୂଜା ଅଧିକାରୀ ଲକ୍ଷ୍ମୀଧର ବେହେରାଙ୍କ ସଂଯୋଜନାରେ କାର୍ଯ୍ୟକ୍ରମରେ ଅଭିମନ୍ୟୁ ସ୍ମୃତି ସଂସଦ ସଭାପତି ପୂର୍ବତନ ମନ୍ତ୍ରୀ ଅମର ପ୍ରସାଦ ଶତପଥୀ, ଗାନ୍ଧୀବାଦୀ ବିଜୟ କୁମାର ତ୍ରିପାଠୀ, ସମାଜସେବୀ ପଣ୍ଡିତ ଗିରିଜା ଶଙ୍କର ମହାପାତ୍ର, ନାରୀନେତ୍ରୀ ଅନୁପମା ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଅଭିମନ୍ୟୁଙ୍କ ରଚନାରେ ଭକ୍ତିଭାବ ସହ ଅପ୍ରାକୃତ ପ୍ରେମ ଭାବ ଭକ୍ତମାନଙ୍କୁ ମନ୍ତ୍ରମୁଗ୍ଧ କରିଆସିଛି। ତାଙ୍କ କାଳଜୟୀ କାବ୍ୟ କବିତା ସବୁ ସମୟରେ ପାଠକଙ୍କୁ ଭକ୍ତି ଭାବନା ସହ ଭରପୁର ଆନନ୍ଦ ପ୍ରଦାନ କରିଆସିଛି ବୋଲି ଉପସ୍ଥିତ ବ୍ୟକ୍ତିବିଶେଷ ମତ ଦେଇଥିଲେ। ଏହି ଅବସରରେ ଗାନ୍ଧୀବାଦୀ ବିଜୟ କୁମାର ତ୍ରିପାଠୀଙ୍କୁ 'ବିଦଗ୍ଧ କବି ଅଭିମନ୍ୟୁ ସାମନ୍ତସିଂହାର ସ୍ମୃତି ସମ୍ମାନ'ରେ ସମ୍ମାନିତ କରାଯାଇଥିଲା।

## ୪ ବ୍ୟକ୍ତିତ୍ୱଙ୍କୁ 'ଜ୍ୟୋତି କଳା ମନ୍ଦିର ଓଡ଼ିଶୀ ସମ୍ମାନ'



ଭୁବନେଶ୍ୱର,୮।୬(ଶର୍ମିଷ୍ଠା ପାଣିଗ୍ରାହୀ)

ଜ୍ୟୋତି କଳାମନ୍ଦିର ପକ୍ଷରୁ ପକ୍ଷରୁ ଭଞ୍ଜକଳା ମଣ୍ଡପଠାରେ ଶନିବାର ଓଡ଼ିଶୀ ସମ୍ମାନ-୨୦୨୪ ଅନୁଷ୍ଠିତ ହୋଇଯାଇଛି। ଅତିଥିଭାବେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ନିର୍ଦ୍ଦେଶକ ଦିଲୀପ ରାଉତରାଏ, ଏମ୍‌ପି ସୁଲତା ଦେଓ, ସଂଗ୍ରାମ କେଶରୀ ପାଇକରାୟ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଗୁରୁ ଚପଳା ମିଶ୍ର, ଗୁରୁ ବୀଣାପାଣି ନାୟକ, ଗୁରୁ ପ୍ରଫୁଲ୍ଲ କୁମାର ମଙ୍ଗରାଜ ଓ ଇଂ. ଶ୍ରୀନିବାସ ଘଟୁଆରୀଙ୍କୁ 'ଜ୍ୟୋତି କଳା ମନ୍ଦିର ଓଡିଶୀ ସମ୍ମାନ'ରେ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା ମଙ୍ଗଳାଚରଣରୁ। ଗୁରୁ ଜ୍ୟୋତି ରାଉତଙ୍କ ନିର୍ଦ୍ଦେଶନାରେ କୁନି କୁନି ପିଲାମାନେ ଏହାକୁ ପରିବେଷଣ କରିଥିଲେ। ସେହିପରି କନିଷ୍ଠ ବର୍ଗର ଶିଳ୍ପୀଙ୍କ ଦ୍ୱାରା 'ନ ଯା ଯମୁନା' ପରିବେଷଣ ହୋଇଥିଲା। ପରବର୍ତ୍ତୀ ପ୍ରସ୍ତୁତିରେ ଗୁରୁ ଜ୍ୟୋତି ରାଉତଙ୍କ ଅନବଦ୍ୟ ସୃଷ୍ଟି 'ଦ୍ରୌପଦୀ' ବରିଷ୍ଠ ବର୍ଗର ଶିଳ୍ପୀଙ୍କ ଦ୍ୱାରା ପରିବେଷଣ କରାଯାଇଥିଲା। ଏହା ନାରୀ ସଶକ୍ତୀକରଣ ଉପରେ ଆଧାରିତ ଥିଲା। ଶେଷରେ ମର୍ଦ୍ଦଳ ଗୁରୁ ସଚ୍ଚିଦାନନ୍ଦ ଦାସ ଏବଂ ସାଥୀଙ୍କ ମର୍ଦ୍ଦଳ ବାଦନ ଉପସ୍ଥିତ ଅତିଥି ଓ ଦର୍ଶକଙ୍କୁ ଆନମନା କରିଥିଲା। କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ଡ. ମିଳନ।

## ମହାପ୍ରଭୁଙ୍କ ଦର୍ଶନକଲେ ଆମିକସ୍‌କ୍ୟୁରି

ପୁରୀ,୮।୬(ଅଜିତ୍ କୁମାର ମହାନ୍ତି)

ଆମିକସ୍‌କ୍ୟୁରି ଏନ୍.କେ.ମହାନ୍ତି ଶନିବାର ଅପରାହ୍ନରେ ପୁରୀ ଆସି ମହାପ୍ରଭୁଙ୍କ ଦର୍ଶନ କରି ଆଶିଷ ଲାଭ କରିଛନ୍ତି। ମହାନ୍ତି ଶ୍ରୀମନ୍ଦିର ରତ୍ନସିଂହାସନାରୂଢ ଶ୍ରୀବିଗ୍ରହଙ୍କ ଦର୍ଶନ କରିବା ସହ ଭିତର ବେଢ଼ାରେ ଥିବା ପାର୍ଶ୍ୱଦେବଦେବୀଙ୍କ ଦର୍ଶନ କରିଥିଲେ। ପରେ ଶ୍ରୀମନ୍ଦିର ପରିସରରେ କିଛି ସମୟ ଅତିବାହିତ କରି ଶ୍ରୀମନ୍ଦିରରୁ ପ୍ରସ୍ଥାନ କରିଥିଲେ। ଏହି ଅବସରରେ ଆମିକସ୍‌କ୍ୟୁରି କହିଛନ୍ତି, ମହାପ୍ରଭୁଙ୍କ କାର୍ଯ୍ୟ କରିବାକୁ ଦାୟିତ୍ୱ ଦେଇଥିବାରୁ ଓଡ଼ିଶା ହାଇକୋର୍ଟଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ। ନାଟ ମଣ୍ଡପ ବିମ୍ କାର୍ଯ୍ୟ ସରିଥିବା ନେଇ ଖୁସିବ୍ୟକ୍ତ କରିଥିଲେ। ତେବେ ଶ୍ରୀମନ୍ଦିରକୁ ଆଲୋକୀକରଣ କରିବା ନିମନ୍ତେ ଲଗାଯାଇଥିବା ଲାଇଟ କଢ଼ାଯାଇଥିବା ଜାଣିବା ପାଇବା ପରେ ଦୁଃଖ ଲାଗିଥିଲା। ତେଣୁ ତୁରନ୍ତ ଏହାର ସମାଧାନ କରିବାକୁ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କୁ ଫୋନ କରିଥିଲି। ତେବେ ଲାଇଟ୍ ଲଗାଯିବା ନେଇ ପଦକ୍ଷେପ ନିଆଯାଇଥିବା ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ସୂଚନା ଦେଇଛନ୍ତି। ଘଟଣା ସ୍ଥିତି ଅନୁଧ୍ୟାନ ପାଇଁ ତଦାରଖ କରିବାକୁ ପୁରୀ ଆସିଥିଲେ ବୋଲି ଆମିକସ୍‌କ୍ୟୁରି କହିଛନ୍ତି। ଲାଇଟ କାଢ଼ିଥିବା ବ୍ୟକ୍ତିଙ୍କ ବିରୋଧରେ ମାମଲା ରୁଜୁ ହେବା ସହ ଘଟଣାର ତଦନ୍ତ ପାଇଁ କୁହାଯାଇଛି। ତଦନ୍ତ ହେବା ପରେ ସମସ୍ତ ତଥ୍ୟ ସାମ୍ନାକୁ ଆସିବ ବୋଲି ମହାନ୍ତି କହିଛନ୍ତି। ସେହିପରି ଶ୍ରୀମନ୍ଦିର ମରାମତି କାର୍ଯ୍ୟ ମଧ୍ୟ ସେ ତଦାରଖ କରିଥିଲେ। ଶ୍ରୀମନ୍ଦିରର ସବୁ ମରାମତି ଓ ରକ୍ଷଣାବେକ୍ଷଣ କାର୍ଯ୍ୟ ଠିକ୍‌ରେ ଚାଲିଛି। ସେହିପରି ଗୁଣ୍ଡିଚା ମନ୍ଦିରର ମରାମତି କାର୍ଯ୍ୟ ଖୁବ୍ ଶୀଘ୍ର ଶେଷ ହେବ ବୋଲି ଆମିକସ୍‌କ୍ୟୁରି ମହାନ୍ତି କହିଛନ୍ତି।

## ଡ. କମ୍ବୁପାଣି ସାମନ୍ତଙ୍କୁ 'ଭଞ୍ଜ ସୌରଭ ସମ୍ମାନ'

### ଏଥେନା ବୁକ୍ସର ସାରସ୍ୱତ ସମାରୋହ

ଭୁବନେଶ୍ୱର,୮।୬(ଶର୍ମିଷ୍ଠା ପାଣିଗ୍ରାହୀ)




ସମାରୋହରେ ଅତିଥିମାନେ ପୁସ୍ତକ ଲୋକାର୍ପଣ କରୁଛନ୍ତି।

ପ୍ରକାଶନୀ ସଂସ୍ଥା ଏଥେନା ବୁକ୍ସର ବର୍ଷବ୍ୟାପୀ ରୌପ୍ୟ ଜୟନ୍ତୀ ପାଳନ ପରିପ୍ରେକ୍ଷୀରେ ଶନିବାର ଭାରତୀୟ ବିଦ୍ୟାଭବନଠାରେ ଏକ ସାରସ୍ୱତ ସମାରୋହ ଅନୁଷ୍ଠିତ ହୋଇଯାଇଛି। ବିଶିଷ୍ଟ କଥାଶିଳ୍ପୀ ରମେଶ ପଟ୍ଟନାୟକଙ୍କ ପୌରୋହିତ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ପଦ୍ମଶ୍ରୀ ଦେବୀପ୍ରସନ୍ନ ପଟ୍ଟନାୟକ ଉଦଘାଟନ କରିଥିଲେ। ଭୁବନେଶ୍ୱର ଦୂରଦର୍ଶନର ପୂର୍ବତନ ନିର୍ଦ୍ଦେଶକ ଡ. ଶାନ୍ତନୁ କୁମାର ରଥ, ବ୍ରହ୍ମପୁରସ୍ଥିତ ଆଞ୍ଚଳିକ ଉଚ୍ଚଶିକ୍ଷା ନିର୍ଦ୍ଦେଶକ ଡ. ସିଦ୍ଧାର୍ଥ ଶଙ୍କର ପାଢ଼ୀ, ଶାନ୍ତି ନିକେତନ ବିଶ୍ୱଭାରତୀ ବିଶ୍ୱବିଦ୍ୟାଳୟ ଓଡ଼ିଆ ବିଭାଗ ସହକାରୀ ପ୍ରଫେସର ଡ. ଶରତ କୁମାର ଜେନା ଅତିଥି ଭାବେ ଉପସ୍ଥିତ ଥିଲେ। ଏହି ଅବସରରେ ଭଞ୍ଜ ସାହିତ୍ୟର ଗବେଷକ ଡ. କମ୍ବୁପାଣି ସାମନ୍ତଙ୍କୁ 'ଭଞ୍ଜ ସୌରଭ ସମ୍ମାନ'ରେ ସମ୍ମାନିତ କରାଯାଇଥିଲା। ଡ. ସାମନ୍ତଙ୍କ ସମାଲୋଚନା ଗ୍ରନ୍ଥ 'ଲୋକ ସଂସ୍କୃତିର ଭିନ୍ନ ଚର୍ଚ୍ଚା' ଓ ପ୍ରଫେସର ଡ. ପ୍ରଦୀପ୍ତ କୁମାର ସାମନ୍ତଙ୍କ ସଂକଳିତ ପୁସ୍ତକ 'ଡ. କମ୍ବୁପାଣି ସାମନ୍ତଙ୍କ ସାରସ୍ୱତ ଯାତ୍ରା : ଏକ ସୂଚିପତ୍ର' ଅତିଥିଙ୍କ ଦ୍ୱାରା ଲୋକାର୍ପିତ ହୋଇଥିଲା। ରୌପ୍ୟ ଜୟନ୍ତୀ ସମିତିର କାର୍ଯ୍ୟକାରୀ ସଭାପତି ଡ. କୁଳମଣି ଓଝାଙ୍କ ସଂଯୋଜନାରେ ସଂଚାଳିତ ମୁଦ୍ରାକର ଓ ବାଇଣ୍ଡର୍ ଦିଲୀପ କୁମାର ପାତ୍ର, ଏଥେନା ବୁକ୍ସର କମ୍ପ୍ୟୁଟର୍ ବିଭାଗରେ କାର୍ଯ୍ୟରତ ରଞ୍ଜନା ପଟ୍ଟନାୟକ, ପ୍ରିୟଦର୍ଶନୀ ମହାରଣା, ପ୍ରଗତି ମହାପାତ୍ର, ପ୍ରଚ୍ଛଦ ଶିଳ୍ପୀ ଓ ଡିଜାଇନର୍ ପିଙ୍କିନା ଖଟୁଆ, କାର୍ଯ୍ୟାଳୟ କର୍ମଚାରୀ ଲକ୍ଷ୍ମଣ କୁମାର ବିଶ୍ୱାଳ ଓ ଦୈତାରି ମହାରଣା ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସମିତି ସଭାପତି ସତ୍ୟ ନାରାୟଣ ମହାପାତ୍ର ଏଥେନା ବୁକ୍ସ ପ୍ରକାଶନର ସଂକ୍ଷିପ୍ତ ଇତିବୃତ୍ତ ସଂପର୍କରେ ସୂଚନା ପ୍ରଦାନ କରିଥିଲେ। ଏଥେନା ବୁକ୍ସର ସ୍ୱତ୍ତ୍ୱାଧିକାରୀ ରାଜକିଶୋର ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

## ଯୋଗିନୀ ପୀଠରେ ୧୫ରୁ ରଜ ମହୋତ୍ସବ

ବାଲକାଟୀ,୮।୬(ମନୋଜ ମଣ୍ଡଳ)

ରାଜଧାନୀ ଉପକଣ୍ଠ ବାଲକାଟୀ ନିକଟସ୍ଥ ହୀରାପୁର ଗ୍ରାମରେ ଅବସ୍ଥିତ ପ୍ରସିଦ୍ଧ ତନ୍ତ୍ରପୀଠ ମହାମାୟା ଚଉଷଠି ଯୋଗିନୀଙ୍କ ପୀଠରେ ଆସନ୍ତା ୧୫ତାରିଖରୁ ତୃତୀୟ ରଜ ମହୋତ୍ସବ ଆୟୋଜିତ ହେବ। ଗ୍ରୀନ ଜୟଦେବ ଫାଉଣ୍ଡେଶନ ଟ୍ରଷ୍ଟ ଏହି କାର୍ଯ୍ୟକ୍ରମ ଆୟୋଜନ କରୁଛି। ଉତ୍ସବରେ ଓଡ଼ିଆର କଳା, ସଂସ୍କୃତି ଓ ସମାଜ ସେବା କ୍ଷେତ୍ରରେ ପାରଦର୍ଶିତା ଅର୍ଜନ କରିଥିବା ବ୍ୟକ୍ତି ବିଶେଷଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ମାନିତ କରାଯିବ। ଏଥିସହ ୧୪ ତାରିଖରେ ନିକଟସ୍ଥ ଶ୍ରୀସୁଦର୍ଶନଙ୍କ ଦାରୁପୀଠରେ ଝୋଟି, ପୁଚି, ରଜ ସଜବାଜ କାର୍ଯ୍ୟକ୍ରମ କରାଯିବା ନେଇ ଅନୁଷ୍ଠାନ ପକ୍ଷରୁ ସୂଚନା ଦିଆଯାଇଛି। ୧୫ ତାରିଖରେ ଯୋଗିନୀ ପୀଠରେ ଗୀତ, ନୃତ୍ୟ, ମ୍ୟୁଜିକ ଚେୟାର ସହ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ କରାଯିବ। କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବାକୁ ହେଲେ ୮୦୦ ଟଙ୍କା ଫିସ୍ ଦେବାକୁ ପଡିବ ବୋଲି ଅନୁଷ୍ଠାନ ପକ୍ଷରୁ ଦୀନବନ୍ଧୁ ଭୋଇ ସୂଚନା ଦେଇଛନ୍ତି। ଚଳିତ ବର୍ଷ ରଜର ରାଣୀ ଚୟନ ପରି ବିଶେଷ ଆକର୍ଷଣ ରହିଛି। ଓଡ଼ିଶାର ଗଣପର୍ବ ରଜକୁ ଜନମାନସରେ ଉଜ୍ଜୀବିତ ରଖିବା ଲକ୍ଷ୍ୟ ନେଇ ଅନୁଷ୍ଠାନ ପକ୍ଷରୁ ଏଭଳି ପ୍ରୟାସ କରାଯାଉଛି।







ସାଧାରଣ ନିର୍ବାଚନରେ ବହୁମତ ପାଇଥିବା ଭାଜପା ଓଡ଼ିଶାରେ ସରକାର ଗଢ଼ିବାକୁ ଯାଉଛି। ଆସନ୍ତା ୧୦ ତାରିଖରେ ନୂଆ ସରକାର ଓ ନୂଆ ମୁଖ୍ୟମନ୍ତ୍ରୀଙ୍କ ଶପଥଗ୍ରହଣ ଉତ୍ସବ ପାଇଁ ଭୁବନେଶ୍ୱର ଜନତା ମଇଦାନରେ ଆୟୋଜନ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଏଥିରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଯୋଗଦେବାର କାର୍ଯ୍ୟକ୍ରମ ରହିଛି।

## ସଂକ୍ଷେପରେ

### କେନାଲରେ ବୁଡ଼ି ବୃଦ୍ଧଙ୍କ ମୃତ୍ୟୁ

ବାଣପୁର,୮।୬(ଦିଲୀପ ସ୍ୱାଇଁ)

ଖୋର୍ଦ୍ଧା ଜିଲା ବାଣପୁର ଥାନା ଅଞ୍ଚଳରେ ଶନିବାର ଏକ ଦୁଃଖଦ ଘଟଣା ଘଟିଛି। କେନାଲରେ ବୁଡ଼ିଯିବାରୁ ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ସେ ହେଲେ ପ୍ରତାପଗ୍ରାମ ଅଞ୍ଚଳର ମଣିଆ ନାୟକ(୭୫)। ପୋଲିସ ସୂଚନା ମୁତାବକ, ସବୁଦିନ ଭଳି ମଣିଆ ସକାଳୁ ନିକଟ ଶାଳିଆ କେନାଲକୁ ଶୌଚ ପାଇଁ ଯାଇଥିଲେ। ଅସାବଧାନତାବଶତଃ ସେ କେନାଲରେ ବୁଡ଼ିଯିବାରୁ ତାଙ୍କର ମୃତ୍ୟୁ ଘଟିଥିବା ସ୍ଥାନୀୟ ଅଞ୍ଚଳବାସୀ କହିଛନ୍ତି। ଖବର ପାଇ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି କେନାଲରୁ ମଣିଆଙ୍କ ମୃତଦେହ ଉଦ୍ଧାର କରିଥିଲା। ପରେ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ଏ ସମ୍ପର୍କରେ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୮/୨୪) ରୁଜୁକରି ତଦନ୍ତ ଚଳାଇଛି।

### ଟ୍ରକ୍ ଧକ୍କାରେ ଯୁବକ ମୃତ

ଖୋର୍ଦ୍ଧା,୮।୬(ପ୍ରଭାତ ପାଣିଗ୍ରାହୀ)

ଭୁବନେଶ୍ୱର-ଚେନ୍ନାଇ ୧୬ ନମ୍ବର ଜାତୀୟ ରାଜପଥ ତୋଟାପଡ଼ା ଛକଠାରେ ଶନିବାର ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଏକ ଟ୍ରକ୍ ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ବେଗୁନିଆ ଥାନା ବ୍ରହ୍ମପୁରା ଗ୍ରାମର ରାମଚନ୍ଦ୍ର ବେହେରା। ସୂଚନା ମୁତାବକ, ଅପରାହ୍ନରେ ତୋଟାପଡ଼ା ଛକରେ ଏକ ଟ୍ରକ୍ (ଡବ୍ଲୁବି ୩୩ସି ୬୫୪୪) ରାମଚନ୍ଦ୍ରଙ୍କୁ ଧକ୍କା ଦେଇଥିଲା। ଫଳରେ ସେ ରାସ୍ତାପାର୍ଶ୍ୱକୁ ଛିଟିକି ପଡ଼ି ଗୁରୁତର ଆହତ ହୋଇଥିଲେ। ରକ୍ତ ଜୁଡୁବୁଡୁ ଅବସ୍ଥାରେ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତକଙ୍କ ଭାଇ ଶତ୍ରୁଘ୍ନଙ୍କ ଅଭିଯୋଗ ପରେ ପୋଲିସ ଏକ ମାମଲା(ନଂ.୨୧୨/୨୪)ରୁଜୁ କରିବା ସହ ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରି ତଦନ୍ତ ଚଳାଇଛି।

### ଚିକିତ୍ସାଧୀନ ଅଶ୍ୱିନୀଙ୍କ ମୃତ୍ୟୁ

ବେଗୁନିଆ,୮।୬(ସନ୍ଧ୍ୟାରାଣୀ ମିଶ୍ର)

ବାଘମାରୀ-ସାରୁଅ ମଧ୍ୟବର୍ତ୍ତୀ ଶଙ୍ଖ ନିକଟରେ ଗତ ଶୁକ୍ରବାର ସନ୍ଧ୍ୟାରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଥିଲା। ଏଥିରେ ବୋଲଗଡ଼ ଥାନା ଅନ୍ତର୍ଗତ ମାଳିସାହି ଗ୍ରାମର ଏକଲବ୍ୟ ପ୍ରଧାନ (୧୯)ଙ୍କ ମୃତ୍ୟୁ ଘଟିଥିବା ବେଳେ ଭୁବନେଶ୍ୱରର ଏକ ହସ୍ପିଟାଲରେ ଅଶ୍ୱିନୀ ପ୍ରଧାନ(୨୪) ଚିକିତ୍ସାଧୀନ ଥିଲେ। ଶନିବାର ଅଶ୍ୱିନୀଙ୍କ ମୃତ୍ୟୁ ଘଟିଛି ବୋଲି ବାଘମାରୀ ଥାନା ଅଧିକାରୀ ଶମ୍ଭୁନାଥ ନାୟକ ସୂଚନା ଦେଇଛନ୍ତି। ସୂଚନା ମୁତାବକ, ବାଘମାରୀ-ସାରୁଅ ମଧ୍ୟବର୍ତ୍ତୀ ଶଙ୍ଖ ନିକଟରେ ଏକ ଟ୍ରକ୍ ଖରାପ୍ ହୋଇଯିବାରୁ ରାସ୍ତାପାର୍ଶ୍ୱରେ ରହିଥଲା। ଏକଲବ୍ୟ ଓ ଅଶ୍ୱିନୀ ବାଇକ୍‌ରେ ଭୁବନେଶ୍ୱରରୁ ଘରକୁ ଫେରୁଥିବା ବେଳେ ରାସ୍ତାପାର୍ଶ୍ୱରେ ଛିଡ଼ା ହୋଇଥିବା ଟ୍ରକ୍‌ର ପଛପଟକୁ ଧକ୍କାଦେଇ ଛିଟିକି ପଡ଼ିଥିଲେ। ସ୍ଥାନୀୟ ଲୋକେ ସେମାନଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାରକରି ଆମ୍ବୁଲାନ୍ସ ଯୋଗେ ଖୋର୍ଦ୍ଧା ମେଡିକାଲ ପଠାଇଥିଲେ। ସେଠାରେ ଡାକ୍ତର ଏକଲବ୍ୟଙ୍କୁ ମୃତ ଘୋଷଣା କରିଥିଲେ। ତେବେ ଅଶ୍ୱିନୀଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବାରୁ ତାଙ୍କୁ ଭୁବନେଶ୍ୱରର ଏକ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ଶନିବାର ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି।

# ତ୍ୱରାନ୍ୱିତ ହେଉନି ସହରର ବିକାଶ

ଖୋର୍ଦ୍ଧା,୮।୬(ପ୍ରଭାତ ପାଣିଗ୍ରାହୀ)

**ରାଜନୈତିକ ଛକାପଞ୍ଝାରେ ବିକାଶ ଅଟକିଛି**

- ହୋଇପାରୁନି ପ୍ରସ୍ତାବିତ ପାଇକ ଏକାଡେମୀ ପ୍ରତିଷ୍ଠା
- କୁଞ୍ଜବିହାରୀ ମଠ ଏବଂ ଶ୍ରୀଜଗନ୍ନାଥ ମନ୍ଦିର ଅବହେଳିତ

ଖୋର୍ଦ୍ଧା ବୀରତ୍ୱର ମାଟି। କଳା, ସଂସ୍କୃତି, ଭାସ୍କର୍ଯ୍ୟ, ପ୍ରାଚୀନ କୀର୍ତ୍ତିରାଜିରେ ଭରପୂର ଖୋର୍ଦ୍ଧା। ରାଜଧାନୀ ଭୁବନେଶ୍ୱରଠାରୁ ୩୦ କି.ମି. ଦୂରରେ ଅବସ୍ଥିତ ଖୋର୍ଦ୍ଧା ସହର ଦୀପତଳ ଅନ୍ଧାର ଭଳି ଅବହେଳିତ ଅବସ୍ଥାରେ ରହିଛି। ତେବେ ଦୁଇ ପୂର୍ବତନ ବିଧାୟକଙ୍କ କ୍ଷମତା ଲାଳସାକୁ ନେଇ ଚାଲିଥିବା ରାଜନୈତିକ ଛକାପଞ୍ଝାରେ ଖୋର୍ଦ୍ଧା ସହରର ବିକାଶ ପଛେଇଯାଇଛି ବୋଲି ସାଧାରଣରେ ଚର୍ଚ୍ଚା ହେଉଛି। ରାଜେନ୍ଦ୍ର ସାହୁ ୨୦୦୯ରେ ସ୍ୱାଧୀନ ଓ ୨୦୧୪ରେ ବିଜେଡିରୁ ବିଧାୟକ ରହିଥିବା ବେଳେ ଜ୍ୟୋତିରୀନ୍ଦ୍ରନାଥ ମିତ୍ର ୨୦୦୦ରେ ସ୍ୱାଧୀନ, ୨୦୦୪ ଓ ୨୦୧୯ରେ ଖୋର୍ଦ୍ଧା ବିଧାୟକ ହୋଇଥିଲେ। ୨୦୨୪ ନିର୍ବାଚନରେ ଖୋର୍ଦ୍ଧାରୁ ରାଜେନ୍ଦ୍ର ବିଜେଡି ପ୍ରାର୍ଥୀ ହୋଇଥିଲେ ମଧ୍ୟ ଜିତିପାରିନାହାନ୍ତି। ତେବେ ଏହି ଦୁଇ ବିଧାୟକ ସର୍ବାଧିକଥର ଖୋର୍ଦ୍ଧା ବିଧାୟକ ରହିଥିଲେ ମଧ୍ୟ ବିକାଶ ସେପରି ହୋଇ ନ ଥିବା ଆଲୋଚନା ହେଉଛି।

ପାଇକ ବୀରଙ୍କ ପାଇଁ ଏ ମାଟିର ଗୌରବ ରହିଛି। ୧୮୧୭ର ପାଇକ ବିଦ୍ରୋହ ଓଡ଼ିଶା ତଥା ଜାତୀୟସ୍ତରର ଇତିହାସରେ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ରହିଛି। ଏପର୍ଯ୍ୟନ୍ତ ପ୍ରସ୍ତାବିତ ପାଇକ ଏକାଡେମୀ ପ୍ରତିଷ୍ଠା ହୋଇପାରିଲାନାହିଁ। ସେହିପରି ୨୦୧୯ ଡିସେମ୍ବର ୮ରେ ବରୁଣେଇ ପାଦଦେଶରେ ପାଇକ ସ୍ମାରକୀ ନିର୍ମାଣ ପାଇଁ ପୂର୍ବତନ ରାଷ୍ଟ୍ରପତି ରାମନାଥ କୋବିନ୍ଦ ଶିଳାନ୍ୟାସ କରିଥିଲେ। କିନ୍ତୁ ଆଜିପର୍ଯ୍ୟନ୍ତ ଇଟା ଖଣ୍ଡେ ପଡ଼ିପାରିଲା ନାହିଁ। ଐତିହ୍ୟ ଗଡ଼ଖୋର୍ଦ୍ଧାର ଅସ୍ତିତ୍ୱ ହଜିବାକୁ ବସିଛି। ଇତିହାସର ପଦଚିହ୍ନ ସ୍ୱରୂପ ରହିଥିବା ଗଡ଼ଖୋର୍ଦ୍ଧା ଏବଂ ଏହାର ସଂଲଗ୍ନ ପାର୍ଶ୍ୱରେ ରହିଥିବା ଐତିହ୍ୟ ମଠ, ମନ୍ଦିର, ପୋଖରୀ ବିପର୍ଯ୍ୟସ୍ତ ହୋଇ ରହିଛି। ଐତିହ୍ୟ ଗଡ଼ କେବଳ ଅତୀତର ଇତିହାସକୁ ସାଉଁଟି ଜରାଜୀର୍ଣ୍ଣ ଅବସ୍ଥାରେ ରହିଛି।

ଓଡ଼ିଶା ପର୍ଯ୍ୟଟନର ଏକ ପ୍ରମୁଖ କେନ୍ଦ୍ର ହେଉଛି ବରୁଣେଇ ପୀଠ। ମା' ବରୁଣେଇ ଓ କରୁଣେଇଙ୍କ ମହିମା ଏବଂ ପାହାଡ଼ ପ୍ରାକୃତିକ ସୌନ୍ଦର୍ଯ୍ୟର ଗନ୍ତାଘର। ପାହାଡ଼ ଉପରେ ସୀତାକୁଣ୍ଡ, ଗୁମ୍ଫା ଏବଂ ବୌଦ୍ଧ କୀର୍ତ୍ତିରାଜିର ଦୁଇହଜାର ବର୍ଷ ତଳର ଶିଳାଲେଖା ରହିଥିବା ଗବେଷକମାନେ ମତ ଦିଅନ୍ତି। ପାହାଡ଼ ଉପରୁ ଶ୍ରୀମନ୍ଦିର ନୀଳଚକ୍ର ଦେଖାଯାଏ ବୋଲି ବିଶ୍ୱାସ ରହିଛି। ଏହା ଉପରକୁ ଯିବା ପାଇଁ କୌଣସି ଚଲାରାସ୍ତା ନିର୍ମାଣ କରାଯାଇନାହିଁ। ପ୍ରସ୍ତାବିତ ରୋପ୍‌ୱେ ପ୍ରସ୍ତାବରେ ଅଟକି ରହିଛି। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଲୀଳାକ୍ଷେତ୍ର ଭାବେ ପରିଚିତ ଗଡ଼ଖୋର୍ଦ୍ଧାସ୍ଥିତ କୁଞ୍ଜବିହାରୀ ମଠ ଏବଂ ଶ୍ରୀଜଗନ୍ନାଥ ମନ୍ଦିର ଅବହେଳିତ ଅବସ୍ଥାରେ ରହିଛି। ଖୋର୍ଦ୍ଧାସ୍ଥିତ ବିଜେବି ହାଇସ୍କୁଲକୁ ଜାତୀୟସ୍ତରୀୟ ବିଦ୍ୟାଳୟ ମାନ୍ୟତା ପାଇଁ ବାରମ୍ବାର ଦାବି ସତ୍ତ୍ୱେ କୌଣସି ପଦକ୍ଷେପ ଗ୍ରହଣ କରାଯାଉନାହିଁ। ଏହି ବିଦ୍ୟାଳୟର ଖେଳପଡ଼ିଆ ଏକ ଘରୋଇ କ୍ରୀଡ଼ାନୁଷ୍ଠାନ ହାତରେ ରହିଛି। ପୁରୁଣା ଛାତ୍ରାବାସ ଖୋର୍ଦ୍ଧା ପୋଲିସ ଅକ୍ତିଆରରେ ରହିଛି। ଫଳରେ ଏହି ବିଦ୍ୟାଳୟ ମଧ୍ୟ ଅସ୍ତିତ୍ୱ ହରାଇବାକୁ ବସିଲାଣି। ସେହିପରି ପ୍ରାଣନାଥ କଲେଜକୁ ଏକକ ବିଶ୍ୱବିଦ୍ୟାଳୟର ମାନ୍ୟତା ପାଇଁ ଦାବି ସତ୍ତ୍ୱେ ଏଥିପ୍ରତି ଗୁରୁତ୍ୱ ଦିଆଯାଉନି ବୋଲି ଅଭିଯୋଗ ହେଉଛି। ଜିଲା ମୁଖ୍ୟ ଚିକିତ୍ସାଳୟର ଭିତ୍ତିଭୂମି ଓ ଆବଶ୍ୟକ ଡାକ୍ତର ଅଭାବ ଯୋଗୁ ରୋଗୀ ଉପଯୁକ୍ତ ସେବାରୁ ବଞ୍ଚିତ ହେଉଛନ୍ତି। ସଦର ମହକୁମା ସତ୍ତ୍ୱେ ଉନ୍ନତମାନର ଖେଳପଡ଼ିଆ ନାହିଁ। ଫଳରେ ବହୁ ଖେଳାଳି ଏଠାରୁ ମୁହଁ ଫେରାଉଛନ୍ତି। ଖୋର୍ଦ୍ଧାର ବିକାଶରେ ଅନ୍ୟତମ ବାଧକ ଉଠାଦୋକାନୀ ଏବଂ କ୍ୟାବିନ। ଉଠାଦୋକାନୀଙ୍କୁ ଥଇଥାନ ଲାଗି ଦୀର୍ଘବର୍ଷ ଧରି ଚାଲିଥିବା ସମସ୍ୟାର ସମାଧାନ ହୋଇପାରୁନାହିଁ।

## ୧୪ରୁ ସଂପୁର ରଜ ମହୋତ୍ସବ



ପ୍ରସ୍ତୁତି ବୈଠକରେ ରଜ ମହୋତ୍ସବ କମିଟିର ସଦସ୍ୟମାନେ।

ବୋଲଗଡ଼, ୮।୬(ଦେବବ୍ରତ ହୋତା)

ବୋଲଗଡ଼ ବ୍ଲକ ସଂପୁର ରଜ ମହୋତ୍ସବ ପାଳନ ନେଇ ଶନିବାର ଗ୍ରାମରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ମହୋତ୍ସବ ୭ ଦିନ ଧରି ପାଳନ ହେବା ନେଇ ନିଷ୍ପତ୍ତି ହୋଇଛି। ପରମ୍ପରା ଅନୁସାରେ ଚାରିଦିନ ଧରି ସନ୍ଧ୍ୟାରେ ଗ୍ରାମର ଇଷ୍ଟଦେବୀ ବିରମାଳା ଠାକୁରାଣୀଙ୍କ ନିମନ୍ତ୍ରଣକ୍ରମେ ମା' ବାଉତି ଠାକୁରାଣୀଙ୍କୁ ସୁସଜ୍ଜିତ ବିମାନରେ ବସାଇ ଗ୍ରାମ ପରିକ୍ରମା ପରେ ରଜ ପଡ଼ିଆ ମଣ୍ଡପରେ ବିରାଜମାନ କରାଯିବ। ଏହି ଅବସରରେ ରଜପାନ, ରଜଦୋଳି ଖେଳି ଖୁସି ମନାଇବା ସହ ରାତିରେ ୭ ଦିନ ଧରି ଗ୍ରାମର ଯୁବକଙ୍କ ଦ୍ୱାରା ସାମାଜିକ ନାଟକ ପରିବେଷଣ କରାଯିବ। ୧୩ ତାରିଖରେ ମହାନ୍ତିସାହି ସାଂସ୍କୃତିକ ସଂଘ ପକ୍ଷରୁ 'ସେହି ଗୋଟିଏ ଭୁଲ୍ ପାଇଁ' ନାଟକ ପରିବେଷଣ ହେବାକୁ ଥିବାବେଳେ ୧୪ ତାରିଖ ପହିଲି ରଜରେ କଟକର ପ୍ରସିଦ୍ଧ ମଡର୍ନ ଡ୍ୟାନ୍ସ ଓ ବାଉତି ଯୁବକ ସଂଘ ପକ୍ଷରୁ 'ଜନମ ନେଇଛି କାନ୍ଦିବା ପାଇଁ', ୧୫ ତାରିଖରେ ବ୍ରାହ୍ମଣସାହି ଶ୍ରୀଗୋପୀନାଥ ଜୀଉ କଳାପରିଷଦ ପକ୍ଷରୁ 'କାନ୍ଦେନା ଲୁହ ସରିଯିବ', ୧୬ ତାରିଖରେ ବାଲୁଙ୍କେଶ୍ୱର ଗଣନାଟ୍ୟ ପକ୍ଷରୁ 'କଳିଯୁଗ ତୋତେ ଦୂରୁ ଜୁହାର', ୧୭ ତାରିଖରେ ମା' ବିମଳାଇ ନାଟ୍ୟପରିଷଦ ପକ୍ଷରୁ 'କହଇ ମନ ଆରେ ମୋ ବୋଲ କର', ୧୮ ତାରିଖରେ ବଡ଼ସାହି ଗୋପବନ୍ଧୁ ଯୁବକ ସଂଘ ପକ୍ଷରୁ 'ଆସିଛି ଏକା ଯିବି ମୁଁ ଏକା' ଆଦି ନାଟକ ପରିବେଷଣ ହେବ। ଏହି ଉତ୍ସବ ପାଳନ ଅବସରରେ ପ୍ରତ୍ୟେକ ଦିନ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେବା ପାଇଁ ନିମନ୍ତ୍ରଣ କରାଯିବ ବୋଲି ରଜ ଉତ୍ସବ ପାଳନ କମିଟି ପକ୍ଷରୁ ନିରଞ୍ଜନ ନାୟକ ସୂଚନା ଦେଇଛନ୍ତି।

## ଅନ୍ତର୍ଜାତୀୟ ଆଦିବାସୀ ଯୁବ ସାଂସ୍କୃତିକ ମହୋତ୍ସବ ଉଦ୍‌ଘାଟିତ



ଅନ୍ତର୍ଜାତୀୟ ଆଦିବାସୀ ଯୁବ ସାଂସ୍କୃତିକ ମହୋତ୍ସବ ଉଦ୍‌ଘାଟନୀ ଅବସରରେ ଉପସ୍ଥିତ ଅତିଥି ଏବଂ ଅନ୍ୟମାନେ।

ବାଣପୁର,୮।୬(ଦିଲୀପ ସ୍ୱାଇଁ)

ଖୋର୍ଦ୍ଧା ଜିଲା ବାଣପୁରର ଐତିହାସିକ ପଲଟଣ ପଡ଼ିଆରେ ଶନିବାର ଏକତା ପରିଷଦ ଟ୍ରଷ୍ଟ ବାଣପୁର ଓ ପ୍ରୋଜେକ୍ଟ ପଏଣ୍ଟର ମିଳିତ ଆନୁକୂଲ୍ୟରେ ଅନ୍ତର୍ଜାତୀୟ ଆଦିବାସୀ ଯୁବ ସାଂସ୍କୃତିକ ମହୋତ୍ସବ ଉଦ୍‌ଘାଟିତ ହୋଇଯାଇଛି। ପ୍ରାରମ୍ଭରେ ପ୍ରୋଜେକ୍ଟ ପଏଣ୍ଟର ସଂଗ୍ରାମ କେଶରୀ ସାମନ୍ତରାୟ ସୂଚନା ଦେବା ପରେ ଏକତା ପରିଷଦ ଟ୍ରଷ୍ଟର ମ୍ୟାନେଜିଙ୍ଗ୍ ଟ୍ରଷ୍ଟି ସନ୍ଧ୍ୟା ଦେବୀ ଉତ୍ସବର ଆଭିମୁଖ୍ୟ ପ୍ରକାଶ କରିଥିଲେ। ସ୍ୱତନ୍ତ୍ର ଅତିଥିଭାବେ ଖୋର୍ଦ୍ଧା ନେହେରୁ ଯୁବକେନ୍ଦ୍ରର ବିପିନ କୁମାର, ଓଡ଼ିଶା ସାଧାରଣ ଉଦ୍ୟୋଗ ବିଭାଗର ସତନ୍ତ୍ର ସଚିବ ନୀହାର ରଞ୍ଜନ ଦାସ, ଓଡ଼ିଆ ଭାଷା ଓ ସଂସ୍କୃତି ବିଭାଗର ସତନ୍ତ୍ର ସଚିବ ମଧୁସୂଦନ ପାଢ଼ୀ, ବାଣପୁର ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧ୍ୟକ୍ଷ ମିଟୁ ନାୟକ, ପ୍ରିୟମ୍ବଦା ନାୟକ, ଆଶୁତୋଷ ସିଂହ, ବାଣପୁର ନେହେରୁ ଯୁବ ସଂଘର ସମ୍ପାଦିକା ସରୋଜିନୀ ଦାସ, ଡ.ଦିଲୀପ ଶ୍ରୀଚନ୍ଦନ ପ୍ରମୁଖ ଯୋଗଦେଇ ଉଦ୍‌ବୋଧନ ଦେଇଥିଲେ। ଚାଇନିଜ୍ ବୁଦ୍ଧିଷ୍ଟ ଟେମ୍ପଲ ନାଳନ୍ଦାର ମୁଖ୍ୟ ଭାରପ୍ରାପ୍ତ ଡ. ଧର୍ମ ରତନ ମୁଖ୍ୟ ଅତିଥିଭାବେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନପୂର୍ବକ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସନ୍ଧ୍ୟାରେ ଅନୁଷ୍ଠିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ଗୁଜରାଟ, ତ୍ରିପୁରା, ଓଡ଼ିଶା, ପଣ୍ଡିଚେରୀ, ମହାରାଷ୍ଟ୍ର, ହିମାଚଳ ପ୍ରଦେଶ, ବିହାରରୁ ଆସିଥିବା କଳାକାରଙ୍କ ଦ୍ୱାରା ବିଭିନ୍ନ ଲୋକନୃତ୍ୟ ଓ ଶାସ୍ତ୍ରୀୟ ନୃତ୍ୟ ପରିବେଷଣ ହୋଇଥିଲା।



ବାଣପୁର ପଲଟଣ ପଡ଼ିଆରେ ଅନୁଷ୍ଠିତ ଅନ୍ତର୍ଜାତୀୟ ଆଦିବାସୀ ଯୁବ ସାଂସ୍କୃତିକ ମହୋତ୍ସବରେ ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମ।

## ମହିଳାଙ୍କୁ ବଳାତ୍କାର, ଅଶ୍ଳୀଳ ଫଟୋ ଭାଇରାଲ ଧମକ

ବାଣପୁର,୮।୬(ଦିଲୀପ ସ୍ୱାଇଁ)

ବାଣପୁର ଥାନା ଅଞ୍ଚଳର ଜଣେ ମହିଳାଙ୍କୁ ବଳାତ୍କାର କରାଯିବା ସହ ଅଶ୍ଳୀଳ ଫଟୋ ଭାଇରାଲ ଧମକ ନେଇ ଅଭିଯୋଗ ହୋଇଛି। ଏ ସମ୍ପର୍କରେ ପୋଲିସ ଏକ ମାମଲା (ନଂ.୨୦୩/୨୪)ରୁଜୁକରି ତଦନ୍ତ ଚଳାଇଛି। ଅଭିଯୋଗ ମୁତାବକ, ସମ୍ପୃକ୍ତ ମହିଳାଙ୍କ ସ୍ୱାମୀ ହାଇଦ୍ରାବାଦରେ ଏକ କମ୍ପାନୀରେ କାମ କରନ୍ତି। ସେଠାରେ ବାଣପୁର ଥାନା ଅଞ୍ଚଳର ଜଣେ ବ୍ୟକ୍ତିଙ୍କ ସହ ଗତ ୪ ବର୍ଷ ପୂର୍ବେ ତାଙ୍କ ସ୍ୱାମୀଙ୍କର ବନ୍ଧୁତା ହୋଇଥିଲା। ସ୍ୱାମୀ ରୋଗଗ୍ରସ୍ତ ଥିବାରୁ ସମ୍ପୃକ୍ତ ବ୍ୟକ୍ତିଙ୍କ ସହ ମହିଳା ଜଣଙ୍କ ଅନେକ ସମୟରେ ଫୋନ୍‌ରେ କଥା ହୋଇଥାନ୍ତି। ତେବେ ଏହାରି ମଧ୍ୟରେ ବ୍ୟକ୍ତି ଜଣଙ୍କ ଉକ୍ତ ମହିଳାଙ୍କୁ ବିବାହ କରିବା ପାଇଁ ବାରମ୍ବାର ନିବେଦନ କରିଥିଲେ। ଗତ ଏପ୍ରିଲ ୧୦ରେ ମହିଳା ଜଣଙ୍କ ବାପଘରକୁ ଯାଇଥିଲେ। ଘରେ କେହି ନ ଥିବା ବେଳେ ବ୍ୟକ୍ତି ଜଣଙ୍କ ତାଙ୍କ ଘରେ ପହଞ୍ଚି ବିବାହ କରିବା ପାଇଁ କହିଥିଲେ। ମହିଳା ଜଣଙ୍କ ଅରାଜି ହେବାରୁ ତାଙ୍କୁ ବଳାତ୍କାର କରିବା ସହ ଅଶ୍ଳୀଳ ଫଟୋ ଉଠାଇଥିଲେ। ଏହି ଘଟଣା ସମ୍ପର୍କରେ କାହାକୁ କହିଲେ ଅଶ୍ଳୀଳ ଫଟୋ ଭାଇରାଲ କରିଦେବେ ବୋଲି ବ୍ୟକ୍ତି ଜଣଙ୍କ ଧମକ ଦେଇଥିଲେ। ଏନେଇ ମହିଳା ଜଣଙ୍କ ଗତ ମେ' ୩୦ରେ ଥାନାରେ ଅଭିଯୋଗ କରିଥିଲେ। ତେବେ ଭୟରେ ସେ ଥାନାକୁ ଆସିପାରୁ ନ ଥିଲେ ବୋଲି ମହିଳା ଜଣଙ୍କ ଅଭିଯୋଗ ଫର୍ଦ୍ଦରେ ଦର୍ଶାଇଛନ୍ତି। ଏନେଇ ତଦନ୍ତକାରୀ ଅଫିସର ଗାୟତ୍ରୀ ଗୋଛାୟତ କହିଛନ୍ତି, ପୀଡ଼ିତାଙ୍କ ଡାକ୍ତରୀମାଇନା ସହ ବୟାନ ରେକର୍ଡ କରାଯାଇଛି। ଖୁବ୍‌ଶୀଘ୍ର ଅଭିଯୁକ୍ତଙ୍କୁ ଗିରଫ କରାଯିବ ବୋଲି ସେ କହିଛନ୍ତି।

## ପୁଅ ମାଡ଼ରେ ମା'ଙ୍କ ଜୀବନ ଗଲା

ଖୋର୍ଦ୍ଧା, ୮।୬(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ସଦର ଥାନା ଅନ୍ତର୍ଗତ ବଣିଆଟାଙ୍ଗୀ ଗ୍ରାମରେ ଏକ ଅଭାବନୀୟ ଘଟଣା ଘଟିଛି। ପୁଅର ମାଡ଼ରେ ମା'ଙ୍କ ମୃତ୍ୟୁ ଘଟିଥିବା ବେଳେ ବାପା ଗୁରୁତର ଆହତ ହୋଇଛନ୍ତି। ମୃତା ହେଲେ ଲାବଣ୍ୟ ସାହୁ ଏବଂ ଆହତ ହେଲେ ଭିକାରୀ(୭୫)। ଏହି ଘଟଣା ପରେ ପୁଅ କୈଳାସ ଫେରାର ହୋଇଯାଇଛନ୍ତି। ଏନେଇ ଅଭିଯୋଗ ପରେ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ସମ୍ପର୍କୀୟଙ୍କୁ ହସ୍ତାନ୍ତର କରି ଏକ ମାମଲା ରୁଜୁକରି ଘଟଣାର ତଦନ୍ତ ଚଳାଇଛି। ଅଭିଯୋଗ ମୁତାବକ, ବାଜପୁର ପଞ୍ଚାୟତ ବଣିଆଟାଙ୍ଗୀ ଗ୍ରାମରେ ଭିକାରୀ ଓ ଲାବଣ୍ୟଙ୍କ ଘର। ବହୁ ବାଧାବିଘ୍ନ ସହି ପୁଅ କୈଳାସଙ୍କୁ ମଣିଷ କରିଥିଲେ। ତେବେ କୈଳାସ ସେମାନଙ୍କର ସାହାରା ପାଲଟିବା ପରିବର୍ତ୍ତେ ଅତ୍ୟାଚାର ଆରମ୍ଭ କରିଦେଇଥିଲେ। ଗତ ଦୁଇଦିନ ତଳେ କୌଣସି ସୂତ୍ରରୁ ଖବରପାଇ ଝିଅ, ଜ୍ୱାଇଁ ଏକ ସାମାଜିକ ଅନୁଷ୍ଠାନ ଜରିଆରେ ଘରେ ପହଞ୍ଚି ବୃଦ୍ଧ ମା'ବାପାଙ୍କୁ କ୍ଷତାକ୍ତ ଅବସ୍ଥାରେ ଉଦ୍ଧାରକରି ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଉଭୟଙ୍କୁ ଗଭୀର ଆଘାତ ଲାଗିଥିବା ବେଳେ ଲାବଣ୍ୟଙ୍କ ଗୋଡ଼ ଭାଙ୍ଗିଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଲାବଣ୍ୟଙ୍କ ମୃତ୍ୟୁ ହୋଇଥିଲା। ଏନେଇ ଅଭିଯୋଗ ପରେ ପୋଲିସ ତଦନ୍ତ ଚଳାଇଛି।

## ମୋ ବସ୍‌ରେ ନିଆଁ, ବର୍ତ୍ତିଲେ ଯାତ୍ରୀ



ଝାଁଲା, ୮।୬(ବୁଲା ବାରିକ)

୧୬ ନମ୍ବର ଜାତୀୟ ରାଜପଥର ଝାଁଲାସ୍ଥିତ ମୋ ବସ୍ ରହଣି ସ୍ଥଳରେ ଶନିବାର ଏକ ମୋ ବସ୍‌ରେ ଯାନ୍ତ୍ରିକ ତ୍ରୁଟି ଯୋଗୁ ନିଆଁ ଲାଗିଯାଇଥିଲା। ଫଳରେ ଯାତ୍ରୀମାନେ ବସ୍‌ରୁ ଓହ୍ଲାଇ ଏଣେତେଣେ ଦୌଡ଼ିଥିଲେ। ପରେ ବସ୍ କର୍ମଚାରୀ ଓ ସ୍ଥାନୀୟ ଲୋକେ ପାଣି ପକାଇ ନିଆଁକୁ ଆୟତ୍ତ କରିଥିଲେ। ସୂଚନା ମୁତାବକ, ସକାଳ ପ୍ରାୟ ୭ଟା ୩୦ରେ ଭୁବନେଶ୍ୱରରୁ ଖୋର୍ଦ୍ଧା ଅଭିମୁଖେ ଯାଉଥିବା ଏକ ମୋ ବସ୍(ଓଡି ୩୩ ୱାଇ୨୯୦୦)ଯାତ୍ରୀ ଉଠାଇବା ପାଇଁ ଝାଁଲାରେ ଅଟକିଥିଲା। ଏହି ସମୟରେ ଏକ ପ୍ରଚଣ୍ଡ ଶବ୍ଦ ହୋଇଥିଲା। ବସ୍‌ର ହେଲ୍‌ପର ଓହ୍ଲାଇ ଆଗକୁ ଯାଇ ଦେଖିବାବେଳକୁ ଇଞ୍ଜିନ୍ ତଳୁ ଏକ ପାଇପ୍ ଫାଟି ଧୂଆଁମୟ ହେବା ସହ ନିଆଁ ବାହାରି ଗାଡ଼ିରେ ଲାଗୁଛି। ଏହାପରେ ହେଲ୍‌ପର ଜଣକ ଚିତ୍କାର କରିଥିଲେ। ବସ୍‌ରେ ନିଆଁ ଲାଗିଥିବା ଜାଣିବା ପରେ ଯାତ୍ରୀମାନେ ବସ୍‌ରୁ ଓହ୍ଲାଇ ଏଣେତେଣେ ଦୌଡ଼ିଥିଲେ। ସ୍ଥାନୀୟ ଲୋକେ ଓ ବସ୍ କର୍ମଚାରୀ ପାଣି ପକାଇ ନିଆଁକୁ ଆୟତ୍ତ କରିଥିଲେ। ତେବେ ନିଆଁରେ ବସ୍‌ର ତଳପଟ କିଛି ଅଂଶ ପୋଡ଼ିଯାଇଥିବା ବେଳେ କାହାର କିଛି କ୍ଷତି ହୋଇ ନ ଥିବା ଜଣାପଡ଼ିଛି।

## ମାଟ୍ରିକ୍ କୃତୀ ଛାତ୍ରୀଛାତ୍ରଙ୍କ ଶୈକ୍ଷିକ ପରିଭ୍ରମଣ

ଟାଙ୍ଗୀ,୮।୬(ରଘୁନାଥ ସାହୁ)

ମାଟ୍ରିକ୍ ପରୀକ୍ଷାରେ କୃତିତ୍ୱ ହାସଲ କରିଥିବା ଛାତ୍ରୀଛାତ୍ରଙ୍କ ପାଇଁ ଶୈକ୍ଷିକ ପରିଭ୍ରମଣ ଯୋଜନା କରିଛନ୍ତି ଚାନ୍ଦପୁର ସରପଞ୍ଚ ରଞ୍ଜିତା ସେନାପତି। ଚାନ୍ଦପୁର ରାମଚଣ୍ଡୀ ନୋଡାଲ ଉଚ୍ଚ ବିଦ୍ୟାଳୟର ମାଟ୍ରିକ ପରୀକ୍ଷାରେ ସଫଳତା ଲାଭ କରିଥିବା ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ ଶିକ୍ଷକମାନଙ୍କୁ ନେଇ ସରପଞ୍ଚ ଶୈକ୍ଷିକ ପରିଭ୍ରମଣ କରି ଭୁବନେଶ୍ୱରସ୍ଥିତ ଖଣ୍ଡଗିରି, ଉଦୟଗିରି, ଧଉଳି, ରାଜ୍ୟ ସଂଗ୍ରହାଳୟ, ପ୍ଲାନେଟାରିୟମ, ସାଇନ୍ସ ପାର୍କ ବୁଲି ଫେରିଥିବା ଜଣାପଡ଼ିଛି। ଖୋର୍ଦ୍ଧାସ୍ଥିତ ଜାନକୀ ବଲ୍ଲଭ ପଟ୍ଟନାୟକ ସ୍ମୃତି ଉଦ୍ୟାନ ପରିସରରେ ଏକ ଆଲୋଚନା ମାଧ୍ୟମରେ ସରପଞ୍ଚ ଛାତ୍ରୀଛାତ୍ରମାନଙ୍କୁ ନୈତିକ ମାର୍ଗ ଦର୍ଶନ ସହ ଭଲ ମଣିଷ ହେବା ପାଇଁ ପରାମର୍ଶ ଦେଇଥିଲେ। ସରପଞ୍ଚଙ୍କ ଏପରି କାର୍ଯ୍ୟକୁ ଅଞ୍ଚଳର ବୁଦ୍ଧିଜୀବୀମାନେ ପ୍ରଶଂସା କରିଛନ୍ତି। ଏହି ଶୈକ୍ଷିକ ପରିଭ୍ରମଣରେ ଶିକ୍ଷକ ସୁରଜନ ବେହେରା, ରବୀନ୍ଦ୍ର ବେହେରା, ସିଆର୍‌ସିସି ପ୍ରଶାନ୍ତ କୁମାର ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ।



## ଆଗେଇ ଚାଲିଛି ରେଳଷ୍ଟେଶନ ରୂପାନ୍ତରଣ କାମ

ବୋଲଗଡ଼,୮।୬(ଦେବବ୍ରତ ହୋତା)




ଦ୍ୱିତୀୟ ରେଳ ଟ୍ରାକ୍ ଲାଇନ ହେବା ପାଇଁ ମାଟି ଉଠାଯାଉଛି।

ବୋଲଗଡ଼ ପାସେଞ୍ଜର ହଲ୍ଟ ନିୟମିତ ରେଳଷ୍ଟେଶନରେ ପରିଣତ ହୋଇଛି। ବୋଲଗଡ଼ ରେଳଷ୍ଟେଶନ କ୍ରିୟାନୁଷ୍ଠାନ କମିଟି ନେତୃତ୍ୱରେ ବୋଲଗଡ଼ ଅଞ୍ଚଳବାସୀ ଏନେଇ ଦାବିକରିଆସୁଥିବା ବେଳେ ଗତବର୍ଷ ଜୁଲାଇ ୧ରେ ଏହା କାର୍ଯ୍ୟକ୍ଷମ ହେବା ନେଇ ରେଳମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିଲେ। ଖୋର୍ଦ୍ଧାରୋଡ୍ ରେଳ ମଣ୍ଡଳ ଡିଆରଏମ୍ ରିଙ୍କେଶ ରାୟ ବୋଲଗଡ଼ ଷ୍ଟେଶନ କ୍ରିୟାନୁଷ୍ଠାନ କମିଟିର ସଦସ୍ୟମାନଙ୍କୁ ଡକାଇ ଷ୍ଟେଶନର କାର୍ଯ୍ୟକ୍ଷମ ନେଇ ବୈଠକରେ ଆଲୋଚନା କରିଥିଲେ। ସୂଚନା ଅନୁଯାୟୀ, ପାସେଞ୍ଜର ହଲ୍ଟକୁ ନିୟମିତ ରେଳଷ୍ଟେଶନରେ ରୂପାନ୍ତରିତ କରିବା ପାଇଁ ବହୁ ଆନୁଷଙ୍ଗିକ କାର୍ଯ୍ୟ କରିବା ଆବଶ୍ୟକ ରହିଛି। ମୁଖ୍ୟତଃ ଷ୍ଟେଶନରେ ଦୁଇଟି ରେଳଲାଇନ ସହ ସିଗ୍‌ନାଲ ପୋଷ୍ଟ, ଯାତ୍ରୀ ପ୍ରତୀକ୍ଷା ଗୃହ, କାର୍ଯ୍ୟାଳୟର ବିସ୍ତାର କର୍ମଚାରୀ ରହଣିଗୃହ ଆଦି ସମେତ ବହୁ କିଛି ନିର୍ମାଣର ଆବଶ୍ୟକତା ରହିଛି। ତେବେ ସ୍ୱଳ୍ପ ସମୟରେ କାର୍ଯ୍ୟ ସରିବା ସମ୍ଭବ ନୁହେଁ ବୋଲି କହିଥିଲେ। ତେବେ ବିଳମ୍ବରେ ହେଲେ ମଧ୍ୟ ଷ୍ଟେଶନ ମାନ୍ୟତା ପାଇଥିବା ଏହି ପାସେଞ୍ଜର ହଲ୍ଟର ରୂପାନ୍ତରଣ କାର୍ଯ୍ୟ ଗତ ମେ' ମାସରୁ ଆରମ୍ଭ ହୋଇଛି। ପ୍ରଥମ ପର୍ଯ୍ୟାୟରେ ଦ୍ୱିତୀୟ ରେଳୱେ ଟ୍ରାକ୍ ଲାଇନ ପାଇଁ ଟେଣ୍ଡର ବିଜ୍ଞପ୍ତି ପରେ ମାଟିଉଠା କାମ ଚାଲୁରହିଛି। ପର୍ଯ୍ୟାୟକ୍ରମେ ଅନ୍ୟାନ୍ୟ କାର୍ଯ୍ୟ ତ୍ୱରାନ୍ୱିତ କରାଯିବ ବୋଲି ଷ୍ଟେଶନ ଦାୟିତ୍ୱରେ ଥିବା ଟିକେଟ ବୁକିଂ ଏଜେଣ୍ଟ ରମାକାନ୍ତ ବେବର୍ତ୍ତା ପଟ୍ଟନାୟକ ସୂଚନା ଦେଇଛନ୍ତି। ତେବେ ଏହା ନିୟମିତ ରେଳଷ୍ଟେଶନର ମାନ୍ୟତା ପାଇବା ପରେ ଏହି ରେଳପଥ ଦେଇ ଯାଉଥିବା ସମସ୍ତ ଟ୍ରେନ୍ ଏଠାରେ ରହଣି କରୁଛି। ଅନ୍ୟାନ୍ୟ ଆନୁଷଙ୍ଗିକ ନିର୍ମାଣ କାର୍ଯ୍ୟ ପରେ ଏହା ପୂର୍ଣ୍ଣ କାର୍ଯ୍ୟକ୍ଷମ ହେବା ସହ ଷ୍ଟେଶନ ମାଷ୍ଟର ଓ ଅନ୍ୟ କର୍ମଚାରୀ ନିଯୁକ୍ତି ପ୍ରକ୍ରିୟା ଆରମ୍ଭ ହେବ ବୋଲି ଜଣାପଡ଼ିଛି।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୮।୬।୨୦୨୪

| | |
|---|---|
| ୫,୭୭,୦୦୦ ଟଙ୍କା | |
| ସୁନା | ୫୦ ମିଲି ଗ୍ରାମ୍ |
| ରୁପା | ୨୬.୯୫୦ ଗ୍ରାମ୍ |

# ୧୯୭୧ ଭଳି ଚଳିତ ବର୍ଷ ୧୩ ଦିନ ଅଣସର

## ଦଇତାପତି, ପୂଜାପଣ୍ଡା ନିଯୋଗ ସହ ଶ୍ରୀମନ୍ଦିର ପ୍ରଶାସନର ବୈଠକ

ପୁରୀ,୮।୬(ଅଜିତ୍ ମହାନ୍ତି)

ଚଳିତବର୍ଷ ମହାପ୍ରଭୁଙ୍କ ବିଶ୍ୱପ୍ରସିଦ୍ଧ ଘୋଷଯାତ୍ରା ଜୁଲାଇ ୭ତାରିଖରେ ଅନୁଷ୍ଠିତ ହେବ। ଆସନ୍ତା ୨୨ତାରିଖରେ ସ୍ନାନପୂର୍ଣ୍ଣିମା ଅନୁଷ୍ଠିତ ହେବ। ତେବେ ଚଳିତବର୍ଷ ମହାପ୍ରଭୁଙ୍କ ଅଣସର ୧୫ଦିନ ପରିବର୍ତ୍ତେ ୧୩ଦିନ ପଡୁଛି। ଫଳରେ ଶ୍ରୀଗୁଣ୍ଡିଚା ଯାତ୍ରା ଦିନ ନେତ୍ରୋତ୍ସବ, ନବଯୌବନ ଦର୍ଶନ ପଡୁଛି। ଗୋଟିଏ ଦିନରେ ନୀତି କେଉଁଭଳି ଭାବରେ ଅନୁଷ୍ଠିତ ହେବ ସେନେଇ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସେବାୟତଙ୍କ ସହ ଆଲୋଚନା କରାଯାଉଛି। ରଥଯାତ୍ରା ନୀତି ଶୃଙ୍ଖଳିତ ଭାବରେ ହେବା ସହ ରଥଯାତ୍ରା ଯେପରି ସୁରୁଖୁରୁରେ ହେବ ସେନେଇ ଶ୍ରୀମନ୍ଦିର କାର୍ଯ୍ୟାଳୟ ପରିସରରେ ଶ୍ରୀମନ୍ଦିର ଦଇତାପତି ନିଯୋଗର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଶନିବାର ଅନୁଷ୍ଠିତ ହୋଇଯାଇଛି।

ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ପ୍ରଥମେ ଦଇତାପତି ନିଯୋଗ ସହ ଆଲୋଚନା କରାଯିବା ପରେ ପୂଜାପଣ୍ଡା ନିଯୋଗ ସହ ଆଲୋଚନା ହୋଇଥିଲା। ବୈଠକରେ ସ୍ନାନଯାତ୍ରା ଓ ରଥଯାତ୍ରା ନେଇ ଆଲୋଚନା ହୋଇଛି। ୧୯୭୧ ମସିହାରେ ମଧ ୧୩ଦିନିଆ ଅଣସର ପଡ଼ିଥିଲା। ତେଣୁ ସେହି ବର୍ଷ ଭଳି ଚଳିତ ବର୍ଷ ରଥଯାତ୍ରା ନୀତି କରିବାକୁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ପ୍ରସ୍ତୁତ କରିବାକୁ ନିଷ୍ପତ୍ତି ନିଆଯାଇଛି। ବୈଠକ ସମ୍ପର୍କରେ ଦଇତାପତି ନିଯୋଗ ସମ୍ପାଦକ ରାମକୃଷ୍ଣ ଦାସ ମହାପାତ୍ର ସୂଚନା ଦେଇ କହିଛନ୍ତି, ଚଳିତ ବର୍ଷ ଅଣସର ୧୩ ଦିନ ପଡୁଥିବାରୁ ଗୋଟିଏ ଦିନରେ ନବଯୌବନ ଦର୍ଶନ, ନେତ୍ରୋତ୍ସବ ଓ ଶ୍ରୀଗୁଣ୍ଡିଚା ଯାତ୍ରା କିପରି ଶୃଙ୍ଖଳିତ ଭାବରେ ହେବ ସେନେଇ ବୈଠକରେ ଆଲୋଚନା ହୋଇଛି। ୧୯୭୧ ମସିହା ରଥଯାତ୍ରାର ଯେପରି ହୋଇଥିଲା ତାହାର କପି ଶ୍ରୀମନ୍ଦିର ପ୍ରଶାସନକୁ ମଗାଯାଇଛି। ଉକ୍ତ ନୀତିକାନ୍ତିକୁ ଦେଖିବା ପରେ ଚଳିତ ବର୍ଷ ରଥଯାତ୍ରାର ନୀତିକାନ୍ତି ସମ୍ପାଦନ କରାଯିବ ବୋଲି ଦାସ ମହାପାତ୍ର କହିଛନ୍ତି। ଅପରପକ୍ଷରେ ଦଇତାପତି ନିଯୋଗ ସହ ବୈଠକ ଅନୁଷ୍ଠିତ ହେବା ପରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ପୂଜାପଣ୍ଡା ନିଯୋଗ ସହ ରଥଯାତ୍ରା ସମ୍ପର୍କରେ ଆଲୋଚନା କରିଥିଲେ। ଏନେଇ ପୂଜାପଣ୍ଡା ନିଯୋଗ ତଥା ଶ୍ରୀମନ୍ଦିର ପରିଚାଳନା କମିଟି ସଦସ୍ୟ ମାଧବ ପୂଜାପଣ୍ଡା କହିଛନ୍ତି, ଚଳିତବର୍ଷ ଅଣବସର ୧୩ ଦିନ ପଡୁଛି, ରଥଯାତ୍ରାକୁ ମିଶାଇଲେ ୧୫ ଦିନ ହେଉଛି। ତେଣୁ କେଉଁଦିନ ଆଜ୍ଞାମାଳ ବିଜେ ହେବ। ରଥଖଳାରୁ ସିଂହଦ୍ୱାରକୁ ରଥଟଣା ହୋଇଯିବ ସେ ନେଇ ଆଲୋଚନା କରାଯାଇଛି। ଚଳିତ ବର୍ଷ ନବଯୌବନ ଦର୍ଶନ ଓ ରଥଯାତ୍ରା ଗୋଟିଏ ଦିନରେ ପଡୁଥିବାରୁ ଭକ୍ତମାନେ ଶ୍ରୀମନ୍ଦିରରେ ନବଯୌବନ ଦର୍ଶନରୁ ବଞ୍ଚିତ ହେବେ। ତେବେ ନୀତି ନିର୍ଘଣ୍ଟ ଚୂଡ଼ାନ୍ତ ହେବାପରେ କାର୍ଯ୍ୟକ୍ରମସ୍ଥିର କରାଯିବ। ୧୯୭୧ ମସିହାରେ ନୀତି ସମ୍ପନ୍ନ ହୋଇ ରଥଟଣା ହେବାବେଳକୁ ସନ୍ଧ୍ୟା ହୋଇଯାଇଥିଲା। କିଛି ବାଟ ରଥ ଟଣାହୋଇ ରହିଥିଲା। ପରଦିନ ପୁନର୍ବାର ରଥ ଟଣା ହୋଇଥିଲା। ଚଳିତବର୍ଷ ଯେହେତୁ ଗୋଟିଏ ଦିନରେ ନବଯୌବନ ଓ ଶ୍ରୀଗଣ୍ଡିଚା ପଡୁଥିବାରୁ ରଥଟଣା ବିଳମ୍ବ ହୋଇପାରେ। ତେବେ ମହାପ୍ରଭୁଙ୍କ ଇଚ୍ଛାରେ ସବୁକିଛି ହୁଏ। ମହାପ୍ରଭୁ ଚାହିଁଲେ ସମସ୍ତ କାର୍ଯ୍ୟ ଶୃଙ୍ଖଳିତ ଭାବରେ ସମ୍ପନ୍ନ ହେବ ବୋଲି ପୂଜାପଣ୍ଡା ସୂଚନା ଦେଇ କହିଛନ୍ତି। ବୈଠକରେ ଶ୍ରୀମନ୍ଦିର ଉପମୁଖ୍ୟ ପ୍ରଶାସକ ତଥା ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁଙ୍କ ସହ ଶ୍ରୀମନ୍ଦିର ପ୍ରଶାସନର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

## ରଥଖଳାରୁ...

# ୩ ରଥର ୪୨ ଚକ ନିର୍ମାଣ ଶେଷ



ପୁରୀ,୮।୬(ଅଜିତ୍ ମହାନ୍ତି)

ଶ୍ରୀନହରସ୍ଥିତ ଅସ୍ଥାୟୀ ରଥଖଳାରେ ୩ ରଥର ଶେଷ ୩ ଚକର ନିର୍ମାଣ ଶେଷହୋଇ ରଥର ପାଟଦଣ୍ଡା ଚଉପଟ କାର୍ଯ୍ୟ ଜାରି ରହିଛି। ୩ ରଥର ୩ ଭୂଇଁ ପାଇଁ ୧୨ଟି ଲେଖାଏ ଚଉପଟ ଭୂଇଁ ଚଉତା କାଠରେ ପାଖୁଡ଼ା ବିନ୍ଧ ଆରମ୍ଭ ହୋଇଛି। ୩ ରଥର ୨ଟି ଲେଖାଏ ଗରଗରା କାଠର ଚଉପଟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ନନ୍ଦିଘୋଷ ରଥ ପୋଲ ଗୟଳ ଉଭୟ ପାର୍ଶ୍ୱ ସମତଳ ପରେ ଚିରଟ କାର୍ଯ୍ୟ ଆରମ୍ଭ ହୋଇଛି। ୩ ରଥର ୪ ନାହାକା ନିର୍ମାଣ ପାଇଁ ରଥ ଅମିନ ଭୋଇ ସେବକଙ୍କ ସହାୟତାରେ ୩ ରଥ ଚାଳିକୁ ପ୍ରଥମ ଦଫାରେ ୨ଟି ଲେଖାଏ ୨୦ଫୁଟିଆ ଧଉରା କାଠ ଯୋଗାଇ ଦିଆଯାଇଛି। ୩ ରଥର ମହାରଣା ସେବକମାନେ ଭୋଇ ସେବକଙ୍କ ସହଯୋଗରେ ଶନିବାର ୨ ରଥର ବାକିଥିବା ଗୋଟିଏ ଗୋଟିଏ ଚକ ନିର୍ମାଣ ଶେଷ ପରେ ୩ ରଥର ମୋଟ ୪୨ଟି ଚକ ନିର୍ମାଣ ସମ୍ପୂର୍ଣ୍ଣ ହୋଇଛି। ଏଥିସହ ୩ ରଥର ମହାରଣା ସେବକମାନେ ୩ ରଥର ୧୨ଟି ଲେଖାଏ ଚଉପଟ ଭୂଇଁ ଚଉତାରେ ପାଖୁଡ଼ା ବିନ୍ଧ କାର୍ଯ୍ୟ ଆରମ୍ଭ କରିଛନ୍ତି। ପ୍ରତି ଭୂଇଁ ଚୂତାରେ ୪ଟି ଲେଖାଏ ପାଖୁଡ଼ା ବିନ୍ଧ ଏବଂ ୨ଟି ଲେଖାଏ ଖମ୍ବୀ ସଂଯୋଗ ବିନ୍ଧ ହୋଇ ୧୨ ଚଉତାରେ ୭୨ ବିନ୍ଧ କାର୍ଯ୍ୟ ଜାରି ରଖିଛନ୍ତି। ଏଥିସହ ୩ ରଥର ୨ଟି ଲେଖାଏ ଗରଗରା କାଠର ଚଉପଟ କାର୍ଯ୍ୟ ୩ ରଥର ମହାରଣା ସେବକମାନେ ଜାରି ରଖିଛନ୍ତି। ବାହାର ରଥ ଖଳାରେ ୩ ରଥର ମହାରଣା ସେବକମାନେ ପାଟଦଣ୍ଡା ଚଉପଟ କାର୍ଯ୍ୟ ଜାରି ରଖିଛନ୍ତି। ୩ ରଥର ରୂପକାର ସେବକମାନେ କୋଣଗୁଜରେ ସିଂହ ବିରାଳ ରୂପ ଖୋଦେଇ ସହ ଖୋଦେଇ ଶେଷ ହୋଇଥିବା ରୂପଗୁଡ଼ିକର ପଲିସ କାର୍ଯ୍ୟ ଜାରି ରଖିଛନ୍ତି। ଦୋଳବେଦି ଅସ୍ଥାୟୀ କମାରଶାଳରେ ଓଝା ସେବକମାନେ ଗୟଳ କଣ୍ଟା, ଭୂଇଁ କଣ୍ଟା ଏବଂ ବିଡିଆ କଣ୍ଟା ନିର୍ମାଣ ଜାରି ରଖିଛନ୍ତି। ଏଥିସହ କରତି ସେବକମାନେ ଶନିବାର ନନ୍ଦିଘୋଷ ରଥର ୨ଟି ଗରଗର କାଠର ମାପ ପ୍ରକାରେ ବଳକା ଅଂଶ କଟିଂ କରିବା ସହ ନନ୍ଦିଘୋଷ ରଥର ପୋଲ ଗୟଳ ଚିରଟ କାର୍ଯ୍ୟ ଜାରି ରଖିଛନ୍ତି।

## ସଂକ୍ଷେପରେ

### ଯାତ୍ରୀବାହୀ ଅଟୋକୁ ଧକ୍କାଦେଲା ବାଇକ୍: ୧ ଗୁରୁତର, ୫ ଆହତ

ବଳଙ୍ଗା,୮।୬(କେଦାରେଶ୍ୱର ନନ୍ଦ)

ବଳଙ୍ଗା-ମଙ୍ଗଳପୁର ମୁଖ୍ୟ ରାସ୍ତା ମୈଜିଗେ ଚନ୍ଦ୍ରାଦେଇପୁର ଛକଠାରେ ଯାତ୍ରୀବାହୀ ଅଟୋକୁ ଏକ ବାଇକ୍ ଧକ୍କାଦେବାରୁ ଜଣେ ଗୁରୁତର ହୋଇଥିବାବେଳେ ୫ ଜଣ ଆହତ ହୋଇଛନ୍ତି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କ ସହାୟତାରେ ସମସ୍ତଙ୍କୁ ମଙ୍ଗଳପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଛି। ଏଥିସହ ଦୁର୍ଘଟଣାଗ୍ରସ୍ତ ୨ଟି ଗାଡ଼ିକୁ ଜବତ କରିଛି। ଏକ ଯାତ୍ରୀବାହୀ ଅଟୋ ମଙ୍ଗଳପୁରଠାରୁ ବଳଙ୍ଗାକୁ ଆସୁଥିବାବେଳେ ବିପରୀତ ଦିଗରୁ ଏକ ବାଇକ୍ ଆସି ଅଟୋରେ ପିଟିହୋଇଥିଲା। ଅଟୋରେ ଥିବା ୩ ଜଣ ଯାତ୍ରୀ ଆହତ ହୋଇଥିବାବେଳେ ବାଇକ୍‌ରେ ଯାଉଥିବା ଜଣେ ଗୁରୁତର ଓ ୨ ଜଣ ଆହତ ହୋଇଥିଲେ।

### କେନାଲରେ ବୁଡ଼ି ବୃଦ୍ଧଙ୍କ ମୃତ୍ୟୁ

ବାଣପୁର,୮।୬(ଦିଲୀପ ସ୍ୱାଇଁ)

ଖୋର୍ଦ୍ଧା ଜିଲା ବାଣପୁର ଥାନା ଅଞ୍ଚଳରେ ଶନିବାର ଏକ ଦୁଃଖଦ ଘଟଣା ଘଟିଛି। କେନାଲରେ ବୁଡ଼ିଯିବାରୁ ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ସେ ହେଲେ ପ୍ରତାପଗ୍ରାମ ଅଞ୍ଚଳର ମଣିଆ ନାୟକ(୭୫)। ପୋଲିସ ସୂଚନା ମୁତାବକ, ସବୁଦିନ ଭଳି ମଣିଆ ସକାଳୁ ନିକଟ ଶାଳିଆ କେନାଲକୁ ଶୌଚ ପାଇଁ ଯାଇଥିଲେ। ଅସାବଧାନତାବଶତଃ ସେ କେନାଲରେ ବୁଡ଼ିଯିବାରୁ ତାଙ୍କର ମୃତ୍ୟୁ ଘଟିଥିବା ସ୍ଥାନୀୟ ଅଞ୍ଚଳବାସୀ କହିଛନ୍ତି। ଖବର ପାଇ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି କେନାଲରୁ ମଣିଆଙ୍କ ମୃତଦେହ ଉଦ୍ଧାର କରିଥିଲା। ପରେ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ଏ ସମ୍ପର୍କରେ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୮/୨୪) ରୁଜୁକରି ତଦନ୍ତ ଚଳାଇଛି।

# ନୀଳାଦ୍ରି କଲ୍‌ଚରାଲ ଏକାଡେମୀ ପକ୍ଷରୁ ରଜ ପ୍ରତିଯୋଗିତା



ନୀଳାଦ୍ରି କଲ୍‌ଚରାଲ ଏକାଡେମୀ ପକ୍ଷରୁ ମହିଳାମାନଙ୍କ ମଧ୍ୟରେ ପୁଚିଖେଳ ପ୍ରତିଯୋଗିତା ଚାଲିଛି ।

ପୁରୀ,୮।୬(ଅଜିତ୍ ମହାନ୍ତି )

ନୀଳାଦ୍ରି କଲ୍‌ଚରାଲ ଏକାଡେମୀ ପକ୍ଷରୁ ଚଳିତ ବର୍ଷ ଜୁନ ୧୪ତାରିଖଠାରୁ ରଜ ମହୋତ୍ସବ ପାଳନ କରାଯିବ। ଏହି ଉତ୍ସବ ମୁକ୍ତାକାଶ ରଙ୍ଗମଞ୍ଚଠାରେ ତିନିଦିନ ଧରି ପାଳନ କରାଯିବ। ଏହି ଉତ୍ସବ ପାଳନ ଅବସରରେ ପୁରୀ ପୌରପାଳିକାର ୩୨ଟି ୱାର୍ଡର ମହିଳା ଏବଂ ବିଦ୍ୟାଳୟର ଛାତ୍ରୀମାନଙ୍କୁ ନେଇ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିପାଇଁ ମହିଳାମାନଙ୍କ ମଧ୍ୟରେ ଝୋଟି, ଚିତା, ଶଙ୍ଖ, ହୁଳହୁଳି, ପୁଚିଖେଳ ଅନୁଷ୍ଠିତ ହୋଇଥିଲା। ସେହିପରି ବାଳିକାମାନେ ରଙ୍ଗୋଲି ରଜ କୁଇଜ୍, ଦଉଡ଼ି ଡିଆଁ, ମେହେନ୍ଦି ଆଦି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ସର୍ବ କନିଷ୍ଠ ଓ କନିଷ୍ଠ ଏହିପରି ଦୁଇଟି ଦଳରେ ବିଭକ୍ତ କରାଯାଇ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ବନିତା ଦୀକ୍ଷିତ, ରୂପାଲିନ ଜେନା, ବନ୍ଦନା ବେହେରା, ରଞ୍ଜିତା ରଥ, ସରୋଜିନୀ ନାୟକ, ଶୋନଲତା ବିଶୋଇ, ଜ୍ୟୋତ୍ସ୍ନାରାଣୀ ମହାପାତ୍ର ବିଚାରକ ରହିଥିଲେ। ବିଭିନ୍ନ ୱାର୍ଡର ମହିଳାମାନଙ୍କ ମଧ୍ୟରେ ସୁସମ୍ପର୍କ ଓ ସମନ୍ୱୟ ପ୍ରତିଷ୍ଠା କରିବା ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ବୋଲି ଅନୁଷ୍ଠାନର ସମ୍ପାଦକ ପ୍ରମୋଦ ଜେନା ଓ ସଭାପତି ପ୍ରଦ୍ୟୁମ୍ନ ମିଶ୍ର ପ୍ରକାଶ କରିଛନ୍ତି। ଆସନ୍ତା ରଜ ମହୋତ୍ସବରେ ସମସ୍ତ କୃତୀପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯିବାର କାର୍ଯ୍ୟକ୍ରମ ରହିଥିବା ଅନୁଷ୍ଠାନ ପକ୍ଷରୁ ସୂଚନା ଦିଆଯାଇଛି। ପ୍ରତିଯୋଗିତାକୁ ଅନୁଷ୍ଠାନର କାର୍ଯ୍ୟକାରୀ ସଭାପତି ସଂଗ୍ରାମ କେଶରୀ ମିଶ୍ର ପରିଚାଳନା କରିଥିଲେ। ସେହିପରି ଯୋଗେନ୍ଦ୍ର ପାତ୍ର, ବିଜୟ ନୃସିଂହ ଦାସ, ମନୋଜ କୁମାର ନିଶଙ୍କ, କାହ୍ନା ସିଂ, ଦିପ୍ତିରେଖା ରାଉତରାୟ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

# ରାସ୍ତାକଡ଼ରୁ ଯୁବକଙ୍କ ମୃତଦେହ ଜବତ

ସାକ୍ଷୀଗୋପାଳ,୮।୬ (ପ୍ରଶାନ୍ତ ବାରିକ୍/କିଶୋର ମହାପାତ୍ର):

ରାତିରେ ସତ୍ୟବାଦୀ ଥାନା ଅଧୀନ ପୁରୀ- ଭୁବନେଶ୍ୱର ଜାତୀୟ ରାଜପଥର ଚଣାଗୋରଡ଼ା ଛକ ରାସ୍ତା କଡ଼ରୁ ଶୁକ୍ରବାର ବିଳମ୍ବିତ ରାତିରେ ଜଣେ ଯୁବକଙ୍କ ମୃତଦେହ ମିଳିଛି। ଏନେଇ ପୋଲିସ ସତ୍ୟବାଦୀ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁକରି ତଦନ୍ତ ଚଳାଇଛି। ତେବେ ଉକ୍ତ ଯୁବକଙ୍କ ପରିଚୟ ମିଳିପାରି ନାହିଁ। ଶନିବାର ମୃତଦେହ ବ୍ୟବଚ୍ଛେଦ ପରେ ଚିହ୍ନଟ ହୋଇ ନ ଥିବାରୁ ତାକୁ ସଂରକ୍ଷିତ ଭାବେ ରଖାଯାଇଛି।

ଚଣାଗୋରଡ଼ା ଛକ ରାସ୍ତା କଡ଼ରେ ଜଣେ ଯୁବକ ଅଚେତ ଅବସ୍ଥାରେ ପଡ଼ିଥିବା ସ୍ଥାନୀୟ ଲୋକେ ଦେଖି ଆମ୍ବୁଲାନ୍ସକୁ ଖବର ଦେଇଥିଲେ। ଆମ୍ବୁଲାନ୍ସ ଅଚେତ ଯୁବକଙ୍କୁ ସାକ୍ଷୀଗୋପାଳ ମେଡିକାଲ ପରେ ତାଙ୍କୁ ପୁରୀ ମେଡ଼ିକାଲରେ ଭର୍ତ୍ତି କରିଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏହି ମୃତକଙ୍କ କୌଣସି ଦାବିଦାର ଯଦି ମୃତଦେହ ଚିହ୍ନଟ କରନ୍ତି ତେବେ ସତ୍ୟବାଦୀ ଥାନା ସହ ଯୋଗାଯୋଗ କରିବାକୁ ସତ୍ୟବାଦୀ ପୋଲିସ ପକ୍ଷରୁ ଅନୁରୋଧ କରାଯାଇଛି।

# ଜାତୀୟ ଚିତ୍ରକଳା ପ୍ରଦର୍ଶନୀ ସାଇନ ୨୧ ପ୍ରଦର୍ଶିତ



ଜାତୀୟ ଚିତ୍ରକଳା ପ୍ରଦର୍ଶନୀରେ ଚିତ୍ରକରଙ୍କ ସହ ଅତିଥି ।

ପୁରୀ,୮।୬(ଅଜିତ୍ ମହାନ୍ତି)

ଶକୁନ୍ତଳା ଆର୍ଟ ଗ୍ୟାଲେରି ତରଫରୁ ଆୟୋଜିତ ଜାତୀୟ ଚିତ୍ରକଳା ପ୍ରଦର୍ଶନୀ ସାଇନ ୨୧ ଚକ୍ରତୀର୍ଥ ରୋଡସ୍ଥିତ ଲଳିତ କଳା ଏକାଡେମୀ ରିଜିଓନାଲ ଆର୍ଟ ଗ୍ୟାଲେରିଠାରେ ଶନିବାର ଉଦ୍‌ଘାଟିତ ହୋଇଛି। ପଦ୍ମଶ୍ରୀ ବିନୋଦ ମହାରଣା ପ୍ରଦର୍ଶନୀକୁ ଉଦ୍‌ଘାଟନ କରିଛନ୍ତି। ମହାରଣା ସମସ୍ତ କଳାକାରଙ୍କୁ ଉଚ୍ଚ ପ୍ରଶଂସା କରିବା ସହ କଳାକୁ ଆଗେଇ ନେବା ନିମନ୍ତେ ପ୍ରେରଣା ପ୍ରଦାନ କରିଥିଲେ। ଉକ୍ତ ପ୍ରଦର୍ଶନୀରେ ଶିଳ୍ପୀ ତାଙ୍କର ନିଜସ୍ୱ ଶୈଳୀରେ ଚିତ୍ର ଓ ସେରାମିକ କଳା ପ୍ରଦର୍ଶନ କରିଛନ୍ତି। ପ୍ରଦର୍ଶନରେ ରାଜ୍ୟ ତଥା ରାଜ୍ୟ ବାହାରର ୨୧ଜଣ ଖ୍ୟାତନାମା କଳାକାର ସେମାନଙ୍କ ଚିତ୍ରକଳା ପ୍ରଦର୍ଶନ କରିଥିଲେ। ସେମାନେ ହେଲେ ଅସୀମା ଏ. ଚୌଧୁରୀ, ଅତସୀ ବାସୁ ଜେନା, ବିଭୁତି ଦାଶ, ବିଶ୍ୱଜିତା ମହାରଣା, ରଞ୍ଜନ ମଲ୍ଲିକ, ଦୁର୍ଗା ମାଧବ କର, ଜନାର୍ଦ୍ଦନ ପରମଗୁରୁ, ଜ୍ୟୋତିର୍ମୟ ପଟ୍ଟନାୟକ, ଲିପିଶ୍ରୀ ନାୟକ, ମମତା ସାମନ୍ତରାୟ, ନମିତା ସାହୁ, ପିଆଲି ସରକାର। ସେହିପରି ପ୍ରଦୀପ ପାଣ୍ଡେ, ପ୍ରିୟଦର୍ଶିନୀ ମହାନ୍ତି, ରାଜକିଶୋର ମହାରଣା, ରାଜେଶ ନାୟକ, ସଞ୍ଜୟ କେତନ, ସନ୍ତୋଷ କୁମାର ମହାରଣା, ଶ୍ୟାମ ପ୍ରସାଦ ଟାଲି, ସୁବାସ ପୂଜାହାରୀ, ସୁଜିତ କୁମାର ପଟ୍ଟନାୟକଙ୍କ ସମେତ ଦିଲ୍ଲୀ, ବେଙ୍ଗାଲୁର, ଚଣ୍ଡିଗଡ଼ ଓ କୋଲକାତାର କଳାକାରମାନେ ଯୋଗ ଦେଇଛନ୍ତି।

# ମହାପ୍ରଭୁଙ୍କ ଦର୍ଶନକଲେ ଆମିକସ୍‌କ୍ୟୁରି

ପୁରୀ,୮।୬(ଅଜିତ୍ କୁମାର ମହାନ୍ତି)

ଆମିକସ୍‌କ୍ୟୁରି ଏନ୍.କେ.ମହାନ୍ତି ଶନିବାର ଅପରାହ୍ନରେ ପୁରୀ ଆସି ମହାପ୍ରଭୁଙ୍କ ଦର୍ଶନ କରି ଆଶିଷ ଲାଭ କରିଛନ୍ତି। ମହାନ୍ତି ଶ୍ରୀମନ୍ଦିର ରତ୍ନସିଂହାସନାରୂଢ ଶ୍ରୀବିଗ୍ରହଙ୍କ ଦର୍ଶନ କରିବା ସହ ଭିତର ବେଢ଼ାରେ ଥିବା ପାର୍ଶ୍ୱଦେବଦେବୀଙ୍କ ଦର୍ଶନ କରିଥିଲେ। ପରେ ଶ୍ରୀମନ୍ଦିର ପରିସରରେ କିଛି ସମୟ ଅତିବାହିତ କରି ଶ୍ରୀମନ୍ଦିରରୁ ପ୍ରସ୍ଥାନ କରିଥିଲେ। ଏହି ଅବସରରେ ଆମିକସ୍‌କ୍ୟୁରି କହିଛନ୍ତି, ମହାପ୍ରଭୁଙ୍କ କାର୍ଯ୍ୟ କରିବାକୁ ଦାୟିତ୍ୱ ଦେଇଥିବାରୁ ଓଡ଼ିଶା ହାଇକୋର୍ଟଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ। ନାଟ ମଣ୍ଡପ ବିମ୍ କାର୍ଯ୍ୟ ସରିଥିବା ନେଇ ଖୁସିବ୍ୟକ୍ତ କରିଥିଲେ। ତେବେ ଶ୍ରୀମନ୍ଦିରକୁ ଆଲୋକୀକରଣ କରିବା ନିମନ୍ତେ ଲଗାଯାଇଥିବା ଲାଇଟ କଢ଼ାଯାଇଥିବା ଜାଣିବା ପାଇବା ପରେ ଦୁଃଖ ଲାଗିଥିଲା। ତେଣୁ ତୁରନ୍ତ ଏହାର ସମାଧାନ କରିବାକୁ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କୁ ଫୋନ କରିଥିଲି। ତେବେ ଲାଇଟ୍ ଲଗାଯିବା ନେଇ ପଦକ୍ଷେପ ନିଆଯାଇଥିବା ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ସୂଚନା ଦେଇଛନ୍ତି। ଘଟଣା ସ୍ଥିତି ଅନୁଧ୍ୟାନ ପାଇଁ ତଦାରଖ କରିବାକୁ ପୁରୀ ଆସିଥିଲେ ବୋଲି ଆମିକସ୍‌କ୍ୟୁରି କହିଛନ୍ତି। ଲାଇଟ କାଢ଼ିଥିବା ବ୍ୟକ୍ତିଙ୍କ ବିରୋଧରେ ମାମଲା ରୁଜୁ ହେବା ସହ ଘଟଣାର ତଦନ୍ତ ପାଇଁ କୁହାଯାଇଛି। ତଦନ୍ତ ହେବା ପରେ ସମସ୍ତ ତଥ୍ୟ ସାମ୍ନାକୁ ଆସିବ ବୋଲି ମହାନ୍ତି କହିଛନ୍ତି। ସେହିପରି ଶ୍ରୀମନ୍ଦିର ମରାମତି କାର୍ଯ୍ୟ ମଧ ସେ ତଦାରଖ କରିଥିଲେ। ଶ୍ରୀମନ୍ଦିରର ସବୁ ମରାମତି ଓ ରକ୍ଷଣାବେକ୍ଷଣ କାର୍ଯ୍ୟ ଠିକ୍‌ରେ ଚାଲିଛି। ସେହିପରି ଗୁଣ୍ଡିଚା ମନ୍ଦିରର ମରାମତି କାର୍ଯ୍ୟ ଖୁବ୍ ଶୀଘ୍ର ଶେଷ ହେବ ବୋଲି ଆମିକସ୍‌କ୍ୟୁରି ମହାନ୍ତି କହିଛନ୍ତି।

# ଦି ବେଲ୍ ୟୁଥ୍ ଫୋରମ ପକ୍ଷରୁ କର୍ମଶାଳା

ପୁରୀ,୮।୬(ଅଜିତ୍ ମହାନ୍ତି)

ପୁରୀ ଜିଲା ସ୍ୱେଚ୍ଛାସେବୀ ସଙ୍ଗଠନ ସାମ୍ମୁଖ୍ୟ ଦି ବେଲ୍ ୟୁଥ୍ ଫୋରମ୍ ପକ୍ଷରୁ ଜିଲା ମହାବିଦ୍ୟାଳୟସ୍ତରୀୟ ଛାତ୍ରୀଛାତ୍ରଙ୍କ ଦକ୍ଷତା ଓ ବୃତ୍ତିଗତ ଜୀବନ ବିକାଶ ପାଇଁ ସ୍ଥାନୀୟ ଆୟୁର୍ବେଦିକ ସମ୍ମିଳନୀ କକ୍ଷଠାରେ ଦିନିକିଆ କର୍ମଶାଳା ଶନିବାର ଆୟୋଜିତ ହୋଇଯାଇଛି। ପୁରୀ ଆୟୁର୍ବେଦିକ ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରାଧ୍ୟାପକ ଡ. ଅରୁଣ କୁମାର ଦାଶ ମୁଖ୍ୟ ଅତିଥି ଭାବେ ଯୋଗଦେଇ କର୍ମଶାଳା ଉଦ୍‌ଘାଟନ କରିଥିଲେ। ଡି. ଜି. ଏମ୍. ଏଲ୍ ଏଣ୍ଡ. ଡି ଓ ସି ଏଚ୍ ଆର୍ ଡି କୋ- ଫାଉଣ୍ଡର ଡ. ଅଜିତ କର, ଓମ୍ ଇନ୍ଦୁ ଭୂଷଣ ମହାପାତ୍ର, ଆଇଡେଣ୍ଟିଟି ଗ୍ରୁପ ସଂସ୍ଥାପକ ଯଶୋବନ୍ତ ନାରାୟଣ ସିଙ୍ଘଲ ପ୍ରଶିକ୍ଷକ ଭାବେ ଯୋଗଦାନ କରିଥିଲେ। ଏସ୍‌ଏମ୍‌ସି ପ୍ରବନ୍ଧକ ରୁଚିମିତ୍ରା ଜଗଦ୍ଦେବ ମହାପାତ୍ର ମଞ୍ଚ ପରିଚାଳନା କରିଥିଲେ। ଦି ବେଲ ଅଧ୍ୟକ୍ଷ ସିଦ୍ଧାର୍ଥ ରାୟ ସ୍ୱାଗତ ଭାଷଣ ଦେଇଥିବାବେଳେ ଅନୁଷ୍ଠାନ ଉପାଧ୍ୟକ୍ଷ ସୁକାନ୍ତ ପଣ୍ଡା ଧନ୍ୟବାଦ ଦେଇଥିଲେ। କର୍ମଶାଳାରେ ପୁରୀ ଜିଲାର ବିଭିନ୍ନ ଶିକ୍ଷା ଅନୁଷ୍ଠାନର ୧୫୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଯୋଗଦେଇଥିଲେ। କର୍ମଶାଳାରେ ଯୋଗଦେଇଥିବା ସମସ୍ତ ଛାତ୍ରୀଛାତ୍ରଙ୍କୁ ଅନୁଷ୍ଠାନ ପକ୍ଷରୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମକୁ ଦି ବେଲ ୟୁଥ୍ ଫୋରମ୍‌ର ପ୍ରୀତି ପ୍ରିୟଦର୍ଶିନୀ ରାୟ, ଅର୍ପିତା ନାୟକ, ଆଦ୍ୟାଶା କାନୁନ୍‌ଗୋ, ମନିଦୀପା ସାହୁ, ଓମ୍ ପ୍ରକାଶ ତ୍ରିପାଠୀ, ଓଁ ପ୍ରସାଦ ମହାନ୍ତି ପ୍ରମୁଖ ପରିଚାଳନା କରିଥିଲେ।



ଜିଲା ମହାବିଦ୍ୟାଳୟସ୍ତରୀୟ ଛାତ୍ରୀଛାତ୍ରଙ୍କ ଦକ୍ଷତା ଓ ବୃତ୍ତିଗତ ଜୀବନ ବିକାଶ କର୍ମଶାଳାରେ ଛାତ୍ରୀଛାତ୍ରଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଛି ।

# ଆଜିଠୁ ପୁରୀରେ ଜାତୀୟ ହାମର ବଲ୍ ଚାମ୍ପିୟନଶିପ୍

ପୁରୀ,୮।୬(ଅଜିତ୍ ମହାନ୍ତି )

ହାମର୍ ବଲ୍ ଆସୋସିଏଶନ୍ ଅଫ୍ ଇଣ୍ଡିଆ ଏବଂ ହାମର ବଲ୍ ଆସୋସିଏଶନ୍ ଅଫ୍ ଓଡ଼ିଶାର ମିଳିତ ଆନୁକୂଲ୍ୟରେ ପ୍ରଥମ ସିନିୟର ଜାତୀୟ ହାମର ବଲ୍ ପୁରୁଷ ଏବଂ ମହିଳା ଚାମ୍ପିୟନଶିପ୍ କ୍ରୀଡ଼ା ଉତ୍ସବ ପ୍ରଥମ ଥର ପାଇଁ ଶ୍ରୀ ଜଗନ୍ନାଥ ଷ୍ଟାଡିୟମ୍ ପରିସରରେ ଆୟୋଜିତ ହେବାକୁ ଯାଉଛି। ପ୍ରତିଯୋଗିତା ରବିବାର ଜୁନ୍ ୯ ତାରିଖଠାରୁ ୧୨ତାରିଖ ୪ ଦିନ ଧରି ଅନୁଷ୍ଠିତ ହେବ। ଏ ସମ୍ପର୍କରେ ଅନୁଷ୍ଠାନ ପକ୍ଷରୁ ଶନିବାର ଶ୍ରୀଜଗନ୍ନାଥ ଷ୍ଟାଡିୟମ୍ ସଭା ଗୃହରେ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଛି। ଖବରଦାତା ସମ୍ମିଳନୀରେ ହାମର୍‌ବଲ ଆସୋସିଏଶନ୍ ଅଫ୍ ଇଣ୍ଡିଆର ସଚିବ ମନୀଷ କୁମାର ଶ୍ରୀବାସ୍ତବ, ଜାତୀୟ ଉପ ସଭାପତି ରିଣ୍ଟୁ ମିତ୍ର, ରାଜ୍ୟ ହାମରବଲ୍ ଆସୋସିଏଶନ୍ ଉପ ସଭାପତି ସୋମନାଥ ପଟ୍ଟନାୟକ, ରାଜ୍ୟ ସମ୍ପାଦକ ରାଗିଣୀ ମିତ୍ର, ପରିଚାଳନା କମିଟି ସଦସ୍ୟ ପ୍ରକାଶ ପାତ୍ର, ପ୍ରେମ୍ ଚାନ୍ଦ ବୈଠାରୁ, ରଜ୍ୟ କୋଚ ରାହୁଲ ତିୱାରୀ ପ୍ରମୁଖ ଉପସ୍ଥିତ ରହି ଏହି ଚାମ୍ପିୟନଶିପ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ପ୍ରଥମ ଜାତୀୟ ହାମର ବଲ୍ ଚାମ୍ପିୟନଶିପ୍ ପ୍ରତିଯୋଗିତାରେ ଦେଶର ୧୮ଗୋଟି ରାଜ୍ୟରୁ ୩୦୦ଜଣ ବାଳିକା ଓ ବାଳକ କ୍ରୀଡାବିତ୍ ଅଂଶଗ୍ରହଣ କରିବେ। ସେହିପରି ପ୍ରତିଯୋଗିତା ସହ ଏକ ୱାର୍କଶପ୍ ମଧ କରାଯିବ। କୋଚ୍‌ମାନଙ୍କୁ ଖେଳ ସମ୍ପର୍କରେ ସୂଚନା ଦିଆଯିବ। ଯାହାଫଳରେ ସେମାନେ ନିଜ ନିଜ ରାଜ୍ୟରେ ଉକ୍ତ ଖେଳକୁ ଅଧିକ ପ୍ରସାରିତ କରିପାରିବେ। ଏହି ଚାମ୍ପିୟନଶିପ୍‌ରେ ୫୦ରୁ ଊର୍ଦ୍ଧ୍ୱ କୋଚ୍ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଖବରଦାତା ସମ୍ମିଳନୀ ଅବସରରେ ଚାମ୍ପିୟନ ଟ୍ରଫିକୁ ଉନ୍ମୋଚନ କରାଯିବା ସହିତ ଓଡ଼ିଶା ହାମରବଲ୍ ଜର୍ସି ପ୍ରଦର୍ଶନ କରାଯାଇଥିଲା। ଅପରପକ୍ଷରେ ଉଦ୍‌ଘାଟନୀ ସମାରୋହ ଏବଂ ଉଦ୍‌ଯାପନୀ ଉତ୍ସବରେ ଓଡ଼ିଶାର କଳା ସଂସ୍କୃତିର ଝଲକ ଓଡ଼ିଶୀ ନୃତ୍ୟ, ସମ୍ବଲପୁରୀ ନୃତ୍ୟ, ମାଲଖମ୍ବ ସମରକଳାର ପ୍ରଦର୍ଶନ ସହିତ ଓଡ଼ିଶାର ପ୍ରତିଷ୍ଠିତ କଳାକାରମାନେ ସଙ୍ଗୀତ ପରିବେଷଣ କରିବାର କାର୍ଯ୍ୟକ୍ରମ ରହିଥିବା ଆୟୋଜକଙ୍କ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି।




ଜାତୀୟ ହାମର ବଲ୍ ଚାମ୍ପିୟନଶିପ୍‌ର ଜର୍ସିକୁ ଅନୁଷ୍ଠାନର କର୍ମକର୍ତ୍ତାମାନେ ଉଦ୍‌ଘାଟନ କରୁଛନ୍ତି ।

# ସଂକ୍ଷେପରେ

## ପିଣ୍ଡିକ ୟୁଥ୍ କ୍ଲବ୍‌ର ବାର୍ଷିକ ସାଂସ୍କୃତିକ ମହୋତ୍ସବ

ବାରଙ୍ଗ,୮।୬(ଲିଙ୍ଗରାଜ ରାଉତ)

ଭୁବନେଶ୍ୱର ଉପକଣ୍ଠ ଦାରୁଠେଙ୍ଗ ଗ୍ରାମର ମହାନ୍ ଶହୀଦ ପିଣ୍ଡିକ ବାହୁବଳେନ୍ଦ୍ରଙ୍କ ଅମ୍ଳାନ ସ୍ମୃତିରେ କ୍ଲବ ପକ୍ଷରୁ ୩୦ତମ ସାଂସ୍କୃତିକ ମହୋତ୍ସବ ଶନିବାର ଉଦ୍‌ଘାଟିତ ହୋଇଯାଇଛି। କ୍ଲବ ପୂର୍ବତନ ସଭାପତି ପ୍ରଶାନ୍ତ ରାଉତରାୟଙ୍କ ସଭାପତିତ୍ୱରେ ଏହି ସଭା ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ନବ ନିର୍ବାଚିତ ଜଟଣୀ ବିଧାୟକ ବିଭୂତି ଭୂଷଣ ବଳବନ୍ତରାୟ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରିଥିଲେ। ସମ୍ମାନିତ ଅତିଥି ଭାବେ ସରପଞ୍ଚ ତପନ ଚକ୍ରବର୍ତ୍ତୀ, ଖବରଦାତା ପ୍ରଦୀପ ସ୍ୱାଇଁ, ପୂର୍ବତନ ସମିତି ସଭ୍ୟ ମିଟୁ ପାହାଡସିଂହ, ପୂର୍ବତନ ଜିଲା ପରିଷଦ ଡାକ୍ତର ବେହେରା ପ୍ରମୁଖ ଯୋଗଦେଇ ଗ୍ରାମର ପ୍ରତିଭାଙ୍କୁ ମାନପତ୍ର ସହ ଉତ୍ତରୀୟ ପ୍ରଦାନ କରିଥିଲେ। କ୍ଲବ ଉପସଭାପତି ବିଜୟ ପାହାଡ଼ସିଂହ ଧନ୍ୟବାଦ ଦେଇଥିଲେ। ଶେଷରେ କ୍ଲବ ସଦସ୍ୟଙ୍କ ଦ୍ୱାରା ସାମାଜିକ ନାଟକ 'ଲୁହରେ ଲେଖା ମୋ କପାଳ ରେଖା' ମଞ୍ଚସ୍ଥ ହୋଇଥିଲା।

# ବ୍ୟାଙ୍କ ଅଧିକାରୀ ପରିଚୟ ଦେଇ ଠକେଇ

■ଅଭିଯୁକ୍ତ ଗିରଫ

■ସୁନା ଅଳଙ୍କାର, ଟଙ୍କା, ବାଇକ୍ ଜବତ

କଟକ, ୮।୬(କାର୍ତ୍ତିକ ସାହୁ)

ବ୍ୟାଙ୍କ ଅଧିକାରୀ ମିଥ୍ୟା ପରିଚୟ ଦେଇ ଋଣ କରାଇଦେବା ବାହାନାରେ ସୁନାଅଳଙ୍କାର ଓ ଟଙ୍କା ଠକି ନେବା ଅଭିଯୋଗରେ ଚାଉଳିଆଗଞ୍ଜ ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଛି। ସେ ହେଲେ ଯାଜପୁର ରୋଡ୍ ଥାନା ଅନ୍ତର୍ଗତ ଲକ୍ଷ୍ମୀନଗର ଅଞ୍ଚଳର କ୍ରିଷ୍ଣା ପଟ୍ଟନାୟକ(୨୮) ଓରଫ କାଳନ୍ଦି ନାୟକ। ତାଙ୍କଠାରୁ ଏକ ସୁନାହାର, ହଳେ କାନଫୁଲ, ବାଇକ, ୨ଟି ମୋବାଇଲ ଓ ୨,୬୦୦ ଟଙ୍କା ଜବତ କରାଯାଇଛି।

ସୂଚନା ଅନୁସାରେ, ଚାଉଳିଆଗଞ୍ଜ ପୋଷ୍ଟ ଅଫିସ୍ ନିକଟ ଅପର୍ଣ୍ଣାନଗରରେ ରହୁଥିବା କଳ୍ପନା ମହାପାତ୍ର ଗତ ମେ' ୨୭ ତାରିଖରେ ମୋବାଇଲ୍ କନ୍‌ଫରେନ୍ସ କଲ୍ ଯୋଗେ ତାଙ୍କ ସାଙ୍ଗ ଏଲିନା ପଟ୍ଟନାୟକ ଓ କ୍ରୀଷ୍ଣା ପଟ୍ଟନାୟକଙ୍କ ସହ କଥା ହୋଇଥିଲେ। କ୍ରିଷ୍ଣା ନିଜକୁ ଏଚ୍‌ଡିଏଫ୍‌ସି ବ୍ୟାଙ୍କ୍‌ର ଅଧିକାରୀ ଭାବେ ପରିଚୟ ଦେଇଥିଲେ। ସେ ଏବେ ପଟିଆ



ଗିରଫ ଅଭିଯୁକ୍ତ କ୍ରିଷ୍ଣା ପଟ୍ଟନାୟକ।



ଜବତ ସୁନା ଅଳଙ୍କାର ଓ ମୋବାଇଲ।

ଓ ରଘୁନାଥପୁର ବ୍ରାଞ୍ଚ୍‌ରେ ଋଣ ସେକ୍ସନ୍ ଦାୟିତ୍ୱରେ ଥିବା କହିଥିଲେ। କଥାବାର୍ତ୍ତା ମାଧ୍ୟମରେ କଳ୍ପନାଙ୍କୁ ସୁନା ବନ୍ଧକ ମାଧ୍ୟମରେ କମ୍ ସୁଧରେ ୮ ଲକ୍ଷ ଟଙ୍କାର ଋଣ କରାଇଦେବା ପାଇଁ ସେ ପ୍ରତିଶ୍ରୁତି ଦେଇଥିଲେ। କଳ୍ପନା ଏଥିରେ ବିଶ୍ୱାସ କରି ମେ' ୨୯ ତାରିଖ ସକାଳେ କ୍ରିଷ୍ଣାଙ୍କ ସହ ଯୋଗାଯୋଗ କରିଥିଲେ। ମାତ୍ର ତାଙ୍କ ଘରେ ପହଞ୍ଚି ଋଣ ପ୍ରଦାନ ନିମନ୍ତେ ଆବଶ୍ୟକ କାର୍ଯ୍ୟ ସମ୍ପାଦନ କରିବେ ବୋଲି କ୍ରିଷ୍ଣା କହିଥିଲେ। ପୂର୍ବାହ୍ନ ପ୍ରାୟ ୧୧ଟାରେ କ୍ରୀଷ୍ଣା ଅପର୍ଣ୍ଣାନଗରସ୍ଥିତ କଳ୍ପନାଙ୍କ ଭଡ଼ାଘରେ ପହଞ୍ଚିଥିଲେ। ସେଠାରେ ସେ ଆବଶ୍ୟକ କାଗଜପତ୍ର ସମେତ ଗୋଟିଏ ସୁନାହାର ଓ ହଳେ କାନଫୁଲ ସହ ପ୍ରୋସେସିଂ ଫି' ବାବଦ ୭,୪୧୫ ଟଙ୍କା ଟ୍ରାନ୍ସଫର ଜରିଆରେ ନେଇଥିଲେ। ସେ ଫେରିଆସିବା ପରେ କଳ୍ପନା ଅନେକ ଥର କଲ୍ କରିଥିଲେ ବି ଅଭିଯୁକ୍ତ ଆଉ ଫୋନ୍ ଉଠାଇ ନ ଥିଲେ। ସେ ତୁରନ୍ତ ରଘୁନାଥପୁର ଓ ପରେ ପଟିଆ ଏଚ୍‌ଡିଏଫ୍‌ସି ବ୍ୟାଙ୍କ ଶାଖାକୁ ଯାଇ ଅଭିଯୁକ୍ତଙ୍କୁ ଖୋଜିଥିଲେ। ମାତ୍ର ସେ ନାମରେ କେହି କର୍ମଚାରୀ ଉଭୟ ଶାଖାରେ ନ ଥିବା ଜାଣିବାକୁ ପାଇଥିଲେ। ଏନେଇ ସେ ଚାଉଳିଆଗଞ୍ଜ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ. ୧୫୦/୨୪) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଅଭିଯୁକ୍ତ ଜଣକ ଅନୁଗୋଳର କୋଲିଆରି ଥାନା ଅନ୍ତର୍ଗତ ଆନନ୍ଦବଜାର ଥର୍ମାଲ ଅଞ୍ଚଳରେ ରହୁଛନ୍ତି। ସେଠାରେ ଥିବା କର୍ନାଟକ ବ୍ୟାଙ୍କରେ ସେ ଉକ୍ତ ସୁନାଅଳଙ୍କାରକୁ ବନ୍ଧକ ରଖି ୧,୩୦,୦୦୦ ଟଙ୍କା ଋଣ ଆଣିଥିବା ପୋଲିସ ଜାଣିବାକୁ ପାଇଥିଲା। ଅଭିଯୁକ୍ତଙ୍କ ନାମରେ ଯାଜପୁର ରୋଡ୍ ଥାନାରେ ୨ଟି ମାମଲା ରହିଥିବା ପୋଲିସ ତଦନ୍ତରୁ ଜାଣିବାକୁ ପାଇଛି।

# 'ବର୍ଣ୍ଣବୋଧର ଅକ୍ଷର ଶିକ୍ଷା ପଦ୍ଧତି ସର୍ବୋତ୍କୃଷ୍ଟ'



ଭାଷା ସାହିତ୍ୟ ଚର୍ଚ୍ଚା କାର୍ଯ୍ୟକ୍ରମକୁ ଅତିଥି ଉଦ୍‌ଘାଟନ କରୁଛନ୍ତି।

### ଉତ୍କଳ ସାହିତ୍ୟ ସମାଜ ପକ୍ଷରୁ ଭାଷା ସାହିତ୍ୟ ଚର୍ଚ୍ଚା

କଟକ, ୮।୬(କାର୍ତ୍ତିକ ସାହୁ)

ଉତ୍କଳ ସାହିତ୍ୟ ସମାଜର ପ୍ରଥମ ସଭାପତି ଭକ୍ତକବି ମଧୁସୂଦନ ରାଓଙ୍କ ବର୍ଣ୍ଣବୋଧର ଅକ୍ଷର ଶିକ୍ଷା ପଦ୍ଧତି ସର୍ବୋତ୍କୃଷ୍ଟ। ୧୦୦ ବର୍ଷ ପରେ ବି ଏହି ପଦ୍ଧତି ହିଁ ସମସ୍ତଙ୍କ ଦ୍ୱାରା ଗ୍ରହଣ କରାଯିବା ଦରକାର। ଅ, ଆ'ଠାରୁ ଆରମ୍ଭ କରି ଓଡ଼ିଆ ଅକ୍ଷର ଶିକ୍ଷା କଲେ ହିଁ ଯେକୌଣସି ବିଦ୍ୟାର୍ଥୀଙ୍କୁ ସହଜରେ ଓଡ଼ିଆ ଶିକ୍ଷା ଦିଆଯାଇପାରିବ ବୋଲି ଉତ୍କଳ ସାହିତ୍ୟ ସମାଜ ପକ୍ଷରୁ ଆୟୋଜିତ ଦ୍ୱିମାସିକ ଭାଷା ସାହିତ୍ୟ ଚର୍ଚ୍ଚା କାର୍ଯ୍ୟକ୍ରମରେ ଅତିଥି ପ୍ରାବନ୍ଧିକ ବୈଷ୍ଣବ ଚରଣ ମହାନ୍ତି କହିଛନ୍ତି।

ଉତ୍କଳ ସାହିତ୍ୟ ସମାଜ ପକ୍ଷରୁ କଟକ ଶତାବ୍ଦୀ ଭବନଠାରେ ଶନିବାର ସନ୍ଧ୍ୟାରେ ଅନୁଷ୍ଠିତ ଭାଷା ସାହିତ୍ୟ ଚର୍ଚ୍ଚାରେ ଅନୁଷ୍ଠାନର ସଭାପତି ଡ. ଗୋବିନ୍ଦ ଚନ୍ଦ୍ର ଚାନ୍ଦ ଅଧକ୍ଷତା କରିଥିଲେ। ସାଧାରଣ ସମ୍ପାଦକ ଆଦିତ୍ୟ ପ୍ରତାପ ଧଳ ପ୍ରାରମ୍ଭିକ ସୂଚନା, ସାହିତ୍ୟ ଆଲୋଚନା ସମ୍ପାଦକ ସରୋଜିନୀ ମିଶ୍ର ଅତିଥି ପରିଚୟ ପ୍ରଦାନ ଓ ସଙ୍ଗଠନ ସମ୍ପାଦକ ଡ. ସୁନାମଣି ରାଉତ ଧନ୍ୟବାଦ ଦେଇଥିଲେ। ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମରେ ମନୋରଞ୍ଜନ ମିଶ୍ର, ଉମାଶଙ୍କର ମିଶ୍ର ଓ ପାଠାଗାର ସମ୍ପାଦକ ବ୍ରହ୍ମାନନ୍ଦ ବିଶ୍ୱାଳ ଅଂଶଗ୍ରହଣ କରିଥିଲେ। ଏଥିରେ ଉପସଭାପତି ମନୋଜ ପଟ୍ଟନାୟକ, ପୂର୍ବତନ ଉପସଭାପତି ତଥା କଟକ ଶାଖାର ଆବାହକ ସୁସ୍ମିତା ରଥ, କାର୍ଯ୍ୟ ନିର୍ବାହିକା ସମିତି ସଦସ୍ୟ ବ୍ରହ୍ମାନନ୍ଦ ମହାନ୍ତି, ତପନ କୁମାର ସ୍ୱାଇଁ, ଦିଲ୍ଲୀପ କୁମାର ଦାସଙ୍କ ସମେତ ବହୁ ସାହିତ୍ୟିକ, ଶିକ୍ଷାବିତ୍ ଓ ବୁଦ୍ଧିଜୀବୀ ଯୋଗଦେଇଥିଲେ।

# ଓଡ଼ିଶୀ ନୃତ୍ୟରେ ଦର୍ଶକ ବିଭୋର

କଟକ, ୮।୬(କାର୍ତ୍ତିକ ସାହୁ)

ନୃତ୍ୟ ଶିକ୍ଷାକେନ୍ଦ୍ର ଆଙ୍ଗିକ ନୃତ୍ୟ ଏକାଡ଼େମୀ ପକ୍ଷରୁ କଟକ କଳାବିକାଶ କେନ୍ଦ୍ର ପ୍ରେକ୍ଷାଳୟରେ ଶନିବାର ସନ୍ଧ୍ୟାରେ ନବରସ ନୃତ୍ୟ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ରାଜ୍ୟ ସଂସ୍କୃତି ନିର୍ଦ୍ଦେଶକ ଦିଲୀପ ରାଉତରାୟ ଏହାକୁ ଉଦ୍‌ଘାଟନ କରିଥିଲେ। ଏଥିରେ ସମ୍ମାନିତ ଅତିଥି ଭାବେ ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ରର ମୁଖ୍ୟନିର୍ବାହୀ ଡ. ସିକତା ଦାସ, ଜିଲା ସଂସ୍କୃତି ଅଧିକାରୀ ନଳିନୀକାନ୍ତ ସାହୁ ଓ କର୍ପୋରେଟର ଗଗନ ଓଝା ଯୋଗଦେଇଥିଲେ। ଏହି ଅବସରରେ ଅନୁଷ୍ଠାନର କଳାକାରମାନେ ଓଡ଼ିଶୀ ନୃତ୍ୟ ପରିବେଷଣ କରିଥିଲେ। ଆଙ୍ଗିକର ସଭାପତି ଭାସ୍କର୍ଯ୍ୟ ଶିଳ୍ପୀ ରବିନାରାୟଣ ରଥ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ। ସାଧାରଣ ସମ୍ପାଦିକା ନୃତ୍ୟଗୁରୁ ଶ୍ରାବଣୀ ମିତ୍ର ବିବରଣୀ ପାଠ ଓ ଉପଦେଷ୍ଟା ଡ. ସେକ୍ କଲିମୁଲ୍ଲା ଧନ୍ୟବାଦ ଦେଇଥିଲେ। ସହଯୋଗୀ ନୃତ୍ୟ ନିର୍ଦ୍ଦେଶିକା ମଲ୍ଲିକା ମିତ୍ର ସାଂସ୍କୃତିକ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।



କଟକ କଳାବିକାଶ କେନ୍ଦ୍ର ପ୍ରେକ୍ଷାଳୟରେ ଅଙ୍ଗିକା ନୃତ୍ୟ ଏକାଡ଼େମୀ ପକ୍ଷରୁ ଶନିବାର ଅନୁଷ୍ଠିତ ନବବର୍ଷ ଡ୍ୟାନ୍ସ ଫେଷ୍ଟିଭାଲରେ ଅନୁଷ୍ଠାନର କଳାକାରଙ୍କ ଦ୍ୱାରା ପରିବେଷିତ ଓଡ଼ିଶୀନୃତ୍ୟ।

# 'ଯୋଗ କଲେ ଶରୀର ନୀରୋଗ ରୁହେ'

କଟକ, ୮।୬(କାର୍ତ୍ତିକ ସାହୁ)

କଟକ ଉଗରପଡ଼ାସ୍ଥିତ ସ୍ୱାମୀ ବିଚିତ୍ରାନନ୍ଦ କଲ୍ୟାଣ ଆଶ୍ରମ ପରିସରରେ ନିୟମିତ ଯୋଗ ଓ ପ୍ରାଣାୟାମ ପ୍ରଶିକ୍ଷଣ ଶିବିର ଶନିବାର ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ହାଇକୋର୍ଟର ପୂର୍ବତନ ବିଚାରପତି ଅନନ୍ତ ସୂର୍ଯ୍ୟ ନାରାୟଣ ନାଇଡୁ ଯୋଗଦେଇ କହିଛନ୍ତି, ଯୋଗ କଲେ ଶରୀର ନୀରୋଗ ରହିଥାଏ। ଶିକ୍ଷାବିତ୍ ପ୍ରଫେସର ସୁରେଖା ସୁନ୍ଦରୀ ସ୍ୱାଇଁ ଶିବିରର ଉଦ୍ଦେଶ୍ୟଜ୍ଞାପନ କରି ଯୋଗ ଓ ପ୍ରାଣାୟାମର ଶରୀର ଉପରେ ଅତ୍ୟନ୍ତ ସୁଖଦ ଅନୁଭୂତି ଆଣିଥାଏ ବୋଲି କହିଛନ୍ତି। ସେ ଯୋଗ ପ୍ରଶିକ୍ଷିକା ଭାବେ ଏହି ଶିବିରର ସମ୍ପୂର୍ଣ୍ଣ ପରିଚାଳନା ଦାୟିତ୍ୱ ବହନ କରିବେ ଓ ପ୍ରତିଦିନ ସକାଳ ୬ରୁ ୭ଟା ପର୍ଯ୍ୟନ୍ତ ଅନ୍ତେବାସୀ ଓ କର୍ମଚାରୀଙ୍କୁ ଯୋଗ, ପ୍ରାଣାୟାମ ଏବଂ ଧ୍ୟାନ ଆଦି ଶିକ୍ଷା ଦେବେ। ସମ୍ମାନିତ ଅତିଥି ମହିଳା ପତଞ୍ଜଳି ଯୋଗ ସମିତିର ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ତଥା କଟକ ଜିଲା କାର୍ଯ୍ୟକର୍ତ୍ତା କଳ୍ପନା ପରିଡ଼ା ଯୋଗର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ଆଶ୍ରମର ସଭାପତି ପ୍ରସନ୍ନ କୁମାର ନନ୍ଦ ଅଧ୍ୟକ୍ଷତା କରି ଏହି ଶିବିର ଦ୍ୱାରା ଆଶ୍ରମର ଅନ୍ତେବାସୀ ଉପକୃତ ହେବେ ବୋଲି କହିଛନ୍ତି। ଆଶ୍ରମର ସମ୍ପାଦକ ଲକ୍ଷ୍ମୀନାରାୟଣ ପଣ୍ଡା କହିଛନ୍ତି, ଏଭଳି କାର୍ଯ୍ୟକ୍ରମ ପିଲାମାନଙ୍କ ଶାରୀରିକ, ମାନସିକ ଓ ବୌଦ୍ଧିକ ବିକାଶ କରିବ। ଯୁଗ୍ମ ସମ୍ପାଦକ ପତିତପାବନ ମହାପାତ୍ର ଯୋଗର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ସାବିତ୍ରୀ ନାୟକ ଧନ୍ୟବାଦ ଦେଇଥିଲେ। ଉଦଘାଟନୀ ଉତ୍ସବରେ ଅନେକ ନିମନ୍ତ୍ରିତ ଅତିଥି, ଆଶ୍ରମର ସଭ୍ୟମାନେ, ଡୋନର, ପରିଚାଳନା ସମିତି ସଭ୍ୟ ଓ ଅନ୍ତେବାସୀ ଉପସ୍ଥିତ ଥିଲେ। ଚୈତନ୍ୟ ପଢିଆରି, କଳ୍ପନା ପରିଡ଼ା, କୁମୁଦିନୀ ମିଶ୍ର ଓ ସୁଚରିତା ପରିଡ଼ା ଯୋଗ ପ୍ରଦର୍ଶନ କରିଥିଲେ।



ଯୋଗ ପ୍ରଶିକ୍ଷଣ ଶିବିରର ଉଦ୍‌ଘାଟନୀ ସମାରୋହରେ ମଞ୍ଚାସୀନ ଅତିଥିବୃନ୍ଦ।

# ଅଟୋକୁ ଧକ୍କାଦେଲା ଟ୍ରକ୍, ଚାଳକ ଗୁରୁତର

ମଙ୍ଗୁଳି–ଜଗତପୁର, ୮।୬(ମାନସ ସାମଲ)

କଟକ ଜିଲା ଟାଙ୍ଗୀ ଥାନା ଅଧୀନ ୧୬ ନମ୍ବର ଜାତୀୟ ରାଜପଥର ମଙ୍ଗୁଳି ଓଭରବ୍ରିଜ୍ ଉପରେ ଶନିବାର ଅପରାହ୍ନରେ ଏକ ଅଟୋକୁ ଟ୍ରକ ଧକ୍କା ଦେଇଛି। ଏଥିରେ ଅଟୋ ଚାଳକ କଟକ ଶିଖରପୁର ଅଞ୍ଚଳର ଲମ୍ବୁଧର ଜାଲି ଗୁରୁତର ହୋଇଛନ୍ତି। ସୂଚନା ମୁତାବକ, ଅଟୋ (ନଂ. ଓଡ଼ି୦୨ଏଏ–୯୫୮୪)ଟି ଚୌଦ୍ୱାର ଅଞ୍ଚଳରୁ ଯାତ୍ରୀଙ୍କୁ ନେଇ ଆସିଥିଲା। ପରେ ଯାତ୍ରୀମାନଙ୍କୁ ଛାଡ଼ି କଟକ ଅଭିମୁଖେ ଯାଉଥିବାବେଳେ ମଙ୍ଗୁଳି ଓଭରବ୍ରିଜ ଉପରେ ବିପରୀତ ଦିଗରୁ ଆସୁଥିବା ଏକ ଟ୍ରକ୍ ଉକ୍ତ ଅଟୋକୁ ଧକ୍କା ଦେଇଥିଲା। ଫଳରେ ଅଟୋର ସମ୍ମୁଖ ଭାଗ ଭାଙ୍ଗିରୁଜି ଯିବା ସହ ଚାଳକ ଜଣଙ୍କ ଚାପି ହୋଇ ରହିଯାଇଥିଲେ। ଚାଳକଙ୍କ ଗୋଡ ଭାଙ୍ଗି ଯାଇଥିବାବେଳେ ଛାତି ଓ ମୁଣ୍ଡରେ ଗଭୀର ଆଘାତ ଲାଗିଛି। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ କଟକ ବଡ ଡାକ୍ତରଖାନା ପଠାଇବା ସହ ଦୁର୍ଘଟଣାଗ୍ରସ୍ତ ଗାଡ଼ି ଦୁଇଟିକୁ ଟାଙ୍ଗୀ ପୋଲିସ ଜିମା ଦେଇଛନ୍ତି।

# ମହାପ୍ରଭୁଙ୍କ ଦର୍ଶନକଲେ ଆମିକସ୍‌କ୍ୟୁରି

ପୁରୀ,୮।୬(ଅଜିତ୍ କୁମାର ମହାନ୍ତି)

ଆମିକସ୍‌କ୍ୟୁରି ଏନ୍.କେ.ମହାନ୍ତି ଶନିବାର ଅପରାହ୍ନରେ ପୁରୀ ଆସି ମହାପ୍ରଭୁଙ୍କ ଦର୍ଶନ କରି ଆଶିଷ ଲାଭ କରିଛନ୍ତି। ମହାନ୍ତି ଶ୍ରୀମନ୍ଦିର ରତ୍ନସିଂହାସନାରୂଢ ଶ୍ରୀବିଗ୍ରହଙ୍କ ଦର୍ଶନ କରିବା ସହ ଭିତର ବେଢ଼ାରେ ଥିବା ପାର୍ଶ୍ୱଦେବଦେବୀଙ୍କ ଦର୍ଶନ କରିଥିଲେ। ପରେ ଶ୍ରୀମନ୍ଦିର ପରିସରରେ କିଛି ସମୟ ଅତିବାହିତ କରି ଶ୍ରୀମନ୍ଦିରରୁ ପ୍ରସ୍ଥାନ କରିଥିଲେ। ଏହି ଅବସରରେ ଆମିକସ୍‌କ୍ୟୁରି କହିଛନ୍ତି, ମହାପ୍ରଭୁଙ୍କ କାର୍ଯ୍ୟ କରିବାକୁ ଦାୟିତ୍ୱ ଦେଇଥିବାରୁ ଓଡ଼ିଶା ହାଇକୋର୍ଟଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ। ନାଟ ମଣ୍ଡପ ବିମ୍ କାର୍ଯ୍ୟ ସରିଥିବା ନେଇ ଖୁସିବ୍ୟକ୍ତ କରିଥିଲେ। ତେବେ ଶ୍ରୀମନ୍ଦିରକୁ ଆଲୋକୀକରଣ କରିବା ନିମନ୍ତେ ଲଗାଯାଇଥିବା ଲାଇଟ କଢ଼ାଯାଇଥିବା ଜାଣିବା ପାଇବା ପରେ ଦୁଃଖ ଲାଗିଥିଲା। ତେଣୁ ତୁରନ୍ତ ଏହାର ସମାଧାନ କରିବାକୁ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କୁ ଫୋନ କରିଥିଲି। ତେବେ ଲାଇଟ୍ ଲଗାଯିବା ନେଇ ପଦକ୍ଷେପ ନିଆଯାଇଥିବା ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ସୂଚନା ଦେଇଛନ୍ତି। ଘଟଣା ସ୍ଥିତି ଅନୁଧ୍ୟାନ ପାଇଁ ତଦାରଖ କରିବାକୁ ପୁରୀ ଆସିଥିଲେ ବୋଲି ଆମିକସ୍‌କ୍ୟୁରି କହିଛନ୍ତି। ଲାଇଟ କାଢ଼ିଥିବା ବ୍ୟକ୍ତିଙ୍କ ବିରୋଧରେ ମାମଲା ରୁଜୁ ହେବା ସହ ଘଟଣାର ତଦନ୍ତ ପାଇଁ କୁହାଯାଇଛି। ତଦନ୍ତ ହେବା ପରେ ସମସ୍ତ ତଥ୍ୟ ସାମ୍ନାକୁ ଆସିବ ବୋଲି ମହାନ୍ତି କହିଛନ୍ତି। ସେହିପରି ଶ୍ରୀମନ୍ଦିର ମରାମତି କାର୍ଯ୍ୟ ମଧ୍ୟ ସେ ତଦାରଖ କରିଥିଲେ। ଶ୍ରୀମନ୍ଦିରର ସବୁ ମରାମତି ଓ ରକ୍ଷଣାବେକ୍ଷଣ କାର୍ଯ୍ୟ ଠିକ୍‌ରେ ଚାଲିଛି। ସେହିପରି ଗୁଣ୍ଡିଚା ମନ୍ଦିରର ମରାମତି କାର୍ଯ୍ୟ ଖୁବ୍ ଶୀଘ୍ର ଶେଷ ହେବ ବୋଲି ଆମିକସ୍‌କ୍ୟୁରି ମହାନ୍ତି କହିଛନ୍ତି।

# ଯୁଦ୍ଧ ଯୋଗୁ ନଷ୍ଟ ହୁଏ ବିଶ୍ୱ ପରିବେଶ

କଟକ, ୮।୬(କାର୍ତ୍ତିକ ସାହୁ)

ଭାରତୀୟ ଷ୍ଟୁଡେଣ୍ଟ ଇସ୍‌ଲାମିକ୍ ଅର୍ଗାନାଇଜେଶନର ରାଜ୍ୟ ଶାଖା ଓ କଟକ ଶିକ୍ଷାକେନ୍ଦ୍ରର ମିଳିତ ଆନୁକୂଲ୍ୟରେ ଯୁଦ୍ଧ ଯୋଗୁ ବିନିଷ୍ଟ ବିଶ୍ୱ ପରିବେଶ ଶୀର୍ଷକ ଆଲୋଚନାଚକ୍ର କେଶରପୁରଠାରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ବିଶ୍ୱ ପରିବେଶ ସପ୍ତାହ ଓ ସମୁଦ୍ର ଦିବସ ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ଆଞ୍ଚଳିକ ସମ୍ପାଦକ ସେକ୍ ରସିଦ୍ ମନସୁଜ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଗାନ୍ଧୀ ଶାନ୍ତି ପ୍ରତିଷ୍ଠାନର ସଂଯୋଜକ ଡା. ବିଶ୍ୱଜିତ୍ କହିଛନ୍ତି, ଯୁଦ୍ଧ ବିଶ୍ୱ ତାପମାନ ବୃଦ୍ଧି କରେ, ପରିବେଶ ପ୍ରଦୂଷିତ କରେ। ଏହାଦ୍ୱାରା ଯୁଦ୍ଧରେ ସମ୍ପୃକ୍ତ ଦେଶ ଓ ବିଶ୍ୱର ଅର୍ଥନୀତି ଉପରେ କୁପ୍ରଭାବ ପଡ଼େ। ସେହିପରି ମହିଳାମାନେ ଅତ୍ୟାଚାରିତ ହୁଅନ୍ତି ତଥା ଛୋଟ ପିଲାଙ୍କଠାରୁ ଆରମ୍ଭ ହୋଇ ସମସ୍ତ ମାନବ ଓ ପ୍ରାଣୀ ସମାଜ କ୍ଷତିଗ୍ରସ୍ତ ହୋଇଥାନ୍ତି। ସର୍ବୋପରି ମାନବତାର ହନନ ହୋଇଥାଏ ବୋଲି ସେ କହିଛନ୍ତି। ରୁସାନ୍ ଅହମଦ୍, ଫାଇଜାନ ଅହମଦ୍, ଅରମିନ ରିୟାଜ, ସୁହାନା ପରବିନ୍, ସବାନା ବେଗମ୍, ଦୀପିକା ସାହୁ ପ୍ରମୁଖ ପରିବେଶ ସଂକ୍ରାନ୍ତୀୟ ଆଲୋଚନାରେ ଭାଗ ନେଇଥିଲେ। ଅର୍ସଦ ଖାନ୍ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଛାତ୍ରୀଛାତ୍ରଙ୍କ ମଧ୍ୟରେ ଯୁଦ୍ଧ ଓ ପରିବେଶ ସମ୍ପର୍କିତ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କୃତୀ ପ୍ରତିଯୋଗୀ ଜୀନତ୍ ଖାନମ୍, ଅବ୍‌ଦୁଲ ବାସିଲ, ଆୟେଶା ପରବିନ୍, ସବରିଶ ଖାନ୍, ସେଖ୍ ଅମନ୍ ମହମ୍ମଦ ଓ ରମିଜା ବେଗମଙ୍କୁ ପୁରସ୍କୃତ କରାଯାଇଥିଲା। ଏହି ଅବସରରେ ଛାତ୍ରୀଛାତ୍ରମାନେ ଯୁଦ୍ଧ ନୁହେଁ, ଶାନ୍ତି ଚାହୁଁ ଓ ଦୁନିଆରୁ ଯୁଦ୍ଧ ବନ୍ଦ ହେଉ ବୋଲି ସ୍ଲୋଗାନ ଦେଇଥିଲେ।



କେଶରପୁରଠାରେ ଅନୁଷ୍ଠିତ ଚିତ୍ରାଙ୍କନ ପ୍ରତିଯୋଗିତାରେ ଭାଗ ନେଇଥିବା ପ୍ରତିଯୋଗୀ।

# ଅସହାୟ ନାରୀର କଥା କହିଲା ବସାଘର

### ସପ୍ତମ ଷ୍ଟାର୍ କଲ୍‌ଚରାଲ ଫେଷ୍ଟିଭାଲ ଉଦ୍‌ଘାଟିତ

କଟକ, ୮।୬(କାର୍ତ୍ତିକ ସାହୁ)

ନିଖିଳ ଉତ୍କଳ କଳାନିକେତନ ଏବଂ ଓଡ଼ିଶା ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗର ମିଳିତ ଆନୁକୂଲ୍ୟରେ କଟକ ଅନ୍ନପୂର୍ଣ୍ଣା ଥିଏଟରଠାରେ ତିନିଦିନିଆ ଜାତୀୟ ନୃତ୍ୟ ନାଟକ ମହୋତ୍ସବ ସପ୍ତମ ଷ୍ଟାର୍ କଲଚରାଲ ଫେଷ୍ଟିଭାଲ ଶନିବାରଠାରୁ ଆରମ୍ଭ ହୋଇଛି। ଉଦ୍‌ଘାଟନୀ ସନ୍ଧ୍ୟାରେ ଗଞ୍ଜାମର ଶାସ୍ୱତୀ ନାଟ୍ୟାନୁଷ୍ଠାନର ଶିଳ୍ପୀଙ୍କ ଦ୍ୱାରା ପରିବେଷିତ ଓଡ଼ିଆ ନାଟକ ବସାଘର ଅତ୍ୟନ୍ତ ମର୍ମସ୍ପର୍ଶୀ ହୋଇଥିଲା। ଜଣେ ଅସହାୟ ନାରୀର ବେଦନାକୁ ଅତ୍ୟନ୍ତ ମାର୍ମିକ ଭାବେ ଏଥିରେ ପ୍ରଦର୍ଶିତ କରାଯାଇଥିଲା। ଭାଗ୍ୟଲକ୍ଷ୍ମୀ ମହାରଣାଙ୍କ ରଚନା ଓ ରାମଚନ୍ଦ୍ର ସାସମଲଙ୍କ ନିର୍ଦ୍ଦେଶନାରେ ନାଟକଟି ମଞ୍ଚସ୍ଥ ହୋଇଥିଲା। ସେହିପରି ରାଉରକେଲାର କଳିକା ମ୍ୟୁଜିକ୍ ଆଣ୍ଡ୍ ଡ୍ୟାନ୍ସ ଏକାଡ଼େମୀର କଳାକାରମାନେ ପ୍ରବୀର ଜେନାଙ୍କ ରଚନା ଓ ନିର୍ଦ୍ଦେଶନାରେ ହିନ୍ଦୀ ନାଟକ ଗଜବ୍ କି ପାଠଶାଳା ଓ ଯାଜପୁରର ଅନ୍ୱେଷଣ



କଟକ ଅନ୍ନପୂର୍ଣ୍ଣା ଥିଏଟରରେ ମଞ୍ଚସ୍ଥ ନାଟକ 'ବସାଘର'ର ଏକ ଦୃଶ୍ୟ।

ଥିଏଟର ଗ୍ରୁପ୍ ଦ୍ୱାରା ଓଡ଼ିଆ ନାଟକ ବୁନ୍ଦାଏ ପାଣିରେ ସମୁଦ୍ର ମଞ୍ଚସ୍ଥ ହୋଇଥିଲା। ଓଡ଼ିଶା, ଝାଡ଼ଖଣ୍ଡ ଓ ପଶ୍ଚିମବଙ୍ଗର ଶିଳ୍ପୀମାନେ ସାତ୍ରୀୟା, ଭାରତନାଟ୍ୟମ୍, କଥକ, ଓଡ଼ିଶୀ, ରବୀନ୍ଦ୍ରନୃତ୍ୟ, ଲୋକନୃତ୍ୟ ଓ ମାହାରୀନୃତ୍ୟ ପରିବେଷଣ କରିଥିଲେ। ପ୍ରତିଯୋଗିତାରେ ଗିଟାର ଓ କି'ବୋର୍ଡ ବାଦନ ଏବଂ ଆଧୁନିକ ଓ ଶାସ୍ତ୍ରୀୟ ସଙ୍ଗୀତ ଗାନ ହୋଇଥିଲା। ଏହି ଅବସରରେ ଜାମସେଦପୁରର ଅତିଥି କଳାକର ନିଜାମଙ୍କୁ 'ଉତ୍କଳ ନାଟ୍ୟଶ୍ରୀ' ଓ ଛବି ଦାସଙ୍କୁ 'ନାଟ୍ୟରତ୍ନ' ସମ୍ମାନ ପ୍ରଦାନ କରାଯାଇଥିଲା।

ଏଥିରେ ମୁଖ୍ୟ ଅତିଥି ଭାବେ ବିଜୟୀ ବାରବାଟୀ–କଟକ କଂଗ୍ରେସ ବିଧାୟକ ପ୍ରାର୍ଥୀ ସୋଫିଆ ଫିର୍ଦ୍ଦୋସ ଯୋଗଦେଇ ଫେଷ୍ଟିଭାଲ୍‌କୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଡା. ରବିରଞ୍ଜନ ସାହୁ, ସିନେମା ନିର୍ଦ୍ଦେଶକ ମହମ୍ମଦ ନିଜାମ୍ ଓ ଛବି ଦାସ ଯୋଗଦେଇ ନୃତ୍ୟଶିଳ୍ପୀ ଓ ନାଟ୍ୟ ନିର୍ଦ୍ଦେଶକଙ୍କୁ ସମ୍ମାନିତ କରିଥିଲେ। ମହୋତ୍ସବ କମିଟି ସମ୍ପାଦକ ବିଶ୍ୱମ୍ଭର ସାହୁ ସ୍ୱାଗତ ଭାଷଣ, ମହୋତ୍ସବ ନିର୍ଦ୍ଦେଶିକା ଭାଗ୍ୟବତୀ ସାହୁ ଓ କାର୍ଯ୍ୟକ୍ରମ ନିର୍ଦ୍ଦେଶିକା ମଧୁସ୍ମିତା ସାହୁଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। ଉପସଭାପତି ବିଜୟଲକ୍ଷ୍ମୀ ସାହୁଙ୍କ ସଂଯୋଜନାରେ ନୃତ୍ୟ, ସଙ୍ଗୀତ ଓ ନାଟକ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପ୍ରଥମ ପର୍ଯ୍ୟାୟରେ ଆୟୋଜିତ ବାଦ୍ୟ, ସଙ୍ଗୀତ, ନୃତ୍ୟ ଓ ଚିତ୍ରାଙ୍କନ ପ୍ରତିଯୋଗିତାକୁ ଭୂମିକା ନାରୀସଂଘର ସଭାପତି ରଶ୍ମିତା ମିଶ୍ର ଉଦ୍‌ଘାଟନ କରିଥିଲେ।

# ଅବହେଳିତ ବୌଦ୍ଧ କୀର୍ତ୍ତିରାଜି

ବୌଦ୍ଧ ଜିଲା

ବୌଦ୍ଧ,୮।୬(ଅଜିତ କୁମାର ବାରିକ)

ଭଗବାନ ବୁଦ୍ଧଙ୍କ ନାମରେ ନାମିତ ବୌଦ୍ଧ ଜିଲାର ବିଭିନ୍ନ ସ୍ଥାନରେ ଅନେକ ପ୍ରାଚୀନ ବୌଦ୍ଧ କୀର୍ତ୍ତିରାଜି ଶୋଭାପାଉଛି। ହଜାର ହଜାର ବର୍ଷ ପୂର୍ବେ ନିର୍ମିତ ଏହି ବିରଳ ସ୍ଥାପତ୍ୟଗୁଡିକ ଅତୀତର ଗୌରବମୟ ଇତିହାସର ମୂକସାକ୍ଷୀ। ତେବେ ଉପଯୁକ୍ତ ରକ୍ଷଣାବେକ୍ଷଣ ଓ ପ୍ରଚାର ପ୍ରସାର ଅଭାବରୁ ଏସବୁ କୀର୍ତ୍ତିରାଜି ଅବହେଳିତ ହୋଇରହିଛି। ବିଶେଷକରି ଜିଲାର ମହାନଦୀ କୂଳରେ ଅନେକ ପ୍ରାଚୀନ କୀର୍ତ୍ତିରାଜି ରହିଛି। ସେଥିମଧ୍ୟରୁ ବୌଦ୍ଧ ସହରର ରାଜବାଟୀଠାରେ ଥିବା ବିଶାଳ ବୁଦ୍ଧ ପ୍ରତିମୂର୍ତ୍ତି, ହରଭଙ୍ଗା ବ୍ଲକର ଶ୍ୟାମସୁନ୍ଦରପୁର ଓ ପରଗଲପୁରଠାରେ ଥିବା ବୌଦ୍ଧ କୀର୍ତ୍ତିରାଜି ଅନ୍ୟତମ। ବୌଦ୍ଧର ସାମାଜିକ ସଂସ୍କୃତି ଓ ଧର୍ମଧାରାର ମୂଳ ହେଉଛନ୍ତି ଭଗବାନ ବୁଦ୍ଧ। ସ୍ଥାନୀୟ ଧର୍ମଧାରା ଓ ସାଧୁସନ୍ଥମାନଙ୍କର ଆଦର୍ଶ ହେଉଛି ବୁଦ୍ଧଙ୍କ ପ୍ରଦର୍ଶିତ ସତ୍ୟ ଓ ଅହିଂସାର



ହରଭଙ୍ଗା ବ୍ଲକ୍‌ର ଶ୍ୟାମସୁନ୍ଦରପୁର ଥିବା ବୌଦ୍ଧ କୀର୍ତ୍ତିରାଜି

ମାର୍ଗ। ବୁଦ୍ଧଙ୍କୁ କେନ୍ଦ୍ରକରି ଏହି ଅଞ୍ଚଳର ସାମାଜିକ ସାଂସ୍କୃତିକ ପରମ୍ପରା ଗଢି ଉଠିଛି। ସହରର ରାଜବାଟୀଠାରେ ୬ ଫୁଟ ୯ ଇଞ୍ଚ ଉଚ୍ଚତାର ବୁଦ୍ଧଙ୍କ ଏକ ବିଶାଳ ପ୍ରତିମୂର୍ତ୍ତି ଭୂମି ସ୍ପର୍ଶ ମୁଦ୍ରାରେ ପଦ୍ମଫୁଲ ଉପରେ ଶୋଭାପାଉଛି। ଏହି ପ୍ରତିମୂର୍ତ୍ତି ସମ୍ରାଟ ଅଶୋକଙ୍କ ସମୟରେ ଏଠାରେ ନିର୍ମିତ ଏକ ବିଶାଳ ବୌଦ୍ଧ ମନ୍ଦିରର ଅଂଶ ବୋଲି ଐତିହାସିକମାନେ ମତ ଦିଅନ୍ତି। ପ୍ରତ୍ନତତ୍ତ୍ୱ ବିଭାଗ ଜିଲାରେ ଥିବା ପ୍ରାଚୀନ କୀର୍ତ୍ତିରାଜିର ଦାୟିତ୍ୱ ନେଇ ରକ୍ଷଣାବେକ୍ଷଣ ନାମରେ ମନ୍ଦିରର ବାହାର ପାଚେରି ବେଢ଼ାକୁ ସୁନ୍ଦର ଭାବରେ ସଜ୍ଜିତ କରିଛି। ମାତ୍ର ବୁଦ୍ଧ ବିରାଜମାନ କରିଥିବା ମନ୍ଦିରଗୁଡିକର ଅବସ୍ଥା ଜରାଜୀର୍ଣ୍ଣ ଅବସ୍ଥାରେ ରହିଛି। ଫଳରେ ଏହାର ସ୍ଥାୟିତ୍ୱ ନେଇ ଆଶଙ୍କା ପ୍ରକାଶ ପାଇଛି। ସହରର ବିଭିନ୍ନ ସାଂସ୍କୃତିକ ଓ ସାମାଜିକ କାର୍ଯ୍ୟକ୍ରମ ହେଉ କିମ୍ବା ବିବାହ ଉତ୍ସବ ଆଦି ହେଲେ ବୁଦ୍ଧ ମନ୍ଦିରରେ ପ୍ରଥମେ ପୂଜାର୍ଚ୍ଚନା କରାଯାଇଥାଏ। ଜନସାଧାରଣଙ୍କ ବିଶ୍ୱାସ ରହିଛି ଏଠାରେ ପୂଜା କରାଯାଇ କାମ ଆରମ୍ଭ କରାଗଲେ କୌଣସି ବିଘ୍ନ ଘଟି ନ ଥାଏ। ଆଗ କାଳରେ ଲୋକେ ଭଗବାନ ବୁଦ୍ଧଙ୍କୁ ବୁଢାରାଜା ଭାବରେ ପୂଜା କରୁଥିଲେ। ଏବେ ବି ଲୋକଙ୍କ ମଧ୍ୟରେ ଅତୁଟ ବିଶ୍ୱାସ ରହିଛି। ବୌଦ୍ଧର ପୂର୍ବତନ ଜିଲାପାଳ ଲଲାଟେନ୍ଦୁ ମିଶ୍ର ଜିଲାର ପ୍ରବେଶ ପଥ ହରଭଙ୍ଗା ବ୍ଲକର ମାଧପୁର, କଣ୍ଟାମାଳ ବ୍ଲକର ମନମୁଣ୍ଡା, ବୌଦ୍ଧ ସହରର ବ୍ରିଜ ଛକ , ମହାନଦୀ ପାର୍କ ଓ ସହରର ମୁଖ୍ୟ ଛକ ବାଘଗୁଡାଠାରେ ବୁଦ୍ଧ ପ୍ରତିମୂର୍ତ୍ତି ସ୍ଥାପନ କରି ଜିଲାର ଗୌରବ ବୃଦ୍ଧି କରିଛନ୍ତି। ତେବେ ଜିଲାରେ ଥିବା ପ୍ରାଚୀନ ବୌଦ୍ଧ କୀର୍ତ୍ତିରାଜିଗୁଡିକ ଦୀର୍ଘ ବର୍ଷ ଧରି ଅବହେଳିତ ଅବସ୍ଥାରେ ପଡି ରହିଥିଲେ ମଧ୍ୟ ଏସବୁର ସୁରକ୍ଷା ଓ ବିକାଶ ପାଇଁ ସରକାରୀ କଳର ଦୃଷ୍ଟି ନ ପଡିବା ବିଡମ୍ବନାର ବିଷୟ।



ବୌଦ୍ଧ ସହରର ରାଜବାଟୀସ୍ଥିତ ବୁଦ୍ଧ ପ୍ରତିମୂର୍ତ୍ତି

# ପାର୍ବତୀଙ୍କୁ କନ୍ୟାଦାନ ପାଇଁ ଉତ୍ସାହିତ କ୍ରିକେଟର ଦେବାଶିଷ

ସମ୍ବଲପୁର,୮।୬ (ଭବାନୀ ଶଙ୍କର ଭୋଇ)

କ୍ରିକେଟ ଦୁନିଆରେ ସୁଇଙ୍ଗ ବୋଲିଂ ପାଇଁ ଦେଶ ବିଦେଶରେ ନିଜର ସ୍ୱତନ୍ତ୍ର ପରିଚୟ ରଖିଥିବା ଦେବାଶିଷ ମହାନ୍ତି ଏବେ ପାର୍ବତୀଙ୍କ ପିତାଭାବେ ଦାୟିତ୍ୱ ତୁଲାଇବାକୁ ଯାଉଛନ୍ତି। ଗତ ଅକ୍ଷୟତୃତୀୟାରେ ଝାଡୁଆପଡାର ଲୋକନାଥ ବାବାଙ୍କ ମନ୍ଦିରରେ ପାର୍ବତୀଙ୍କୁ କନ୍ୟାରୂପରେ ଗ୍ରହଣ କରିବାକୁ ସଙ୍କଳ୍ପ ନେବାପରେ ଏବେ କନ୍ୟାଦାନ ପାଇଁ ପ୍ରସ୍ତୁତିରେ ଲାଗିପଡିଛନ୍ତି ଦେବାଶିଷ ମହାନ୍ତି ଏବଂ ତାଙ୍କ ଧର୍ମପତ୍ନୀ ରୀତିମୁକ୍ତା ଦାଶ।

ସମ୍ବଲପୁର କଂସାରୀପଡାରେ ଦେବାଶିଷଙ୍କ ଶ୍ୱଶୁରଘର। ତାଙ୍କ ଶ୍ୱଶୁର ଘର ପରିବାର ଏଥିପୂର୍ବରୁ ପାଞ୍ଚଥର ପାର୍ବତୀଙ୍କୁ କନ୍ୟା ରୂପରେ ବିବାହ ଦେବାର ସୁଯୋଗ ପାଇସାରିଛନ୍ତି। ଦେବାଶିଷଙ୍କ ଧର୍ମପତ୍ନୀ ରୀତିମୁକ୍ତା ଛୋଟ ସମୟରୁ ଶୀତଳଷଷ୍ଠୀ ପରମ୍ପରା ସହ ସାମିଲ ହୋଇଆସିଛନ୍ତି। ତାଙ୍କ ଅଜା ସୁଦାମ ଦାସ ୪ଥର ପାର୍ବତୀଙ୍କ କନ୍ୟାଦାନ କରିଥିବା ବେଳେ ବାପା ମୋତିଲାଲ ଦାସ ୨୦୧୧ ମସିହାରେ କନ୍ୟାଦାନ କରିଥିଲେ। ସେହି ସମୟରେ ରୀତିମୁକ୍ତା ଭବିଷ୍ୟତରେ ସୁଯୋଗ ମିଳିଲେ ନିଜେ ପାର୍ବତୀଙ୍କୁ କନ୍ୟାଦାନ କରିବାକୁ ମନରେ ଇଚ୍ଛା ପ୍ରକାଶ କରିଥିଲେ। ଦୀର୍ଘ ୧୩ବର୍ଷ ପରେ ରୀତିମୁକ୍ତାଙ୍କୁ ପାର୍ବତୀଙ୍କ କନ୍ୟା ଭାବେ ପାଇବାର ସୁଯୋଗ ମିଳିଛି। ଦେବାଶିଷ ମଧ୍ୟ ଧର୍ମପତ୍ନୀଙ୍କ ଇଚ୍ଛାକୁ ସମ୍ମାନ ଦେଇ ପାର୍ବତୀଙ୍କୁ କନ୍ୟାଦାନ ପାଇଁ ସହମତି ଦେଇଛନ୍ତି। ଦେବାଶିଷ ମହାନ୍ତି କୁହନ୍ତି, ୨୦୧୧ ମସିହାରେ ସମ୍ବଲପୁରରେ ବିବାହ କରିବା ପରେ ଶାଶୁଶ୍ୱଶୁର ପାର୍ବତୀଙ୍କୁ କନ୍ୟାଦାନ କରିଥିଲେ। ତେବେ ସେହି ସମୟରେ

## ଶ୍ୱଶୁରଘର ପରିବାର ଓ ଧର୍ମପତ୍ନୀ ରୀତିମୁକ୍ତାଙ୍କ ସହ ପ୍ରସ୍ତୁତିରେ ସାମିଲ



ରୀତିମୁକ୍ତାଙ୍କ ସହ ସ୍ୱାମୀ ଦେବାଶିଷ ମହାନ୍ତି।

ଓପିଏଲ୍ ଚାଲିଥିବା ଯୋଗୁ ପ୍ରତ୍ୟକ୍ଷ ଭାବେ ଶୀତଳଷଷ୍ଠୀ ଯାତ୍ରାର ଏହି ଲୌକିକ ପରମ୍ପରାରେ ସାମିଲ ହୋଇପାରି ନ ଥିଲେ। ଦେବାଶିଷଙ୍କ ମା' ସମ୍ବଲପୁର ଆସି ଶୀତଳଷଷ୍ଠୀରେ କନ୍ୟାଦାନ ପରମ୍ପରାକୁ ସ୍ୱଚକ୍ଷୁରେ ଦେଖିବାର ସୁଯୋଗ ପାଇଥିଲେ। ଚଳିତବର୍ଷ ସୁଯୋଗ ମିଳିବା ପରେ କଂସାରୀ ପଡାରେ ଥିବା ଶ୍ୱଶୁରଘର ଲୋକଙ୍କ ସହଯୋଗରେ ରୀତିମୁକ୍ତା ପ୍ରତ୍ୟକ୍ଷ ଭାବେ ବିବାହ କାର୍ଯ୍ୟ ପାଇଁ ପ୍ରସ୍ତୁତିରେ ଲାଗିଛନ୍ତି। ଶୁକ୍ରବାର ଭୁବନେଶ୍ୱରରୁ ଆସି ସମ୍ବଲପୁରରେ ପହଞ୍ଚିବା ପରେ ଦେବାଶିଷ ମଧ୍ୟ ଏଥିରେ ସହଯୋଗ କରୁଛନ୍ତି।

ଦେବାଶିଷଙ୍କ ଶାଶୁ ଚନ୍ଦ୍ରପ୍ରଭା ଦାଶ କୁହନ୍ତି, ପ୍ରଥମେ ପାର୍ବତୀଙ୍କୁ ସେ ଭଉଣୀ ଓ ପରେ ଝିଅ ରୂପେ କନ୍ୟାଦାନ କରିବାର ସୁଯୋଗ ପାଇଥିଲେ। ଏବେ ଝିଅ ଜ୍ୱାଇଁ ପାର୍ବତୀଙ୍କୁ କନ୍ୟାଦାନ କରିବାକୁ ଯାଉଥିବାରୁ ପାର୍ବତୀ ଏବେ ତାଙ୍କର ନାତୁଣୀଭାବେ ଘରକୁ ଆସୁଛନ୍ତି। ଶୀତଳଷଷ୍ଠୀ ଯାତ୍ରା ମଣିଷ ଭିତରେ ଲୌକିକ ପରମ୍ପରା ଅନୁସାରେ ଭଗବାନଙ୍କୁ ପୁଅ ଝିଅ ଭାବେ ପାଇବାର ନିଆରା ଅନୁଭୂତି ପ୍ରଦାନ କରିଥାଏ। ବିବାହ ସମୟ ପାଖେଇ ଆସୁଥିବା ବେଳେ ଦେବାଶିଷ ଏବଂ ରୀତିମୁକ୍ତା ମଧ୍ୟ ପ୍ରସ୍ତୁତି ତ୍ୱରାନ୍ତ କରିଛନ୍ତି। ପରିବାର ଓ ଆତ୍ମୀୟ ସ୍ୱଜନଙ୍କୁ ନିମନ୍ତ୍ରଣପତ୍ର ବଣ୍ଟା ସରିଛି। ଭୁବନେଶ୍ୱର ଏବଂ କଟକରେ ଦେବାଶିଷଙ୍କ ବହୁ ବନ୍ଧୁ ଶୀତଳଷଷ୍ଠୀ ପରମ୍ପରାକୁ ପାଖରୁ ଦେଖିବାକୁ ଚାହୁଁଥିବାରୁ ସେମାନଙ୍କ ମଧ୍ୟରୁ ଅନେକେ ସାମିଲ ହେବା ଆଶା ରହିଛି। ଦେବାଶିଷଙ୍କ ପରିବାର ଏବଂ ତିନି ଭଉଣୀଙ୍କ ପରିବାର ମଧ୍ୟ ସମ୍ବଲପୁର ଆସି ବିବାହ କାର୍ଯ୍ୟରେ ସାମିଲ ହେବେ ବୋଲି ରୀତିମୁକ୍ତା କହିଛନ୍ତି। ପାର୍ବତୀଙ୍କୁ କନ୍ୟାଦାନ ପାଇଁ ଆବଶ୍ୟକ ପଡୁଥିବା ସୁନା, ରୁପା ଅଳଙ୍କାର, ଶାଢି ଏବଂ ଅନ୍ୟାନ୍ୟ ଯାନି ଯୌତୁକ, ଲୋକନାଥ ବାବାଙ୍କ ପାଇଁ ତ୍ରିଶୂଳ, କଠଉ ଆଦି କିଣା ସରିଛି। ଶନିବାର ପତରପେଣ୍ଡି ପରେ ସୋମବାର ବିବାହ ଲଗ୍ନ ଧାର୍ଯ୍ୟ କରାଯାଇଛି। ଦେବାଶିଷ ଶୀତଳଷଷ୍ଠୀ ପରମ୍ପରା ବିଷୟରେ ଆଗରୁ ଅନେକ କଥା ଶୁଣିଥିବା ବେଳେ ଏଥର ନିଜେ ସାମିଲ ହୋଇଥିବାରୁ ବେଶ୍ ଖୁସି ପ୍ରକଟ କରିଛନ୍ତି।

# ବୈଦିକ ରୀତିରେ ପତରପେଣ୍ଡି ସମାହିତ

## ବରପାଲି ଶୀତଳ ଷଷ୍ଠୀ ଯାତ୍ରା



ବରପାଲି,୮।୬ (ଚିତ୍ତରଞ୍ଜନ ସାହୁ)

ବରଗଡ଼ ଜିଲା ବରପାଲିର ପ୍ରସିଦ୍ଧ ୧୪୭ତମ ଶୀତଳଷଷ୍ଠୀ ଯାତ୍ରାର ପାତ୍ରୀ ମନୋନୟନ ବା ପତର ପେଣ୍ଡି ଯାତ୍ରା ବୈଦିକ ରୀତିନୀତିରେ ସମାହିତ ହୋଇଛି। ଶନିବାର ସକାଳେ ନଟରାଜଙ୍କ ସ୍ନାନ ପରେ ଭୋଗ ଓ ଶତ ଆରତୀ ଲାଗି ହୋଇଥିଲା। ଏହା ପରେ ରୁଦ୍ରଯଜ୍ଞ ଆରମ୍ଭ ହୋଇଥିଲା। ସନ୍ଧ୍ୟାରେ ଭଣ୍ଡାର ଗୃହରୁ ବାବା କପିଳେଶରଙ୍କ ପାଇଁ ପାତ୍ରୀ ଅନ୍ୱେଷଣ ଶୋଭାଯାତ୍ରା ନଗର ପରିକ୍ରମା କରି ହିମାଦ୍ରୀ ନଗର (ଶିବାଜୀ କ୍ଲବ) ଠାରେ ପହଞ୍ଚିବା ପରେ ବୈଦିକ ରୀତି କାର୍ଯ୍ୟ ସମ୍ପନ୍ନ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଉଭୟ ପକ୍ଷରୁ ଦକ୍ଷ ସଂସ୍କୃତ ବିଶାରଦ ଗଣବସି ଯୁକ୍ତିତର୍କ କରାଯାଇଥାଏ। କପିଳେଶର ଦେବଙ୍କ ପକ୍ଷରୁ ପଣ୍ଡିତ ପୂର୍ଣ୍ଣଚନ୍ଦ୍ର ଦାଶ ଥିବା ବେଳେ କନ୍ୟା ପକ୍ଷରୁ ପଣ୍ଡିତ ସତ୍ୟବ୍ରତ କର ଥିଲେ। ଉଭୟ ପକ୍ଷରୁ ଯୁକ୍ତିତର୍କ ବେଶ ଆକର୍ଷଣୀୟ ଥିଲା। ଶେଷରେ ପାତ୍ରୀ ମନୋନୟନ କାର୍ଯ୍ୟକ୍ରମ ସମାହିତ ହୋଇଥିଲା। ରାତ୍ରରେ ସହରର ଛକ ସ୍ଥାନରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଉଥିଲା। ମଧ୍ୟ ରାତିରେ ଯୋଗେଶ୍ୱର ଶିବ ମନ୍ଦିରରେ ମହଦୀପ ସଂସ୍ଥାପନ କରାଯାଇଥିଲା।




MAHESWARI GROUP OF INSTITUTIONS
ROURKELA SENIOR NURSING COLLEGE
SANKARA, SUNDARGARH
www.maheswarigroup.in, E-mail: nicattabira@gmail.com
OPEN PRIVATE EXAMINATION CENTRE UNDER SAMBALPUR UNIVERSITY
ADMISSION OPEN FOR UG AND PG COURSES FROM 2024-2025 YEAR
• PG COURSE (M.A.) • HISTORY • ODIA • POLITICAL SCIENCE • ENGLISH
• ECONOMICS • HINDI • SANSKRIT • MATHEMATICS • COMMERCE • IRPM
• LLPM • B.A./B.COM COURSE • B.A. (HONS.) IN ALL SUBJECT • B.COM (HONS.) IN ALL SUBJECT
Contact Number: 9437158472, 9937693555, 7008286350, 7008259050









# ବଦଳିବ କି ଭିନ୍ନକ୍ଷମ ପୁନର୍ବାସ କେନ୍ଦ୍ରର ଭାଗ୍ୟ

ଭବାନୀପାଟଣା, ୮।୬
(ଉତ୍ତମ କୁମାର ଦାଶ)


ଭବାନୀପାଟଣାଠାରେ ଥିବା ଜିଲା ଭିନ୍ନକ୍ଷମ ପୁନର୍ବାସ କେନ୍ଦ୍ର।

ଭିନ୍ନକ୍ଷମମାନଙ୍କ ପାଇଁ ପ୍ରତିବନ୍ଧକ ଶୂନ୍ୟ ପରିବେଶ ସୃଷ୍ଟି କ୍ଷେତ୍ରରେ ସରକାର ବିଭିନ୍ନ ସ୍ତରରେ ପ୍ରୟାସ କରିଆସିଛନ୍ତି। ଯେମିତି କି ସେମାନେ ଏକ ସୁସ୍ଥ, ସ୍ୱାଧୀନ ଓ ସୁରକ୍ଷିତ ଜୀବନ ଜିଇଁପାରିବେ। କଳାହାଣ୍ଡି ଜିଲା ଭିନ୍ନକ୍ଷମ ପୁନର୍ବାସ କେନ୍ଦ୍ର ଅବସ୍ଥାରେ ଦୀର୍ଘ ୨୨ବର୍ଷ ହେବ କୌଣସି ପରିବର୍ତ୍ତନ ପରିଲକ୍ଷିତ ହୋଇନାହିଁ। ବର୍ତ୍ତମାନ ବିଜେଡି ସରକାର ବଦଳି ନୂତନ ଭାଜପା ସରକାର ଆସୁଥିବାରୁ ଏହି କେନ୍ଦ୍ରର ଭାଗ୍ୟ ବଦଳିପାରେ ବୋଲି ଚର୍ଚ୍ଚା ହେଉଛି। କଳାହାଣ୍ଡି ଜିଲା ଭବାନୀପାଟଣାସ୍ଥିତ ଜିଲା ସମାଜ ମଙ୍ଗଳ ଅଧିକାରୀଙ୍କ କାର୍ଯ୍ୟାଳୟଠାରୁ ଅଲଗା ହୋଇ ୨୦୧୬ରେ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ରୂପେ ନୂତନ କାର୍ଯ୍ୟାଳୟ ସୃଷ୍ଟିହେଲା। ଏହି ବିଭାଗର ପୃଷ୍ଠଭୂମି ରୂପେ ରହିଛି ଜିଲା ଭିନ୍ନକ୍ଷମ ପୁନର୍ବାସ କେନ୍ଦ୍ର। ଏଯାବତ ଠିକା କର୍ମଚାରୀ ରୂପେ ଦାୟିତ୍ୱ ତୁଲାଇ ଆସୁଛନ୍ତି କେନ୍ଦ୍ରର ସମସ୍ତ କାର୍ଯ୍ୟରତ କର୍ମଚାରୀ। ଏହି କେନ୍ଦ୍ର ୨୦୦୩ ମସିହାରୁ ସେମିତି ପଡିରହିଛି। ଆଶ୍ଚର୍ଯ୍ୟର ବିଷୟ ଯେ, କାର୍ଯ୍ୟରତ ଜିଲା ଭିନ୍ନକ୍ଷମ ପୁନର୍ବାସ ବିଶେଷଜ୍ଞ, ଶ୍ରବଣ ବିଶେଷଜ୍ଞ, ଚଳନ ପ୍ରଶିକ୍ଷକଙ୍କ ସମେତ କିରାଣି, ଆକାଉଣ୍ଟାଣ୍ଟ, କୃତ୍ରିମ ଅଙ୍ଗ ନିର୍ମାଣ ସହାୟକ, ଶ୍ରବଣ ବାଣୀ ସହାୟକ, ମନୋବିଜ୍ଞାନୀ, ଭୌତିକ ଚିକିତ୍ସକ, ବହୁମୁଖୀ ପୁନର୍ବାସ କର୍ମୀ ଏପରି କି ପିଅନ ପଦବୀ ମଧ୍ୟ ଏଯାବତ୍ ଠିକା କର୍ମଚାରୀ ଭାବେ ଦାୟିତ୍ୱ ସମ୍ଭାଳି ଆସୁଛନ୍ତି। ଦରମା ୫ରୁ ୭ ହଜାରରୁ ୧୫/୧୮ ହଜାର ମଧ୍ୟରେ ସୀମିତ ରହିଛି। ଏହି କେନ୍ଦ୍ରରେ କୃତ୍ରିମ ଅଙ୍ଗ ନିର୍ମାଣ ସହାୟକ, ଶ୍ରବଣ ବାଣୀ ସହାୟକ, ମନୋବିଜ୍ଞାନୀ, ଭୌତିକ ଚିକିତ୍ସକ, ବହୁମୁଖୀ ପୁନର୍ବାସ କର୍ମୀ ପଦବୀ ବର୍ଷ ବର୍ଷ ଧରି ଖାଲିପଡ଼ିଛି। ଦୁଃଖ ଓ ପରିତାପର ବିଷୟ ଯେ, ଗତବର୍ଷ ଅକ୍ଟୋବରରେ ଏହି କେନ୍ଦ୍ରରେ କାର୍ଯ୍ୟରତ କୃତ୍ରିମ ଅଙ୍ଗ ବିଶେଷଜ୍ଞ ଶୁଭାଶିଷ ମହାନ୍ତିଙ୍କ ହୃଦ୍‌ଘାତରେ ମୃତ୍ୟୁ ହୋଇଥିଲା। ଏଥିରୁ ଜିଲା ଭିନ୍ନକ୍ଷମ ପୁନର୍ବାସ କେନ୍ଦ୍ରର କାର୍ଯ୍ୟରତ ଡାକ୍ତର ବିଶେଷଜ୍ଞମାନଙ୍କ ଆର୍ଥିକ ଓ ମାନସିକ ସ୍ଥିତି ସହଜରେ ଅନୁମେୟ। ସରକାରଙ୍କ ଦ୍ୱାରା ପ୍ରଦତ୍ତ କୋଟି କୋଟି ଟଙ୍କାର ଉପକରଣର ବ୍ୟବହାର ଓ ବଣ୍ଟନ କାର୍ଯ୍ୟ ସୁଚାରୁରୂପେ ତୁଲାଉଥିବା ସମୟରେ ନିଜ ଆର୍ଥିକ ପରିସ୍ଥିତିକୁ ନେଇ ସମସ୍ତେ ଭାରାକ୍ରାନ୍ତ ମନରେ କାର୍ଯ୍ୟ କରିବା ଯନ୍ତ୍ରଣାଦାୟକ ବୋଲି କୁହାଯାଇଛି। ଭିନ୍ନକ୍ଷମମାନଙ୍କ ଯଥାସମ୍ଭବ ଉପଚାର କରିବା ତଥା ସେମାନଙ୍କୁ ଆବଶ୍ୟକୀୟ ସେବା ଯୋଗାଇ ସମାଜରେ ଯଥୋଚିତ ସ୍ଥାନ ଦିଆଯିବାରେ ସରକାରୀ ସ୍ତରରେ ଚେଷ୍ଟା କରାଯାଉଛି ସତ। କିନ୍ତୁ ଦୀର୍ଘ ୨୨ବର୍ଷ ଧରି ଠିକା କର୍ମଚାରୀ ଭାବେ ଜୀବନ ବିତାଇବା ମଧ୍ୟ କଷ୍ଟକର ବ୍ୟାପାର। ଓଡ଼ିଶାରେ ଥିବା ୮ଟି ଭିନ୍ନକ୍ଷମ ପୁନର୍ବାସ କେନ୍ଦ୍ର ମଧ୍ୟରୁ ଭବାନୀପାଟଣା କେନ୍ଦ୍ର ଅନ୍ୟତମ। ବିଭିନ୍ନ କ୍ଷେତ୍ର ତଥା ପ୍ରତିଭାଶାଳୀ ଭିନ୍ନକ୍ଷମଙ୍କୁ ଉତ୍ସାହିତ କରିବା ପାଇଁ ଅନେକ ଯୋଜନା ସଞ୍ଚାଳନ କରାଯାଇଛି। ଦୃଷ୍ଟିହୀନତା, ଅଳ୍ପ ଦୃଷ୍ଟିସମ୍ପନ୍ନ, ଶ୍ରବଣ ଦୋଷଯୁକ୍ତ, ଚାଲିବାରେ ଭିନ୍ନକ୍ଷମତା, ମାନସିକ ରୁଗ୍ଣତା ଏବଂ କୁଷ୍ଠରୋଗ ପାଇଁ ଚିକିତ୍ସା, କୃତ୍ରିମ ଅଙ୍ଗପ୍ରତ୍ୟଙ୍ଗ ତିଆରି ଓ ବିତରଣ, ଭୌତିକ ଚିକିତ୍ସା, ବାଣୀ ଚିକିତ୍ସା ଏବଂ ଅନ୍‌ଲାଇନ ଭିନ୍ନକ୍ଷମ ପ୍ରମାଣପତ୍ର ପ୍ରଦାନ, ଭିନ୍ନକ୍ଷମମାନଙ୍କୁ ପରାମର୍ଶ ସେବା ପ୍ରଦାନ ଏମିତି ଅନେକ କାର୍ଯ୍ୟ କରାଯାଉଛି। ଏଠାରେ ସୂଚନାଯୋଗ୍ୟ, ଜିଲା ଭିନ୍ନକ୍ଷମ ପୁନର୍ବାସ କେନ୍ଦ୍ର ୨୦୦୩ ସ୍ୱାଧୀନତା ଦିବସରେ ସ୍ଥାପିତ ହୋଇଛି। ଉକ୍ତ ଦିନଠାରୁ ୧ ଏପ୍ରିଲ ୨୦୨୪ ପର୍ଯ୍ୟନ୍ତ ଜିଲାର ଭିନ୍ନକ୍ଷମମାନଙ୍କୁ ପୁନର୍ବାସ ସହ ବିଭିନ୍ନ ପ୍ରକାର ସେବା ଯୋଗାଇ ଦିଆଯାଇଛି। କଳାହାଣ୍ଡି ଜିଲାରେ ଆଡ୍‌ଭାନ୍ସ ରିହାବିଲିଟେଶନ ସେଣ୍ଟର ଓ ସାମାଜିକ ସୁରକ୍ଷା କେନ୍ଦ୍ର ପ୍ରତିଷ୍ଠା ପାଇଁ ସରକାରଙ୍କ ପ୍ରସ୍ତାବ ରହିଛି। ଅଧିକାରୀମାନଙ୍କ ଇଚ୍ଛାଶକ୍ତିର ଅଭାବ ଓ ସ୍ଥାନ ଚିହ୍ନଟରେ ବିଳମ୍ବ କାରଣରୁ କୋଟି କୋଟି ଟଙ୍କାର ପ୍ରକଳ୍ପ ହାତଛଡ଼ା ହୋଇପାରେ ବୋଲି ସ୍ଥାନୀୟ ବୁଦ୍ଧିଜୀବୀ ମତ ଦେଉଛନ୍ତି।

# ଆମ୍ବଚାଷ ଦେଇଛି ରୋଜଗାର

ପଦ୍ମପୁର,୮।୬(ପ୍ରଦୀପ୍ତ ଦାଶ)



ବରଗଡ଼ ଜିଲା ପଦ୍ମପୁର ବ୍ଲକ ଜାମଖୋଲ ଗାଁର ସୁଜିତ ବିଶ୍ୱାଳ ଓ ତାଙ୍କ ଭାଇ ଅଜିତ ବିଶ୍ୱାଳ। ଉନ୍ନତ ଜ୍ଞାନକୌଶଳରେ ଚାଷ କରି ଉଭୟେ ସଫଳ ଆମ୍ବ ଚାଷୀ ହୋଇପାରିଛନ୍ତି। ୨୦୦୨ରେ ୧୨ଏକର ପରିମିତ ଜମିରେ ପ୍ରାୟ ୧୦୦୦ରୁ ଊର୍ଦ୍ଧ୍ୱ ଓ ୩୦ କିସମର ଆମ୍ବ ଗଛ ସୁଜିତ ଓ ଅଜିତଙ୍କ ବାପା କଳ୍ପତରୁ ବିଶ୍ୱାଳ ଲଗାଇଥିଲେ। ବାପାଙ୍କ ପରାମର୍ଶରେ କଠିନ ପରିଶ୍ରମ, ନିଷ୍ଠା ଏବଂ କୃଷି ପ୍ରତି ଉତ୍ସାହ ଯୋଗୁ ୨ ପୁଅ ଆଜି ପାଲଟିଛନ୍ତି ଜଣେ ଜଣେ ସଫଳ ଚାଷୀ। ଜୈବିକ ସାର ଏବଂ କୀଟନାଶକ ନିୟନ୍ତ୍ରଣ ପ୍ରଣାଳୀ ବ୍ୟବହାର କରି ଆମ୍ବଗଛର ଯତ୍ନ ନେଉଛନ୍ତି। ବିଭିନ୍ନ ପ୍ରଜାତିର ସୁନ୍ଦର ସୁସ୍ୱାଦୁ ଆମ୍ବ ଫଳାଇ ଛତିଶଗଡ଼, ଉତ୍ତରପ୍ରଦେଶ, ଝାଡ଼ଖଣ୍ଡ, ବିହାରକୁ ବିକ୍ରି ପାଇଁ ପଠାଇ ବର୍ଷକୁ ଲକ୍ଷାଧିକ ଟଙ୍କା ରୋଜଗାର କରୁଛନ୍ତି। ସଫଳ ଆମ୍ବ ଚାଷ ପାଇଁ ସରକାରୀ ଓ ବେସରକାରୀ ଅନୁଷ୍ଠାନରୁ ପୁରସ୍କୃତ ମଧ୍ୟ ହୋଇସାରିଛନ୍ତି। ଏହାସହ ନିଜ ଗାଁ ଓ ଅଞ୍ଚଳବାସୀଙ୍କ ପାଇଁ ମଧ୍ୟ ଉଭୟେ ପ୍ରେରଣା ପାଲଟିଛନ୍ତି। ଯୁବପିଢି ତାଙ୍କୁ ଦେଖି ଚାଷ କରିବା ପାଇଁ ଉତ୍ସାହ ପ୍ରକାଶ କରୁଛନ୍ତି।

MAHESWARI GROUP OF INSTITUTIONS
MAHESWARI NURSING COLLEGE
Free Summer Coaching For
B.Sc. (N) Entrance Examination 2024-25
ବିଗତ Session-2023-24ରୁ INC ଏବଂ ONC Guidance ଦ୍ୱାରା ପରିଚାଳିତ ହୋଇଆସୁଥିବା Common Entrance Examination ମାଧ୍ୟମରେ +2 Science (PCBE) Candidates B.Sc. Nursing Admission ପାଇଁ Eligible ହୋଇ ଆସୁଅଛି। ଏହି Common Entrance Examinationରେ ପ୍ରାର୍ଥୀଙ୍କୁ 50% କରିବାକୁ ପଡ଼ିଥାଏ। +୨ ରେ ସେମାନେ (SC/ST-40% and General - 45% ମାର୍କ ରଖିଲେ Entrance ଦେଇପାରିବେ ଯଦ୍ୱାରା ପ୍ରାର୍ଥୀ B.Sc. Nursing ପାଇଁ ଯୋଗ୍ୟ ବିବେଚିତ ହୋଇଥାଆନ୍ତି। ଏହିସବୁ Criteriaକୁ ଆଖିଆଗରେ ରଖି Free B.Sc. Nursing Entrance Coaching ର ସୁବିଧା ଯୋଗାଇବା ପାଇଁ ଏହି ଚଳିତ ବର୍ଷ Summer Course ର ବ୍ୟବସ୍ଥା କରିଛି। ଏହି Summer Course ମାଧ୍ୟମରେ Experienced Teachersମାନଙ୍କ ଦ୍ୱାରା ଶିକ୍ଷାଦାନ ଯୋଗାଇ Entrance Examination ପାଇଁ ପ୍ରସ୍ତୁତ କରାଯିବ। ଇଚ୍ଛୁକ ଛାତ୍ରଛାତ୍ରୀମାନେ ଆସନ୍ତା ତା.୦୮.୦୬.୨୦୨୪ରୁ ୧୫.୦୬.୨୦୨୪ ପର୍ଯ୍ୟନ୍ତ ମାହେଶ୍ୱରୀ ନର୍ସିଂ କଲେଜର ମୁଖ୍ୟ ଅଫିସରେ ଯୋଗାଯୋଗ କରି ନିଜର ନାମ ପଞ୍ଜିକରଣ କରିପାରିବେ।
ଅଧିକ ଜାଣିବା ପାଇଁ ନିମ୍ନ ଠିକଣାରେ ଯୋଗାଯୋଗ କରନ୍ତୁ।
Bhatali Chowk
Dist - Bargarh
8917414023, 8249448498
At - Sankara
Dist - Sundargarh
9437158472, 8342927552




# ବିକାଶ ଅପେକ୍ଷାରେ ରାଣୀପୁର-ଝରିଆଲ


ରାଣୀପୁର-ଝରିଆଲ ଯୋଗିନୀ ପୀଠର କୀର୍ତ୍ତିରାଜି।

ବଲାଙ୍ଗୀର, ୮।୬ (ବୀରେନ୍ଦ୍ର କୁମାର ଝାଙ୍କର)

ଜାତୀୟସ୍ତରରେ ପ୍ରମୁଖ ପର୍ଯ୍ୟଟନ ସ୍ଥଳୀ ଓ ଐତିହାସିକ ପୀଠ ଭାବେ ମାନ୍ୟତା ପାଇଥିବା ବଲାଙ୍ଗୀର ଜିଲା ବଙ୍ଗୋମୁଣ୍ଡା ବ୍ଲକ୍ ଅନ୍ତର୍ଗତ ପ୍ରସିଦ୍ଧ ଯୋଗିନୀ ପୀଠ ରାଣୀପୁର-ଝରିଆଲ ବର୍ଷ ବର୍ଷ ଧରି ଅବହେଳାର ଶିକାର ହୋଇଆସିଛି। ୨୦୧୯ ମସିହାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବଲାଙ୍ଗୀର ଗସ୍ତରେ ଆସି ଏହି ଯୋଗିନୀ ପୀଠ ସମୂହର ଉନ୍ନତି ଘୋଷଣା କରିଥିଲେ ମଧ୍ୟ ଏ ପର୍ଯ୍ୟନ୍ତ ଏହାର ବିକାଶ ହୋଇପାରିନାହିଁ। ତେବେ ସଦ୍ୟ ସମାପ୍ତ ସାଧାରଣ ନିର୍ବାଚନ ପରେ ପୁଣି ଥରେ ଏହି ପୀଠ ଚର୍ଚ୍ଚାକୁ ଆସିଛି। ଡବଲ ଇଞ୍ଜିନ ସରକାର ଆସିଲେ ରାଜ୍ୟ ଓ ଦେଶରେ ବିକାଶର ଗତି ତ୍ୱରାନ୍ୱିତ ହେବ ବୋଲି କୁହାଯାଉଛି। ଏବେ କେନ୍ଦ୍ର ଓ ରାଜ୍ୟରେ ଭାଜପା ସରକାର କ୍ଷମତାସୀନ ହେବାକୁ ଯାଉଥିବା ବେଳେ ସମଗ୍ର ଦେଶରେ ବିରଳ ଯୋଗିନୀ ପୀଠଭାବେ ପରିଚିତ ରାଣୀପୁର-ଝରିଆଲ ପୀଠ ପ୍ରତ୍ନତାତ୍ତ୍ୱିକ ପର୍ଯ୍ୟଟନ ସ୍ମାରକୀ ମାନଚିତ୍ରରେ ଉନ୍ନୟନର ନୂଆ ସମ୍ଭାବନା ସୃଷ୍ଟି କରିବ ବୋଲି ଚର୍ଚ୍ଚା ଆରମ୍ଭ ହୋଇଛି।

ବଲାଙ୍ଗୀର ଜିଲାର ରାଣୀପୁର-ଝରିଆଲ ପୀଠ ପ୍ରାଦେଶିକ ଏବଂ ଜାତୀୟ ସ୍ତରରେ ଗୁରୁତ୍ୱପୂର୍ଣ୍ଣ ଐତିହାସିକ ସ୍ଥଳୀ ଓ ସ୍ମାରକୀ ଭାବେ ପରିଚିତ। ଏଠାକାର ସମସ୍ତ ପ୍ରାଚୀନ କୀର୍ତ୍ତିରାଜିର ସଂରକ୍ଷଣ ଓ ବିକାଶ ପାଇଁ ଭାରତୀୟ ପ୍ରତ୍ନତାତ୍ତ୍ୱିକ ବିଭାଗକୁ ଦାୟିତ୍ୱ ଦିଆଯାଇଛି। ରାଣୀପୁର-ଝରିଆଲ ସ୍ମାରକୀ ସମୂହ ଓ ଉକ୍ତ ଅଞ୍ଚଳକୁ ଭାରତୀୟ ପ୍ରତ୍ନତାତ୍ତ୍ୱିକ ବିଭାଗ ତା'ର କେନ୍ଦ୍ରୀୟ ସଂରକ୍ଷିତ ତାଲିକାରେ ମଧ୍ୟ ସ୍ଥାନ ଦେଇଛି। ଏହି ଅଞ୍ଚଳ ପ୍ରତ୍ନତାତ୍ତ୍ୱିକ ଦିଗରୁ ଗୁରୁତ୍ୱ ବହନ କରୁଥିବାରୁ ଏହି ଅଞ୍ଚଳରେ କୌଣସି ପ୍ରକାର ଖନନ କାର୍ଯ୍ୟ କରାଯିବା ଉଚିତ ନୁହେଁ। ତଥାପି ଏଠାକାର ସୁରକ୍ଷା ସୁନିଶ୍ଚିତ କରାଯାଉନାହିଁ। ୨୦୧୯ ଜାନୁୟାରୀ ୧୫ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବଲାଙ୍ଗୀର ଗସ୍ତରେ ଆସିଥିବା ବେଳେ ରାଣୀପୁର-ଝରିଆଲ ସ୍ମାରକୀ ସମୂହର ସଂରକ୍ଷଣ ଓ ଉନ୍ନୟନ କରାଯିବ ବୋଲି ଘୋଷଣା କରିଥିଲେ। ଏହି ଅବସରରେ ଏଏସ୍‌ଆଇ ଅଧିକାରୀମାନେ ମଧ୍ୟ ଖବରଦାତା ସମ୍ମିଳନୀ କରି ରାଣୀପୁର-ଝରିଆଲ ସ୍ମାରକୀ ସମୂହ ଅଞ୍ଚଳକୁ ଏଏସ୍‌ଆଇ ନିଜ ଅଧୀନରେ ନେଇଥିବା ସୂଚନା ଦେଇଥିଲେ। ୯.୬ କୋଟି ଟଙ୍କା ବିନିଯୋଗକରି ଏହି ଐତହ୍ୟ ସମୂହର ନବୀକରଣ ଓ ପୁନରୁଦ୍ଧାର କାର୍ଯ୍ୟ ହାତକୁ ନେଇଥିବା ସୂଚନା ଦେଇଥିଲେ। ନବମ ଶତାବ୍ଦୀର ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ମୁକ୍ତାକାଶ ଚଉଷଠି ଯୋଗିନୀ ମନ୍ଦିର, ଷଷ୍ଠ ଶତାବ୍ଦୀର ଲେହରିଗୁଡି, ସୋମେଶ୍ୱର ମନ୍ଦିର, ରାଣୀଗୁଡି ବା ରାଣୀ ମନ୍ଦିର ଏବଂ ସପ୍ତମ ଶତାବ୍ଦୀର ଇନ୍ଦ୍ରଲାଠ ଇଟା ମନ୍ଦିର ସହ ଅନ୍ୟାନ୍ୟ ୫୦ରୁ ଊର୍ଦ୍ଧ୍ୱ ସ୍ମାରକୀ ଥିବା ଏହି କୀର୍ତ୍ତିସ୍ଥଳରେ ସୀମା ପ୍ରାଚୀର ନିର୍ମାଣ ସହ ଏଠାରେ ପର୍ଯ୍ୟଟନର ବିକାଶ ଓ ପର୍ଯ୍ୟଟକଙ୍କ ପାଇଁ ସୁବ୍ୟବସ୍ଥା କରାଯିବ ବୋଲି ସୂଚନା ଦେଇଥିଲେ। ତେବେ ଏଏସ୍‌ଆଇ ଦାୟିତ୍ୱ ନେବା ସତ୍ତ୍ୱେ ଏହି ଅଞ୍ଚଳର ସୁରକ୍ଷା ବିପନ୍ନ ହୋଇଥିଲା। ରାଣୀପୁର-ଝରିଆଲର ପ୍ରାଚୀନ ଐତିହ୍ୟ ସମୂହ ନିକଟରେ ବେଆଇନ ଗାତ ଖୋଳାଯାଇ ପାଇପ୍ ପକାଯାଇଥିଲା। ରାଣୀପୁର-ଝରିଆଲ ସ୍ମାରକୀ ଅନ୍ତର୍ଭୁକ୍ତ ଛେଲିଆ ମନ୍ଦିର ନିକଟରେ ବେଆଇନଭାବେ ଗାତ ଖୋଳାଯାଇ ପାଇପ୍ ପକାଯାଇଥିବାରୁ ସ୍ଥାନୀୟ ଲୋକେ ଥାନାରେ ଅଭିଯୋଗ କରିଥିଲେ। ଏହାସତ୍ତ୍ୱେ କୌଣସି ଆଖିଦୃଶିଆ କାର୍ଯ୍ୟାନୁଷ୍ଠାନ ନିଆଯାଇ ନ ଥିବାରୁ ସ୍ଥାନୀୟ ଲୋକେ ଘୋର ଅସନ୍ତୋଷ ପ୍ରକାଶ କରିଥିଲେ। ଏବେ କେନ୍ଦ୍ର ଓ ରାଜ୍ୟରେ ଭାଜପା ସରକାର କ୍ଷମତାସୀନ ହେବାକୁ ଯାଉଥିବାରୁ ଉଭୟ ସରକାର ଭିତରେ ସମନ୍ୱୟ ରକ୍ଷାହେବା ସହ ଏହି ପ୍ରାଚୀନ ଓ ବିରଳ ପୀଠର ଉନ୍ନତି ହେବ ବୋଲି ଆଶା କରାଯାଉଛି। ଏହି ଅଞ୍ଚଳରେ ପର୍ଯ୍ୟଟନର ବିକାଶ ହେଲେ ଦାଦନ ପ୍ରବଣ ଅଞ୍ଚଳ ଅର୍ଥନୈତିକ ଦିଗରୁ ଲାଭବାନ୍ ହେବା ସହ ଦେଶ ଓ ବିଦେଶର ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବ ବୋଲି ଆଶା କରାଯାଉଛି।









## ସଂକ୍ଷେପରେ

### ପୁଅ ମାଡ଼ରେ ମା'ଙ୍କ ଜୀବନ ଗଲା

ଖୋର୍ଦ୍ଧା, ୮।୬(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ସଦର ଥାନା ଅନ୍ତର୍ଗତ ବଣିଆଟାଙ୍ଗୀ ଗ୍ରାମରେ ଏକ ଅଭାବନୀୟ ଘଟଣା ଘଟିଛି। ପୁଅର ମାଡ଼ରେ ମା'ଙ୍କ ମୃତ୍ୟୁ ଘଟିଥିବା ବେଳେ ବାପା ଗୁରୁତର ଆହତ ହୋଇଛନ୍ତି। ମୃତା ହେଲେ ଲାବଣ୍ୟ ସାହୁ ଏବଂ ଆହତ ହେଲେ ଭିକାରୀ(୭୫)। ଏହି ଘଟଣା ପରେ ପୁଅ କୈଳାସ ଫେରାର ହୋଇଯାଇଛନ୍ତି। ଏନେଇ ଅଭିଯୋଗ ପରେ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ସମ୍ପର୍କୀୟଙ୍କୁ ହସ୍ତାନ୍ତର କରି ଏକ ମାମଲା ରୁଜୁକରି ଘଟଣାର ତଦନ୍ତ ଚଳାଇଛି। ଅଭିଯୋଗ ମୁତାବକ, ବାଜପୁର ପଞ୍ଚାୟତ ବଣିଆଟାଙ୍ଗୀ ଗ୍ରାମରେ ଭିକାରୀ ଓ ଲାବଣ୍ୟଙ୍କ ଘର। ବହୁ ବାଧାବିଘ୍ନ ସହି ପୁଅ କୈଳାସଙ୍କୁ ମଣିଷ କରିଥିଲେ। ତେବେ କୈଳାସ ସେମାନଙ୍କର ସାହାରା ପାଲଟିବା ପରିବର୍ତ୍ତେ ଅତ୍ୟାଚାର ଆରମ୍ଭ କରିଦେଇଥିଲେ। ଗତ ଦୁଇଦିନ ତଳେ କୌଣସି ସୂତ୍ରରୁ ଖବରପାଇ ଝିଅ, ଜ୍ୱାଇଁ ଏକ ସାମାଜିକ ଅନୁଷ୍ଠାନ ଜରିଆରେ ଘରେ ପହଞ୍ଚି ବୃଦ୍ଧ ମା'ବାପାଙ୍କୁ କ୍ଷତାକ୍ତ ଅବସ୍ଥାରେ ଉଦ୍ଧାରକରି ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଉଭୟଙ୍କୁ ଗଭୀର ଆଘାତ ଲାଗିଥିବା ବେଳେ ଲାବଣ୍ୟଙ୍କ ଗୋଡ଼ ଭାଙ୍ଗିଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଲାବଣ୍ୟଙ୍କ ମୃତ୍ୟୁ ହୋଇଥିଲା। ଏନେଇ ଅଭିଯୋଗ ପରେ ପୋଲିସ ତଦନ୍ତ ଚଳାଇଛି।

### ମୋ ବସ୍‌ରେ ନିଆଁ, ବର୍ତ୍ତିଲେ ଯାତ୍ରୀ



ଝାଁଲା, ୮।୬(ବୁଲା ବାରିକ)

୧୬ ନମ୍ବର ଜାତୀୟ ରାଜପଥର ଝାଁଲାସ୍ଥିତ ମୋ ବସ୍ ରହଣି ସ୍ଥଳରେ ଶନିବାର ଏକ ମୋ ବସ୍‌ରେ ଯାନ୍ତ୍ରିକ ତ୍ରୁଟି ଯୋଗୁ ନିଆଁ ଲାଗିଯାଇଥିଲା। ଫଳରେ ଯାତ୍ରୀମାନେ ବସ୍‌ରୁ ଓହ୍ଲାଇ ଏଣେତେଣେ ଦୌଡ଼ିଥିଲେ। ପରେ ବସ୍ କର୍ମଚାରୀ ଓ ସ୍ଥାନୀୟ ଲୋକେ ପାଣି ପକାଇ ନିଆଁକୁ ଆୟତ୍ତ କରିଥିଲେ। ସୂଚନା ମୁତାବକ, ସକାଳ ପ୍ରାୟ ୭ଟା ୩୦ରେ ଭୁବନେଶ୍ୱରରୁ ଖୋର୍ଦ୍ଧା ଅଭିମୁଖେ ଯାଉଥିବା ଏକ ମୋ ବସ୍(ଓଡି ୩୩ ୱାଇ୨୯୦୦)ଯାତ୍ରୀ ଉଠାଇବା ପାଇଁ ଝାଁଲାରେ ଅଟକିଥିଲା। ଏହି ସମୟରେ ଏକ ପ୍ରଚଣ୍ଡ ଶବ୍ଦ ହୋଇଥିଲା। ବସ୍‌ର ହେଲ୍‌ପର ଓହ୍ଲାଇ ଆଗକୁ ଯାଇ ଦେଖିବାବେଳକୁ ଇଞ୍ଜିନ୍ ତଳୁ ଏକ ପାଇପ୍ ଫାଟି ଧୂଆଁମୟ ହେବା ସହ ନିଆଁ ବାହାରି ଗାଡ଼ିରେ ଲାଗୁଛି। ଏହାପରେ ହେଲ୍‌ପର ଜଣକ ଚିତ୍କାର କରିଥିଲେ। ବସ୍‌ରେ ନିଆଁ ଲାଗିଥିବା ଜାଣିବା ପରେ ଯାତ୍ରୀମାନେ ବସ୍‌ରୁ ଓହ୍ଲାଇ ଏଣେତେଣେ ଦୌଡ଼ିଥିଲେ। ସ୍ଥାନୀୟ ଲୋକେ ଓ ବସ୍ କର୍ମଚାରୀ ପାଣି ପକାଇ ନିଆଁକୁ ଆୟତ୍ତ କରିଥିଲେ। ତେବେ ନିଆଁରେ ବସ୍‌ର ତଳପଟ କିଛି ଅଂଶ ପୋଡ଼ିଯାଇଥିବା ବେଳେ କାହାର କିଛି କ୍ଷତି ହୋଇ ନ ଥିବା ଜଣାପଡ଼ିଛି।




ଭୁବନେଶ୍ୱର ରବୀନ୍ଦ୍ର ମଣ୍ଡପଠାରେ ଶନିବାର ଅନୁଷ୍ଠିତ ସୃଜନର ବାର୍ଷିକ ଓଡ଼ିଶୀନୃତ୍ୟ ପ୍ରଦର୍ଶନୀ 'ଉପସରଣମ୍'ଅନୁଷ୍ଠାନର ଯୁବ ଶିଳ୍ପୀମାନେ ନୃତ୍ୟପରିବେଷଣ କରୁଛନ୍ତି।

# 'ଉପସରଣମ୍'ରେ ୫୮ ଯୁବଶିଳ୍ପୀଙ୍କ ନୃତ୍ୟ ପରିବେଷଣ

ଭୁବନେଶ୍ୱର,୮।୬(ଶର୍ମିଷ୍ଠା ପାଣିଗ୍ରାହୀ)

**ସୃଜନର ବାର୍ଷିକ ଓଡ଼ିଶୀନୃତ୍ୟ ପ୍ରଦର୍ଶନୀ**

ସୃଜନ ପକ୍ଷରୁ ବାର୍ଷିକ ଓଡ଼ିଶୀନୃତ୍ୟ ପ୍ରଦର୍ଶନୀ 'ଉପସରଣମ୍' ରବୀନ୍ଦ୍ର ମଣ୍ଡପରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ୫୮ଜଣ ଯୁବ ନୃତ୍ୟଶିଳ୍ପୀଙ୍କ ଏକାଠି ପ୍ରଦର୍ଶନ ଦେଖିବାକୁ ମିଳିଥିଲା ପ୍ରେକ୍ଷାଳୟରେ। ବାଧାବିଘ୍ନର ଚିରସ୍ଥାୟୀ ଅପସାରଣ ଭଗବାନ ଗଣେଶଙ୍କୁ ପ୍ରଣାମକରି ଉପସରଣମ କାର୍ଯ୍ୟକ୍ରମ ବିନାୟକ ସ୍ମରଣରୁ ଆରମ୍ଭ ହୋଇଥିଲା। ଗୁରୁ ରତିକାନ୍ତ ମହାପାତ୍ରଙ୍କ ନୃତ୍ୟ ସଂରଚନା ତଥା ନୃତ୍ୟଶିଳ୍ପୀ ରାଜଶ୍ରୀ ପ୍ରହରାଜଙ୍କ ସଂଯୋଜନାକୁ ନୃତ୍ୟରେ ବଖାଣିଥିଲେ ଅମୃତା, ଅନୁଷ୍କା, ଦୀପନ୍ୱିତା, ମାୟନାତା, ଶିଳ୍ପା ଏବଂ ଶ୍ରେୟା। ଭଗବାନ ଗଣେଶଙ୍କର ୧୨ ନାମ ଓ ଗୁଣକୁ ଓଡ଼ିଶୀ ନୃତ୍ୟ ମଧମରେ ସଜାଡିଥିଲେ ଶିଳ୍ପୀ। ଏହାପରେ ଗୁରୁ କେଳୁଚରଣ ମହାପାତ୍ରଙ୍କ ଏକ କାଳଜୟୀ ରଚନା ବସନ୍ତ ପଲ୍ଲବୀ ପରିବେଷିତ ହୋଇଥିଲା। ସୃଜନର ବରିଷ୍ଠ ସଦସ୍ୟା ଐଶ୍ୱର୍ଯ୍ୟା ସିଂଦେବଙ୍କ ସଂଯୋଜନାରେ ଏହି ନୃତ୍ୟକୁ ଦୃତୀ, ଆୟୁଷୀ, ଶ୍ରେୟାଙ୍ଗଶ୍ରୀ, ସାନ୍‌ଭି, ଚିନ୍ମୟ, ରୋଶନୀ, ଦୀପନ୍ୱିତା, ନତାଶା, ସୁସମ୍ପନା, ସୁମେରା ଏବଂ ତ୍ରିଷ୍ଟାଙ୍କ ଦ୍ୱାରା ସୁନ୍ଦର ପଦଚାଳନା ଏବଂ ସ୍ୱଚ୍ଛ ଗତିବିଧି ସହ କରାଯାଇଥିଲା। ପରବର୍ତ୍ତୀ ପ୍ରସ୍ତୁତିରେ ଥିଲା ଦେବୀ ମାତାଙ୍ଗୀଙ୍କ ପ୍ରତି ଏକ ପ୍ରଣାମ ମାତଙ୍ଗୀ ଧାନମ୍, ଯାହାର ନୃତ୍ୟ ସଂରଚନା କରିଥିଲେ ଗୁରୁ ରତିକାନ୍ତ ମହାପାତ୍ର ଏବଂ ଦଳଗତ ନୃତ୍ୟ ସଂଯୋଜନା କରିଥିଲେ ଜି. ସଞ୍ଜୟ। ଆଦ୍ୟାଶ୍ରୀ, ଆୟଶା, ଆକାଂକ୍ଷା, ଅକ୍ଷିତା, ଅନୁଷ୍କା, ବିଶାଖା, କବୟା, ପୁଷ୍ପାଞ୍ଜଳି, ରୀତିଶା, ସାନ୍‌ଭି, ସୁବ୍ରଜିତା, ସାଇ ସ୍ମୃତି, ଶୁଭାଙ୍ଗୀ, ଶ୍ରେୟାସୀ, ଶତେଲିନ ଏବଂ ତେଜସ୍ୱିନୀ ଏହି ନୃତ୍ୟଟିକୁ ସୁନ୍ଦର ଭାବରେ ପରିବେଷଣ କରିଥିଲେ। ଚତୁର୍ଥ ଉପସ୍ଥାପନାରେ ଶଙ୍କରାଭରଣ ପଲ୍ଲବୀ ରହିଥିଲା। ନୃତ୍ୟଶିଳ୍ପୀ ଅମୃତା, ଅନଭିକା, ବାର୍ସା, ନାଭିଆ, ଶାଗୁନ, ଶ୍ରେୟା ଏବଂ ଶୁଭଲକ୍ଷ୍ମୀଙ୍କ ଦ୍ୱାରା ଦ୍ରୁତ ପାଦଚାଳନା ସହ ଏହି ପଲ୍ଲବୀର ଅନ୍ତର୍ନିହିତ ସୌନ୍ଦର୍ଯ୍ୟକୁ ନୃତ୍ୟ ମାଧମରେ ପ୍ରଦର୍ଶନ କରିଥିଲେ। ପରେ ଆର୍ଚିଶା, ବ୍ରାହ୍ମୀ, ଗାୟତ୍ରୀ, ପ୍ରତୀକ୍ଷା, ସତ୍ୟାକ୍ଷୀ, ସାନ୍‌ଭି, ଶିବାଙ୍ଗୀ, ସୋମାଲିନ, ସୁଲଗ୍ନା, ତନିସ୍ତା ଏବଂ ସାଇ ପ୍ରସାଦଙ୍କୁ ନେଇ କବି ସୂର୍ଯ୍ୟ ବଳଦେବ ରଥଙ୍କ ପ୍ରସିଦ୍ଧ ରଚନା କିଶୋର ଚନ୍ଦ୍ରାନନ୍ଦ ଚମ୍ପୂ ପ୍ରଦର୍ଶିତ ହୋଇଥିଲା। ଶେଷରେ ରୁକ୍ ବେଦରୁ ଉଦ୍ଧୃତ ଏକ ନବଶାସ୍ତ୍ରୀୟ ଓଡ଼ିଶୀ ନୃତ୍ୟ ଶ୍ରଦ୍ଧା ଶୃକତମ ପରିବେଷିତ ହୋଇଥିଲା। ଅନୁଷ୍ଠାନର ନିର୍ଦ୍ଦେଶକ ଗୁରୁ ରତିକାନ୍ତ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ଅତିଥି ଭାବେ ବେହେଲା ବାଦକ ସୁରମଣି ରମେଶ ଚନ୍ଦ୍ର ଦାସ, ନୃତ୍ୟଶାଳାର ନିର୍ଦ୍ଦେଶକ ଅଶୋକ କୁମାର ଘୋଷାଲ ଏବଂ ସୁରଭିର ନିର୍ଦ୍ଦେଶକ ଡ. ପୀତାମ୍ବର ବିଶ୍ୱାଳ ଯୋଗଦେଇଥିଲେ। ଏହି ଅବସରରେ ପଦ୍ମଶ୍ରୀ ତଥା ଓ ବିଶିଷ୍ଟ ପଟ୍ଟଚିତ୍ର ଶିଳ୍ପୀ ବିନୋଦ ମହାରଣାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଉତ୍ସବଟିକୁ ଦେବୀପ୍ରସାଦ ମିଶ୍ର, ରାଜଶ୍ରୀ ପ୍ରହରାଜ ଓ ପ୍ରୀତିଶା ମହାପାତ୍ର ପରିଚାଳନା କରିଥିବାବେଳେ ଆଲୋକ ପରିଚାଳନା କରିଥିଲେ ଦେବୀପ୍ରସାଦ ମିଶ୍ର ଏବଂ ଉପସ୍ଥାପନ କରିଥିଲେ ମୃତ୍ୟୁଞ୍ଜୟ ରଥ।

# ରାମୋଜୀ ରାଓଙ୍କୁ ଶ୍ରଦ୍ଧାଞ୍ଜଳି



ଭୁବନେଶ୍ୱର,୮।୬(ଶର୍ମିଷ୍ଠା ପାଣିଗ୍ରାହୀ)

ଭାରତୀୟ ସିନେମା ଓ ଗଣମାଧ୍ୟମ ଜଗତର ଅନ୍ୟତମ ଶୀର୍ଷ ବ୍ୟକ୍ତିତ୍ୱ ରାମୋଜୀ ରାଓ ଆଉ ନାହାନ୍ତି। ଶନିବାର ହାଇଦ୍ରାବାଦଠାରେ ତାଙ୍କର ପରଲୋକ ହୋଇଯାଇଛି। ଭୁବନେଶ୍ୱର ସୂଚନା ଭବନଠାରେ ଚାଲିଥିବା 'ଭୁବନେଶ୍ୱର ଚଳଚ୍ଚିତ୍ର ଉତ୍ସବ' ମଞ୍ଚରେ ରାମୋଜୀ ରାଓଙ୍କୁ ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ଉତ୍ସବର ଆୟୋଜକ ତଥା ବଲିଉଡ୍‌ର ସାଉଣ୍ଡ ଡିଜାଇନର ସୁବାସ ସାହୁ, ବରିଷ୍ଠ ସିନେ ସାମ୍ବାଦିକ ଅଶୋକ ପାଲିତ, ଓଡ଼ିଶା ଲାଇଭ୍‌ର ସମ୍ପାଦକ ନୀଳାମ୍ବର ରଥ ଏବଂ ଯୁବ ଫିଲ୍ମ ନିର୍ମାତା ସୁରେଶ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ଅପରାହ୍ନରେ ଓଡ଼ିଆ ଗଣମାଧ୍ୟମ ପରିବାର ପକ୍ଷରୁ ସୂଚନା ଭବନ ସମ୍ମୁଖରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା। କାର୍ଯ୍ୟକ୍ରମରେ ରାମୋଜୀ ରାଓଙ୍କ ସହ ଅତୀତରେ କାମ କରିଥିବା ବରିଷ୍ଠ ଗଣମାଧ୍ୟମ ବ୍ୟକ୍ତିମାନଙ୍କ ସହ ବିଭିନ୍ନ ପ୍ରିଣ୍ଟ, ଇଲେକ୍ଟ୍ରୋନିକ, ଡିଜିଟାଲ ମିଡିଆର ପ୍ରତିନିଧିମାନେ ଯୋଗଦେଇଥିଲେ।

### ପିଣ୍ଡିକ ୟୁଥ୍ କ୍ଲବ୍‌ର ୩୦ତମ ବାର୍ଷିକ ସାଂସ୍କୃତିକ ମହୋତ୍ସବ

ବାରଙ୍ଗ,୮।୬(ଲିଙ୍ଗରାଜ ରାଉତ)

ଭୁବନେଶ୍ୱର ଉପକଣ୍ଠ ଦାରୁଠେଙ୍ଗ ଗ୍ରାମର ମହାନ୍ ଶହୀଦ ପିଣ୍ଡିକ ବାହୁବଳେନ୍ଦ୍ରଙ୍କ ଅମ୍ଳାନ ସ୍ମୃତିରେ କ୍ଲବ ପକ୍ଷରୁ ୩୦ତମ ସାଂସ୍କୃତିକ ମହୋତ୍ସବ ଶନିବାର ଉଦ୍‌ଘାଟିତ ହୋଇଯାଇଛି। କ୍ଲବ ପୂର୍ବତନ ସଭାପତି ପ୍ରଶାନ୍ତ ରାଉତରାୟଙ୍କ ସଭାପତିତ୍ୱରେ ଏହି ସଭା ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ନବ ନିର୍ବାଚିତ ଜଟଣୀ ବିଧାୟକ ବିଭୂତି ଭୂଷଣ ବଳବନ୍ତରାୟ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରିଥିଲେ। ସମ୍ମାନିତ ଅତିଥି ଭାବେ ସରପଞ୍ଚ ତପନ ଚକ୍ରବର୍ତ୍ତୀ, ଖବରଦାତା ପ୍ରଦୀପ ସ୍ୱାଇଁ, ପୂର୍ବତନ ସମିତି ସଭ୍ୟ ମିଟୁ ପାହାଡସିଂହ, ପୂର୍ବତନ ଜିଲା ପରିଷଦ ଡାକ୍ତର ବେହେରା ପ୍ରମୁଖ ଯୋଗଦେଇ ଗ୍ରାମର ପ୍ରତିଭାଙ୍କୁ ମାନପତ୍ର ସହ ଉତ୍ତରୀୟ ପ୍ରଦାନ କରିଥିଲେ। କ୍ଲବ ଉପସଭାପତି ବିଜୟ ପାହାଡ଼ସିଂହ ଧନ୍ୟବାଦ ଦେଇଥିଲେ। ଶେଷରେ କ୍ଲବ ସଦସ୍ୟଙ୍କ ଦ୍ୱାରା ସାମାଜିକ ନାଟକ 'ଲୁହରେ ଲେଖା ମୋ କପାଳ ରେଖା' ମଞ୍ଚସ୍ଥ ହୋଇଥିଲା।

# ବସନ୍ତ ଶତପଥୀ ଗପ ସାହିତ୍ୟର କାଣ୍ଡ

ଭୁବନେଶ୍ୱର, ୮।୬ (ଶର୍ମିଷ୍ଠା ପାଣିଗ୍ରାହୀ)

**୧୧ତମ ସ୍ମାରକୀ ବକ୍ତୃତା**

ପକ୍ଷୀଘର ପ୍ରକାଶନୀ ପକ୍ଷରୁ ଶନିବାର ଆୟୋଜିତ ୧୧ତମ ବସନ୍ତ ଶତପଥୀ ସ୍ମାରକୀ ବକ୍ତୃତା ଭାରତୀୟ ବିଦ୍ୟା ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ବିଶିଷ୍ଟ ନାଟ୍ୟ ବ୍ୟକ୍ତିତ୍ୱ ଅନନ୍ତ ମହାପାତ୍ରଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଉତ୍ସବରେ ପ୍ରଫେସର କୈଳାସ ଚନ୍ଦ୍ର ଦାଶ ସ୍ମାରକୀ ବକ୍ତୃତା ପ୍ରଦାନ କରିଥିଲେ। ବିଶିଷ୍ଟ ଅତିଥି ଭାବେ ଯୋଗଦେଇ ପ୍ରଖ୍ୟାତ ଚଳଚ୍ଚିତ୍ର ବ୍ୟକ୍ତିତ୍ୱ ପ୍ରଶାନ୍ତ ନନ୍ଦ କହିଲେ, ବସନ୍ତ ଶତପଥୀ ହେଉଛନ୍ତି ଏଭଳି ଜଣେ ପ୍ରଖ୍ୟାତ ଲେଖକ, ଯିଏ ପ୍ରଚୁର ଖାଣ୍ଟି ଓଡ଼ିଆ ଶବ୍ଦର ବ୍ୟବହାର କରି ଚମତ୍କାର ଗଳ୍ପଗୁଡିକ ଲେଖିଛନ୍ତି। ଗଳ୍ପରେ କାହାଣୀ ନ ଥିଲେ ମଧ୍ୟ ଏହା ଏତେ ଚମତ୍କାର, ଯାହା ପାଠକମାନେ ଶେଷ ପର୍ଯ୍ୟନ୍ତ ପଢିବାକୁ ବାଧ୍ୟ ହେବେ ବୋଲି ନନ୍ଦ କହିଥିଲେ। ବିଶିଷ୍ଟ ଅତିଥି ଗାଳ୍ପିକ ଅଜୟ ସ୍ୱାଇଁ କହିଲେ, ଫକୀର ମୋହନଙ୍କ ପରେ ଯଦି କେଉଁ ଗାଳ୍ପିକ ମନେରହିବେ ଏବଂ ଓଡ଼ିଆ ଗଳ୍ପ ସାହିତ୍ୟକୁ ପ୍ରତିନିଧିତ୍ୱ କରିବେ ସେ କେବଳ ହିଁ ବସନ୍ତ ଶତପଥୀ। ସେ ହେଉଛନ୍ତି ଗପ ସାହିତ୍ୟର କାଣ୍ଡ। ଗାଳ୍ପିକମାନେ ସେହି କାଣ୍ଡରେ ଆଉଜେଇ ହୋଇ ରହି ପାରିଲେ ଆମ ଗଳ୍ପ ସାହିତ୍ୟ ସମୃଦ୍ଧ ହେବ। ପକ୍ଷୀଘର ପ୍ରକାଶନୀର ମୁଖ୍ୟ ବନୋଜ ତ୍ରିପାଠୀ ସ୍ୱାଗତ ଭାଷଣ ଦେଇଥିବାବେଳେ ପ୍ରଫେସର ସୁମନ୍ୟୁ ଶତପଥୀ ପ୍ରାରମ୍ଭିକ ବକ୍ତବ୍ୟ ରଖିଥିଲେ। ବିଶିଷ୍ଟ ନାଟ୍ୟ ବ୍ୟକ୍ତିତ୍ୱ ଅନନ୍ତ ମହାପାତ୍ର ବସନ୍ତ ଶତପଥୀଙ୍କ ଏକ ଗଳ୍ପ ପଠନ କରିଥିଲେ।

# ୬ ମୋବାଇଲ ଜବତ, ୪ ଗିରଫ

ଭୁବନେଶ୍ୱର,୮।୬
(ସୂର୍ଯ୍ୟକାନ୍ତ ବେହେରା)



ଏମ୍ସରେ ଚିକିତ୍ସିତ ହେଉଥିବା ରୋଗୀଙ୍କ ସଂପର୍କୀୟଙ୍କ ମୋବାଇଲ ଚୋରି କରୁଥିବା ଏକ ଗ୍ୟାଙ୍ଗ୍‌କୁ ଖଣ୍ଡଗିରି ଥାନା ପୋଲିସ ଧରିଛି। ଏହି ର୍ୟାକେଟରେ ସମ୍ପୃକ୍ତ ୪ଜଣଙ୍କୁ ଗିରଫ କରିଛି। ଏମାନଙ୍କ ମଧ୍ୟରେ ୨ ଯୁବକ ଚୋରି କରୁଥିବାବେଳେ ଅନ୍ୟ ୨ଜଣ ସେମାନଙ୍କଠାରୁ ଚୋରା ମୋବାଇଲ କିଣିବା ଅଭିଯୋଗରେ ଗିରଫ ହୋଇଛନ୍ତି। ସେମାନେ ହେଲେ ଖଣ୍ଡଗିରି ଥାନା ଅଞ୍ଚଳର ବିକାଶ ମହାରଣା ଓ ସନ୍ତୋଷ କୁମାର ଭୋଇ। ସେହିପରି ଚୋରା ମୋବାଇଲ କିଣୁଥିବା ଅଭିଯୁକ୍ତ ହେଲେ ବିଶ୍ୱନାଥ ଜେନା ଓ କାଳନ୍ଦି ବିଶ୍ୱାଳ। ସେମାନଙ୍କଠାରୁ ବିଭିନ୍ନ କମ୍ପାନୀର ୬ ଚୋରା ମୋବାଇଲ ଜବତ ହୋଇଛି।

# କୋଠଘର ଆମ ସାହିତ୍ୟ ପରିବାରର ବାର୍ଷିକୋତ୍ସବ




ଭୁବନେଶ୍ୱର,୮।୬(ଶର୍ମିଷ୍ଠା ପାଣିଗ୍ରାହୀ)

**ଦୁଇଜଣଙ୍କୁ 'ଶୈଳବାଳା ବିଦ୍ୟାଧର ସ୍ମୃତି ସମ୍ମାନ'**

କୋଠଘର ଆମ ସାହିତ୍ୟ ପରିବାର ପକ୍ଷରୁ ଗୀତ ଗୋବିନ୍ଦ ସଦନଠାରେ ପଞ୍ଚମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ଅଧିବେଶନରେ ସଭାପତି ପ୍ରଦୀପ୍ତ କୁମାର ସାହୁଙ୍କ ସଭାପତିତ୍ୱରେ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ ସମ୍ମାନିତ ଅତିଥି ସମାଜସେବୀ ଇଂ. ଲକ୍ଷ୍ମୀକାନ୍ତ ଚୌଧୁରୀ ଓ ସାହିତ୍ୟିକ ବ୍ରହ୍ମାନନ୍ଦ ବିଶ୍ୱାଳ ଯୋଗଦେଇଥିଲେ। ଦ୍ୱିତୀୟ ଅଧିବେଶନରେ କୋଠଘର ଉପସଭାପତି ସୁସାହିତ୍ୟିକା ଡ. ସୁଷମା ମିଶ୍ରଙ୍କ ଅଧ୍ୟକ୍ଷତାରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା। ପଦ୍ମଶ୍ରୀ ବିଶିଷ୍ଟ ଭାଷାବିତ୍ ଡ. ଦେବୀପ୍ରସନ୍ନ ପଟ୍ଟନାୟକ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। କୋଠଘର ପ୍ରତିଷ୍ଠାତା ସମ୍ପାଦିକା ଅମ୍ବିକା ସ୍ୱାଇଁ ବାର୍ଷିକ ବିବରଣୀ ପାଠ ଓ କଣ୍ଠଶିଳ୍ପୀ ଛନ୍ଦା ମିଶ୍ର ବେଦ ପାଠ କରିଥିଲେ। ପରେ କୋଠଘର ପତ୍ରିକା ଉନ୍ମୋଚନ ସହ ୧୧ଜଣ ଲେଖକଙ୍କ ଗଳ୍ପ ଓ କବିତା ପୁସ୍ତକ ଲୋକାର୍ପଣ ହୋଇଥିଲା। ମୁଖ୍ୟଅତିଥି ବିଶିଷ୍ଟ ଅନୁବାଦିକା ଡ. ଶକୁନ୍ତଳା ବଳିୟାର ସିଂହ, ସମ୍ମାନିତ ଅତିଥି ବରିଷ୍ଠ ସାମ୍ବାଦିକ ପ୍ରଦୋଷ ପଟ୍ଟନାୟକ, ସମ୍ମାନିତ ଅତିଥି କବି ରକ୍ଷକ ନାୟକ, ସୁସାହିତ୍ୟିକା ଡ. ସଂଘମିତ୍ରା ଭଞ୍ଜ ଯୋଗ ଦେଇଥିଲେ। କୋଠଘରର ଯୁଗ୍ମ ସମ୍ପାଦକ ଭାଷା ବିଜ୍ଞାନୀ ଡ. ଦେବାଶିଷ ମହାପାତ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ 'ଶୈଳବାଳା ବିଦ୍ୟାଧର ସ୍ମୃତି ସମ୍ମାନ'ରେ ପଦ୍ମଶ୍ରୀ ପଟ୍ଟନାୟକ ଓ ଅନୁବାଦିକା ବଳିୟାର ସିଂହଙ୍କୁ ସମ୍ମାନିତ କରାଯାଇଥିଲା। ଡ. ପ୍ରତାପ ରଞ୍ଜନ ମହାନ୍ତି, ସ୍ୱାତୀ ମହାପାତ୍ର , ରାଜଶ୍ରୀ ନନ୍ଦ, ଶିବାନନ୍ଦ ବାରିକ, ସରିତା ମହାପାତ୍ର, ଡ. ନଳିନୀ ପ୍ରଭା ମହାନ୍ତି, ଆଶାଲତା ଦୀକ୍ଷିତ, ମନୋରମା ପଟ୍ଟନାୟକ, ନିନାଦିନୀ ମହାନ୍ତି, ବିନୋଦିନୀ ପାତ୍ର, ବାବାଜୀ ଚରଣ ଦାସ, ବିଷ୍ଣୁ ପ୍ରସାଦ ଦାଶ, କନକ ଲତା ମିଶ୍ର, ପ୍ରତିମା ବେହେରା, ଅମିତା କର, ରଞ୍ଜିତା ତ୍ରିପାଠୀ ଓ ଗୀତାଞ୍ଜଳି ସ୍ୱାଇଁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶିବାନନ୍ଦ ବାରିକ ମଞ୍ଚ ପରିଚାଳନା କରିଥିଲେ। କାର୍ଯ୍ୟକାରୀ ସଭାପତି ଆଶୁତୋଷ ମେହେର ଧନ୍ୟବାଦ ଦେଇଥିଲେ।



ଭୁବନେଶ୍ୱରରେ ଗରମ ଓ ଗୁଳୁଗୁଳି ଜାରି ରହିଥିବା ବେଳେ ଶନିବାର ଦୁଇ ଯୁବତୀ ମୁଣ୍ଡରେ ଚୁନି ପକାଇ ଯାଉଛନ୍ତି।

# ୧୯୭୧ ଭଳି ଚଳିତ ବର୍ଷ ୧୩ ଦିନ ଅଣସର

ପୁରୀ,୮।୬(ଅଜିତ୍ ମହାନ୍ତି)

**ଦଇତାପତି, ପୂଜାପଣ୍ଡା ନିଯୋଗ ସହ ଶ୍ରୀମନ୍ଦିର ପ୍ରଶାସନର ବୈଠକ**

ଘୋଷଯାତ୍ରା ଜୁଲାଇ ୭ତାରିଖରେ ଅନୁଷ୍ଠିତ ହେବ। ଆସନ୍ତା ୨୨ତାରିଖରେ ସ୍ନାନପୂର୍ଣ୍ଣିମା ଅନୁଷ୍ଠିତ ହେବ। ତେବେ ଚଳିତବର୍ଷ ମହାପ୍ରଭୁଙ୍କ ଅଣସର ୧୫ଦିନ ପରିବର୍ତ୍ତେ ୧୩ଦିନ ପଡୁଛି। ଫଳରେ ଶ୍ରୀଗୁଣ୍ଡିଚା ଯାତ୍ରା ଦିନ ନେତ୍ରୋତ୍ସବ, ନବଯୌବନ ଦର୍ଶନ ପଡୁଛି। ଗୋଟିଏ ଦିନରେ ନୀତି କେଉଁଭଳି ଭାବରେ ଅନୁଷ୍ଠିତ ହେବ ସେନେଇ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସେବାୟତଙ୍କ ସହ ଆଲୋଚନା କରାଯାଉଛି। ରଥଯାତ୍ରା ନୀତି ଶୃଙ୍ଖଳିତ ଭାବରେ ହେବା ସହ ରଥଯାତ୍ରା ଯେପରି ସୁରୁଖୁରୁରେ ହେବ ସେନେଇ ଶ୍ରୀମନ୍ଦିର କାର୍ଯ୍ୟାଳୟ ପରିସରରେ ଶ୍ରୀମନ୍ଦିର ଦଇତାପତି ନିଯୋଗର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଶନିବାର ଅନୁଷ୍ଠିତ ହୋଇଯାଇଛି।

ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ପ୍ରଥମେ ଦଇତାପତି ନିଯୋଗ ସହ ଆଲୋଚନା କରାଯିବା ପରେ ପୂଜାପଣ୍ଡା ନିଯୋଗ ସହ ଆଲୋଚନା ହୋଇଥିଲା। ବୈଠକରେ ସ୍ନାନଯାତ୍ରା ଓ ରଥଯାତ୍ରା ନେଇ ଆଲୋଚନା ହୋଇଛି। ୧୯୭୧ ମସିହାରେ ମଧ ୧୩ଦିନିଆ ଅଣସର ପଡ଼ିଥିଲା। ତେଣୁ ସେହି ବର୍ଷ ଭଳି ଚଳିତ ବର୍ଷ ରଥଯାତ୍ରା ନୀତି କରିବାକୁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ପ୍ରସ୍ତୁତ କରିବାକୁ ନିଷ୍ପତ୍ତି ନିଆଯାଇଛି। ବୈଠକ ସମ୍ପର୍କରେ ଦଇତାପତି ନିଯୋଗ ସମ୍ପାଦକ ରାମକୃଷ୍ଣ ଦାସ ମହାପାତ୍ର ସୂଚନା ଦେଇ କହିଛନ୍ତି, ଚଳିତ ବର୍ଷ ଅଣସର ୧୩ ଦିନ ପଡୁଥିବାରୁ ଗୋଟିଏ ଦିନରେ ନବଯୌବନ ଦର୍ଶନ, ନେତ୍ରୋତ୍ସବ ଓ ଶ୍ରୀଗୁଣ୍ଡିଚା ଯାତ୍ରା କିପରି ଶୃଙ୍ଖଳିତ ଭାବରେ ହେବ ସେନେଇ ବୈଠକରେ ଆଲୋଚନା ହୋଇଛି। ୧୯୭୧ ମସିହା ରଥଯାତ୍ରାର ଯେପରି ହୋଇଥିଲା ତାହାର କପି ଶ୍ରୀମନ୍ଦିର ପ୍ରଶାସନକୁ ମଗାଯାଇଛି। ଉକ୍ତ ନୀତିକାନ୍ତିକୁ ଦେଖିବା ପରେ ଚଳିତ ବର୍ଷ ରଥଯାତ୍ରାର ନୀତିକାନ୍ତି ସମ୍ପାଦନ କରାଯିବ ବୋଲି ଦାସ ମହାପାତ୍ର କହିଛନ୍ତି। ଅପରପକ୍ଷରେ ଦଇତାପତି ନିଯୋଗ ସହ ବୈଠକ ଅନୁଷ୍ଠିତ ହେବା ପରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ପୂଜାପଣ୍ଡା ନିଯୋଗ ସହ ରଥଯାତ୍ରା ସମ୍ପର୍କରେ ଆଲୋଚନା କରିଥିଲେ। ଏନେଇ ପୂଜାପଣ୍ଡା ନିଯୋଗ ତଥା ଶ୍ରୀମନ୍ଦିର ପରିଚାଳନା କମିଟି ସଦସ୍ୟ ମାଧବ ପୂଜାପଣ୍ଡା କହିଛନ୍ତି, ଚଳିତବର୍ଷ ଅଣବସର ୧୩ ଦିନ ପଡୁଛି, ରଥଯାତ୍ରାକୁ ମିଶାଇଲେ ୧୫ ଦିନ ହେଉଛି। ତେଣୁ କେଉଁଦିନ ଆଜ୍ଞାମାଳ ବିଜେ ହେବ। ରଥଖଳାରୁ ସିଂହଦ୍ୱାରକୁ ରଥ ଟଣା ହୋଇଯିବ ସେ ନେଇ ଆଲୋଚନା କରାଯାଇଛି। ଚଳିତ ବର୍ଷ ନବଯୌବନ ଦର୍ଶନ ଓ ରଥଯାତ୍ରା ଗୋଟିଏ ଦିନରେ ପଡୁଥିବାରୁ ଭକ୍ତମାନେ ଶ୍ରୀମନ୍ଦିରରେ ନବଯୌବନ ଦର୍ଶନରୁ ବଞ୍ଚିତ ହେବେ। ତେବେ ନୀତି ନିର୍ଘଣ୍ଟ ଚୂଡ଼ାନ୍ତ ହେବାପରେ କାର୍ଯ୍ୟକ୍ରମସ୍ଥିର କରାଯିବ। ୧୯୭୧ ମସିହାରେ ନୀତି ସମ୍ପନ୍ନ ହୋଇ ରଥଟଣା ହେବାବେଳକୁ ସନ୍ଧ୍ୟା ହୋଇଯାଇଥିଲା। କିଛି ବାଟ ରଥ ଟଣାହୋଇ ରହିଥିଲା। ପରଦିନ ପୁନର୍ବାର ରଥ ଟଣା ହୋଇଥିଲା। ଚଳିତବର୍ଷ ଯେହେତୁ ଗୋଟିଏ ଦିନରେ ନବଯୌବନ ଓ ଶ୍ରୀଗଣ୍ଡିଚା ପଡୁଥିବାରୁ ରଥଟଣା ବିଳମ୍ବ ହୋଇପାରେ। ତେବେ ମହାପ୍ରଭୁଙ୍କ ଇଚ୍ଛାରେ ସବୁକିଛି ହୁଏ। ମହାପ୍ରଭୁ ଚାହିଁଲେ ସମସ୍ତ କାର୍ଯ୍ୟ ଶୃଙ୍ଖଳିତ ଭାବରେ ସମ୍ପନ୍ନ ହେବ ବୋଲି ପୂଜାପଣ୍ଡା ସୂଚନା ଦେଇ କହିଛନ୍ତି। ବୈଠକରେ ଶ୍ରୀମନ୍ଦିର ଉପମୁଖ୍ୟ ପ୍ରଶାସକ ତଥା ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁଙ୍କ ସହ ଶ୍ରୀମନ୍ଦିର ପ୍ରଶାସନର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

ଧରିତ୍ରୀ 50 Years
ଭୁବନେଶ୍ୱର, ରବିବାର, ୯ ଜୁନ୍, ୨୦୨୪



## ସଂକ୍ଷେପରେ

### ଦମ୍ପତିଙ୍କୁ ବନ୍ଧୁକ ଦେଖାଇ ୧.୭ ଲକ୍ଷ ଲୁଟିନେଲେ

ଖୋର୍ଦ୍ଧା/ବେଗୁନିଆ,୮।୬ (ପ୍ରଭାତ ପାଣିଗ୍ରାହୀ/ସନ୍ଧ୍ୟାରାଣୀ ମିଶ୍ର): ଖୋର୍ଦ୍ଧା ସଦର ଥାନା ଅଞ୍ଚଳରେ ଗୁରୁବାର ଦିନଦ୍ୱିପ୍ରହରରେ ଏକ ଦମ୍ପତିଙ୍କ ମୁଣ୍ଡରେ ବନ୍ଧୁକ ଲଗାଇ ୧ଲକ୍ଷ ୭୦ହଜାର ଟଙ୍କା, ସ୍କୁଟି ଓ ମୋବାଇଲ ନେଇଯାଇଛନ୍ତି। ଦମ୍ପତିଙ୍କ ଅଭିଯୋଗ ପରେ ଥାନାରେ ମାମଲା ରୁଜୁ ହୋଇଛି। ଘଟଣାକୁ ୪୮ ଘଣ୍ଟା ବିତିଯାଇଥିଲେ ମଧ୍ୟ ପୋଲିସ କାହାରିକି ଧରିପାରିନାହିଁ। ଫଳରେ ପୋଲିସର କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ବେଗୁନିଆ ବ୍ଲକ ଗୁଡୁମ୍ ଗ୍ରାମର ବଳରାମ ବେହେରା ଏକ ରାଷ୍ଟ୍ରାୟତ୍ତ ବ୍ୟାଙ୍କରେ ବ୍ୟାଙ୍କମିତ୍ର ଭାବେ କାର୍ଯ୍ୟ କରୁଛନ୍ତି। ସବୁଦିନ ଭଳି କାମସାରି ବଳରାମ ସ୍ତ୍ରୀ ଗିନାଙ୍କ ସହ ସ୍କୁଟିରେ ଗତ ଗୁରୁବାର ନିଜ ଗ୍ରାମ ଗୋଡ଼ିସାହିକୁ ଫେରୁଥିଲେ। କୋକସିଂହ ଗ୍ରାମ ନିକଟ କାଜୁଜଙ୍ଗଲ ରାସ୍ତା ଦେଇ ଯାଉଥିବା ବେଳେ ହଠାତ୍ ଏକ କଳା ପଲ୍ସରରେ ୩ ଜଣ ଯୁବକ ପଛରୁ ପିଛାକରି ଆସି ସ୍କୁଟିକୁ ଅଟକାଇଥିଲେ। ଏହାପରେ ଜଣେ ଯୁବକ ବନ୍ଧୁକ ବାହାରକରି ଦମ୍ପତିଙ୍କୁ ଭୟଭୀତ କରାଇବା ପାଇଁ ମୁଣ୍ଡରେ ଲଗାଇଥିଲେ। ତାଙ୍କ ପାଖରେ ଥିବା ଟଙ୍କା, ସ୍କୁଟି, ଲାପ୍‌ଟପ୍, ବ୍ୟାଙ୍କ କାଗଜପତ୍ର ଛଡ଼ାଇନେଇ ସେଠାରୁ ଫେରାର ହୋଇଯାଇଥିଲେ।

### ନିର୍ବାଚନୀ ହିଂସା ଘଟଣାରେ ବିଜେଡିର ଥାନା ଘେରାଓ

ସାଲେପୁର,୮।୬(ଅରବିନ୍ଦ ଭୂୟାଁ)

ମାଳଶାସନ ପଞ୍ଚାୟତରେ ମତଦାନ ସମୟରେ ହୋଇଥିବା ନିର୍ବାଚନୀ ହିଂସାକୁ ନେଇ ଭାଜପା-ବିଜେଡି କର୍ମୀଙ୍କ ମଧ୍ୟରେ ଆରୋପ ପ୍ରତ୍ୟାରୋପ ଜାରି ରହିଛି। ଏହି ହିଂସାକାଣ୍ଡରେ ସମ୍ପୃକ୍ତ ମୁଖ୍ୟ ଅଭିଯୁକ୍ତଙ୍କୁ ଏପର୍ଯ୍ୟନ୍ତ ଗିରଫ କରାଯାଇ ନ ଥିବା ଅଭିଯୋଗ କରି ଶୁକ୍ରବାର ଭାଜପା ପକ୍ଷରୁ ସାଲେପୁର ଥାନା ଘେରାଉ କରାଯାଇଥିବାବେଳେ ଶନିବାର ବିଜେଡି ପକ୍ଷରୁ ଥାନା ସମ୍ମୁଖରେ ବିକ୍ଷୋଭ କରାଯାଇଛି। ପ୍ରକୃତ ଦୋଷୀଙ୍କୁ ଗିରଫ କରା ନ ଯାଇ ନିରୀହ ଲୋକଙ୍କୁ ଗିରଫ କରାଯାଉଛି ବୋଲି ବିଜେଡି ପକ୍ଷରୁ ଅଭିଯୋଗ କରାଯାଇଛି। ଏହାର ପ୍ରତିବାଦରେ ବିଜେଡି ପକ୍ଷରୁ ବିଧାୟକ ପ୍ରଶାନ୍ତ ବେହେରାଙ୍କ ନେତୃତ୍ୱରେ ସାଲେପୁର ଥାନା ଘେରାଉ କରାଯାଇଥିଲା। ଦଳୀୟ କର୍ମୀମାନେ ଶୋଭାଯାତ୍ରାରେ ବାହାରି ସାଲେପୁର ବଜାର ପରିକ୍ରମା କରି ଉକ୍ତ ଥାନା ଘେରାଉ କରିଥିଲେ।

ସେମାନଙ୍କ ଅଭିଯୋଗ ଅନୁଯାୟୀ, ମାଳଶାସନ ପଞ୍ଚାୟତରେ ହୋଇଥିବା ନିର୍ବାଚନୀ ହିଂସା ଭାଜପା କର୍ମୀମାନେ ସୃଷ୍ଟି କରିଛନ୍ତି। ବାହାର ଅଞ୍ଚଳର କେତେଜଣ ଭାଜପା କର୍ମୀ ଓ ବିଧାୟକ ପ୍ରାର୍ଥୀଙ୍କ ନିର୍ବାଚନ ଏଜେଣ୍ଟ ଏହି ବୁଥ୍‌ରେ ପହଞ୍ଚି ଭୋଟ ଦେବାକୁ ଆସିଥିବା ମହିଳାମାନଙ୍କୁ ଦୁର୍ବ୍ୟବହାର କରିଥିଲେ। ସେଠାରେ ଥିବା ଗ୍ରାମବାସୀ ଓ ସ୍ଥାନୀୟ ଲୋକେ ଏହାକୁ ବିରୋଧ କରିବାରୁ ଉଭୟଙ୍କ ମଧ୍ୟରେ ବଚସା ଓ ଗଣ୍ଡଗୋଳ ହୋଇଥିଲା। ଏହି ଗଣ୍ଡଗୋଳରେ ୨ ଭାଜପା କର୍ମୀ ଆହତ ହୋଇଥିଲେ। ଉଦ୍ଦେଶ୍ୟମୂଳକ ଭାବେ ବାହାର ଅଞ୍ଚଳର ଭାଜପା କର୍ମୀମାନେ ଏଠାକୁ ଆସି ଗଣ୍ଡଗୋଳ ସୃଷ୍ଟି କରିଥିଲେ ମଧ୍ୟ ପୋଲିସ ସେମାନଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରି ବିଜେଡି କର୍ମୀଙ୍କୁ ଗିରଫ କରିଛି ବୋଲି ଦଳ ପକ୍ଷରୁ ଅଭିଯୋଗ କରାଯାଇଛି। ଏହି ଅବସରରେ ବିଜେଡି ପକ୍ଷରୁ ହିଂସାକାଣ୍ଡ ଭିଆଇଥିବା ଭାଜପା ନେତା ହିମାଂଶୁ ମହାନ୍ତି, ଅବିନାଶ ପଣ୍ଡା, ସଞ୍ଜୟ ରାଉତ, ଦୁଃଶାସନ ଜତି, ଅନିଲ ଲେଙ୍କା, ଅରୁଣ ଲେଙ୍କା, ମହେଶ୍ୱର ରଣା, ରାଜେଶ ଲେଙ୍କା, ପ୍ରଦୀପ ସାମଲଙ୍କ ବିରୋଧରେ ସାଲେପୁର ଥାନାରେ ଲିଖିତ ଅଭିଯୋଗ କରାଯାଇଛି। ପୋଲିସ ଏହି ଘଟଣାର ନିରପେକ୍ଷ ତଦନ୍ତ କରି ହିଂସାକାଣ୍ଡ ଘଟାଇଥିବା ଅଭିଯୁକ୍ତମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି କରାଯାଇଛି। ଏଥିସହ ଯେଉଁମାନଙ୍କ ନାମରେ ମିଥ୍ୟା ମାମଲା ରୁଜୁ କରାଯାଇଛି ତାହାକୁ ତୁରନ୍ତ ପ୍ରତ୍ୟାହାର କରିବାକୁ ଦାବି କରାଯାଇଛି। ନଚେତ୍ ଆଗାମୀ ଦିନରେ ଆନ୍ଦୋଳନକୁ ଜୋର୍‌ଦାର କରାଯିବ ବୋଲି ବିଜେଡି ପକ୍ଷରୁ ଚେତାବନୀ ଦିଆଯାଇଛି। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ସାଲେପୁର ବ୍ଲକ୍ ଅଧ୍ୟକ୍ଷ ରାମଚନ୍ଦ୍ର ଭୋଇ, ଆତ୍ମା କମିଟି ସଭାପତି ଦିଲୀପ ଦାଶ, ଯୁବନେତା ନନ୍ଦକିଶୋର ଭୂୟାଁ, ଯୁବ ବିଜେଡି ସଭାପତି ସଞ୍ଜିତ୍ ଦାଶ, ଛାତ୍ର ବିଜେଡି ସଭାପତି ଶୁଭମ୍ ଦାଶ, ବ୍ଲକ ଉପାଧ୍ୟକ୍ଷାଙ୍କ ପ୍ରତିନିଧି ବିଶ୍ୱଜିତ୍ ବିଶ୍ୱାଳ, ସୌମ୍ୟରଞ୍ଜନ ମଲ୍ଲ, ମହିଳା ବିଜେଡି ସଭାନେତ୍ରୀ ରାଜଶ୍ରୀ ଜେନା, ସଂଯୁକ୍ତା ଭୂୟାଁ, ପୁଷ୍ପକ କର, ସରପଞ୍ଚ ପବିତ୍ର ସାମଲ ପ୍ରମୁଖ ଉପସ୍ଥିତ ଥିଲେ।

ପ୍ରକାଶ ଯେ, ଜୁନ୍ ୧ରେ ମାଳଶାସନ ପଞ୍ଚାୟତର ୧୮୪ ଓ ୧୮୫ ନଂ. ବୁଥ୍‌ରେ ଭୋଟଗ୍ରହଣ ସମୟରେ ଭାଜପା ବିଧାୟକ ପ୍ରାର୍ଥୀ ଅରିନ୍ଦମ ରାୟଙ୍କ ନିର୍ବାଚନ ଏଜେଣ୍ଟ ସଞ୍ଜୟ ରାଉତ ଓ ଅନ୍ୟ ଜଣେ ଭାଜପା କର୍ମୀକୁ ପନିକି ଓ ଠେଙ୍ଗାରେ ମରଣାନ୍ତକ ଆକ୍ରମଣ ହୋଇଥିଲା। ଏହି ଘଟଣାରେ ସାଲେପୁର ଥାନାରେ ଲିଖିତ ଅଭିଯୋଗ ହେବା ପରେ ପୋଲିସ ପକ୍ଷରୁ ମାମଲା ରୁଜୁ କରାଯାଇ ଅଦ୍ୟାବଧି ୧୧ ଜଣଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଛି।

# ମିଥ୍ୟା ମାମଲା ପ୍ରତ୍ୟାହାର ନ କଲେ ଆନ୍ଦୋଳନ ଜୋରଦାର



ବିଧାୟକ ପ୍ରଶାନ୍ତ ବେହେରାଙ୍କ ନେତୃତ୍ୱରେ ବିଜେଡି କର୍ମୀମାନେ ବିକ୍ଷୋଭ କରୁଛନ୍ତି।

### ମହିଳାଙ୍କୁ ବଳାତ୍କାର, ଅଶ୍ଲୀଳ ଫଟୋ ଭାଇରାଲ ଧମକ

ବାଣପୁର,୮।୬(ଦିଲୀପ ସ୍ୱାଇଁ)

ବାଣପୁର ଥାନା ଅଞ୍ଚଳର ଜଣେ ମହିଳାଙ୍କୁ ବଳାତ୍କାର କରାଯିବା ସହ ଅଶ୍ଳୀଳ ଫଟୋ ଭାଇରାଲ ଧମକ ନେଇ ଅଭିଯୋଗ ହୋଇଛି। ଏ ସମ୍ପର୍କରେ ପୋଲିସ ଏକ ମାମଲା (ନଂ.୨୦୩/୨୪)ରୁଜୁକରି ତଦନ୍ତ ଚଳାଇଛି। ସମ୍ପୃକ୍ତ ମହିଳାଙ୍କ ସ୍ୱାମୀ ହାଇଦ୍ରାବାଦରେ ଏକ କମ୍ପାନୀରେ କାମ କରନ୍ତି। ସେଠାରେ ବାଣପୁର ଥାନା ଅଞ୍ଚଳର ଜଣେ ବ୍ୟକ୍ତିଙ୍କ ସହିତ ଗତ ୪ବର୍ଷ ପୂର୍ବେ ତାଙ୍କ ସ୍ୱାମୀଙ୍କ ବନ୍ଧୁତା ହୋଇଥିଲା। ସ୍ୱାମୀ ରୋଗାଗ୍ରସ୍ତ ଥିବାରୁ ସମ୍ପୃକ୍ତ ବ୍ୟକ୍ତିଙ୍କ ସହ ମହିଳା ଜଣଙ୍କ ଅନେକ ସମୟରେ ଫୋନରେ କଥା ହୋଇଥାନ୍ତି। ଏହାରି ମଧ୍ୟରେ ବ୍ୟକ୍ତି ଜଣଙ୍କ ମହିଳାଙ୍କୁ ବିବାହ କରିବା ପାଇଁ ବାରମ୍ବାର ନିବେଦନ କରିଥିଲେ। ଏପ୍ରିଲ ୧୦ରେ ମହିଳା ଜଣଙ୍କ ବାପଘରକୁ ଯାଇଥିଲେ। ଘରେ କେହି ନ ଥିବା ବେଳେ ବ୍ୟକ୍ତି ଜଣଙ୍କ ତାଙ୍କ ଘରେ ପହଞ୍ଚି ବିବାହ କରିବା ପାଇଁ କହିଥିଲେ। ମହିଳା ଜଣଙ୍କ ଅରାଜି ହେବାରୁ ତାଙ୍କୁ ବଳାତ୍କାର କରିବା ସହ ଅଶ୍ଳୀଳ ଫଟୋ ଉଠାଇଥିଲେ। ଏହି ଘଟଣା ସମ୍ପର୍କରେ କାହାକୁ କହିଲେ ଫଟୋ ଭାଇରାଲ କରିଦେବେ ବୋଲି ବ୍ୟକ୍ତିଜଣଙ୍କ ଧମକ ଦେଇଥିଲେ। ଏନେଇ ମହିଳା ଜଣଙ୍କ ଗତ ମେ'୩୦ରେ ଥାନାରେ ଅଭିଯୋଗ କରିଥିଲେ।

## ମୋ ବସ୍‌ରେ ନିଆଁ, ବର୍ତ୍ତିଲେ ଯାତ୍ରୀ



ଯାଁଳା, ୮।୬(ବୁଲା ବାରିକ)

୧୬ ନମ୍ବର ଜାତୀୟ ରାଜପଥର ଯାଁଳାସ୍ଥିତ ମୋ ବସ୍ ରହଣି ସ୍ଥଳରେ ଶନିବାର ଏକ ମୋ ବସ୍‌ରେ ଯାନ୍ତ୍ରିକ ତ୍ରୁଟି ଯୋଗୁ ନିଆଁ ଲାଗିଯାଇଥିଲା। ଫଳରେ ଯାତ୍ରୀମାନେ ବସ୍‌ରୁ ଓହ୍ଲାଇ ଏଣେତେଣେ ଦୌଡ଼ିଥିଲେ। ପରେ ବସ୍ କର୍ମଚାରୀ ଓ ସ୍ଥାନୀୟ ଲୋକେ ପାଣି ପକାଇ ନିଆଁକୁ ଆୟତ୍ତ କରିଥିଲେ। ସୂଚନା ମୁତାବକ, ସକାଳ ପ୍ରାୟ ୭ଟା ୩୦ରେ ଭୁବନେଶ୍ୱରରୁ ଖୋର୍ଦ୍ଧା ଅଭିମୁଖେ ଯାଉଥିବା ଏକ ମୋ ବସ୍(ଓଡି ୩୩ ୱାଇ୨୯୦୦)ଯାତ୍ରୀ ଉଠାଇବା ପାଇଁ ଯାଁଳାରେ ଅଟକିଥିଲା। ଏହି ସମୟରେ ଏକ ପ୍ରଚଣ୍ଡ ଶବ୍ଦ ହୋଇଥିଲା। ବସ୍‌ର ହେଲ୍‌ପର ଓହ୍ଲାଇ ଆଗକୁ ଯାଇ ଦେଖିବାବେଳକୁ ଇଞ୍ଜିନ୍ ତଳୁ ଏକ ପାଇପ୍ ଫାଟି ଧୂଆଁମୟ ହେବା ସହ ନିଆଁ ବାହାରି ଗାଡ଼ିରେ ଲାଗୁଛି। ଏହାପରେ ହେଲ୍‌ପର ଜଣକ ଚିତ୍କାର କରିଥିଲେ। ବସ୍‌ରେ ନିଆଁ ଲାଗିଥିବା ଜାଣିବା ପରେ ଯାତ୍ରୀମାନେ ବସ୍‌ରୁ ଓହ୍ଲାଇ ଏଣେତେଣେ ଦୌଡ଼ିଥିଲେ। ସ୍ଥାନୀୟ ଲୋକେ ଓ ବସ୍ କର୍ମଚାରୀ ପାଣି ପକାଇ ନିଆଁକୁ ଆୟତ୍ତ କରିଥିଲେ। ତେବେ ନିଆଁରେ ବସ୍‌ର ତଳପଟ କିଛି ଅଂଶ ପୋଡ଼ିଯାଇଥିବା ବେଳେ କାହାର କିଛି କ୍ଷତି ହୋଇ ନ ଥିବା ଜଣାପଡ଼ିଛି।

## ପରିବେଶ ସୁରକ୍ଷାର ବାର୍ତ୍ତାଦେଲେ ଛାତ୍ରୀଛାତ୍ର

ସାଲେପୁର,୮।୬(ଅରବିନ୍ଦ ଭୂୟାଁ): ବିଜ୍ଞାନ ପ୍ରଚାର ସମିତିର ସାଲେପୁର ଶାଖା ଓ ଇନରହ୍ୱିଲ କ୍ଲବ କଟକ ସେଣ୍ଟ୍ରାଲର ମିଳିତ ଆନୁକୂଲ୍ୟରେ ସାଲେପୁର ନିକଟସ୍ଥ ପିକୋଲସ୍ଥିତ ଜଗନ୍ନାଥ-ଗୋପୀନାଥ ଟ୍ରଷ୍ଟ ସଭାଗୃହରେ ବିଶ୍ୱ ପରିବେଶ ଦିବସ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଆୟୋଜିତ କାର୍ଯ୍ୟକ୍ରମରେ ମେଜର ଡ. ମଞ୍ଜୁଶ୍ରୀ ପତି ସଭାପତିତ୍ୱ କରିଥିଲେ। ସ୍ଥାନୀୟ ବିଦ୍ୟାଳୟର ଛାତ୍ରୀଛାତ୍ର ଓ ଯୁବବର୍ଗଙ୍କୁ ନେଇ ପ୍ଲାକାର୍ଡ ଓ ବ୍ୟାନର ସହ ପଥ ପରିକ୍ରମା ମାଧ୍ୟମରେ ପରିବେଶ ସୁରକ୍ଷା ବାର୍ତ୍ତା ଦେଇଥିଲେ। ଉପସଭାପତି ବିପିନ ବିହାରୀ କର ପଞ୍ଚ ମହାଭୂତଙ୍କ ପୂଜାର୍ଚ୍ଚନା କରିବା ସହ ସଭା ଉଦ୍‌ଘାଟନ କରିଥିଲେ। ଇନରହ୍ୱିଲ କ୍ଲବର ସଭାପତି ବାଣୀ ନିର୍ମାଲ୍ୟ ଦାସ ଓ ଉପଦେଷ୍ଟା ପ୍ରମିଳା ଦାସଙ୍କ ସମେତ ଡ. ଉମେଶଚନ୍ଦ୍ର ପତି, ସୁକାନ୍ତ ମହାନ୍ତି, ଶାରଦା ପ୍ରସାଦ ରଥ, ନିଗମାନନ୍ଦ କର, ପ୍ରତାପଚନ୍ଦ୍ର ଜେନା, ଦିବାକର ପ୍ରଧାନ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ସମ୍ପାଦକ ଡ. ମହେଶଚନ୍ଦ୍ର କର ଧନ୍ୟବାଦ ଅର୍ପଣ କରିଥିଲେ। ଏହାପରେ ଔଷଧୀୟ ଚାରା ରୋପଣ କରାଯାଇଥିଲା।



ଛାତ୍ରୀଛାତ୍ର ଓ ଅନ୍ୟମାନେ ପ୍ଲା କାର୍ଡ ଧରି ପରିବେଶ ସଚେତନତା ବାର୍ତ୍ତା ଦେଉଛନ୍ତି।

## ଟ୍ରକ୍ ଧକ୍କାରେ ଯୁବକ ମୃତ

ଖୋର୍ଦ୍ଧା,୮।୬(ପ୍ରଭାତ ପାଣିଗ୍ରାହୀ)

ଭୁବନେଶ୍ୱର-ଚେନ୍ନାଇ ୧୬ ନମ୍ବର ଜାତୀୟ ରାଜପଥ ତୋଟାପଡ଼ା ଛକଠାରେ ଶନିବାର ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଏକ ଟ୍ରକ୍ ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ବେଗୁନିଆ ଥାନା ବ୍ରହ୍ମପୁରା ଗ୍ରାମର ରାମଚନ୍ଦ୍ର ବେହେରା। ସୂଚନା ମୁତାବକ, ଅପରାହ୍ନରେ ତୋଟାପଡ଼ା ଛକରେ ଏକ ଟ୍ରକ୍ (ଡବ୍ଲୁବି ୩୩ସି ୬୫୪୪) ରାମଚନ୍ଦ୍ରଙ୍କୁ ଧକ୍କା ଦେଇଥିଲା। ଫଳରେ ସେ ରାସ୍ତାପାର୍ଶ୍ୱକୁ ଛିଟିକି ପଡ଼ି ଗୁରୁତର ଆହତ ହୋଇଥିଲେ। ରକ୍ତ ଜୁଡୁବୁଡୁ ଅବସ୍ଥାରେ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତକଙ୍କ ଭାଇ ଶତ୍ରୁଘ୍ନଙ୍କ ଅଭିଯୋଗ ପରେ ପୋଲିସ ଏକ ମାମଲା(ନଂ.୨୧୨/୨୪)ରୁଜୁ କରିବା ସହ ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରି ତଦନ୍ତ ଚଳାଇଛି।

## ସଙ୍କୁଳସ୍ତରୀୟ ସାମୂହିକ ଆଚାର୍ଯ୍ୟ କର୍ମଶାଳା

ବାଙ୍କୀ,୮।୬(ଜ୍ଞାନେନ୍ଦ୍ର ମୋହନ ମିଶ୍ର)

ବାଙ୍କୀ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ବିଦ୍ୟାଭାରତୀ ଶିକ୍ଷା ବିକାଶ ସମିତିର ପୂର୍ବସମ୍ଭାଗ ଅନ୍ତର୍ଗତ ବାଙ୍କୀ ସଙ୍କୁଳ ପକ୍ଷରୁ ସାମୂହିକ ଆଚାର୍ଯ୍ୟ ପ୍ରଶିକ୍ଷଣ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏହାକୁ ଅନୁଷ୍ଠାନର ଢେଙ୍କାନାଳ ଜିଲା କାର୍ଯ୍ୟନିର୍ବାହୀ ପ୍ରଭାତ କୁମାର ସାହୁ ଉଦ୍‌ଘାଟନ କରିଥିଲେ। ଧରଣୀଧର ସାହୁ, ବାଙ୍କୀ ସଙ୍କୁଳ ପ୍ରମୁଖ ସମ୍ପାଦକ ବାଙ୍କୀ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ତାପସ କୁମାର ଦାଶ ଅତିଥି ଭାବେ ଯୋଗଦେଇଥିଲେ। ପ୍ରଧାନ ଆଚାର୍ଯ୍ୟ ଶରତ ଚନ୍ଦ୍ର ପଣ୍ଡା ଅତିଥି ପରିଚୟ ପ୍ରଦାନ କରିଥିଲେ। ବାଙ୍କୀ ସଙ୍କୁଳର ୬ଟି ବିଦ୍ୟାଳୟ ବାଙ୍କୀ, ତୁଳସୀପୁର, ବ୍ରହ୍ମପୁରା, ପଥୁରିପଡ଼ା, ନିତ୍ତିପୁର ଓ ଗୟଳବାଙ୍କର ମୋଟ ୮୩ ଜଣ ଗୁରୁମାଗୁରୁଜୀ ଏହି ଶିବିରରେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ଆସନ୍ତା ୧୦ ତାରିଖ ସୋମବାର ମଧ୍ୟାହ୍ନ ପର୍ଯ୍ୟନ୍ତ ଚାଲୁ ରହିବ। ବାଙ୍କୀ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଉପସଭାପତି ରେଣୁବାଳା ରାଜ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ।



କର୍ମଶାଳାରେ ଯୋଗଦେଇଥିବା ସଙ୍କୁଳସ୍ତରୀୟ ଆଚାର୍ଯ୍ୟମାନେ।

## କେନାଲରେ ବୁଡ଼ି ବୃଦ୍ଧଙ୍କ ମୃତ୍ୟୁ

ବାଣପୁର,୮।୬(ଦିଲୀପ ସ୍ୱାଇଁ)

ଖୋର୍ଦ୍ଧା ଜିଲା ବାଣପୁର ଥାନା ଅଞ୍ଚଳରେ ଶନିବାର ଏକ ଦୁଃଖଦ ଘଟଣା ଘଟିଛି। କେନାଲରେ ବୁଡ଼ିଯିବାରୁ ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ସେ ହେଲେ ପ୍ରତାପଗ୍ରାମ ଅଞ୍ଚଳର ମଣିଆ ନାୟକ(୭୫)। ପୋଲିସ ସୂଚନା ମୁତାବକ, ସବୁଦିନ ଭଳି ମଣିଆ ସକାଳୁ ନିକଟ ଶାଳିଆ କେନାଲକୁ ଶୌଚ ପାଇଁ ଯାଇଥିଲେ। ଅସାବଧାନତାବଶତଃ ସେ କେନାଲରେ ବୁଡ଼ିଯିବାରୁ ତାଙ୍କର ମୃତ୍ୟୁ ଘଟିଥିବା ସ୍ଥାନୀୟ ଅଞ୍ଚଳବାସୀ କହିଛନ୍ତି। ଖବର ପାଇ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି କେନାଲରୁ ମଣିଆଙ୍କ ମୃତଦେହ ଉଦ୍ଧାର କରିଥିଲା। ପରେ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ଏ ସମ୍ପର୍କରେ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୮/୨୪) ରୁଜୁକରି ତଦନ୍ତ ଚଳାଇଛି।

## ପୁଅ ମାଡ଼ରେ ମା'ଙ୍କ ଜୀବନ ଗଲା

ଖୋର୍ଦ୍ଧା, ୮।୬(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ସଦର ଥାନା ଅନ୍ତର୍ଗତ ବଣିଆଟାଙ୍ଗୀ ଗ୍ରାମରେ ଏକ ଅଭାବନୀୟ ଘଟଣା ଘଟିଛି। ପୁଅର ମାଡ଼ରେ ମା'ଙ୍କ ମୃତ୍ୟୁ ଘଟିଥିବା ବେଳେ ବାପା ଗୁରୁତର ଆହତ ହୋଇଛନ୍ତି। ମୃତା ହେଲେ ଲାବଣ୍ୟ ସାହୁ ଏବଂ ଆହତ ହେଲେ ଭିକାରୀ(୭୫)। ଏହି ଘଟଣା ପରେ ପୁଅ କୈଳାସ ଫେରାର ହୋଇଯାଇଛନ୍ତି। ଏନେଇ ଅଭିଯୋଗ ପରେ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ସମ୍ପର୍କୀୟଙ୍କୁ ହସ୍ତାନ୍ତର କରି ଏକ ମାମଲା ରୁଜୁକରି ଘଟଣାର ତଦନ୍ତ ଚଳାଇଛି। ଅଭିଯୋଗ ମୁତାବକ, ବାଜପୁର ପଞ୍ଚାୟତ ବଣିଆଟାଙ୍ଗୀ ଗ୍ରାମରେ ଭିକାରୀ ଓ ଲାବଣ୍ୟଙ୍କ ଘର। ବହୁ ବାଧାବିଘ୍ନ ସହି ପୁଅ କୈଳାସଙ୍କୁ ମଣିଷ କରିଥିଲେ। ତେବେ କୈଳାସ ସେମାନଙ୍କର ସାହାରା ପାଲଟିବା ପରିବର୍ତ୍ତେ ଅତ୍ୟାଚାର ଆରମ୍ଭ କରିଦେଇଥିଲେ। ଗତ ଦୁଇଦିନ ତଳେ କୌଣସି ସୂତ୍ରରୁ ଖବରପାଇ ଝିଅ, ଜ୍ୱାଇଁ ଏକ ସାମାଜିକ ଅନୁଷ୍ଠାନ ଜରିଆରେ ଘରେ ପହଞ୍ଚି ବୃଦ୍ଧ ମା'ବାପାଙ୍କୁ କ୍ଷତାକ୍ତ ଅବସ୍ଥାରେ ଉଦ୍ଧାରକରି ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଉଭୟଙ୍କୁ ଗଭୀର ଆଘାତ ଲାଗିଥିବା ବେଳେ ଲାବଣ୍ୟଙ୍କ ଗୋଡ଼ ଭାଙ୍ଗିଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଲାବଣ୍ୟଙ୍କ ମୃତ୍ୟୁ ହୋଇଥିଲା। ଏନେଇ ଅଭିଯୋଗ ପରେ ପୋଲିସ ତଦନ୍ତ ଚଳାଇଛି।

## ୩ ରଥର ୪୨ ଚକ ନିର୍ମାଣ ଶେଷ

ପୁରୀ,୮।୬(ଅଜିତ୍ ମହାନ୍ତି)



ଶ୍ରୀନହରସ୍ଥିତ ଅସ୍ଥାୟୀ ରଥଖଳାରେ ୩ ରଥର ଶେଷ ୩ ଚକର ନିର୍ମାଣ ଶେଷହୋଇ ରଥର ପାଟଦଣ୍ଡା ଚଉପଟ କାର୍ଯ୍ୟ ଜାରି ରହିଛି। ୩ ରଥର ୩ ଭୂଇଁ ପାଇଁ ୧୨ଟି ଲେଖାଏ ଚଉପଟ ଭୂଇଁ ଚଉତା କାଠରେ ପାଖୁଡ଼ା ବିନ୍ଧ ଆରମ୍ଭ ହୋଇଛି। ୩ ରଥର ୨ଟି ଲେଖାଏ ଗରଗରା କାଠର ଚଉପଟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ନନ୍ଦିଘୋଷ ରଥ ପୋଲ ଗୟଳ ଉଭୟ ପାର୍ଶ୍ୱ ସମତଳ ପରେ ଚିରଟ କାର୍ଯ୍ୟ ଆରମ୍ଭ ହୋଇଛି। ୩ ରଥର ୪ ନାହାକା ନିର୍ମାଣ ପାଇଁ ରଥ ଅମିନ ଭୋଇ ସେବକଙ୍କ ସହାୟତାରେ ୩ ରଥ ଚାଳିକୁ ପ୍ରଥମ ଦଫାରେ ୨ଟି ଲେଖାଏ ୨୦ଫୁଟିଆ ଧଉରା କାଠ ଯୋଗାଇ ଦିଆଯାଇଛି। ୩ ରଥର ମହାରଣା ସେବକମାନେ ଭୋଇ ସେବକଙ୍କ ସହଯୋଗରେ ଶନିବାର ୨ ରଥର ବାକିଥିବା ଗୋଟିଏ ଗୋଟିଏ ଚକ ନିର୍ମାଣ ଶେଷ ପରେ ୩ ରଥର ମୋଟ ୪୨ଟି ଚକ ନିର୍ମାଣ ସମ୍ପୂର୍ଣ୍ଣ ହୋଇଛି। ଏଥିସହ ୩ ରଥର ମହାରଣା ସେବକମାନେ ୩ ରଥର ୧୨ଟି ଲେଖାଏ ଚଉପଟ ଭୂଇଁ ଚଉତାରେ ପାଖୁଡ଼ା ବିନ୍ଧ କାର୍ଯ୍ୟ ଆରମ୍ଭ କରିଛନ୍ତି। ପ୍ରତି ଭୂଇଁ ଚୂଡାରେ ୪ଟି ଲେଖାଏ ପାଖୁଡ଼ା ବିନ୍ଧ ଏବଂ ୨ଟି ଲେଖାଏ ଖମ୍ବୀ ସଂଯୋଗ ବିନ୍ଧ ହୋଇ ୧୨ ଚଉତାରେ ୭୨ ବିନ୍ଧ କାର୍ଯ୍ୟ ଜାରି ରଖିଛନ୍ତି। ଏଥିସହ ୩ ରଥର ୨ଟି ଲେଖାଏ ଗରଗରା କାଠର ଚଉପଟ କାର୍ଯ୍ୟ ୩ ରଥର ମହାରଣା ସେବକମାନେ ଜାରି ରଖିଛନ୍ତି। ବାହାର ରଥ ଖଳାରେ ୩ ରଥର ମହାରଣା ସେବକମାନେ ପାଟଦଣ୍ଡା ଚଉପଟ କାର୍ଯ୍ୟ ଜାରି ରଖିଛନ୍ତି। ୩ ରଥର ରୂପକାର ସେବକମାନେ କୋଣଗୁଜରେ ସିଂହ ବିରାଳ ରୂପ ଖୋଦେଇ ସହ ଖୋଦେଇ ଶେଷ ହୋଇଥିବା ରୂପଗୁଡ଼ିକର ପଲିସ କାର୍ଯ୍ୟ ଜାରି ରଖିଛନ୍ତି। ଦୋଳବେଦି ଅସ୍ଥାୟୀ କମାରଶାଳରେ ଓଝା ସେବକମାନେ ଗୟଳ କଣ୍ଟା, ଭୂଇଁ କଣ୍ଟା ଏବଂ ବିଡିଆ କଣ୍ଟା ନିର୍ମାଣ ଜାରି ରଖିଛନ୍ତି। ଏଥିସହ କରତି ସେବକମାନେ ଶନିବାର ନନ୍ଦିଘୋଷ ରଥର ୨ଟି ଗରଗର କାଠର ମାପ ପ୍ରକାରେ ବଳକା ଅଂଶ କଟିଂ କରିବା ସହ ନନ୍ଦିଘୋଷ ରଥର ପୋଲ ଗୟଳ ଚିରଟ କାର୍ଯ୍ୟ ଜାରି ରଖିଛନ୍ତି।

## ୧୯୭୧ ଭଳି ଚଳିତ ବର୍ଷ ୧୩ ଦିନ ଅଣସର

### ଦଇତାପତି, ପୂଜାପଣ୍ଡା ନିଯୋଗ ସହ ଶ୍ରୀମନ୍ଦିର ପ୍ରଶାସନର ବୈଠକ

ପୁରୀ,୮।୬(ଅଜିତ୍ ମହାନ୍ତି)

ଚଳିତବର୍ଷ ମହାପ୍ରଭୁଙ୍କ ବିଶ୍ୱପ୍ରସିଦ୍ଧ ଘୋଷଯାତ୍ରା ଜୁଲାଇ ୭ତାରିଖରେ ଅନୁଷ୍ଠିତ ହେବ। ଆସନ୍ତା ୨୨ତାରିଖରେ ସ୍ନାନପୂର୍ଣ୍ଣିମା ଅନୁଷ୍ଠିତ ହେବ। ତେବେ ଚଳିତବର୍ଷ ମହାପ୍ରଭୁଙ୍କ ଅଣସର ୧୫ଦିନ ପରିବର୍ତ୍ତେ ୧୩ଦିନ ପଡୁଛି। ଫଳରେ ଶ୍ରୀଗୁଣ୍ଡିଚା ଯାତ୍ରା ଦିନ ନେତ୍ରୋତ୍ସବ, ନବଯୌବନ ଦର୍ଶନ ପଡୁଛି। ଗୋଟିଏ ଦିନରେ ନୀତି କେଉଁଭଳି ଭାବରେ ଅନୁଷ୍ଠିତ ହେବ ସେନେଇ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସେବାୟତଙ୍କ ସହ ଆଲୋଚନା କରାଯାଉଛି। ରଥଯାତ୍ରା ନୀତି ଶୃଙ୍ଖଳିତ ଭାବରେ ହେବା ସହ ରଥଯାତ୍ରା ଯେପରି ସୁରୁଖୁରୁରେ ହେବ ସେନେଇ ଶ୍ରୀମନ୍ଦିର କାର୍ଯ୍ୟାଳୟ ପରିସରରେ ଶ୍ରୀମନ୍ଦିର ଦଇତାପତି ନିଯୋଗର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଶନିବାର ଅନୁଷ୍ଠିତ ହୋଇଯାଇଛି।

ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ପ୍ରଥମେ ଦଇତାପତି ନିଯୋଗ ସହ ଆଲୋଚନା କରାଯିବା ପରେ ପୂଜାପଣ୍ଡା ନିଯୋଗ ସହ ଆଲୋଚନା ହୋଇଥିଲା। ବୈଠକରେ ସ୍ନାନଯାତ୍ରା ଓ ରଥଯାତ୍ରା ନେଇ ଆଲୋଚନା ହୋଇଛି। ୧୯୭୧ ମସିହାରେ ମଧ୍ୟ ୧୩ଦିନିଆ ଅଣସର ପଡ଼ିଥିଲା। ତେଣୁ ସେହି ବର୍ଷ ଭଳି ଚଳିତ ବର୍ଷ ରଥଯାତ୍ରା ନୀତି କରିବାକୁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ପ୍ରସ୍ତୁତ କରିବାକୁ ନିଷ୍ପତ୍ତି ନିଆଯାଇଛି। ବୈଠକ ସମ୍ପର୍କରେ ଦଇତାପତି ନିଯୋଗ ସମ୍ପାଦକ ରାମକୃଷ୍ଣ ଦାସ ମହାପାତ୍ର ସୂଚନା ଦେଇ କହିଛନ୍ତି, ଚଳିତ ବର୍ଷ ଅଣସର ୧୩ ଦିନ ପଡୁଥିବାରୁ ଗୋଟିଏ ଦିନରେ ନବଯୌବନ ଦର୍ଶନ, ନେତ୍ରୋତ୍ସବ ଓ ଶ୍ରୀଗୁଣ୍ଡିଚା ଯାତ୍ରା କିପରି ଶୃଙ୍ଖଳିତ ଭାବରେ ହେବ ସେନେଇ ବୈଠକରେ ଆଲୋଚନା ହୋଇଛି। ୧୯୭୧ ମସିହା ରଥଯାତ୍ରାର ଯେପରି ହୋଇଥିଲା ତାହାର କପି ଶ୍ରୀମନ୍ଦିର ପ୍ରଶାସନକୁ ମଗାଯାଇଛି। ଉକ୍ତ ନୀତିକାନ୍ତିକୁ ଦେଖିବା ପରେ ଚଳିତ ବର୍ଷ ରଥଯାତ୍ରାର ନୀତିକାନ୍ତି ସମ୍ପାଦନ କରାଯିବ ବୋଲି ଦାସ ମହାପାତ୍ର କହିଛନ୍ତି। ଅପରପକ୍ଷରେ ଦଇତାପତି ନିଯୋଗ ସହ ବୈଠକ ଅନୁଷ୍ଠିତ ହେବା ପରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ପୂଜାପଣ୍ଡା ନିଯୋଗ ସହ ରଥଯାତ୍ରା ସମ୍ପର୍କରେ ଆଲୋଚନା କରିଥିଲେ। ଏନେଇ ପୂଜାପଣ୍ଡା ନିଯୋଗ ତଥା ଶ୍ରୀମନ୍ଦିର ପରିଚାଳନା କମିଟି ସଦସ୍ୟ ମାଧବ ପୂଜାପଣ୍ଡା କହିଛନ୍ତି, ଚଳିତବର୍ଷ ଅଣବସର ୧୩ ଦିନ ପଡୁଛି, ରଥଯାତ୍ରାକୁ ମିଶାଇଲେ ୧୫ ଦିନ ହେଉଛି। ତେଣୁ କେଉଁଦିନ ଆଜ୍ଞାମାଳ ବିଜେ ହେବ। ରଥଖଳାରୁ ସିଂହଦ୍ୱାରକୁ ରଥ ଟଣା ହୋଇଯିବ ସେ ନେଇ ଆଲୋଚନା କରାଯାଇଛି। ଚଳିତ ବର୍ଷ ନବଯୌବନ ଦର୍ଶନ ଓ ରଥଯାତ୍ରା ଗୋଟିଏ ଦିନରେ ପଡୁଥିବାରୁ ଭକ୍ତମାନେ ଶ୍ରୀମନ୍ଦିରରେ ନବଯୌବନ ଦର୍ଶନରୁ ବଞ୍ଚିତ ହେବେ। ତେବେ ନୀତି ନିର୍ଘଣ୍ଟ ଚୂଡ଼ାନ୍ତ ହେବାପରେ କାର୍ଯ୍ୟକ୍ରମସ୍ଥିର କରାଯିବ। ୧୯୭୧ ମସିହାରେ ନୀତି ସମ୍ପନ୍ନ ହୋଇ ରଥଟଣା ହେବାବେଳକୁ ସନ୍ଧ୍ୟା ହୋଇଯାଇଥିଲା। କିଛି ବାଟ ରଥ ଟଣାହୋଇ ରହିଥିଲା। ପରଦିନ ପୁନର୍ବାର ରଥ ଟଣା ହୋଇଥିଲା। ଚଳିତବର୍ଷ ଯେହେତୁ ଗୋଟିଏ ଦିନରେ ନବଯୌବନ ଓ ଶ୍ରୀଗଣ୍ଡିଚା ପଡୁଥିବାରୁ ରଥଟଣା ବିଳମ୍ବ ହୋଇପାରେ। ତେବେ ମହାପ୍ରଭୁଙ୍କ ଇଚ୍ଛାରେ ସବୁକିଛି ହୁଏ। ମହାପ୍ରଭୁ ଚାହିଁଲେ ସମସ୍ତ କାର୍ଯ୍ୟ ଶୃଙ୍ଖଳିତ ଭାବରେ ସମ୍ପନ୍ନ ହେବ ବୋଲି ପୂଜାପଣ୍ଡା ସୂଚନା ଦେଇ କହିଛନ୍ତି। ବୈଠକରେ ଶ୍ରୀମନ୍ଦିର ଉପମୁଖ୍ୟ ପ୍ରଶାସକ ତଥା ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁଙ୍କ ସହ ଶ୍ରୀମନ୍ଦିର ପ୍ରଶାସନର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### କମ୍ପୁପାଣି ସାମନ୍ତଙ୍କୁ ‘ଭଞ୍ଜ ସୌରଭ ସମ୍ମାନ’

ଭୁବନେଶ୍ୱର,୮।୬(ଶର୍ମିଷ୍ଠା ପାଣିଗ୍ରାହୀ)

ପ୍ରକାଶନୀ ସଂସ୍ଥା ଏଥେନା ବୁକ୍ସର ବର୍ଷବ୍ୟାପୀ ରୌପ୍ୟ ଜୟନ୍ତୀ ପାଳନ ପରିପ୍ରେକ୍ଷୀରେ ଶନିବାର ଭାରତୀୟ ବିଦ୍ୟାଭବନଠାରେ ଏକ ସାରସ୍ୱତ ସମାରୋହ ଅନୁଷ୍ଠିତ ହୋଇଯାଇଛି। ବିଶିଷ୍ଟ କଥାଶିଳ୍ପୀ ରମେଶ ପଟ୍ଟନାୟକଙ୍କ ପୌରୋହିତ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ପଦ୍ମଶ୍ରୀ ଦେବୀପ୍ରସନ୍ନ ପଟ୍ଟନାୟକ ଉଦଘାଟନ କରିଥିଲେ। ଭୁବନେଶ୍ୱର ଦୂରଦର୍ଶନର ପୂର୍ବତନ ନିର୍ଦ୍ଦେଶକ ଡ. ଶାନ୍ତନୁ କୁମାର ରଥ, ବ୍ରହ୍ମପୁରସ୍ଥିତ ଆଞ୍ଚଳିକ ଉଚ୍ଚଶିକ୍ଷା ନିର୍ଦ୍ଦେଶକ ଡ. ସିଦ୍ଧାର୍ଥ ଶଙ୍କର ପାଢ଼ୀ, ଶାନ୍ତି ନିକେତନ ବିଶ୍ୱଭାରତୀ ବିଶ୍ୱବିଦ୍ୟାଳୟ ଓଡ଼ିଆ ବିଭାଗ ସହକାରୀ ପ୍ରଫେସର ଡ. ଶରତ କୁମାର ଜେନା ଅତିଥି ଭାବେ ଉପସ୍ଥିତ ଥିଲେ। ଏହି ଅବସରରେ ଭଞ୍ଜ ସାହିତ୍ୟର ଗବେଷକ ଡ. କମ୍ପୁପାଣି ସାମନ୍ତଙ୍କୁ ‘ଭଞ୍ଜ ସୌରଭ ସମ୍ମାନ’ରେ ସମ୍ମାନିତ କରାଯାଇଥିଲା। ଡ. ସାମନ୍ତଙ୍କ ସମାଲୋଚନା ଗ୍ରନ୍ଥ ‘ଲୋକ ସଂସ୍କୃତିର ଭିନ୍ନ ଚର୍ଚ୍ଚା’ ଓ ପ୍ରଫେସର ଡ. ପ୍ରଦୀପ୍ତ ସାମନ୍ତଙ୍କ ସଂକଳିତ ପୁସ୍ତକ ‘ଡ. କମ୍ପୁପାଣି ସାମନ୍ତଙ୍କ ସାରସ୍ୱତ ଯାତ୍ରା : ଏକ ସୂଚୀପତ୍ର’ ଅତିଥିଙ୍କ ଦ୍ୱାରା ଲୋକାର୍ପିତ ହୋଇଥିଲା। ରୌପ୍ୟ ଜୟନ୍ତୀ ସମିତିର କାର୍ଯ୍ୟକାରୀ ସଭାପତି ଡ. କୁଳମଣି ଓଝାଙ୍କ ସଂଯୋଜନାରେ ସଂଚାଳିତ ମୁଦ୍ରାକର ଓ ବାଇଣ୍ଡର୍ ଦିଲୀପ କୁମାର ପାତ୍ର, ଏଥେନା ବୁକ୍ସର କମ୍ପ୍ୟୁଟର୍ ବିଭାଗରେ କାର୍ଯ୍ୟରତ ରଞ୍ଜନା ପଟ୍ଟନାୟକ, ପ୍ରିୟଦର୍ଶନୀ ମହାରଣା, ପ୍ରଗତି ମହାପାତ୍ର, ପ୍ରଚ୍ଛଦ ଶିଳ୍ପୀ ଓ ଡିଜାଇନର୍ ପିଙ୍କିନା ଖଟୁଆ, କାର୍ଯ୍ୟାଳୟ କର୍ମଚାରୀ ଲକ୍ଷ୍ମଣ ବିଶ୍ୱାଳ ଓ ଦୈତାରି ମହାରଣାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସତ୍ୟ ନାରାୟଣ ମହାପାତ୍ର ଏଥେନା ବୁକ୍ସ ପ୍ରକାଶନର ସଂକ୍ଷିପ୍ତ ଇତିବୃତ୍ତ ସଂପର୍କରେ ସୂଚନା ପ୍ରଦାନ କରିଥିଲେ। ରାଜକିଶୋର ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

### ଅଭିମନ୍ୟୁଙ୍କ ରଚନାରେ ଭକ୍ତିଭାବ ପାଠକଙ୍କୁ ଆନନ୍ଦ ଦେଇଛି

ଭୁବନେଶ୍ୱର,୮।୬(ଶର୍ମିଷ୍ଠା ପାଣିଗ୍ରାହୀ)

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ବିଦଗ୍ଧ କବି ଅଭିମନ୍ୟୁ ସାମନ୍ତ ସିଂହାରଙ୍କ ୨୧୮ତମ ପୁଣ୍ୟତିଥି ଶନିବାର ଭୁବନେଶ୍ୱର ମଧୁସୂଦନ ନଗରସ୍ଥିତ ପ୍ରତିମୂର୍ତ୍ତିସ୍ଥଳୀରେ ଅନୁଷ୍ଠିତ ହୋଇଯାଇଛି। ପୂଜ୍ୟପୂଜା ଅଧିକାରୀ ଲକ୍ଷ୍ମୀଧର ବେହେରାଙ୍କ ସଂଯୋଜନାରେ କାର୍ଯ୍ୟକ୍ରମରେ ଅଭିମନ୍ୟୁ ସ୍ମୃତି ସଂସଦ ସଭାପତି ପୂର୍ବତନ ମନ୍ତ୍ରୀ ଅମର ପ୍ରସାଦ ଶତପଥୀ, ଗାନ୍ଧୀବାଦୀ ବିଜୟ ତ୍ରିପାଠୀ, ସମାଜସେବୀ ପଣ୍ଡିତ ଗିରିଜା ଶଙ୍କର ମହାପାତ୍ର, ନାରୀନେତ୍ରୀ ଅନୁପମା ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଅଭିମନ୍ୟୁଙ୍କ ରଚନାରେ ଭକ୍ତିଭାବ ସହ ଅପ୍ରାକୃତ ପ୍ରେମ ଭାବ ଭକ୍ତମାନଙ୍କୁ ମନ୍ତ୍ରମୁଗ୍ଧ କରିଆସିଛି। ତାଙ୍କ କାଳଜୟୀ କାବ୍ୟ କବିତା ସବୁ ସମୟରେ ପାଠକଙ୍କୁ ଭକ୍ତି ଭାବନା ସହ ଭରପୁର ଆନନ୍ଦ ପ୍ରଦାନ କରିଆସିଛି ବୋଲି ଉପସ୍ଥିତ ବ୍ୟକ୍ତିବିଶେଷ ମତ ଦେଇଥିଲେ। ଗାନ୍ଧୀବାଦୀ ବିଜୟ କୁମାର ତ୍ରିପାଠୀଙ୍କୁ ‘ବିଦଗ୍ଧ କବି ଅଭିମନ୍ୟୁ ସାମନ୍ତସିଂହାର ସ୍ମୃତି ସମ୍ମାନ’ରେ ସମ୍ମାନିତ କରାଯାଇଥିଲା।

# ୧୯୭୧ ଭଳି ଚଳିତ ବର୍ଷ ୧୩ ଦିନ ଅଣସର

## ଦଇତାପତି, ପୂଜାପଣ୍ଡା ନିଯୋଗ ସହ ଶ୍ରୀମନ୍ଦିର ପ୍ରଶାସନର ବୈଠକ

ପୁରୀ,୮।୬(ଅଜିତ୍ ମହାନ୍ତି)

ଚଳିତବର୍ଷ ମହାପ୍ରଭୁଙ୍କ ବିଶ୍ୱପ୍ରସିଦ୍ଧ ଘୋଷଯାତ୍ରା ଜୁଲାଇ ୭ତାରିଖରେ ଅନୁଷ୍ଠିତ ହେବ। ଆସନ୍ତା ୨୨ତାରିଖରେ ସ୍ନାନପୂର୍ଣ୍ଣିମା ଅନୁଷ୍ଠିତ ହେବ। ତେବେ ଚଳିତବର୍ଷ ମହାପ୍ରଭୁଙ୍କ ଅଣସର ୧୫ଦିନ ପରିବର୍ତ୍ତେ ୧୩ଦିନ ପଡୁଛି। ଫଳରେ ଶ୍ରୀଗୁଣ୍ଡିଚା ଯାତ୍ରା ଦିନ ନେତ୍ରୋତ୍ସବ, ନବଯୌବନ ଦର୍ଶନ ପଡୁଛି। ଗୋଟିଏ ଦିନରେ ନୀତି କେଉଁଭଳି ଭାବରେ ଅନୁଷ୍ଠିତ ହେବ ସେନେଇ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସେବାୟତଙ୍କ ସହ ଆଲୋଚନା କରାଯାଉଛି। ରଥଯାତ୍ରା ନୀତି ଶୃଙ୍ଖଳିତ ଭାବରେ ହେବା ସହ ରଥଯାତ୍ରା ଯେପରି ସୁରୁଖୁରୁରେ ହେବ ସେନେଇ ଶ୍ରୀମନ୍ଦିର କାର୍ଯ୍ୟାଳୟ ପରିସରରେ ଶ୍ରୀମନ୍ଦିର ଦଇତାପତି ନିଯୋଗର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଶନିବାର ଅନୁଷ୍ଠିତ ହୋଇଯାଇଛି।

ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ପ୍ରଥମେ ଦଇତାପତି ନିଯୋଗ ସହ ଆଲୋଚନା କରାଯିବା ପରେ ପୂଜାପଣ୍ଡା ନିଯୋଗ ସହ ଆଲୋଚନା ହୋଇଥିଲା। ବୈଠକରେ ସ୍ନାନଯାତ୍ରା ଓ ରଥଯାତ୍ରା ନେଇ ଆଲୋଚନା ହୋଇଛି। ୧୯୭୧ ମସିହାରେ ମଧ ୧୩ଦିନିଆ ଅଣସର ପଡ଼ିଥିଲା। ତେଣୁ ସେହି ବର୍ଷ ଭଳି ଚଳିତ ବର୍ଷ ରଥଯାତ୍ରା ନୀତି କରିବାକୁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ପ୍ରସ୍ତୁତ କରିବାକୁ ନିଷ୍ପତ୍ତି ନିଆଯାଇଛି। ବୈଠକ ସମ୍ପର୍କରେ ଦଇତାପତି ନିଯୋଗ ସମ୍ପାଦକ ରାମକୃଷ୍ଣ ଦାସ ମହାପାତ୍ର ସୂଚନା ଦେଇ କହିଛନ୍ତି, ଚଳିତ ବର୍ଷ ଅଣସର ୧୩ ଦିନ ପଡୁଥିବାରୁ ଗୋଟିଏ ଦିନରେ ନବଯୌବନ ଦର୍ଶନ, ନେତ୍ରୋତ୍ସବ ଓ ଶ୍ରୀଗୁଣ୍ଡିଚା ଯାତ୍ରା କିପରି ଶୃଙ୍ଖଳିତ ଭାବରେ ହେବ ସେନେଇ ବୈଠକରେ ଆଲୋଚନା ହୋଇଛି। ୧୯୭୧ ମସିହା ରଥଯାତ୍ରାର ଯେପରି ହୋଇଥିଲା ତାହାର କପି ଶ୍ରୀମନ୍ଦିର ପ୍ରଶାସନକୁ ମଗାଯାଇଛି। ଉକ୍ତ ନୀତିକାନ୍ତିକୁ ଦେଖିବା ପରେ ଚଳିତ ବର୍ଷ ରଥଯାତ୍ରାର ନୀତିକାନ୍ତି ସମ୍ପାଦନ କରାଯିବ ବୋଲି ଦାସ ମହାପାତ୍ର କହିଛନ୍ତି। ଅପରପକ୍ଷରେ ଦଇତାପତି ନିଯୋଗ ସହ ବୈଠକ ଅନୁଷ୍ଠିତ ହେବା ପରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ପୂଜାପଣ୍ଡା ନିଯୋଗ ସହ ରଥଯାତ୍ରା ସମ୍ପର୍କରେ ଆଲୋଚନା କରିଥିଲେ। ଏନେଇ ପୂଜାପଣ୍ଡା ନିଯୋଗ ତଥା ଶ୍ରୀମନ୍ଦିର ପରିଚାଳନା କମିଟି ସଦସ୍ୟ ମାଧବ ପୂଜାପଣ୍ଡା କହିଛନ୍ତି, ଚଳିତବର୍ଷ ଅଣବସର ୧୩ ଦିନ ପଡୁଛି, ରଥଯାତ୍ରାକୁ ମିଶାଇଲେ ୧୫ ଦିନ ହେଉଛି। ତେଣୁ କେଉଁଦିନ ଆଜ୍ଞାମାଳ ବିଜେ ହେବ। ରଥଖଳାରୁ ସିଂହଦ୍ୱାରକୁ ରଥ ଟଣା ହୋଇଯିବ ସେ ନେଇ ଆଲୋଚନା କରାଯାଇଛି। ଚଳିତ ବର୍ଷ ନବଯୌବନ ଦର୍ଶନ ଓ ରଥଯାତ୍ରା ଗୋଟିଏ ଦିନରେ ପଡୁଥିବାରୁ ଭକ୍ତମାନେ ଶ୍ରୀମନ୍ଦିରରେ ନବଯୌବନ ଦର୍ଶନରୁ ବଞ୍ଚିତ ହେବେ। ତେବେ ନୀତି ନିର୍ଘଣ୍ଟ ଚୂଡ଼ାନ୍ତ ହେବାପରେ କାର୍ଯ୍ୟକ୍ରମସ୍ଥିର କରାଯିବ। ୧୯୭୧ ମସିହାରେ ନୀତି ସମ୍ପନ୍ନ ହୋଇ ରଥଟଣା ହେବାବେଳକୁ ସନ୍ଧ୍ୟା ହୋଇଯାଇଥିଲା। କିଛି ବାଟ ରଥ ଟଣାହୋଇ ରହିଥିଲା। ପରଦିନ ପୁନର୍ବାର ରଥ ଟଣା ହୋଇଥିଲା। ଚଳିତବର୍ଷ ଯେହେତୁ ଗୋଟିଏ ଦିନରେ ନବଯୌବନ ଓ ଶ୍ରୀଗଣ୍ଡିଚା ପଡୁଥିବାରୁ ରଥଟଣା ବିଳମ୍ବ ହୋଇପାରେ। ତେବେ ମହାପ୍ରଭୁଙ୍କ ଇଚ୍ଛାରେ ସବୁକିଛି ହୁଏ। ମହାପ୍ରଭୁ ଚାହିଁଲେ ସମସ୍ତ କାର୍ଯ୍ୟ ଶୃଙ୍ଖଳିତ ଭାବରେ ସମ୍ପନ୍ନ ହେବ ବୋଲି ପୂଜାପଣ୍ଡା ସୂଚନା ଦେଇ କହିଛନ୍ତି। ବୈଠକରେ ଶ୍ରୀମନ୍ଦିର ଉପମୁଖ୍ୟ ପ୍ରଶାସକ ତଥା ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁଙ୍କ ସହ ଶ୍ରୀମନ୍ଦିର ପ୍ରଶାସନର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

## ରଥଖଳାରୁ...

### ୩ ରଥର ୪୨ ଚକ ନିର୍ମାଣ ଶେଷ



**ପୁରୀ,୮।୬(ଅଜିତ୍ ମହାନ୍ତି):** ଶ୍ରୀନହରସ୍ଥିତ ଅସ୍ଥାୟୀ ରଥଖଳାରେ ୩ ରଥର ଶେଷ ୩ ଚକର ନିର୍ମାଣ ଶେଷହୋଇ ରଥର ପାଟଦଣ୍ଡା ଚଉପଟ କାର୍ଯ୍ୟ ଜାରି ରହିଛି। ୩ ରଥର ୩ ଭୂଇଁ ପାଇଁ ୧୨ଟି ଲେଖାଏ ଚଉପଟ ଭୂଇଁ ଚଉତା କାଠରେ ପାଖୁଡ଼ା ବିନ୍ଧ ଆରମ୍ଭ ହୋଇଛି। ୩ ରଥର ୨ଟି ଲେଖାଏ ଗରଗରା କାଠର ଚଉପଟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ନନ୍ଦିଘୋଷ ରଥ ପୋଲ ଗୟଳ ଉଭୟ ପାର୍ଶ୍ୱ ସମତଳ ପରେ ଚିରଟ କାର୍ଯ୍ୟ ଆରମ୍ଭ ହୋଇଛି। ୩ ରଥର ୪ ନାହାକା ନିର୍ମାଣ ପାଇଁ ରଥ ଅମିନ ଭୋଇ ସେବକଙ୍କ ସହାୟତାରେ ୩ ରଥ ଚାଳିକୁ ପ୍ରଥମ ଦଫାରେ ୨ଟି ଲେଖାଏ ୨୦ଫୁଟିଆ ଧଉରା କାଠ ଯୋଗାଇ ଦିଆଯାଇଛି। ୩ ରଥର ମହାରଣା ସେବକମାନେ ଭୋଇ ସେବକଙ୍କ ସହଯୋଗରେ ଶନିବାର ୨ ରଥର ବାକିଥିବା ଗୋଟିଏ ଗୋଟିଏ ଚକ ନିର୍ମାଣ ଶେଷ ପରେ ୩ ରଥର ମୋଟ ୪୨ଟି ଚକ ନିର୍ମାଣ ସମ୍ପୂର୍ଣ୍ଣ ହୋଇଛି। ଏଥିସହ ୩ ରଥର ମହାରଣା ସେବକମାନେ ୩ ରଥର ୧୨ଟି ଲେଖାଏ ଚଉପଟ ଭୂଇଁ ଚଉତାରେ ପାଖୁଡ଼ା ବିନ୍ଧ କାର୍ଯ୍ୟ ଆରମ୍ଭ କରିଛନ୍ତି। ପ୍ରତି ଭୂଇଁ ଚୂତାରେ ୪ଟି ଲେଖାଏ ପାଖୁଡ଼ା ବିନ୍ଧ ଏବଂ ୨ଟି ଲେଖାଏ ଖମ୍ବୀ ସଂଯୋଗ ବିନ୍ଧ ହୋଇ ୧୨ ଚଉତାରେ ୭୨ ବିନ୍ଧ କାର୍ଯ୍ୟ ଜାରି ରଖିଛନ୍ତି। ଏଥିସହ ୩ ରଥର ୨ଟି ଲେଖାଏ ଗରଗରା କାଠର ଚଉପଟ କାର୍ଯ୍ୟ ୩ ରଥର ମହାରଣା ସେବକମାନେ ଜାରି ରଖିଛନ୍ତି। ବାହାର ରଥ ଖଳାରେ ୩ ରଥର ମହାରଣା ସେବକମାନେ ପାଟଦଣ୍ଡା ଚଉପଟ କାର୍ଯ୍ୟ ଜାରି ରଖିଛନ୍ତି। ୩ ରଥର ରୂପକାର ସେବକମାନେ କୋଣଗୁଜରେ ସିଂହ ବିରାଳ ରୂପ ଖୋଦେଇ ସହ ଖୋଦେଇ ଶେଷ ହୋଇଥିବା ରୂପଗୁଡ଼ିକର ପଲିସ କାର୍ଯ୍ୟ ଜାରି ରଖିଛନ୍ତି। ଦୋଳବେଦି ଅସ୍ଥାୟୀ କମାରଶାଳରେ ଓଝା ସେବକମାନେ ଗୟଳ କଣ୍ଟା, ଭୂଇଁ କଣ୍ଟା ଏବଂ ବିଡିଆ କଣ୍ଟା ନିର୍ମାଣ ଜାରି ରଖିଛନ୍ତି। ଏଥିସହ କରତି ସେବକମାନେ ଶନିବାର ନନ୍ଦିଘୋଷ ରଥର ୨ଟି ଗରଗର କାଠର ମାପ ପ୍ରକାରେ ବଳକା ଅଂଶ କଟିଂ କରିବା ସହ ନନ୍ଦିଘୋଷ ରଥର ପୋଲ ଗୟଳ ଚିରଟ କାର୍ଯ୍ୟ ଜାରି ରଖିଛନ୍ତି।

# ‘ଯୁବଶକ୍ତି ଦେଶ, ସମାଜର ସର୍ବବୃହତ୍ ଶକ୍ତି’




ଉଦ୍‌ଘାଟନୀ ଉତ୍ସବରେ ଉପସ୍ଥିତ ଅତିଥି ଏବଂ ଅନ୍ୟମାନେ।

## ୪୬ତମ ରାଜ୍ୟସ୍ତରୀୟ ବାର୍ଷିକ ଇଜ୍‌ତେମା ଉଦ୍‌ଘାଟିତ

ଖୋର୍ଦ୍ଧା,୮।୬(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ଉପକଣ୍ଠ କେରଙ୍ଗ ମହମୁଦାବାଦ ମସ୍‌ଜିଦ୍ ପରିସରରେ ଅଲ୍ ଓଡ଼ିଶା ଅହମ୍ମଦୀୟା ଯୁବ ସଙ୍ଗଠନ ମଜ୍‌ଲିସ ଖୁଦ୍ଦାମୁଲ ଓ ଅତଫାଲୁଲ ଅହମ୍ମଦୀୟାର ୪୬ତମ ରାଜ୍ୟସ୍ତରୀୟ ବାର୍ଷିକ ଇଜତେମା ଉଦ୍‌ଘାଟିତ ହୋଇଯାଇଛି। ଦୁଇଦିନ ଧରି ଚାଲିବାକୁ ଏହି କାର୍ଯ୍ୟକ୍ରମର ଉଦ୍‌ଘାଟନୀ ଉତ୍ସବରେ ଅଖିଳ ଭାରତ ଅହମ୍ମଦୀୟା ଯୁବ ସଙ୍ଗଠନର ସଭାପତି ମୌଲାନା ଶମିମ୍ ଅହମ୍ମଦ ଘୋରି ପୌରୋହିତ୍ୟ କରିଥିଲେ। ଅତାଉଲ ଶାଫି କୋରାନ ପାଠ କରିଥିଲେ। ଅନୁଷ୍ଠାନର ସଭାପତି ଶପଥପାଠ କରାଇଥିଲେ। ଖୋର୍ଦ୍ଧା ଓ ନୟାଗଡ଼ର ଜିଲା ସଭାପତି ଅମିରୁଦ୍ଦିନ ଖାଁ ମୁଖ୍ୟ ଅତିଥି, କଟକ ଜିଲା ସଭାପତି ଅବଦୁଲ ମାଲିକ, ମୌଲାନା ମିର୍ ଅବଦୁଲ ହାଫିଜ୍, ଇଷ୍ଟ ଇଣ୍ଡିଆ ଅହମ୍ମଦୀୟା ଯୁବ ସଙ୍ଗଠନର ଉପସଭାପତି ସୟଦ ଅକିଲ ଅହମ୍ମଦ, ବାଲେଶ୍ୱର ଜିଲା ଯୁବ ସଙ୍ଗଠନର ସଭାପତି ସିଦ୍ଦିକ୍ ଖାଁ, ଭଦ୍ରକ ଜିଲା ଯୁବ ସଙ୍ଗଠନର ସଭାପତି ସୁଲତାନ ଅହମଦ, କଟକ ଜିଲା ଯୁବ ସଙ୍ଗଠନର ସଭାପତି ମହମ୍ମଦ ଶଫାକତ ଅଲ୍ଲି, ଖୋର୍ଦ୍ଧା ଓ ନୟାଗଡ଼ ଜିଲା ଯୁବ ସଙ୍ଗଠନର ସଭାପତି ତବରେଜ ଅହମ୍ମଦ, ପୂର୍ବତନ ଯୁବ ସଙ୍ଗଠନର ସଭାପତି ଅଜିଜୁଲ୍ଲା ଖାଁ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇ ଯୁବକମାନଙ୍କୁ ଉତ୍ସାହିତ କରିଥିଲେ। ସଭାପତିତ୍ୱ ଭାଷଣରେ ମୌଲାନା ଶମିମ୍ ଅହମ୍ମଦ ଘୋରି କହିଥିଲେ, ଯୁବଶକ୍ତି ଦେଶ ଓ ସମାଜର ସର୍ବବୃହତ୍ ଶକ୍ତି। ଶିକ୍ଷା, ଜ୍ଞାନ ଆହରଣ ସହ ସଂସ୍କାର ଓ ଶିଷ୍ଟାଚାର ଶିଖିବା ନିହାତି ଆବଶ୍ୟକ। ଧୈର୍ଯ୍ୟ, ସହନଶୀଳତା, ସରଳତା, ସକାରାତ୍ମକତା, ସଂଯମତା ତଥା ସମନ୍ୱୟତାର ଚରିତ୍ର ଗଠନ କରିବା ପାଇଁ ଅହମ୍ମଦୀୟା ଯୁବ ସମାଜକୁ ସେ ଆହ୍ୱାନ ଦେଇଥିଲେ। ଦୁଇଦିନ ଧରି ୧୦୦ ମିଟର ଦୌଡ଼, ହାଇଜମ୍ପ, ଲଙ୍ଗଜମ୍ପ, ଫୁଟ୍‌ବଲ, ଭଲିବଲ, ବାଟୁଳି ଚାଳନା ଏବଂ ସାଂସ୍କୃତିକ ଓ ଧାର୍ମିକ କାର୍ଯ୍ୟକ୍ରମରେ କୋରାନ ପାଠ ଓ ମୁଖସ୍ତ, ବକ୍ତୃତା, କୁଇଜ୍ ଆଦି ପ୍ରତିଯୋଗିତା ଜାରି ରହିବ ବୋଲି ଇଜ୍‌ତେମା କମିଟି ମୁଖ୍ୟ ସଚିବ ତବ୍‌ରେଜ ଅହମ୍ମଦ ସୂଚନା ଦେଇଛନ୍ତି।

## ମହାପ୍ରଭୁଙ୍କ ଦର୍ଶନ କଲେ ଆମିକସ୍‌କ୍ୟୁରି

ପୁରୀ,୮।୬(ଅଜିତ୍ କୁମାର ମହାନ୍ତି)

ଆମିକସ୍‌କ୍ୟୁରି ଏନ୍.କେ.ମହାନ୍ତି ଶନିବାର ଅପରାହ୍ନରେ ପୁରୀ ଆସି ମହାପ୍ରଭୁଙ୍କ ଦର୍ଶନ କରି ଆଶିଷ ଲାଭ କରିଛନ୍ତି। ମହାନ୍ତି ଶ୍ରୀମନ୍ଦିର ରତ୍ନସିଂହାସନାରୂଢ଼ ଶ୍ରୀବିଗ୍ରହଙ୍କ ଦର୍ଶନ କରିବା ସହ ଭିତର ବେଢ଼ାରେ ଥିବା ପାର୍ଶ୍ୱଦେବଦେବୀଙ୍କ ଦର୍ଶନ କରିଥିଲେ। ପରେ ଶ୍ରୀମନ୍ଦିର ପରିସରରେ କିଛି ସମୟ ଅତିବାହିତ କରି ଶ୍ରୀମନ୍ଦିରରୁ ପ୍ରସ୍ଥାନ କରିଥିଲେ। ଏହି ଅବସରରେ ଆମିକସ୍‌କ୍ୟୁରି କହିଛନ୍ତି, ମହାପ୍ରଭୁଙ୍କ କାର୍ଯ୍ୟ କରିବାକୁ ଦାୟିତ୍ୱ ଦେଇଥିବାରୁ ଓଡ଼ିଶା ହାଇକୋର୍ଟଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ। ନାଟ ମଣ୍ଡପ ବିମ୍ କାର୍ଯ୍ୟ ସରିଥିବା ନେଇ ଖୁସିବ୍ୟକ୍ତ କରିଥିଲେ। ତେବେ ଶ୍ରୀମନ୍ଦିରକୁ ଆଲୋକୀକରଣ କରିବା ନିମନ୍ତେ ଲଗାଯାଇଥିବା ଲାଇଟ କଢ଼ାଯାଇଥିବା ଜାଣିବା ପାଇବା ପରେ ଦୁଃଖ ଲାଗିଥିଲା। ତେଣୁ ତୁରନ୍ତ ଏହାର ସମାଧାନ କରିବାକୁ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କୁ ଫୋନ କରିଥିଲି। ତେବେ ଲାଇଟ୍ ଲଗାଯିବା ନେଇ ପଦକ୍ଷେପ ନିଆଯାଇଥିବା ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ସୂଚନା ଦେଇଛନ୍ତି। ଘଟଣା ସ୍ଥିତି ଅନୁଧ୍ୟାନ ପାଇଁ ତଦାରଖ କରିବାକୁ ପୁରୀ ଆସିଥିଲେ ବୋଲି ଆମିକସ୍‌କ୍ୟୁରି କହିଛନ୍ତି। ଲାଇଟ କାଢ଼ିଥିବା ବ୍ୟକ୍ତିଙ୍କ ବିରୋଧରେ ମାମଲା ରୁଜୁ ହେବା ସହ ଘଟଣାର ତଦନ୍ତ ପାଇଁ କୁହାଯାଇଛି। ତଦନ୍ତ ହେବା ପରେ ସମସ୍ତ ତଥ୍ୟ ସାମ୍ନାକୁ ଆସିବ ବୋଲି ମହାନ୍ତି କହିଛନ୍ତି। ସେହିପରି ଶ୍ରୀମନ୍ଦିର ମରାମତି କାର୍ଯ୍ୟ ମଧ ସେ ତଦାରଖ କରିଥିଲେ। ଶ୍ରୀମନ୍ଦିରର ସବୁ ମରାମତି ଓ ରକ୍ଷଣାବେକ୍ଷଣ କାର୍ଯ୍ୟ ଠିକ୍‌ରେ ଚାଲିଛି। ସେହିପରି ଗୁଣ୍ଡିଚା ମନ୍ଦିରର ମରାମତି କାର୍ଯ୍ୟ ଖୁବ୍ ଶୀଘ୍ର ଶେଷ ହେବ ବୋଲି ଆମିକସ୍‌କ୍ୟୁରି ମହାନ୍ତି କହିଛନ୍ତି।

## ୬ ମୋବାଇଲ ଜବତ, ୪ ଗିରଫ

ଭୁବନେଶ୍ୱର,୮।୬ (ସୂର୍ଯ୍ୟକାନ୍ତ ବେହେରା)

ଏମ୍ସରେ ଚିକିତ୍ସିତ ହେଉଥିବା ରୋଗୀଙ୍କ ସଂପର୍କୀୟଙ୍କ ମୋବାଇଲ ଚୋରି କରୁଥିବା ଏକ ଗ୍ୟାଙ୍ଗ୍‌କୁ ଖଣ୍ଡଗିରି ଥାନା ପୋଲିସ ଧରିଛି। ଏହି ର୍ୟାକେଟରେ ସମ୍ପୃକ୍ତ ୪ଜଣଙ୍କୁ ଗିରଫ କରିଛି। ଏମାନଙ୍କ ମଧ୍ୟରେ ୨ ଯୁବକ ଚୋରି କରୁଥିବାବେଳେ ଅନ୍ୟ ୨ଜଣ ସେମାନଙ୍କଠାରୁ ଚୋରା ମୋବାଇଲ କିଣିବା ଅଭିଯୋଗରେ ଗିରଫ ହୋଇଛନ୍ତି। ସେମାନେ ହେଲେ ଖଣ୍ଡଗିରି ଥାନା ଅଞ୍ଚଳର ବିକାଶ ମହାରଣା ଓ ସନ୍ତୋଷ କୁମାର ଭୋଇ। ସେହିପରି ଚୋରା ମୋବାଇଲ କିଣୁଥିବା ଅଭିଯୁକ୍ତ ହେଲେ ବିଶ୍ୱନାଥ ଜେନା ଓ କାଳନ୍ଦି ବିଶ୍ୱାଳ। ସେମାନଙ୍କଠାରୁ ବିଭିନ୍ନ କମ୍ପାନୀର ୬ ଚୋରା ମୋବାଇଲ ଜବତ ହୋଇଛି।

# ଦମ୍ପତିଙ୍କୁ ବନ୍ଧୁକ ଦେଖାଇ ୧.୭୦ ଲକ୍ଷ ଲୁଟିନେଲେ

## ୪୮ ଘଣ୍ଟା ପରେ ବି ପୋଲିସ ହାତ ଖାଲି

ଖୋର୍ଦ୍ଧା/ବେଗୁନିଆ,୮।୬ (ପ୍ରଭାତ ପାଣିଗ୍ରାହୀ/ସନ୍ଧ୍ୟାରାଣୀ ମିଶ୍ର)

ଖୋର୍ଦ୍ଧା ସଦର ଥାନା ଅଞ୍ଚଳରେ ଲୁଟେରାଙ୍କ ଉତ୍ପାତ ବଢ଼ିବାରେ ଲାଗିଛି। ଗତ ଗୁରୁବାର ଦିନଦ୍ୱିପ୍ରହରରେ ଏକ ଦମ୍ପତିଙ୍କ ମୁଣ୍ଡରେ ବନ୍ଧୁକ ଲଗାଇ ୧ଲକ୍ଷ ୭୦ହଜାର ଟଙ୍କା, ସ୍କୁଟି ଓ ମୋବାଇଲ ନେଇଯାଇଛନ୍ତି। ଏନେଇ ଦମ୍ପତିଙ୍କ ଅଭିଯୋଗ ପରେ ଥାନାରେ ଏକ ମାମଲା ରୁଜୁ ହୋଇଛି। ଏହି ଘଟଣା ପରେ ଲୋକେ ଉକ୍ତ ରାସ୍ତାରେ ଯାତାୟାତ କରିବା ପାଇଁ ଭୟଭୀତ ହୋଇପଡ଼ିଛନ୍ତି। ତେବେ ଘଟଣାକୁ ୪୮ ଘଣ୍ଟା ବିତିଯାଇଥିଲେ ମଧ ପୋଲିସ କାହାରିକି ଧରିପାରିନାହିଁ। ଫଳରେ ପୋଲିସର କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ଅଭିଯୋଗ ମୁତାବକ, ବେଗୁନିଆ ବ୍ଲକ ଗୁଡୁମ୍ ଗ୍ରାମର ବଳରାମ ବେହେରା ଏକ ରାଷ୍ଟ୍ରାୟତ୍ତ ବ୍ୟାଙ୍କରେ ବ୍ୟାଙ୍କମିତ୍ର ଭାବେ କାର୍ଯ୍ୟ କରୁଛନ୍ତି। ସବୁଦିନ ଭଳି କାମସାରି ବଳରାମ ସ୍ତ୍ରୀ ରିନାଙ୍କ ସହ ସ୍କୁଟିରେ ଗତ ଗୁରୁବାର ନିଜ ଗ୍ରାମ ଗୋଡ଼ିସାହିକୁ ଫେରୁଥିଲେ। କୋକସିଂହ ଗ୍ରାମ ନିକଟ କାଜୁଜଙ୍ଗଲ ରାସ୍ତା ଦେଇ ଯାଉଥିବା ବେଳେ ହଠାତ୍ ଏକ କଳା ପଲ୍‌ସରରେ ୩ ଜଣ ଯୁବକ ପଛରୁ ପିଛାକରି ଆସି ସ୍କୁଟିକୁ ଅଟକାଇଥିଲେ। ଏହାପରେ ଜଣେ ଯୁବକ ବନ୍ଧୁକ ବାହାରକରି ଦମ୍ପତିଙ୍କୁ ଭୟଭୀତ କରାଇବା ପାଇଁ ମୁଣ୍ଡରେ ଲଗାଇଥିଲେ। ତାଙ୍କ ପାଖରେ ଥିବା ଟଙ୍କା, ସ୍କୁଟି, ଲାପ୍‌ଟପ୍, ବ୍ୟାଙ୍କ କାଗଜପତ୍ର ଛଡ଼ାଇନେଇ ସେଠାରୁ ଫେରାର ହୋଇଯାଇଥିଲେ। ଏନେଇ ଅଭିଯୋଗ ହେବାପରେ ପୋଲିସ ଘଟଣାସ୍ଥଳ ଅନୁଧ୍ୟାନ କରିବା ସହ ତଦନ୍ତ ଜାରି ରଖିଛି।

# ଆଜିଠୁ ପୁରୀରେ ଜାତୀୟ ହାମର ବଲ୍ ଚାମ୍ପିୟନଶିପ

ପୁରୀ,୮।୬(ଅଜିତ୍ ମହାନ୍ତି)

ହାମର୍ ବଲ୍ ଆସୋସିଏଶନ୍ ଅଫ୍ ଇଣ୍ଡିଆ ଏବଂ ହାମର ବଲ୍ ଆସୋସିଏଶନ୍ ଅଫ୍ ଓଡ଼ିଶାର ମିଳିତ ଆନୁକୂଲ୍ୟରେ ପ୍ରଥମ ସିନିୟର ଜାତୀୟ ହାମର ବଲ୍ ପୁରୁଷ ଏବଂ ମହିଳା ଚାମ୍ପିୟନଶିପ୍ କ୍ରୀଡ଼ା ଉତ୍ସବ ପ୍ରଥମ ଥର ପାଇଁ ଶ୍ରୀ ଜଗନ୍ନାଥ ଷ୍ଟାଡିୟମ୍ ପରିସରରେ ଆୟୋଜିତ ହେବାକୁ ଯାଉଛି। ପ୍ରତିଯୋଗିତା ରବିବାର ଜୁନ୍ ୯ ତାରିଖଠାରୁ ୧୨ତାରିଖ ୪ ଦିନ ଧରି ଅନୁଷ୍ଠିତ ହେବ।

ଏ ସମ୍ପର୍କରେ ଅନୁଷ୍ଠାନ ପକ୍ଷରୁ ଶନିବାର ଶ୍ରୀଜଗନ୍ନାଥ ଷ୍ଟାଡିୟମ୍ ସଭା ଗୃହରେ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଛି। ଖବରଦାତା ସମ୍ମିଳନୀରେ ହାମର୍‌ବଲ ଆସୋସିଏଶନ୍ ଅଫ୍ ଇଣ୍ଡିଆର ସଚିବ ମନୀଷ କୁମାର ଶ୍ରୀବାସ୍ତବ, ଜାତୀୟ ଉପ ସଭାପତି ରିଣ୍ଟୁ ମିତ୍ର, ରାଜ୍ୟ ହାମରବଲ୍ ଆସୋସିଏଶନ୍ ଉପ ସଭାପତି ସୋମନାଥ ପଟ୍ଟନାୟକ, ରାଜ୍ୟ ସମ୍ପାଦକ ରାଗିଣୀ ମିତ୍ର, ପରିଚାଳନା କମିଟି ସଦସ୍ୟ ପ୍ରକାଶ ପାତ୍ର, ପ୍ରେମ୍ ଚାନ୍ଦ ବୈଠାରୁ, ରାଜ୍ୟ କୋଚ ରାହୁଲ ତିୱାରୀ ପ୍ରମୁଖ ଉପସ୍ଥିତ ରହି ଏହି ଚାମ୍ପିୟନଶିପ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ପ୍ରଥମ ଜାତୀୟ ହାମର ବଲ୍ ଚାମ୍ପିୟନଶିପ୍ ପ୍ରତିଯୋଗିତାରେ ଦେଶର ୧୮ଗୋଟି ରାଜ୍ୟରୁ ୩୦୦ଜଣ ବାଳିକା ଓ ବାଳକ କ୍ରୀଡାବିତ୍ ଅଂଶଗ୍ରହଣ କରିବେ। ସେହିପରି ପ୍ରତିଯୋଗିତା ସହ ଏକ ୱାର୍କଶପ୍ ମଧ କରାଯିବ। କୋଚ୍‌ମାନଙ୍କୁ ଖେଳ ସମ୍ପର୍କରେ ସୂଚନା ଦିଆଯିବ। ଯାହାଫଳରେ ସେମାନେ ନିଜ ନିଜ ରାଜ୍ୟରେ ଉକ୍ତ ଖେଳକୁ ଅଧିକ ପ୍ରସାରିତ କରିପାରିବେ। ଏହି ଚାମ୍ପିୟନଶିପ୍‌ରେ ୫୦ରୁ ଊର୍ଦ୍ଧ୍ୱ କୋଚ୍ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଖବରଦାତା ସମ୍ମିଳନୀ ଅବସରରେ ଚାମ୍ପିୟନ ଟ୍ରଫିକୁ ଉନ୍ମୋଚନ କରାଯିବା ସହିତ ଓଡ଼ିଶା ହାମରବଲ୍ ଜର୍ସି ପ୍ରଦର୍ଶନ କରାଯାଇଥିଲା। ଅପରପକ୍ଷରେ ଉଦ୍‌ଘାଟନୀ ସମାରୋହ ଏବଂ ଉଦ୍‌ଯାପନୀ ଉତ୍ସବରେ ଓଡ଼ିଶାର କଳା ସଂସ୍କୃତିର ଝଲକ ଓଡ଼ିଶୀ ନୃତ୍ୟ, ସମ୍ବଲପୁରୀ ନୃତ୍ୟ, ମାଲଖମ୍ବ ସମରକଳାର ପ୍ରଦର୍ଶନ ସହିତ ଓଡ଼ିଶାର ପ୍ରତିଷ୍ଠିତ କଳାକାରମାନେ ସଙ୍ଗୀତ ପରିବେଷଣ କରିବାର କାର୍ଯ୍ୟକ୍ରମ ରହିଥିବା ଆୟୋଜକଙ୍କ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି।

# ‘ଉପସରଣମ୍’ରେ ୫୮ ଯୁବଶିଳ୍ପୀଙ୍କ ନୃତ୍ୟ ପରିବେଷଣ

ଭୁବନେଶ୍ୱର,୮।୬(ଶର୍ମିଷ୍ଠା ପାଣିଗ୍ରାହୀ)

ସୃଜନ ପକ୍ଷରୁ ବାର୍ଷିକ ଓଡ଼ିଶୀନୃତ୍ୟ ପ୍ରଦର୍ଶନୀ ‘ଉପସରଣମ୍’ ରବୀନ୍ଦ୍ର ମଣ୍ଡପରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ୫୮ଜଣ ଯୁବ ନୃତ୍ୟଶିଳ୍ପୀଙ୍କ ଏକାଠି ପ୍ରଦର୍ଶନ ଦେଖିବାକୁ ମିଳିଥିଲା ପ୍ରେକ୍ଷାଳୟରେ। ବାଧାବିଘ୍ନର ଚିରସ୍ଥାୟୀ ଅପସାରଣ ଭଗବାନ ଗଣେଶଙ୍କୁ ପ୍ରଣାମକରି ଉପସରଣମ କାର୍ଯ୍ୟକ୍ରମ ବିନାୟକ ସ୍ମରଣରୁ ଆରମ୍ଭ ହୋଇଥିଲା। ଗୁରୁ ରତିକାନ୍ତ ମହାପାତ୍ରଙ୍କ ନୃତ୍ୟ ସଂରଚନା ତଥା ନୃତ୍ୟଶିଳ୍ପୀ ରାଜଶ୍ରୀ ପ୍ରହରାଜଙ୍କ ସଂଯୋଜନାକୁ ନୃତ୍ୟରେ ବଖାଣିଥିଲେ ଅମୃତା, ଅନୁଷ୍କା, ଦୀପନ୍ୱିତା, ମାୟନାତା, ଶିଳ୍ପା ଏବଂ ଶ୍ରେୟା। ଭଗବାନ ଗଣେଶଙ୍କର ୧୨ ନାମ ଓ ଗୁଣକୁ ଓଡ଼ିଶୀ ନୃତ୍ୟ ମଧ୍ୟମରେ ସଜାଡିଥିଲେ ଶିଳ୍ପୀ। ଏହାପରେ ଗୁରୁ କେଳୁଚରଣ ମହାପାତ୍ରଙ୍କ ଏକ କାଳଜୟୀ ରଚନା ବସନ୍ତ ପଲ୍ଲବୀ ପରିବେଷିତ ହୋଇଥିଲା। ସୃଜନର ବରିଷ୍ଠ ସଦସ୍ୟା ଐଶ୍ୱର୍ଯ୍ୟା ସିଂଦେବଙ୍କ ସଂଯୋଜନାରେ ଏହି ନୃତ୍ୟକୁ ଦୃତୀ, ଆୟୁଷୀ, ଶ୍ରେୟାଙ୍ଗଶ୍ରୀ, ସାନ୍ୱି, ଚିନ୍ମୟ, ରୋଶନୀ, ଦୀପନ୍ୱିତା, ନତାଶା, ସୁସମ୍ପନା, ସୁମେରା ଏବଂ ତ୍ରିଷ୍ଟାଙ୍କ ଦ୍ୱାରା ସୁନ୍ଦର ପଦଚାଳନା ଏବଂ ସ୍ୱଚ୍ଛ ଗତିବିଧି ସହ କରାଯାଇଥିଲା। ପରବର୍ତ୍ତୀ ପ୍ରସ୍ତୁତିରେ ଥିଲା ଦେବୀ ମାତାଙ୍ଗୀଙ୍କ ପ୍ରତି ଏକ ପ୍ରଣାମ ମାତଙ୍ଗୀ ଧ୍ୟାନମ୍, ଯାହାର ନୃତ୍ୟ ସଂରଚନା କରିଥିଲେ ଗୁରୁ ରତିକାନ୍ତ ମହାପାତ୍ର ଏବଂ ଦଳଗତ ନୃତ୍ୟ ସଂଯୋଜନା କରିଥିଲେ ଜି. ସଞ୍ଜୟ। ଆଦ୍ୟାଶ୍ରୀ, ଆୟଶା, ଆକାଂକ୍ଷା, ଅକ୍ଷିତା, ଅନୁଷ୍କା, ବିଶାଖା, କବୟା, ପୁଷ୍ପାଞ୍ଜଳି, ରୀତିଶା, ସାନ୍‌ଭି, ସୁବ୍ରଜିତା, ସାଇ ସ୍ମୃତି, ଶୁଭାଙ୍ଗୀ, ଶ୍ରେୟାସୀ, ଶତେଲିନ ଏବଂ ତେଜସ୍ୱିନୀ ଏହି ନୃତ୍ୟଟିକୁ ସୁନ୍ଦର ଭାବରେ ପରିବେଷଣ କରିଥିଲେ। ଚତୁର୍ଥ ଉପସ୍ଥାପନାରେ ଶଙ୍କରାଭରଣ ପଲ୍ଲବୀ ରହିଥିଲା। ନୃତ୍ୟଶିଳ୍ପୀ ଅମୃତା, ଅନଭିକା, ବାର୍ସା, ନାଭିଆ, ଶାଗୁନ, ଶ୍ରେୟା ଏବଂ ଶୁଭଲକ୍ଷ୍ମୀଙ୍କ ଦ୍ୱାରା ଦ୍ରୁତ ପାଦଚାଳନା ସହ ଏହି ପଲ୍ଲବୀର ଅନ୍ତର୍ନିହିତ ସୌନ୍ଦର୍ଯ୍ୟକୁ ନୃତ୍ୟ ମାଧ୍ୟମରେ ପ୍ରଦର୍ଶନ କରିଥିଲେ। ପରେ ଆର୍ଚିଶା, ବ୍ରାହ୍ମୀ, ଗାୟତ୍ରୀ, ପ୍ରତୀକ୍ଷା, ସତ୍ୟକ୍ଷୀ, ସାନ୍‌ଭି, ଶିବାଙ୍ଗୀ, ସୋମାଲିନ, ସୁଲଗ୍ନା, ତନିସ୍ତା ଏବଂ ସାଇ




କଳାକାରଙ୍କ ଦ୍ୱାରା ପରିବେଷିତ ଓଡ଼ିଶୀ ନୃତ୍ୟ।

## ସୃଜନର ବାର୍ଷିକ ଓଡ଼ିଶୀନୃତ୍ୟ ପ୍ରଦର୍ଶନୀ

ପ୍ରସାଦଙ୍କୁ ନେଇ କବି ସୂର୍ଯ୍ୟ ବଳଦେବ ରଥଙ୍କ ପ୍ରସିଦ୍ଧ ରଚନା କିଶୋର ଚନ୍ଦ୍ରାନନ୍ଦ ଚମ୍ପୂ ପ୍ରଦର୍ଶିତ ହୋଇଥିଲା। ଶେଷରେ ଋକ୍ ବେଦରୁ ଉଦ୍ଧୃତ ଏକ ନବଶାସ୍ତ୍ରୀୟ ଓଡ଼ିଶୀ ନୃତ୍ୟ ଶ୍ରଦ୍ଧା ଶୂକତମ ପରିବେଷିତ ହୋଇଥିଲା। ଅନୁଷ୍ଠାନର ନିର୍ଦ୍ଦେଶକ ଗୁରୁ ରତିକାନ୍ତ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ଅତିଥି ଭାବେ ବେହେଲା ବାଦକ ସୁରମଣି ରମେଶ ଚନ୍ଦ୍ର ଦାସ, ନୃତ୍ୟଶାଳାର ନିର୍ଦ୍ଦେଶକ ଅଶୋକ କୁମାର ଘୋଷାଲ ଏବଂ ସୁରଭିର ନିର୍ଦ୍ଦେଶକ ଡ. ପୀତାମ୍ବର ବିଶ୍ୱାଳ ଯୋଗଦେଇଥିଲେ। ଏହି ଅବସରରେ ପଦ୍ମଶ୍ରୀ ତଥା ଓ ବିଶିଷ୍ଟ ପଟ୍ଟଚିତ୍ର ଶିଳ୍ପୀ ବିନୋଦ ମହାରଣାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଉତ୍ସବଟିକୁ ଦେବୀପ୍ରସାଦ ମିଶ୍ର, ରାଜଶ୍ରୀ ପ୍ରହରାଜ ଓ ପ୍ରୀତିଶା ମହାପାତ୍ର ପରିଚାଳନା କରିଥିବାବେଳେ ଆଲୋକ ପରିଚାଳନା କରିଥିଲେ ଦେବୀପ୍ରସାଦ ମିଶ୍ର ଏବଂ ଉପସ୍ଥାପନ କରିଥିଲେ ମୃତ୍ୟୁଞ୍ଜୟ ରଥ।

## ସଂକ୍ଷେପରେ

### ଗୋଟିଏ ରାତିରେ ୩ ଘରୁ ଚୋରି

କଣାସ,୮।୬(ବିଭୂତି ଭୂଷଣ ତ୍ରିପାଠୀ)

କଣାସ ଥାନା ଅଧୀନ ତ୍ରିଲୋଚନପୁରରେ ବାସ୍‌ଷ୍ଟାଣ୍ଡ ନିକଟସ୍ଥ ନାରଣ ବେହେରା, ପୂର୍ଣ୍ଣଚନ୍ଦ୍ର ବେହେରା, ଉର୍ବଶ୍ରୀ ନାୟକଙ୍କ ଘରୁ ଶୁକ୍ରବାର ରାତିରେ ଚୋରି ହୋଇଥିବା ଅଭିଯୋଗ ହୋଇଛି। ପରେ ଅନ୍ୟ ଜଣେ ଅବସରପ୍ରାପ୍ତ ପୋଲିସଙ୍କ ଘରେ ଚୋରି ଉଦ୍ୟମରେ ପଶିଥିଲେ ମଧ୍ୟ ଘରର ସଦସ୍ୟ ଉଠିଯିବାରୁ ସେମାନେ ସେଠାରୁ ପଳାଇ ଯାଇଥିଲେ। ତେବେ ଉର୍ବଶ୍ରୀଙ୍କ ଘରେ ସିସି କ୍ୟାମେରା ଲାଗି ଥିବାରୁ ଅଭିଯୁକ୍ତ ଶୀଘ୍ର ଧରାପଡ଼ିବେ ବୋଲି କଣାସ ଥାନା ଆଇଆଇସି ରାକେଶ କୁମାର ତ୍ରିପାଠୀ ସୂଚନା ଦେଇଛନ୍ତି।

### ଚିକିତ୍ସାଧୀନ ଅଶ୍ୱିନୀଙ୍କ ମୃତ୍ୟୁ

ବେଗୁନିଆ,୮।୬(ସନ୍ଧ୍ୟାରାଣୀ ମିଶ୍ର)

ବାଘମାରୀ-ସାରୁଅ ମଧ୍ୟବର୍ତ୍ତୀ ଶଙ୍ଖ ନିକଟରେ ଗତ ଶୁକ୍ରବାର ସନ୍ଧ୍ୟାରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଥିଲା। ଏଥିରେ ବୋଲଗଡ଼ ଥାନା ଅନ୍ତର୍ଗତ ମାଳିସାହି ଗ୍ରାମର ଏକଲବ୍ୟ ପ୍ରଧାନ (୧୯)ଙ୍କ ମୃତ୍ୟୁ ଘଟିଥିବା ବେଳେ ଭୁବନେଶ୍ୱରର ଏକ ହସ୍ପିଟାଲରେ ଅଶ୍ୱିନୀ ପ୍ରଧାନ(୨୪) ଚିକିତ୍ସାଧୀନ ଥିଲେ। ଶନିବାର ଅଶ୍ୱିନୀଙ୍କ ମୃତ୍ୟୁ ଘଟିଛି ବୋଲି ବାଘମାରୀ ଥାନା ଅଧିକାରୀ ଶମ୍ଭୁନାଥ ନାୟକ ସୂଚନା ଦେଇଛନ୍ତି। ସୂଚନା ମୁତାବକ, ବାଘମାରୀ-ସାରୁଅ ମଧ୍ୟବର୍ତ୍ତୀ ଶଙ୍ଖ ନିକଟରେ ଏକ ଟ୍ରକ୍ ଖରାପ୍ ହୋଇଯିବାରୁ ରାସ୍ତାପାର୍ଶ୍ୱରେ ରହିଥଲା। ଏକଲବ୍ୟ ଓ ଅଶ୍ୱିନୀ ବାଇକ୍‌ରେ ଭୁବନେଶ୍ୱରରୁ ଘରକୁ ଫେରୁଥିବା ବେଳେ ରାସ୍ତାପାର୍ଶ୍ୱରେ ଛିଡ଼ା ହୋଇଥିବା ଟ୍ରକ୍‌ର ପଛପଟକୁ ଧକ୍କାଦେଇ ଛିଟିକି ପଡ଼ିଥିଲେ। ସ୍ଥାନୀୟ ଲୋକେ ସେମାନଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାରକରି ଆମ୍ବୁଲାନ୍ସ ଯୋଗେ ଖୋର୍ଦ୍ଧା ମେଡିକାଲ ପଠାଇଥିଲେ। ସେଠାରେ ଡାକ୍ତର ଏକଲବ୍ୟଙ୍କୁ ମୃତ ଘୋଷଣା କରିଥିଲେ। ତେବେ ଅଶ୍ୱିନୀଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବାରୁ ତାଙ୍କୁ ଭୁବନେଶ୍ୱରର ଏକ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ଶନିବାର ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି।

### ମହିଳାଙ୍କୁ ବଳାତ୍କାର, ଅଶ୍ଳୀଳ ଫଟୋ ଭାଇରାଲ ଧମକ

ବାଣପୁର,୮।୬(ଦିଲୀପ ସ୍ୱାଇଁ)

ବାଣପୁର ଥାନା ଅଞ୍ଚଳର ଜଣେ ମହିଳାଙ୍କୁ ବଳାତ୍କାର କରାଯିବା ସହ ଅଶ୍ଳୀଳ ଫଟୋ ଭାଇରାଲ ଧମକ ନେଇ ଅଭିଯୋଗ ହୋଇଛି। ଏ ସମ୍ପର୍କରେ ପୋଲିସ ଏକ ମାମଲା (ନଂ.୨୦୩/୨୪)ରୁଜୁକରି ତଦନ୍ତ ଚଳାଇଛି। ଅଭିଯୋଗ ମୁତାବକ, ସମ୍ପୃକ୍ତ ମହିଳାଙ୍କ ସ୍ୱାମୀ ହାଇଦ୍ରାବାଦରେ ଏକ କମ୍ପାନୀରେ କାମ କରନ୍ତି। ସେଠାରେ ବାଣପୁର ଥାନା ଅଞ୍ଚଳର ଜଣେ ବ୍ୟକ୍ତିଙ୍କ ସହ ଗତ ୪ ବର୍ଷ ପୂର୍ବେ ତାଙ୍କ ସ୍ୱାମୀଙ୍କର ବନ୍ଧୁତା ହୋଇଥିଲା। ସ୍ୱାମୀ ରୋଗଗ୍ରସ୍ତ ଥିବାରୁ ସମ୍ପୃକ୍ତ ବ୍ୟକ୍ତିଙ୍କ ସହ ମହିଳା ଜଣଙ୍କ ଅନେକ ସମୟରେ ଫୋନ୍‌ରେ କଥା ହୋଇଥାନ୍ତି। ତେବେ ଏହାରି ମଧ୍ୟରେ ବ୍ୟକ୍ତି ଜଣଙ୍କ ଉକ୍ତ ମହିଳାଙ୍କୁ ବିବାହ କରିବା ପାଇଁ ବାରମ୍ବାର ନିବେଦନ କରିଥିଲେ। ଗତ ଏପ୍ରିଲ ୧୦ରେ ମହିଳା ଜଣଙ୍କ ବାପଘରକୁ ଯାଇଥିଲେ। ଘରେ କେହି ନ ଥିବା ବେଳେ ବ୍ୟକ୍ତି ଜଣଙ୍କ ତାଙ୍କ ଘରେ ପହଞ୍ଚି ବିବାହ କରିବା ପାଇଁ କହିଥିଲେ। ମହିଳା ଜଣଙ୍କ ଅରାଜି ହେବାରୁ ତାଙ୍କୁ ବଳାତ୍କାର କରିବା ସହ ଅଶ୍ଳୀଳ ଫଟୋ ଉଠାଇଥିଲେ। ଏହି ଘଟଣା ସମ୍ପର୍କରେ କାହାକୁ କହିଲେ ଅଶ୍ଳୀଳ ଫଟୋ ଭାଇରାଲ କରିଦେବେ ବୋଲି ବ୍ୟକ୍ତି ଜଣଙ୍କ ଧମକ ଦେଇଥିଲେ। ଏନେଇ ମହିଳା ଜଣଙ୍କ ଗତ ମେ' ୩୦ରେ ଥାନାରେ ଅଭିଯୋଗ କରିଥିଲେ। ତେବେ ଭୟରେ ସେ ଥାନାକୁ ଆସିପାରୁ ନ ଥିଲେ ବୋଲି ମହିଳା ଜଣଙ୍କ ଅଭିଯୋଗ ପତ୍ରରେ ଦର୍ଶାଇଛନ୍ତି। ଏନେଇ ତଦନ୍ତକାରୀ ଅଫିସର ଗାୟତ୍ରୀ ଗୋଛାୟତ କହିଛନ୍ତି, ପୀଡ଼ିତାଙ୍କ ଡାକ୍ତରୀମାଇନା ସହ ବୟାନ ରେକର୍ଡ କରାଯାଇଛି। ଖୁବ୍‌ଶୀଘ୍ର ଅଭିଯୁକ୍ତଙ୍କୁ ଗିରଫ କରାଯିବ ବୋଲି ସେ କହିଛନ୍ତି।

### ଶିବ ବିବାହ, ଶୀତଳଷଷ୍ଠୀ ପାଇଁ ତ୍ରିଲୋଚନପୁର ଉତ୍ସବମୁଖର

କଣାସ,୮।୬(ବିଭୂତି ଭୂଷଣ ତ୍ରିପାଠୀ):

କଣାସ ବ୍ଲକ୍ ଅଧୀନ ତ୍ରିଲୋଚନପୁର ଗ୍ରାମପଞ୍ଚାୟତ ତ୍ରିଲୋଚନପୁରର ଆରାଧ୍ୟ ଠାକୁର ପଶ୍ଚିମଶମ୍ଭୁ ବାବା କପିଳେଶ୍ୱର ଦେବଙ୍କ ବିବାହ ଏବଂ ଶୀତଳଷଷ୍ଠୀ ପର୍ବ ପାଇଁ ଗ୍ରାମ ଚଳଚଞ୍ଚଳ ହୋଇଉଠିଛି। ପ୍ରତି ବର୍ଷ ପରି ଆସନ୍ତା ୧୦ ତାରିଖରେ ଶିବ ବିବାହ ଉତ୍ସବ ମହାସମାରୋହରେ ଚଳିତ ବର୍ଷ ପାଳନ କରାଯାଉଛି। ୧୧ ତାରିଖରେ ଶୀତଳଷଷ୍ଠୀରେ ଶିବ ବୃଷଭ ବାହନରେ, ପାର୍ବତୀ ଏବଂ ଦୁର୍ଗା ପୃଥକ୍ ପୃଥକ୍ ଭାବେ ୨ ବିମାନରେ ଗ୍ରାମ ପରିକ୍ରମା କରି ମନ୍ଦିର ନିକଟ ବାଣ ପଡ଼ିଆକୁ ଯାଇ ନିଜ ନିଜ ଆସ୍ଥାନରେ ବସିବେ।

# ଅସହାୟ ନାରୀର କଥା କହିଲା 'ବସାଘର'



କଟକ ଅନ୍ନପୂର୍ଣ୍ଣା ଥିଏଟରଠାରେ ମଞ୍ଚସ୍ଥ ନାଟକ 'ବସାଘର'ର ଏକ ଦୃଶ୍ୟ ।

## ସପ୍ତମ ଷ୍ଟାର୍ କଲ୍‌ଚରାଲ ଫେଷ୍ଟିଭାଲ ଉଦ୍‌ଘାଟିତ

କଟକ, ୮।୬(କାର୍ତ୍ତିକ ସାହୁ)

ନିଖିଳ ଉତ୍କଳ କଳାନିକେତନ ଏବଂ ଓଡ଼ିଶା ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗର ମିଳିତ ଆନୁକୂଲ୍ୟରେ କଟକ ଅନ୍ନପୂର୍ଣ୍ଣା ଥିଏଟରଠାରେ ତିନିଦିନିଆ ଜାତୀୟ ନୃତ୍ୟ ନାଟକ ମହୋତ୍ସବ ସପ୍ତମ ଷ୍ଟାର୍ କଲଚରାଲ ଫେଷ୍ଟିଭାଲ ଶନିବାରଠାରୁ ଆରମ୍ଭ ହୋଇଛି। ଉଦ୍‌ଘାଟନୀ ସନ୍ଧ୍ୟାରେ ଗଞ୍ଜାମର ଶାସ୍ୱତୀ ନାଟ୍ୟାନୁଷ୍ଠାନର ଶିଳ୍ପୀଙ୍କ ଦ୍ୱାରା ପରିବେଷିତ ଓଡ଼ିଆ ନାଟକ ବସାଘର ଅତ୍ୟନ୍ତ ମର୍ମସ୍ପର୍ଶୀ ହୋଇଥିଲା। ଜଣେ ଅସହାୟ ନାରୀର ବେଦନାକୁ ଅତ୍ୟନ୍ତ ମାର୍ମିକ ଭାବେ ଏଥିରେ ପ୍ରଦର୍ଶିତ କରାଯାଇଥିଲା। ଭାଗ୍ୟଲକ୍ଷ୍ମୀ ମହାରଣାଙ୍କ ରଚନା ଓ ରାମଚନ୍ଦ୍ର ସାସମଲଙ୍କ ନିର୍ଦ୍ଦେଶନାରେ ନାଟକଟି ମଞ୍ଚସ୍ଥ ହୋଇଥିଲା। ସେହିପରି ରାଉରକେଲାର କଳିକା ମ୍ୟୁଜିକ୍ ଆଣ୍ଡ୍ ଡ୍ୟାନ୍ସ ଏକାଡେ଼ମୀର କଳାକାରମାନେ ପ୍ରବୀର ଜେନାଙ୍କ ରଚନା ଓ ନିର୍ଦ୍ଦେଶନାରେ ହିନ୍ଦୀ ନାଟକ ଗଜବ୍ କି ପାଠଶାଳା ଓ ଯାଜପୁରର ଅନ୍ୱେଷଣ ଥିଏଟର ଗ୍ରୁପ୍ ଦ୍ୱାରା ଓଡ଼ିଆ ନାଟକ ବୁନ୍ଦାଏ ପାଣିରେ ସମୁଦ୍ର ମଞ୍ଚସ୍ଥ ହୋଇଥିଲା। ଓଡ଼ିଶା, ଝାଡ଼ଖଣ୍ଡ ଓ ପଶ୍ଚିମବଙ୍ଗର ଶିଳ୍ପୀମାନେ ସାତ୍ରିୟା, ଭାରତନାଟ୍ୟମ୍, କଥକ, ଓଡ଼ିଶୀ, ରବୀନ୍ଦ୍ରନୃତ୍ୟ, ଲୋକନୃତ୍ୟ ଓ ମାହାରୀନୃତ୍ୟ ପରିବେଷଣ କରିଥିଲେ। ପ୍ରତିଯୋଗିତାରେ ଗିଟାର ଓ କି'ବୋର୍ଡ ବାଦନ ଏବଂ ଆଧୁନିକ ଓ ଶାସ୍ତ୍ରୀୟ ସଙ୍ଗୀତ ଗାନ ହୋଇଥିଲା । ଏହି ଅବସରରେ ଜାମସେଦପୁରର ଅତିଥି କଳାକର ନିଜାମଙ୍କୁ 'ଉତ୍କଳ ନାଟ୍ୟଶ୍ରୀ' ଓ ଛବି ଦାସଙ୍କୁ 'ନାଟ୍ୟରତ୍ନ' ସମ୍ମାନ ପ୍ରଦାନ କରାଯାଇଥିଲା।

ଏଥିରେ ମୁଖ୍ୟ ଅତିଥି ଭାବେ ବିଜୟୀ ବାରବାଟୀ-କଟକ କଂଗ୍ରେସ ବିଧାୟକ ପ୍ରାର୍ଥୀ ସୋଫିଆ ଫିର୍ଦ୍ଦୋସ ଯୋଗଦେଇ ଫେଷ୍ଟିଭାଲ୍‌କୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଡା. ରବିରଞ୍ଜନ ସାହୁ, ସିନେମା ନିର୍ଦ୍ଦେଶକ ମହମ୍ମଦ ନିଜାମ୍ ଓ ଛବି ଦାସ ଯୋଗଦେଇ ନୃତ୍ୟଶିଳ୍ପୀ ଓ ନାଟ୍ୟ ନିର୍ଦ୍ଦେଶକଙ୍କୁ ସମ୍ମାନିତ କରିଥିଲେ। ମହୋତ୍ସବ କମିଟି ସମ୍ପାଦକ ବିଶ୍ୱମ୍ଭର ସାହୁ ସ୍ୱାଗତ ଭାଷଣ, ମହୋତ୍ସବ ନିର୍ଦ୍ଦେଶିକା ଭାଗ୍ୟବତୀ ସାହୁ ଓ କାର୍ଯ୍ୟକ୍ରମ ନିର୍ଦ୍ଦେଶିକା ମଧୁସ୍ମିତା ସାହୁଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। ଉପସଭାପତି ବିଜୟଲକ୍ଷ୍ମୀ ସାହୁଙ୍କ ସଂଯୋଜନାରେ ନୃତ୍ୟ, ସଙ୍ଗୀତ ଓ ନାଟକ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ପ୍ରଥମ ପର୍ଯ୍ୟାୟରେ ଆୟୋଜିତ ବାଦ୍ୟ, ସଙ୍ଗୀତ, ନୃତ୍ୟ ଓ ଚିତ୍ରାଙ୍କନ ପ୍ରତିଯୋଗିତାକୁ ଭୂମିକା ନାରୀସଂଘର ସଭାପତି ରଶ୍ମିତା ମିଶ୍ର ଉଦ୍‌ଘାଟନ କରିଥିଲେ।

## ପୁଅ ମାଡ଼ରେ ମା'ଙ୍କ ଜୀବନ ଗଲା

ଖୋର୍ଦ୍ଧା, ୮।୬(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ସଦର ଥାନା ଅନ୍ତର୍ଗତ ବଣିଆଟାଙ୍ଗୀ ଗ୍ରାମରେ ଏକ ଅଭାବନୀୟ ଘଟଣା ଘଟିଛି। ପୁଅର ମାଡ଼ରେ ମା'ଙ୍କ ମୃତ୍ୟୁ ଘଟିଥିବା ବେଳେ ବାପା ଗୁରୁତର ଆହତ ହୋଇଛନ୍ତି। ମୃତା ହେଲେ ଲାବଣ୍ୟ ସାହୁ ଏବଂ ଆହତ ହେଲେ ଭିକାରୀ(୭୫)। ଏହି ଘଟଣା ପରେ ପୁଅ କୈଳାସ ଫେରାର ହୋଇଯାଇଛନ୍ତି। ଏନେଇ ଅଭିଯୋଗ ପରେ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ସମ୍ପର୍କୀୟଙ୍କୁ ହସ୍ତାନ୍ତର କରି ଏକ ମାମଲା ରୁଜୁକରି ଘଟଣାର ତଦନ୍ତ ଚଳାଇଛି। ଅଭିଯୋଗ ମୁତାବକ, ବାଜପୁର ପଞ୍ଚାୟତ ବଣିଆଟାଙ୍ଗୀ ଗ୍ରାମରେ ଭିକାରୀ ଓ ଲାବଣ୍ୟଙ୍କ ଘର। ବହୁ ବାଧାବିଘ୍ନ ସହି ପୁଅ କୈଳାସଙ୍କୁ ମଣିଷ କରିଥିଲେ। ତେବେ କୈଳାସ ସେମାନଙ୍କର ସାହାରା ପାଲଟିବା ପରିବର୍ତ୍ତେ ଅତ୍ୟାଚାର ଆରମ୍ଭ କରିଦେଇଥିଲେ। ଗତ ଦୁଇଦିନ ତଳେ କୌଣସି ସୂତ୍ରରୁ ଖବରପାଇ ଝିଅ, ଜ୍ୱାଇଁ ଏକ ସାମାଜିକ ଅନୁଷ୍ଠାନ ଜରିଆରେ ଘରେ ପହଞ୍ଚି ବୃଦ୍ଧ ମା'ବାପାଙ୍କୁ କ୍ଷତାକ୍ତ ଅବସ୍ଥାରେ ଉଦ୍ଧାରକରି ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଉଭୟଙ୍କୁ ଗଭୀର ଆଘାତ ଲାଗିଥିବା ବେଳେ ଲାବଣ୍ୟଙ୍କ ଗୋଡ଼ ଭାଙ୍ଗିଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଲାବଣ୍ୟଙ୍କ ମୃତ୍ୟୁ ହୋଇଥିଲା। ଏନେଇ ଅଭିଯୋଗ ପରେ ପୋଲିସ ତଦନ୍ତ ଚଳାଇଛି।

## ଅଧିକରୁ ଅଧିକ ଚାରାରୋପଣ ନିହାତି ଜରୁରୀ

ସାକ୍ଷୀଗୋପାଳ,୮।୬(ଭରତ ରାଉତ)

ଭାରତ ବିକାଶ ପରିଷଦ, ସତ୍ୟବାଦୀ ଶାଖା ଓ ପୁରୀ ସୁରକ୍ଷା ପରିଷଦ ପକ୍ଷରୁ ସାକ୍ଷୀଗୋପାଳସ୍ଥିତ ସେଣ୍ଟ ଜାଭିୟର ସ୍କୁଲ ପରିସରରେ ବିଶ୍ୱ ପରିବେଶ ଦିବସ ବୁଧବାର ପାଳିତ ହୋଇଯାଇଛି। ଏହି ଅବସରରେ ପ୍ରଥମେ ଅଁଳା ବୃକ୍ଷର ଚାରାରୋପଣ କରାଯାଇ ପରେ ପରିଷଦର ରାଜ୍ୟ ସଭାପତି ସତ୍ୟବାଦୀ ଦାଶଙ୍କ ସଭାପତିତ୍ୱରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ପ୍ରାକ୍ତନ ପ୍ରଶାସକ ବିନୋଦ ପଣ୍ଡା, ମୁଖ୍ୟବକ୍ତା ଭାବେ ପ୍ରାଧ୍ୟାପକ ବୃନ୍ଦାବନ ରଥ, ସମ୍ମାନିତ ଅତିଥି ଭାବେ ଆଇନଜୀବୀ ବିନୟ ନୃସିଂହ ମହାପାତ୍ର, ଭାରତ ବିକାଶ ପରିଷଦ ସତ୍ୟବାଦୀ ଶାଖାର ଉପସଭାପତି ଦେବରାଜ ନାୟକ, ଶିକ୍ଷାବିତ୍ ବିଜୟଲକ୍ଷ୍ମୀ ଦାଶ ଓ ଜାଭିୟର ହାଇସ୍କୁଲ ଉପାଧ୍ୟକ୍ଷ ସନ୍ତୋଷ ସାହୁ ପ୍ରମୁଖ ଯୋଗଦେଇଥିଲେ। ପରିବେଶର ସୁରକ୍ଷା ପାଇଁ ଅଧିକରୁ ଅଧିକ ଚାରାରୋପଣ ନିହାତି ଜରୁରୀ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ପୁରୀ ସୁରକ୍ଷା ପରିଷଦର କାର୍ଯ୍ୟକାରୀ ସଭାପତି ଲକ୍ଷ୍ମୀ ନାରାୟଣ ପଟ୍ଟନାୟକ ଅତିଥି ପରିଚୟ ପ୍ରଦାନ କରିବା ସହ ମଞ୍ଚ ପରିଚାଳନା କରିଥିଲେ।

## ମୋ ବସ୍‌ରେ ନିଆଁ, ବର୍ତ୍ତିଲେ ଯାତ୍ରୀ




ଯାଁଳା, ୮।୬(ବୁଲା ବାରିକ)

୧୬ ନମ୍ବର ଜାତୀୟ ରାଜପଥର ଯାଁଳାସ୍ଥିତ ମୋ ବସ୍ ରହଣି ସ୍ଥଳରେ ଶନିବାର ଏକ ମୋ ବସ୍‌ରେ ଯାନ୍ତ୍ରିକ ତ୍ରୁଟି ଯୋଗୁ ନିଆଁ ଲାଗିଯାଇଥିଲା। ଫଳରେ ଯାତ୍ରୀମାନେ ବସ୍‌ରୁ ଓହ୍ଲାଇ ଏଣେତେଣେ ଦୌଡ଼ିଥିଲେ। ପରେ ବସ୍ କର୍ମଚାରୀ ଓ ସ୍ଥାନୀୟ ଲୋକେ ପାଣି ପକାଇ ନିଆଁକୁ ଆୟତ୍ତ କରିଥିଲେ। ସୂଚନା ମୁତାବକ, ସକାଳ ପ୍ରାୟ ୭ଟା ୩୦ରେ ଭୁବନେଶ୍ୱରରୁ ଖୋର୍ଦ୍ଧା ଅଭିମୁଖେ ଯାଉଥିବା ଏକ ମୋ ବସ୍(ଓଡି ୩୩ ୱାଇ୨୯୦୦)ଯାତ୍ରୀ ଉଠାଇବା ପାଇଁ ଯାଁଳାରେ ଅଟକିଥିଲା। ଏହି ସମୟରେ ଏକ ପ୍ରଚଣ୍ଡ ଶବ୍ଦ ହୋଇଥିଲା। ବସ୍‌ର ହେଲ୍‌ପର ଓହ୍ଲାଇ ଆଗକୁ ଯାଇ ଦେଖିବାବେଳକୁ ଇଞ୍ଜିନ୍ ତଳୁ ଏକ ପାଇପ୍ ଫାଟି ଧୂଆଁମୟ ହେବା ସହ ନିଆଁ ବାହାରି ଗାଡ଼ିରେ ଲାଗୁଛି। ଏହାପରେ ହେଲ୍‌ପର ଜଣକ ଚିତ୍କାର କରିଥିଲେ। ବସ୍‌ରେ ନିଆଁ ଲାଗିଥିବା ଜାଣିବା ପରେ ଯାତ୍ରୀମାନେ ବସ୍‌ରୁ ଓହ୍ଲାଇ ଏଣେତେଣେ ଦୌଡ଼ିଥିଲେ। ସ୍ଥାନୀୟ ଲୋକେ ଓ ବସ୍ କର୍ମଚାରୀ ପାଣି ପକାଇ ନିଆଁକୁ ଆୟତ୍ତ କରିଥିଲେ। ତେବେ ନିଆଁରେ ବସ୍‌ର ତଳପଟ କିଛି ଅଂଶ ପୋଡ଼ିଯାଇଥିବା ବେଳେ କାହାର କିଛି କ୍ଷତି ହୋଇ ନ ଥିବା ଜଣାପଡ଼ିଛି।

# ଅଧା ରାସ୍ତାରେ ଖରାପ ହେଲା ୧୦୮ ଆମ୍ବୁଲାନ୍ସ

### ୨୦ରୁ ଊର୍ଦ୍ଧ୍ୱ ଘଣ୍ଟା ପର୍ଯ୍ୟନ୍ତ ପଡ଼ି ରହିଲା

ଅସ୍ତରଙ୍ଗ,୮ ।୬(ପ୍ରଦୀପ୍ତ ଦୀକ୍ଷିତ)

ଅସ୍ତରଙ୍ଗ ବ୍ଲକର ଏକ ଗ୍ରାମରୁ ଶୁକ୍ରବାର ରାତି ୯ଟା ସମୟରେ ଜଣେ ରୋଗୀଙ୍କୁ ଆଣିବାକୁ ୧୦୮ ଆମ୍ବୁଲାନ୍ସ ଯାଉଥିବାବେଳେ ବସ୍ତିହ ନିକଟରେ ତାହା ହଠାତ୍ ଖରାପ ହୋଇଯାଇଥିଲା। ଫଳରେ ଆମ୍ବୁଲାନ୍ସ ରୋଗୀଙ୍କ ପାଖରେ ନ ପହଞ୍ଚିପାରି ନ ଥିଲା। ତେବେ ଆମ୍ବୁଲାନ୍ସ କର୍ମଚାରୀଙ୍କ ଦାୟିତ୍ୱହୀନତା ଯୋଗୁ ଶନିବାର ଅପରାହ୍ନ ପର୍ଯ୍ୟନ୍ତ ୨୦ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଧରି ଉକ୍ତ ଆମ୍ବୁଲାନ୍ସଟି ସେଠାରେ ଅଟକି ରହିଥିବା ଜଣାପଡ଼ିଛି।



ଖରାପ ହୋଇପଡିଥିବା ଆମ୍ବୁଲାନ୍ସ ।

ସୂଚନା ମୁତାବକ, ଆମ୍ବୁଲାନ୍ସର ଆଗ ଚକର ଚେସିସ୍ ଭାଙ୍ଗି ଗାଡ଼ିର ମଧ୍ୟ ଭାଗକୁ ପଶିଯାଇଥିଲା। ଫଳରେ ଗାଡ଼ିଟି ଆଗକୁ ବଢି ପାରୁ ନ ଥିଲା। ସ୍ଥାନୀୟ ଅଞ୍ଚଳରେ ଏପରି ଆମ୍ବୁଲାନ୍ସ ବାରମ୍ବାର ଖରାପ ହେଉଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଏନେଇ ଜିଲା ପ୍ରଶାସନ ଦୃଷ୍ଟିଦେବାକୁ ଦାବି ହୋଇଛି।

## ଟ୍ରକ୍ ଧକ୍କାରେ ଯୁବକ ମୃତ

ଖୋର୍ଦ୍ଧା,୮।୬(ପ୍ରଭାତ ପାଣିଗ୍ରାହୀ)

ଭୁବନେଶ୍ୱର-ଚେନ୍ନାଇ ୧୬ ନମ୍ବର ଜାତୀୟ ରାଜପଥ ତୋଟାପଡ଼ା ଛକଠାରେ ଶନିବାର ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଏକ ଟ୍ରକ୍ ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ବେଗୁନିଆ ଥାନା ବ୍ରହ୍ମପୁରା ଗ୍ରାମର ରାମଚନ୍ଦ୍ର ବେହେରା। ସୂଚନା ମୁତାବକ, ଅପରାହ୍ନରେ ତୋଟାପଡ଼ା ଛକରେ ଏକ ଟ୍ରକ୍ (ଡବ୍ଲୁବି ୩୩ସି ୬୫୪୪) ରାମଚନ୍ଦ୍ରଙ୍କୁ ଧକ୍କା ଦେଇଥିଲା। ଫଳରେ ସେ ରାସ୍ତାପାର୍ଶ୍ୱକୁ ଛିଟିକି ପଡ଼ି ଗୁରୁତର ଆହତ ହୋଇଥିଲେ। ରକ୍ତ ଜୁଡୁବୁଡୁ ଅବସ୍ଥାରେ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତକଙ୍କ ଭାଇ ଶତ୍ରୁଘ୍ନଙ୍କ ଅଭିଯୋଗ ପରେ ପୋଲିସ ଏକ ମାମଲା(ନଂ.୨୧୨/୨୪)ରୁଜୁ କରିବା ସହ ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରି ତଦନ୍ତ ଚଳାଇଛି।

# ପର୍ବପର୍ବାଣିରେ ବାଣଫୁଟା, ବିକ୍ରି ଉପରେ କଟକଣା

ନିମାପଡ଼ା/ସାକ୍ଷୀଗୋପାଳ,୮।୬
(ବିଚିତ୍ରାନନ୍ଦ ସାହୁ/
ପ୍ରଶାନ୍ତ ବାରିକ୍/କିଶୋର ମହାପାତ୍ର)

ପୁରୀ ଜିଲା ବିଭିନ୍ନ ଥାନା ଅଞ୍ଚଳରେ ବାଣ ଫୁଟା, ବିକ୍ରି ଉପରେ ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ଶନିବାର କଟକଣା ଜାରି କରାଯାଇଛି। ଏହି କଟକଣା ଓ ଆଇନକୁ ଉଲ୍ଲଂଘନ କଲେ ବାଣ ବିକ୍ରେତା ଓ ବାଣ ଫୁଟାଉଥିବା ବ୍ୟକ୍ତିଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସ୍ଥାନୀୟ ପୋଲିସ ପ୍ରଶାସନ ପକ୍ଷରୁ କୁହାଯାଇଛି। ଗତ କିଛି ଦିନ ତଳେ ପୁରୀଠାରେ ଚନ୍ଦନ ପୋଖରୀରେ ଠାକୁରଙ୍କ ଭଉଁରି ଯାତ୍ରାବେଳେ ବାଣ ବିସ୍ଫୋରଣ ଘଟି ୧୬ ଜଣଙ୍କ ମୃତ୍ୟୁ ଘଟିଥିବବେଳେ ପ୍ରାୟ ୧୨ ଜଣ ଆହତ ହୋଇ ଏବେ ଚିକିତ୍ସିତ ଅଛନ୍ତି। ଏହି ଦୁର୍ଘଟଣା ପରେ ଜିଲା ପ୍ରଶାସନ ପକ୍ଷରୁ ଏଭଳି କଡ଼ା ପଦକ୍ଷେପ ଗ୍ରହଣ କରାଯାଇଥିବା ଜଣାପଡ଼ିଛି। ବିଭିନ୍ନ ପର୍ବପର୍ବାଣି, ବିବାହ, ବ୍ରତ, ଉତ୍ସବ ଆଦି କାର୍ଯ୍ୟକ୍ରମରେ ଜନସାଧାରଣ ବାଣ ନ ଫୁଟାଇବାକୁ ଓ ବାଣ ବ୍ୟବସାୟୀମାନେ ବାଣ ବିକ୍ରି ନ କରିବାକୁ ପ୍ରଶାସନ ପକ୍ଷରୁ ନିବେଦନ କରାଯାଇଛି। ଏହି ପରିପ୍ରେକ୍ଷୀରେ ନିମାପଡ଼ା, ଚାରିଛକ ଥାନା ଅଞ୍ଚଳରେ ଥିବା ବାଣ ଗୋଦାମ, ବାଣ ଦୋକାନୀଙ୍କ ବାଣ ତିଆରି ପ୍ରତିଷ୍ଠାନ ଉପରେ ସ୍ଥାନୀୟ ପୋଲିସ ପକ୍ଷରୁ ଚଢ଼ାଉ କରାଯାଇଥିବାବେଳେ ବାଣ ତିଆରି ନ କରିବାକୁ ଓ ବାଣ ବିକ୍ରି ନ କରିବାରୁ ପୋଲିସ ତାଗିଦ କରିଛି। ପ୍ରଶାସନର କଟକଣା ଉଲ୍ଲଂଘନ କଲେ ସମ୍ପୃକ୍ତ ବାଣ ବ୍ୟବସାୟୀ ଓ ବାଣ ଫୁଟାଉଥିବା ବ୍ୟକ୍ତିଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଏସ୍‌ଡିପିଓ ପ୍ରଭାତ ମଲ୍ଲିକ, ଆଇଆଇସି ବାମଦେବ ସ୍ୱାଇଁ କହିଛନ୍ତି।

ସେହିପରି ସତ୍ୟବାଦୀରେ ସ୍ଥାନୀୟ ଶ୍ରୀରାମଚନ୍ଦ୍ରପୁରରେ ଶୀତଳଷଷ୍ଠୀ ଓ ବିରରାମଚନ୍ଦ୍ରପୁରରେ ଚମ୍ପକ ଦ୍ୱାଦଶୀ ନିମନ୍ତେ ବାଣଫୁଟା, ବିକ୍ରି ସମ୍ପୂର୍ଣ୍ଣ ବନ୍ଦ କରାଯିବାକୁ ସତ୍ୟବାଦୀ ଥାନା ପକ୍ଷରୁ ଜଣାପଡ଼ିଛି। ଆଇଆଇସି ଉମେଶ ସାହୁଙ୍କ ନିର୍ଦ୍ଦେଶ କ୍ରମେ ଅଧିକାରୀ ରମେଶ ନିଶାଙ୍କ, ବିଭୀଷଣ ମାଝୀଙ୍କ ସମେତ ଅନ୍ୟ ଅଧିକାରୀମାନେ ଶନିବାର ରାତିରେ ଶ୍ରୀରାମଚନ୍ଦ୍ରପୁର ଗସ୍ତ କରି ଉକ୍ତ ପଞ୍ଚାୟତ ସରପଞ୍ଚ, ଗ୍ରାମର ମୁଖ୍ୟ ଲୋକଙ୍କ ସହ ଆଲୋଚନା କରି ଏଥିରୁ ନିବୃତ୍ତ ରହିବାକୁ ପରାମର୍ଶ ଦେଇଥିଲେ।

# 'ଉପସରଣମ୍'ରେ ୫୮ ଯୁବଶିଳ୍ପୀଙ୍କ ନୃତ୍ୟ ପରିବେଷଣ

ଭୁବନେଶ୍ୱର,୮।୬(ଶର୍ମିଷ୍ଠା ପାଣିଗ୍ରାହୀ)

ସୃଜନ ପକ୍ଷରୁ ବାର୍ଷିକ ଓଡ଼ିଶୀନୃତ୍ୟ ପ୍ରଦର୍ଶନୀ 'ଉପସରଣମ୍' ରବୀନ୍ଦ୍ର ମଣ୍ଡପରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ୫୮ଜଣ ଯୁବ ନୃତ୍ୟଶିଳ୍ପୀଙ୍କ ଏକାଠି ପ୍ରଦର୍ଶନ ଦେଖିବାକୁ ମିଳିଥିଲା ପ୍ରେକ୍ଷାଳୟରେ। ବାଧାବିଘ୍ନର ଚିରସ୍ଥାୟୀ ଅପସାରଣ ଭଗବାନ ଗଣେଶଙ୍କୁ ପ୍ରଣାମକରି ଉପସରଣମ କାର୍ଯ୍ୟକ୍ରମ ବିନାୟକ ସ୍ମରଣରୁ ଆରମ୍ଭ ହୋଇଥିଲା। ଗୁରୁ ରତିକାନ୍ତ ମହାପାତ୍ରଙ୍କ ନୃତ୍ୟ ସଂରଚନା ତଥା ନୃତ୍ୟଶିଳ୍ପୀ ରାଜଶ୍ରୀ ପ୍ରହରାଜଙ୍କ ସଂଯୋଜନାକୁ ନୃତ୍ୟରେ ବଖାଣିଥିଲେ ଅମୃତା, ଅନୁଷ୍କା, ଦୀପନ୍ୱିତା, ମାୟନାତା, ଶିଳ୍ପା ଏବଂ ଶ୍ରେୟା। ଭଗବାନ ଗଣେଶଙ୍କର ୧୨ ନାମ ଓ ଗୁଣକୁ ଓଡ଼ିଶୀ ନୃତ୍ୟ ମଧ୍ୟମରେ ସଜାଡିଥିଲେ ଶିଳ୍ପୀ। ଏହାପରେ ଗୁରୁ କେଲୁଚରଣ ମହାପାତ୍ରଙ୍କ ଏକ କାଳଜୟୀ ରଚନା ବସନ୍ତ ପଲ୍ଲବୀ ପରିବେଷିତ ହୋଇଥିଲା। ସୃଜନର ବରିଷ୍ଠ ସଦସ୍ୟା ଐଶ୍ୱର୍ଯ୍ୟା ସିଂଦେବଙ୍କ ସଂଯୋଜନାରେ ଏହି ନୃତ୍ୟକୁ ଦ୍ୟୁତୀ, ଆୟୁଷୀ, ଶ୍ରେୟାଙ୍ଗଶ୍ରୀ, ସାନ୍‌ଭି, ଚିନ୍ମୟ, ରୋଶନୀ, ଦୀପନ୍ୱିତା, ନତାଶା, ସୁସମ୍ପନା, ସୁମେରା ଏବଂ ତ୍ରିସ୍ତାଙ୍କ ଦ୍ୱାରା ସୁନ୍ଦର ପଦଚାଳନା ଏବଂ ସ୍ୱଚ୍ଛ ଗତିବିଧି ସହ କରାଯାଇଥିଲା। ପରବର୍ତ୍ତୀ ପ୍ରସ୍ତୁତିରେ ଥିଲା ଦେବୀ ମାତାଙ୍ଗୀଙ୍କ ପ୍ରତି ଏକ ପ୍ରଣାମ ମାତଙ୍ଗୀ ଧ୍ୟାନମ୍, ଯାହାର ନୃତ୍ୟ ସଂରଚନା କରିଥିଲେ ଗୁରୁ ରତିକାନ୍ତ ମହାପାତ୍ର ଏବଂ ଦଳଗତ ନୃତ୍ୟ ସଂଯୋଜନା କରିଥିଲେ ଜି. ସଞ୍ଜୟ।



ସୃଜନର ବାର୍ଷିକ ଓଡ଼ିଶୀନୃତ୍ୟ ପ୍ରଦର୍ଶନୀରେ କଳାକାରମାନେ ନୃତ୍ୟ ପରିବେଷଣ କରୁଛନ୍ତି ।

ଆଦ୍ୟାଶ୍ରୀ, ଆୟଶା, ଆକାଂକ୍ଷା, ଅକ୍ଷିତା, ଅନୁଷ୍କା, ବିଶାଖା, କବୟା, ପୁଷ୍ପାଞ୍ଜଳି, ରୀତିଶା, ସାନ୍‌ଭି, ସୁବ୍ରଜିତା, ସାଇ ସ୍ମୃତି, ଶୁଭାଙ୍ଗୀ, ଶ୍ରେୟାସୀ, ଶତେଲିନ ଏବଂ ତେଜସ୍ୱିନୀ ଏହି ନୃତ୍ୟଟିକୁ ସୁନ୍ଦର ଭାବରେ ପରିବେଷଣ କରିଥିଲେ। ଚତୁର୍ଥ ଉପସ୍ଥାପନାରେ ଶଙ୍କରାଭରଣ ପଲ୍ଲବୀ ରହିଥିଲା। ନୃତ୍ୟଶିଳ୍ପୀ ଅମୃତା, ଅନଭିକା, ବାର୍ସା, ନାଭିଆ, ଶାଗୁନ, ଶ୍ରେୟା ଏବଂ ଶୁଭଲକ୍ଷ୍ମୀଙ୍କ ଦ୍ୱାରା ଦ୍ରୁତ ପାଦଚାଳନା ସହ ଏହି ପଲ୍ଲବୀର ଅନ୍ତର୍ନିହିତ ସୌନ୍ଦର୍ଯ୍ୟକୁ ନୃତ୍ୟ ମାଧ୍ୟମରେ ପ୍ରଦର୍ଶନ କରିଥିଲେ। ପରେ ଆର୍ଚିଶା, ବ୍ରାହ୍ମୀ, ଗାୟତ୍ରୀ, ପ୍ରତୀଷା, ସତ୍ୟକ୍ଷୀ, ସାନ୍‌ଭି, ଶିବାଙ୍ଗୀ, ସୋମାଲିନ, ସୁଲଗ୍ନା, ତନିଷ୍ଠା ଏବଂ ସାଇ ପ୍ରସାଦଙ୍କୁ ନେଇ କବି ସୂର୍ଯ୍ୟ ବଳଦେବ ରଥଙ୍କ ପ୍ରସିଦ୍ଧ ରଚନା କିଶୋର ଚନ୍ଦ୍ରାନନ୍ଦ ଚମ୍ପୂ ପ୍ରଦର୍ଶିତ ହୋଇଥିଲା। ଶେଷରେ ଋକ୍ ବେଦରୁ ଉଦ୍ଧୃତ ଏକ ନବଶାସ୍ତ୍ରୀୟ ଓଡ଼ିଶୀ ନୃତ୍ୟ ଶ୍ରଦ୍ଧା ଶୂକତମ ପରିବେଷିତ ହୋଇଥିଲା। ଅନୁଷ୍ଠାନର ନିର୍ଦ୍ଦେଶକ ଗୁରୁ ରତିକାନ୍ତ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ଅତିଥି ଭାବେ ବେହେଲା ବାଦକ ସୁରମଣି ରମେଶ ଚନ୍ଦ୍ର ଦାସ, ନୃତ୍ୟଶାଳାର ନିର୍ଦ୍ଦେଶକ ଅଶୋକ କୁମାର ଘୋଷାଲ ଏବଂ ସୁରଭିର ନିର୍ଦ୍ଦେଶକ ଡ. ପୀତାମ୍ବର ବିଶ୍ୱାଳ ଯୋଗଦେଇଥିଲେ। ଏହି ଅବସରରେ ପଦ୍ମଶ୍ରୀ ତଥା ଓ ବିଶିଷ୍ଟ ପଟ୍ଟଚିତ୍ର ଶିଳ୍ପୀ ବିନୋଦ ମହାରଣାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଉତ୍ସବଟିକୁ ଦେବୀପ୍ରସାଦ ମିଶ୍ର, ରାଜଶ୍ରୀ ପ୍ରହରାଜ ଓ ପ୍ରୀତିଶା ମହାପାତ୍ର ପରିଚାଳନା କରିଥିବାବେଳେ ଆଲୋକ ପରିଚାଳନା କରିଥିଲେ ଦେବୀପ୍ରସାଦ ମିଶ୍ର ଏବଂ ଉପସ୍ଥାପନ କରିଥିଲେ ମୃତ୍ୟୁଞ୍ଜୟ ରଥ।

### ସୃଜନର ବାର୍ଷିକ ଓଡ଼ିଶୀନୃତ୍ୟ ପ୍ରଦର୍ଶନୀ

# କାଷ୍ଟିଂ, ଅଡିଶନ ପାଇଁ ଅଫିସ ଖୋଲିବେ ମୁକେଶ ଛାବ୍ରା

## ଦ୍ୱିତୀୟ ଦିବସରେ ୫ ଶ୍ରେଷ୍ଠ ଓଡ଼ିଆ ଚଳଚ୍ଚିତ୍ର ପ୍ରଦର୍ଶିତ



ପ୍ରଦର୍ଶିତ ଚଳଚ୍ଚିତ୍ର 'ଧଉଳି ଏକ୍ସପ୍ରେସ୍'ର ଏକ ଦୃଶ୍ୟ।

ଭୁବନେଶ୍ୱର,୮।୬(ଶର୍ମିଷ୍ଠା ପାଣିଗ୍ରାହୀ)

ବଲିଉଡ୍ ହେଉ ବା ଓଲିଉଡ୍, ବର୍ତ୍ତମାନ ସମୟରେ ସବୁଠି ପ୍ରତିଭାସମ୍ପନ୍ନ ଅଭିନେତା ଓ ନିର୍ଦ୍ଦେଶକଙ୍କର ଚାହିଦା ରହିଛି। ତେଣୁ ଏହି ଆବଶ୍ୟକତାକୁ ଦୃଷ୍ଟିରେ ରଖି ବଲିଉଡ୍‌ର ଖ୍ୟାତନାମା ଚଳଚ୍ଚିତ୍ର ନିର୍ଦ୍ଦେଶକ ଓ କାଷ୍ଟିଂ ନିର୍ଦ୍ଦେଶକ ମୁକେଶ ଛାବ୍ରା ଭୁବନେଶ୍ୱରରେ ଏକ ଅଫିସ ଖୋଲିବେ। ଏହା ଓଡ଼ିଶାରେ କଳାକାରଙ୍କ ଅଡିଶନ ଓ କାଷ୍ଟିଂ ଲାଗି କାର୍ଯ୍ୟ କରିବ ବୋଲି ଛାବ୍ରା କହିଛନ୍ତି। ଭୁବନେଶ୍ୱର ସୂଚନା ଭବନଠାରେ ଚାଲିଥିବା ଭୁବନେଶ୍ୱର ଚଳଚ୍ଚିତ୍ର ଉତ୍ସବର ଶନିବାର ଥିଲା ଦ୍ୱିତୀୟ ଦିବସ। ଏହି ଅବସରରେ ଚଳଚ୍ଚିତ୍ରରେ ଅଭିନୟ ଉପରେ ଏକ ସ୍ୱତନ୍ତ୍ର 'ମାଷ୍ଟର କ୍ଲାସ୍' ଆୟୋଜନ କରାଯାଇଥିଲା। ଏଥିରେ ନିର୍ଦ୍ଦେଶକ ଛାବ୍ରା ଯୋଗଦେଇ ଚଳଚ୍ଚିତ୍ର ନିର୍ମାଣ କ୍ଷେତ୍ରରେ ଆଗ୍ରହ ରଖୁଥିବା ଯୁବ ପ୍ରତିଭାମାନଙ୍କୁ ବିଶେଷ ତାଲିମ ଓ ପରାମର୍ଶ ଦେଇଥିଲେ। ଅଭିନୟ କରିବା ସହଜ ନୁହେଁ, ଏହା ଗୋଟିଏ କଳା। ଯେଉଁମାନେ ଅଭିନୟ କରିବାକୁ ଚାହୁଁଛନ୍ତି ବା ଏହି କ୍ଷେତ୍ରରେ କ୍ୟାରିୟର କରିବାକୁ ଚାହୁଁଛନ୍ତି ସେମାନଙ୍କୁ କଠିନ ପରିଶ୍ରମ କରିବାକୁ ପଡ଼ିବ। ମନରେ ଆତ୍ମବିଶ୍ୱାସ ରଖି ଆଗକୁ ବଢିବାକୁ ହେବ। ଏହାସହ ସିନେମା ଜଗତ ପାଇଁ ନିଜକୁ ପ୍ରସ୍ତୁତ କରିବାକୁ ପଡ଼ିବ ବୋଲି ସେ କହିଛନ୍ତି। ଏହି 'ମାଷ୍ଟର କ୍ଲାସ୍'ରେ ଓଡ଼ିଆ ସିନେମା ଓ ନାଟ୍ୟଜଗତର କଳାକାରଙ୍କ ସହ ଗଣମାଧ୍ୟମର ଛାତ୍ରୀଛାତ୍ର ଯୋଗଦେଇଥିଲେ। ବଲିଉଡ୍ ଫିଲ୍ମ ମେକର କେତନ ମେହେଟ୍ଟା, ଅଭିନେତା ତଥା ନ୍ୟାଶନାଲ ସ୍କୁଲ ଅଫ୍ ଡ୍ରାମାର ନିର୍ଦ୍ଦେଶକ ଚିତ୍ତରଞ୍ଜନ ତ୍ରିପାଠୀ, ବଲିଉଡ୍ ସାଉଣ୍ଡ ଡିଜାଇନର ସୁବାସ ସାହୁ ଏବଂ ଫିଲ୍ମ ଫେଷ୍ଟିଭାଲର ଅନ୍ୟତମ ଆୟୋଜକ ତଥା ଅଭିନେତା ସୁକାନ୍ତ ରଥ ପ୍ରମୁଖ ଉପସ୍ଥିତ ଥିଲେ। ଏଥିସହ 'ଅହଲ୍ୟା', 'ଧଉଳି ଏକ୍ସପ୍ରେସ୍', 'ତାରା', 'ଶୁକ ଆସୁଛି' ଏବଂ 'ଜୀଅନ୍ତା ଭୂତ' ଭଳି ୫ଟି ଶ୍ରେଷ୍ଠ ଓଡ଼ିଆ ଚଳଚ୍ଚିତ୍ର ପ୍ରଦର୍ଶିତ ହୋଇଥିଲା।

### ଭୁବନେଶ୍ୱର ଚଳଚ୍ଚିତ୍ର ଉତ୍ସବ



ଚଳଚ୍ଚିତ୍ର ଉତ୍ସବରେ ଯୋଗ ଦେଇଥିବା ପ୍ରଯୋଜକ, ନିର୍ଦ୍ଦେଶକ, ଅଭିନେତା ପ୍ରମୁଖ।

## ସଂକ୍ଷେପରେ

### ବିଜେଡି ସଭାପତିଙ୍କ କାର୍ ଭାଙ୍ଗିଲେ ଦୁର୍ବୃତ୍ତ



ଯୋଗେଶ୍ୱରପୁର,୮।୬(ରଶ୍ମିରଞ୍ଜନ ସାହୁ)

ନୟାହାଟ ଫାଣ୍ଡି ଅଧୀନ ସୋରଭା ପଞ୍ଚାୟତରେ ବିଜେଡି ସଭାପତି ଜ୍ୟୋତିରଞ୍ଜନ ନାୟକଙ୍କ କାର୍‌ର ପଛ କାଚ ଦୁର୍ବୃତ୍ତ ଭାଙ୍ଗିଥିବା ନେଇ ଶନିବାର ଅଭିଯୋଗ ହୋଇଛି। ଫାଣ୍ଡି ଏଏସ୍‌ଆଇ ସନ୍ତୋଷ ସାହୁ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। କ୍ୟାମେରାରେ ୨ ଜଣ ବ୍ୟକ୍ତି ଏହି କାମ କରିଥିବା ଦୃଶ୍ୟ ପରିଷ୍କାର ଦେଖାଯାଉଥିବାବେଳେ ଉକ୍ତ ବ୍ୟକ୍ତି ସ୍ଥାନୀୟ ଅଞ୍ଚଳର ବୋଲି ଜଣାପଡିଛି। ତେବେ ରାଜନୈତିକ ହିଂସା କାରଣରୁ ଜ୍ୟୋତିରଞ୍ଜନଙ୍କ ଘର ଆଗରେ ଥୁଆ ହୋଇଥିବା କାର୍‌କୁ ଶୁକ୍ରବାର ବିଳମ୍ବିତ ରାତିରେ ଭଙ୍ଗାଯାଇଥିବା ସନ୍ଦେହ କରାଯାଉଛି। କେତେଜଣ ଦୁର୍ବୃତ୍ତ ଗେଟ୍ ଡେଇଁ ପାଚେରି ଭିତରେ ପଶି ଏହି କାଣ୍ଡ କରୁଥିବାବେଳେ ଜ୍ୟୋତିରଞ୍ଜନ ଦେଖି ବାହାରକୁ ଆସିବାରୁ ସେମାନେ ସେଠାରୁ ପଳାଇଯାଇଥିଲେ। ଏ ସମ୍ପର୍କରେ ଏଏସ୍‌ଆଇ ସନ୍ତୋଷ କୁମାର ସାହୁଙ୍କୁ ପଚାରିବାରୁ, ମକଦ୍ଦମା ରୁଜୁ ପରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ କହିଥିଲେ।

### ଥାନାରେ ଏତଲା ଦେଲେ ଅପହୃତା ଛାତ୍ରୀଙ୍କ ମା'

ଭୁବନେଶ୍ୱର,୮।୬ (ସୂର୍ଯ୍ୟକାନ୍ତ ବେହେରା)

ଭୁବନେଶ୍ୱର ରବି ଟକିଜ୍ ଛକରୁ ଶୁକ୍ରବାର ଜଣେ ୧୨ ବର୍ଷୀୟା ଛାତ୍ରୀଙ୍କୁ ଅପହରଣ କରାଯାଇଥିବା ନେଇ ଅଭିଯୋଗ ହୋଇଥିଲା। ତେବେ ଏନେଇ ଶନିବାର ନାବାଳିକାଙ୍କ ମା' ବଡ଼ଗଡ଼ ଥାନାରେ ଏତଲା ଦେଇଛନ୍ତି। ପୋଲିସ ଅଭିଯୋଗ ଆଧାରରେ ଏକ ମାମଲା ରୁଜୁକରି ଘଟଣାର ତଦନ୍ତ ଆରମ୍ଭ କରିବା ସହ ଅପହରଣ ହୋଇଥିବା ସ୍ଥାନରେ ଲାଗିଥିବା ସିସିଟିଭି ଫୁଟେଜ ଯାଞ୍ଚ ଚଳାଇଛି। ସୂଚନାନୁସାରେ, ଉକ୍ତ ଛକରେ ନାବାଳିକାଙ୍କ ମା'ଙ୍କର ଏକ ଦୋକାନ ରହିଛି। ଶୁକ୍ରବାର ସନ୍ଧ୍ୟାରେ ନାବାଳିକା ଜଣକ ତାଙ୍କ ମା'ଙ୍କ ପାଖରେ ଦୋକାନରେ ଥିଲେ। ଏହି ସମୟରେ ଟ୍ୟୁଶନ ଦିଦି ଘରକୁ ଆସିଲେଣି, ଶୀଘ୍ର ଝିଅକୁ ଘରକୁ ପଠାଇବାକୁ ଏକ ଫୋନ୍ କଲ୍ ଆସିଥିଲା। ପରେ ମା'ଙ୍କ କଥା ମାନି ନାବାଳିକା ଜଣକ ଘରକୁ ଯାଉଛି କହି ବାହାରିଥିଲେ ମଧ୍ୟ ଘରେ ପହଞ୍ଚି ନ ଥିଲେ। ବହୁ ଖୋଜାଖୋଜି ପରେ ଝିଅକୁ ନ ପାଇବାରୁ ଥାନାରେ ଅଭିଯୋଗ କରିଥିଲେ।

## ରାଜଭବନ ନୂଆ ଅଭିଷେକ ହଲ୍ କାର୍ଯ୍ୟ ନିମ୍ନମାନର

ଭୁବନେଶ୍ୱର, ୮।୬(ଅସମାପିକା ସାହୁ)

### ପୂର୍ତ୍ତ ବିଭାଗକୁ ଚିଠି ଲେଖିଲେ ରାଜ୍ୟପାଳଙ୍କ ପ୍ରମୁଖ ସଚିବ

ଭୁବନେଶ୍ୱର ରାଜଭବନରେ ନିମ୍ନମାନର କାର୍ଯ୍ୟ ହୋଇଥିବା ଅଭିଯୋଗ ହୋଇଛି। ରାଜଭବନର ନୂଆ ଅଭିଷେକ ହଲ୍ ନିର୍ମାଣ ସହ ବିଭିନ୍ନ କାର୍ଯ୍ୟ ନିମ୍ନମାନର ହୋଇଥିବା ନେଇ ରାଜ୍ୟପାଳଙ୍କ ପ୍ରମୁଖ ଶାସନ ସଚିବ ଶାଶ୍ୱତ ମିଶ୍ର ପୂର୍ତ୍ତ ବିଭାଗକୁ ଏକ ଚିଠି ଲେଖି ଜଣାଇଛନ୍ତି। ଗତ ମାର୍ଚ୍ଚ ୧୮ରେ ପୂର୍ତ୍ତ ବିଭାଗର ମୁଖ୍ୟ ଯନ୍ତ୍ରୀ(ବିଲ୍ଡିଂ)ଙ୍କୁ ଏହି ଚିଠି ଲେଖାଯାଇଥିବାବେଳେ ଏବେ ଏହା ପଦାକୁ ଆସିବା ପରେ ଘଟଣା ସମ୍ପର୍କରେ ଜଣାପଡ଼ିଛି। ଶାଶ୍ୱତ ମିଶ୍ର ତାଙ୍କ ଚିଠିରେ ଲେଖିଛନ୍ତି, ମାତ୍ର ୧ବର୍ଷ ହେବ ନୂଆ ଅଭିଷେକ ହଲ୍ ତିଆରି ହୋଇଛି। କିନ୍ତୁ ମେନ୍ ହଲ୍, ଚଟାଣ ଓ କାଠ/ମାଇକା ଲଗାଯାଇଥିବା ସ୍ଥାନଗୁଡ଼ିକ ନଷ୍ଟ ହୋଇଗଲାଣି। ସେହିଭଳି ଚଟାଣରେ ପଡ଼ିଥିବା ଟାଇଲ, ମେନ୍ ହଲ୍‌ରେ ଷ୍ଟେଜ୍ ନିର୍ମାଣ, କିଛି ସ୍ଥାନରେ ହୋଇଥିବା ଚିତ୍ରକଳା, ଶୀତତାପ ନିୟନ୍ତ୍ରିତ ବ୍ୟବସ୍ଥା, ଲାଇଟ୍, ସାଉଣ୍ଡ, ପାଣି ଯୋଗାଣ ଇତ୍ୟାଦି କାମ ମଧ୍ୟ ସନ୍ତୋଷଜନକ ନୁହେଁ। ନୂଆ ଅଭିଷେକ ହଲ୍ ରାଜ୍ୟର ବହୁ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମରେ ବ୍ୟବହାର କରାଯାଉଛି। ଶପଥପାଠ, ଆଟ୍-ହୋମ୍, ଭିଭିଆଇପି/ଭିଆଇପିଙ୍କୁ ନେଇ କେନ୍ଦ୍ର/ରାଜ୍ୟ ପରିଚାଳିତ କାର୍ଯ୍ୟକ୍ରମ ଆଦି କରାଯାଉଛି। କିନ୍ତୁ ନିମ୍ନମାନର କାର୍ଯ୍ୟ ଯୋଗୁ ବିଭିନ୍ନ କାର୍ଯ୍ୟକ୍ରମ ସମୟରେ ନାନା ସମସ୍ୟା ସୃଷ୍ଟି ହେବା ସହ ଏହାକୁ ମରାମତି କରିବା ପାଇଁ ବହୁ ଟଙ୍କା ଖର୍ଚ୍ଚ କରିବାକୁ ପଡୁଛି। ତେଣୁ ନୂଆ ଅଭିଷେକ ବିଲ୍ଡିଂର ସମ୍ପୂର୍ଣ୍ଣ ଯାଞ୍ଚ କରିବା ସହ ଏଥିରେ କିପରି ସୁଧାର ଅଣାଯାଇପାରିବ ସେ ଦିଗରେ ପଦକ୍ଷେପ ନେବାକୁ ସେ ତାଙ୍କ ଚିଠିରେ ଅନୁରୋଧ କରିଛନ୍ତି।




ନରେନ୍ଦ୍ର ମୋଦି ୩ୟ ଥର ପାଇଁ ପ୍ରଧାନମନ୍ତ୍ରୀ ଭାବେ ରବିବାର ଶପଥ ନେବେ। ତାଙ୍କୁ ଅଭିନନ୍ଦନ ଜଣାଇ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକ ପୁରୀ ବେଳାଭୂମିରେ ତିଆରି କରିଥିବା ବାଲୁକା କଳା।

## ବୋମାମାଡ଼ ଘଟଣାରେ ୨ ଗିରଫ



ଭୁବନେଶ୍ୱର,୮।୬ (ସୂର୍ଯ୍ୟକାନ୍ତ ବେହେରା)

ଭୁବନେଶ୍ୱରର ବରମୁଣ୍ଡା ଫାର୍ମ ରୋଡ୍ ତାରିଣୀ ମନ୍ଦିର ନିକଟରେ ଗତ ୨୭ ତାରିଖରେ ଏକ କାର୍‌କୁ ବୋମାମାଡ଼ ଘଟଣାରେ ଖଣ୍ଡଗିରି ପୋଲିସ ତଦନ୍ତକରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ଏହି ଘଟଣାରେ ସଂପୃକ୍ତ ଥିବା ଅଭିଯୁକ୍ତଙ୍କ ମଧ୍ୟରୁ ୨ ଜଣଙ୍କୁ ଗିରଫକରି କୋର୍ଟ ଚାଲାଣ କରିଛି। ଜାମିନ ନ ମିଳିବାରୁ ସେମାନଙ୍କୁ ବିଚାରବିଭାଗୀୟ ଜେଲ ହାଜତକୁ ପଠାଇ ଦିଆଯାଇଛି। ଅଭିଯୁକ୍ତଦ୍ୱୟ ହେଲେ ମଞ୍ଚେଶ୍ୱର ଥାନା ଅଞ୍ଚଳର ଉଦିତ ନାରାୟଣ ପ୍ରଧାନ ଓ ଏୟାରଫିଲ୍ଡ ଅଞ୍ଚଳରେ ରହୁଥିବା ବୋଲଗଡ଼ର ସାହାନୱାଜ ମଲ୍ଲିକ। ପୂର୍ବ ଶତ୍ରୁତା ଓ କମେଣ୍ଟ ମରାକୁ କେନ୍ଦ୍ରକରି ଅଭିଯୁକ୍ତମାନେ ବୋମାମାଡ଼ କରିଥିବା ପୋଲିସ କହିଛି। ସେହିପରି ସାହାନୱାଜ ନିଜେ ବୋମା ତିଆରି କରିଥିବା ତଦନ୍ତ ବେଳେ ପୋଲିସ ଜାଣିବାକୁ ପାଇଛି। ସୂଚନାନୁସାରେ, ନୟାପଲ୍ଲୀ ଥାନା ଅଞ୍ଚଳର ରାଜେଶ ସାମନ୍ତସିଂହାର ସ୍କର୍ପିଓ ଗାଡ଼ିରେ ବରମୁଣ୍ଡା ଫାର୍ମ ରୋଡ୍ ଦେଇ ଜାଗମରା ଆଡ଼କୁ ଯାଉଥିଲେ। ରାଜେଶଙ୍କୁ ୩ଟି ବାଇକ୍‌ରେ କେତେଜଣ ଦୁର୍ବୃତ୍ତ ପିଛାକରି ତାଙ୍କ କାର୍‌କୁ ବୋମାମାଡ଼ କରି ଫେରାର ହୋଇଯାଇଥିଲେ। ଏନେଇ ରାଜେଶ ଥାନାରେ ଅଭିଯୋଗ କରିଥିଲେ। ତେବେ ଏହି ଘଟଣାରେ ଫେରାର ଥିବା ଅନ୍ୟ ଅଭିଯୁକ୍ତଙ୍କୁ ଧରିବା ପାଇଁ ଉଦ୍ୟମ ଚଳାଇଛି।

## ୮ ଦିନ ପରେ ଦିବ୍ୟରଞ୍ଜନଙ୍କ ମୃତଦେହ ସତ୍କାର

କଟକ, ୮।୬(ଶିଳ୍ପା ପ୍ରିୟଦର୍ଶିନୀ)

### ପୁରୀ ବାଣ ବିସ୍ଫୋରଣ ଘଟଣା

ଏସ୍‌ସିବି ମେଡିକାଲରେ ୮ ଦିନ ହେବ ରଖାଯାଇଥିବା ଦିବ୍ୟରଞ୍ଜନ ସାହୁଙ୍କ ମୃତଦେହ ଶନିବାର ସତ୍କାର କରାଯାଇଛି। ପୁରୀ ବାଣ ବିସ୍ଫୋରଣ ଘଟଣାରେ ଗୁରୁତର ହୋଇ ଏସ୍‌ସିବି ମେଡିକାଲରେ ଚିକିତ୍ସିତ ହେଉଥିବା ଦିବ୍ୟରଞ୍ଜନଙ୍କର ଗତ ୧ ତାରିଖରେ ମୃତ୍ୟୁ ଘଟିଥିଲା। ତାଙ୍କର କେହି ପରିବାର ଲୋକେ ନ ଆସିବାରୁ ମୃତଦେହକୁ ଏସ୍‌ସିବି ମେଡିକାଲର ଶବ ସଂରକ୍ଷଣ ଗୃହରେ ରଖାଯାଇଥିଲା। ତାଙ୍କ ପରିବାର ଲୋକେ ଜାଣିବା ପାଇଁ ଏ ସମ୍ପର୍କରେ ଗଣମାଧ୍ୟମରେ ଖବର ପ୍ରକାଶ ପାଇଥିଲା। ତଥାପି ତାଙ୍କ ପରିବାର ଲୋକେ ଏସ୍‌ସିବିରେ ପହଞ୍ଚି ନ ଥିଲେ। ୮ ଦିନ ପରେ ସତ୍କାର ପାଇଁ ଏସ୍‌ସିବି ମେଡିକାଲ ପକ୍ଷରୁ ସାମାଜିକ ଅନୁଷ୍ଠାନ ସାବିତ୍ରୀ ଜନସେବାକୁ ଦିବ୍ୟରଞ୍ଜନଙ୍କ ମୃତଦେହ ହସ୍ତାନ୍ତର କରାଯାଇଥିଲା। ଶନିବାର ଅପରାହ୍ନରେ କଟକ ସତୀଚୌରାସ୍ଥିତ ଶ୍ମଶାନରେ ଦିବ୍ୟରଞ୍ଜନଙ୍କ ମୃତଦେହ ସତ୍କାର କରାଯାଇଛି। ସୂଚନାଯୋଗ୍ୟ, ଦିବ୍ୟରଞ୍ଜନଙ୍କ ମୃତଦେହ ବ୍ୟବଚ୍ଛେଦ ପରେ ଏସ୍‌ସିବିରେ ରଖାଯାଇଥିଲା। ଏନେଇ ମଙ୍ଗଳାବାଗ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଥିଲା। ମୃତକଙ୍କ ସଂକ୍ରାନ୍ତରେ ତଥ୍ୟ ସଂଗ୍ରହ କରିବା ଲାଗି ପୁରୀ ପୋଲିସ ସମେତ ରାଜ୍ୟର ଅନ୍ୟ ଥାନାକୁ ତାଙ୍କ ଫଟୋ ପଠାଯାଇଥିଲା।

## ସଚେତନତା ପାଇଁ ଜିଲା ଶିକ୍ଷାଧିକାରୀଙ୍କୁ ନିର୍ଦ୍ଦେଶ

ଭୁବନେଶ୍ୱର, ୮।୬(ଅସମାପିକା ସାହୁ)

### ସରକାରୀ ସ୍କୁଲ ପିଲାଙ୍କ ପାଇଁ ୧୫% ମେଡିକାଲ, ଇଞ୍ଜିନିୟରିଂ ସିଟ୍ ସଂରକ୍ଷଣ

ସରକାରୀ ସ୍କୁଲର ଛାତ୍ରୀଛାତ୍ରଙ୍କ ପାଇଁ ମେଡିକାଲ ଏବଂ ଇଞ୍ଜିନିୟରିଂରେ ୧୫ ପ୍ରତିଶତ ସିଟ୍ ସଂରକ୍ଷଣ ରହିଛି। ହେଲେ ସରକାରଙ୍କ ଏହି ବ୍ୟବସ୍ଥା ସମ୍ପର୍କରେ ଅଧିକାଂଶ ଛାତ୍ରୀଛାତ୍ର ଜାଣିପାରୁ ନାହାନ୍ତି। ତେଣୁ ଏ ସମ୍ପର୍କରେ ସଚେତନତା ସୃଷ୍ଟି ସହ ସରକାରୀ ସ୍କୁଲ୍ ପ୍ରତି ଛାତ୍ରୀଛାତ୍ର ଓ ସେମାନଙ୍କ ଅଭିଭାବକଙ୍କୁ ଆକୃଷ୍ଟ କରିବା ଲାଗି ରାଜ୍ୟ ସରକାର ବ୍ୟାପକ ପ୍ରଚାର ପ୍ରସାର କରିବାକୁ ନିଷ୍ପତ୍ତି ନେଇଛନ୍ତି। ସରକାରୀ ଏବଂ ସରକାରୀ ଅନୁଦାନପ୍ରାପ୍ତ ଉଚ୍ଚ ବିଦ୍ୟାଳୟ ଓ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ରୀଛାତ୍ର ଏହି ସୁବିଧା କିପରି ପାଇପାରିବେ ସେଥିପାଇଁ ସ୍କୁଲରେ ସଚେତନତା ସୃଷ୍ଟି କରାଯିବ। ଏଥିପାଇଁ ରାଜ୍ୟର ସମସ୍ତ ଜିଲା ଶିକ୍ଷାଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

ସୂଚନାନୁଯାୟୀ, ସରକାରୀ ବିଦ୍ୟାଳୟରେ ପଢୁଥିବା ଛାତ୍ରୀଛାତ୍ରଙ୍କୁ ମେଡିକାଲ ଓ ଇଞ୍ଜିନିୟରିଂ ପାଠପଢ଼ାରେ ୧୫ ପ୍ରତିଶତ ସଂରକ୍ଷଣ ମିଳିବ। ପୂର୍ବରୁ ଏହି ସିଟ ପାଇ ପାଠ ପଢ଼ିବା ସରକାରୀ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ପାଇଁ ଏକ ଜଟିଳ ସମସ୍ୟା ରହିଥିଲା। ଏବେ ଏଥିରେ ସଂରକ୍ଷଣ ଫଳରେ ସରକାରୀ ସ୍କୁଲର ପିଲାମାନଙ୍କୁ କିଛିଟା ସୁଯୋଗ ମିଳିବ। ରାଜ୍ୟର ୮୬ ପ୍ରତିଶତ ଛାତ୍ରୀଛାତ୍ର ସରକାରୀ ସ୍କୁଲରେ ପାଠ ପଢ଼ନ୍ତି। ସେଥିମଧ୍ୟରୁ କେବଳ ୨୩ ପ୍ରତିଶତ ମେଡିକାଲ କଲେଜ ଏବଂ ୨୧ ପ୍ରତିଶତ ଇଞ୍ଜିନିୟରିଂ କଲେଜରେ ସିଟ୍ ପାଇଥାନ୍ତି। ତେବେ ସରକାରୀ ବିଦ୍ୟାଳୟରେ ମେଧାବୀ ଛାତ୍ରୀଛାତ୍ରଙ୍କୁ କୋଚିଂର ଅଭାବ ରହିଥିବାରୁ ପ୍ରବେଶିକା ପରୀକ୍ଷାରେ କୃତକାର୍ଯ୍ୟ ସଂଖ୍ୟା କମିବାରେ ଲାଗୁଛି। ଅନେକ ଭଲ ଭଲ ଘରୋଇ କୋଚିଂ ସେଣ୍ଟର ପ୍ରାୟତଃ ସହରାଞ୍ଚଳରେ ରହୁଛି। ଏଥିରେ କୋଚିଂ ନେବା ଅଧିକ ବ୍ୟୟ ବହୁଳ ହେଉଥିବାରୁ ଏଭଳି ବ୍ୟବସ୍ଥା କରାଯାଇଛି। ଏହି ସଂରକ୍ଷଣ ସୁବିଧା ସମସ୍ତ ସଂରକ୍ଷିତ ବର୍ଗ ତଥା ସାଧାରଣ ବର୍ଗର ପିଲାଙ୍କ ସମେତ ସବୁବର୍ଗରେ ସମାନୁପାତିକ ଭାବେ ଲାଗୁ କରାଯିବ ବୋଲି ସୂଚନା ମିଳିଛି।

## ସେଲ୍ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com



@ ରୁବି



@ ମାନସ



@ ଶୁଭଲକ୍ଷ୍ମୀ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।

## ଆଜି ଏସ୍‌ସିବିରୁ ଡିସ୍‌ଚାର୍ଜ ହୋଇପାରନ୍ତି ପ୍ରଶାନ୍ତ ଜଗଦେବ

କଟକ,୮।୬(ଶିଳ୍ପା ପ୍ରିୟଦର୍ଶିନୀ)

ଏସ୍‌ସିବି ମେଡିକାଲରେ ଚିକିତ୍ସିତ ହେଉଥିବା ବିଜୟୀ ଖୋର୍ଦ୍ଧା ଭାଜପା ବିଧାୟକ ପ୍ରାର୍ଥୀ ପ୍ରଶାନ୍ତ ଜଗଦେବ ରବିବାର ଡିସ୍‌ଚାର୍ଜ ହୋଇପାରନ୍ତି। ତାଙ୍କ ସ୍ୱାସ୍ଥ୍ୟାବସ୍ଥାରେ ସୁଧାର ଆସିଛି। ରବିବାର ସକାଳେ ତାଙ୍କର ଅବଶିଷ୍ଟ ପରୀକ୍ଷାନିରୀକ୍ଷା କରାଯିବ। ଯଦି ରିପୋର୍ଟ ଭଲ ଆସେ ତାଙ୍କୁ ଡିସ୍‌ଚାର୍ଜ କରାଯିବ। ନ ହେଲେ ତାଙ୍କର ଚିକିତ୍ସା ଜାରି ରହିବ ବୋଲି ଏସ୍‌ସିବି ମେଡିକାଲ ମେଡିସିନ ବିଭାଗୀୟ ମୁଖ୍ୟ ପ୍ରଫେସର ଡା. ଜୟନ୍ତ କୁମାର ପଣ୍ଡା ସୂଚନା ଦେଇଛନ୍ତି।

ସୂଚନାଯୋଗ୍ୟ, ଗତ ୨୫ ତାରିଖରେ ଖୋର୍ଦ୍ଧା ଜିଲା ବୋଲଗଡ଼ ବ୍ଲକ କାଉଁରିପାଟଣା ୧୧୪ ନଂ. ବୁଥ୍‌ରେ ଇଭିଏମ୍ ଭାଙ୍ଗିବା ଅଭିଯୋଗରେ ପ୍ରଶାନ୍ତଙ୍କୁ ପୋଲିସ ଗିରଫ କରି ଖୋର୍ଦ୍ଧା ଜେଲକୁ ପଠାଇଥିଲା। ୨୮ ତାରିଖ ରାତିରେ ସେ ହଠାତ୍ ଅସୁସ୍ଥ ହୋଇପଡ଼ିଥିଲେ। ତେଣୁ ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯିବାକୁ ସେ କୋର୍ଟରେ ଆବେଦନ କରିଥିଲେ। କୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଖୋର୍ଦ୍ଧା ଜିଲା ସ୍ୱାସ୍ଥ୍ୟ ବିଭାଗର ଏକ ସ୍ୱତନ୍ତ୍ର ଟିମ୍ ଜେଲ ପରିସରରେ ତାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ତାଙ୍କର ଅଧିକ ଚିକିତ୍ସା ପାଇଁ ୨୯ ତାରିଖ ଭୋର ୪ଟାରେ ତାଙ୍କୁ ସ୍ୱତନ୍ତ୍ର ଆମ୍ବୁଲାନ୍ସ ଯୋଗେ କଡ଼ା ସୁରକ୍ଷା ବଳୟ ଭିତରେ କଟକ ଏସ୍‌ସିବି ମେଡିକାଲରେ ଭର୍ତ୍ତି କରାଯାଇଥିଲା। ପରୀକ୍ଷା ପରେ ତାଙ୍କୁ ମଧୁମେହ ପରିମାଣ ଅଧିକ ରହିଥିବା ଜଣାପଡିଥିଲା। ସେହିଦିନଠାରୁ ସେଠାରେ ତାଙ୍କର ଚିକିତ୍ସା ଜାରି ରହିଛି।

## ଯୁବକଙ୍କ କଟାହାତ ଯୋଡ଼ାଗଲା

କଟକ,୮।୬(ଶିଳ୍ପା ପ୍ରିୟଦର୍ଶିନୀ)

### ଏସ୍‌ସିବିରେ ସଫଳ ଅସ୍ତ୍ରୋପଚାର

ଏସ୍‌ସିବି ମେଡିକାଲରେ ସଫଳ ଅସ୍ତ୍ରୋପଚାର ପରେ ଜଣେ ଯୁବକଙ୍କ କଟାହାତ ଯୋଡାଯାଇଛି। ସେ ହେଲେ ମୟୂରଭଞ୍ଜ ଜିଲା ବେତନଟି ଅଞ୍ଚଳର ବିଶ୍ୱଜିତ୍ ବେହେରା(୩୦)। ମିଳିଥିବା ସୂଚନା ଅନୁଯାୟୀ, ଗତ ୧୫ ତାରିଖରେ ବିଶ୍ୱଜିତ୍ ସୋରିଶ ପେଡିବା ପାଇଁ ଗ୍ରାମ ନିକଟ ଏକ ଘଣା ମେଶିନ ନିକଟରେ ପହଞ୍ଚିଥିଲେ। ସୋରିଷ ପେଡା ଚାଲିଥିବାବେଳେ ମେଶିନ୍ ଅନ୍ୟପଟେ ବାହାରୁଥିବା ତେଲକୁ ବିଶ୍ୱଜିତ୍ ବାହାର କରୁଥିଲେ। ଏହି ସମୟରେ ଅସାବଧାନତା ବଶତଃ ମେଶିନ୍‌ରେ ତାଙ୍କ ଡାହାଣ ହାତ ପଶିଯିବାରୁ ପ୍ରାୟ ୪୦ ପ୍ରତିଶତ କଟିଯାଇଥିଲା। ସେଠାରେ ଥିବା ଲୋକେ କଟାହାତ ସହ ତାଙ୍କୁ ଉଦ୍ଧାର କରି ଏସ୍‌ସିବି ମେଡିକାଲରେ ଭର୍ତ୍ତି କରିଥିଲେ। ପରେ ଏସ୍‌ସିବି ପ୍ଲାଷ୍ଟିକ ସର୍ଜରୀ ବିଭାଗରେ ତାଙ୍କର ଅସ୍ତ୍ରୋପଚାର କରାଯାଇଥିଲା। ବିଭାଗୀୟ ମୁଖ୍ୟ ପ୍ରଫେସର ଡା. ବିଭୂତି ଭୂଷଣ ନାୟକଙ୍କ ନେତୃତ୍ୱରେ ଏକ ଡାକ୍ତରୀ ଟିମ୍ ଅସ୍ତ୍ରୋପଚାର କରି ବିଶ୍ୱଜିତ୍‌ଙ୍କ ହାତକୁ ଯୋଡିବାରେ ସକ୍ଷମ ହୋଇଥିଲେ। ଏନେଇ ଡା. ନାୟକ କହିଛନ୍ତି, ଅସ୍ତ୍ରୋପଚାର ସଫଳ ହୋଇଛି। କିଛିଦିନ ମଧ୍ୟରେ ବିଶ୍ୱଜିତ୍‌ଙ୍କ ହାତ ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ ହୋଇପାରିବ।

# ପ୍ରାର୍ଥୀ ଚୟନରେ ବଦଳିଗଲା ବିଜେଡି ଅଙ୍କ

## ରାୟଗଡ଼ା ୩ ଆସନ ଦଖଲ କଲା କଂଗ୍ରେସ

ରାୟଗଡ଼ା, ୮।୬(ଆଶିଷ ରଞ୍ଜନ ପଣ୍ଡା)


ଆପଲସ୍ୱାମୀ କାଡ୍ରାକା


ନୀଳମାଧବ ହିକ୍କା


ସତ୍ୟଜିତ୍ ଗମାଙ୍ଗ

ଚଳିତ ନିର୍ବାଚନ ଫଳାଫଳ ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ୨୫ ବର୍ଷ ଧରି ଶାସନ କରୁଥିବା ବିଜେଡିକୁ ପ୍ରତ୍ୟାଖ୍ୟାନ କରି ଓଡ଼ିଶାବାସୀ ଭାଜପାକୁ ସମର୍ଥନ କରିଛନ୍ତି। ହେଲେ କୋରାପୁଟ ଲୋକ ସଭା ଆସନ ଏବଂ ଏହା ଅଧୀନ ୬ଟି ବିଧାନସଭା ଆସନର ଫଳାଫଳ ଗୋଟେ ବଡ଼ ଟ୍ୱିଷ୍ଟ ଆଣିଛି। କଂଗ୍ରେସ ଶାସକ ବିଜେଡିକୁ ଧରାଶାୟୀ କରିବା ସହ ଭାଜପାକୁ ପୂର୍ବଭଳି ଖାତା ଖୋଲିବାକୁ ଦେଇନାହିଁ। ରାୟଗଡ଼ା ଜିଲାର ୩ଟି ଯାକ ବିଧାନସଭା ଆସନକୁ କଂଗ୍ରେସ ଦଖଲ କରିଛି। ରାୟଗଡ଼ାରେ କଂଗ୍ରେସ ପ୍ରାର୍ଥୀ ଆପଲସ୍ୱାମୀ କାଡ୍ରାକା, ବିଷମ କଟକରେ ନୀଳମାଧବ ହିକ୍କା ଏବଂ ଗୁଣପୁରରେ ସତ୍ୟଜିତ୍ ଗମାଙ୍ଗ ବିଜୟ ଲାଭ କରିଛନ୍ତି। ତେବେ ୨୪ ବର୍ଷ ଅପରାଜେୟ ରହିଥିବା ବିଜେଡି ଚଳିତ ନିର୍ବାଚନରେ ଜିଲାରେ ନୈରାଶ୍ୟଜନକ ପ୍ରଦର୍ଶନକୁ ନେଇ ଦଳୀୟ ନେତା ସମୀକ୍ଷା କରୁଛନ୍ତି। ଅନ୍ୟପଟେ ଦଳର ପ୍ରାର୍ଥୀ ଚୟନକୁ ନେଇ ବିଜେଡିରେ ଏଭଳି ପରିସ୍ଥିତି ହୋଇଥିବା ଦଳୀୟ କର୍ମୀ ଓ ଲୋକେ ଆଲୋଚନା କରୁଛନ୍ତି।

ରାୟଗଡ଼ା ବିଧାନସଭା ଆସନରେ ବିଜେଡି ପ୍ରଥମଥର ପାଇଁ ମହିଳା ପ୍ରାର୍ଥୀ ଦେଇଥିଲା। ହେଲେ ପ୍ରାର୍ଥୀଙ୍କ ନିଜସ୍ୱ ସଂଗଠନ ଏବଂ ଭୋଟବ୍ୟାଙ୍କ ନ ଥିବା ଯୋଗୁ ଦଳ ଏଠାରେ ପରାଜୟ ବରଣ କରିଥିବା ଦଳୀୟ କର୍ମୀଙ୍କ ମଧ୍ୟରେ ଆଲୋଚନା ଚାଲିଛି। ରାୟଗଡ଼ା ବିଧାନସଭା ଆସନ ପାଇଁ ପୂର୍ବତନ ମନ୍ତ୍ରୀ ଲାଲବିହାରୀ ହିମିରିକା, ଜିଲା ପରିଷଦ ପୂର୍ବତନ ଅଧକ୍ଷ ଗଙ୍ଗାଧର ପୁଆଲା, କାଶୀପୁର ବ୍ଲକରେ ପୂର୍ବତନ ବିଧାୟକ ବିଭୀଷଣ ମାଝି, ନବାଗତା ରୀନା ସାଉଁତା ପ୍ରମୁଖ ରହିଥିଲେ ମଧ୍ୟ ଦଳର ଶୀର୍ଷନେତୃତ୍ୱ ସେମାନଙ୍କୁ ଅଣଦେଖା କରି ଅନସୂୟାଙ୍କୁ ଟିକେଟ ଦେଇଥିଲା। ଏପରିକି ରାୟଗଡ଼ାର ନିର୍ବାଚିତ ପ୍ରତିନିଧିଙ୍କ କୌଣସି ମତାମତ ସଂଗ୍ରହ ନ କରି ରାଜ୍ୟ ଶୀର୍ଷ ନେତୃତ୍ୱ ଏକପାଖିଆ ଅନସୂୟାଙ୍କୁ ଟିକେଟ ପ୍ରଦାନ କରିଥିବାରୁ ସେତେବେଳେ ଦଳରେ ଏକପ୍ରକାର ବିରୋଧର ସ୍ୱର ଉଠିଥିଲା। ତେବେ ଦଳର ବରିଷ୍ଠ ନେତାଙ୍କ ବୁଝାଶୁଝା ପରେ ସେମାନେ ଅନସୂୟାଙ୍କୁ ସମର୍ଥନ କରିଥିଲେ ହେଁ ପରୋକ୍ଷରେ କର୍ମୀମାନେ ଚୁପ୍ ରହିଥିଲେ। ତୃଣମୂଳସ୍ତରର କର୍ମୀଙ୍କୁ ଅଣଦେଖା କରିବା ବିଜେଡି ପାଇଁ କାଳ ସାଜିଲା ବୋଲି ରାଜନୈତିକ ସମୀକ୍ଷକମାନେ ମତ ଦେଇଛନ୍ତି। ଅନ୍ୟପକ୍ଷରେ ରାୟଗଡ଼ା ଜିଲାରେ ବିଜେଡିର ପତିଆରା ସ୍ଥାପନରେ ମୁଖ୍ୟ ଭୂମିକା ଗ୍ରହଣ କରିଥିବା ପୂର୍ବତନ ରାଜ୍ୟ ସଭା ସଦସ୍ୟ ତଥା ଜିଲା ବିଜେଡି ସଭାପତି ଏନ୍. ଭାସ୍କର ରାଓଙ୍କୁ ଜିଲାର ସମସ୍ତ ଦାୟିତ୍ୱ ନ ଦେଇ ଏକପ୍ରକାର ସଂକୁଚିତ କରି ରଖିବା ମଧ୍ୟ ଦଳର ସଙ୍ଗଠନ ଉପରେ ବିପରୀତ ପ୍ରଭାବ ପକାଇଥିବା କର୍ମୀ ମହଲରେ ଆଲୋଚନା ଚାଲିଛି। ସେହିଭଳି କୋରାପୁଟ ଲୋକ ସଭା ପ୍ରାର୍ଥୀ କୌଶଲ୍ୟା ହିକ୍କା ୨୦୧୯ ନିର୍ବାଚନରେ କଂଗ୍ରେସ ପ୍ରାର୍ଥୀ ସପ୍ତଗିରିଙ୍କଠାରୁ ୩୬୧୩ ଭୋଟରେ ପରାଜିତ ହୋଇଥିଲେ। ତେଣୁ ବିଜେଡି ଏଥର ପୁଣି କୌଶଲ୍ୟାଙ୍କ ଉପରେ ଭରସା କରି ଟିକେଟ ପ୍ରଦାନ କରିଥିଲା। ତେବେ ସପ୍ତଗିରିଙ୍କ ରଣନୀତି ଆଗରେ କୌଶଲ୍ୟା ଫେଲ୍ ମାରିଥିଲେ। ସେହିଭଳି ବିଷମକଟକ ଏବଂ ଗୁଣପୁର ଆସନରେ ମଧ୍ୟ ବିଜେଡି ପ୍ରାର୍ଥୀଙ୍କ ପ୍ରଦର୍ଶନ ନୈରାଶ୍ୟଜନକ ରହିଛି। ବିଷମକଟକ ବିଜେଡି ପ୍ରାର୍ଥୀ ଜଗନ୍ନାଥ ସାରକା ଗତ ୨ଥର ନିର୍ବାଚନ ଜିତିବା ସହିତ ମନ୍ତ୍ରୀ ମଧ୍ୟ ଥିଲେ। ହେଲେ ଅଞ୍ଚଳର ପ୍ରକୃତ ବିକାଶରେ ସମୟ ନ ଦେବା ପରାଜୟର କାରଣ ବୋଲି କର୍ମୀ ମହଲରେ ଆଲୋଚନା ହେଉଛି। ଚଳିତ ନିର୍ବାଚନରେ ରାଜ୍ୟ ଶୀର୍ଷନେତୃତ୍ୱଙ୍କ ବହୁ ଭୁଲ୍ ନିଷ୍ପତ୍ତି ଯୋଗୁ ଦଳ କେବଳ ରାୟଗଡ଼ାରେ ନୁହେଁ, ବରଂ ଓଡ଼ିଶାରେ ଶାସନ ଗାଦିରୁ ହଟିଯିବାର ମୁଖ୍ୟ କାରଣ ବୋଲି କର୍ମୀ ମହଲରେ ଆଲୋଚନା ଚାଲିଛି। ଅପରପକ୍ଷରେ ଜିଲାର ସମସ୍ତ ଆସନରେ କାହିଁକି ପରାଜୟ ଘଟିଲା ତାହାର ସମୀକ୍ଷା ଆମେ କରୁଛୁ ବୋଲି ଜିଲା ବିଜେଡି ସଭାପତି ଭାସ୍କର ରାଓ କହିଛନ୍ତି। କେଉଁ ବୁଥ୍‌ରେ ଆମର ଭୋଟ କମିଛି ତାହା ଅନୁଧାନ ଚାଲିଛି। ସେ ଦଳର ସମସ୍ତ ନେତାଙ୍କ ସହ ଆଲୋଚନା ପରେ ଏକ ରିପୋର୍ଟ ପ୍ରସ୍ତୁତକରି ଦଳର ସଭାପତିଙ୍କୁ ପ୍ରଦାନ କରିବେ ବୋଲି କହିଛନ୍ତି। ତେବେ ଗତ ୨ ଦିନ ଧରି କେତେଜଣ ନେତା ଦଳଡିଆଁ କରିବା ନେଇ ଆଲୋଚନା ଚାଲିଥିବା ସମ୍ପର୍କରେ ପଚାରିବାରୁ ସେ କହିଛନ୍ତି, ସେ ପ୍ରଥମେ ଜନତା ଦଳ ଓ ପରେ ବିଜୁ ଜନତା ଦଳରେ ରହିଛନ୍ତି। ମୋର ରାଜନୀତି ବିଜୁ ପରିବାରକୁ ନେଇ। ହାର୍‌ଜିତ ରାଜନୀତିରେ ରହିଛି। ସେ କୁଆଡ଼େ ଯିବାର ନାହିଁ, କିଏ କୁଆଡ଼େ ଯିବେ ସେ ସୂଚନା ମଧ୍ୟ ତାଙ୍କ ନିକଟରେ ନାହିଁ ବୋଲି କହିଛନ୍ତି।

# ଗଞ୍ଜାମ: ନୋଟାକୁ ଯାଇଛି ୨୫,୨୩୪ ଭୋଟ

ବ୍ରହ୍ମପୁର,୮।୬
(ଅଶୋକ କୁମାର ସାହୁ)

## ଖଲ୍ଲିକୋଟରେ ସର୍ବାଧିକ, ବ୍ରହ୍ମପୁରରେ ସର୍ବନିମ୍ନ

ଗଞ୍ଜାମ ଜିଲାରେ ଦୁଇଟି ପର୍ଯ୍ୟାୟରେ ମତଦାନ ହୋଇଥିଲା। ଏହି ୨ ପର୍ଯ୍ୟାୟରେ ଜିଲାର ୧୩ ନିର୍ବାଚନମଣ୍ଡଳୀରେ ମତଦାନ ହୋଇଥିଲା। ଗତ ୪ ତାରିଖ ଭୋଟ ଗଣତି ପରେ ଜିଲାରେ ୨୫,୨୩୪ ଭୋଟ ନୋଟାକୁ ଯାଇଥିବା ଜଣାପଡିଛି। ଅର୍ଥାତ ଉପରୋକ୍ତ ସଂଖ୍ୟକ ଭୋଟର କୌଣସି ପ୍ରାର୍ଥୀଙ୍କୁ ପସନ୍ଦ କରିନାହାନ୍ତି। ସେଥିମଧ୍ୟରୁ ଖଲ୍ଲିକୋଟ ନିର୍ବାଚନ ମଣ୍ଡଳୀରେ ସର୍ବାଧିକ ଭୋଟର ନୋଟାକୁ ବାଛିଥିବା ବେଳେ ବ୍ରହ୍ମପୁରରେ ସର୍ବନିମ୍ନ ଭୋଟ ନୋଟାକୁ ଯାଇଛି।

ମେ ୧୩ ତାରିଖରେ ବ୍ରହ୍ମପୁର ଲୋକ ସଭା କ୍ଷେତ୍ର ଓ ମେ ୨୦ ତାରିଖରେ ଆସିକା ଲୋକ ସଭା କ୍ଷେତ୍ରରେ ଭୋଟ ଗ୍ରହଣ ହୋଇଥିଲା। ଭାରତ ନିର୍ବାଚନ କମଶନଙ୍କ ୱେବସାଇଟ ତଥ୍ୟରୁ ସ୍ପଷ୍ଟ ହୋଇଛି ଯେ, ବ୍ରହ୍ମପୁର ବିଧାନସଭା କ୍ଷେତ୍ରରେ ସର୍ବନିମ୍ନ ୬୩୮ଟି ଭୋଟ ନୋଟାରେ ପଡିଥିବାବେଳେ ଖଲ୍ଲିକୋଟ ନିର୍ବାଚନ ମଣ୍ଡଳୀରେ ସର୍ବାଧିକ ୩୭୯୮ ଭୋଟ ପଡ଼ିଛି। ତେବେ ଏହି ଦୁଇ କ୍ଷେତ୍ରରେ ଭାଜପା ପ୍ରାର୍ଥୀଙ୍କ ବିଜୟ ହୋଇଛି। ସେହିପରି ଆସିକା ବିଧାନସଭା କ୍ଷେତ୍ରରେ ୧୯୨୨ ଖଣ୍ଡ ଭୋଟ, ଛତ୍ରପୁରରେ ୧୯୫୮, ଭଞ୍ଜନଗରରେ ୧୯୪୧, ଚିକିଟିରେ ୧୪୭୭, ଦିଗପହଣ୍ଡିରେ ୧୩୩୮, ଗୋପାଳପୁରରେ ୧୨୦୦, ହିଞ୍ଜିଳିରେ ୧୯୨୧, କବିସୂର୍ଯ୍ୟନଗରରେ ୨୦୩୮, ସାନଖେମୁଣ୍ଡିରେ ୨୭୨୪, ସୋରଡାରେ ୨୪୮୮ ଓ ପୋଲସରା ବିଧାନସଭା ନିର୍ବାଚନ ମଣ୍ଡଳୀରେ ୧୭୯୧ ଖଣ୍ଡ ଭୋଟ ନୋଟାରେ ପଡିଛି। ବ୍ରହ୍ମପୁର ବିଧାନସଭା କ୍ଷେତ୍ରରେ ଅଧିକ ଅର୍ଥାତ ୧୭ ପ୍ରାର୍ଥୀ ନିର୍ବାଚନ ମଇଦାନରେ ଅବତୀର୍ଣ୍ଣ ହୋଇଥିଲେ। ନିର୍ବାଚନ ପୂର୍ବରୁ ସେଭଳି ବଡ ଧରଣର ହିଂସା ଦେଖା ଦେଇ ନ ଥିବାରୁ ଅଧିକ ଭୋଟର ସେମାନଙ୍କ ପସନ୍ଦ ମୁତାବକ ପ୍ରାର୍ଥୀଙ୍କୁ ମତଦାନ କରିବାକୁ ଆଗେଇ ଆସିଥିଲେ। ଏଠାରେ ବିଜେଡିର ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ, ଭାଜପାର କେ.ଅନିଲ କୁମାର ଓ ସ୍ୱାଧୀନ ପ୍ରାର୍ଥୀ ଶିବଶଙ୍କର ଦାସଙ୍କ ମଧ୍ୟରେ କଡା ମୁକାବିଲା ହୋଇଥିଲା। ତେଣୁ କମ ଭୋଟ ନୋଟାକୁ ଯାଇଥିବା ଅନୁମାନ କରାଯାଉଛି। ଏଠାରେ ଭାଜପା ପ୍ରାର୍ଥୀ କେ. ଅନିଲ ଜିତିଛନ୍ତି। ସେହିପରି ଖଲ୍ଲିକୋଟ ନିର୍ବାଚନ ମଣ୍ଡଳୀରେ କେବଳ ୩ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରୁଥିବାବେଳେ ସେଠାରେ ନିର୍ବାଚନ ପୂର୍ବରୁ ହିଂସା ଦେଖାଦେଇଥିଲା। ଏପରି କି ହିଂସାରେ ଜଣକ ଜୀବନ ବି ଯାଇଥିଲା। ଗଣତାନ୍ତ୍ରିକ ରାଷ୍ଟ୍ରରେ ଏଭଳି ହିଂସାକୁ ଏଠାକାର ଅଧିକାଂଶ ଭୋଟର ପସନ୍ଦ କରି ନ ଥିଲେ। ତେଣୁ ଅଧିକ ଭୋଟ ନୋଟାରେ ପଡିଥିବା ଅନୁମାନ କରାଯାଉଛି। ଖଲ୍ଲିକୋଟରେ ବିଜେଡି ପୁରୁଣା ମୁହଁ ସୂର୍ଯ୍ୟମଣି ବୈଦ୍ୟଙ୍କୁ ପ୍ରାର୍ଥୀ କରିଥିବାବେଳେ ବିଜେଡିରୁ ଯାଇ ଭାଜପାରେ ମିଶିଥିବା ପୂର୍ଣ୍ଣଚନ୍ଦ୍ର ସେଠୀ ଭାଜପାରୁ ଲଢୁଥିଲେ। ଦୁଇଜଣଙ୍କ ମଧ୍ୟରେ କଡା ମୁକାବିଲା ହୋଇଥିବାବେଳେ ଭାଜପାର ପୂର୍ଣ୍ଣଚନ୍ଦ୍ର ବିଜୟୀ ହୋଇଥିଲେ। ଗଣତାନ୍ତ୍ରିକ ପ୍ରକ୍ରିୟାରେ ଭୋଟ ଗ୍ରହଣ ହେଉଥିଲେ ବି ଛୋଟବଡ ହିଂସାତ୍ମକ କାର୍ଯ୍ୟ ଯୋଗୁଁ ଅନେକ ଭୋଟର ମତଦାନ କରିବାକୁ ଯାଉଥିଲେ ବି କୌଣସି ପ୍ରାର୍ଥୀକୁ ପସନ୍ଦ ନ କରି ନୋଟାରେ ଭୋଟ ଦେଇଥିବା ମତ ପ୍ରକାଶ ପାଉଛି।

# ଭାଜପାକୁ ସର୍ବାଧିକ ପୋଷ୍ଟାଲ ଭୋଟ

ବାରିପଦା,୮।୬
(ନୀଳାଦ୍ରି ବିହାରୀ ଦଣ୍ଡପାଟ)




ମୟୂରଭଞ୍ଜ ଜିଲାରେ ଶେଷ ହୋଇଥିବା ସାଧାରଣ ନିର୍ବାଚନରେ ଭାଜପାକୁ ଅଧିକ ପୋଷ୍ଟାଲ ଭୋଟ ମିଳିଛି। ସର୍ବାଧିକ ଭୋଟ ବ୍ୟବଧାନରେ ବିଧାୟକ ଓ ଲୋକସଭା ଏମ୍‌ପି ବିଜୟୀ ହୋଇଛନ୍ତି। ୨୦୧୯ ସାଧାରଣ ନିର୍ବାଚନରେ ପୋଷ୍ଟାଲ ଭୋଟ ଅଧିକ ଭାଜପାକୁ ଯାଇଥିବା ବେଳେ ଚଳିତ ନିର୍ବାଚନରେ ମଧ୍ୟ ତାହା ଦେଖିବାକୁ ମିଳିଛି। ୯ ଗୋଟି ବିଧାନସଭା ମଧ୍ୟରୁ ଉଦଳାରେ ସର୍ବାଧିକ ୧୫୧୭ ଓ କରଞ୍ଜିଆ ନିର୍ବାଚନମଣ୍ଡଳୀରେ ସର୍ବନିମ୍ନ ୩୩୦ଟି ପୋଷ୍ଟାଲ ଭୋଟ ପଡ଼ିଛି। ମୟୂରଭଞ୍ଜ ସଂସଦୀୟ କ୍ଷେତ୍ରରେ ମୋଟ ୮ହଜାର ୩୩୮୧ ପୋଷ୍ଟାଲ ଭୋଟ ମିଳିଛି।

ନିର୍ବାଚନ କମିଶନରଙ୍କ ସୂଚନା କ୍ରମେ, ଜିଲାର ୯ ବିଧାନସଭା ନିର୍ବାଚନମଣ୍ଡଳୀରେ ୮, ୮୮୨ଖଣ୍ଡ ପୋଷ୍ଟାଲ ଭୋଟ ମିଳିଛି। ସେଥି ମଧ୍ୟରୁ ବଡ଼ସାହିରେ ୭୯୬, ବାରିପଦାରେ ୧୨୮୪, ମୋରଡ଼ାରେ ୧୧୪୮, ବାଙ୍ଗିରିପୋଷିରେ ୮୮୦, ସାରସକଣାରେ ୯୨୩, ରାଇରଙ୍ଗପୁରରେ ୧୦୧୬, ଯଶିପୁରରେ ୯୮୮, କରଞ୍ଜିଆରେ ୩୩୦ ଓ ଉଦଳାରେ ୧୫୧୭ ପୋଷ୍ଟାଲ ଭୋଟ ପ୍ରାପ୍ତ ହୋଇଛି। ସେହିପରି ମୟୂରଭଞ୍ଜ ଲୋକସଭା କ୍ଷେତ୍ରରୁ ୧୧ ଲକ୍ଷ ୭୪ ହଜାର ୫୦ ମତଦାନ ମଧ୍ୟରୁ ଭାଜପା ପ୍ରାର୍ଥୀ ନବ ଚରଣ ମାଝୀଙ୍କୁ ସର୍ବାଧିକ ୫,୩୯୨, ବିଜେଡି ପ୍ରାର୍ଥୀ ସୁଦାମ ମାରାଣ୍ଡିଙ୍କୁ ୧୮୯୨, ଜେଏମଏମ ପ୍ରାର୍ଥିନୀ ଅଞ୍ଜନୀ ସୋରେନଙ୍କୁ ୬୮୬ ଓ ନୋଟାକୁ ୧୦୦ ଖଣ୍ଡ ପୋଷ୍ଟାଲ ଭୋଟ ମିଳିଛି। ସେହିପରି ବଡ଼ସାହି ନିର୍ବାଚନମଣ୍ଡଳୀରେ ମୋଟ ୧, ୫୨, ୪୫୭ ମତଦାନ ମଧ୍ୟରୁ ଭାଜପା ପ୍ରାର୍ଥୀ ସନାତନ ବିଜୁଳୀଙ୍କୁ ୪୯୭, ବିଜେଡି ପ୍ରାର୍ଥିନୀ ଅନୁସୟା ପାତ୍ରଙ୍କୁ ୧୮୫ ଓ କଂଗ୍ରେସ ପ୍ରାର୍ଥୀ କ୍ଷୀରୋଦ ପାତ୍ରଙ୍କୁ ୧୦୦ ଓ ନୋଟାରେ ୬ ଖଣ୍ଡ ପୋଷ୍ଟାଲ ଭୋଟ ପଡିଛି। ବାରିପଦା ନିର୍ବାଚନମଣ୍ଡଳୀରେ ମୋଟ ୧,୬୧, ୭୫୭ ମତଦାନ ମଧ୍ୟରୁ ଭାଜପା ପ୍ରାର୍ଥୀ ପ୍ରକାଶ ସୋରେନଙ୍କୁ ୭୪୭, ବିଜେଡି ପ୍ରାର୍ଥୀ ସାନନ୍ଦ ମାରାଣ୍ଡିଙ୍କୁ ୩୬୬, କଂଗ୍ରେସ ପ୍ରାର୍ଥୀ ପ୍ରମୋଦ ହେମ୍ବ୍ରମଙ୍କୁ ୧୦୯ ଓ ନୋଟାରେ ୩୦ଟି ପୋଷ୍ଟାଲ ଭୋଟ ପଡିଛି। ମୋରଡ଼ା ନିର୍ବାଚନମଣ୍ଡଳୀରେ ୧,୭୯,୯୭୮ ମତଦାନ ସେଥି ମଧ୍ୟରୁ ଭାଜପା ପ୍ରାର୍ଥୀ ଡ. କୃଷ୍ଣ ଚନ୍ଦ୍ର ମହାପାତ୍ରଙ୍କୁ ୬୬୩, ବିଜେଡି ପ୍ରାର୍ଥିନୀ ପ୍ରୀତିନନ୍ଦା କାନୁନଗୋଙ୍କୁ ୨୭୧, କଂଗ୍ରେସ ପ୍ରାର୍ଥୀ ପ୍ରଭାସ କରମହାପାତ୍ରଙ୍କୁ ୮୨, ଜେଏମଏମ ପ୍ରାର୍ଥୀ କୃଷ୍ଣଚନ୍ଦ୍ର ଦାସଙ୍କୁ ୫୩ ଓ ନୋଟାରେ ୨ଖଣ୍ଡ ପୋଷ୍ଟାଲ ଭୋଟ ପଡିଛି। ସେହିପରି ବାଙ୍ଗିରିପୋଷି ନିର୍ବାଚନମଣ୍ଡଳୀରେ ୧,୭୫,୮୨୦ ମତଦାନ ମଧ୍ୟରୁ ଭାଜପା ପ୍ରାର୍ଥିନୀ ସଞ୍ଜଲୀ ମୁର୍ମୁଙ୍କୁ ୫୧୪, ବିଜେଡି ପ୍ରାର୍ଥିନୀ ରଞ୍ଜିତା ମାରାଣ୍ଡିଙ୍କୁ ୨୫୪, କଂଗ୍ରେସ ପ୍ରାର୍ଥୀ ମୂରଲୀଧର ନାଏକଙ୍କୁ ୫୮, ଜେଏମଏମ ପ୍ରାର୍ଥୀ ବିଷ୍ଣୁ ସିଂଙ୍କୁ ୨୯ ଓ ନୋଟାରେ ୫ଟି ପୋଷ୍ଟାଲ ଭୋଟ ପଡ଼ିଛି। ସାରସକଣା ବିଧାନସଭା ନିର୍ବାଚନମଣ୍ଡଳୀରେ ୧, ୫୭, ୧୩୬ ମତଦାନ ମଧ୍ୟରୁ ଭାଜପା ପ୍ରାର୍ଥୀ ଭାଦବ ହାଁସଦାଃଙ୍କୁ ୪୯୦, ବିଜେଡି ପ୍ରାର୍ଥୀ ଡା. ଦେବାଶିଷ ମାରାଣ୍ଡିଙ୍କୁ ୨୩୨, କଂଗ୍ରେସ ପ୍ରାର୍ଥୀ ରାମ ସୋରେନଙ୍କୁ ୯୧, ଜେଏମଏମ ପ୍ରାର୍ଥୀ ଅଞ୍ଜନୀ ସୋରେନଙ୍କୁ ୬୫ ଓ ନୋଟାରେ ୭ ଖଣ୍ଡ ପୋଷ୍ଟାଲ ଭୋଟ ମିଳିଛି। ରାଇରଙ୍ଗପୁର ବିଧାନସଭା ନିର୍ବାଚନମଣ୍ଡଳୀରେ ୧, ୬୯, ୮୦୬ ମତଦାନ ମଧ୍ୟରୁ ଭାଜପା ପ୍ରାର୍ଥୀ ଜୋଲେନ ନାଏକଙ୍କୁ ୪୬୫, ବିଜେଡି ପ୍ରାର୍ଥୀ ରାଇସେନ ମୁର୍ମୁଙ୍କୁ ୨୭୯, କଂଗ୍ରେସ ପ୍ରାର୍ଥୀ ଯୋଗେନ୍ଦ୍ର ବାନରାକୁ ୧୦୯, ଜେଏମଏମ ପ୍ରାର୍ଥୀ ସୁନାରାମ ଟୁଡୁ ୯୮ ଓ ନୋଟାରେ ୧୩ ଖଣ୍ଡ ପୋଷ୍ଟାଲ ଭୋଟ ପଡ଼ିଛି। ସେହିପରି ଯଶିପୁର ବିଧାନସଭା ନିର୍ବାଚନମଣ୍ଡଳୀରେ ୧, ୬୯, ୯୧୩ ମତଦାନ ମଧ୍ୟରୁ ଭାଜପା ପ୍ରାର୍ଥୀ ଗଣେଶ ରାମସିଂ ଖୁଣ୍ଟିଆଙ୍କୁ ୫୯୭, ବିଜେଡି ପ୍ରାର୍ଥୀ ଚକ୍ରଧର ହେମ୍ବ୍ରମଙ୍କୁ ୨୪୧, କଂଗ୍ରେସ ପ୍ରାର୍ଥିନୀ ଶ୍ୱେତା ଚାତାରଙ୍କୁ ୧୦୧ ଓ ନୋଟାରେ ୬ଟି ପୋଷ୍ଟାଲ ଭୋଟ ପଡ଼ିଛି। କରଞ୍ଜିଆ ବିଧାନସଭା ନିର୍ବାଚନମଣ୍ଡଳୀରେ ୧, ୫୦, ୩୧୯ ମତଦାନ ମଧ୍ୟରୁ ଭାଜପା ପ୍ରାର୍ଥୀ ପଦ୍ମ ଚରଣ ହାଇବୁରଙ୍କୁ ୧୮୭, ବିଜେଡି ପ୍ରାର୍ଥିନୀ ବାସନ୍ତୀ ହେମ୍ବ୍ରମଙ୍କୁ ୬୨, କଂଗ୍ରେସ ପ୍ରାର୍ଥୀ ଲକ୍ଷ୍ମୀଧର ସିଂ ୪୧ ଓ ନୋଟାରେ ୪ ଖଣ୍ଡ ପୋଷ୍ଟାଲ ଭୋଟ ପଡିଛି। ଉଦଳା ବିଧାନସଭା ନିର୍ବାଚନମଣ୍ଡଳୀରେ ୧, ୫୮, ୦୮୧ ମତଦାନ ମଧ୍ୟରୁ ଭାଜପା ପ୍ରାର୍ଥୀ ଭାସ୍କର ମଢେଇଙ୍କୁ ୮୯୮, ବିଜେଡି ପ୍ରାର୍ଥୀ ଶ୍ରୀନାଥ ସୋରେନଙ୍କୁ ୪୫୩, କଂଗ୍ରେସ ପ୍ରାର୍ଥୀ ଦୁର୍ଗା ଚରଣ ଟୁଡୁଙ୍କୁ୮୭, ଜେଏମ୍ଏମ୍ ପ୍ରାର୍ଥୀ ଚକ୍ରଧର ସିଂ ୧୭ ଓ ନୋଟାରେ ୧୮ ଖଣ୍ଡ ପୋଷ୍ଟାଲ ଭୋଟ ମିଳିଛି।

## ଇସ୍ତଫା ଦେଲେ ସଂଗ୍ରାମ


ସଂଗ୍ରାମ କେଶରୀ ପାଇକରାୟ

ଭୁବନେଶ୍ୱର,୮।୬(ଶର୍ମିଷ୍ଠା ପାଣିଗ୍ରାହୀ)

ଓଡ଼ିଶା ଖଦି ଓ ଗ୍ରାମୋଦ୍ୟୋଗ ବୋର୍ଡ ସଭାପତି ସଂଗ୍ରାମ କେଶରୀ ପାଇକରାୟ ଶନିବାର ନିଜ ପଦରୁ ଇସ୍ତଫା ଦେଇଛନ୍ତି। ଏ ସମ୍ପର୍କରେ ସୂଚନା ଦେଇ ସେ କହିଛନ୍ତି, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମୋ ଉପରେ ଆସ୍ଥା ପ୍ରକଟକରି ୨ଥର ସଭାପତି ଦାୟିତ୍ୱ ଦେଇଥିଲେ। ବୋର୍ଡର ସମସ୍ତ ସଦସ୍ୟଙ୍କ ଅକୁଣ୍ଠ ସହଯୋଗ ମୋତେ କାମ କରିବାରେ ବହୁ ସହାୟକ ହୋଇଛି। ନୂଆ ସରକାର ଏହି ବୋର୍ଡକୁ ବିଶେଷ ଗୁରୁତ୍ୱ ଦେବେ ବୋଲି ମୁଁ ଆଶା କରୁଛି। ଅଧିକରୁ ଅଧିକ ବେରୋଜଗାର ଯୁବକଙ୍କୁ ସ୍ୱାବଲମ୍ବୀ କରାଇବା ସହ ମହାତ୍ମା ଗାନ୍ଧୀଙ୍କ ଚେତନା, ଆଦର୍ଶ ଓ ଦର୍ଶନକୁ ପରିବ୍ୟାପ୍ତ କରାଇବା ପାଇଁ ଏହି ବୋର୍ଡ ଚେଷ୍ଟିତ ହେବ ବୋଲି ସେ ଆଶାବ୍ୟକ୍ତ କରିଛନ୍ତି।

# ବଡ଼ଚଣାରେ ଚର୍ଚ୍ଚା: ଅମରଙ୍କୁ ମିଳିପାରେ ମନ୍ତ୍ରୀପଦ

ବଡ଼ଚଣା, ୮।୬
(ଦିଲୀପ କୁମାର ମହାନ୍ତି)


ଅମର ନାୟକ

ଓଡ଼ିଶାରେ ଦଳର ନିର୍ବାଚନ ପ୍ରଚାର ବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଥିଲେ ଜୁନ ୧୦ ତାରିଖରେ ରାଜ୍ୟରେ ଭାଜପା ସରକାର ଶପଥ ନେବ। ଜଣେ ଓଡ଼ିଆ ପୁଅ କିମ୍ବା ଝିଅ ମୁଖ୍ୟମନ୍ତ୍ରୀ ହେବେ। ଶପଥ ଗ୍ରହଣକୁ ଦିନଟିଏ ବାକି ରହିଥିବାବେଳେ କିଏ ମୁଖ୍ୟମନ୍ତ୍ରୀ ହେବେ ସେନେଇ ସସ୍‌ପେନ୍ସ ଜାରି ରହିଛି। ରବିବାର ସନ୍ଧ୍ୟାରେ ମୋଦି ତୃତୀୟ ଥର ପାଇଁ ପ୍ରଧାନମନ୍ତ୍ରୀ ଭାବେ ଶପଥ ନେବାକୁ ଯାଉଛନ୍ତି। ତେଣୁ ସୋମବାର ପୂର୍ବାହ୍ନରେ ଏନେଇ ଚିତ୍ର ସ୍ପଷ୍ଟ ହେବ ବୋଲି ଆଶା କରାଯାଉଛି। ତେବେ ରାଜ୍ୟ ମନ୍ତ୍ରିମଣ୍ଡଳରେ ବଡ଼ଚଣାରୁ ନିର୍ବାଚିତ ଭାଜପା ନେତା ଅମର ନାୟକଙ୍କୁ ସ୍ଥାନ ମିଳିପାରେ ବୋଲି ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ହେଉଛି। ନିର୍ମଳ ଭାବମୂର୍ତ୍ତି, ଆପରାଧିକ ପୃଷ୍ଠଭୂମି ନ ଥିବା, ଲୋକ ସମ୍ପର୍କ ଏବଂ ପ୍ରଶାସନିକ କାର୍ଯ୍ୟରେ ଅନୁଭୂତି ଆଦି ମାପକାଠି ଆଧାରରେ ମନ୍ତ୍ରୀପଦ ମିଳିପାରେ ବୋଲି ଆଲୋଚନା ହେଉଛି। ଅମର ୨୦୧୪ରେ ସ୍ୱାଧୀନ ଏବଂ ୨୦୧୯ରେ ଭାଜପା ପ୍ରାର୍ଥୀଭାବେ ନିର୍ବାଚନ ଲଢ଼ିଥିଲେ। ୨୦୧୯ରେ ଅଳ୍ପ ଭୋଟ ବ୍ୟବଧାନରେ ହାରିଯାଇଥିଲେ। ଦଳର ଜାତୀୟ ଏବଂ ରାଜ୍ୟ ସ୍ତରୀୟ ପ୍ରମୁଖ ନେତାମାନଙ୍କ ସହ ତାଙ୍କର ସୁସମ୍ପର୍କ ଥିବାରୁ ସେ ମନ୍ତ୍ରୀପଦ ପାଇବା ସମ୍ଭାବନା ଥିବା ତାଙ୍କ ସମର୍ଥକମାନେ କହୁଛନ୍ତି। ଏପରି କି ବଡ଼ଚଣାରେ ଭାଜପା କର୍ମୀ ମହଲ ଉତ୍ସାହିତ ଥିବାବେଳେ ଛକବଜାରରେ ଏନେଇ ବେଶ୍ ଚର୍ଚ୍ଚା ହେଉଛି।

# ଅନ୍ତର୍ଘାତୀ କାର୍ଯ୍ୟ କାଳ ହେଲା

ନିଶ୍ଚିନ୍ତକୋଇଲି,୮।୬(ଅଶୋକ କୁମାର ମହାପାତ୍ର)

## ହାରିଲେ ଦୁଇ ବିଜେଡି ବିଧାୟକ ପ୍ରାର୍ଥୀ

କଟକ ଜିଲା ନିଶ୍ଚିନ୍ତକୋଇଲି ବ୍ଲକ କଟକ ସଦର ଓ ମାହାଙ୍ଗା ବିଧାସଭା ନିର୍ବାଚନମଣ୍ଡଳୀରେ ରହିଛି। ପୂର୍ବରୁ ବିଜେଡିକୁ ବିଜୟ କରାଇବାରେ ଏହି ବ୍ଲକର ଭୋଟର ନିର୍ଣ୍ଣାୟକ ଭୂମିକା ନେଇଥିଲେ। କିନ୍ତୁ ଚଳିତ ନିର୍ବାଚନରେ ଏଠାକାର ଭୋଟର ଦୁଇ ବିଧାନସଭା ନିର୍ବାଚନମଣ୍ଡଳୀର ବିଜେଡି ନେତାଙ୍କୁ ଧୂଳି ଚଟାଇଛନ୍ତି।

କଟକ ସଦର ୧୪ ପଞ୍ଚାୟତର ଜନାଦେଶ ଭାଜପା ସପକ୍ଷରେ ଯାଇଥିବାବେଳେ ମାହାଙ୍ଗା ନିର୍ବାଚନ ମଣ୍ଡଳୀର ୨୭ଟି ପଞ୍ଚାୟତର ଜନାଦେଶ ସ୍ୱାଧୀନ ପ୍ରାର୍ଥୀଙ୍କ ସପକ୍ଷରେ ଯାଇଛି। ନିର୍ବାଚନରେ ନୀରବ ଭୋଟରଙ୍କ ଭୂମିକା ହିଁ ନିର୍ଣ୍ଣାୟକ ହୋଇଛି। ମାହାଙ୍ଗା ବିଧାନସଭା କ୍ଷେତ୍ରରେ ବିଜେଡିର ଅଙ୍କିତ ପ୍ରତାପ ଜେନାଙ୍କ ସହ ସ୍ୱାଧୀନ ପ୍ରାର୍ଥୀ ସାରଦା ପ୍ରଧାନଙ୍କ ଲଢ଼େଇ ହୋଇଥିଲା। କଟକ ସଦରରେ ବିଜେଡି ପ୍ରାର୍ଥୀ ଚନ୍ଦ୍ରସାରଥୀ ବେହେରାଙ୍କ ସହ ଭାଜପାର ପ୍ରକାଶ ସେଠୀଙ୍କ ଲଢ଼େଇ ହୋଇଥିଲା। ମାହାଙ୍ଗା ନିର୍ବାଚନ ମଣ୍ଡଳୀର ଜନାଦେଶକୁ ଦେଖିଲେ ଜଣାପଡେ ବିଜେଡିର ଏମ୍‌ପି ପ୍ରାର୍ଥୀ ଅଂଶୁମାନ ମହାନ୍ତି ୮୭ ହଜାର ୫୯୬ଖଣ୍ଡ ଭୋଟ ପାଇଥିବା ବେଳେ ବିଧାୟକ ପ୍ରାର୍ଥୀ ଅଙ୍କିତ ୮୧ ହଜାର ୨୦୯ଖଣ୍ଡ ଭୋଟ ପାଇଛନ୍ତି। ତେବେ ମାହାଙ୍ଗା ବିଧାନସଭା କ୍ଷେତ୍ରରୁ ବିଧାୟକ ପ୍ରାର୍ଥୀ ଏମ୍‌ପି ପ୍ରାର୍ଥୀଙ୍କ ଠାରୁ ୬ହଜାର ୩୮୭ ଖଣ୍ଡ ଭୋଟ କମ୍ ପାଇଛନ୍ତି। ଅପରପକ୍ଷେ ବିଧାୟକ ପ୍ରାର୍ଥୀ ଜେନା ୭,୪୨୩ଖଣ୍ଡ ଭୋଟ୍‌ରେ ସାରଦାଙ୍କ ଠାରୁ ପରାଜୟ ହୋଇଛନ୍ତି। ଏଥିରୁ ସ୍ପଷ୍ଟ ଅନୁମେୟ ବିଜେଡିରେ କ୍ରସ ଭୋଟିଂ ହୋଇଛି। ଅପରପକ୍ଷରେ ଭାଜପା କଥାକୁ ଅନୁଶୀଳନ କରାଯାଏ, ଏମ୍‌ପି ପ୍ରାର୍ଥୀ ବୈଜୟନ୍ତ ପଣ୍ଡା ୯୩ହଜାର ୪୭୪ଖଣ୍ଡ ଭୋଟ ପାଇଥିବାବେଳେ ଭାଜପା ବିଧାନସଭା ପ୍ରାର୍ଥୀ ସୁମନ୍ତ ମାତ୍ର ୧୯ହଜାର୪୮୧ଖଣ୍ଡ ଭୋଟ ପାଇଛନ୍ତି। ଏଥିରୁ ସ୍ପଷ୍ଟ ଅନୁମେୟ ଏମ୍‌ପିଙ୍କ ପ୍ରତି ଥିବା ଜନାଦେଶ ବିଧାୟକ ପ୍ରାର୍ଥୀଙ୍କ ପ୍ରତି ନ ଥିଲା। ତେଣୁ ବିଧାୟକ ପ୍ରାର୍ଥୀ ୩ ନମ୍ବର ସ୍ଥାନରେ ରହିଛନ୍ତି। ଏଠାରେ ସାରଦା ୮୮ ହଜାର ୬୩୨ଖଣ୍ଡ ଭୋଟ ପାଇ ବିଜୟୀ ହୋଇଛନ୍ତି। ଏଥିରୁ ଜଣାପଡୁଛି, ସ୍ୱାଧୀନ ପ୍ରାର୍ଥୀ ବିଜେଡି, ଭାଜପା ଓ କଂଗ୍ରେସର ଅସନ୍ତୁଷ୍ଟଙ୍କ ଭୋଟଗୁଡ଼ିକ ହାତେଇବାରେ ସକ୍ଷମ ହୋଇଛନ୍ତି। ମାହାଙ୍ଗା ବିଧାନସଭା କ୍ଷେତ୍ରରେ ୨୦ଟି ପଞ୍ଚାୟତରେ ଜନାଦେଶ ସ୍ୱାଧୀନ ପ୍ରାର୍ଥୀଙ୍କ ସପକ୍ଷରେ ଯାଇଥିବାବେଳେ ୭ଟି ପଞ୍ଚାୟତ ଯଥା ଫଗୋଳ, ଜୟରାମପୁର, ନଗସପୁର, କେରିଲୋ,ଝାଡେଶ୍ୱରପୁର, ଓରତି ପଞ୍ଚାୟତର ଫଳାଫଳ ବିଜେଡି ସପକ୍ଷରେ ଯାଇଛି। ଏହି ଦଳର ଏକ ନିର୍ଦ୍ଦିଷ୍ଟ ଗୋଷ୍ଠୀର ଅନ୍ତର୍ଘାତୀ କାର୍ଯ୍ୟ ଯୋଗୁ ଦଳ ହାରିଥିବା ଚର୍ଚ୍ଚା ହେଉଛି। ଏହି ଗୋଷ୍ଠୀଟି ବିଜେଡିର ସମସ୍ତ ରଣକୌଶଳକୁ ଜାଣି ବିଜେଡି ବିରୋଧରେ ଗୋଟି ଚଳାଇ ସଫଳ ହୋଇଛି। ଯେଉଁ ପଞ୍ଚାୟତରେ ବିଜେଡିର ଦବଦବା ଥିଲା, ସେଠାରେ ହିଁ ସ୍ୱାଧୀନ ପ୍ରାର୍ଥୀଙ୍କୁ ଅହେତୁକ ଅନୁକମ୍ପା ମିଳିବା ନେଇ ଚର୍ଚ୍ଚା ହେଉଛି।

# ଭାଜପାରେ ପ୍ରସନ୍ନ ପାଟଶାଣୀ

ଭୁବନେଶ୍ୱର,୮।୬
(ଅନିଲ ଦାସ)



ବିଜେଡିର ବରିଷ୍ଠ ନେତା ତଥା ପୂର୍ବତନ ଏମ୍‌ପି ପ୍ରସନ୍ନ ପାଟଶାଣୀ ଭାଜପାରେ ଯୋଗ ଦେଇଥିବା ଜଣାପଡିଛି। ନୂଆଦିଲ୍ଲୀସ୍ଥିତ ଭାଜପା ମୁଖ୍ୟାଳୟରେ ଶନିବାର ସେ ପଦ୍ମ ଧରିଥିବା ସୂଚନା ମିଳିଛି। ପ୍ରସନ୍ନ ଭୁବନେଶ୍ୱରରୁ ୫ ଥର ଏମ୍‌ପି ଥିଲେ। ତେବେ ୨୦୧୯ ସାଧାରଣ ନିର୍ବାଚନରେ ବିଜେଡି ତାଙ୍କ ଟିକେଟ କାଟିଥିଲା। ପାଟଶାଣୀଙ୍କ ପରିବର୍ତ୍ତେ ଦଳରେ ନୂଆ କରି ଯୋଗ ଦେଇଥିବା ଅରୂପ ପଟ୍ଟନାୟକଙ୍କୁ ବିଜେଡି ପ୍ରାର୍ଥୀ କରିଥିଲା। ତେବେ ୨୦୨୪ ନିର୍ବାଚନ ପାଇଁ ସେ ଟିକେଟ ଆଶାରେ ଥିଲେ। କିନ୍ତୁ ଚଳିତ ଥର ମଧ୍ୟ ବିଜେଡି ତାଙ୍କୁ ଟିକେଟ୍ ଦେଇ ନ ଥିଲା।

# ପିସିସି ସଭାପତି, ପ୍ରଭାରୀଙ୍କ କୁଶପୁତ୍ତଳିକା ପୋଡ଼ିଲେ

କଟକ,୮।୬(ଶିଳ୍ପା ପ୍ରିୟଦର୍ଶିନୀ)


କଟକ ଲିଙ୍କ୍‌ରୋଡ୍‌ଠାରେ ଜିଲା ଛାତ୍ର କଂଗ୍ରେସ ପକ୍ଷରୁ ପ୍ରତିବାଦ କରାଯାଉଛି।

କଟକ ଜିଲା କଂଗ୍ରେସ ସଭାପତି ମାନସ ଚୌଧୁରୀଙ୍କୁ ଶୁକ୍ରବାର ଦଳରୁ ନିଲମ୍ବନ କରାଯାଇଛି। ଏହାକୁ କଟକ ଜିଲା ଛାତ୍ର କଂଗ୍ରେସ ପକ୍ଷରୁ ବିରୋଧ କରାଯାଇଛି। ଜିଲା ଛାତ୍ର କଂଗ୍ରେସ ସଭାପତି ଆଶୁତୋଷ ରାଉତଙ୍କ ନେତୃତ୍ୱରେ ଶନିବାର ପୂର୍ବାହ୍ନରେ ଶତାଧିକ ଯୁବ-ଛାତ୍ର କର୍ମୀ କଟକ ଲିଙ୍କ୍‌ରୋଡ୍‌ଠାରେ ଏକତ୍ରିତ ହୋଇ ନିଲମ୍ବନର ପ୍ରତିବାଦ କରିବା ସହ ପ୍ରଦେଶ କଂଗ୍ରେସ କମିଟି (ପିସିସି) ସଭାପତି ଶରତ ପଟ୍ଟନାୟକ ଏବଂ ଓଡ଼ିଶା ପ୍ରଭାରୀ ଅଜୟ କୁମାରଙ୍କ କୁଶପୁତ୍ତଳିକା ଦାହ କରିଥିଲେ। ମାନସ ବିଭିନ୍ନ ସମୟରେ କଂଗ୍ରେସର ବହୁ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ନିର୍ବାହ କରିବା ସହ ଅଖିଳ ଭାରତ କଂଗ୍ରେସ କମିଟି(ଏଆଇସିସି) ସଦସ୍ୟ ଓ କଟକ ଜିଲା କଂଗ୍ରେସ ସଭାପତି ଥିଲେ। ଦଳ ପ୍ରତି ତାଙ୍କର ବହୁ ଅବଦାନ ରହିଛି। ହେଲେ ହଠାତ୍ କିଛି କାରଣ ନ ଥାଇ କେବଳ ଅସହିଷ୍ଣୁତା ହୋଇ ତାଙ୍କୁ ନିଲମ୍ବନ କରାଯାଇଛି। ଏପରି କି ନିଲମ୍ବନ ଅଗଣତାନ୍ତ୍ରିକ ଓ ଉଦ୍ଦେଶ୍ୟପ୍ରଣୋଦିତ ବୋଲି ଛାତ୍ର କଂଗ୍ରେସ ପକ୍ଷରୁ ଅଭିଯୋଗ ହୋଇଛି। ଏନେଇ ଆଶୁତୋଷ କହିଛନ୍ତି, ମାନସ ଚୌଧୁରୀଙ୍କୁ ଉଦ୍ଦେଶ୍ୟମୂଳକ ଭାବେ ନିଲମ୍ବନ କରାଯାଇଛି। ତାଙ୍କ ଉପରୁ ତୁରନ୍ତ ନିଲମ୍ବନ ପ୍ରତ୍ୟାହୃତ କରାଯିବା ସହ ନୈତିକତା ଦୃଷ୍ଟିରୁ ପିସିସି ସଭାପତି ଓ କଂଗ୍ରେସ ପ୍ରଭାରୀ ଇସ୍ତଫା ଦେବାକୁ ଦାବି କରୁଛୁ। ତୁରନ୍ତ ନିଲମ୍ବନ ନ ହଟାଇଲେ ଜିଲାବ୍ୟାପୀ ଆନ୍ଦୋଳନ କରାଯିବା ସହ କଂଗ୍ରେସରୁ ବହୁ କାର୍ଯ୍ୟକର୍ତ୍ତା ସମୂହ ଇସ୍ତଫା ଦେବେ ବୋଲି ରାଉତ କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ସଦାଶିବ ବାରିକ, ସୌମ୍ୟରଞ୍ଜନ ପ୍ରଧାନ, ଶରତ ଜେନା, ଇମ୍ରାନ୍ ଖାନ୍, ଶୁଭାଶିଷ ରାଉତ, ନିର୍ମଳ ସାମଲ, ନିତ୍ୟାନନ୍ଦ ମଲ୍ଲିକ, ରାକେଶ ବାରିକ, ରାକେଶ କୁମାର ପତି, ପ୍ରଦୀପ ରାଉତଙ୍କ ସମେତ ଶତାଧିକ କର୍ମୀ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ଦଳବିରୋଧୀ କାର୍ଯ୍ୟ ପାଇଁ ଏଆଇସିସି ଅନୁମୋଦନକ୍ରମେ ପିସିସି ସଭାପତି ଶରତ ପଟ୍ଟନାୟକ ଦଳରୁ ମାନସଙ୍କୁ ନିଲମ୍ବନ କରିଛନ୍ତି।

# ଭିଆଇପି ସଂସ୍କୃତି ଛାଡ଼

## ୟୁପି ମନ୍ତ୍ରୀଙ୍କୁ ଯୋଗୀଙ୍କ ପରାମର୍ଶ

ଲକ୍ଷ୍ନୌ,୮।୬

ଉତ୍ତରପ୍ରଦେଶରେ ଭାଜପା ଲୋକ ସଭା ନିର୍ବାଚନରେ ଆଶାନୁରୂପ ପ୍ରଦର୍ଶନ କରିବାରେ ବିଫଳ ହୋଇଛି। ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଶନିବାର ମନ୍ତ୍ରୀ ପରିଷଦ ବୈଠକ ଡାକି ଏହାର ସମୀକ୍ଷା କରିଥିଲେ। ଭିଆଇପି ସଂସ୍କୃତି ଛାଡ଼ି ଲୋକମାନଙ୍କ ଆବଶ୍ୟକତାକୁ ପ୍ରାଥମିକତା ଦେବାକୁ ସେ ମନ୍ତ୍ରୀମାନଙ୍କୁ ପରାମର୍ଶ ଦେଇଛନ୍ତି। ଲୋକଙ୍କ ପାଖକୁ ଯାଇ ସମ୍ବନ୍ଧ, ସମନ୍ୱୟ ଏବଂ ସମ୍ବେଦନଶୀଳତା ରଖିବାକୁ ଯୋଗୀ କହିଛନ୍ତି। ସମାଜର ତଳ ସ୍ତରରେ ରହୁଥିବା ଲୋକଙ୍କ ସହ ମିଶି ସେମାନଙ୍କ ସମସ୍ୟା ସମାଧାନ କରିବାକୁ ହେବ। ଲୋକଙ୍କ ସେବା କରିବା ଓ ସେମାନଙ୍କ ଅସୁବିଧା ଦୂର କରିବା ଉପରେ ସରକାର ସର୍ବାଧିକ ଗୁରୁତ୍ୱ ଦେବାକୁ ମୁଖ୍ୟମନ୍ତ୍ରୀ କହିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କ୍ରମାଗତ ତୃତୀୟ ଥର ପାଇଁ କେନ୍ଦ୍ରରେ ସରକାର ଗଢ଼ିବାକୁ ଯାଉଥିବାରୁ ଯୋଗୀ ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି।





ନୂଆଦିଲ୍ଲୀସ୍ଥିତ ହୋଟେଲ ଅଶୋକାର କନ୍‌ଭେନଶନ୍ ହଲ୍‌ଠାରେ ଶନିବାର ଅନୁଷ୍ଠିତ ପରିବର୍ଦ୍ଧିତ କଂଗ୍ରେସ କାର୍ଯ୍ୟକାରିଣୀ ବୈଠକ ପରେ ଦଳୀୟ ନେତା ରାହୁଲ ଗାନ୍ଧୀ, ଦଳ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ, କଂଗ୍ରେସ ସଂସଦୀୟ ଦଳ ଅଧ୍ୟକ୍ଷା ସୋନିଆ ଗାନ୍ଧୀ, ଦଳୀୟ ନେତ୍ରୀ ପ୍ରିୟଙ୍କା ଗାନ୍ଧୀ ଓ ସାଧାରଣ ସମ୍ପାଦକ କେ.ସି. ବେଣୁଗୋପାଳ ପ୍ରମୁଖ ଆଲୋଚନା କରୁଛନ୍ତି। (ଫଟୋ: ଚମନ ଗୌତମ)

## ଡେନ୍‌ମାର୍କ ପ୍ରଧାନମନ୍ତ୍ରୀଙ୍କୁ ଆକ୍ରମଣ



ମେଟେ ଫ୍ରେଡେରିକ୍‌ସେନ

କୋପେନ୍‌ହାଗନ,୮।୬

ଡେନ୍‌ମାର୍କ ପ୍ରଧାନମନ୍ତ୍ରୀ ମେଟେ ଫ୍ରେଡେରିକ୍‌ସେନଙ୍କୁ ଶୁକ୍ରବାର ସନ୍ଧ୍ୟାରେ କୋପେନ୍‌ହାଗନ୍ ସ୍କୋୟାରରେ ଆକ୍ରମଣ ହୋଇଛି। ପୋଲିସ ଉକ୍ତ ଆକ୍ରମଣକାରୀଙ୍କୁ ଗିରଫ କରିଛି। ସୁରକ୍ଷା କର୍ମୀମାନେ ଫ୍ରେଡେରିକ୍‌ସେନଙ୍କୁ ଏସ୍‌କର୍ଟ କରି ନେଇଯାଇଥିଲେ। ଇୟୁ ନିର୍ବାଚନର ୨ ଦିନ ପୂର୍ବରୁ ଏଭଳି ଆକ୍ରମଣ ହୋଇଛି। ଆକ୍ରମଣ ଘଟଣାରେ ପ୍ରଧାନମନ୍ତ୍ରୀ ମର୍ମାହତ ବୋଲି ତାଙ୍କ କାର୍ଯ୍ୟାଳୟ କହିବା ସହ ଘଟଣାର ନିନ୍ଦା କରିଛି। ଡେନ୍‌ମାର୍କ ପ୍ରଧାନମନ୍ତ୍ରୀଙ୍କୁ ଆକ୍ରମଣ ଘଟଣାକୁ ବିଭିନ୍ନ ଦେଶ ନିନ୍ଦା କରିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଧ୍ୟ ଆକ୍ରମଣ ଘଟଣାରେ ଦୁଃଖପ୍ରକାଶ କରିଛନ୍ତି।

## ଡିପ୍‌ଫେକ୍ ଯୁଗରେ ଫଟୋର ସତ୍ୟତା ପ୍ରମାଣିତ କରିବାକୁ ହେବ: ହାଇକୋର୍ଟ

ନୂଆଦିଲ୍ଲୀ,୮।୬

**ବ୍ୟଭିଚାର ଅଭିଯୋଗ**

ବର୍ତ୍ତମାନର ଡିପ୍‌ଫେକ୍ ଯୁଗରେ ଯଦି ଜଣେ ଜୀବନସାଥୀ ତାଙ୍କ ପାର୍ଟନରଙ୍କ ବିରୋଧରେ ଅନୈତିକ ଯୌନ ସମ୍ପର୍କର ଅଭିଯୋଗ ଆଣି ପରିବାର ଅଦାଲତରେ ଫଟୋ ଉପସ୍ଥାପନ କରିଥାନ୍ତି, ତେବେ ତାହାର ସତ୍ୟତାକୁ ସାକ୍ଷ୍ୟ ପ୍ରମାଣ ସହ ପ୍ରମାଣିତ କରିବାକୁ ହେବ ବୋଲି ଦିଲ୍ଲୀ ହାଇକୋର୍ଟ କହିଛନ୍ତି। ଅଲଗା ରହୁଥିବା ସ୍ତ୍ରୀ ଓ ନାବାଳିକା ଝିଅଙ୍କ ଭରଣପୋଷଣ ପାଇଁ ୭୫ ହଜାର ଟଙ୍କା ଦେବା ପାଇଁ ପରିବାର ଅଦାଲତ ଜଣେ ସ୍ୱାମୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସ୍ୱାମୀ ଜଣକ ଉକ୍ତ ରାୟକୁ ଦିଲ୍ଲୀ ହାଇକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ ଏବଂ ସ୍ତ୍ରୀ ଅନ୍ୟଜଣଙ୍କ ସହ ଅନୈତିକ ସମ୍ପର୍କ ରଖିଥିବା ଅଭିଯୋଗ ଆଣିଥିଲେ। ଏହାର ପ୍ରମାଣ ସ୍ୱରୂପ ସ୍ତ୍ରୀଙ୍କର ବ୍ୟଭିଚାରିତାର କେତେକ ଫଟୋ ଓକିଲ ହାଇକୋର୍ଟରେ ଉପସ୍ଥାପନ କରିଥିଲେ। ଜଷ୍ଟିସ ରାଜୀବ ଶାକଧେର ଏବଂ ଅମିତ୍ ବଂଶଲଙ୍କ ଖଣ୍ଡପୀଠ କହିଥିଲେ, ଫଟୋରେ ଥିବା ମହିଳା ପିଟିଶନରଙ୍କ ସ୍ତ୍ରୀ ବୋଲି ସ୍ପଷ୍ଟ ହେଉନାହିଁ। ଅଦାଲତଙ୍କୁ ବିଭ୍ରାନ୍ତ କରିବା ପାଇଁ ଡିପ୍‌ଫେକ୍ ଟେକ୍‌ନୋଲୋଜି ବ୍ୟବହାର କରାଯାଇ ଫଟୋରେ ଜାଲିଆତି କରାଯାଉଛି। ତେଣୁ ଅଭିଯୋଗର ସତ୍ୟାସତ୍ୟ ପ୍ରମାଣ ପାଇଁ ଫଟୋକୁ ଉପଯୁକ୍ତ ସାକ୍ଷ୍ୟ ପ୍ରମାଣ ସହ ପ୍ରମାଣିତ କରିବାକୁ ହେବ ବୋଲି ଖଣ୍ଡପୀଠ କହିଥିଲେ।

## ଆତଙ୍କବାଦୀଙ୍କ ସହ ସମ୍ପର୍କ: ୪ କର୍ମଚାରୀ ବହିଷ୍କୃତ

ଶ୍ରୀନଗର,୮।୬

ଦେଶର ସୁରକ୍ଷା ପ୍ରତି ବିପଦ ସୃଷ୍ଟି କରୁଥିବା ଜମ୍ମୁ-କଶ୍ମୀରର ୪ ଜଣ ସରକାରୀ କର୍ମଚାରୀଙ୍କୁ ଶନିବାର ବହିଷ୍କାର କରାଯାଇଛି। ସେମାନଙ୍କ ମଧ୍ୟରୁ ୨ ଜଣ ପୋଲିସ ହୋଇଥିବାବେଳେ ଜଣେ ଶିକ୍ଷକ ଓ ଅନ୍ୟ ଜଣେ ଜଳଶକ୍ତି ବିଭାଗର ସହକାରୀ ଲାଇନମ୍ୟାନ୍। ସେମାନେ ଆତଙ୍କବାଦୀଙ୍କ ସହ ଯୋଗାଯୋଗରେ ଥିବା ଜଣାପଡ଼ିବା ପରେ ସାଧାରଣ ପ୍ରଶାସନ ବିଭାଗ ସେମାନଙ୍କ ପାଖକୁ ବହିଷ୍କାର ନୋଟିସ ପଠାଇଛି। ସମ୍ବିଧାନର ଅନୁଚ୍ଛେଦ ୩୧୧(୨)(ସି) ଅନୁଯାୟୀ ସରକାର ଜଣେ କର୍ମଚାରୀଙ୍କୁ ବିନା ତଦନ୍ତ ଏବଂ ସ୍ପଷ୍ଟୀକରଣ ପାଇଁ ସୁଯୋଗ ନ ଦେଇ ବହିଷ୍କାର କରିପାରିବେ।

## କଙ୍ଗନାଙ୍କୁ ଚାପୁଡ଼ା, ନୂଆ ଚାକିରି



କୁଲବିନ୍ଦର କୌର

ନୂଆଦିଲ୍ଲୀ, ୮।୬

ଅଭିନେତ୍ରୀ କଙ୍ଗନା ରାଣାୱତଙ୍କୁ ଚାପୁଡ଼ା ମାରିଥିବା କେନ୍ଦ୍ରୀୟ ଶିଳ୍ପ ସୁରକ୍ଷା ବଳ (ସିଆଇଏସଏଫ୍)ର ନିଲମ୍ବିତ ମହିଳା କନଷ୍ଟେବଲ କୁଲବିନ୍ଦର କୌରଙ୍କ ସହଯୋଗର ହାତ ବଢ଼ାଇଛନ୍ତି ବଲିଉଡ୍ ଗାୟକ ତଥା ଗୀତିକାର ବିଶାଲ ଦଦ୍‌ଲାନୀ। ଇନ୍‌ଷ୍ଟାଗ୍ରାମ ପୋଷ୍ଟରେ ଦଦ୍‌ଲାନୀ ଲେଖିଛନ୍ତି, କୁଲବିନ୍ଦର ତାଙ୍କ ବ୍ୟକ୍ତିଗତ କ୍ରୋଧ ଯୋଗୁ ଏପରି କରିବାକୁ ବାଧ୍ୟ ହୋଇଛନ୍ତି। ସେଥିପାଇଁ ତାଙ୍କୁ ସିଆଇଏସଏଫ୍ ନିଲମ୍ବିତ କରିଛି। ଏପରି ସ୍ଥିତିରେ କୁଲବିନ୍ଦରଙ୍କୁ ନିଯୁକ୍ତି ପ୍ରଦାନ କରିବା ସହ ମୁଁ ତାଙ୍କୁ ସମସ୍ତ ପ୍ରକାର ସହଯୋଗ କରିବି।

## ଶିନ୍ଦେଙ୍କ ଯୋଗାଯୋଗରେ ଉଦ୍ଧବଙ୍କ ୨ ଏମ୍‌ପି

ନୂଆଦିଲ୍ଲୀ, ୮।୬



ନରେଶ ମହସ୍କେ

ଶିବସେନା(ୟୁବିଟି)ର ୨ ଜଣ ନବ ନିର୍ବାଚିତ ଏମ୍‌ପି ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଏକନାଥ ଶିନ୍ଦେଙ୍କ ଯୋଗାଯୋଗରେ ରହିଥିବା ଶନିବାର ଶିବସେନା ମୁଖପାତ୍ର ନରେଶ ମହସ୍କେ କହିଛନ୍ତି। ତେବେ ଦଳ ବିରୋଧୀ ଆଇନକୁ ଦୃଷ୍ଟିରେ ରଖି ସେ ସମ୍ପୃକ୍ତ ୨ ଜଣ ବ୍ୟକ୍ତିଙ୍କ ନାମ ପ୍ରଘଟ କରିନାହାନ୍ତି। ଖୁବଶୀଘ୍ର ଉଦ୍ଧବଙ୍କ ଦଳର ଆଉ ୪ ଜଣ ଏମ୍‌ପି ଏହି ୨ ଏମ୍‌ପିଙ୍କ ସହ ଯୋଗଦେଇ ଏକନାଥ ଶିନ୍ଦେଙ୍କ ନେତୃତ୍ୱାଧୀନ ଶିବସେନାରେ ଯୋଗଦେବେ ବୋଲି ସେ କହିଛନ୍ତି। ଲୋକ ସଭା ନିର୍ବାଚନରେ ଉଦ୍ଧବ ସେପରିଭଳି ଭାବେ ଏକ ନିର୍ଦ୍ଦିଷ୍ଟ ସମ୍ପ୍ରଦାୟଠାରୁ ଭୋଟ୍ ଭିକ୍ଷା କଲେ, ସେଥିରେ ଏହି ୨ ଏମ୍‌ପି ଅସନ୍ତୁଷ୍ଟ ଥିବା ମହସ୍କେ କହିଛନ୍ତି। ଅନ୍ୟପକ୍ଷରେ ଶିନ୍ଦେଙ୍କ ନେତୃତ୍ୱାଧୀନ ଶିବସେନାର କେତେକ ବିଧାୟକ ଓ ଏମ୍‌ପି ଶିବସେନା(ୟୁବିଟି)ରେ ଯୋଗଦେବେ ବୋଲି ଶୁକ୍ରବାର ଉଦ୍ଧବଙ୍କ ଘନିଷ୍ଠ ସହଯୋଗୀ ସଞ୍ଜୟ ରାଉତ ବୟାନ ଦେଇଥିଲେ। ସୂଚନାଯୋଗ୍ୟ, ଲୋକ ସଭା ନିର୍ବାଚନରେ ଶିନ୍ଦେଙ୍କ ନେତୃତ୍ୱାଧୀନ ଶିବସେନା ୭ଟି ଓ ଉଦ୍ଧବଙ୍କ ନେତୃତ୍ୱାଧୀନ ଶିବସେନା(ୟୁବିଟି) ୯ଟି ଲୋକ ସଭା ଆସନରେ ଜିତିଛି।

## ମହିଳାଙ୍କ ବିବାହ ବୟସ ବଢ଼ାଇବା ବିଲ୍ ରଦ୍ଦ

ନୂଆଦିଲ୍ଲୀ, ୮।୬

ସପ୍ତଦଶ ଲୋକ ସଭାର କାର୍ଯ୍ୟକାଳ ଶେଷ ହେବା ସହିତ ପୁରୁଷ ଏବଂ ମହିଳାଙ୍କ ବିବାହ ବୟସରେ ସମାନତା ଆଣିବା ପାଇଁ ଆସିଥିବା ବିଲ୍ ଅଚଳ ହୋଇଛି। ବାଲ୍ୟବିବାହ ନିଷେଧ (ସଂଶୋଧନ) ବିଲକୁ ୨୦୨୧ ଡିସେମ୍ବରରେ ଲୋକ ସଭାରେ ଆଗତ କରାଯାଇଥିଲା। ପରେ ଏହି ବିଲକୁ ଶିକ୍ଷା, ମହିଳା, ଯୁବକ, କ୍ରୀଡ଼ା ସମ୍ବନ୍ଧୀୟ ସ୍ଥାୟୀ କମିଟିକୁ ପ୍ରେରିତ କରାଯାଇଥିଲା। ଏହି ସମୟ ମଧ୍ୟରେ ବିଲକୁ ନେଇ ଅନେକ ପ୍ରସ୍ତାବ ସ୍ଥାୟୀ କମିଟି ଗ୍ରହଣ କରିଥିବା ପୂର୍ବତନ ଲୋକ ସଭା ମହାସଚିବ ତଥା ସମ୍ବିଧାନ ବିଶେଷଜ୍ଞ ପି.ଡି.ଟି. ଆଚାର୍ଯ୍ୟ କହିଛନ୍ତି। ସପ୍ତଦଶ ଲୋକ ସଭାର କାର୍ଯ୍ୟକାଳ ଶେଷ ହେବା ସହ ଏହି ବିଲ୍ ମଧ୍ୟ ଅଚଳ ହୋଇଥିବା ସେ କହିଛନ୍ତି। ମହିଳାଙ୍କ ବିବାହ ପାଇଁ ସର୍ବନିମ୍ନ ବୟସ ସୀମା ୨୧କୁ ବଢ଼ାଇବା ସହ ବାଲ୍ୟବିବାହ ନିଷେଧ ଆଇନ, ୨୦୦୬ରେ ସଂଶୋଧନ କରିବା ଏହି ବିଲ୍‌ର ଉଦ୍ଦେଶ୍ୟ ଥିଲା।

**ରାଜ୍ୟ ଖବର**

## ଟ୍ରକ୍ ପଛରେ ପିଟିହେଲା ବସ୍, ୨ ମୃତ

ଚଣ୍ଡିଖୋଲ/ବଡ଼ଚଣା, (ପ୍ରଦୀପ୍ତ କୁମାର ଦୃଷ୍ଟି/ ବିଜୟ କୁମାର ମହାନ୍ତି),୮।୬

**ପୁରୀ ଯାଉଥିବା ୧୩ ପର୍ଯ୍ୟଟକ ଗୁରୁତର**

ଯାଜପୁର ଜିଲା ବଡ଼ଚଣା ଥାନା ଅନ୍ତର୍ଗତ ୧୬ନଂ ଜାତୀୟ ରାଜପଥର କଡ଼େଇ ଛକ ନିକଟରେ ଶନିବାର ଭୋର ସମୟରେ ଏକ ସିମେଣ୍ଟ ବୋଝେଇ ଟ୍ରକ୍ ପଛରେ ବସ୍ ଧକ୍କା ଦେବାରୁ ଘଟଣାସ୍ଥଳରେ ୨ ଜଣଙ୍କ ମୃତ୍ୟୁ ଘଟିଛି। ୧୩ ଜଣ ଗୁରୁତର ହୋଇଛନ୍ତି। ଆହତମାନଙ୍କୁ ପ୍ରଥମେ ବଡ଼ଚଣା ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ପରେ କଟକ ସ୍ଥାନାନ୍ତର କରାଯାଇଛି। ଶନିବାର କୋଲକାତାରୁ ପୁରୀ ଅଭିମୁଖେ ପର୍ଯ୍ୟଟକମାନଙ୍କୁ ନେଇ ଆସୁଥିବା ଶ୍ୟାମୁଲେଙ୍କ ବସ୍ (ନଂ.ଡବ୍ଲୁ ବି ୭୩ ଜି ୩୫୦୭) ଜାତୀୟ ରାଜପଥର କଡ଼େଇ ଛକ ନିକଟରେ ଏକ ସିମେଣ୍ଟ ବୋଝେଇ ଟ୍ରକ(ନଂ.ଓଆର ୦୯ସି ୭୭୭୭) ପଛକୁ ଧକ୍କା ଦେଇଥିଲା। ଫଳରେ ବସର ଡ୍ରାଇଭର ପଶ୍ଚିମବଙ୍ଗ ଦକ୍ଷିଣ ଚବିଶ ପ୍ରଗଣା ଜିଲା ନୁମାସପାର ଗ୍ରାମର ସପନ କୁମାର ଯାନା (୪୭) ଓ ହେଲ୍‌ପର ପଶ୍ଚିମବଙ୍ଗ ଦିଘାଙ୍କ ମାର୍ଜିଲ ଗ୍ରାମର ସୁରଞ୍ଜନ ଗିରି(୩୮)ଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଥିଲା। ବଡ଼ଚଣା ପୋଲିସ ଅଗ୍ନିଶମ ବାହିନୀ ସହାୟତାରେ ମୃତଦେହମାନଙ୍କୁ ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଇଥିଲା। ବସ୍‌କୁ ଗ୍ୟାସ୍ କଟରରେ କାଟି ଯାତ୍ରୀମାନଙ୍କୁ ବାହାର କରାଯାଇଥିଲା। ପରେ ଆହତମାନଙ୍କୁ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ବସ୍‌ରେ ଥିବା ୬୦ ଯାତ୍ରୀଙ୍କ ମଧ୍ୟରୁ ୧୩ ଗୁରୁତର ହୋଇଥିବାବେଳେ ୧୭ ଜଣ ସାମାନ୍ୟ ଆହତ ହୋଇଛନ୍ତି। ବସ୍ ଡ୍ରାଇଭରଙ୍କୁ ନିଦ ଲାଗିବାରୁ ଦୁର୍ଘଟଣା ଘଟିଥିବା ଅନୁମାନ କରାଯାଉଛି।



## ଚିକିତ୍ସାବେଳେ ବିଚାରାଧୀନ କଏଦୀଙ୍କ ମୃତ୍ୟୁ

ଢେଙ୍କାନାଳ,୮।୬(ରତନ ନାୟକ)

ଢେଙ୍କାନାଳ ଜିଲା କାରାଗାରର ଲକ୍ଷ୍ମୀଧର ବିଶ୍ୱାଳ(୪୨) ନାମକ ଜଣେ ବିଚାରାଧୀନ କଏଦୀଙ୍କ ମୃତ୍ୟୁ ହୋଇଛି। ଲକ୍ଷ୍ମୀଧର ଦୁଇଦିନ ତଳେ ଜେଲ ମଧ୍ୟରେ ହଠାତ୍ ଅସୁସ୍ଥ ହୋଇ ପଡ଼ିଥିଲେ। ତାଙ୍କୁ ଢେଙ୍କାନାଳ ଜିଲା ମୁଖ୍ୟ ଚିକିତ୍ସାଳୟ ନିଆଯାଇଥିଲା। ସେଠାରୁ ତାଙ୍କୁ କଟକ ସ୍ଥାନାନ୍ତର କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ଶୁକ୍ରବାର ଅପରାହ୍ଣରେ କଟକଠାରେ ଲକ୍ଷ୍ମୀଧରଙ୍କ ମୃତ୍ୟୁ ହୋଇଛି। ସେ ୨୦୧୮ ମସିହାରୁ ଏକ ପୋକସୋ ମାମଲାରେ ବିଚାରାଧୀନ କଏଦୀ ଭାବେ ଜିଲା କାରାଗାରରେ ରହିଥିବା ଜେଲ ଅଧିକ୍ଷକ ଉର୍ମିଳା ମିଞ୍ଜ ସୂଚନା ଦେଇଛନ୍ତି।

## ଯୁକ୍ତ୨ କଲେଜକୁ ମିଳିବ ଉତ୍କର୍ଷ କେନ୍ଦ୍ରର ମାନ୍ୟତା

ଭୁବନେଶ୍ୱର, ୮।୬(ଅସମାପିକା ସାହୁ)

ରାଜ୍ୟରେ ଯୁକ୍ତ୨ ବା ଉଚ୍ଚ ମାଧ୍ୟମିକ ସ୍କୁଲଗୁଡ଼ିକୁ ଉତ୍କର୍ଷ କେନ୍ଦ୍ର ବା ସେଣ୍ଟର ଅଫ୍ ଏକ୍ସିଲେନ୍ସର ମାନ୍ୟତା ଦିଆଯିବ। ଏନେଇ ସ୍କୁଲ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ନିଷ୍ପତ୍ତି ହୋଇଛି। ଏହି ବ୍ୟବସ୍ଥା କାର୍ଯ୍ୟକାରୀ ହେଲେ ସର୍ବଭାରତୀୟସ୍ତରରେ ଓଡ଼ିଶା ପ୍ରଥମ ରାଜ୍ୟର ମାନ୍ୟତା ହାସଲ କରିବ। ଯୁକ୍ତ୩ ବା ଡିଗ୍ରୀ କଲେଜଗୁଡ଼ିକ ସେଣ୍ଟର ଅଫ୍ ଏକ୍ସିଲେନ୍ସ ମାନ୍ୟତା ପାଇବାପରେ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ(ୟୁଜିସି) ଅନୁଦାନର ସହାୟକ ପାଉଛି। ତେବେ ଏକାଦଶ ଏବଂ ଦ୍ୱାଦଶ ଶ୍ରେଣୀ ଲାଗି ଯେଉଁ ଉଚ୍ଚ ମାଧ୍ୟମିକ ସ୍କୁଲକୁ ସେଣ୍ଟର ଅଫ୍ ଏକ୍ସିଲେନ୍ସ ମାନ୍ୟତା ମିଳିବ, ସେସବୁ ଶିକ୍ଷାନୁଷ୍ଠାନ ପାଇଁ ସମଗ୍ରଶିକ୍ଷା ଯୋଜନାରେ ମିଳୁଥିବା ଅନୁଦାନକୁ ବ୍ୟୟ କରାଯିବ। ଏହାବ୍ୟତୀତ ଆବଶ୍ୟକସ୍ଥଳେ ଗଣଶିକ୍ଷା ବିଭାଗ ପକ୍ଷରୁ ମଧ୍ୟ ସ୍ୱତନ୍ତ୍ର ଅନୁଦାନ ଯୋଗାଇ ଦିଆଯିବ ବୋଲି ନିଷ୍ପତ୍ତି ହୋଇଛି। ରାଜ୍ୟରେ ପ୍ରଥମରୁ ଦ୍ୱାଦଶ ଶ୍ରେଣୀ ଗଣଶିକ୍ଷା ବିଭାଗ ଅଧୀନରେ ପରିଚାଳିତ ହେଉଛି। ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ସ୍ୱତନ୍ତ୍ର ଅନୁଦାନ ସମଗ୍ରଶିକ୍ଷା ମାଧ୍ୟମରେ ଖର୍ଚ୍ଚ ହେଉଥିବାବେଳେ ଏହି ବ୍ୟବସ୍ଥାରେ ଏକାଦଶ ଏବଂ ଦ୍ୱାଦଶ ଶ୍ରେଣୀକୁ ସାମିଲ କରାଯାଉଛି। ଏହାବ୍ୟତୀତ ଅନୁଦାନ ରାଶି ବୃଦ୍ଧି ଲାଗି ବିଭାଗ ପକ୍ଷରୁ ସ୍ୱତନ୍ତ୍ର ବଜେଟ ମଧ୍ୟ ପ୍ରସ୍ତୁତ କରାଯାଉଛି। ଯୁକ୍ତ୨ ବା ଉଚ୍ଚ ମାଧ୍ୟମିକ ସ୍କୁଲଗୁଡ଼ିକର ଭିତ୍ତିଭୂମି ଏବଂ ଗୁଣାତ୍ମକ ଶିକ୍ଷାଦାନ ଲାଗି ଗଣଶିକ୍ଷା ବିଭାଗ ପକ୍ଷରୁ ସର୍ବାଧିକ ଗୁରୁତ୍ୱ ଦିଆଯାଉଛି। ଘରୋଇ ଏବଂ ରେସିଡେନ୍ସିଆଲ ଉଚ୍ଚ ମାଧ୍ୟମିକ ସ୍କୁଲକୁ ବାଦ୍ ଦେଲେ ପ୍ରଥମେ କେବଳ ସରକାରୀ ଏବଂ ଅନୁଦାନପ୍ରାପ୍ତ ଉଚ୍ଚ ମାଧ୍ୟମିକ ସ୍କୁଲଗୁଡ଼ିକୁ ଉତ୍କର୍ଷ କେନ୍ଦ୍ର କରିବାକୁ ଯୋଜନା ପ୍ରସ୍ତୁତ ହୋଇଛି। ତେବେ ପ୍ରଥମ ପର୍ଯ୍ୟାୟରେ ୬୦୦ ଉଚ୍ଚ ମାଧ୍ୟମିକ ସ୍କୁଲକୁ ସାମିଲ କରାଯିବ। ପରେ ପର୍ଯ୍ୟାୟକ୍ରମେ ୨୦୨୫ ମେ ଶେଷ ସୁଦ୍ଧା ରାଜ୍ୟର ସମସ୍ତ ଉଚ୍ଚ ମାଧ୍ୟମିକ ସ୍କୁଲକୁ ସେଣ୍ଟର ଅଫ୍ ଏକ୍ସିଲେନ୍ସ ମଧ୍ୟରେ ରଖିବା ଲାଗି ଉଦ୍ୟମ କରାଯିବ। ପ୍ରଥମ ପର୍ଯ୍ୟାୟରେ ଯେଉଁ ସବୁ ଉଚ୍ଚ ମାଧ୍ୟମିକ ସ୍କୁଲଗୁଡ଼ିକ ଏହି ସେଣ୍ଟର ଅଫ୍ ଏକ୍ସିଲେନ୍ସ ମାନ୍ୟତା ପାଇବେ ସେହି ଶିକ୍ଷାନୁଷ୍ଠାନଗୁଡ଼ିକ ଲାଗି ସ୍ୱତନ୍ତ୍ର ବ୍ୟବସ୍ଥା କରାଯିବ। ଡିଜିଟାଲ କ୍ଲାସ ରୁମ୍, ପ୍ରୋଜେକ୍ଟର ବ୍ୟବସ୍ଥା, କ୍ୟାମ୍ପସରେ ୱାଇଫାଇ ସୁବିଧା, ମନିଟରିଂ ମେସେଜ୍ ବ୍ୟବସ୍ଥା, ଅତ୍ୟାଧୁନିକ ପ୍ରାକ୍ଟିକାଲ କକ୍ଷ ଆଦି ସୁବିଧା ରହିବ। ଯେଉଁ ସବୁ ଉଚ୍ଚ ମାଧ୍ୟମିକ ସ୍କୁଲ ସେଣ୍ଟର ଅଫ୍ ଏକ୍ସିଲେନ୍ସ ମାନ୍ୟତା ହାସଲ କରିବେ ସେଗୁଡ଼ିକ ଲାଗି ୫୦ଲକ୍ଷ ଟଙ୍କା ବ୍ୟୟ କରାଯିବ। ତେବେ ସେଣ୍ଟର ଅଫ୍ ଏକ୍ସିଲେନ୍ସ ମାନ୍ୟତା ପାଇବା ଲାଗି ୧୧ଟି ମାନଦଣ୍ଡକୁ ଗୁରୁତ୍ୱ ଦିଆଯିବ। ତେବେ ଯେଉଁ ସବୁ ଉଚ୍ଚ ମାଧ୍ୟମିକ ସ୍କୁଲ ନିର୍ଦ୍ଧାରଣ ହୋଇଥିବା ମାନଦଣ୍ଡ ମଧ୍ୟରୁ ୫୦ପ୍ରତିଶତ ପୂରଣ କରୁଥିବ ସେହି କଲେଜକୁ ମଧ୍ୟ ତାଲିକାଭୁକ୍ତ କରାଯିବ। ଚଳିତବର୍ଷ ଯୁକ୍ତ୨ ନାମଲେଖା ପୂର୍ବରୁ ରାଜ୍ୟର ସମସ୍ତ ଉଚ୍ଚ ମାଧ୍ୟମିକ ସ୍କୁଲଗୁଡ଼ିକର ଭିତ୍ତିଭୂମି ଯାଞ୍ଚ କରାଯିବ ବୋଲି ବିଭାଗ ପକ୍ଷରୁ ଜଣାପଡ଼ିଛି। ଗୁଣାତ୍ମକ ଶିକ୍ଷା ସହିତ ଉନ୍ନତ ଭିତ୍ତିଭୂମିକୁ ଗୁରୁତ୍ୱ ଦିଆଯାଉଥିବା ଏଭଳି ପଦକ୍ଷେପ ନିଆଯାଇଥିବା ଗଣଶିକ୍ଷା ବିଭାଗ ପକ୍ଷରୁ ସୂଚନା ମିଳିଛି। ସୂଚନାଯୋଗ୍ୟ, ରାଜ୍ୟରେ ୨,୦୨୫ ଉଚ୍ଚ ମାଧ୍ୟମିକ ସ୍କୁଲ ମଧ୍ୟରୁ ପ୍ରଥମେ ସରକାରୀ ଏବଂ ଅନୁଦାନପ୍ରାପ୍ତ କଲେଜଗୁଡ଼ିକର ଯାଞ୍ଚ କରାଯିବ। ସେହିପରି ଘରୋଇ ତଥା ରେସିଡେନ୍ସିଆଲ କଲେଜଗୁଡ଼ିକର ଯାଞ୍ଚ ସମୟରେ ସମ୍ପୃକ୍ତ କଲେଜ ଗତ ୫ବର୍ଷର ନାମଲେଖା ପ୍ରକ୍ରିୟା, ମୋଟ ପାସ୍ ହାର ଆଦିକୁ ମଧ୍ୟ ଗୁରୁତ୍ୱ ଦିଆଯିବା ସହ ଭିତ୍ତିଭୂମି ଏବଂ ଛାତ୍ରଛାତ୍ରୀ ଓ ଶିକ୍ଷକଙ୍କ ଅନୁପାତକୁ ଗୁରୁତ୍ୱ ଦିଆଯିବ ବୋଲି ଜଣାପଡ଼ିଛି।

## ପଦୋନ୍ନତି ନାଁରେ ୧୭ ଲକ୍ଷ ଠକେଇ

ବାରିପଦା,୮।୬(କାଳାକୃଷ୍ଣ ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ରାଇରଙ୍ଗପୁର ଟାଉନ ଥାନାରେ ୧୭ ଲକ୍ଷ ଟଙ୍କା ନେଇ ପଦୋନ୍ନତି କରାଇବାକୁ କହିଥିବା ଜଣେ ରାଜନୈତିକ ଦଳର କର୍ମୀଙ୍କ ବିରୋଧରେ ଅଭିଯୋଗ ହୋଇଛି। ଅଭିଯୁକ୍ତ ଜଣକ ହେଲେ ରାଇରଙ୍ଗପୁର ବିକାଶ ନଗର ଅଞ୍ଚଳର ରତିକାନ୍ତ ପରିଡ଼ା। ରାଇରଙ୍ଗପୁର ସବ୍ ଡିଭିଜନ ହସ୍ପିଟାଲରେ ଭାରପ୍ରାପ୍ତ ମେଡିକାଲ ଇନ୍‌ଚାର୍ଜ ଭାବେ ସିନିୟର ଭେଷଜ ବିଶେଷଜ୍ଞ ଡାକ୍ତର ସାଗର ଚନ୍ଦ୍ର ନାଏକ କାର୍ଯ୍ୟରତ ଅଛନ୍ତି। ୨ ବର୍ଷ ପୂର୍ବେ ରତିକାନ୍ତଙ୍କ ସହ ପରିଚୟ ହେବା ପରେ ଘନିଷ୍ଠତା ବଢ଼ିଥିଲା। ରତିକାନ୍ତ ନିଜକୁ ଶାସକ ଦଳର ଜୁନ୍ଦ ନେତା ଭାବେ ପରିଚୟ ଦେଇଥିଲେ। ଡାକ୍ତରଖାନାର ସୁପରିଣ୍ଟେଣ୍ଡେଣ୍ଟ ପଦବୀରେ ଅବସ୍ଥାପିତ କରାଇ ପାରିବେ ବୋଲି ସେ ପ୍ରତିଶ୍ରୁତି ଦେଇ ଡାକ୍ତରଙ୍କୁ ବିଶ୍ୱାସ ଜନ୍ମାଇଥିଲେ। ଏହି ପଦବୀ ପାଇଁ ୨୦ଲକ୍ଷ ଟଙ୍କା ଦେବାକୁ ପଡ଼ିବ। ଖୁବଶୀଘ୍ର କାର୍ଯ୍ୟ ଆରମ୍ଭ କରି ୨ ମାସ ମଧ୍ୟରେ ପୋଷ୍ଟିଂ ଦିଆଯିବ ବୋଲି କହିଥିଲେ। ତାଙ୍କ କଥାକୁ ବିଶ୍ୱାସରେ ନେଇ ୧୭ ଲକ୍ଷ ଟଙ୍କା ଦେବାକୁ ରାଜି ହୋଇ ୨୦୨୨ ମେ ୩ରେ ସ୍ତ୍ରୀ ସବିତା ରାଣୀ ଓ ଶଳା ଗୋକୁଳ ଚନ୍ଦ୍ର ନାଏକଙ୍କ ଉପସ୍ଥିତିରେ ୨ଟି ଚେକ୍‌ରେ ୧୭ ଲକ୍ଷ ଟଙ୍କା ଦେଇଥିଲେ। ଉକ୍ତ ଟଙ୍କା ଦେବା ସମୟରେ ଡାକ୍ତର ଜଣକ ନିଜର ଆତ୍ମୀୟଙ୍କୁ ଅବଗତ କରିଥିଲେ। ପଦୋନ୍ନତି ମିଳିବା ଦୂରର କଥା, ଫୋନ ମଧ୍ୟ ଉଠାଇ ନ ଥିଲେ। ଅଭିଯୋଗକୁ ଭିତ୍ତି କରି ପୋଲିସ ଏକ ମାମଲା (ନଂ. ୧୯୨/୨୪)ରେ ରୁଜୁ କରି ତଦନ୍ତ ଆରମ୍ଭ କରିଛି।

## ସମୁଦ୍ରତଟରୁ ୧.୨୦ ଟନ୍ ବର୍ଜ୍ୟବସ୍ତୁ ସଂଗ୍ରହ

ବାଲେଶ୍ୱର, ୮।୬(ମାନସ ବିଶ୍ୱାଳ)

**ବେଳାଭୂମି ସଫେଇ**

ବାଲେଶ୍ୱର ଜିଲା ରେମୁଣା ବ୍ଲକ ନୂଆପାଢ଼ିସ୍ଥିତ ଫକୀରମୋହନ ବିଶ୍ୱବିଦ୍ୟାଳୟର ଭୂବିଜ୍ଞାନ ବିଭାଗ, ବିଶ୍ୱବିଦ୍ୟାଳୟର ଜାତୀୟ ସେବା ଯୋଜନା ବା ଏନ୍‌ଏସ୍‌ଏସ୍ ୟୁନିଟ୍ ଓ ସେଣ୍ଟର ଫର ମେରାଇନ ବାୟୋଲୋଜିକାଲ ରିସୋର୍ସ ଏବଂ ବାୟୋମ୍ୟାନେଜମେଣ୍ଟ ଦ୍ୱାରା ବିଶ୍ୱ ମହାସାଗର ଦିବସ ଅବସରରେ ଚାନ୍ଦିପୁରସ୍ଥିତ ସମୁଦ୍ରକୂଳ ବେଳାଭୂମି ସଫେଇ କରାଯାଇଛି। ଓସନ୍ ସୋସାଇଟି ଅଫ୍ ଇଣ୍ଡିଆ, ପୃଥିବୀ ବିଜ୍ଞାନ ମନ୍ତ୍ରାଳୟ, ଭାରତ ସରକାରଙ୍କ ଦ୍ୱାରା ପ୍ରାୟୋଜିତ ସ୍ୱଚ୍ଛ ଭାରତ ଅଭିଯାନ ଅଧୀନରେ ଏହି ସଫେଇ କରାଯାଇଛି। ଅଭିଯାନର ଜାତୀୟ ସଂଯୋଜକ ଭାବେ ପ୍ରଫେସର କେଭି ଜୟଚନ୍ଦ୍ରନ୍ ଓ ଚାନ୍ଦିପୁର ଅଞ୍ଚଳର ସ୍ଥାନୀୟ ସଂଯୋଜକ ଭାବେ ଫକୀରମୋହନ ବିଶ୍ୱବିଦ୍ୟାଳୟର ପ୍ରାଧ୍ୟାପକ ଡ. ସ୍ମିତରେଖା ସାହୁ ଦାୟିତ୍ୱ ନିର୍ବାହ କରୁଛନ୍ତି। ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ନେତୃତ୍ୱରେ ଶନିବାର ପୂର୍ବାହ୍ନରେ ବିଶ୍ୱବିଦ୍ୟାଳୟର ନୂଆପାଢ଼ି କ୍ୟାମ୍ପସରୁ ଏହି ଅଭିଯାନ ଆରମ୍ଭ ହୋଇଥିଲା। ବିଶ୍ୱ ମହାସାଗର ଦିବସ ଅବସରରେ ଚାନ୍ଦିପୁର ବେଳାଭୂମିକୁ ପ୍ଲାଷ୍ଟିକମୁକ୍ତ କରିବାର ପ୍ରୟାସ ନେଇ ମୋଟ୍ ୬୦ଜଣ ଛାତ୍ରଛାତ୍ରୀ ସ୍ୱେଚ୍ଛାସେବୀ, ୨୦ରୁ ଊର୍ଦ୍ଧ୍ୱ ଶିକ୍ଷୟିତ୍ରୀଶିକ୍ଷକ ଏବଂ ଅନେକ ଅଣଶିକ୍ଷକ କର୍ମଚାରୀ ଏକାଠି ହୋଇଥିଲେ। କାର୍ଯ୍ୟକ୍ରମରେ ବିଶ୍ୱବିଦ୍ୟାଳୟର ସ୍ନାତକ ପରିଷଦ ଅଧ୍ୟକ୍ଷ ପ୍ରଫେସର ଭାସ୍କର ବେହେରା, ବିଭାଗୀୟ ମୁଖ୍ୟ ପ୍ରଫେସର ଭାସ୍କର ବେହେରା, ନିୟନ୍ତ୍ରକ କରନ ସୋରେନ, ଜାତୀୟ ସେବା ଯୋଜନାର କାର୍ଯ୍ୟକ୍ରମ ସଂଯୋଜକ ଡ. ଅମୂଲ୍ୟ କୁମାର ଆଚାର୍ଯ୍ୟ, ଭୂବିଜ୍ଞାନ ବିଭାଗ ମୁଖ୍ୟ ଡ. ରୋଜାଲିନ୍ ଦାସ, ଡ. ଅସୀମ ଅମିତାଭ ପ୍ରଧାନ, ଅରୁଣ କୁମାର ନାୟକ, ସବିତା ସୋରେନ, ଡ. ପ୍ରତିମା ପ୍ରଧାନ, ଡ. ଦେବବ୍ରତ ଦାସ ଓ ଡ. ମୀନତି ମିଶ୍ର ପ୍ରମୁଖ ଅଧ୍ୟାପିକାଅଧ୍ୟାପକମାନେ ଯୋଗଦେଇ ବେଳାଭୂମି ଓ ସାମୁଦ୍ରିକ ଜୀବଙ୍କୁ ପ୍ଲାଷ୍ଟିକ ପ୍ରଦୂଷଣଠାରୁ ରକ୍ଷା କରିବା ପାଇଁ ସଚେତନତାର ବାର୍ତ୍ତା ଦେବା ସହ ଏହି ଅଭିଯାନରେ ସମସ୍ତଙ୍କୁ ସାମିଲ କରିବାକୁ ଉତ୍ସାହିତ କରିଥିଲେ। ବିଶ୍ୱବିଦ୍ୟାଳୟ ପ୍ରାକ୍ତନ ଛାତ୍ର ସଂସଦର ପ୍ରେସିଡେଣ୍ଟ ଡ. ଚୌଧୁରୀ ସତ୍ୟବ୍ରତ ନନ୍ଦଙ୍କ ସହ ଉପସ୍ଥିତି ଓ ଯୋଗଦାନକୁ କୁଳପତିଙ୍କ ସହ ଅନ୍ୟାନ୍ୟ ସଦସ୍ୟମାନେ ପ୍ରଶଂସା କରିଛନ୍ତି। ସମସ୍ତଙ୍କ ପ୍ରୟାସରେ ସମୁଦ୍ର କୂଳରୁ ସମୁଦାୟ ୧.୨୦ ଟନ୍ ବର୍ଜ୍ୟବସ୍ତୁ ସଂଗ୍ରହ କରାଯାଇଛି। ସମୁଦ୍ରକୁ ସଫା ରଖିବା ଏକ ସାମୂହିକ କାର୍ଯ୍ୟ ତଥା ବେଳାଭୂମିକୁ ପ୍ଲାଷ୍ଟିକମୁକ୍ତ କରିବା ପାଇଁ ବିଭିନ୍ନ ପ୍ରକାର ସ୍ଲୋଗାନ ଦିଆଯିବା ସହ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଏଥିନେଇ ଦାୟିତ୍ୱବୋଧ ସୃଷ୍ଟିର ପ୍ରୟାସ କରାଯାଇଛି ବୋଲି କୁଳପତି ପ୍ରଫେସର ତ୍ରିପାଠୀ କହିଛନ୍ତି।



ବେଳାଭୂମି ସଫେଇ କରାଯାଉଛି।

# ସ୍ୱିଟେକଙ୍କୁ ହ୍ୟାଟ୍ରିକ ଟାଇଟଲ

ପ୍ୟାରିସ, ୮।୬ (ଏପି)

ଇଗା ସ୍ୱିଟେକ କ୍ରମାଗତ ତୃତୀୟ ଥର ଫ୍ରେଞ୍ଚ ଓପନ ଗ୍ରାଣ୍ଡସ୍ଲାମ ଟେନିସ ମହିଳା ସିଙ୍ଗଲ୍ସ ଟାଇଟଲ ହାସଲ କରିଛନ୍ତି। ଶନିବାର ଅନୁଷ୍ଠିତ ଫାଇନାଲରେ ସେ ଜସ୍ମିନ ପାଓଲିନିଙ୍କୁ ୬-୨, ୬-୧ ସିଧାସଳଖ ସେଟ୍‌ରେ ହରାଇ ଦେଇଛନ୍ତି। କୋର୍ଟ ଫିଲିପ୍ ଚାର୍ଟରଠାରେ ଖେଳାଯାଇଥିବା ଏହି ମ୍ୟାଚରେ ପ୍ରଥମେ ୨-୧ରେ ପଛୁଆ ରହିବା ପରେ ଦୃଢ଼ ପ୍ରତ୍ୟାବର୍ତ୍ତନ କରି ବିଜୟ ଲାଭ କରିଥିଲେ। ଏହି ବିଜୟ ଦ୍ୱାରା ରୋଲାଣ୍ଡ ଗାରୋସଠାରେ ଏହା ହେଉଛି ତାଙ୍କର କ୍ରମାଗତ ୨୧ ମ୍ୟାଚ। ଏଠାରେ ତାଙ୍କର ବିଜୟ ପରାଜୟ କ୍ୟାରିୟର ରେକର୍ଡ ୩୫-୨କୁ ବୃଦ୍ଧି


ଫ୍ରେଞ୍ଚ ଓପନ ଟ୍ରଫି ସହ ଇଗା ସ୍ୱିଟେକ୍।

## ଫ୍ରେଞ୍ଚ ଓପନ
### ହେନିନ୍‌ଙ୍କ ରେକର୍ଡର ସମକକ୍ଷ

ପାଇଛି। ୨୦୦୫ରୁ ୨୦୦୭ ପର୍ଯ୍ୟନ୍ତ ଜଷ୍ଟିନ ହେନିନଙ୍କ ପରେ ପ୍ୟାରିସରେ କ୍ରମାଗତ ୩ଥର ଟାଇଟଲ ଜିତିବାରେ ପୋଲାଣ୍ଡର ଏହି ୨୩ ବର୍ଷୀୟା ହେଉଛନ୍ତି ପ୍ରଥମ ମହିଳା ଖେଳାଳି। ସ୍ୱିଟେକ ଆହୁରି ମଧ୍ୟ ୨୦୨୦ରେ ଫ୍ରେଞ୍ଚ ଓପନ ଏବଂ ୨୦୨୨ରେ ୟୁଏସ୍ ଓପନ ଜିତିଥିଲେ। ବର୍ତ୍ତମାନ ସୁଦ୍ଧା ସେ ୫ଥର ଗ୍ରାଣ୍ଡସ୍ଲାମ ଫାଇନାଲରେ ପ୍ରବେଶ କରିଥିବା ବେଳେ ସମସ୍ତ ମ୍ୟାଚରେ ସେ ବିଜୟ ହାସଲ କରିବାରେ ସମର୍ଥ ହୋଇପାରିଛନ୍ତି। ଅନ୍ୟପକ୍ଷରେ ଇଟାଲୀର ୨୮ ବର୍ଷୀୟା ଦ୍ୱାଦଶ ସିଡ୍ ପାଓଲିନ୍ ପ୍ରଥମ ଥର ଏକ ଗ୍ରାଣ୍ଡସ୍ଲାମ ପ୍ରତିଯୋଗିତାର ଫାଇନାଲରେ ପ୍ରବେଶ କରିଥିଲେ। ପାଓଲିନ୍ ଗତ ଜାନୁଆରୀରେ ଅଷ୍ଟ୍ରେଲିଆନ ଓପନରେ ପ୍ରଥମ ଥର ଏକ ଗ୍ରାଣ୍ଡସ୍ଲାମ ପ୍ରତିଯୋଗିତାର ଚତୁର୍ଥ ରାଉଣ୍ଡରେ ପ୍ରବେଶ କରିଥିଲେ। ଏହା ପୂର୍ବରୁ ସେ କୌଣସି ଗ୍ରାଣ୍ଡସ୍ଲାମ ପ୍ରତିଯୋଗିତାର ଦ୍ୱିତୀୟ ରାଉଣ୍ଡ ଅତିକ୍ରମ କରିପାରି ନ ଥିଲେ। ପାଓଲିନ ଆହୁରି ମଧ୍ୟ ରବିବାର ତାଙ୍କ ପାର୍ଟନର ସାରା ଇରାନୀଙ୍କ ସହ ଫ୍ରେଞ୍ଚ ଓପନ ମହିଳା ଡବଲ୍ସ ଫାଇନାଲରେ ୨୦୨୩ ୟୁଏସ୍ ଓପନ ମହିଳା ସିଙ୍ଗଲ୍ସ ଚାମ୍ପିୟନ କୋକୋ ଗଫ୍ ଓ ତାଙ୍କ ପାର୍ଟନର କାଟରିନା ସିନିଆକୋଭାଙ୍କ ସହ ମୁକାବିଲା କରିବେ।

# ବୋଷ, ରାନାୱେଡ୍, ଲାଲଚୁଙ୍ଗନୁଙ୍ଗା ବାଦ୍


ଇଗୋର ଷ୍ଟିମାକ୍

## ବିଶ୍ୱକପ୍ କ୍ୱାଲିଫାୟର

କୋଲକାତା, ୮।୬ (ପି.ଟି.)

ମଙ୍ଗଳବାର କାତାର ବିପକ୍ଷରେ ଦେଶ ବାହାରେ ଖେଳାଯିବାକୁ ଥିବା ବିଶ୍ୱକପ୍ କ୍ୱାଲିଫାୟର ମ୍ୟାଚ ପାଇଁ ଭାରତୀୟ ଫୁଟ୍‌ବଲର ମୁଖ୍ୟ କୋଚ୍ ଇଗୋର ଷ୍ଟିମାକ୍ ଶନିବାର ଏକ ୨୩ ଜଣିଆ ଦଳ ଘୋଷଣା କରିଛନ୍ତି। ଏଥିରେ ୩ଜଣ ଡିଫେଣ୍ଡର ଯଥା ମୋହନବାଗାନର ଶୁଭାଶିଷ ବୋଷ, ମୁମ୍ବାଇ ଏଫ୍‌ସିର ଆମେ ରାନୱେଡ୍ ଏବଂ ଇଷ୍ଟବେଙ୍ଗଲର ଲାଲ୍‌ଚୁଙ୍ଗନୁଙ୍ଗାଙ୍କୁ ସ୍ଥାନ ମିଳିନି। ସୁନୀଲ ଛେତ୍ରୀଙ୍କ ଅବସର ପରେ ଭାରତର ଏହା ହେଉଛି ପ୍ରଥମ ମ୍ୟାଚ। ଛେତ୍ରୀ ଭାରତ ତରଫରୁ ତାଙ୍କ ଶେଷ ମ୍ୟାଚ ଗତ ଗୁରୁବାର ସଲ୍ଟଲେକ୍ ଷ୍ଟାଡିୟମରେ କୁଏଟ୍ ବିପକ୍ଷରେ ବିଶ୍ୱକପ୍ କ୍ୱାଲିଫାୟର ଦ୍ୱିତୀୟ ରାଉଣ୍ଡ ମ୍ୟାଚ ଖେଳିଥିଲେ। ଏହି ମ୍ୟାଚ ଗୋଲ୍‌ଶୂନ୍ୟ ଡ୍ର ଭାବେ ଶେଷ ହୋଇଥିଲା। ଷ୍ଟିମାକ୍ ଜୟ ଗୁପ୍ତାଙ୍କୁ ପଦାର୍ପଣ ସୁଯୋଗ ଦେଇଛନ୍ତି। ପ୍ରତିଯୋଗିତାର ଗ୍ରୁପ୍ 'ଏ' ଷ୍ଟାଣ୍ଡିରେ ଭାରତ ୫ ପଏଣ୍ଟ ସହ ଟେବୁଲ ଟପ୍ପର କାତାର ପଛକୁ ଦ୍ୱିତୀୟ ସ୍ଥାନରେ ରହିଛି। କାତାର ୧୩ପଏଣ୍ଟ ସହ ପ୍ରଥମ ସ୍ଥାନ ଅଧିକାର କରିଛି। ଆଫଗାନିସ୍ତାନ ଓ କୁଏଟ ଯଥାକ୍ରମେ ୫ ଓ ୩ ପଏଣ୍ଟ ସହ ତୃତୀୟ ଓ ଚତୁର୍ଥ ସ୍ଥାନରେ ରହିଛନ୍ତି। କାତାର ତୃତୀୟ ରାଉଣ୍ଡକୁ ଉନ୍ନୀତ ହୋଇସାରିଛି। ଭାରତ ଏବଂ ଅନ୍ତିମ ସ୍ଥାନରେ ରହିଥିବା କୁଏଟ ସମେତ ଅନ୍ୟ ତିନୋଟି ଦଳ ପାଇଁ ଏକ ସୁଯୋଗ ରହିଛି। କୁଏଟ ନିଜ ମାଟିରେ ଏହାର ଅନ୍ତିମ ଦ୍ୱିତୀୟ ରାଉଣ୍ଡ ମ୍ୟାଚ ଆଫଗାନିସ୍ତାନ ବିପକ୍ଷରେ ଖେଳିବ। ଏସିଆର ଟପ୍ ୧୮ଟି ଦଳକୁ ନେଇ ହେବାକୁ ଥିବା ତୃତୀୟ ରାଉଣ୍ଡ ପ୍ରତିଯୋଗିତାକୁ ଉନ୍ନୀତ ହେବାକୁ ପଡ଼ିଲେ ଭାରତକୁ ଦୁଇଥର ଏସିଆନ ଚାମ୍ପିୟନ କାତାରକୁ ନିହାତି ଜିତିବାକୁ ହେବ। ଯଦି ଆଫଗାନିସ୍ତାନ ବନାମ କୁଏଟ୍ ମ୍ୟାଚ ଡ୍ର ରୁହେ ତେବେ ଭାରତୀୟ ଦଳ ପାଇଁ ଗୋଟିଏ ପଏଣ୍ଟ ଯଥେଷ୍ଟ ହେବ। କାତାର ବିପକ୍ଷ ମ୍ୟାଚ ହାରିଗଲେ ଭାରତର ଆଶା ଅନ୍ୟ ମ୍ୟାଚଗୁଡ଼ିକର ଫଳାଫଳ ଉପରେ ନିର୍ଭର କରିବ। ବ୍ଲୁ ଟାଇଗର୍ସ ଦଳ ଶନିବାର ସନ୍ଧ୍ୟାରେ କୋଲକାତାରୁ ଦୋହା ଅଭିମୁଖେ ଯାତ୍ରା କରିଛି।

**ଭାରତୀୟ ଦଳ**- ଗୋଲକିପର: ଗୁରୁପ୍ରୀତ ସିଂ ସାନ୍ଧୁ, ଅମରିନ୍ଦର ସିଂ, ବିଶାଲ କେଥ୍। ଡିଫେଣ୍ଡର: ଅନୱର ଅଲି, ଜୟ ଗୁପ୍ତା, ମେହତାବ ସିଂ, ନରେନ୍ଦର, ନିଖିଲ ପୂଜାରୀ, ରାହୁଲ ଭେକେ। ମିଡ୍‌ଫିଲ୍ଡର: ଅନିରୁଦ୍ଧ ଥାପା, ବ୍ରାଣ୍ଡନ ଫର୍ନାଣ୍ଡିଜ, ଏଡମଣ୍ଡ ଲାଲ୍‌ରିଣ୍ଡିକା, ଜିକ୍‌ସନ ସିଂ ଥୋନାଓଜାମ୍, ଲାଲିଆନ ଜୁଆଲା ଛାଙ୍ଗ୍‌ଟେ, ଲିଷ୍ଟନ କୋଲାକୋ, ମହେଶ ସିଂ ନାଓରେମ, ନନ୍ଦାକୁମାର ସେକର, ସହଲ ଅବଦୁଲ ସମାଦ, ସୁରେଶ ସିଂ ୱାଙ୍ଗଜାମ୍। ଫରୱାର୍ଡ: ମନବୀର ସିଂ, ରହିମ ଅଲି, ବିକ୍ରମ ପ୍ରତାପ ସିଂ, ଡେଭିଡ ଲାଲହ୍ଲାନସାଙ୍ଗା।

# ଅଂଶୁ ମଲିକଙ୍କୁ ରୌପ୍ୟ

ବୁଦାପେଷ୍ଟ, ୮।୬ (ପି.ଟି.)

ଭାରତୀୟ ମହିଳା କୁସ୍ତିଯୋଦ୍ଧା ଅଂଶୁ ମଲିକ ଏଠାରେ ଚାଲିଥିବା ବୁଦାପେଷ୍ଟ ର୍‍ୟାଙ୍କିଙ୍ଗ ସିରିଜ ୫୭ କାଟେଗୋରିରେ ଏକ ରୌପ୍ୟ ପଦକ ହାସଲ କରିଛନ୍ତି। ଫାଇନାଲରେ ସେ ଚାଇନାର ୨୧ ବର୍ଷୀୟା ପ୍ରତିଦ୍ୱନ୍ଦ୍ୱୀ କେକ୍ସିନ ହଙ୍ଗଙ୍କଠାରୁ ୧-୧୨ ଟେକ୍‌ନିକାଲ ସୁପରିଅରିଟିରେ ହାରିଯାଇଛନ୍ତି। କେକ୍ସିନ ହଙ୍ଗ୍ ହେଉଛନ୍ତି ବିଶ୍ୱର ନମ୍ବର ୱାନ ର୍‍ୟାଙ୍କିଙ୍ଗ କୁସ୍ତିଯୋଦ୍ଧା। ହାଙ୍ଗ୍‌ଝୋ ଏସିଆନ ଗେମ୍ସରେ ସେ ୫୩କେଜି କାଟେଗୋରିରେ ବ୍ରୋଞ୍ଜ ପଦକ ବିଜେତା। ପୂର୍ବରୁ ଭାରତର ଅନ୍ତିମ ପଙ୍ଘାଲ ଲଚ୍ଛୁଆ ପ୍ରଦର୍ଶନ କରି ମଧ୍ୟ ୫୩ କେଜି କାଟେଗୋରି ଫାଇନାଲରେ ପରାଜିତ ହୋଇ ରୌପ୍ୟରେ ସନ୍ତୁଷ୍ଟ ହୋଇଛନ୍ତି। ଷ୍ଟାର କୁସ୍ତିଯୋଦ୍ଧା ଭିନେଶ ଫୋଗଟ ୫୦ କେଜି କାଟେଗୋରି କ୍ୱାର୍ଟରଫାଇନାଲରେ ଚାଇନାର ଜିଆଙ୍ଗ ଝୁଙ୍କଠାରୁ ୦-୫ରେ ହାରିଯାଇଛନ୍ତି। ପୂର୍ବରୁ ପ୍ୟାରିସ ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ଅର୍ଜନ କରିଥିବା ଭାରତର ଏକମାତ୍ର ପୁରୁଷ କୁସ୍ତିଯୋଦ୍ଧା ଅମନ ଶେରାୱତ ପ୍ରଥମ ଦିବସରେ ଜାପାନର ରେଇ ହିଗୁଚିଙ୍କଠାରୁ ଟେକ୍‌ନିକାଲ ସୁପରିଅରିଟିରେ ୧-୧୧ରେ ପରାଜିତ ହୋଇ ଏକ ରୌପ୍ୟ ଜିତିଥିଲେ।


କଟକସ୍ଥିତ ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମରେ ଶନିବାର ଉଦ୍‌ଘାଟିତ ହୋଇଥିବା ୩ୟ ଓଡ଼ିଶା ଟାଏକୋଣ୍ଡୋ ରାଜ୍ୟ କିୟୋରୋଗି ଓ ପୁମ୍‌ସା ଚାମ୍ପିୟନଶିପ୍‌ରେ ଭାଗ ନେଇଥିବା ଦୁଇ ପ୍ରତିଯୋଗୀଙ୍କ ମଧ୍ୟରେ ଅନୁଷ୍ଠିତ ଏକ ମୁକାବିଲା। (ଫଟୋ: ରାଜକିଶୋର ମହାନ୍ତି)

# ଗଞ୍ଜାମର ବୃହତ୍ ବିଜୟ

## ରାଜ୍ୟ ହ୍ୟାଣ୍ଡବଲ ଚାମ୍ପିୟନଶିପ

କେନ୍ଦୁଝର, ୮।୬
(ନରେଶ ଚନ୍ଦ୍ର ପଟ୍ଟନାୟକ/ ଦୀପକ ମିଶ୍ର)

କେନ୍ଦୁଝର ହ୍ୟାଣ୍ଡବଲ ଷ୍ଟାଡ଼ିୟମରେ ଶୁକ୍ରବାର ଆରମ୍ଭ ହୋଇଥିବା ରାଜ୍ୟସ୍ତରୀୟ ହ୍ୟାଣ୍ଡବଲ ଚାମ୍ପିୟନଶିପର ଦିତୀୟ ଦିନ ଖେଳ ଶେଷ ହୋଇଥିବା ବେଳେ ଗଞ୍ଜାମ ବୃହତ ବିଜୟ ହାସଲ କରିଛି। ଶୁକ୍ରବାର ପ୍ରବଳ ବର୍ଷା କାରଣରୁ ଅଧା ରହିଥିବା ମ୍ୟାଚ୍ ଶନିବାର ଖେଳାଯାଇଛି। ଉଦଘାଟନୀ ମ୍ୟାଚରେ ଭୁବନେଶରକୁ ୨୩-୧୨ ଗୋଲରେ ପରାସ୍ତ କରିଥିଲା କେନ୍ଦୁଝର। ଗଞ୍ଜାମ୨୩-୨ ଗୋଲରେ ଭଦ୍ରକକୁ, ପୁରୀ ୨୦-୧୮ ଗୋଲରେ ଜଗତସିଂପୁରକୁ, ଯାଜପୁର ୨୦-୬ ଗୋଲରେ ଖୋର୍ଦ୍ଧାକୁ, ନୟାଗଡ଼ ୧୦-୪ ଗୋଲରେ ଢେଙ୍କାନାଳକୁ, ବଲାଙ୍ଗିର ୮-୭ ଗୋଲରେ ଦେବଗଡ଼କୁ, ଭୁବନେଶର ୧୭-୬ ଗୋଲରେ ବୌଦ୍ଧକୁ, ଭଦ୍ରକ ୬-୦ ଗୋଲରେ ନୟାଗଡ଼କୁ, ଗଞ୍ଜାମ ୧୫-୨ ଗୋଲରେ ନୟାଗଡ଼କୁ ପରାସ୍ତ କରିଛି। ସେଞ୍ଚୁରିଅନ ୟୁନିଭରସିଟି ଓ କଟକ ମଧ୍ୟରେ ମ୍ୟାଚ୍ ୧୭ - ୧୭ ଗୋଲରେ ଟାଇ ହୋଇଥିଲା। ସେହିପରି ମହିଳା ବର୍ଗରେ ଯାଜପୁର ୮-୦ ଗୋଲରେ ଭଦ୍ରକକୁ, କେନ୍ଦୁଝର ୧୩ - ୪ ଗୋଲରେ ପୁରୀକୁ, ଜଗତସିଂପୁର ୯- ୫ ଗୋଲରେ କଟକକୁ, ଦେବଗଡ଼ ୪-୦ ଗୋଲରେ ଭଦ୍ରକକୁ, ଯାଜପୁର ୭ - ୨ ଗୋଲରେ ଦେବଗଡ଼କୁ ଓ କେନ୍ଦୁଝର ୧୮- ୬ ଗୋଲରେ ଢେଙ୍କାନାଳକୁ ପରାସ୍ତ କରିଛି। ଆଜିର ଏହି ମ୍ୟାଚକୁ ସନ୍ଦୀପ ପାତ୍ର, ଦୀପକ ମହାନ୍ତି, ରାହିଲ ଖାନ, ରଶ୍ମୀ ରଞ୍ଜନ ଓଝା, ମନୋଜ କୁମାର ସାହୁ, ମନୋଜ କୁମାର ଜେନା, ପ୍ରକାଶ ପ୍ରଧାନ, ଜିତେନ୍ଦ୍ର ସାହୁ, ପ୍ରମୋଦ ପଟ୍ଟନାଏକ, ଆକାଶ ପଟ୍ଟନାଏକ ଆଦି ଖେଳକୁ ପରିଚାଳନା କରିଥିଲେ ।


ଜଗତସିଂହପୁର ଓ ଦେବଗଡ଼ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍‌ର ଏକ ସଂଘର୍ଷପୂର୍ଣ୍ଣ ମୁହୂର୍ତ୍ତ।

# ଭୁବନେଶ୍ୱର, ଅନୁଗୋଳ, କୋରାପୁଟ ବିଜୟୀ

## ୧୯ ବର୍ଷରୁ କମ୍ ଆନ୍ତଃଜିଲା କ୍ରିକେଟ

ଭୁବନେଶ୍ୱର,୮।୬
(ସରୋଜ ଜେନା)

ଓଡ଼ିଶା କ୍ରିକେଟ ଆସୋସିଏଶନ ପକ୍ଷରୁ ଅନୁଷ୍ଠିତ ୧୯ ବର୍ଷରୁ କମ୍ ଆନ୍ତଃଜିଲା କ୍ରିକେଟରେ ଶନିବାର ଭୁବନେଶ୍ୱର, ଅନୁଗୁଳ, କୋରାପୁଟ ବିଜୟୀ ହୋଇଛନ୍ତି। ନିମପୁର ଗ୍ରାଉଣ୍ଡରେ ଅନୁଷ୍ଠିତ ମ୍ୟାଚ୍‌ରେ ଜଗତ୍‌ସିଂହପୁରକୁ ୧୦ ଉଇକେଟରେ ପରାସ୍ତ କରିଛି ଭୁବନେଶ୍ୱର। ଶୁଭ୍ରକାନ୍ତ ପରିଡ଼ାଙ୍କ ୫ ଉଇକେଟ ସଫଳତା କାରଣରୁ ଜଗତସିଂହପୁର ୨୬.୧ ଓଭରରେ ୬୨ ରନ୍‌ରେ ଅଲଆଉଟ ହୋଇଥିଲା। ଜବାବରେ ଭୁବନେଶ୍ୱର ୭.୧ ଓଭରରେ ବିନା କ୍ଷତିରେ ୬୩ ରନ୍ କରି ବିଜୟୀ ହୋଇଥିଲା।

ବିଡାନାସୀ ଗ୍ରାଉଣ୍ଡରେ ଅନୁଗୁଳ ୭ ରନ୍‌ରେ ଝାରସୁଗୁଡାକୁ ପରାସ୍ତ କରିଛି। ଅନୁଗୁଳ ପ୍ରଥମେ ବ୍ୟାଟିଂ କରି ପାନକଲା ମୋକ୍ଷିତଙ୍କ ୫୯ ରନ୍ ବଳରେ ୬ ଉଇକେଟରେ ୨୪୩ ରନ୍ କରିଥିଲା। ଜବାବରେ କରଣ ସୋନୀଙ୍କ ୫୫ ରନ୍ ସତ୍ତ୍ୱେ ଝାରସୁଗୁଡା ୪୩.୧ ଓଭରରେ ସମସ୍ତ ଉଇକେଟ ହରାଇ ୨୩୬ ରନ୍ କରିଥିଲା। ରେଭେନ୍‌ଶା ଗ୍ରାଉଣ୍ଡରେ କୋରାପୁଟ ୭୧ ରନ୍‌ରେ ସୋନପୁରକୁ ହରାଇଛି। ପ୍ରଥମେ ବ୍ୟାଟିଂ କରି କୋରାପୁଟ ୪୫ ଓଭରରେ ୯ ଉଇକେଟରେ ୨୯୪ ରନ୍ କରିଥିଲା। ଶୈଳେସ ମୁଦୁଲି ୭୧ ଓ ଅଖିଳ କୁମାର ୫୬ ରନ୍ ସ୍କୋର କରିଥିଲେ। କୋରାପୁଟ ପକ୍ଷରୁ ଧ୍ରୁବଜ୍ୟୋତି ପଟ୍ଟନାୟକ ୫ ଉଇକେଟ ନେଇଥିଲେ। ଜବାବରେ ସୋନପୁର ୪୨.୨ ଓଭରରେ ୨୨୩ ରନ୍‌ରେ ସମସ୍ତ ଉଇକେଟ ହରାଇଥିଲା। ଗୌରାଙ୍ଗ ମହାନନ୍ଦିଆ ୪୨ ରନ୍ କରିଥିବା ବେଳେ ଅଖିଳ କୁମାର ୪ ଉଇକେଟ ନେଇଥିଲେ।


ଅଖିଳ କୁମାର


ଶୁଭ୍ରକାନ୍ତ ପରିଡ଼ା

# ମହିଳା ଦଳର ସପ୍ତମ ପରାଜୟ

## ଏଫ୍‌ଆଇଏଚ୍ ପ୍ରୋ ଲିଗ୍ ହକି

ଲଣ୍ଡନ,୮।୬(ପି.ଟି.)

ଏଫ୍‌ଆଇଏଚ୍ ପ୍ରୋ ଲିଗ୍ ଭାରତୀୟ ମହିଳା ହକି ଦଳର ନୈରାଶ୍ୟଜନକ ପ୍ରଦର୍ଶନ ଜାରି ରହିଛି। ଶନିବାର ଜର୍ମାନୀ ନିକଟରୁ ୪-୨ ଗୋଲରେ ପରାଜିତ ହୋଇଛି ଦଳ। ଏହା ସହିତ କ୍ରମାଗତ ସପ୍ତମ ମ୍ୟାଚ୍‌ରେ ଭାରତ ପରାଜିତ ହୋଇଛି। ଭାରତ ପକ୍ଷରୁ ସୁନେଲିତା ଟପ୍ପୋ(୯) ଓ ଦୀପିକା(୧୫) ମିନିଟରେ ଗୋଲ ଦେଇଥିଲେ। ଜର୍ମାନୀ ପକ୍ଷରୁ ଭିକ୍ଟୋରିଆ ହୁସ୍(୨୩ ଓ ୩୨, ଷ୍ଟିନେ କୁର୍ଜ(୫୧) ଓ ଜୁଲ୍ ବ୍ଲେଉଲ୍(୫୫) ମିନିଟରେ ଗୋଲ୍ ଦେଇଥିଲେ।

ଭାରତ ପ୍ରଥମ କ୍ୱାର୍ଟରରେ ଦୁଇଟି ଗୋଲ ଦେଇଥିଲା। ଦ୍ୱିତୀୟ କ୍ୱାର୍ଟରରେ ଭିକ୍ଟୋରିଆ ହୁସ ଦୁଇଟି ଗୋଲ ଦେଇ ମ୍ୟାଚକୁ ସମାନ୍ତର ସ୍ଥିତିକୁ ଆଣିଥିଲେ। ତୃତୀୟ କ୍ୱାର୍ଟର ଗୋଲଶୂନ୍ୟ ରହିଥିବା ବେଳେ ଅନ୍ତିମ କ୍ୱାର୍ଟରରେ ଜର୍ମାନୀ ଆଉ ଦୁଇଟି ଗୋଲ ଦେଇଥିଲା। ୫୧ ମିନିଟରେ ଷ୍ଟିନେ କୁର୍ଜ ଓ ୫୫ ମିନିଟରେ ଜୁଲ୍ ବ୍ଲେଉଲ ଗୋଲ ଦେଇ ଜର୍ମାନୀକୁ ୪-୨ରେ ବିଜୟୀ କରିଥିଲେ।

# ନାକାମୁରାଙ୍କୁ ହରାଇଲେ ପ୍ରଜ୍ଞାନନ୍ଦ, କାର୍ଲସେନଙ୍କୁ ଟାଇଟଲ

## ନରୱେ ଚେସ୍

ଷ୍ଟାଭେଞ୍ଜର, ୮।୬ (ପି.ଟି.)

ଭାରତୀୟ ଗ୍ରାଣ୍ଡମାଷ୍ଟର ଆର୍. ପ୍ରଜ୍ଞାନନ୍ଦ ଏଠାରେ ଚାଲିଥିବା ନରୱେ ଚେସ୍ ଟୁର୍ନାମେଣ୍ଟରେ ବିଜୟ ସହ ତାଙ୍କର ଅଭିଯାନ ଶେଷ କରିଛନ୍ତି। ଅନ୍ତିମ ରାଉଣ୍ଡରେ ସେ ଆମେରିକାର ହିକାରୁ ନାକାମୁରାଙ୍କୁ ହରାଇ ଦେଇଛନ୍ତି। ତେବେ ମାଗ୍ନସ କାର୍ଲସେନ ନରୱେ ଚେସ୍ ଟୁର୍ନାମେଣ୍ଟ ଜିତିଛନ୍ତି। ପୁରସ୍କାର ବାବଦରେ ସେ ୭,୦୦,୦୦୦ ନରୱେ ମୁଦ୍ରା (ପ୍ରାୟ ୬୫,୦୦୦ ଆମେରିକୀୟ ଡଲାର) ପାଇଛନ୍ତି। ସେ ସର୍ବାଧିକ ୧୭.୫ ପଏଣ୍ଟ ସହ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ଏହି ଅଭିନବ ଟୁର୍ନାମେଣ୍ଟରେ ଯଦି କୌଣସି ଗେମ୍ ଡ୍ର ରୁହେ ତେବେ ଏକ କ୍ଲାସିକାଲ ଟାଇମ୍ କଣ୍ଟ୍ରୋଲ କିମ୍ବା ଆର୍ମାଜେଡନ ପଦ୍ଧତିରେ ମୀମାଂସିତ ହୋଇଥାଏ। ପ୍ରଜ୍ଞାନନ୍ଦଙ୍କଠାରୁ ପରାଜିତ ହୋଇଥିଲେ ମଧ୍ୟ ନାକାମୁରା ୧୫.୫ ପଏଣ୍ଟ ସହ ଦ୍ୱିତୀୟ ସ୍ଥାନରେ ରହିଥିଲେ। ପ୍ରଜ୍ଞାନନ୍ଦ ୧୪.୫ ପଏଣ୍ଟ ଅର୍ଜନ କରି ତୃତୀୟ ହୋଇଛନ୍ତି। ଭାରତୀୟ ଖେଳାଳି କିନ୍ତୁ ଟୁର୍ନାମେଣ୍ଟରେ ତାଙ୍କ ପ୍ରଦର୍ଶନ ନେଇ ସନ୍ତୁଷ୍ଟ ଥିବେ। କାରଣ ଏଥିରେ ସେ ୩ଜଣ ଟପ୍ ର୍‍ୟାଙ୍କିଙ୍ଗ ଖେଳାଳିଙ୍କୁ ପରାସ୍ତ କରିବାରେ ସମର୍ଥ ହୋଇଛନ୍ତି। ଟୁର୍ନାମେଣ୍ଟରେ ପୂର୍ବରୁ ସେ କାର୍ଲସେନ ଓ କାରୁଆନାଙ୍କୁ କ୍ଲାସିକାଲ ଟାଇମ କଣ୍ଟ୍ରୋଲ ଜରିଆରେ ପରାସ୍ତ କରିଥିଲେ। ନାକାମୁରାଙ୍କ ବିପକ୍ଷରେ ବିଜୟ ଦ୍ୱାରା ସେ ଟପ୍ ୩ଜଣଙ୍କୁ ହରାଇବାରେ ପ୍ରଥମ ଖେଳାଳି ବିବେଚିତ ହୋଇଛନ୍ତି। ଫ୍ରେଞ୍ଚ ଖେଳାଳି ଅଲିରେଜା ଫିରୋଜା (୧୩.୫ ପଏଣ୍ଟ) ବିଶ୍ୱ ଚାମ୍ପିୟନ ଚାଇନାର ଡିଙ୍ଗ୍ ଲିରେନଙ୍କୁ ଆର୍ମାଜେଡନରେ ହରାଇ ଚତୁର୍ଥ ସ୍ଥାନ ଅଧିକାର କରିଛନ୍ତି। ୬ଜଣ ଖେଳାଳିଙ୍କୁ ନେଇ ଅନୁଷ୍ଠିତ ଏହି ଡବଲ ରାଉଣ୍ଡ ରବିନ ଟୁର୍ନାମେଣ୍ଟରେ କାରୁଆନା ୧୦ ପଏଣ୍ଟ ସହ ୫ମ ସ୍ଥାନରେ ରହିଥିବା ବେଳେ ଲିରେନ ୭ ପଏଣ୍ଟ ସହ ଅନ୍ତିମ ସ୍ଥାନରେ ରହିଛନ୍ତି।


ନରୱେ ଚେସ୍ ଟୁର୍ନାମେଣ୍ଟ ବିଜେତା ମାଗ୍ନସ କାର୍ଲସେନ।

ଅନ୍ୟପକ୍ଷରେ ମହିଳା ବର୍ଗ ଅନ୍ତିମ ରାଉଣ୍ଡରେ ଚାଇନାର ୱେନଜୁନ୍ ଜୁ ନିଜ ଦେଶର ଟିଙ୍ଗଜି ଲେଇଙ୍କୁ କ୍ଲାସିକାଲ ଟାଇମ କଣ୍ଟ୍ରୋଲରେ ହରାଇ ୧୯ ପଏଣ୍ଟ ସହ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ଅନ୍ୟ ଖେଳାଳିମାନଙ୍କ ମଧ୍ୟରେ ଆନ୍ନା ମୁଜିଚୁକ୍ ୧୬ ପଏଣ୍ଟ ସହ ଲେଇଙ୍କଠାରୁ ୧.୫ ପଏଣ୍ଟ ଆଗରେ ଦ୍ୱିତୀୟ ସ୍ଥାନରେ ରହିଥିଲେ। ଚାଇନିଜ ଖେଳାଳିଙ୍କଠାରୁ ୨ପଏଣ୍ଟ ପଛରେ ଆର. ବୈଶାଳୀ ଚତୁର୍ଥ ସ୍ଥାନ ସହ ତାଙ୍କ ଅଭିଯାନ ଶେଷ କରିଥିଲେ। କୋନେରୁ ହମ୍ପି(୧୦ପଏଣ୍ଟ) ଭେଟେରାନ ପିଆ ଚାମ୍ଲିଙ୍ଗ(୮ପଏଣ୍ଟ)ଙ୍କଠାରୁ ୨ପଏଣ୍ଟ ଆଗରେ ୫ମ ହୋଇଥିଲେ।



ଶନିବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ମାଲକାନଗିରି ବିମାନବନ୍ଦର: ଭୁଶୁଡ଼ିଲା ନୂଆ ପାଚେରି

ମାଲକାନଗିରି,୮।୬ (ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ବିମାନବନ୍ଦରର ପାଚେରି ବର୍ଷା ପବନ ଯୋଗୁ ଭୁଶୁଡ଼ି ପଡ଼ିଛି। ପୂର୍ବରୁ ଏହି ପାଚେରି ଭୁଶୁଡ଼ି ୨ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ନିମ୍ନମାନର କାମ ଯୋଗୁ ଶୁକ୍ରବାର ରାତିରେ ୫୦ ମିଟରରୁ ଊର୍ଦ୍ଧ୍ୱ ଭୁଶୁଡ଼ି ପଡ଼ିଛି। ତେବେ ଏହି ବିମାନବନ୍ଦର କାର୍ଯ୍ୟ ବର୍ତ୍ତମାନ ସୁଦ୍ଧା ସମ୍ପୂର୍ଣ୍ଣ ହୋଇ ନ ଥିବା ବେଳେ ଆହୁରି କିଛି କାର୍ଯ୍ୟ ବାକି ରହିଛି। ଏପରି ଦୁଇ ଦୁଇଥର ପାଚେରି ଭୁଶୁଡ଼ି ପଡ଼ିବା ଯୋଗୁ କାର୍ଯ୍ୟର ମାନ ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ବିମାନବନ୍ଦର କାର୍ଯ୍ୟକ୍ଷମ ହେବା ପୂର୍ବରୁ ବାରମ୍ବାର



ପାଚେରି ଭୁଶୁଡ଼ିବାରୁ ଏହାର ଉଚ୍ଚସ୍ତରୀୟ ତଦନ୍ତ ପାଇଁ ବୁଦ୍ଧିଜୀବୀ ମହଲରେ ଦାବି ହୋଇଛି। ତେବେ ଏହାକୁ ନେଇ ଜିଲା କଂଗ୍ରେସ ପକ୍ଷରୁ ଶନିବାର ଖବରଦାତା ସମ୍ମିଳନୀରେ ପୂର୍ତ୍ତ ବିଭାଗକୁ ଦାୟୀ କରାଯାଇଛି। ବିଭାଗୀୟ ଅଧିକାରୀ ଏବଂ ଯନ୍ତ୍ରୀଙ୍କ ଅବହେଳା ଯୋଗୁ ଏପରି ହେଉଥିବା ବେଳେ ପୂର୍ବଥର

### ଖବରଦାତା ସମ୍ମିଳନୀରେ ଭିଜିଲାନ୍ସ ତଦନ୍ତ ଦାବିକଲା ଜିଲା କଂଗ୍ରେସ

ପାଚେରି ଭୁଶୁଡ଼ି ମୃତ୍ୟୁ ଘଟିଥିବା ଶ୍ରମିକଙ୍କୁ ଉଚିତ ନ୍ୟାୟ ମିଳିନାହିଁ ବୋଲି ମଧ୍ୟ ଅଭିଯୋଗ କରିଛି କଂଗ୍ରେସ। ଏହାର ଭିଜିଲାନ୍ସ ତଦନ୍ତ ପାଇଁ ଦାବି କରାଯାଇଛି। କଂଗ୍ରେସ ଭବନରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଜିଲା ସଭାପତି ଗୋବିନ୍ଦ ପାତ୍ର, ବରିଷ୍ଠ ନେତା ମାଲା ମାଢ଼ି, କି. ଶ୍ରୀନିବାସ ରାଓ, ପଦ୍ମ ପାଙ୍ଗ ଓ କୃଷ୍ଣଚନ୍ଦ୍ର ଅନୁଗୁ ପ୍ରମୁଖଙ୍କ ସହ ବହୁ ନେତା ଉପସ୍ଥିତ ଥିଲେ।

# ହାତୀ ଆକ୍ରମଣରେ ବୃଦ୍ଧା ମୃତ

ବଣ୍ଟା,୮।୬(ପରିକ୍ଷିତ ସାହୁ)

ଅନୁଗୋଳ ଜିଲା ହଣ୍ଡପା ଥାନା ଅଁଳାବେରେଣୀ ଗ୍ରାମରେ ଶନିବାର ହାତୀ ଆକ୍ରମଣରେ ଜଣେ ବୃଦ୍ଧାଙ୍କ ମୃତ୍ୟୁ ହୋଇଛି। ମୃତା ବୃଦ୍ଧ ହେଲେ ଆଶା ଦେହୁରି (୭୦)। ଆଶା ଗ୍ରାମ ନିକଟରେ ଥିବା ଆମ୍ବଗଛକୁ ଆମ୍ବ ଗୋଟେଇବା ପାଇଁ ଯାଇଥିଲେ। ସେହି ସମୟରେ ଆମ୍ବ ଗଛ ନିକଟରେ ଥିବା ଏକ ଦନ୍ତା ତାଙ୍କୁ ପାଦରେ ଦଳି ମାରି ଦେଇଥିଲା। ଏହି ଘଟଣା ପରେ ଗ୍ରାମବାସୀଙ୍କ ମଧ୍ୟରେ ଉତ୍ତେଜନା ଦେଖା ଦେଇଥିଲା। ଖବରପାଇ ହଣ୍ଡପା ରେଞ୍ଜର ନରେନ୍ଦ୍ର କୁମାର ଗମାଙ୍ଗ, ଫରେଷ୍ଟର କୃଷ୍ଣଚନ୍ଦ୍ର ଶତପଥୀ, ଦୀପକ ମିଶ୍ର, ପୁରୁଷୋତ୍ତମ ଦେହୁରି ଘଟଣାସ୍ଥଳକୁ ଯାଉଥିବାବେଳେ ଉତ୍ତେଜିତ ଗ୍ରାମବାସୀ କ୍ଷତିପୂରଣ ଦାବିରେ ସମସ୍ତ କର୍ମଚାରୀଙ୍କୁ ଅଟକ ରଖିଥିଲେ। ଦୀର୍ଘ ୩ ଘଣ୍ଟା ଅଟକ ରଖିବା ପରେ ବନବିଭାଗ ଏସିଏଫ ବିଏସିଂହ ମାଝି ଘଟଣାସ୍ଥଳରେ ପହଞ୍ଚି ମୃତକଙ୍କ ପରିବାରକୁ ଏକ ସପ୍ତାହ ମଧ୍ୟରେ ବନବିଭାଗ ପକ୍ଷରୁ ୭୦ ହଜାର ଟଙ୍କା ତାଙ୍କ ଶୁଦ୍ଧି କ୍ରିୟା ପାଇଁ ଦିଆଯିବ। ଏଥିସହ ବନବିଭାଗ ନିୟମ ଅନୁଯାୟୀ ୫ ଲକ୍ଷ ୪୦ ହଜାର ଟଙ୍କା ଯୋଗାଇ ଦିଆଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ମୃତ ଆଶାଙ୍କ ମୃତଦେହ ବନବିଭାଗ ପୋଲିସ ଜବତ କରି ବ୍ୟବଚ୍ଛେଦ ପାଇଁ ହଣ୍ଡପା ସ୍ୱାସ୍ଥ୍ୟକେନ୍ଦ୍ର ପଠାଇଥିଲା। ଏ ନେଇ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

# ଉଗଡ଼ମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ପୁତୁଳ ସେତେଲ କି ?**
**ସେତେଲ ଗୋଡ଼ରେ ପାହୁଡ଼ ବଳା**
**ସେତେଲ ମଣିଷ ଚିହ୍ନେଲ କି ?**

ଦରିଦ୍ର ବ୍ୟକ୍ତି ସମୟକ୍ରମେ ଧନୀ ହୋଇଗଲେ ଆଉ ସେ ମଣିଷ ଚିହ୍ନିପାରି ନ ଥାଏ। ଧନ ବଳରେ ସେ ନିଜ ଆତ୍ମୀୟ ତଥା ପୂର୍ବ ପରିଚିତ ବ୍ୟକ୍ତିମାନଙ୍କୁ ହେୟମଣିବା ସହ ଉପେକ୍ଷା କରିବାକୁ ଲାଗିଥାଏ। ସମ୍ପଦର ପ୍ରାଚୁର୍ଯ୍ୟ ମଣିଷକୁ ଗର୍ବୀ ଓ ଅହଙ୍କାରୀ ସଜାଇ ଦେଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ପରତେ ନ ଯିବୁ ମାଳୀ କି**
**କରଜ ନ ଦେବୁ କାଳୀ କି**
**ବିଳକୁ ନ ଦେବୁ ତଳକି**
**ଘର କଥା ନେଇ ଦାଣ୍ଡରେ କହିଲେ**
**ଭଗାରୀ ମାରନ୍ତି ତାଳିକି।**

ମାଳୀକୁ ବିଶ୍ୱାସ କରିବା ଠିକ୍ ନୁହେଁ। ଅର୍ଥ ନେଣ ଦେଣ ସଂପର୍କରେ ଭଗ୍ନ ପକେଇଥାଏ। ସର୍ମ୍ପକୀୟଙ୍କୁ ଧାର କରଜ ଦେବା ଉଚିତ ହୋଇ ନ ଥାଏ। ବିଳକୁ ତଳି ପକେଇବା ପାଇଁ ଦେବା ଅନୁଚିତ। ସେହିପରି ଘର କଥା ବାହାରେ ଗପିବା ଠିକ୍ ନୁହଁ। କାରଣ ଭଗାରୀ ଶୁଣିଲେ ତାଳି ମାରି ମଜା ଉଠେଇବାରେ ଆଦୌ ହେଳା କରୁ ନ ଥିବା ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ ପବ୍ଲିଶର୍ସ

### ୧୨୩ କୋଟିର ପୋଞ୍ଜି ସ୍କାମ୍

# କୃଷି ନିଧି କମ୍ପାନୀ ନିର୍ଦ୍ଦେଶକ ଗିରଫ

ଭୁବନେଶ୍ୱର,୮।୬ (ସୂର୍ଯ୍ୟକାନ୍ତ ବେହେରା)

ଶିକ୍ଷାଗତ ଯୋଗ୍ୟତା ଦଶମ ଫେଲ୍। ହେଲେ ସାରା ଦେଶରେ ଚଳାଉଥିଲେ ବଡ଼ ଠକେଇ ର୍ୟାକେଟ। ଅଧିକ ଟଙ୍କା ମିଳିବାର ଲୋଭ ଦେଖାଇ ୩୪ ହଜାର ନିବେଶକାରୀଙ୍କଠାରୁ ୧୨୩ କୋଟିରୁ ଊର୍ଦ୍ଧ୍ୱ ହଡ଼ପ କରିଥିଲେ। ହଡ଼ପ ଟଙ୍କାରେ ଦୁବାଇ, ବ୍ୟାଙ୍କକ ଭଳି ସହରକୁ ଯାଇ ମଉଜ ମସ୍ତି କରୁଥିଲେ। ପୁଞ୍ଜି ସ୍କାମ ମାମଲାରେ ସମ୍ପୃକ୍ତ ଥାଇ ଫେରାର ଥିବା ଏହି ଦଶମ ଫେଲ୍ ଠକଙ୍କୁ ଓଡ଼ିଶା ଅର୍ଥନୈତିକ ଅପରାଧ ଶାଖା(ଇଓଡବ୍ଲ୍ୟୁ) କୋଲକାତାରୁ ଗିରଫ କରିଛି। ସେ ହେଲେ ପଶ୍ଚିମବଙ୍ଗ ପଶ୍ଚିମ ମେଦିନୀପୁରର ତୁଷାର ଭଞ୍ଜୋ (୫୫)। ସେ ହରିତ କୃଷି ନିଧି କମ୍ପାନୀର ନିର୍ଦ୍ଦେଶକ ଥିଲେ। ତାଙ୍କଠାରୁ ମୋବାଇଲ ଫୋନ, ବ୍ୟାଙ୍କ ସମ୍ବନ୍ଧୀୟ କାଗଜପତ୍ର, ଚେକ୍ ବୁକ୍ ଓ ସଂସ୍ଥାର ବହୁ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଜବତ ହୋଇଛି। ଅଭିଯୁକ୍ତ ତୁଷାରଙ୍କୁ ଗତ ୪ ତାରିଖରେ ଗିରଫ ପରେ ୫ ତାରିଖରେ କୋଲକାତାର ଅଲିପୁର କୋର୍ଟରେ ହାଜର କରାଯାଇଥିଲା। ସେଠାରୁ ତାଙ୍କୁ ଟ୍ରାଞ୍ଜିଟ୍ ରିମାଣ୍ଡରେ ଭୁବନେଶ୍ୱର ଆଣି ପଚରାଉଚରା କରିବା ପରେ ଶନିବାର ତାଙ୍କୁ କଟକର ଓପିଆଇଡି କୋର୍ଟରେ ହାଜର କରାଯାଇଥିଲା। ଜାମିନ ନାମଞ୍ଜୁର ପରେ ବିଚାର ବିଭାଗୀୟ ଜେଲ ହାଜତକୁ ପଠାଇ ଦିଆଯାଇଛି। ଇଓଡବ୍ଲ୍ୟୁ ସୂତ୍ରନୁସାରେ, ୨୦୨୩ରେ ନିର୍ଦ୍ଦେଶକ ତୁଷାର ପଶ୍ଚିମବଙ୍ଗରେ ହରିତ କୃଷି ନିଧି ଓ ଗ୍ରୀନ୍‌ଭିଜନ ଡ୍ରିମ୍ ମଲ୍ଟି ଟ୍ରେଡ୍ ନାମରେ ପୃଥକ କମ୍ପାନୀ ଖୋଲିଥିଲେ। ତାଙ୍କ ପରିବାର ସଦସ୍ୟ ଏହାର ଶେୟାର ହୋଲଡର ଥିଲେ। ଭୁବନେଶ୍ୱର ଟଙ୍କପାଣିରୋଡ ଅଞ୍ଚଳର ମନମୋହନ ବୋରା ଉକ୍ତ ସଂସ୍ଥା ବିଷୟରେ ତାଙ୍କର ଜଣେ ବନ୍ଧୁଙ୍କଠାରୁ ଜାଣିବାକୁ ପାଇଥିଲେ। ଏହାପରେ ମନମୋହନ ବରମୁଣ୍ଡାରେ ଥିବା ଅଫିସକୁ ଯାଇ ତୁଷାରଙ୍କୁ



ତୁଷାର ଭଞ୍ଜୋ

ଭେଟିଥିଲେ। ଏହାପରେ ତୁଷାର ସଂସ୍ଥାର ବିଭିନ୍ନ ବିଜ୍ଞାପନ ଓ ଭିଡିଓ ଦେଖାଇଥିଲେ। ଲୋଭରେ ପଡି ମନମୋହନ ପ୍ରଥମେ ୨ ଲକ୍ଷରୁ ଅଧିକ ଟଙ୍କା ନିବେଶ କରିଥିଲେ। ସଂସ୍ଥା ପକ୍ଷରୁ ଦିଆଯାଇଥିବା ଧାର୍ଯ୍ୟ ସମୟ ପୂରି ଯାଇଥିଲେ ମଧ୍ୟ କୌଣସି ଲାଭ ଟଙ୍କା ମିଳି ନ ଥିଲା। ଏହି ସମୟରେ ମନମୋହନଙ୍କ ସାଙ୍ଗ ବାହାର ରାଜ୍ୟରେ ଏହି ସଂସ୍ଥା ଦ୍ୱାରା ଠକାମିର ଶିକାର ହୋଇଥିବା ଜାଣିବାକୁ

#### ବାଂଲାଦେଶ, ଚାଇନାରେ ଲାଗିଛି ଠକେଇ ଟଙ୍କା

ତୁଷାର ଲୋକଙ୍କ ଅଧିକ ସୁଧର ଲୋଭ ଦେଖାଇ ନିଜ କମ୍ପାନୀରେ ଟଙ୍କା ଲଗାଇବାକୁ କହୁଥିଲେ। ଏପରିକି ଗ୍ରାହକ ଯୋଗାଡ଼ ପାଇଁ ଏଜେଣ୍ଟମାନଙ୍କୁ ଅଧିକ କମିଶନ ଦେବାକୁ କହୁଥିଲେ। ୪ ଲକ୍ଷ ଟଙ୍କା ସଂଗ୍ରହ କଲେ ମାସିକ ଦରମା ୪୨ହଜାର ଓ ୮ ଲକ୍ଷ ଟଙ୍କା ଆଣିଲେ ଦରମା ୮ହଜାର ଟଙ୍କାରୁ ଅଧିକ ଦେବାକୁ ପ୍ରତିଶ୍ରୁତି ଦେଉଥିଲେ। ସେହିପରି ନିବେଶକାରୀଙ୍କୁ ବିନିଯୋଗ ରାଶିର ୧୧ ପ୍ରତିଶତ ସୁଧ ଓ ନୂଆ ସଦସ୍ୟ ଯୋଡିଲେ ୪ରୁ ୫ ପ୍ରତିଶତ କମିଶନ ଦିଆଯିବାକୁ ଏଜେଣ୍ଟମାନେ କହୁଥିଲେ। ଏଥିପାଇଁ ସୋସିଆଲ ମିଡିଆ, ଲିଫଲେଟ, ବ୍ରୋଚର ସହ ବିଜ୍ଞାପନ ଓ ବିଭିନ୍ନ ଜାଗାରେ ସଭାସମିତି କରି ଲୋକଙ୍କୁ ଟଙ୍କା ନିବେଶ କରିବାକୁ ପ୍ରବର୍ତ୍ତାଉଥିଲେ। ଏଭଳି ଭାବେ ସେ ଓଡ଼ିଶା, ପଶ୍ଚିମବଙ୍ଗ, ଛତିଶଗଡ଼, ଆସାମ, ତ୍ରିପୁରା, ମହାରାଷ୍ଟ୍ର ସମେତ ବାଂଲାଦେଶରୁ ମୋଟ ୧୨୩ କୋଟିରୁ ଅଧିକ ଟଙ୍କା ଠକେଇ କରି ବାଂଲାଦେଶ ଓ ଚାଇନାରେ ବିନିଯୋଗ କରିଥିବା ଜଣାପଡ଼ିଛି। ଓଡ଼ିଶାର ବାଲେଶ୍ୱର, ଭଦ୍ରକ, ଭୁବନେଶ୍ୱର ଓ ରାଉରକେଲାରେ ଉକ୍ତ ସଂସ୍ଥାର ଅଫିସ ରହିଥିବା ଇଓଡବ୍ଲ୍ୟୁ ପକ୍ଷରୁ ସୂଚନା ଦିଆଯାଇଛି।

ପାଇଥିଲେ। ପରେ ସେ ଉକ୍ତ ଅଫିସକୁ ଯିବାରୁ ସଂସ୍ଥାରେ ତାଲା ଝୁଲୁଥିବା ଦେଖିବାକୁ ପାଇଥିଲେ। ଠକାମିର ଶିକାର ହେବା ଜାଣିବା ପରେ ଇଓଡବ୍ଲ୍ୟୁରେ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ଇଓଡବ୍ଲ୍ୟୁ ମାମଲା ନଂ. ୮/୨୦୨୪ ରୁଜୁ କରି ଘଟଣାର ଖୋଳତାଡ଼ ଆରମ୍ଭ କରି ଏହି ଠକେଇ ର୍ୟାକେଟର ପର୍ଦ୍ଦାଫାସ କରିଥିଲା।

# ଯୁବକଙ୍କୁ ହତ୍ୟାକଲେ ମାଓବାଦୀ

ମାଲକାନଗିରି,୮।୬ (ଦୁର୍ଯ୍ୟୋଧନ ପାତ୍ର)

ଛତିଶଗଡ଼ର କୋଣ୍ଡାଗାଓଁ ଜିଲା ଧନୋରା ଥାନା ଅଞ୍ଚଳର ଏକ ବିବାହ ଉତ୍ସବରୁ ଫେରୁଥିବା ଜଣେ ଯୁବକଙ୍କୁ ମାଓବାଦୀମାନେ ଗୁଳିକରି ହତ୍ୟା କରିଛନ୍ତି। ସେ ହେଲେ ଡିମଡି ସ୍କୁଲପାରା ବାସିନ୍ଦା ଦୀନେଶ ମାଣ୍ଡାଭି(୩୩)। ଶୁକ୍ରବାର ରାତିରେ ସେହି ଗାଁର ଏକ ବିବାହ ଉତ୍ସବରେ ଯୋଗଦେଇ ଦୀନେଶ ଫେରିବା ସମୟରେ କେତେଜଣ ସଶସ୍ତ୍ର ମାଓବାଦୀ ଆସି ତାଙ୍କୁ ଗୁଳି କରିଥିଲେ। ଏ ସମ୍ପର୍କରେ ସେଠାରେ ଉପସ୍ଥିତ ଥିବା ଲୋକେ ପରିବାର ଓ ପୋଲିସକୁ ସୂଚନା ଦେଇଥିଲେ। ତାଙ୍କ ସମ୍ପର୍କୀୟ ଦୀନେଶଙ୍କୁ କେଶକାଳ ଡାକ୍ତରଖାନାକୁ ନେଇଥିଲେ, କିନ୍ତୁ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ଘଟଣା ପରେ ଦୀନେଶଙ୍କୁ କାହିଁକି ହତ୍ୟା କରାଯାଇଛି ସେନେଇ ମାଓବାଦୀଙ୍କ ପକ୍ଷରୁ କୌଣସି ସୂଚନା ଦିଆଯାଇ ନାହିଁ।

# ସମରାଙ୍କ ଫେରିବା ବାଟକୁ ଚାହିଁଛନ୍ତି ସମାରୀ

### ଦାଦନ ଖଟିବାକୁ ଯାଇ ୬ ବର୍ଷ ହେବ ବୃଦ୍ଧ ନିଖୋଜ

ବୈପାରୀଗୁଡ଼ା, ୮।୬ (କୃଷ୍ଣଚନ୍ଦ୍ର ମହାନ୍ତି)

ଲକ୍ଷ୍ମୀପଣ ପୂର୍ବରୁ ଦାଦନ ଖଟିବାକୁ ଆନ୍ଧ୍ର ଯାଇ ସେଠାରେ ନିଖୋଜ ହୋଇଯାଇଛନ୍ତି। ସେ ହେଲେ କୋରାପୁଟ ଜିଲା ବୈପାରୀଗୁଡ଼ା ବ୍ଲକ୍ ଅଧୀନ କାଠପଡ଼ା ପଞ୍ଚାୟତ କେଣ୍ଡୁପୁଟ ଗ୍ରାମର ସମରା ମାଣ୍ଡି (୭୦)। ସମରାଙ୍କୁ ଖୋଜି ଖୋଜି ପରିବାର ଲୋକେ ନିରାଶ ହୋଇଛନ୍ତି। ପରିବାରର ନିଅଣ୍ଟିଆ ଆର୍ଥିକ ପରିସ୍ଥିତିକୁ ସୁଧାରିବା ପାଇଁ ୬ବର୍ଷ ତଳେ ସମରା ତାଙ୍କ ପୁଅ ବିଭୀଷଣଙ୍କ ସହ ଜଣେ ଦଲାଲଙ୍କ ସହାୟତାରେ ଆନ୍ଧ୍ରପ୍ରଦେଶର ଅନକାପାଲିକୁ ଦାଦନ ଖଟିବାକୁ ଯାଇଥିଲେ। ସେଠାରେ ଇଟା ଗଢ଼ିବା କାମରେ ନିୟୋଜିତ ହୋଇଥିଲେ। ତେବେ ଦିନେ ସମରା ଅଚାନକ ସେଠାରୁ ନିଖୋଜ ହୋଇଯାଇଥିଲେ। ଘର ଲୋକଙ୍କୁ ବିଭୀଷଣ ଯୋଗାଯୋଗ କରିବାରୁ ସମରା ଗାଁକୁ ଯାଇ ନ ଥିବା ଜାଣିବାକୁ ପାଇଥିଲେ। ଦୀର୍ଘ ୩ ମାସ ଧରି ସେଠାରେ ବିଭିନ୍ନ ଅଞ୍ଚଳ ବୁଲି ବିଭୀଷଣ ବାପାଙ୍କୁ ଖୋଜାଖୋଜି କରିଥିଲେ। ତାଙ୍କର ସନ୍ଧାନ ନ ମିଳିବାରୁ କୋରାପୁଟ ଆସି ବୈପାରୀଗୁଡ଼ା ଥାନାରେ ଅଭିଯୋଗ କରିଥିଲେ। ବିଭୀଷଣଙ୍କ



ସମାରୀ ନିଖୋଜ ସମରାଙ୍କ ଆଧାର କାର୍ଡ ଦେଖାଉଛନ୍ତି।

ଅଭିଯୋଗ ଆଧାରରେ ପୋଲିସ ବୈପାରିଗୁଡ଼ା ବ୍ଲକ ବାଲିଗାଁ ପଞ୍ଚାୟତର କୁମୁଡାବେଡ଼ା ଗ୍ରାମର ଦଲାଲଙ୍କୁ ଥାନାକୁ ଡାକିଥିଲେ। ଦଲାଲ ସମରାଙ୍କୁ ଫେରାଇ ଆଣିବେ ବୋଲି ପ୍ରତିଶ୍ରୁତି ଦେଇ ଯାଇଛନ୍ତି। ସେବେଠାରୁ ତାଙ୍କର ଖବର ନାହିଁ। ସ୍ୱାମୀଙ୍କ ଫେରିବା ବାଟକୁ ସ୍ତ୍ରୀ ସମାରୀ ଅନାଇ ବସି ଆଖିରୁ ଲୁହ ଗଡ଼ାଉଛନ୍ତି। ତେଲୁଗୁ ଭାଷା ଜାଣି ନ ଥିବା ସରଳ ସମରା କେମିତି ରହୁଥିବେ କହି ପରିବାର ଲୋକେ ଦୁଃଖ କରୁଛନ୍ତି ପ୍ରଶାସନ ପକ୍ଷରୁ ଏଥିପ୍ରତି ପଦକ୍ଷେପ ନେବାକୁ ସେମାନେ ଗୁହାରି କରିଛନ୍ତି।

# ବୁଡାବଳଙ୍ଗ ତୁଠରୁ ମିଳିଲା ନାବାଳିକାଙ୍କ ମୃତଦେହ

କୁଳିଅଣା, ୮।୬(ଆଦିକନ୍ଦ ସାହୁ)

ମୟୂରଭଞ୍ଜ ଜିଲା କୁଳିଅଣା ଥାନା ଅଧୀନ ଘୋଡ଼ାପାଳ ଗାଁ ନିକଟସ୍ଥ ବୁଢାବଳଙ୍ଗ ନଦୀତୁଠରୁ ଶନିବାର ସକାଳେ ଏକ ନାବାଳିକାଙ୍କ ଗଳିତ ମୃତଦେହ ଜବତ ହୋଇଛି। ମୃତଦେହରେ କ୍ଷତ ଚିହ୍ନ ରହିଥିବାରୁ କେହି ହତ୍ୟା କରି ଫିଙ୍ଗିଦେଇଥିବା ସନ୍ଦେହ କରାଯାଉଛି। ଗ୍ରାମବାସୀ ନଦୀପଠାରେ ମୃତଦେହ ପଡ଼ିଥିବା ଦେଖି କୁଳିଅଣା ଥାନାକୁ ଖବର ଦେଇଥିଲେ। ସାଇଣ୍ଟିଫିକ ଟିମ୍ ସହ କୁଳିଅଣା ଥାନା ଏଏସଆଇ କେ. ମାହାନ୍ତା ପହଞ୍ଚି ମୃତଦେହକୁ ବାରିପଦା ମେଡିକାଲକୁ ବ୍ୟବଚ୍ଛେଦ ପାଇଁ ପଠାଇଥିଲେ। କୁଳିଅଣା ଥାନାରେ ମାମଲା(ନଂ. ୨୦/୨୪) ରୁଜୁ ହୋଇଛି।

# ପଶ୍ଚିମବଙ୍ଗକୁ ଗଞ୍ଜେଇ ଚାଲାଣବେଳେ ୩ ଧରାପଡ଼ିଲେ

ଭୁବନେଶ୍ୱର,୮।୬ (ସୂର୍ଯ୍ୟକାନ୍ତ ବେହେରା)

କନ୍ଧମାଳରୁ ବେଆଇନ ଭାବେ ପଶ୍ଚିମବଙ୍ଗକୁ ଗଞ୍ଜେଇ ଚାଲାଣ ବେଳେ ଭୁବନେଶ୍ୱରରୁ ଧରାପଡିଛନ୍ତି ୩ ନିଶା ବେପାରୀ। ଉତ୍ତରପୁର ଥାନା ପୋଲିସ କଳିଙ୍ଗ ନଗର କେ-୮ ପେଟ୍ରୋଲ ପମ୍ପ ପଛ ପାର୍ଶ୍ୱ ରାସ୍ତାରେ ଶନିବାର ଭୋର ସମୟରେ ଚଢାଉ କରି ଓଡ଼ିଶାର ୨ଜଣ ଯୁବକଙ୍କ ସମେତ ୩ ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତମାନେ ହେଲେ ଅନୁଗୋଳର ଚନ୍ଦନ ସ୍ୱାଇଁ ନାୟକ ଓ ଅଜୟ କୁମାର ନାୟକ ଏବଂ ପଶ୍ଚିମବଙ୍ଗର ରାକେଶ ମଣ୍ଡଳ। ତେବେ ଏମାନଙ୍କଠାରୁ ଯାଞ୍ଚ ବେଳେ ୧୦୧ କେଜି ଗଞ୍ଜେଇ ଓ ନଗଦ ୩୫ ହଜାର ୨୫୦ ଟଙ୍କା ମିଳିଥିଲା। ତେଣୁ ଉକ୍ତ କାର୍ ସହ ଗଞ୍ଜେଇ ଓ ଟଙ୍କାକୁ ଜବତ




କରାଯାଇଛି। ଏନେଇ ପୋଲିସ ଏକ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଥିଲା। ଜାମିନ ନ ମିଳିବାରୁ ସମସ୍ତଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ଅନ୍ୟପଟେ ପୋଲିସ ଏହି ଘଟଣାରେ ଆଉ କିଏ କିଏ ସଂପୃକ୍ତ ଅଛନ୍ତି ତାହାର ଅଧିକ ତଦନ୍ତ କରିବା ସହ ଗ୍ୟାଙ୍ଗର ମୁଖ୍ୟଙ୍କୁ ଧରିବାକୁ ଉଦ୍ୟମ ଚଳାଇଛି।

# ଅଲିଭରିଡ୍‌ଲେ ଗଣ ଅଣ୍ଡାଦାନ ସ୍ଥଳ କ୍ଷତିଗ୍ରସ୍ତ



ଗଞ୍ଜାମ, ୮।୬(ବିଦ୍ୟାଧର ସାହୁ)

ଗଞ୍ଜାମ ଜିଲାର ରଷିକୁଲ୍ୟା ମୁହାଁଣ ବେଳାଭୂମି ସମ୍ପୂର୍ଣ୍ଣ କ୍ଷତିଗ୍ରସ୍ତ ହୋଇଥିବା ଦେଖିବାକୁ ମିଳିଛି। କିଛିଦିନ ତଳେ ସାମୁଦ୍ରିକ ଝଡ଼ 'ରେମାଲ' ସୃଷ୍ଟି ହେବାରୁ ସ୍ଥାନୀୟ ଅଞ୍ଚଳରେ ସମୁଦ୍ର ଅଶାନ୍ତ ରହୁଥିବା ଲକ୍ଷ୍ୟ କରାଯାଉଛି। ତେଣୁ ଉକ୍ତ ଲହଡି ମାଡ଼ ହେବା ଫଳରେ

### ବେଳାଭୂମି ଅବକ୍ଷୟ ମୁଖ୍ୟ କାରଣ

ରଷିକୁଲ୍ୟା ବେଳାଭୂମି ସାମୁଦ୍ରିକ କଇଁଚ ଅଲିଭ୍‌ରିଡଲେର ବିସ୍ତୀର୍ଣ୍ଣ ଗଣ ଅଣ୍ଡାଦାନ ସ୍ଥଳ ବ୍ୟାପକ କ୍ଷତିଗ୍ରସ୍ତ ହେବା ସହ ଭୌଗୋଳିକ ପରିବେଶ ପରିବର୍ତ୍ତନ ହୋଇଛି। ବିଶେଷକରି ଗଞ୍ଜାମ ବ୍ଲକର ଗୋଖରକୁଡ଼ାଠାରୁ ପ୍ରୟାଗି ମଧ୍ୟରେ ରହିଥିବା ଝାଉଁ ଓ କାଜୁ ଗଛଗୁଡ଼ିକ ଭୁଶୁଡ଼ି ପଡ଼ିଛି। ଅନ୍ୟପଟେ ଆୟଳାଶରେ ବର୍ତ୍ତମାନ ତିନୋଟି ମୁହାଁଣ ରହିଥିବା ଲକ୍ଷ୍ୟ କରାଯାଉଛି। ସେହିପରି ସାମୁଦ୍ରିକ କଇଁଚଙ୍କ ଗଣ ଅଣ୍ଡାଦାନ ବିସ୍ତୀର୍ଣ୍ଣ ବେଳାଭୂମି ସମୁଦ୍ର ଆଁ ମଧ୍ୟରେ ଲୀନ ହୋଇଯାଉଥିବା ସ୍ଥାନୀୟ ଅଞ୍ଚଳର ଯୁବ ପରିବେଶବିତ ରବିନ୍ଦ୍ର ନାଥ ସାହୁ ସୂଚନା ଦେଇଛନ୍ତି। ଦିନକୁ ଦିନ ସମୁଦ୍ର ଅଶାନ୍ତ ରହୁଥିବାରୁ ସମୁଦ୍ର ବେଳାଭୂମି ଅବକ୍ଷୟ ହେବାରେ ଲାଗିଛି। ଏଥିପାଇଁ କଇଁଛଙ୍କ ଗଣ ଅଣ୍ଡାଦାନ ପ୍ରକ୍ରିୟା ବାଧାପ୍ରାପ୍ତ ହେଉଥିବା ପରିବେଶବିତ ମତବ୍ୟକ୍ତ କରିଛନ୍ତି।

# ପାଇଥିବା ୪୦ ହଜାର ଟଙ୍କା ଫେରାଇଲେ ଯୁବତୀ

ଧାମନଗର,୮।୬ (ଦେବେନ୍ଦ୍ର ଅଧିଆ/ସନ୍ତୋଷ କୁମାର ମହାପାତ୍ର)

ଜଣେ ଶିକ୍ଷୟିତ୍ରୀଙ୍କୁ ତାଙ୍କ ହଜି ଯାଇଥିବା ୪୦ ହଜାର ଟଙ୍କା ଫେରାଇ ମହାନତା ଦେଖାଇଛନ୍ତି ଧାମନଗର ବ୍ଲକ ଅଧୀନ ପୁରୁଷୋତ୍ତମପୁର ପଞ୍ଚାୟତ ରଘୁନାଥପୁର ଗ୍ରାମର ଦିନମଜୁରିଆ ରବୀନ୍ଦ୍ର ଦେହୁରୀଙ୍କ ଝିଅ ରାଣୀ(୧୮)। ବୋଦଲ କାଳୀବଜାରରେ ରହୁଥିବା ଶିକ୍ଷୟିତ୍ରୀ ପୁଷ୍ପିତା ମିଶ୍ର ବୁଧବାର ଅପରାହ୍ନ ପ୍ରାୟ ୪ଟା ବେଳେ ଏଟିଏମରୁ ୪୦ ହଜାର ଟଙ୍କା ଉଠାଇ ଘରକୁ ଫେରୁଥିବା ବେଳେ ବୋଦଲ ରାସ୍ତାରେ କେଉଁଠାରେ ଟଙ୍କା ପଡ଼ିଯାଇଥିଲା। ଅନେକ ଖୋଜାଖୋଜି କରିବା ପରେ ମଧ୍ୟ ସେ ଟଙ୍କା ପାଇ ନ ଥିଲେ। ପରେ ସାମାଜିକ ଗଣମାଧ୍ୟମରେ ଏହି ଖବର ଭାଇରାଲ ହୋଇଥିଲା। ରାଣୀ ଉକ୍ତ ୪୦ ହଜାର ଟଙ୍କା ପାଇଥିଲେ। ସାମାଜିକ ଗଣମାଧ୍ୟମରୁ ହଜିଥିବା ଟଙ୍କା କଥା ଜାଣିବା ପରେ ସେ ତାଙ୍କ ବାପା ରବୀନ୍ଦ୍ରଙ୍କୁ ଟଙ୍କା ଦେଇ



ଶିକ୍ଷୟିତ୍ରୀଙ୍କୁ ରାଣୀ ଦେହୁରୀଙ୍କ ବାପା ଟଙ୍କା ଫେରାଉଛନ୍ତି।

ଶିକ୍ଷୟିତ୍ରୀଙ୍କୁ ଫେରାଇ ଦେବାକୁ କହିଥିଲେ। ଶୁକ୍ରବାର ସନ୍ଧ୍ୟାରେ ରବୀନ୍ଦ୍ର ଶିକ୍ଷୟିତ୍ରୀ ପୁଷ୍ପିତାଙ୍କୁ ଉକ୍ତ ଟଙ୍କା ଫେରାଇ ଦେଇଛନ୍ତି। ଟଙ୍କା ପାଇ ପୁଷ୍ପିତା ଖୁସିବ୍ୟକ୍ତ କରିବା ସହ ତାଙ୍କୁ ଧନ୍ୟବାଦ ଜଣାଇଛନ୍ତି।

# ଲଜ୍‌ରେ କର୍ମଚାରୀଙ୍କ ସନ୍ଦେହଜନକ ମୃତ୍ୟୁ

ଦାମନଯୋଡ଼ି, ୮।୬ (ମାନସ ରଞ୍ଜନ କର)

କୋରାପୁଟ ଜିଲା ଦାମନଯୋଡ଼ି ଉପକଣ୍ଠ ଭେଜାପୁଟ ମାର୍କେଟର ଶୁଭଶ୍ରୀ ଲଜ୍‌ରୁ ଶନିବାର ବିଶ୍ୱନାଥ ଦାଶ (୨୨)ଙ୍କ ମୃତଦେହ ମିଳିଛି। ୮ମାସ ତଳେ ବିଶ୍ୱନାଥ କଟକରୁ ଦାମନଯୋଡ଼ି ଆସି ଉକ୍ତ ଲଜରେ ରହି କାମ କରୁଥିଲେ। ଶନିବାର ସକାଳେ ଲଜ୍ ମାଲିକ ବିଶ୍ୱନାଥଙ୍କ ମୋବାଇଲକୁ ବାରମ୍ବାର ଫୋନ କରିଥିଲେ ମଧ୍ୟ ସେ କୌଣସି ଉତ୍ତର ଦେଇ ନ ଥିଲେ। ଏହାପରେ ମାଲିକ ଲଜ୍‌ରେ ପହଞ୍ଚ ସେ ରହୁଥିବା ରୁମ୍ ବାହାରେ ଡାକିଥିଲେ। ତେବେ ବିଶ୍ୱନାଥ କବାଟ ନ ଖୋଲିବାରୁ ସେ ପୋଲିସକୁ ସୂଚନା ଦେଇଥିଲେ। ଦାମନଯୋଡ଼ି ପୋଲିସ ରୁମ୍ ଭିତର କବାଟ ଭାଙ୍ଗିଖଟ ଉପରେ ବିଶ୍ୱନାଥଙ୍କ ମୃତଦେହ ପଡ଼ିଥିବା ଦେଖିଥିଲା।

## ଜନ୍ମଦିନର ଶୁଭେଚ୍ଛା

ନାମ: ......................................
ବୟସ:......................................
ଜନ୍ମ ତାରିଖ: ..................................


ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ୩ ସପ୍ତାହରେ ୩,୦୦୦ ଟଙ୍କା କମିଲା

## ସୁନା-ରୁପା ଦରରେ ସୁଧାର

ଭୁବନେଶ୍ୱର, ୮।୬ (ଅଭୟ ଦାଶ)



ଘରୋଇ ବଜାରରେ କ୍ରମାଗତ ଭାବେ ଉଭୟ ସୁନା ଓ ରୁପା ଦର ହ୍ରାସ ପାଉଛି। ଏପରିକି ଗତ ୩ ସପ୍ତାହ ମଧ୍ୟରେ ଉଭୟ ସୁନା ଓ ରୁପା ଦର ପ୍ରାୟ ୩୦୦୦ ଟଙ୍କା କମିଥିବା ଅଳଙ୍କାର ପ୍ରତିଷ୍ଠାନଗୁଡିକ ପକ୍ଷରୁ ସୂଚନା ଦିଆଯାଇଛି।

ଉଲ୍ଲେଖଯୋଗ୍ୟ, ୨୦୨୪ ମେ ଶେଷ ସପ୍ତାହରେ ଭୁବନେଶ୍ୱର ବଜାରର ସୁନା ଦର ପ୍ରତି ୧୦ ଗ୍ରାମ ପିଛା ୨୪ କ୍ୟାରେଟ ସୁନା ଦର ୭୪,୫୧୦ ଟଙ୍କା ଥିଲାବେଳେ ୨୦୨୪ ଜୁନ ୨ୟ ସପ୍ତାହ ଶେଷ ସୁଦ୍ଧା ପ୍ରତି ୧୦ ଗ୍ରାମ ପିଛା ୨୪ କ୍ୟାରେଟ ସୁନା ଦର ୭୧,୬୭୩ ଟଙ୍କାରେ କାରବାର ହେଉଛି। ସେହିଭଳି ୨୦୨୪ ମେ ଶେଷ ସପ୍ତାହରେ ଭୁବନେଶ୍ୱର ବଜାରର ସୁନା ଦର ପ୍ରତି ୧୦ ଗ୍ରାମ ପିଛା ୨୨ କ୍ୟାରେଟ ସୁନାର ଦର ୬୮,୩୦୦ ଟଙ୍କା ଥିଲାବେଳେ ୨୦୨୪ ଜୁନ ୨ୟ ସପ୍ତାହ ଶେଷ ସୁଦ୍ଧା ପ୍ରତି ୧୦ ଗ୍ରାମ ପିଛା ୨୨ କ୍ୟାରେଟ ସୁନାର ଦର ୬୫,୭୦୦ଟଙ୍କାରେ କାରବାର ହେଉଛି। ଅପରପକ୍ଷରେ ୨୦୨୪ ମେ ଶେଷ ସପ୍ତାହରେ ଭୁବନେଶ୍ୱର ବଜାରର ରୁପା ଦର କିଲୋଗ୍ରାମ ପିଛା ପ୍ରାୟ ୯୫,୦୦୦ ଟଙ୍କା ଥିଲାବେଳେ ୨୦୨୪ ଜୁନ ୨ୟ ସପ୍ତାହ ଶେଷ ରୁପା ଦର କିଲୋଗ୍ରାମ ପିଛା ପ୍ରାୟ ୯୨,୦୦୦ଟଙ୍କାରେ କାରବାର ହେଉଛି ବୋଲି ଭୁବନେଶ୍ୱର ଅଗ୍ରଣୀ ଅଳଙ୍କାର ପ୍ରତିଷ୍ଠାନ ମାଲାବାର ଗୋଲଡ ଆଣ୍ଡ ଡାଇମଣ୍ଡ ଏବଂ ସ୍ୱାଇଲ ଗୋଲଡ ଜୁଏଲର୍ସ ପକ୍ଷରୁ ସୂଚନା ଦିଆଯାଇଛି।

ସେହିପରି ନୂଆଦିଲ୍ଲୀରେ ମଧ୍ୟ ଶୁକ୍ରବାର ଉଭୟ ସୁନା ଓ ରୁପା ଦରରେ ପରିବର୍ତ୍ତନ ହୋଇଛି। ଏପରିକି ନୂଆଦିଲ୍ଲୀରେ ସୁନା ଦର ପ୍ରତି ୧୦ ଗ୍ରାମ ପିଛା ୨୪ କ୍ୟାରେଟ ସୁନା ଦର ୭୯୯ ଟଙ୍କା କମି ୭୪,୨୮୬ ଟଙ୍କାରେ କାରବାର କରୁଥିଲାବେଳେ ପ୍ରତି ୧୦ ଗ୍ରାମ ପିଛା ୨୨କ୍ୟାରେଟ ସୁନାର ଦର ୭୩୨ ଟଙ୍କା ହ୍ରାସ ପାଇ ୬୮,୦୪୬ ଟଙ୍କାରେ ପହଞ୍ଚିଛି। ଏପରିକି ରୁପା ଦର ୪୦୦ ଟଙ୍କା ହ୍ରାସ ପାଇ କିଲୋ ପିଛା ୯୦,୭୨୦ ଟଙ୍କାରେ କାରବାର ହେଉଛି। ସୂଚନାଯୋଗ୍ୟ, ମୁମ୍ବାଇ ବଜାରରେ ପ୍ରତି ୧୦ ଗ୍ରାମ ୨୪ କ୍ୟାରେଟ ସୁନାର ଦର ୭୩,୫୬୭ ଟଙ୍କା ଥିଲାବେଳେ ରୁପା ଦର କିଲୋପିଛା ୯୦,୭୨୦ ଟଙ୍କାରେ ପହଞ୍ଚିଛି। ସେହିପରି ଚେନ୍ନାଇ ବଜାରରେ ପ୍ରତି ୧୦ ଗ୍ରାମ ୨୪ କ୍ୟାରେଟ ସୁନାର ଦର ୭୩,୯୯୮ ଟଙ୍କା ଥିଲାବେଳେ ରୁପା ଦର କିଲୋପିଛା ୯୦,୭୨୦ ଟଙ୍କା ଏବଂ କୋଲକାତା ବଜାରରେ ପ୍ରତି ୧୦ ଗ୍ରାମ ୨୪ କ୍ୟାରେଟ ସୁନାର ଦର ୭୩,୮୫୫ ଟଙ୍କା ଥିଲାବେଳେ ରୁପା ଦର କିଲୋପିଛା ୯୦,୭୨୦ ଟଙ୍କାରେ କାରବାର ହେଉଛି।

# ୟୁବିଆଇର ଖୁଚୁରା ଋଣମେଳା




ଭୁବନେଶ୍ୱର,୮।୬

ୟୁନିୟନ ବ୍ୟାଙ୍କ ଅଫ୍ ଇଣ୍ଡିଆ(ୟୁବିଆଇ)ର ଖୁଚୁରା ଋଣମେଳା କଟକର ମହାନଦୀ ବିହାରସ୍ଥିତ ସେଲିବ୍ରେଶନ ମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ବ୍ୟାଙ୍କର କ୍ଷେତ୍ରୀୟ କାର୍ଯ୍ୟାଳୟ କଟକ ପକ୍ଷରୁ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଏହି ଅବସରରେ ୟୁବିଆଇ ଭୁବନେଶ୍ୱର ଅଞ୍ଚଳର ଅଞ୍ଚଳ ମୁଖ୍ୟ ସର୍ବେଶ ରଞ୍ଜନ ଏବଂ ନ୍ୟାଶନାଲ ଷ୍ଟାଟିଷ୍ଟିକାଲ ସର୍ଭେ ଅର୍ଗାନାଇଜେଶନ କଟକର ଆସିଷ୍ଟାଣ୍ଟ ଡାଇରେକ୍ଟର ପ୍ରକାଶ ଚନ୍ଦ୍ର ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇ ରିଟେଲ୍ ଲୋନ୍ ଏକ୍ସପୋକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ୟୁବିଆଇର କ୍ଷେତ୍ରୀୟ ମୁଖ୍ୟ ସରୋଜ କୁମାର ରାଉତ, ରିଟେଲ ଲୋନ୍ ପ୍ରୋସେସିଂ ମୁଖ୍ୟ ଅମ୍ରିତା ଲାଲା ଏବଂ ସ୍ଥାନୀୟ ଶାଖା ମୁଖ୍ୟମାନେ ଉପସ୍ଥିତ ଥିଲେ। ଏ ସମ୍ପର୍କରେ ୟୁବିଆଇ ଭୁବନେଶ୍ୱର ଅଞ୍ଚଳର ଅଞ୍ଚଳ ମୁଖ୍ୟ ସର୍ବେଶ ରଞ୍ଜନ ଗ୍ରାହକମାନଙ୍କୁ ଉଦ୍‌ବୋଧନ ଦେଇ ବ୍ୟାଙ୍କର ବିଭିନ୍ନ ଋଣ ଉତ୍ପାଦ ଏବଂ ସମାଜ ଓ ଗ୍ରାହକମାନଙ୍କ ପାଇଁ ବ୍ୟାଙ୍କ ଦ୍ୱାରା ନିଆଯାଇଥିବା ଅନ୍ୟାନ୍ୟ ବିକାଶମୂଳକ ପଦକ୍ଷେପ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ସେହିପରି ବ୍ୟାଙ୍କ ପକ୍ଷରୁ କଟକର ମାଲଗୋଦାମଠାରେ ଏକ ଏମ୍‌ଏସ୍‌ଏମ୍‌ଇ ଆଉଟ୍‌ରିଚ୍ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ବ୍ୟାଙ୍କର ମୁମ୍ବାଇ କେନ୍ଦ୍ରୀୟ କାର୍ଯ୍ୟାଳୟର ସହାୟକ ମହାପ୍ରବନ୍ଧକ ଜିତେନ୍ଦ୍ର ଶର୍ମା ଏବଂ ଉପଅଞ୍ଚଳ ମୁଖ୍ୟ ଏଚ୍.ଏସ୍. ସନ୍ଧୁ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ କ୍ଷେତ୍ରୀୟ ମୁଖ୍ୟ ସରୋଜ କୁମାର ରାଉତଙ୍କ ସମେତ ଏମ୍‌ଏସ୍‌ଏମ୍‌ଇ ଲୋନ୍‌ ପ୍ରୋସେସିଂ ମୁଖ୍ୟ ସୁମିତ ଜଇସ୍ୱାଲ, କ୍ରେଡିଟ୍ ମୁଖ୍ୟ ହରେକୃଷ୍ଣ ସାହୁ ଓ ସ୍ଥାନୀୟ ଶାଖା ମୁଖ୍ୟମାନେ ଯୋଗଦେଇଥିଲେ।

# ବଜାରରେ ହିରୋର ଅଲ୍ ନ୍ୟୁ ଜୁମ୍୧୦୦

## କମ୍‌ବାଟ୍ ଏଡିଶନ

ଭୁବନେଶ୍ୱର,୮।୬




ହିରୋ ମୋଟକର୍ପର ବହୁ ପ୍ରତୀକ୍ଷିତ ତଥା ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ ଅଲ୍ ନ୍ୟୁ ଜୁମ୍୧୦୦ର ସର୍ବଭାରତୀୟ ଉନ୍ମୋଚନ ସହ ବଜାର ପ୍ରବେଶ ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି କମ୍ପାନୀର ଲୋକପ୍ରିୟ କମ୍‌ବାଟ୍ ଏଡିଶନ ଜରିଆରେ ନିର୍ମାଣ କରାଯାଇଛି।

ଉଲ୍ଲେଖଯୋଗ୍ୟ, ଅଲ୍ ନ୍ୟୁ ହିରୋ ଜୁମ୍୧୦୦ରେ ସମସ୍ତ ପ୍ରକାର ଅତ୍ୟାଧୁନିକ ବୈଶିଷ୍ଟ୍ୟ ସାଙ୍ଗକୁ ସୁରକ୍ଷା ଫିଚର ଓ ଟେକ୍ନୋଲୋଜି ସଂଯୋଗ କରାଯାଇଛି। ଏପରିକି ୪ଟି ଆକର୍ଷଣୀୟ କଲର ସହ ୪ଟି ଭାରିଆଣ୍ଟରେ ଏହା ଉପଲବ୍ଧ ହେଉଛି। ବିଶେଷକରି ଏହାର ସିଲ୍‌ଭର ଓ ବ୍ଲାକ୍ ପେଣ୍ଟ ବେଶ୍ ଚମତ୍କାର ଓ ଆକର୍ଷଣୀୟ ହୋଇଥିଲାବେଳେ ଏହାର ଡିଜାଇନ ଓ ଫିଚର ସହ ଲୁକ୍ ଗ୍ରାହକଙ୍କୁ ବେଶ୍ ଆକୃଷ୍ଟ କରିଛି ବୋଲି କମ୍ପାନୀ ପକ୍ଷରୁ ବିସ୍ତୃତ ଭାବେ ଉଲ୍ଲେଖ କରାଯାଇଛି। ସେହିଭଳି ୧୧୦.୯ ସିସି ଇଞ୍ଜିନ ସହ ୮.୦୫ବିଏଚ୍‌ପି କ୍ଷମତା ବହନ କରୁଥିବାବେଳେ ମଡେଲର ଡିଜାଇନ ଓ କଭର ବେଶ୍ ଆକର୍ଷଣୀୟ ହୋଇଛି। ଏହାର ବଜାର ମୂଲ୍ୟ (ଏକ୍ସଶୋରୁମ୍ ନୂଆଦିଲ୍ଲୀ) ୮୦, ୯୬୭ ଟଙ୍କା ରହିଛି।

# ବର୍ଷକରେ ୬.୬ ଲକ୍ଷ ଡିଏଲ୍‌ସି ଦାଖଲ

## ଇପିଏଫ୍‌ଓ ପେନ୍‌ସନ ସେବା

ଭୁବନେଶ୍ୱର,୮।୬ (ଅନୁରାଧା ମହାରଣା)

କର୍ମଚାରୀ ଭବିଷ୍ୟତ ନିଧି ସଙ୍ଗଠନ(ଇପିଏଫ୍‌ଓ) ପକ୍ଷରୁ ପେନ୍‌ସନ ସମ୍ବନ୍ଧୀୟ ନିୟମକୁ ସରଳୀକୃତ କରାଯାଇଛି। ଘରେ ବସି ବୟସ୍କ ବ୍ୟକ୍ତିମାନେ ଡିଏଲ୍‌ସି ଦାଖଲ ପାଇଁ ଏମ୍‌ଇଆଇଟିୱାଇ ଏବଂ ୟୁଡିଏଆଇ ଫେସ୍ ପ୍ରମାଣୀକରଣ ଟେକ୍ନୋଲୋଜି ବିକଶିତ କରାଯାଇଛି। ଇପିଏଫ୍‌ଓ ପକ୍ଷରୁ ଏହି ସୁବିଧା ଉପଲବ୍ଧ ହେବା ପରଠାରୁ ୨୦୨୨-୨୩ରେ ୨.୧ ଲକ୍ଷ ପେନ୍‌ସନଭୋଗୀ ଏହି ପଦ୍ଧତିରେ ଡିଏଲ୍‌ସି ଦାଖଲ କରିଛନ୍ତି। ୨୦୨୩-୨୪ରେ ୬.୬ ଲକ୍ଷକୁ ବୃଦ୍ଧି ପାଇଛି। ଏହି ଟେକ୍ନୋଲୋଜିର ବ୍ୟବହାରରେ ବର୍ଷକୁ ୨୦୦% ବୃଦ୍ଧି ଘଟିଛି। ୨୦୨୩-୨୪ ମସିହାରେ ୬.୬ ଲକ୍ଷ ଏଫ୍‌ଏଟି ଆଧାରିତ ଡିଏଲ୍‌ସିର ସଂଖ୍ୟା ସମୁଦାୟ ଡିଏଲ୍‌ସିର ୧୦%। ଇପିଏଫ୍‌ଓ ଅଧୀନରେ ୭୮ ଲକ୍ଷରୁ ଅଧିକ ପେନ୍‌ସନଭୋଗୀ ଥିବାବେଳେ ପେନ୍‌ସନ ଗ୍ରହଣ ଜାରି ରଖିବା ପାଇଁ ପ୍ରତିବର୍ଷ ଜୀବନ ପ୍ରମାଣପତ୍ର ଦାଖଲ କରିବା ବାଧ୍ୟତାମୂଳକ। ପୂର୍ବରୁ ଏହି ଜୀବନ ପ୍ରମାଣପତ୍ର ଦାଖଲ କରିବାକୁ ବ୍ୟାଙ୍କ ଯିବାକୁ ପଡୁଥିଲା। ଏହି କାରଣରୁ ବୟସ୍କମାନେ ସମସ୍ୟାରେ ପଡୁଥିଲେ। ଏହାକୁ ଦୃଷ୍ଟିରେ ରଖି ଇପିଏଫ୍‌ଓ ୨୦୧୫ରେ ଡିଜିଟାଲ ଲାଇଫ୍ ସାର୍ଟିଫିକେଟ (ଡିଏଲ୍‌ସି) ଗ୍ରହଣ କରିବା ଆରମ୍ଭ କରିଥିଲା। ବାୟୋମେଟ୍ରିକ୍ ପ୍ରମାଣୀକରଣ ଆଧାରରେ ଇପିଏଫ୍‌ପେନ୍‌ସନଭୋଗୀଙ୍କଠାରୁ ଡିଏଲ୍‌ସି ଗ୍ରହଣ କରାଯାଉଛି। ଫିଙ୍ଗରପ୍ରିଣ୍ଟ ମେଶିନ ବ୍ୟାଙ୍କ, ଡାକଘର, ସାଧାରଣ ସେବା କେନ୍ଦ୍ର କିମ୍ବା ଇପିଏଫ୍ ଅଫିସ ଶାଖାରେ ଉପଲବ୍ଧ ହେଉଥିବାରୁ ବାୟୋମେଟ୍ରିକ୍ ଆଧାରିତ ଡିଏଲ୍‌ସି ଜମା କରିବାକୁ ପେନ୍‌ସନଭୋଗୀଙ୍କୁ ପରିଦର୍ଶନ କରିବାକୁ ପଡୁଛି। ଜୁଲାଇ ୨୦୨୨ରେ ଇପିଏଫ୍‌ଓ ଏହି ଟେକ୍ନୋଲୋଜିକୁ ଗ୍ରହଣ କରିଥିବାବେଳେ ପେନ୍‌ସନଭୋଗୀମାନେ କମ୍ ଖର୍ଚ୍ଚରେ ଓ ସହଜରେ ଡିଏଲ୍‌ସି ଦାଖଲ କରିପାରୁଛନ୍ତି। ଏହା ସ୍ମାର୍ଟଫୋନ୍‌ରେ ପେନ୍‌ସନଭୋଗୀ ତାଙ୍କ ଘରେ ବସି ସ୍ମାର୍ଟଫୋନ କ୍ୟାମେରା ବ୍ୟବହାରକରି ଫେସ୍ ସ୍କାନ୍ ଦ୍ୱାରା ଚିହ୍ନଟ ହୋଇପାରିବ।

# ରିଲାଏନ୍ସ ଜିଓକୁ ନୂଆ ସଫଳତା

ଭୁବନେଶ୍ୱର,୮।୬

Jio AIRFIBER

ଦେଶର ପ୍ରମୁଖ ଘରୋଇ ଟେଲିକମ୍ କମ୍ପାନୀ ତଥା ରିଲାଏନ୍ସ ଜିଓକୁ ନିକଟରେ ଆଉ ଏକ ସଫଳତା ମିଳିଛି। ଏପରିକି ଜିଓର ଷ୍ଟାଣ୍ଡାଲୋନ୍ ୫ଜି ନେଟ୍‌ୱାର୍କ ବଳରେ ଜିଓ ଏୟାରଫାଇବର ଗ୍ରାହକଙ୍କୁ ଉଚ୍ଚମାନର ହାଇସ୍ପିଡ୍ ଡାଟା ଯୋଗାଇବାରେ ସକ୍ଷମ ହେଉଥିବା ବିଶ୍ୱର ପ୍ରସିଦ୍ଧ ମୋବାଇଲ ନେଟ୍‌ୱର୍କ ଆନାଲିଟିକ୍ସ କମ୍ପାନୀ ଓପନ୍ ସିଗ୍‌ନାଲ ତା'ର ଏକ ରିପୋର୍ଟରେ ପ୍ରକାଶ କରିଛି। ଓପନ୍ ସିଗ୍‌ନାଲ କହିବା ଅନୁଯାୟୀ ଜିଓର ଫିକ୍ସଡ୍ ୱେରଲେସ ସେବା ଜିଓ ଏୟାରଫାଇବର ଜରିଆରେ ଗ୍ରାହକମାନେ ମାସକୁ ହାରାହାରି ୪୦୦ଜିବି ଡାଟା ବ୍ୟବହାର କରୁଛନ୍ତି। ମୋବାଇଲ ଗ୍ରାହକଙ୍କ ତୁଳନାରେ ଏହି ପରିମାଣର ଡାଟା ବ୍ୟବହାର ବେଶ୍ ଅଧିକ ରହିଛି। ଏହା ସତ୍ତ୍ୱେ ଜିଓ ଏୟାରଫାଇବରର ବେଗ ଏବଂ ଗୁଣାତ୍ମକ ସ୍କୋର ୫ଜି ମୋବାଇଲ ନେଟ୍‌ୱର୍କ ଭଳି ସମାନ ରହିଛି। ଉଲ୍ଲେଖଯୋଗ୍ୟ , ଜିଓର ୫ଜି ନେଟ୍‌ୱର୍କର ବେଗ ଦେଶରେ ସର୍ବାଧିକ ରହିଥିଲାବେଳେ ବର୍ତ୍ତମାନ ଭାରତରେ ଫିକ୍ସଡ୍ ୱେରଲେସ ସେବା ମଧ୍ୟ କେବଳ ରିଲାଏନ୍ସ ଜିଓ ଷ୍ଟାଣ୍ଡାଲୋନ୍ ୫ଜି ନେଟ୍‌ୱର୍କ ବ୍ୟବହାର କରୁଛି। ଓପନ୍ ସିଗ୍‌ନାଲ ଅନୁଯାୟୀ ଷ୍ଟାଣ୍ଡାଲୋନ୍ ୫ଜି ସହ ନେଟ୍‌ୱର୍କ ସ୍ଲାଇସିଂ ଟେକ୍ନୋଲୋଜି ମଧ୍ୟ ଜିଓ ଏୟାରଫାଇବରକୁ ଡାଟା ବ୍ୟବହାର ପରିଚାଳନା କରିବାରେ ସାହାଯ୍ୟ କରୁଛି। ଏହି ରିପୋର୍ଟରେ କୁହାଯାଇଛି ଏହି ଟେକ୍ନୋଲୋଜିର ଲାଭକୁ ବିଚାରକରି ଏୟାରଟେଲ ମଧ୍ୟ ଷ୍ଟାଣ୍ଡାଲୋନ ୫ଜି ନେଟ୍‌ୱର୍କରେ ଫିକ୍ସଡ୍ ୱେରଲେସ ସେବା ଆଣିବାକୁ ପ୍ରସ୍ତୁତ ହେଉଛି। ଯେଉଁ ଅଞ୍ଚଳଗୁଡିକରେ ବ୍ରଡ୍‌ବ୍ୟାଣ୍ଡ କଭରେଜ୍ କମ୍ ରହିଛି, ସେସବୁ ଅଞ୍ଚଳକୁ ହାଇ-ସ୍ପିଡ୍ ନେଟ୍‌ୱର୍କ କଭରେଜ ମଧ୍ୟକୁ ଆଣିବା ପାଇଁ ରିଲାଏନ୍ସ ଜିଓ ଗତ ବର୍ଷ ଜିଓ ଏୟାରଫାଇବର ସେବା ଶୁଭାରମ୍ଭ କରିଥିଲା। ଜିଓ ଏୟାରଫାଇବରର ଅଧିକ ଚାହିଦା ଛୋଟ ସହରଗୁଡିକରୁ ଆସୁଛି। ଏପରିକି ଗ୍ରାହକଙ୍କୁ ଆକୃଷ୍ଟ କରିବା ପାଇଁ ଜିଓ ୫୯୯ ଟଙ୍କାରୁ ଆରମ୍ଭ ହେଉଥିବା ଅନେକ ସୁଲଭ ପ୍ଲାନ୍ ମଧ୍ୟ ଆରମ୍ଭ କରିଛି। ଏହି ସେବା ସହ ୧୦କୋଟି ପରିସରକୁ ସଂଯୋଗ କରିବା ପାଇଁ କମ୍ପାନୀ ଲକ୍ଷ୍ୟ ରଖିଛି।

# ଟାଟା ଷ୍ଟିଲ୍‌କୁ କଳିଙ୍ଗ ଏକ୍ସଲେନ୍ସ ଆୱାର୍ଡ

ଭୁବନେଶ୍ୱର,୮।୬

ଦେଶର ପ୍ରମୁଖ ଘରୋଇ ସଂସ୍ଥା ତଥା ଟାଟା ଗ୍ରୁପ୍‌ର ଅଗ୍ରଣୀ କମ୍ପାନୀ ଟାଟା ଷ୍ଟିଲ୍‌କୁ ଶନିବାର ଆଉ ଏକ ସମ୍ମାନ 'କଳିଙ୍ଗ ଏକ୍ସଲେନ୍ସ ଆୱାର୍ଡ' ପ୍ରଦାନ କରାଯାଇଛି। ଏପରିକି ଟାଟା ଷ୍ଟିଲ୍‌ର ଫେରୋ ଆଲଏଜ୍ ଆଣ୍ଡ ମିନେରାଲ୍ସ ଡିଭିଜନ (ଏଫ୍‌ଏଏମ୍‌ଡି)କୁ ଶନିବାର ଦୀର୍ଘସ୍ଥାୟୀ ପରିବେଶ ଓ ଜଳବାୟୁ ପରିବର୍ତ୍ତନ ଉପରେ ଆୟୋଜିତ ନବମ ଜାତୀୟ ଆଲୋଚନାଚକ୍ର ସମାରୋହ ଉତ୍ସବରେ 'କଳିଙ୍ଗ ପରିବେଶ ଉତ୍କର୍ଷ ପୁରସ୍କାର' ଦିଆଯାଇଛି। ସେହିଭଳି ପରିବେଶ ସଂରକ୍ଷଣ ଏବଂ ଦୀର୍ଘସ୍ଥାୟୀ ବିକାଶ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ପାଇଁ କମ୍ପାନୀର ସୁକିନ୍ଦା କ୍ରୋମାଇଟ୍ ଖଣିକୁ ୨୦୨୩ ବର୍ଷର ପ୍ରଦର୍ଶନ ପାଇଁ ପଞ୍ଚତାରକା ବର୍ଗରେ ଏହି ପୁରସ୍କାର ହାସଲ କରିଛି।

ସେହିପରି ପରିବେଶ, ଶକ୍ତି ଏବଂ ଜଳବାୟୁ ପରିବର୍ତ୍ତନ ଉପରେ ଆୟୋଜିତ ନବମ ଜାତୀୟ ସମ୍ମିଳନୀରେ ଯୋଗଦେଇ ଏଫ୍‌ଏଏମ୍‌ଡିର ମୁଖ୍ୟ (ଖଣି) ଶମ୍ଭୁନାଥ ଝା, ସହକାରୀ ପ୍ରବନ୍ଧକ (ପରିବେଶ) ବିଶ୍ୱରଞ୍ଜନ ଧଳ ଅତିଥି ଲିଶୁଥୁ ସାମ୍ରାଜ୍ୟର ହାଇ କମିଶନର ଲେବୋହାଙ୍ଗ ଭାଲେଣ୍ଟାଇନ ମୋସାବାଙ୍କଠାରୁ ଏହି ପୁରସ୍କାର ଗ୍ରହଣ କରିଥିଲେ। ଅପରପକ୍ଷରେ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ କ୍ୱାଲିଟି ଆଣ୍ଡ ଏନ୍‌ଭାଇରନମେଣ୍ଟ ମ୍ୟାନେଜମେଣ୍ଟ ସର୍ଭିସେସ୍(ଆଇକ୍ୟୁଇଏମ୍‌ଏସ୍) ଏବଂ ଇନ୍‌ଷ୍ଟିଚ୍ୟୁଟ ଅଫ୍ ପବ୍ଲିକ୍ ଏଣ୍ଟରପ୍ରାଇଜ (ଆଇପିଇ) ହାଇଦ୍ରାବାଦ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପରିବେଶବିତ୍, ଦୀର୍ଘସ୍ଥାୟୀ ଚାମ୍ପିୟନ ଏବଂ ଶିଳ୍ପ ଜଗତର ପ୍ରତିଷ୍ଠିତ ବ୍ୟକ୍ତିମାନେ ପରିବେଶ, ଶକ୍ତି ଓ ଜଳବାୟୁ ପରିବର୍ତ୍ତନ ସମ୍ବନ୍ଧୀୟ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ବିସ୍ତୃତ ଆଲୋଚନା କରିଥିଲେ। ଟାଟା ଷ୍ଟିଲ୍‌ର ଫେରୋ ଆଲଏଜ୍ ଓ ମିନେରାଲ୍ସ ଡିଭିଜନର ଏକଜିକ୍ୟୁଟିଭ ଇନ୍‌ଚାର୍ଜ ପଙ୍କଜ ସତିଜା କହିଛନ୍ତି, ଆମେ ସମସ୍ତେ ଜଳ, ଶକ୍ତି, ଖାଦ୍ୟ ଏବଂ ଜଳବାୟୁ ପରିବର୍ତ୍ତନ ପରସ୍ପର ସହ ଜଡ଼ିତ ଥିବା ସମ୍ପର୍କ ବିଷୟରେ ଅବଗତ ଅଛୁ। ଏପରିକି ଅନ୍ୟ କ୍ଷେତ୍ର ପାଇଁ ଜଳ ଉପଲବ୍ଧ କରାଇବା ଲାଗି ଜଳ ବ୍ୟବହାର ଦକ୍ଷତା ବୃଦ୍ଧି ପାଇଁ ଆମେ ସ୍ମାର୍ଟ ଜଳ ପରିଚାଳନା ବ୍ୟବସ୍ଥା କାର୍ଯ୍ୟକାରୀ କରିଛୁ ଏବଂ ବର୍ଜ୍ୟବସ୍ତୁର ସଦୁପଯୋଗ ଦିଗରେ ମଧ୍ୟ କାର୍ଯ୍ୟ କରୁଛୁ।


# Classified Everyday
0674-2580101, 2549949


MATRIMONIAL

GROOM WANTED

ବୟସ 29, Private ଚାକିରି କରୁଥିବା ସୁନ୍ଦରୀ ସୁଶୀଳ ବ୍ରାହ୍ମଣ ଜାତିର ଝିଅଙ୍କ ପାଇଁ ଯେକୌଣସି ଜାତିର ପୁଅ ଆବଶ୍ୟକ। 6370559357. D-75336

Brahmin girl (Divorcee) 1984/5'4", M.Com settled Bhubaneswar- 9871849482, 7008967858 (Caste no bar). D-71075

47 ବର୍ଷର ମହିଳା, Agriculture Departmentରେ କାର୍ଯ୍ୟରତ ଅଛନ୍ତି। ଉପଯୁକ୍ତ ବୟସର ବ୍ୟକ୍ତି ବିବାହ ନିମନ୍ତେ ଯୋଗାଯୋଗ କରନ୍ତୁ। ଘରଜ୍ୱାଇଁଆ ଗ୍ରହଣୀୟ। 7656973285. D-471


REAL ESTATE

SALE

Private residential plot for sale (litigation free) near Sadabrata Matha Badabazar, Jajpur Town. Price negotiable Contact No. 7978834810, 7008316378. D-476

**1BHK Ready to move in flats available in Hi-Tech Brundaban Project near Batamangala Temple, Puri Town. 8895816302, 8328857872.** D-470

Ready to move 4BHK flat (2050sqft.), Saubhagya Nagar, Near OUAT, Double parking, 6500 per sqft. 9439716901. D-75544

**Plot for sale near Trisulia, CISF Campus CDA, RERA Approved. (RP/07/2023/01069), (www.rera.odisha.gov.in). Contact- 7008513309.** D-472

କଟକ-ଭୁବନେଶ୍ୱର ମଧ୍ୟରେ ନିର୍ମିତ Grandbazar NH-16 ଏବଂ Sum-2 ହସ୍‌ପିଟାଲ୍‌ଠାରୁ ଅଳ୍ପ ଦୂରତାରେ ଘରବାରି ପ୍ଲଟ୍ କିଣନ୍ତୁ। 7008175202. D-75963

ଭୁବନେଶ୍ୱର ହଂସପାଳ ନିକଟ ଭାରତଭିଲ୍ଲା କଲୋନୀରେ **2000sqft.** ଘରବାଡ଼ି **yellowzone plot** ପାଚେରି ସହ **70** ଲକ୍ଷ ଓ ଟଙ୍କପାଣିରୋଡ୍ **BJEM-2 back site** ଚିଙ୍ଗୁଡ଼ିଆ ଛକ ପାଖରେ ଘରବାଡ଼ି ପ୍ଲଟ୍ ପାଚେରି ସହ ବର୍ଗଫୁଟକୁ **1500/-. Bank Finance** ହୋଇପାରିବ। **8144658008, 9438220432.** D-466

**Flat for sale 2BHK, 3BHK near Rasulgarh, Bhubaneswar with modern facilities & affordable price. Call- 9439856856, 7008982279, 6371097442, 9040116788.** D-417

Duplex project at Retang Medical, Station, C.V. Raman, Tamando, Bhubaneswar. 7008459987. D-75957

**Duplex sale at Bhubaneswar @ 57,00,000/-. Only contact- 9777433701, 9090545126.** D-75964


CONSTRUCTION

**Construct your dream home @460/-, 850/-, 1325/- with branded material along with 3years AMC & 50 years structural guarantee. We provide plan approval, Boring, Bank Estimate. Contact The Engineering Pvt. Ltd. 9439856856.** D-418




Newly open health benefits SPA special offer @ 999 Bapujinagar. 8018429809. D-76126

**Relax, Refresh your body, mind at Saikrupa Spa with best therapies. 8984068077.** D-416

ବିନା ଔଷଧରେ ମଧୁମେହ, ରକ୍ତଚାପ, ଗ୍ୟାସଟ୍ରିକ୍, ଗଣ୍ଠିଯନ୍ତ୍ରଣା, ହୃଦରୋଗ, ଗୁପ୍ତରୋଗ ଭଲ ହେବାକୁ ଚାହୁଁଥିଲେ। 9439493164. D-75962

Asribada Panchakarma herbal SPA, Kesharimall, Bhubaneswar. Contact: 8926173473. D-75750

AFFIDAVIT

By virtue of affidavit sworn before Notary Public, Titilagarh on 07.06.2024, I, Wife of Pramod Kumar Pal, resident of Old Bank Chowk, Titilagarh, Dist.- Balangir have changed my name from Laxmi Dei to Laxmi Pal. Henceforth, I will be known as Laxmi Pal for all purposes. D-477

ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ଧରିତ୍ରୀ DHARITRI
Scan & Pay
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
BHIM | UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।



## ମନେ ପଡ଼ନ୍ତି

### ପ୍ରଥମ ଶ୍ରାଦ୍ଧବାର୍ଷିକୀ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତା ନନ୍ଦିନୀ ଦାସ

ଅବସରପ୍ରାପ୍ତ ଶିକ୍ଷୟତ୍ରୀ ରେଲୱେ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ଜଟଣୀ
ସ୍ୱାମୀ: ଅରୁଣ କୁମାର ଦାସମହାପାତ୍ର
ଅରୁନନ୍ଦା, ହାଟବଜାର, ଜଟଣୀ
ଧରାବତରଣ- ତା୦୧।୧୧।୧୯୫୪
ତିରୋଧାନ- ତା୨୨।୦୫।୨୦୨୩ (ରମ୍ଭା ତୃତୀୟା)
ବିଗତ ବର୍ଷାଧିକ କାଳ ଆମ୍ଭେମାନେ ତୁମର ସମୃତିକୁ ପାଥେୟ କରି ଅତିକ୍ରାନ୍ତ କରିଅଛୁ। ପ୍ରତ୍ୟେକଟି ମୁହୂର୍ତ୍ତ ତୁମର ଶାନ୍ତି, ସ୍ନିଗ୍ଧ, କମନୀୟ କାନ୍ତିକୁ ମାନସପଟରେ ଅବଲୋକନ କରି ତୁମର ଆଦର୍ଶରେ ଅନୁପ୍ରାଣିତ ହେବାର ପୂର୍ଣ୍ଣପ୍ରୟାସ କରିଅଛୁ। ସେଇ ବିଶ୍ୱନିୟନ୍ତା ତୁମର ଅମର ଆତ୍ମାକୁ ସଦ୍‌ଗତି ପ୍ରଦାନ କରନ୍ତୁ ଏତିକି ପ୍ରାର୍ଥନା।
ଶୋକସନ୍ତପ୍ତ- ସ୍ୱାମୀ: ଅରୁଣ, ପୁତ୍ର: ଅଂଶୁମାନ, ଅମିତାଭ, ପୁତ୍ରବଧୂ: ଅନିନ୍ଦିତା, ଲିପ୍ସା, ନାତି: ଆହାନ, ଆୟଂଶ, ଭାଇ: ସିଲୁ, ଭଉଣୀ: ଚିନୁ ଏବଂ ଦାସମହାପାତ୍ର ପରିବାର, ବନ୍ଧୁବାନ୍ଧବ ଓ ଆତ୍ମୀୟସ୍ୱଜନ।
ଧ-୪୭୫

### ଦ୍ୱାଦଶାହ ଉପଲକ୍ଷେ



୰ଶରତ ଚନ୍ଦ୍ର ଦାଶ

ଆବିର୍ଭାବ: ୦୬।୦୭।୧୯୬୨
ତିରୋଧାନ: ୨୯।୦୫।୨୦୨୪
ନନା, ତମେ ଏତେ ଶୀଘ୍ର ଆମକୁ ଛାଡ଼ି ଚାଲିଯିବ ବୋଲି ଆମେ ଭାବିନଥିଲୁ। ତୁମ ଭଳି ଦେବତୁଲ୍ୟ ମଣିଷଙ୍କର ଉପଦେଶ ଏବଂ ଦିଗ୍‌ଦର୍ଶନକୁ ଆମେ ଝୁରି ହେଉଥିବୁ। ତମର ଅମର ଆତ୍ମାର ସଦ୍‌ଗତି ପାଇଁ ଶ୍ରୀଜଗନ୍ନାଥଙ୍କ ପାଖେ ପ୍ରାର୍ଥନା କରୁଛୁ।
ଇତି ତମର: ସାନ୍ତୁ, ପିଙ୍କୁନ୍, ବିଶ୍ୱ, ବିଟୁ, ସୁମିତ୍ରା ଏବଂ ସମସ୍ତ ପରିବାରବର୍ଗ।
ଧ-୪୫୩

# ସୋସିଆଲ ମିଡିଆ ସ୍ଲାଟ୍‌କୁ ନା



**ଆଜିର ବ୍ୟସ୍ତବହୁଳ ଜୀବନରେ ସମସ୍ତଙ୍କ ପାଖେ ସମୟର ଅଭାବ। ଦେଶ ବିଦେଶର ଖବର ଜାଣିବା ହେଉ କିମ୍ବା ମନୋରଞ୍ଜନ ସବୁ କିଛି ତତ୍‌କ୍ଷଣାତ୍ ଦରକାର ହାତପାହାନ୍ତାରେ। ଆଉ ଏଥିପାଇଁ ସବୁଠୁ ବେଷ୍ଟ ମାଧ୍ୟମ ପାଲଟିଛି ସୋସିଆଲ ମିଡିଆ। ହେଲେ ବର୍ତ୍ତମାନ କେତେକଙ୍କ ପାଇଁ ଏଥିରେ ରୋଷ୍ଟ ଉଦ୍ଦେଶ୍ୟରେ ଏଣ୍ଡୁତେଣ୍ଡୁ ଖରାପ ଲେଖା କିମ୍ବା ଅସଭ୍ୟ ଭାଷାରେ ଗାଳି କରୁଥିବା ଭିଡିଓ ପୋଷ୍ଟ କରିବା ଯେମିତି ଏକ ଟ୍ରେଣ୍ଡ ପାଲଟିଗଲାଣି, ଯାହାର ସମାଜ ଉପରେ ପଡୁଛି ଖରାପ ପ୍ରଭାବ...**





ବର୍ତ୍ତମାନ ଇଣ୍ଟରନେଟ୍‌ରେ ସୋସିଆଲ୍ ମିଡିଆ ବ୍ୟବହାରକାରୀଙ୍କ ସଂଖ୍ୟା ସର୍ବାଧିକ। ପିଲାଠୁ ବୃଦ୍ଧ ସମସ୍ତଙ୍କଠାରେ ଏହାର କ୍ରେଜ୍ କହିଲେ ନ ସରେ। ଫେସ୍‌ବୁକ୍, ଇନ୍‌ଷ୍ଟାଗ୍ରାମ୍ ଏବଂ ୟୁଟ୍ୟୁବ୍ ଭଳି ସାଇଟ୍‌କୁ ବ୍ୟବହାର କରି ଅନେକେ କଣ୍ଟେଣ୍ଟ କ୍ରିଏଟର ଭାବେ ବେଶ୍ ଭଲ ରୋଜଗାର ମଧ୍ୟ କରୁଛନ୍ତି। ତେବେ ଏମିତିରେ ଅନ୍ୟକୁ ରୋଷ୍ଟ କରିବା ବା ଅନ୍ୟର ଚରିତ୍ର ସଂହାର କରିବା ଯେମିତି ଏକ ଟ୍ରେଣ୍ଡ ପାଲଟି ଗଲାଣି। ଖାଲି ଏତିକି ନୁହେଁ, ପରସ୍ପର ପ୍ରତି ଥିବା ରାଗ ଶୁଝେଇବା ଲାଗି ଏହା ସାଜିଛି ଏକ ରଣକ୍ଷେତ୍ର। ଆଉ ଏଥିପାଇଁ ଅନେକେ ଅସଭ୍ୟ ଭାଷା ପ୍ରୟୋଗ କରିବାକୁ ବି ପଛାଉନାହାନ୍ତି। ସୋସିଆଲ୍ ମିଡିଆ ଯେ ସମସ୍ତଙ୍କ ପାଇଁ ଉଦ୍ଦିଷ୍ଟ ଏବଂ ଏଥିରେ ଶିଷ୍ଟାଚାର ରକ୍ଷା କରିବା ଆବଶ୍ୟକ ସେ କଥା ସେମାନେ ଭୁଲି ଯାଉଛନ୍ତି, ଯାହାର ସମାଜ ଉପରେ ନକାରାତ୍ମକ ପ୍ରଭାବ ପଡୁଛି...

## କ'ଣ କୁହନ୍ତି ଏମାନେ...

**କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଆବଶ୍ୟକ**

**ରାଜେନ୍ଦ୍ର କୁମାର ଦାସ**(ପୁରୀ)– ସୋସିଆଲ ମିଡିଆ ବ୍ୟବହାର ଦ୍ୱାରା ସମସ୍ତେ ଉପକୃତ ହେଉଛନ୍ତି। ଏହି ପ୍ଲାଟ୍‌ଫର୍ମରୁ ଅନେକ ଗୁରୁତ୍ୱପୂର୍ଣ୍ଣ ଖବର ଓ ବହୁ ଅନାଲୋଚିତ ବିଷୟ ମଧ୍ୟ ଜାଣିହେଉଛି। ଏମିତିକି ଏହା କେତେକଙ୍କ ପାଇଁ ରୋଜଗାରର ମାଧ୍ୟମ ବି ପାଲଟିଛି। ହେଲେ ଅପରପକ୍ଷେ ଏହା କେତେକଙ୍କ ପାଇଁ ଯେମିତି ଏକ ରଣକ୍ଷେତ୍ର ପାଲଟିଛି। ଅନ୍ୟ ଉପରେ ଆକ୍ରୋଶ, ବ୍ୟକ୍ତିଗତ ଆକ୍ଷେପ ପାଇଁ ସେମାନେ ଏହାକୁ ବ୍ୟବହାର କରୁଛନ୍ତି। ସୋସିଆଲ ମିଡିଆରେ ଭଲ କାମର ପ୍ରଶଂସା ପରିବର୍ତ୍ତେ ଅନ୍ୟର ଚରିତ୍ର ସଂହାର ପ୍ରତି ଯୁବସମାଜ ଅଧିକ ଗୁରୁତ୍ୱ ଦେଉଥିବା ମନହେଉଛି। ସେମାନଙ୍କ ଦ୍ୱାରା ବିଭିନ୍ନ ପ୍ରକାରର ଅଶ୍ଳୀଳ ଭାଷା ବ୍ୟବହାର କରାଯାଉଛି, ଯାହାକି ପିଲାଠୁ ବୃଦ୍ଧ ପର୍ଯ୍ୟନ୍ତ ସମସ୍ତଙ୍କ ପାଖରେ ପହଞ୍ଚୁଛି। ଫଳରେ ଏହା ସମାଜ ଉପରେ ନକାରାତ୍ମକ ପ୍ରଭାବ ସୃଷ୍ଟି କରୁଛି। ଏମିତିକି ଲୋକଲୋଚନ ଆଢୁଆଳରେ ରହି AI ବ୍ୟବହାର ଏଭଳି ଅଶ୍ଳୀଳ ଭିଡିଓ ପ୍ରସ୍ତୁତ କରି ସୋସିଆଲ୍ ମିଡିଆରେ ପୋଷ୍ଟ କରିବା ଯେମିତି ଏକ ଟ୍ରେଣ୍ଡ ପାଲଟିଲାଣି, ଯାହାକି ଏହା ଆଦୌ ଗ୍ରହଣୀୟ ନୁହଁ। ଏଥିପାଇଁ ସଚେତନତା, ମାନସିକ ସ୍ତରରେ ପରିବର୍ତ୍ତନ ଆବଶ୍ୟକ। ସର୍ବୋପରି ଗାଇଡ୍‌ଲାଇନ୍ ରହିବା ସହ ଏହାର ଉଲ୍ଲଂଘନ ହେଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଆବଶ୍ୟକ।

**ଭାଷାଗତ ସଂଯମ ଜରୁରୀ**

**ପ୍ରଭାତ ବଳିୟାରସିଂହ** (ଯୁବ ସାମାଜିକ କର୍ମୀ, ଗୁରୁଜଙ୍ଗ, ଖୋର୍ଦ୍ଧା)– ଦୈନନ୍ଦିନ ଜୀବନରେ ସୋସିଆଲ ମିଡିଆ ଏକ ଅବିଚ୍ଛେଦ୍ୟ ଅଙ୍ଗ ପାଲଟିଯାଇଛି। ସକାଳୁ ଉଠିବାଠାରୁ ଶୋଇବା ପର୍ଯ୍ୟନ୍ତ ସବୁବର୍ଗ ବିଶେଷକରି ଯୁବପିଢ଼ି ଏଥିରେ ସକ୍ରିୟ ରହୁଛନ୍ତି। ଭଲମନ୍ଦ ସବୁ ଏବେ ସୋସିଆଲ ମିଡିଆରେ ଆଲୋଚନା ଚାଲିଛି। ଯୁବପିଢ଼ି ଏବେ ସୋସିଆଲ ମିଡିଆରେ ନିଜ ମତ ରଖିବାକୁ ପସନ୍ଦ କରୁଛନ୍ତି। ତେବେ କେହି କେହି ସୋସିଆଲ ମିଡିଆକୁ ଅସ୍ତ୍ର ଭାବେ ବ୍ୟବହାର କରୁଛନ୍ତି। ସେମାନେ ନିଜ ହିତାହିତଜ୍ଞାନ ଭୁଲି ସୋସିଆଲ ମିଡିଆରେ ଅନ୍ୟ ସହ କଥା କଟାକଟି, ଶେଷକୁ ବ୍ୟକ୍ତିଗତ ଆକ୍ଷେପ, ଅସଭ୍ୟ ଭାଷା ପ୍ରୟୋଗ କରି ଅନ୍ୟ ପ୍ରତି କଟୁ ମନ୍ତବ୍ୟ ଦେବାକୁ ପଛାଉନାହାନ୍ତି। ଅତି ଲେମ୍ବୁ ଚିପୁଡ଼ିଲେ ପିତା ଭଳି ଏହାଦ୍ୱାରା ସମାଜରେ ଏକ କଳୁଷିତ ବାତାବରଣ ସୃଷ୍ଟି ହେଉଛି ସେକଥା ସେମାନେ ଭୁଲି ଯାଉଛନ୍ତି। ତେଣୁ ସୋସିଆଲ୍ ମିଡିଆରେ ଯୁବପିଢ଼ି ଏଥିରୁ ଦୂରେଇ ରହି ଭାଷାଗତ ସଞ୍ଜମତା ରଖିବା ଜରୁରୀ।

**ବ୍ୟକ୍ତିଗତ ରାଗ ଶୁଝାଇବାର ମାଧ୍ୟମ ନ ହେଉ:**

**ଆଶିଷ ମହାନ୍ତି**(ଇଞ୍ଜିନିୟରିଂ ଛାତ୍ର, ବଡ଼ଗଡ଼, ଭୁବନେଶ୍ୱର)– ସୋସିଆଲ୍ ମିଡିଆରେ ଏଣ୍ଡୁତେଣ୍ଡୁ ଲେଖିବା କିମ୍ବା ଅଶ୍ଳୀଳ ଭାଷା ଓ ଗାଳି ଆଦି ଥିବା ଭିଡିଓ ପୋଷ୍ଟ କରିବା ଆଦୌ ଠିକ୍ ନୁହେଁ। ଅନେକେ ଅନେକେ ନିଜର ବ୍ୟକ୍ତିଗତ ରାଗ ସୁଝାଇବା ପାଇଁ ହେଉ ଅବା ଅନ୍ୟକୁ ଟ୍ରୋଲ ପାଇଁ ଏଭଳି ଖରାପ ଭିଡିଓ ପୋଷ୍ଟ କରୁଛନ୍ତି। ସୋସିଆଲ୍ ମିଡିଆ ପିଲାଠୁ ବୃଦ୍ଧ ସମସ୍ତେ ଏହାକୁ ଦେଖୁଛନ୍ତି ଏବଂ ଏହାର ସମାଜ ଉପରେ ଖରାପ ପ୍ରଭାବ ପଡୁଛି। ବିଶେଷକରି ପ୍ରତ୍ୟେକ ଛାତ୍ରୀଛାତ୍ରଙ୍କ ପାଇଁ ମୋବାଇଲ୍ ଫୋନ୍ ପାଠ ପଢ଼ିବା ପାଇଁ ଏକ ବଳିଷ୍ଠ ମାଧ୍ୟମ ପାଲଟିଛି। ତେଣୁ ପାଠ କଣ୍ଟେଣ୍ଟ ସର୍ଚ୍ଚ କରିବା ବେଳେ ଏଭଳି ଅଶ୍ଳିଳ ଭାଇରାଲ୍ ଭିଡିଓ ସବୁ ଆସିଯାଏ, ଯାହାକି ଆଦୌ ସ୍ୱାଗତଯୋଗ୍ୟ ନୁହେଁ। ତେଣୁ କାହା ସହ କୌଣସି କାରଣରୁ ମତଭେଦ ବା ଝଗଡ଼ା ହୋଇଥିଲେ ବ୍ୟକ୍ତିଗତ ରାଗ ଶୁଝାଇବା ପାଇଁ ସୋସିଆଲ୍ ମିଡିଆ ବ୍ୟବହାର ପ୍ରତି ଲଗାମ ରହିବା ଏବଂ ଏଭଳି ଭିଡିଓଗୁଡ଼ିକୁ ସୋସିଆଲ୍ ମିଡିଆରେ ପୋଷ୍ଟ କରିବାକୁ ଅନୁମତି ନ ଦିଆଯିବା ଦରକାର। ଯଦି କେହି ଏଭଳି କରନ୍ତି, ତେବେ ସେମାନଙ୍କୁ ଦଣ୍ଡିତ କରିବା ଆବଶ୍ୟକ।

**ଜରୁରୀ ସରକାରୀ ଅଙ୍କୁଶ**

**ସୁଶ୍ରୀ ସିଲୋନା ପ୍ରଧାନ**( ଯୁକ୍ତ ୩ ଛାତ୍ରୀ, ଉଦୟନାଥ ସ୍ୱୟଂଶାସିତ ବିଜ୍ଞାନ ଓ ବୈଷୟିକ ମହାବିଦ୍ୟାଳୟ, ଅଡଶପୁର, କଟକ)– କିଏ ଭୁଲ କଲେ ଅବା ମିଥ୍ୟା ପ୍ରଚାର କଲେ ତାଙ୍କୁ ଲୋକଲୋଚନକୁ ଆଣିବା ଏକ ସାମାଜିକ ଦାୟିତ୍ୱ। ଏଥିପାଇଁ ସୋସିଆଲ୍ ମିଡିଆ ନିଶ୍ଚିତ ଭାବେ ଏକ ବଳିଷ୍ଠ ପ୍ଲାଟଫର୍ମ। ହେଲେ ଏବେର କେତେକ ତଥାକଥିତ ୟୁଟ୍ୟୁବର ବା କଣ୍ଟେଣ୍ଟ କ୍ରିଏଟର ଟଙ୍କା ରୋଜଗାର ଉଦ୍ଦେଶ୍ୟରେ ଅନ୍ୟକୁ ଟ୍ରୋଲ କରିବା ପାଇଁ ରୋଷ୍ଟିଂ ଭିଡିଓ ପ୍ରସ୍ତୁତ କରୁଛନ୍ତି। ସେଥିରେ ସେମାନେ ଏଭଳି ଅସଭ୍ୟ ଭାଷା ବ୍ୟବହାର କରୁଛନ୍ତି ଯାହାକୁ ଶୁଣିହେବ ନାହିଁ। କେବଳ ଏତିକି ନୁହେଁ କେହି କେହି ବଡ ବଡ ନେତା ମନ୍ତ୍ରୀ କିମ୍ବା ଅଭିନେତାଙ୍କ ଭିଡିଓରେ ଅସଭ୍ୟ ଭାଷା ଅଡିଓ ଏଡିଟ୍ କରି ଭିଡିଓ ଭାଇରାଲ ବି କରୁଛନ୍ତି। ପୂର୍ବରୁ କୌଣସି ଖରାପ ଭାଷା ଥିଲେ ସାଉଣ୍ଡ ମ୍ୟୁଟ୍ କିମ୍ବା ବିପ୍ କରାଯାଉଥିଲା, ଯାହାକି ଏବେ ଆଉ ନାହିଁ। ଯେହେତୁ ପିଲାଠୁ ବୃଦ୍ଧ ସମସ୍ତେ ସୋସିଆଲ୍ ମିଡିଆ ବ୍ୟବହାର କରୁଛନ୍ତି ତେଣୁ ସମାଜରେ ନକରାତ୍ମକ ପ୍ରଭାବ ପକାଉଥିବା ଏଭଳି କଣ୍ଟେଣ୍ଟ ପୋଷ୍ଟ କରିବା ଅତ୍ୟନ୍ତ ନିନ୍ଦନୀୟ। ଏଥିପାଇଁ ସରକାରୀ ଅଙ୍କୁଶ ଲାଗୁହେବା ନିହାତି ଜରୁରୀ।



ପ୍ରଭାତ



ରାଜେନ୍ଦ୍ର



ଆଶିଷ



ସୁଶ୍ରୀ ସିଲୋନା



## ଏ ସପ୍ତାହର ପ୍ରଶ୍ନ

୧– ନିକଟରେ କ୍ଲାଉଡିଆ ଶେନ୍‌ବମ୍ ............... ଦେଶର ପ୍ରଥମ ମହିଳା ରାଷ୍ଟ୍ରପତି ହୋଇଛନ୍ତି?

୨– ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ପକ୍ଷରୁ ............ ଅନୁଷ୍ଠାନକୁ ୨୦୨୪ ନେଲ୍‌ସନ୍ ମଣ୍ଡେଲା ଆୱାର୍ଡ ଅଫ୍ ହେଲ୍‌ଥ ପ୍ରମୋଶନ୍ ମିଳିଛି ?

୩– ଏଫ୍‌ଆଇସିସିଆଇ ପକ୍ଷରୁ ..............ଠାରେ କୋଲ୍ଡ ଚେନ୍ ଆଣ୍ଡ ଲଜିଷ୍ଟିକ୍ସ ସମିତି ଆୟୋଜିତ ହୋଇଯାଇଛି ?

୪– ଇଣ୍ଡିଆନ୍ ସ୍ପେସ୍ ଷ୍ଟାର୍ଟଅପ୍ .............. ପକ୍ଷରୁ ଅଗ୍ନିବାଣର ସବ୍‌ଅର୍ବିଟାଲ୍ ରକେଟ୍ ଲଞ୍ଚ କରାଯାଇଛି ?

୫– ନ୍ୟାଶନାଲ୍ ବାଲ୍ ଭବନରେ ........ ମନ୍ତ୍ରଣାଳୟ ପକ୍ଷରୁ ସମର ଫିଷ୍ଟା ୨୦୨୪ ଆୟୋଜନ କରାଯାଇଛି ?

## ଗତ ଥରର ଉତ୍ତର

୧ ଇଟାଲୀ

୨ ଦୀପା କର୍ମକାର

୩ ୧୯୩୦ ମସିହା

୪ ବାଲ୍ ଗଙ୍ଗାଧର ତିଲକ

୫ ହଣ୍ଟୁରାସ

## ଉତ୍ତରଦାତା



ଶେଖ୍ ୟାକୁବ୍, ଗୋପ



ନିର୍ବିକଳ୍ପ ନାଥ, ଘଣ୍ଟେଶ୍ୱର

**ସୂଚନା:** ଆଗାମୀ ଆଶା ପୃଷ୍ଠା ପାଇଁ ଲେଖା ଓ ଫଟୋ ପଠାଇବା ଲାଗି ଇ–ମେଲ୍ ଠିକଣା: dharitriagamiasha @gmail.com

## ଟପ୍ ୧୦

### ସଫଳ ଅନ୍‌ଲାଇନ୍ ଫୁଡ୍ ଡେଲିଭରି ଆପ୍

୧........ ଜୋମାଟୋ
୨........ ଉବର୍ ଇଟ୍ସ
୩........ ଫୁଡ୍ ପାଣ୍ଡା
୪........ ସ୍ୱିଗୀ
୫........ ଗ୍ରୁଭ୍ବ୍
୬........ ଡେଲିଭେରୁ
୭........ ଡୋମିନୋସ୍ ପିଜ୍‌ଜା
୮........ ଜଷ୍ଟ ଇଟ୍ ଟେକ୍‌ଆୱେ
୯........ ଡୋର୍‌ଡାଶ୍
୧୦........ ପୋଷ୍ଟମେଟ୍ସ

## ଜାଣନ୍ତୁ ଦୁନିଆ

# ୬୦ ହଜାର ପାହାଚ ଉପରେ ହୋଟେଲ



**ଚାଇନାର ହୁଆଙ୍ଗସାନ୍ ମାଉଣ୍ଟେନ୍ ବା ୟେଲୋ ମାଉଣ୍ଟେନ୍‌ରେ ରହିଛି ଜାଡେ ସ୍କ୍ରିନ୍ ଟାୱାର ହୋଟେଲ। ଯାହାକୁ ଚାଇନାର ଏକ ପର୍ଯ୍ୟଟନ ସ୍ଥଳୀ କହିଲେ ଅତ୍ୟୁକ୍ତି ହେବ ନାହିଁ। କାରଣ ଏହି ହୋଟେଲକୁ ଯିବାକୁ ହେଲେ ଚଢ଼ିବାକୁ ହୋଇଥାଏ ୬୦ ହଜାର ପାହାଚ। ଜାଣନ୍ତୁ ଏହି ହୋଟେଲ ବିଷୟରେ ଆଉ କିଛି ନୂଆ ତଥ୍ୟ...**

– ଏହି ହୋଟେଲ ଭୂପୃଷ୍ଠରୁ ପ୍ରାୟ ୧୮୩୦ ମିଟର ଉଚ୍ଚରେ ଅବସ୍ଥିତ। ଯେଉଁଠାକୁ ଯିବା ଲାଗି ୬୦ ହଜାରଟି ଶିଡ଼ି ରହିଛି। ଶିଡ଼ି ଚଢ଼ି ନ ପାରୁଥିବା ବ୍ୟକ୍ତିଙ୍କ ଲାଗି ଚଉକିରେ ବୋହି ନେବା ଲାଗି ସ୍ୱତନ୍ତ୍ର କୁଲି ଏବଂ କେବଲ୍ କାର୍‌ର ମଧ୍ୟ ବ୍ୟବସ୍ଥା ରହିଛି। ଏଠାରେ ଥାଇ ଆପଣ ହୁଆଙ୍ଗ୍‌ସାଙ୍ଗ୍ ପର୍ବତର ସୌନ୍ଦର୍ଯ୍ୟକୁ ଉପଭୋଗ କରିପାରିବେ।

– ଚାରି ତାରକା ବିଶିଷ୍ଟ ଏହି ହୋଟେଲରେ ୬୫ଟି କୋଠରି ରହିଛି। ଯେଉଁଠାରେ ୨୪ ଘଣ୍ଟା ୱାଇ–ଫାଇ ବ୍ୟବସ୍ଥା ସହ ବାଥରୁମ୍ ଏବଂ ସୁଇମିଂ ପୁଲ୍ ଉଭୟର ସୁବିଧା ରହିଛି। କେବଳ ଏତିକି ନୁହେଁ ଗ୍ରାହକଙ୍କ ପାଇଁ ସ୍ପା, ହେୟାର ଡ୍ରାଏ ଓ ମସାଜ୍ ସେଣ୍ଟର ବି ଏଠାରେ ରହିଛି।

– ଏହି ହୋଟେଲରେ ଚାଇନିଜ୍ ରେଷ୍ଟୁରାଣ୍ଟ, ବଫେଟ୍ ରେଷ୍ଟୁରାଣ୍ଟ, ବାନ୍‌ୱେଟ୍ ଲଜ୍, ସାଇଟ୍ ସିଙ୍ଗ୍ ପ୍ଲାଟ୍‌ଫର୍ମ ଆଦିର ସୁବିଧା ଉପଲବ୍ଧ। ପ୍ରତିଦିନ ପ୍ରାୟ ସକାଳ ୬.୩୦ ପର୍ଯ୍ୟନ୍ତ ବଫେଟ୍ ରେଷ୍ଟୁରାଣ୍ଟରେ ବ୍ରେକ୍‌ଫାଷ୍ଟରେ ଚାଇନିଜ୍ ଡିସ୍ ଫ୍ରିରେ ମିଳିଥାଏ, ସେଥିପାଇଁ ଅଧିକାଂଶ ସମୟ ଏଠାରେ ଗହଳି ଦେଖାଯାଏ।

– ହୋଟେଲ୍ ମଧ୍ୟରେ ଥିବା ସୁନ୍ଦର ବଗିଚାରେ ରହିଛି ଏକ ୧୫୦୦ ବର୍ଷ ପୁରୁଣା ପାଇନ୍ ଗଛ, ଯାହାର ଦୁଇଟି ବଡ଼ ଶାଖା ଏଭଳି ଆକୃତିର ଯାହାକୁ ଦେଖିଲେ ତାହା ହାତ ଠାରି ଡାକିବାର ଭ୍ରମ ସୃଷ୍ଟି କରିଥାଏ। ଏହି ଗଛଟି ଉକ୍ତ ହୋଟେଲ୍‌ର ଅନ୍ୟତମ ମୁଖ୍ୟ ଆକର୍ଷଣ। ତେଣୁ ହୋଟେଲ୍‌କୁ ଅସୁଥିବା ଲୋକେ ଏହା ମୂଳରେ ଖାଇବା ଶେଷ କରି କିଛି ସମୟ ବିଶ୍ରାମ ନେଇ ଫେରିଥା'ନ୍ତି।



## ୟୁଥ୍ ଆଲର୍ଟ

# ଏସିଡ୍ ରିଫ୍ଲକ୍ସ ହେଉଥିଲେ...

**କେବେକେବେ ଖାଇ ସାରିବା ପରେ ଏସିଡ୍ ହେବା, ଛାତି ଜଳିବା, ହଠାତ୍ ଆମ୍ବିଳା ହାକୁଟି ହେବା ସହ ଅଳ୍ପ ଖାଦ୍ୟ ବାନ୍ତି ଆକାରରେ ବାହାରକୁ ଆସିଯାଏ, ଯାହାକୁ ଏସିଡ୍ ରିଫ୍ଲକ୍ସ କୁହାଯାଏ। ଏଭଳି ସମସ୍ୟାକୁ ରୋକିବା ଲାଗି କେଉଁସବୁ ଖାଦ୍ୟ ଉପକାରୀ ଜାଣିରଖନ୍ତୁ ସେ ସମ୍ପର୍କରେ...**





▶▶ଏହା ଏକ ହାଇଫାଇବରଯୁକ୍ତ ଖାଦ୍ୟ, ଯାହା ପେଟରେ ଏସିଡ୍ କ୍ଷରଣକୁ କମାଇଥାଏ। ସକାଳ ଜଳଖିଆରେ ଏହାକୁ ସାମିଲ କଲେ ଏହା ଗ୍ୟାସ୍, ଏସିଡିଟି ଭଳି ସମସ୍ୟା ହେବାକୁ ଦେଇ ନ ଥାଏ। ଫଳରେ ଏସିଡ୍ ରିଫ୍ଲକ୍ସ ଦେଖାଦେଇ ନ ଥାଏ।

▶▶ଖଟାଜାତୀୟ ଫଳ ବଦଳରେ ସେଓ, କଦଳୀ, ତରଭୁଜ ଆଦି ଖାଇଲେ ଉପକୃତ ହେବେ। କାରଣ ଏହା ଫଳରେ ଫାଇବର ମାତ୍ରା ବେଶି ଥିବାରୁ ଅଧିକ ସମୟ ପର୍ଯ୍ୟନ୍ତ ପେଟ ଭର୍ତ୍ତି ରହିଥାଏ ଏବଂ ଏସିଡିଟି ସମସ୍ୟା ଦୂର ହୋଇଥାଏ।

▶▶ରେଡ୍ ମିଟ୍ ଯଥା ମଟନ୍ ଖାଇଲେ ଏହି ସମସ୍ୟା ଅଧିକ ବଢ଼ିଥାଏ। ତେଣୁ ଏହା ବଦଳରେ ଚିକେନ୍, ମାଛ, ସି ଫୁଡ ଖାଇଲେ ଏହି ସମସ୍ୟା ଦେଖା ଦେଇ ନ ଥାଏ।

▶▶ଅଣ୍ଡାର ଧଳା ଭାଗରେ ଫ୍ୟାଟ୍ କମ୍ ଏବଂ ପ୍ରୋଟିନ୍ ପରିମାଣ ଅଧିକ ଥାଏ। ସିଝା କିମ୍ବା ପୋଚ୍ ଅଣ୍ଡା ଖାଇଲେ ଉପକୃତ ହୋଇପାରିବେ। ହେଲେ ମନେରଖନ୍ତୁ ଅଣ୍ଡା କେଶର କିମ୍ବା ତେଲରେ ପ୍ରସ୍ତୁତ ଅଣ୍ଡା ଆଇଟମ୍‌ରେ ଫ୍ୟାଟ୍ ଅଧିକ। ତେଣୁ ଏହାକୁ ଖାଇଲେ ଏସିଡିଟି ସମସ୍ୟା ବଢ଼ିବାର ଆଶଙ୍କା ବେଶି।

**କ'ଣ ଖାଇବା ଠିକ୍ ନୁହେଁ:**

■ କମଳା, ଅଙ୍ଗୁର, ଲେମ୍ବୁ, ଟମାଟୋ, ସପୁରି ଭଳି ଖଟାଜାତୀୟ ଫଳରେ ଏସିଡ୍ ପରିମାଣ ଅଧିକ ଥିବାରୁ ଏସିଡ୍ ରିଫ୍ଲକ୍ସ ସମସ୍ୟା ଥିବା ବ୍ୟକ୍ତି ଏଭଳି ଫଳ ନ ଖାଇବା ଭଲ।

■ ଚକୋଲେଟ୍‌ରେ ଥିବା ଉପାଦାନ ମଧ୍ୟ ଏସିଡିଟି ବଢ଼ାଇବା ପାଇଁ କେତେକାଂଶରେ ଦାୟୀ। ତେଣୁ ଏହାକୁ ଯେତେ କମ୍ ଖାଇବେ ଭଲ।

■ କଫି କିମ୍ବା କ୍ୟାଫେନ୍ ଥିବା ଖାଦ୍ୟ ମଧ୍ୟ ଏସିଡିଟି ସମସ୍ୟା ସୃଷ୍ଟି କରାଇଥାଏ।

■ ଅଧିକ ପିଆଜ, ରସୁଣ କିମ୍ବା ତେଲ ମସଲାଯୁକ୍ତ ଖାଦ୍ୟ ବି ଏସିଡିଟି, ହାର୍ଟବର୍ନ କରାଇଥାଏ। ବିଶେଷ କରି ଛଣାଛଣି ଏବଂ ଫାଷ୍ଟଫୁଡ୍ ଜାତୀୟ ଖାଦ୍ୟ ଖାଇବା ଠିକ୍ ନୁହେଁ।

■ କୋଲ୍ଡଡ୍ରିଙ୍କ୍ସ ଓ ସୋଡା ପାଣି ପିଇବା ଅନେକଙ୍କୁ ପସନ୍ଦ। ହେଲେ ଏହାକୁ ଅଧିକ ପିଇଲେ ମଧ୍ୟ ଏଭଳି ସମସ୍ୟା ଉପୁଜିଥାଏ।

■ ଆଲ୍‌କହଲ୍ ଏହି ସମସ୍ୟା ବୃଦ୍ଧି କରିବା ପାଇଁ ଏକ ବଡ଼ କାରଣ। ତେଣୁ ସୁସ୍ଥ ରହିବା ଲାଗି ଯଥାସମ୍ଭବ ଆଲ୍‌କହଲ୍‌ଠାରୁ ଦୂରେଇ ରହିବା ଆବଶ୍ୟକ।

# ଧରିତ୍ରୀ
DHARITRI

ଧରିତ୍ରୀ 50 Years

www.orissakhabar.com/ www.dharitri.com | ପୃଷ୍ଠା ୨୦ | Press Regd. No. R.N. 21326/74 Postal Regd. No. BN/42/24-26. | ଭୁବନେଶ୍ୱର, ରବିବାର, ଜୁନ୍ ୯, ୨୦୨୪ | Bhubaneswar, Sunday, June 9, 2024







# ନ୍ୟୁୟର୍କରେ ଭାରତ-ପାକିସ୍ତାନ ହାଇଭୋଲ୍ଟେଜ ମ୍ୟାଚ୍

ନ୍ୟୁୟର୍କ,୮।୬(ପି.ଟି.)

ଟି୨୦ ବିଶ୍ୱକପ୍‌ରେ ରବିବାର ବହୁପ୍ରତୀକ୍ଷିତ ଭାରତ-ପାକିସ୍ତାନ ମ୍ୟାଚ୍ ନ୍ୟୁୟର୍କରେ ଖେଳାଯିବ। ଦୁଇ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀଙ୍କ ମଧ୍ୟରେ କୌଣସି ଦ୍ୱିପାକ୍ଷିକ ସିରିଜ୍ ଖେଳାଯାଉ ନ ଥିବା ବେଳେ ବିଶ୍ୱକପ୍ ପରି ଆଇସିସି ଇଭେଣ୍ଟ ଉପରେ ଫ୍ୟାନମାନଙ୍କ ନଜରରେ ରହିଥାଏ। ନ୍ୟୁୟର୍କର ନାସାଉ ଷ୍ଟାଡିୟମରେ ଏହି ମ୍ୟାଚ୍‌ଟି ଖେଳାଯିବ। ୩୪ ହଜାର ଦର୍ଶକ କ୍ଷମତା ବିଶିଷ୍ଟ ଏହି ଷ୍ଟାଡିୟମରେ ଚଳିତ ଟୁର୍ନାମେଣ୍ଟର ସବୁଠାରୁ ବଡ଼ ଦର୍ଶକ ଦେଖା ଦେବାର ସମ୍ଭାବନା ରହିଛି। ଭାରତ ଓ ପାକିସ୍ତାନ ଟି୨୦ ବିଶ୍ୱକପ୍‌ରେ ୭ ଥର ସାମ୍ନାସାମ୍ନି ହୋଇଛନ୍ତି। ଭାରତ ଏଥିମଧ୍ୟରୁ ୬ଥର ଜିତିଥିବା ବେଳେ ପାକିସ୍ତାନ ଥରେମାତ୍ର ଜିତିଛି। ୨୦୦୭ ଟି୨୦ ବିଶ୍ୱକପ୍‌ରେ ମ୍ୟାଚ୍ ଟାଇ ରହିଥିବା ବେଳେ ଭାରତ ଏହାକୁ ବୋଲ ଆଉଟରେ ଜିତିଥିଲା। ସେହିପରି ଶେଷ ଥର ପାଇଁ ଅଷ୍ଟ୍ରେଲିଆରେ ଉଭୟ ଦଳ ସାମ୍ନାସାମ୍ନି ହୋଇଥିବା ବେଳେ ବିରାଟ କୋହଲିଙ୍କ ଇନିଂସରେ ଭାରତ ବିଜୟ ହାସଲ କରିଥିଲା। ଉଭୟ ଭାରତ ଓ ପାକିସ୍ତାନ ଚଳିତ ଟୁର୍ନାମେଣ୍ଟରେ ଗୋଟିଏ ଲେଖାଏ ମ୍ୟାଚ୍ ଖେଳି ସାରିଛନ୍ତି। ଭାରତ ପ୍ରଥମ ମ୍ୟାଚ୍‌ରେ ଆୟର୍ଲାଣ୍ଡକୁ ପରାସ୍ତ କରିଥିବା ବେଳେ ବିଶ୍ୱକପର ବଡ଼ ବିପର୍ଯ୍ୟୟରେ ଆମେରିକାଠାରୁ ପରାଜିତ ହୋଇଥିଲା ପାକିସ୍ତାନ। ନ୍ୟୁୟର୍କର ପିଚ୍ ସମାଲୋଚନାର ଶିକାର ହୋଇଛି। ଡ୍ରପ୍ ଇନ୍ ପିଚ୍‌କୁ ତରବରିଆ ଭାବରେ ପ୍ରସ୍ତୁତ କରାଯାଇଥିବା ବେଳେ ଏଠାରେ ମାତ୍ର ଦୁଇଟି ଇନିଂସରେ ୧୦୦ରୁ ଅଧିକ ରନ୍ ସ୍କୋର ହୋଇଛି। ଏପ୍ରିଲ୍ ମାସରେ ପ୍ରସ୍ତୁତ କରାଯାଇଥିବା ଏହି ଡ୍ରପ୍ ଇନ୍ ପିଚ୍ ବର୍ତ୍ତମାନ ସୁଦ୍ଧା ମଧ୍ୟ ଠିକ୍ ଭାବରେ ସେଟଲ ହୋଇ ନାହିଁ। ଏହି ପିଚ୍‌ରେ ଅସମାନ ବାଉନ୍ସ ଦେଖିବାକୁ ମିଳୁଥିବା ବେଳେ ବ୍ୟାଟରଙ୍କ ପାଇଁ ଏହା ସମସ୍ୟା ସୃଷ୍ଟି କରୁଛି। ପାକିସ୍ତାନ ବିପକ୍ଷ ମ୍ୟାଚ୍ ପୂର୍ବରୁ ପିଚ୍‌କୁ ନେଇ ଭାରତୀୟ ଅଧିନାୟକ ରୋହିତ ଶର୍ମା ମଧ୍ୟ ଆଶଙ୍କା ବ୍ୟକ୍ତ କରିଛନ୍ତି। ଭାରତୀୟ ଦଳ ନ୍ୟୁୟର୍କରେ ଏହାର ପ୍ରଥମ ମ୍ୟାଚ୍ ଖେଳି ସାରିଥିବା ବେଳେ ପାକିସ୍ତାନ ଦଳ ଗୁରୁବାର ପହଞ୍ଚିଛି। ଭାରତ ଏଠାରେ ଏକ ସପ୍ତାହ ହେବ ରହିଥିବା ବେଳେ ପାକିସ୍ତାନ ପାଇଁ ନୂଆ ପରିସ୍ଥିତି ଓ ପିଚ୍‌ର ଚ୍ୟାଲେଞ୍ଜ ରହିବ। ବାବର ଆଜମ୍‌ଙ୍କ


ପାକିସ୍ତାନ ବିପକ୍ଷ ମ୍ୟାଚ୍ ପୂର୍ବରୁ ହାଲୁକା ମୁହୂର୍ତ୍ତରେ ଭାରତୀୟ ଖେଳାଳି।

**ଟି୨୦ ବିଶ୍ୱକପ**

(ଆଜିର ମ୍ୟାଚ)

**ୱେଷ୍ଟଇଣ୍ଡିଜ୍ ବନାମ ଉଗାଣ୍ଡା**
ସ୍ଥାନ: ଗୁଏନା
ସମୟ: ସକାଳ ୬ଟା

**ଭାରତ ବନାମ ପାକିସ୍ତାନ**
ସ୍ଥାନ: ନ୍ୟୁୟର୍କ
ସମୟ: ରାତି ୮ଟା

**ଓମାନ ବନାମ ସ୍କଟ୍‌ଲାଣ୍ଡ**
ସ୍ଥାନ: ଆଣ୍ଟିଗୁଆ
ସମୟ: ରାତି ୧୦ଟା ୩୦

ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

## ଟି୨୦ ବିଶ୍ୱକପ୍

ଦଳ କିଭଳି ଏହାର ମୁକାବିଲା କରିବ ତାହା ଦେଖିବାକୁ ମିଳିବ।

ଭାରତର ପ୍ରଥମ ମ୍ୟାଚ୍‌ରେ କୁଲଦୀପ ଯାଦବଙ୍କୁ ବିଶ୍ରାମ ଦିଆଯାଇ ଜଣେ ଅତିରିକ୍ତ ପେସ୍ ବୋଲରଙ୍କୁ ସାମିଲ କରାଯାଇଥିଲା। ପାକିସ୍ତାନ ବିପକ୍ଷରେ ମଧ୍ୟ ସମାନ ରଣନୀତି ସହ ଭାରତ ଓହ୍ଲାଇବ ବୋଲି ଅନୁମାନ କରାଯାଉଛି। ତେବେ ପାକିସ୍ତାନ ବିପକ୍ଷରେ କୁଲ୍‌ଦୀପଙ୍କ ରେକର୍ଡକୁ ନଜରରେ ରଖିଲେ ତାଙ୍କୁ ଅକ୍ଷର ପଟେଲଙ୍କ ସ୍ଥାନରେ ଖେଳାଇପାରେ ଭାରତ। ରୋହିତ ଶର୍ମା ଓ ବିରାଟ କୋହଲି ପୁଣି ଥରେ ଓପନିଂ କରିବାକୁ ଥିବାବେଳେ ରିଷଭ ପନ୍ତ ୩ ନମ୍ବର ସ୍ଥାନରେ ବ୍ୟାଟିଂ କରିବେ। ସୂର୍ଯ୍ୟକୁମାର ଯାଦବ ୪ ଓ ହାର୍ଦ୍ଦିକ୍ ପାଣ୍ଡ୍ୟାଙ୍କୁ ୫ନମ୍ବରରେ ବ୍ୟାଟିଂ କରିବାର ନଜର ଆସିବେ। ହାର୍ଡ ହିଟର ଶିବମ ଦୁବେ ୬ ନମ୍ବରରେ ଖେଳିବାକୁ ଥିବା ବେଳେ ଅକ୍ଷର ପଟେଲ ଓ ରବୀନ୍ଦ୍ର ଜାଡେଜାଙ୍କ ମଧ୍ୟରୁ ଜଣେ ୭ ନମ୍ବର ସ୍ଥାନରେ ଖେଳିବେ। ଯଶପ୍ରୀତ ବୁମ୍‌ରା, ମହମ୍ମଦ ସିରାଜ ଓ ଅର୍ଶଦୀପ ସିଂଙ୍କ ବ୍ୟତୀତ ହାର୍ଦ୍ଦିକ ପାଣ୍ଡ୍ୟାଙ୍କ କାନ୍ଧରେ ଭାରତୀୟ ପେସ୍ ବୋଲିଂର ଭାର ରହିବ। ଅନ୍ୟପକ୍ଷରେ ଆମେରିକାଠାରୁ ପ୍ରଥମ ମ୍ୟାଚ୍ ହାରିଥିବା ପାକିସ୍ତାନ ମଧ୍ୟ ବିଜୟ ପାଇଁ ବ୍ୟଗ୍ର ରହିବ। ପ୍ରଥମେ ମ୍ୟାଚ୍ ଟାଇ ହେବା ପରେ ପାକିସ୍ତାନ ସୁପର ଓଭରରେ ପରାଜିତ ହୋଇଥିଲା। ପାକିସ୍ତାନ ଅଧିନାୟକ ବାବର ଆଜମଙ୍କ ବ୍ୟାଟିଂ ବେଶ୍ ସମାଲୋଚିତ ହୋଇଥିଲା। ବାବର ୪୩ ବଲ୍ ଖେଳି ୪୪ ରନ୍‌ର ଇନିଂସ ଖେଳିଥିଲେ। ସେହିପରି ମହମ୍ମଦ ଆମିର ଓ ଶାହିନ୍ ଆଫ୍ରିଦିଙ୍କ ବୋଲିଂ ଉପରେ ସମସ୍ତଙ୍କ ନଜର ରହିବ।

### ବଢ଼ିଲା ସୁରକ୍ଷା ବ୍ୟବସ୍ଥା

ଟି୨୦ ବିଶ୍ୱକପ୍‌ରେ ଆତଙ୍କବାଦୀ ଆକ୍ରମଣର ଧମକ ମିଳିବା ପରେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି। ଏହି ହାଇ ପ୍ରୋଫାଇଲ ମ୍ୟାଚ୍ ପୂର୍ବରୁ ଷ୍ଟାଡିୟମରେ ରାଷ୍ଟ୍ରପତିଙ୍କ ସୁରକ୍ଷା ବ୍ୟବସ୍ଥା ଲାଗୁ କରାଯିବ ବୋଲି କହିଛନ୍ତି ନାସାଉ ପୋଲିସ୍ କମିଶନର ପ୍ୟାଟ୍ରିକ ରାଇଡର। କିଛି ବର୍ଷ ତଳେ ରାଷ୍ଟ୍ରପତି ବାରାକ୍ ଓବାମା ନାସାଉ ଆସିଥିବା ବେଳେ ସୁରକ୍ଷା ବ୍ୟବସ୍ଥା ଯେଉଁଭଳି ରହିଥିଲା ଏହି ମ୍ୟାଚ୍ ପାଇଁ ମଧ୍ୟ ସମାନ ବ୍ୟବସ୍ଥା କରାଯାଇଥିବା ରାଇଡର ସୂଚନା ଦେଇଛନ୍ତି। ସେହିପରି ନାସାଉ କାଉଣ୍ଟି ପୋଲିସ, ସଫୋଲ୍କ କାଉଣ୍ଟି, ନ୍ୟୁୟର୍କ ଷ୍ଟେଟ୍, ଏଫ୍‌ବିଆଇ ଓ ହୋମଲାଣ୍ଡ ସିକ୍ୟୁରିଟି ଏହି ମ୍ୟାଚ୍‌ର ସୁରକ୍ଷା ଦାୟିତ୍ୱରେ ରହିଛନ୍ତି।

# ଶ୍ରୀଲଙ୍କାକୁ ହରାଇଲା ବାଂଲାଦେଶ


ବାଂଲାଦେଶ ତରଫରୁ ଗୁରୁତ୍ୱପୂର୍ଣ୍ଣ ଇନିଂସ ଖେଳିଥିବା ମହମୁଦୁଲ୍ଲା।

ଡଲାସ, ୮।୬ (ପି.ଟି.)

ଲେଗ୍ ସ୍ପିନର ରିସାଦ ହୋସେନ (୩/୨୨)ଙ୍କ ମ୍ୟାଚ୍ ବିଜୟୀ ବୋଲିଂ ବଳରେ ବାଂଲାଦେଶ ଚଳିତ ଟି୨୦ କ୍ରିକେଟ ବିଶ୍ୱକପ୍‌ର ଗ୍ରୁପ୍ 'ଡି'ରେ ପୂର୍ବତନ ଚାମ୍ପିୟନ ଶ୍ରୀଲଙ୍କା ବିପକ୍ଷରେ ୨ଉଇକେଟରେ ରୋମାଞ୍ଚ ବିଜୟ ହାସଲ କରିଛି। ଟସ୍ ଜିତି ପ୍ରଥମେ ବୋଲିଂ କରିବାକୁ ଯାଇ ବାଂଲାଦେଶ ୧୨୪/୯ ସ୍କୋରରେ ଶ୍ରୀଲଙ୍କାକୁ ସୀମିତ କରିଦେଇଥିଲା। ରିସାଦଙ୍କ ବ୍ୟତୀତ ଶ୍ରୀଲଙ୍କା ଇନିଂସରେ ବିପର୍ଯ୍ୟୟ ଘଟାଇବାରେ ବିଶେଷ ଭୂମିକା ଗ୍ରହଣ କରିଥିବା ଅନ୍ୟ ବୋଲରମାନେ ହେଲେ ପେସ୍ ବୋଲର ମୁସ୍ତାଫିଜୁର ରହମାନ (୩/୧୭) ଓ ତସ୍କିନ ଅହମଦ (୨/୨୫)। ଶ୍ରୀଲଙ୍କା ଦଳର ଟପ୍ ସ୍କୋରର ଥିଲେ ଓପନର ପାଥୁମ୍ ନିଶାଙ୍କା। ସେ ୨୮ ବଲ୍‌ରୁ ୪୭ ରନ କରିଥିଲେ। ଦଳର ଏହା ହେଉଛି କ୍ରମାଗତ ଦ୍ୱିତୀୟ ପରାଜୟ। ଫଳରେ ସୁପର-୮ ପାଇଁ ଯୋଗ୍ୟତା ହାସଲ ଦଳ ଲାଗି ବର୍ତ୍ତମାନ କଷ୍ଟସାଧ ହୋଇପଡ଼ିଛି। ବିଜୟ ଲକ୍ଷ୍ୟ ପିଛା ବେଳେ ତୋହିଦ ହ୍ରିଦୟଙ୍କ ଅବଦାନ ଉଲ୍ଲେଖନୀୟ ରହିଥିଲା। ସେ ୪ ଛକା ଓ ଗୋଟିଏ ଚୌକା ସହ ୨୦ ବଲ୍‌ରେ ୪୦ ରନ ସଂଗ୍ରହ କରିଥିବା ବେଳେ ମହମୁଦୁଲ୍ଲା ଏକ ଗୁରୁତ୍ୱପୂର୍ଣ୍ଣ ଇନିଂସ ଖେଳି ୧୩ ବଲ୍‌ରେ ୧୬ ରନ କରି ଅପରାଜିତ ରହିଥିଲେ। ବାଂଲାଦେଶ ଗୋଟିଏ ଓଭର ବାକି ଥାଇ ବିଜୟ ଲକ୍ଷ୍ୟ ହାସଲ କରିନେଇଥିଲା। ଗ୍ରୁପ୍ 'ଡି'ରେ ଦକ୍ଷିଣ ଆଫ୍ରିକା, ନେଦରଲାଣ୍ଡ୍ସ ଓ ବାଂଲାଦେଶ ପ୍ରତ୍ୟେକ ୨ ପଏଣ୍ଟ ଲେଖାଏ ଅର୍ଜନ କରିଥିବା ବେଳେ ନେପାଳ ଓ ଶ୍ରୀଲଙ୍କା ଏପର୍ଯ୍ୟନ୍ତ ସେମାନଙ୍କ ଖାତା ଖୋଲିନାହାନ୍ତି।

**ସଂକ୍ଷିପ୍ତ ସ୍କୋର**

**ଶ୍ରୀଲଙ୍କା:** ୨୦ ଓଭରରେ ୧୨୪/୯ (ପାଥୁମ ନିଶାଙ୍କା-୪୭; ମୁସ୍ତାଫିଜୁର ରହମାନ-୩/୧୭, ରିସାଦ ହୋସେନ-୩/୨୨, ତସ୍କିନ ଅହମଦ-୨/୨୫)।

**ବାଂଲାଦେଶ:** ୧୯ ଓଭରରେ ୧୨୫/୮ (ତୋହିଦ ହ୍ରିଦୟ-୪୦, ଲିଟନ ଦାସ-୩୬; ନୁୱାନ ଥୁସାରା-୪/୧୮)।

# ଦକ୍ଷିଣ ଆଫ୍ରିକାକୁ ଜିତାଇଲେ ମିଲର, ଷ୍ଟବ୍ସ

ନ୍ୟୁୟର୍କ, ୮।୬ (ପି.ଟି.)

ଡେଭିଡ୍ ମିଲର ଓ ଟ୍ରିଷ୍ଟାନ ଷ୍ଟବ୍ସଙ୍କ ପ୍ରଭାବୀ ବ୍ୟାଟିଂ ବଳରେ ଦକ୍ଷିଣ ଆଫ୍ରିକା ଚଳିତ ଆଇସିସି ଟି୨୦ କ୍ରିକେଟ ବିଶ୍ୱକପ୍‌ର ଶନିବାର ଖେଳାଯାଇଥିବା ଏକ ମ୍ୟାଚରେ ୪ଉଇକେଟରେ ନେଦରଲାଣ୍ଡ୍ସକୁ ହରାଇ ଦେଇଛି। ଏଥିରେ ଟସ୍‌ରେ ହାରି ପ୍ରଥମେ ବ୍ୟାଟିଂ କରିଥିବା ନେଦରଲାଣ୍ଡ୍ସ ନିର୍ଦ୍ଧାରିତ ୨୦ଓଭରରେ ୯ ଉଇକେଟ ହରାଇ ୧୦୩ ରନ କରିଥିଲା। ଜବାବରେ ଦକ୍ଷିଣ ଆଫ୍ରିକା ୧୮.୫ ଓଭରରେ ୬ଉଇକେଟ ବିନିମୟରେ ୧୦୬ ରନ କରି ମ୍ୟାଚ ଜିତି ନେଇଥିଲା। ଟୁର୍ନାମେଣ୍ଟରେ ଦଳର ଏହା ହେଉଛି ଦ୍ୱିତୀୟ ବିଜୟ। ଏହି ସ୍ଲୋ ସ୍କୋରିଂ ମ୍ୟାଚରେ ୧୦୪ ରନର ବିଜୟ ଲକ୍ଷ୍ୟ ପିଛା କରିଥିବା ଦକ୍ଷିଣ ଆଫ୍ରିକା ପାୱାର ପ୍ଲେରେ ଏକଦା ମାତ୍ର ୧୨ ରନରେ ୪ଉଇକେଟ ହରାଇ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ତେବେ ମିଲର (୫୯ରନ*, ୫୧ ବଲ୍, ୩ ଚୌକା ଓ ୪ ଛକା) ଓ ଷ୍ଟବ୍ସ (୩୩ ରନ, ୩୭ ବଲ୍, ୧ଚୌକା ୧ ଛକା)ଙ୍କ ମଧ୍ୟରେ ୫ମ ଉଇକେଟରେ ଗୁରୁତ୍ୱପୂର୍ଣ୍ଣ ୬୫ ରନର ପାର୍ଟନରଶିପ୍ ଯୋଗୁ ଦଳର ସ୍ଥିତିରେ ସୁଧାର ଆସିଥିଲା। ଏହି ଦୁଇ ବ୍ୟାଟରଙ୍କୁ ଛାଡ଼ିଦେଲେ ଦକ୍ଷିଣ ଆଫ୍ରିକାର ଆଉଟ ହୋଇଥିବା ଅନ୍ୟ କୌଣସି ବ୍ୟାଟିଂ ଦୁଇ ଅଙ୍କ ସ୍ପର୍ଶ କରିପାରି ନ ଥିଲେ। ନେଦରଲାଣ୍ଡ୍ସ ତରଫରୁ ଭିଭିଆନ କିଙ୍ଗମା ଓ ଲୋଗାନ ଭାନ୍‌ମିକ ୨ଟି ଲେଖାଏଁ ଉଇକେଟ ଅକ୍ତିଆର କରିଥିଲେ। ପୂର୍ବରୁ ପ୍ରଥମେ ବ୍ୟାଟିଂ କରିଥିବା ନେଦରଲାଣ୍ଡ୍ସ ଇନିଂସରେ ଟପ୍ ସ୍କୋରର ସିବ୍ରାଣ୍ଡ ଏଞ୍ଜେଲବ୍ରେଞ୍ଚ ୪୦ ରନ କରିଥିବା ବେଳେ ଭାନ୍ ବିକ୍ ୨୩, ବିକ୍ରମଜିତ୍ ସିଂ ୧୨ ଓ ଅଧିନାୟକ ଓ ଉଇକେଟକିପର ଏଡୱାର୍ଡ୍ସ୧୦ ରନ କରିଥିଲେ। ବିଜୟୀ ଦଳ ପକ୍ଷରୁ ଶ୍ରେଷ୍ଠ ବୋଲିଂ କରି ଓଟ୍‌ନିଲ ବ୍ୟାର୍ଟମ୍ୟାନ ତାଙ୍କ ୪ ଓଭର ବୋଲିଂରେ ମାତ୍ର ୧୧ ରନ ଦେଇ ୪ଉଇକେଟ ଅକ୍ତିଆର କରିଥିଲେ। ଏନ୍‌ରିଚ ନୋର୍ଜେ ଓ ମାର୍କୋ ଜନସନ ୨ଟି ଲେଖାଏଁ ଉଇକେଟ ଅକ୍ତିଆର କରିଥିଲେ। ଡେଭିଡ ମିଲର ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ।


ପ୍ଲେୟର ଅଫ୍ ଦି ମ୍ୟାଚ୍ ଡେଭିଡ ମିଲର।

**ସଂକ୍ଷିପ୍ତ ସ୍କୋର**

**ନେଦରଲାଣ୍ଡ୍ସ:** ୨୦ ଓଭରରେ ୧୦୩/୯ (ସିବ୍ରାଣ୍ଡ-୪୦; ମାର୍କୋ ଜାନସେନ-୨/୨୦, ଓଟ୍‌ନିଲ ବାର୍ଟମ୍ୟାନ-୪/୧୧, ଏନରିଚ ନୋର୍ଜେ-୨/୧୯)।

**ଦକ୍ଷିଣ ଆଫ୍ରିକା:** ୧୮.୫ ଓଭରରେ ୧୦୬/୬ (ଟ୍ରିଷ୍ଟାନ ଷ୍ଟବ୍ସ-୩୩, ଡେଭିଡ ମିଲର-୫୯*; ଭିଭିଆନ କିଙ୍ଗ୍‌ମା-୨/୧୨, ଲୋଗାନ ଭାନ୍ ବିକ୍-୨/୨୧)।

# ଅଷ୍ଟ୍ରେଲିଆର ସହଜ ବିଜୟ

ବାର୍ବାଡୋସ୍,୮।୬

ଡିଫେଣ୍ଡିଂ ଚାମ୍ପିୟନ ଇଂଲଣ୍ଡକୁ ୩୬ ରନ୍‌ରେ ପରାସ୍ତ କରିଛି ଅଷ୍ଟ୍ରେଲିଆ। ପ୍ରଥମେ ବ୍ୟାଟିଂ କରି ଅଷ୍ଟ୍ରେଲିଆ ୨୦ ଓଭରରେ ୭ ଉଇକେଟରେ ୨୦୧ ରନ୍ କରିଛି। ଜବାବରେ ଇଂଲଣ୍ଡ ୨୦ ଓଭରରେ ୬ ଉଇକେଟ ହରାଇ ୧୬୫ ରନ୍ ସଂଗ୍ରହ କରିଥିଲା। ଡେଭିଡ୍ ୱାର୍ନର(୩୯) ଓ ଟ୍ରାଭିସ୍ ହେଡ୍(୩୪) ପ୍ରଥମ ଉଇକେଟରେ ୭୦ ରନ୍ ଯୋଡିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମିଚେଲ ମାର୍ଶ ୩୫, ଗ୍ଲେନ୍ ମ୍ୟାକ୍ସୱେଲ୨୮, ମାର୍କସ୍ ଷ୍ଟୋଇନିସ୍ ୩୦ ଓ ମାଥ୍ୟୁ ୱେଡ୍ ୧୭* ରନ୍ କରିଥିଲେ। ଇଂଲଣ୍ଡ ପକ୍ଷରୁ କ୍ରିସ୍ ଜୋର୍ଡାନ ୨, ଲିଆମ୍ ଲିଭିଙ୍ଗଷ୍ଟୋନ୍, ଆଦିଲ ରଶିଦ୍, ଜୋଫ୍ରା ଆର୍ଚର ଓ ମୋଇନ୍ ଅଲୀ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ୨୦୨ ରନ୍‌ର ପିଛା କରୁଥିବା ବେଳେ ଜୋଶ ବଟଲର ୪୨ ଓ ଫିଲ ସଲ୍ଟ ୩୭ ରନ୍ କରିଥିଲେ। ମଧ୍ୟକ୍ରମରେ ୱିଲ୍ ଜ୍ୟାକ୍ସ(୧୦) ଓ ଜନି ବେୟାରଷ୍ଟୋ(୭) ବିଫଳ ହୋଇଥିଲେ। ମୋଇନ୍ ଅଲୀ ୨୫, ଲିଆମ୍ ଲିଭିଙ୍ଗଷ୍ଟୋନ୍ ୧୫ ରନ୍ କରିଥିଲେ ମଧ୍ୟ ୩୬ ରନ୍ ଦୂରରେ ରହି ଯାଇଥିଲା। ଅଷ୍ଟ୍ରେଲିଆ ପକ୍ଷରୁ ଆଡାମ୍ ଜାମ୍ପା, ପ୍ୟାଟ୍ କୁମିନ୍ସ ୨, ମାର୍କସ୍ ଷ୍ଟୋଇନିସ୍ ଓ ଜୋଶ ହାଜେଲଉଡ୍ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

# ଗ୍ରୁପ୍-ସି ଶୀର୍ଷରେ ଆଫଗାନିସ୍ତାନ

ଗୁଏନା,୮।୬(ପି.ଟି.)

ଟି୨୦ ବିଶ୍ୱକପ୍‌ରେ ଶନିବାର ଆଉ ଏକ ବିପର୍ଯ୍ୟୟ ଦେଖିବାକୁ ମିଳିଛି। ପ୍ରୋଭିଡେନ୍ସ ଷ୍ଟାଡିୟମରେ ଖେଳାଯାଇଥିବା ମ୍ୟାଚ୍‌ରେ ନ୍ୟୁଜିଲାଣ୍ଡକୁ ୮୪ ରନରେ ପରାସ୍ତ କରିଛି ଆଫଗାନିସ୍ତାନ। ଏହି ବିଜୟ ସହିତ ଗ୍ରୁପ୍-ସିରେ ଶୀର୍ଷସ୍ଥାନ ବଜାୟ ରଖିଛି ଆଫଗାନିସ୍ତାନ। ରେହମାନଉଲ୍ଲା ଗୁରବାଜ ଲଢୁଆ ଅର୍ଦ୍ଧଶତକ ହାସଲ କରିଥିବା ବେଳେ ଫଜଲ୍ଲକ ଫାରୁକି ଓ ରଶିଦ୍ ଖାନ୍ ୪ଟି ଲେଖାଏ ଉଇକେଟ ନେଇଥିଲେ। ଟସ୍ ହାରି ପ୍ରଥମେ ବ୍ୟାଟିଂ କରିଥିବା ଆଫଗାନିସ୍ତାନ ୨୦ ଓଭରରେ ୬ ଉଇକେଟ ହରାଇ ୧୫୯ ରନ୍ କରିଥିଲା। ଜବାବରେ ନ୍ୟୁଜିଲାଣ୍ଡ ୧୫.୨ ଓଭରରେ ୭୫ ରନ୍‌ରେ ଅଲଆଉଟ ହୋଇଥିଲା।

ଆଫଗାନିସ୍ତାନ ପକ୍ଷରୁ ରେହମାନୁଲ୍ଲା ଗୁରବାଜ(୮୫) ଓ ଇବ୍ରାହିମ୍ ଜଦ୍ରାନ୍(୪୪) ଓପନିଙ୍ଗ କରି ୧୦୩ ରନ୍ ଯୋଡିଥିଲେ। ବଲ୍ ତଳୁଆ ରହୁଥିବା ବେଳେ ଉଭୟ ସତର୍କତାର ସହ ବ୍ୟାଟିଂ କରିଥିଲେ। ୧୫ ତମ ଓଭରରେ ଇବ୍ରାହିମ୍ ଆଉଟ ହୋଇଥିଲେ। ୪୧ ବଲ୍ ଖେଳି ସେ ୩ ଚୌକା ଓ ୨ ଛକା ମାରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ୩ ନମ୍ବର ସ୍ଥାନରେ ବ୍ୟାଟିଂ କରିଥିବ ଅଜମତଉଲ୍ଲା ଓମାରଜାଇ ୧୩ ବଲ୍ ଖେଳି ୨୨ ରନ୍ ସ୍କୋର କରିଥିଲେ। ପରବର୍ତ୍ତୀ ୪ ବ୍ୟାଟର ମହମ୍ମଦ ନବି(୦), ରଶିଦ୍ ଖାନ୍(୬), କରିମ୍ ଜନାତ୍(୧) ଓ ଗୁଲବଦିନ ନାଇବ(୦) ରନ୍ କରିଥିଲେ ମଧ୍ୟ ଗୁରବାଜ୍ କମାଣ ସମ୍ଭାଳିଥିଲେ। ଗୁରବାଜ ଅନ୍ତିମ ଓଭରରେ ଆଉଟ ହେବା ପୂର୍ବରୁ ୫୬ ବଲ୍ ଖେଳି ୫ଟି ଲେଖାଏ ଛକା ଓ ଚୌକା ମାରି ୮୫ ରନ୍ କରିଥିଲେ। ନ୍ୟୁଜିଲାଣ୍ଡ ପକ୍ଷରୁ ଟ୍ରେଣ୍ଟ ବୋଲ୍ଟ ଓ ମ୍ୟାଟ୍ ହେନରୀ ଦୁଇଟି ଲେଖାଏ ଉଇକେଟ ନେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଲୋକି ଫର୍ଗୁସନ୍ ଗୋଟିଏ ଉଇକେଟ ନେଇଥିଲେ।

୧୬୦ ରନ୍ ବିଜୟ ଲକ୍ଷ୍ୟର ପିଛା କରୁଥିବା ନ୍ୟୁଜିଲାଣ୍ଡ ଫଜଲ୍ଲକ ଫାରୁକି ଓ ରଶିଦ୍ ଖାନ୍‌ଙ୍କ ବୋଲିଂର ମୁକାବିଲା କରିପାରି ନ ଥିଲା। ଉଭୟ ଖେଳାଳି ୪ଟି ଲେଖାଏ ଉଇକେଟ ନେଇଥିଲେ। ନ୍ୟୁଜିଲାଣ୍ଡ ପକ୍ଷରୁ ଗ୍ଲେନ୍ ଫିଲିପ୍ସ ୧୮ ଓ ମ୍ୟାଟ୍ ହେନରୀ ୧୨ ଦୁଇଅଙ୍କ ସ୍କୋରରେ ପହଞ୍ଚି ପାରିଥିଲେ। ଫାରୁକି ଓ ରଶିଦଙ୍କ ବ୍ୟତୀତ ମହମ୍ମଦ ନବି ୨ ଉଇକେଟ ନେଇଥିଲେ। ଗୁରବାଜଙ୍କୁ ପ୍ଲେୟର ଅଫ୍ ଦ ମ୍ୟାଚ୍ ଘୋଷଣା କରାଯାଇଥିଲା।


ଆଉଟ୍ ପାଇଁ ଅପିଲ୍ କରୁଛନ୍ତି ରଶିଦ୍ ଖାନ୍।

**ସଂକ୍ଷିପ୍ତ ସ୍କୋର**

**ଆଫଗାନିସ୍ତାନ:** ୨୦ ଓଭରରେ ୧୫୯/୬ (ରେହମାନଉଲ୍ଲା ଗୁରବାଜ-୮୫, ଇବ୍ରାହିମ୍ ଜଦ୍ରାନ-୪୪, ଅଜମତଉଲ୍ଲା ଓମାରଜାଇ-୨୩, ଟ୍ରେଣ୍ଟ ବୋଲ୍ଟ-୨/୨୨, ମ୍ୟାଟ୍ ହେନରୀ-୨/୩୭, ଲୋକି ଫର୍ଗୁସନ୍-୧/୨୮)।

**ନ୍ୟୁଜିଲାଣ୍ଡ:** ୧୫.୨ ଓଭରରେ ୭୫/୧୦(ଗ୍ଲେନ୍ ଫିଲିପ୍ସ-୧୮, ମ୍ୟାଟ୍ ହେନରୀ-୧୨, ଫଜଲ୍ଲକ ଫାରୁକି-୪/୧୭, ରଶିଦ୍ ଖାନ୍-୪/୧୭, ମହମ୍ମଦ ନବି-୨/୧୬)।


4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ